

ଅଡୁଆରେ ରଣବୀର


▸ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-187 ◆FRIDAY ◆2 JANUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୮୭ ◆ଶୁକ୍ରବାର ◆୨ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


**ନୂଆବର୍ଷ ପାଳନ ବେଳେ ଅଘଟଣ**

# ସ୍ୱିଜରଲାଣ୍ଡ ରିସୋର୍ଟରେ ବିସ୍ଫୋରଣ; ୪୦ ମୃତ



■ ବର୍ଣ୍ଣ, ୧।୧ (ଏଜେନ୍ସି): ନୂଆବର୍ଷ ପାଳନ ବେଳେ ସ୍ୱିଜରଲାଣ୍ଡର କ୍ରାନ୍ସ ମୋଣ୍ଟାନା ସହରର ଏକ ଆଲପାଇନ ସ୍କି ରିସୋର୍ଟରେ ଗତକାଲି ବିଳମ୍ବିତ ରାତିରେ ବଡ଼ ଧରଣର ବିସ୍ଫୋରଣ ଘଟିବାରୁ ୪୦ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ଶତାଧିକ ଆହତ ହୋଇଛନ୍ତି। ଆହତମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ନୂଆବର୍ଷ ପାଳନ ବେଳେ ଆତସବାଜି ଯୋଗୁଁ ବିସ୍ଫୋରଣ ହୋଇଥିବା ସନ୍ଦେହ କରାଯାଉଛି। ତେବେ ଏହା କୌଣସି ଆତଙ୍କବାଦୀ ଆକ୍ରମଣ ନୁହେଁ ବୋଲି ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ପୋଲିସ ଦେଇଥିବା ସୂଚନା ଅନୁଯାୟୀ ଗତ ରାତି ୧ଟା ୩୦ରେ ଏହି ବିସ୍ଫୋରଣ ହୋଇଥିଲା। ନବବର୍ଷ ଉତ୍ସବ ପାଳନ ଚାଲିଥିବା ବେଳେ କନଷ୍ଟେଲେସନ ବାରରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ସମୟରେ ବାର୍ ଭିତରରେ ୧୫୦ରୁ ଅଧିକ ଲୋକ ଥିଲେ। ସୂଚନା ପାଇବା ମାତ୍ରେ ପୁଲିସ, ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ ଓ ଜରୁରିକାଳୀନ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତମାନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିଛି ଅନେକ ଆହତଙ୍କ ଅବସ୍ଥା ଗୁରୁତର ବୋଲି ଜଣାଯାଇଛି। ସତର୍କତା ସ୍ୱରୂପ ବିସ୍ଫୋରଣ ଅଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳକୁ ସିଲ୍ କରାଯାଇଛି। ବିସ୍ଫୋରଣର ତଦନ୍ତ ଚାଲିଛି ଏବଂ ଫରେନସିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରମାଣ ଏକାଠି କରୁଛି। ବାର୍‌ରେ ଉପସ୍ଥିତ ଥିବା ଲୋକଙ୍କୁ ପଚରାଉଚରା କରାଯାଉଛି। କନସର୍ଟ ସମୟରେ ବ୍ୟବହାର କରାଯାଇଥିବା ବାଣ ଯୋଗୁଁ ବିସ୍ଫୋରଣ ଓ ପରେ ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ସ୍ୱିସ ନ୍ୟୁଜ ଆଉଟଲେଟ୍ ବ୍ଲିକ ତରଫରୁ କୁହାଯାଇଛି।

କ୍ରାନ୍ସ- ମୋଣ୍ଟାନା ରିସୋର୍ଟ ସ୍ୱିଜରଲାଣ୍ଡ ରାଜଧାନୀ ବର୍ଣ୍ଣଠାରୁ ଦୁଇ ଘଣ୍ଟା ଦୂରରେ ଭାଲାଇସ ଅଞ୍ଚଳର ଆଲପ୍ସର କେନ୍ଦ୍ରରେ ଅବସ୍ଥିତ ଏକ ବିଳାସପୂର୍ଣ୍ଣ ସ୍କି ରିସର୍ଟ ସହର। ଛୁଟି ଋତୁରେ କ୍ରାନ୍ସ- ମୋଣ୍ଟାନା ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏଠାକୁ ହଜାର ହଜାର ପର୍ଯ୍ୟଟକ ଆସନ୍ତି।

# ମହଙ୍ଗା ହେବ ବିଡ଼ି, ସିଗାରେଟ୍

- ଫେବୃଆରୀରୁ ୪୦% ଜିଏସ୍‌ଟି ସହ ନୂଆ ସେସ୍
- ସିଗାରେଟ କମ୍ପାନୀ ସେୟାରରେ ବଡ଼ ହ୍ରାସ
- ଦାନାପାଣି ହରାଇବେ ବହୁ କେନ୍ଦୁପତ୍ର ଶ୍ରମିକ

■ ନୂଆଦିଲ୍ଲୀ, ୧।୧ (ଏଜେନ୍ସି): ଫେବୃଆରୀରୁ ମହଙ୍ଗା ହେବ ବିଡ଼ି, ସିଗାରେଟ, ଜର୍ଦ୍ଦା ଜାତୀୟ ପାନମସଲା। ପ୍ରଚଳିତ ଜିଏସ୍‌ଟି ଉପରେ ଅତିରିକ୍ତ ଉତ୍ପାଦ ଶୁଳ୍କ ଲାଗୁ ଯୋଗୁଁ ଏହି ସାମଗ୍ରୀଗୁଡ଼ିକର ମୂଲ୍ୟ ବଢ଼ିବ। ଆକଳନ ଅନୁସାରେ ବିଡ଼ି ଓ ସିଗାରେଟ ମୂଲ୍ୟ ପ୍ରାୟ ୪୦% ପର୍ଯ୍ୟନ୍ତ ମହଙ୍ଗା ହେବ ଏବଂ ୧୫ଟଙ୍କା ମୂଲ୍ୟରେ ବିକ୍ରି ହେଉଥିବା ସିଗାରେଟ ୧୮ରୁ ୨୦ ଟଙ୍କାରେ ପହଞ୍ଚିବ।

ଭାରତରେ ତମାଖୁ ଉତ୍ପାଦ ଉପରେ ସରକାର ବହୁ ପୂର୍ବରୁ ଉଚ୍ଚ ଶୁଳ୍କ ଧାର୍ଯ୍ୟ କରିଛନ୍ତି। ସିଗାରେଟ, ପାନ ମସଲା ଓ ଅନ୍ୟ ତମାଖୁ ଉତ୍ପାଦ ଉପରେ ୨୮% ଜିଏସ୍‌ଟି ଲାଗୁ ହେଉଛି। ଏବେ ଏହି ଜିଏସ୍‌ଟି ୪୦% ହେବ ଏବଂ ଏହା ଉପରେ ପୁନଃ ସେସ୍ ଲାଗୁ କରାଯିବ। ଫଳରେ ସିଗାରେଟ୍ ଓ ପାନମସଲା ମୂଲ୍ୟ ୪୦% ଓ ବିଡ଼ି ମୂଲ୍ୟ ୨୦% ପର୍ଯ୍ୟନ୍ତ ବୃଦ୍ଧି ପାଇବ। ବଜାର ବିଶେଷଜ୍ଞଙ୍କ ଆକଳନ ଅନୁସାରେ ଟିକସ ବୋଝ କମାଇବା ପାଇଁ ସିଗାରେଟ୍ କମ୍ପାନୀଗୁଡ଼ିକ ମୂଲ୍ୟ ବୃଦ୍ଧି କରିବାର ସମ୍ଭାବନା ରହିଛି।

ସମ୍ପ୍ରତି ଭାରତରେ ସିଗାରେଟ୍ ଉପରେ ମୋଟ ଟିକସ ପରିମାଣ ୫୩ ପ୍ରତିଶତ ରହିଛି। ଏହା ସତ୍ତ୍ୱେ ଏହି ସାମଗ୍ରୀଗୁଡ଼ିକ ମଣିଷର ସ୍ୱାସ୍ଥ୍ୟହାନୀର କାରଣ ପାଲଟିଥିବାରୁ ଅଧିକ ଟିକସ ଲାଗୁ ହେବ ବୋଲି କୁହାଯାଉଛି। ଭାରତରେ ବର୍ତ୍ତମାନ ଟିକସ ହାର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ)ର ସୁପାରିଶ ଅପେକ୍ଷା ଯଥେଷ୍ଟ କମ୍। ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ ଅନୁସାରେ ଧୂମପାନକୁ ନିରୁତ୍ସାହିତ ସିଗାରେଟ୍ ଉପରେ ଅତି କମରେ ୭୫% ଟିକସ ଲାଗୁ କରାଯିବା ଉଚିତ। ଭାରତରେ ବର୍ତ୍ତମାନ ପ୍ରାୟ ୧୦ କୋଟି ଲୋକ ଧୂମପାନ କରୁଛନ୍ତି। ଏହି କାରଣରୁ ତମାଖୁ ଟିକସ ବୃଦ୍ଧିକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ନୀତି ଭାବରେ ଦେଖାଯାଉଛି। ଏହାଛଡା ବୁଧବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ତମାଖୁ ଚୋବାଇବା, ଜର୍ଦ୍ଦା ସୁଗନ୍ଧିତ ତମାଖୁ ଏବଂ ଗୁଟଖା ପ୍ୟାକିଂ ମେସିନ୍ ସହିତ ଜଡିତ ନୂତନ ନିୟମ ଜାରି କରିଛି। ଏହି ନିୟମଗୁଡ଼ିକ ତମାଖୁ, ଜର୍ଦ୍ଦା ଏବଂ ଗୁଟଖା ପ୍ୟାକିଂ ମେସିନର ଉତ୍ପାଦନ କ୍ଷମତା ନିର୍ଣ୍ଣୟ କରିବା ଏବଂ ଏହା ଉପରେ ଆଧାର କରି ଟିକସ ଆଦାୟ ପାଇଁ ଏକ ଢାଞ୍ଚା ତିଆରି କରିଛି।

ଅପରପକ୍ଷେ ତମାଖୁ ଉତ୍ପାଦ ଉପରେ ଟିକସ ବୃଦ୍ଧି ଖବର ଆଜି ଘରୋଇ ଷ୍ଟକ୍ ବଜାରକୁ ପ୍ରଭାବିତ କରିଛି। ଫଳସ୍ୱରୂପ ଦେଶର ସର୍ବବୃହତ ସିଗାରେଟ୍ କମ୍ପାନୀ ଆଇଟିସିର ସେୟାର ଆଜି ୧୦% ହ୍ରାସ ପାଇଛି। ଏହା ୨୦୨୦ ପରଠାରୁ କମ୍ପାନୀର ସେୟାରରେ ସବୁଠାରୁ ବଡ଼ ଏକ ଦିବସୀୟ ହ୍ରାସ। ମାର୍ଲବୋରୋ ଭଳି ବ୍ରାଣ୍ଡ ବିକ୍ରି କରୁଥିବା କମ୍ପାନୀ ଗଡଫ୍ରେ ଫିଲିପ୍ସର ସେୟାର ମଧ୍ୟ ପ୍ରାରମ୍ଭରୁ ୧୭.୬% ହ୍ରାସ ଘଟିଛି। ଆଇଟିସି ନିଫ୍ଟି ୫୦ ଇଣ୍ଡେକ୍ସରେ ଗୁରୁବାର ସବୁଠୁ ବଡ଼ କ୍ଷତି ସହିଥିବା କମ୍ପାନୀ ହୋଇଛି। ଅନ୍ୟପକ୍ଷରେ ଏହି ସାମଗ୍ରୀଗୁଡ଼ିକ ଉପରେ ଉଚ୍ଚ ଶୁଳ୍କ ▸ପୃଷ୍ଠା-୭

**ବରିଷ୍ଠ ଆଇଏଏସ୍ ସ୍ତରରେ ଅଦଳବଦଳ**

# ଦେଓରଞ୍ଜନ ଉନ୍ନୟନ କମିସନର

- ହେମନ୍ତଙ୍କୁ ଗୃହ ବିଭାଗର ଅତିରିକ୍ତ ଦାୟିତ୍ୱ
- ସତ୍ୟବ୍ରତ ରାଜସ୍ୱ ପର୍ଷଦ ସଦସ୍ୟ ନିଯୁକ୍ତ
- ବଦଳିଲେ ଗଜପତି ଓ ନୟାଗଡ଼ ଜିଲ୍ଲାପାଳ

■ ଭୁବନେଶ୍ୱର,୧।୧(ସମିସ): ନୂଆ ବର୍ଷର ପ୍ରଥମ ଦିନରେ ବରିଷ୍ଠ ଆଇଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ମୁଖ୍ୟ ଶାସନ ଭାବେ ଅନୁ ଗର୍ଗ ଦାୟିତ୍ୱ ଗ୍ରହଣ ପରେ ପରେ ନୂତନ ଉନ୍ନୟନ କମିସନର ଭାବେ ଦେଓ ରଞ୍ଜନ କୁମାର (ଡିକେ) ସିଂଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି। ଅନ୍ୟପକ୍ଷରେ ଉନ୍ନୟନ କମିସନର ଦୌଡ଼ରୁ ବାଦ୍ ପଡ଼ିଥିବା ବରିଷ୍ଠ ଆଇଏଏସ୍ ତଥା ଗୃହ ଓ ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କୁ କ୍ଷମତା ଅଳିନ୍ଦରୁ ହଟାଇ ଦିଆଯାଇଛି। ତାଙ୍କୁ ରାଜସ୍ୱ ପର୍ଷଦ ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଆଜି ସନ୍ଧ୍ୟାରେ ଜାରି ବିଜ୍ଞପ୍ତି ଅନୁଯାୟୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହଙ୍କୁ ଉନ୍ନୟନ କମିସନର ତଥା ଯୋଜନା ଓ ସଂଯୋଜନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ଏହା ସହ ସେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କୁ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଶ୍ରୀ ଶର୍ମା ବର୍ତ୍ତମାନ ସୂଚନା ଓ ଲୋକସମ୍ପର୍କ ବିଭାଗର ▸ପୃଷ୍ଠା-୭

**ସରକାରୀ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

# ଲକ୍ଷ୍ୟ ହାସଲ ପାଇଁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କର

■ ଭୁବନେଶ୍ୱର,୧।୧(ସମିସ): ୨୦୩୬ ସୁଦ୍ଧା ୫ ଶହ ବିଲିଅନ ଡଲାର ଅର୍ଥନୀତି ସହ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟରେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ପ୍ରଶାସନର ବିଭାଗୀୟ ଉଚ୍ଚ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଇଂରାଜୀ ନୂଆ ବର୍ଷ ୨୦୨୬ର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନଙ୍କ ସହିତ ଚଳିତ ବର୍ଷର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ସହ ପ୍ରଶାସନକୁ କ୍ରିୟାଶୀଳ କରିବାକୁ ଅଧିକାରୀମାନଙ୍କୁ ଏକାଧିକ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶର ଶ୍ରେଷ୍ଠ ୫ ବିକଶିତ ରାଜ୍ୟ ତାଲିକାରେ ଓଡ଼ିଶାକୁ ରଖିବା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାକୁ ▸ପୃଷ୍ଠା-୭



**ନୂଆବର୍ଷ ଶୁଭେଚ୍ଛା ପାଇଁ ନବୀନ ନିବାସରେ ଭିଡ଼**

# ରାଜ୍ୟ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବାକୁ ନବୀନଙ୍କ ପରାମର୍ଶ

■ ଭୁବନେଶ୍ୱର, ୧।୧ (ସମିସ): ଇଂରାଜୀ ନୂଆବର୍ଷ ୨୦୨୬ର ପ୍ରଥମ ଦିନରେ ଆଜି ନବୀନ ନିବାସରେ ପ୍ରବଳ ଭିଡ଼। ବିଜେଡିର ବହୁ ତୁଙ୍ଗ ନେତାଙ୍କଠାରୁ ଆରମ୍ଭ କରି ସାଧାରଣ କର୍ମୀ, ପ୍ରଶଂସକଙ୍କ ପର୍ଯ୍ୟନ୍ତ ନବୀନଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ନବୀନ ମଧ୍ୟ ସମସ୍ତଙ୍କୁ ଇଂରାଜୀ ନବବର୍ଷର ଅଭିନନ୍ଦନ ଜଣାଇଥିବା ବେଳେ ସମସ୍ତେ ମିଳିମିଶି ରାଜ୍ୟର ସ୍ୱାର୍ଥ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି।



ଗୁରବାର ସକାଳୁ ସକାଳୁ ନବୀନଙ୍କୁ ଶୁଭେଚ୍ଛା ଜଣାଇବାକୁ ନବୀନ ନିବାସରେ ପ୍ରବଳ ଭିଡ଼ ହୋଇଥିଲା। ଦଳର ନେତା, କର୍ମୀ, ଶୁଭେଚ୍ଛୁମାନେ ହାତରେ ଫୁଲତୋଡ଼ା ଧରି ନବୀନଙ୍କୁ ଶୁଭେଚ୍ଛା ଜଣାଇବାକୁ ଲମ୍ବା ଲାଇନ ଲଗାଇଥିଲେ। ନିଜର ପ୍ରିୟ ନେତାଙ୍କ ଝଲକ ଟିଏ ପାଇବା ପାଇଁ ସମର୍ଥକ ବେଶ୍ ଉତ୍ସାହିତ ଥିବାବେଳେ ସମସ୍ତେ ଶୁଭେଚ୍ଛା ପ୍ରଦାନ ସହ ନବୀନଙ୍କ ସହ ଫଟୋ ଉଠାଇଥିଲେ। ନବୀନ ମଧ୍ୟ ହସ ହସ ମୁହଁରେ ▸ପୃଷ୍ଠା-୭

**ନାତୁଣୀକୁ ଦୁର୍ବ୍ୟବହାର**

# ପ୍ରତିବାଦ କରିବାରୁ ଅଜାକୁ ପିଟିପିଟି ହତ୍ୟା

■ ଦିଗପହଣ୍ଡି, ୧।୧ (ସମିସ): ନୂତନ ବର୍ଷର ପ୍ରଥମ ଦିନରେ ଚାରିଆଡ଼େ ଉତ୍ସବର ମାହୋଲ ଥିବାବେଳେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ ସିନ୍ଧବା ଗ୍ରାମରେ ଘଟିଛି ଏକ ଜଘନ୍ୟ ହତ୍ୟାକାଣ୍ଡ। ନାତୁଣୀକୁ ଜଣେ ଯୁବକ ବାରମ୍ବାର ଦୁର୍ବ୍ୟବହାର କରୁଥିବାବେଳେ ଏହାର ପ୍ରତିବାଦ କରିବାରୁ ସମ୍ପୃକ୍ତ ବୃଦ୍ଧଙ୍କୁ ପିଟି ପିଟି ଗାଁ ଦାଣ୍ଡରେ ହତ୍ୟା କରିଛନ୍ତି ୨ ଯୁବକ। ମୃତକ ହେଲେ ସନିଆ ଗୌଡ଼ (୮୫)। ଏହି ଘଟଣାରେ ପୁଲିସ ଗାଁର ଶିବ ଗୌଡ଼ ଓ ତାଙ୍କ ସମ୍ପର୍କୀୟ ଚିକୁନ ଗୌଡ଼ଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ପ୍ରକାଶ ଯେ, କିଛିଦିନ ହେଲା ଗାଁରେ ରହୁଥିବା ସନିଆଙ୍କ ନାତୁଣୀଙ୍କୁ ଶିବ ହଇରାଣ ହରକତ କରୁଥିଲା। ଏଥିରୁ ନିବୃତ୍ତ ରହିବାକୁ ପୂର୍ବରୁ ଅନେକଥର ସେ ଶିବକୁ ଚେତାବନୀ ଦେଇଥିଲେ। ଗତ ମଙ୍ଗଳବାର ▸ପୃଷ୍ଠା-୭

**ପାନୀୟ ପ୍ରିୟ ରାଜଧାନୀବାସୀ**

# ୭ ଦିନରେ ପିଇଦେଲେ ୩୨ କୋଟିର ମଦ

■ ଭୁବନେଶ୍ୱର, ୧।୧ (ସମିସ): ରାଜଧାନୀବାସୀଙ୍କୁ ବାଇଆ କରିଛି ମଦ। ଦେଶୀ ଓ ବିଦେଶୀ ସାଙ୍ଗକୁ ବିୟର ବି ବିକ୍ରି ହେଉଛି ପ୍ରଚୁର। ଯୁବପିଢ଼ିଙ୍କ ଠାରୁ ଆରମ୍ଭ କରି ପ୍ରାପ୍ତବୟସ୍କ, ଏପରିକି ମହିଳା ମଧ୍ୟ ମଦ ସାନ୍ନିଧ୍ୟରୁ ବାଦ ପଡ଼ିନାହାନ୍ତି। ବଡ଼ଦିନରୁ ଡ଼ିସେମ୍ବର ୩୧ ତାରିଖ ମଧ୍ୟରେ ରାଜଧାନୀବାସୀ ପାଖାପାଖି ୬ ଲକ୍ଷ ଲିଟର ମଦ ପିଇଛନ୍ତି। ସାଙ୍ଗସାଥୀ ଏକାଠି ହେଲେ ବୋତଲ ଖୋଲୁଛି। କେଉଁଠିକି ବୁଲିବାକୁ ଗଲେ ବି ଲୋଡ଼ାପଡୁଛି ବୋତଲ। ଭୋଜିଭାତ କଲେ ମଦ ପିଉଛନ୍ତି। କେହି ସାଥୀ ନ ମିଳିଲେ ଏକୁଟିଆ ଯାଇ ବାର୍, ରେସ୍ତୁରାଁ, ଆଉ ପବ୍‌ରେ ବସି ମଦ ଢୋକି ଦେଉଛନ୍ତି।



**ଅଢ଼େଇ ଲକ୍ଷ ଲିଟର ବିଦେଶୀ, ଦେଢ଼ ଲକ୍ଷ ଲିଟର ଦେଶୀ ମଦ ବିକ୍ରି**

**କାଠୁଆ ଶୀତ ଦିନରେ ବି ବିକ୍ରି ହେଲା ୧.୭୮ ଲକ୍ଷ ଲିଟର ବିୟର**

୨୦୨୫ ମସିହାର ଶେଷ ସପ୍ତାହରେ ରାଜଧାନୀବାସୀ ୩୨ କୋଟି ୫୫ଲକ୍ଷ ୧୨ ଶହ ୫୫ଟଙ୍କାର ମଦ ପିଇଛନ୍ତି। ଏହା ମଧ୍ୟରେ ରହିଛି ଅଢେଇ ଲକ୍ଷ ଲିଟର ବିଦେଶୀ ଓ ଦେଢ ଲକ୍ଷ ଲିଟର ଦେଶୀ ମଦ। ରମ୍, ବିୟର, ହ୍ୱିସ୍କିଠାରୁ ଆରମ୍ଭ କରି ବ୍ରାଣ୍ଡି, ସ୍କଚ୍ ପର୍ଯ୍ୟନ୍ତ ସବୁ ପିଇ ଯାଇଛନ୍ତି। କାଠୁଆ ଶୀତ ହେଲେ ବି ବିୟର ବ୍ୟବସାୟରେ କୌଣସି ଫରକ ପଡ଼ିନି। ଗତ ୭ଦିନ ମଧ୍ୟରେ ରାଜଧାନୀବାସୀ ୧ ଲକ୍ଷ ୭୮ ହଜାର ଲିଟର ବିୟର୍ ପିଇଥିବା ନେଇ ଅବକାରୀ ବିଭାଗ ସୂଚନା ଦେଇଛି। ବଡ ଦିନଠାରୁ ଜିରୋ ନାଇଟ୍ ମଧ୍ୟରେ କ୍ଲବ, ପବ୍, ଅଫ ସପ୍‌ରେ ବହୁ ▸ପୃଷ୍ଠା-୭




# ନୂଆବର୍ଷ ପାଇଁ ଗୋରେଖନାଥଙ୍କ ପୀଠରେ ଭିଡ଼



**ରଘୁନାଥପୁର,୧।୧(ସମିସ):** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ କେରେକେରାସ୍ଥ ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ଇଂରାଜୀ ନବବର୍ଷ ଉପଲକ୍ଷେ ଚଳଚଞ୍ଚଳ ହୋଇଉଠିଥିଲା। ପ୍ରବଳ କୁହୁଡି ସତ୍ତ୍ୱେ ବଡି ଭୋରୁ ପ୍ରଭୁଙ୍କ ମଙ୍ଗଳାରାତି କାର୍ଯ୍ୟ ସମାପନ ପରେ ପୀଠକୁ ଦର୍ଶନାର୍ଥୀଙ୍କ ଆଗମନ ହୋଇଥିଲା। ଧୀରେ ଧୀରେ ଶ୍ରଦ୍ଧାଳୁ ଭକ୍ତଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି ପୀଠ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ତେବେ ପୂର୍ବାହ୍ନଠାରୁ ପୀଠକୁ ଆସିବାକୁ ଥିବା ତିନୋଟି ପଥରେ ଟ୍ରାଫିକ ଜାମ ସମସ୍ୟା ଉତ୍କଟ ହୋଇଥିଲା। ଆବଶ୍ୟକ ସଂଖ୍ୟକ ପୁଲିସ ବ୍ୟବସ୍ଥା ନ ଥିବାରୁ ରାସ୍ତାରେ ଶତାଧିକ ବାଇକ୍ ଓ କାର୍ ଭିଡ଼ରେ ଘଣ୍ଟା ଘଣ୍ଟା ଫସି ରହିଥିଲେ। ଏପରିକି ସଂକୀର୍ଣ୍ଣ ରାସ୍ତାରେ ପାଦରେ ଚାଲିଚାଲି ଆସୁଥିବା ପଥଚାରୀଙ୍କୁ ମଧ୍ୟ ଅଟକି ରହିବାକୁ ପଡ଼ିଥିଲା। ସ୍ଥାନୀୟ ଯୁବକ ସଂଘର ସଦସ୍ୟ ଭିଡ଼କୁ ନିୟନ୍ତ୍ରଣ କରିଥିଲେ। ବଡି ଭୋରୁ ପୂଜକ ଦିଲ୍ଲୀପ ପଣ୍ଡା ପ୍ରଭୁଙ୍କୁ ଚିତାଲାଗି କରିଥିଲେ। ପରେ ପାଳିଆ ସେବକଙ୍କ ଦ୍ୱାରା ପୂଜାନୀତି ଜାରି ରହିଥିଲା। ଦିନତମାମ ପୀଠରେ ଭଜନ କୀର୍ତ୍ତନ ହେବା ସହ ମାନସିକଧାରୀଙ୍କ ପକ୍ଷରୁ ପୂଜାର୍ଚ୍ଚନା କରାଯାଇଥିଲା। ପୀଠ ପ୍ରଶାସନ ପକ୍ଷରୁ ବ୍ୟାପକ ପାନୀୟଜଳ ଓ ଶୌଚାଳୟର ବ୍ୟବସ୍ଥା କରାଯାଇଥିଲା। ତିର୍ତ୍ତୋଲ ତହସିଲଦାର କଳ୍ପନା ନାୟକ ପୀଠରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଉପସ୍ଥିତ ଥିଲେ। ସ୍ଥାନୀୟ ଯୁବକ ଓ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

# ଶାରଳାଙ୍କ ପୀଠରେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

**ତିର୍ତ୍ତୋଲ,୧।୧(ସମିସ)** ଆଜି ଇଂରାଜୀ ନବବର୍ଷରେ ଝଙ୍କଡ଼ ଶାରଳାଙ୍କ ପୀଠ ଲୋକାରଣ୍ୟ ହୋଇ ଉଠିଥିଲା। ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭୋରରୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁ ଆସି ମା'ଙ୍କ ଦର୍ଶନ କରି ନୂଆବର୍ଷ ମଙ୍ଗଳମୟ ହେଉ ବୋଲି କାମନା କରିଥିଲେ। ଘନ କୁହୁଡ଼ି ଯୋଗୁଁ ସକାଳ ସମୟରେ ଶ୍ରଦ୍ଧାଳୁଙ୍କ ସମାଗମ କମ୍ ଥିଲା। ପୂର୍ବାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପୁଲିସ ଓ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମନ୍ଦିର ମୁଖ୍ୟ ରାସ୍ତାର ତେନ୍ତୁଳିପଦା ଗ୍ରାମଠାରେ ରାସ୍ତାରେ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ କରାଯାଇ ନ ଥିବାରୁ ଯାନବାହାନ ଜାମ୍ ଲାଗିଯାଇଥିଲା। ଫଳରେ ଶ୍ରଦ୍ଧାଳୁଙ୍କ ଯାତାୟାତରେ ଅସୁବିଧା ହୋଇଥିଲା।



# ରାଜ୍ୟସ୍ତରୀୟ ନେଟ୍‌ବଲ୍ ପ୍ରତିଯୋଗିତାରେ ଜଗତସିଂହପୁରର ସଫଳତା

**ଜଗତସିଂହପୁର,୧।୧(ସମିସ):** ଗଞ୍ଜାମ ଜିଲ୍ଲା ନେଟ୍‌ବଲ୍ ଆସୋସିଏସନ୍ ଦ୍ୱାରା ବ୍ରହ୍ମପୁରର ବିଜିପୁରଠାରେ ୨୬ତମ ରାଜ୍ୟ ସିନିୟର୍ ନେଟ୍‌ବଲ୍ ଚାମ୍ପିଅନସିପ୍ ଆୟୋଜିତ ହୋଇଯାଇଛି। ୨୮ ଓ ୨୯ ଦୁଇଦିନ ଧରି ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲା ନେଟ୍‌ବଲ୍ ଦଳ ଯୋଗଦେଇ ଉଭୟ ସିନିୟର ବାଳକ ଓ ବାଳିକା ବିଭାଗରେ ରନର୍ସଅପ୍ ହୋଇଥିଲା। ଜଗତସିଂହପୁର ଦଳର ଏହି ସଫଳତା ପାଇଁ ଜଗତସିଂହପୁର ଜିଲ୍ଲା ନେଟ୍‌ବଲ୍ ଆସୋସିଏସନ ସଭାପତି ଆଇନଜୀବୀ ନରେଶ ଦାସ ଓ ସମ୍ପାଦକ ଟୁନା ଦାସ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ଉଦୟବଟ ମହନ୍ତ ଲକ୍ଷ୍ମୀଧର ଦାସଙ୍କ ସ୍ମୃତିସଭା



**ପାରାଦୀପ,୧।୧(ସମିସ):** ମାଳିକା ବର୍ଣ୍ଣିତ ପାରାଦୀପ ପ୍ରସିଦ୍ଧ ଆଧ୍ୟାତ୍ମିକ କ୍ଷେତ୍ର ଉଦୟବଟ ମହନ୍ତ ସ୍ୱର୍ଗତ ଲକ୍ଷ୍ମୀଧର ଦାସଙ୍କ ଶ୍ରାଦ୍ଧ ଉତ୍ସବ ମହାପୁରୁଷ ରାଜୀବଲୋଚନ ଦାସଙ୍କ ସମାଧି ପୀଠ ଉଦୟ ବଟରେ ପାଳିତ ହୋଇଯାଇଛି। ଏ ଅବସରରେ ଉଦୟ ବଟ ପରିଚାଳନା କମିଟି ସଭାପତି ମିହିର ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ତଥା ପ୍ରାକ୍ତନ ସଦସ୍ୟ ଓଡିଶା ସାହିତ୍ୟ ଏକାଡେମୀ ଅକ୍ଷୟ କୁମାର ରାଉତ ଯୋଗଦେଇ ମହନ୍ତ ଲକ୍ଷ୍ମୀଧର ଦାସଙ୍କ ତ୍ୟାଗପୁତ ଜୀବନ ଓ ସମାଜର ସେବା ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭ୍ୟ ମନୋରଞ୍ଜନ ମହାନ୍ତି, ସୁକାନ୍ତ ଦାସ, ହୋମିଓପାଥିକ ଚିକିତ୍ସକ ଡା. ରବୀନ୍ଦ୍ର ସ୍ୱାଇଁ, ସମାଜସେବୀ ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅଜୟ ମହାପାତ୍ର, ରମେଶ ବେହେରା, ପ୍ରମୋଦ ଜେନା, ସୁଶାନ୍ତ ସାମଲ, ଚିତ୍ତରଞ୍ଜନ ନାୟକ, ମହନ୍ତ ଶତ୍ରୁଘନ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଭଜନ କୀର୍ତ୍ତନ ଓ ସାଂସ୍କୃତିକ ସଭାର ଆୟୋଜନ କରାଯାଇଥିଲା।

# ପଥୁରିଆରେ ମହିଳାଙ୍କ ମଦ ବିରୋଧୀ ସଚେତନତା



**କୁଜଙ୍ଗ,୧।୧(ସମିସ):** ସ୍ଥାନୀୟ ପଥୁରିଆ ଗ୍ରାମବାସୀ ଓ ପଥୁରିଆ ମହିଳା ଏକତା ଗୋଷ୍ଠୀ ପକ୍ଷରୁ ଆଜି ନୂଆବର୍ଷରେ ଅଭିନବ ପ୍ରୟାସ କରାଯାଇଛି। ପରିବାରକୁ ନିଶା ମୁକ୍ତ ପରିବାର କରିବାକୁ ମହିଳା ସଂକଳ୍ପ କରିବା ସହ ସଭା, ଶୋଭାଯାତ୍ରା ଦ୍ୱାରା ସଚେତନ କରାଇଛନ୍ତି। ଏଥିସହ ସଡ଼କ ଦୁର୍ଘଟଣାରେ ପୀଡ଼ିତ ପରିବାରର ଦୁଃଖ ଓ ଯନ୍ତ୍ରଣା ଅନୁଭବ କରି ସଡ଼କ ସୁରକ୍ଷା ଜୀବନ ରକ୍ଷା ଓ ସ୍ୱଚ୍ଛ ପରିବେଶ ସୁସ୍ଥ ପରିବେଶ ସୁସ୍ଥ ଗ୍ରାମ ନେଇ ବ୍ୟାପକ ସଚେତନତା କରାଯାଇଛି। ଶତାଧିକ ମହିଳା କୁଜଙ୍ଗ ବ୍ଲକ ଅନ୍ତର୍ଗତ ଅଗପାଳ ପଞ୍ଚାୟତ ପଥୁରିଆ ଗ୍ରାମ ଦେବତୀ ବଜ୍ର ମହାକାଳୀ ପୀଠରେ ସମାବେଶ ହେବା ସହ ଗ୍ରାମ ପରିକ୍ରମା କରି ଅଣାକାର ମଠ ଦେଇ ପୁଣି ଗ୍ରାମ ଦେବତୀ ପୀଠରେ ଏକତ୍ରିତ ହୋଇଥିଲେ। ହାତରେ ପ୍ଲାକାର୍ଡ, ମୁହଁରେ ନିଶା ନିବାରଣ, ପରିବେଶ ସୁରକ୍ଷା ସ୍ଲୋଗାନ ଦେଇଥିଲେ। ଏହି ଆୟୋଜନ ମହିଳାମାନେ କରିଥିବାବେଳେ ଗ୍ରାମବାସୀ, ଗ୍ରାମ କମିଟି କର୍ମକର୍ତ୍ତା, ମୁରବୀ ସହଯୋଗ କରିଥଲେ।

# ଆହ୍ୱାନ ଫାଉଣ୍ଡେସନ୍ ପକ୍ଷରୁ ରକ୍ତଦାନ ଶିବିର




**ପାରାଦୀପ,୧।୧(ସମିସ):** ଆହ୍ୱାନ ଫାଉଣ୍ଡେସନ ପକ୍ଷରୁ ଆଜି ନୂଆବର୍ଷକୁ ନିଆରା ଢଙ୍ଗରେ ପାଳନ କରାଯାଇଛି। ନୂଆବର୍ଷର ପ୍ରଥମ ଦିନରେ ସଂଗଠନର ବାର୍ଷିକ ଉତ୍ସବ ସହିତ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଶିବିରକୁ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାରାଦୀପ ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶଦାତା ଅଶୋକ ସାହୁ, ଉପମୁଖ୍ୟ ଅର୍ଥ ପରାମର୍ଶଦାତା ରୁଦ୍ରନାରାୟଣ ମିଶ୍ର, ପ୍ରଶାନ୍ତ ମହାରଣା, ଇଫକୋ ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ ବେଉରା, ବନ୍ଦର ଚିକିତ୍ସାଳୟର ଅବସରପ୍ରାପ୍ତ ଚିକିତ୍ସକ ଡା. ରାଜକିଶୋର ମଲ୍ଲିକ, ଦନ୍ତ ଚିକିତ୍ସକ ଡା. ଅରବିନ୍ଦ ନାୟକ, ପୂର୍ବତନ ପାରିଷଦ ଶଙ୍କର ରାଉତ, ଏନସିସି ଆଲୁମ୍ନି ଆସୋସିଏସନ ସଭାପତି ଅମ୍ବିକା ମହାପାତ୍ର ପ୍ରମୁଖ ଯୋଗଦେଇ ଫାଉଣ୍ଡେସନର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏ ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ସାଗର ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ତଥା ପରିବେଶବିତ ଇଂ. ପ୍ରଭାସ ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ରକ୍ତଦାନ ଶିବିରରେ ୧୬୧ ୟୁନିଟ୍ ସଂଗ୍ରହ କରାଯାଇଥିଲା।

# ରୂପକ ଖୁଣ୍ଟିଆ ଜିଲ୍ଲା ବିଜେପି ସମ୍ପାଦକ



**ତିର୍ତ୍ତୋଲ,୧।୧(ସମିସ):** ତିର୍ତ୍ତୋଲ ବ୍ଲକ୍‌ର ରୂପକ ଖୁଣ୍ଟିଆଙ୍କୁ ଜିଲ୍ଲା ବିଜେପି ସମ୍ପାଦକ ଓ ଜିଲ୍ଲା ଆଇଟି ଇନଚାର୍ଜ ନିଯୁକ୍ତ କରାଯାଇଛି। ଶ୍ରୀ ଖୁଣ୍ଟିଆ ପୂର୍ବରୁ ସାରଳା ମଣ୍ଡଳର ଓବିସି ମୋର୍ଚ୍ଚା ସଭାପତି, ଯୁବମୋର୍ଚ୍ଚା ସଭାପତି ଓ ମଣ୍ଡଳ ପ୍ରତିନିଧି ଭାବେ ସଫଳତାର ସହ କାର୍ଯ୍ୟ କରି ଦକ୍ଷତା ପ୍ରତିପାଦିତ କରିଛନ୍ତି। ତାଙ୍କର ଏହି ଦୀର୍ଘ ଦିନର ସାଂଗଠନିକ ଅଭିଜ୍ଞତା ଓ ନିଷ୍ଠାକୁ ଦେଖି ଦଳ ତାଙ୍କୁ ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ଟିମରେ ସ୍ଥାନ ଦେଇଛି। ଏହି ନିଯୁକ୍ତି ପରେ ଶ୍ରୀ ଖୁଣ୍ଟିଆ ଦଳର ଜିଲ୍ଲା ସଭାପତି ପ୍ରତାପ ମିଶ୍ର, ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ସାଂସଦ ବିଭୁପ୍ରସାଦ ତରାଇ, ତିର୍ତ୍ତୋଲ ନିର୍ବାଚନୀମଣ୍ଡଳୀ ନେତା ରାଜକିଶୋର ବେହେରା, ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ବିଜେପି ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବରିଷ୍ଠ ନାଗରିକ ମଞ୍ଚର ସମ୍ମିଳନୀ



**ଏରସମା,୧।୧(ସମିସ):** ଏରସମାସ୍ଥ ଶ୍ରୀଶ୍ରୀ ବ୍ରଜକିଶୋର ଦେବ ଜଗନ୍ନାଥ ମନ୍ଦିରରେ ବରିଷ୍ଠ ନାଗରିକ ମଞ୍ଚର ୧୮ତମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପାଲା ଗାୟକ ଗାୟକ ଶେଖର ଶତାୟୁ ପୁରୁଷ ଜଗନ୍ନାଥ ବେହେରା, ବରେଣ୍ୟ ଅତିଥି ଭାବେ ବିଧାୟକ ଶାରଦା ପ୍ରସନ୍ନ ଜେନା, ସମ୍ମାନିତ ଅତିଥି ଭାବେ ମହେଶ୍ୱର ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ସଚିତାନନ୍ଦ ଦାସ, ବରିଷ୍ଠ ନେତା ନିତ୍ୟାନନ୍ଦ ଦାସ, ବିଜୟ ସ୍ୱାଇଁ, ବାବୁ ସ୍ୱାଇଁ ଯୋଗ ଦେଇଥିଲେ। ବାସୁଦେବ ମହାରଣାଙ୍କ ତତ୍ତ୍ୱାବଧାନରେ ବନ୍ଧୁ ଶିବସୁନ୍ଦର ସ୍ୱାଇଁ, ଦୁର୍ଯ୍ୟୋଧନ ସେଠୀ, ପୂର୍ବତନ ସରପଞ୍ଚ ବିଷ୍ଣୁପ୍ରିୟା ଜେନା, ଘନଶ୍ୟାମ ଦାସ, ବାବାଜୀ ଚରଣ ଖଟୁଆ, ଦୈତାରୀ ଦାସ, ଯୋଗେନ୍ଦ୍ର ସାହୁ, ବଂଶୀଧର ଦାସ, ସୁଦର୍ଶନ ସ୍ୱାଇଁ, ରବୀନ୍ଦ୍ର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାମୀ ବିବେକାନନ୍ଦ ଲୋକସଂସଦର ସମ୍ମିଳନୀ

**ଜଗତସିଂହପୁର,୧।୧(ସମିସ):** ସ୍ୱାମୀ ବିବେକାନନ୍ଦ ଲୋକସଂସଦର ମୋ ଗାଁ, ଓଡ଼ିଶା ପୂର୍ବ ସମ୍ଭାଗ (ପ୍ରାଚୀପ୍ରବୋଧ)ର ବାର୍ଷିକ ସମ୍ମିଳନୀ ପାଳିତ ହୋଇଯାଇଛି। ମୋ ଗାଁ, ପରିବେଶ ବିଭାଗର ପୂର୍ବ ସମ୍ଭାଗ ସଂଯୋଜକ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ପରିବେଶ ବୈଷୟିକ ପରାମର୍ଶଦାତା ଏକାଦଶୀ ନନ୍ଦୀ, ରାଜ୍ୟ ମୋ ଗାଁ ଟ୍ରଷ୍ଟର ମୁଖ୍ୟ ଇନ୍ଦ୍ରମଣି ଷେଣ୍ଡ, ନିମନ୍ତ୍ରିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୀତବାସ ପଣ୍ଡା ପ୍ରମୁଖ ଯୋଗଦେଇ ୨୦୨୫ରେ ପୂର୍ବ ସମ୍ଭାଗ ଅନ୍ତର୍ଗତ ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ମୋ ଗାଁ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ। ୨୦୨୬ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା।

ପ୍ରସ୍ତାବିତ କାର୍ଯ୍ୟକ୍ରମ ମଧ୍ୟରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ, ଫଳଚାରା ଓ ତାଳମଞ୍ଜି ରୋପଣ, ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବର୍ଜନ, ସଫେଇ କାର୍ଯ୍ୟକ୍ରମ, ଜିଆଖତ ପ୍ରସ୍ତୁତି, ରୋଷେଇ ବଗିଚା ପରିଚାଳନା, ଜୈବ ବିବିଧତା ସଂରକ୍ଷଣ, ପାନୀୟ ଜଳର ସଦୁପଯୋଗ ଓ ଜଳଉତ୍ସର ସୁପରିଚାଳନା, ଜଳବାୟୁ ପରିବର୍ତ୍ତନ ପ୍ରତିହତ ଆଦି ପାଇଁ ଉଭୟ ସଚେତନତା ଓ ବାସ୍ତବଧର୍ମୀ କାର୍ଯ୍ୟକ୍ରମ ଆୟୋଜନ କରାଯିବା ଉପରେ ବିଶେଷ ଭାବେ ଆଲୋଚନା କରାଯାଇ ସେଥିମଧ୍ୟରୁ ଯଥାସମ୍ଭବ କାର୍ଯ୍ୟକାରୀ କରିବା ନିମନ୍ତେ ସ୍ଥିର କରାଯାଇଥିଲା। ପରିବେଶ ସୁରକ୍ଷାରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଏହି ଉକ୍ତିକୁ ଆଧାର କରି ଗାଁରେ ବସବାସ କରୁଥିବା ମହିଳାଙ୍କୁ ସଶକ୍ତ କରିବା ଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବା ଉପରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାଜ୍ୟ ଉପସଭାପତି ପ୍ରଫେସର ପ୍ରଳୟ ନନ୍ଦଙ୍କ ଅଧ୍ୟକ୍ଷତା ଓ ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଫେସର ଚିତ୍ତରଞ୍ଜନ ନାୟକଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ସମ୍ମାନିତ ଅତିଥି ଭାବେ ପୂର୍ବ ସମ୍ଭାଗ କାର୍ଯ୍ୟକାରିଣୀ ସଭାପତି ଡ. ରାମଚନ୍ଦ୍ର ପଲାଇ, ରାଜ୍ୟ ସାଧାରଣ ସମ୍ପାଦକ ଡ. ସନ୍ତୋଷ ମହାପାତ୍ରଙ୍କ ଉପସ୍ଥିତିରେ ପୂର୍ବ ସମ୍ଭାଗ ମୋ ଗାଁ ସଂଯୋଜକ ଶ୍ରୀ ମହାନ୍ତି ଅନୁମୋଦିତ ହୋଇଥିବା ପ୍ରସ୍ତାବ ଉପସ୍ଥାପନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲା ଶାଖା ଉପସଭାପତି ଶିକ୍ଷାବିତ୍ ପ୍ରକାଶ ରଞ୍ଜନ ଦାଶ, ଆଜୀବନ ସଦସ୍ୟ ଗଛ ମଣିଷ କାର୍ତ୍ତିକ ଚନ୍ଦ୍ର ମୁଦୁଲି, ପ୍ରକୃତିବନ୍ଧୁ ରାଜକିଶୋର ବିଶ୍ୱାଳ ଓ ପରିବେଶପ୍ରେମୀ କନକଲତା ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଶ୍ରମତୀ ପରିଡ଼ା ପରିବେଶ ସୁରକ୍ଷା ଆଧାରିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ାରୁ ଗୋଲେଖ ବିହାରୀ ଦାସ, ରଞ୍ଜନ ମହାନ୍ତି, ପ୍ରଫୁଲ୍ଲ ପଣ୍ଡା, ନରେନ୍ଦ୍ର ଦାଶ, କଟକରୁ ଗିରିଜା ଶଙ୍କର ଶତପଥୀ ଓ କରୁଣାକର ନାୟକ, ଯାଜପୁରରୁ କେଦାରନାଥ କୁଣ୍ଡୁ ଓ ଭଗବାନ ଜେନା, ପୁରୀରୁ କିଶୋର ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ମୋ ଗାଁ ଆଲୋଚନାଚକ୍ରରେ ନିଜସ୍ୱ ମତ ଦେଇଥିଲେ। ଅଭୟ ସୂତାର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରକାଶ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଳକା ପୁରସ୍କାର ପାଇଁ ପୁସ୍ତକ ଆହ୍ୱାନ

**ଜଗତସିଂହପୁର, ୧।୧(ସମିସ):** ଇତିମଧ୍ୟରେ ଜଗତସିଂହପୁର ସାହିତ୍ୟ ପରିଷଦର ଷୋଡ଼ଶ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଡ. ଜ୍ୟୋତିର୍ମୟୀ ମହାନ୍ତିଙ୍କ ବାସଭବନରେ କାର୍ଯ୍ୟକାରୀ କମିଟି ବୈଠକ ଇଂ. ବିଷ୍ଣୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଉତ୍ସବର ସମୀକ୍ଷା କରାଯିବା ସହିତ ୨୦୨୫ ଅଳକା ପୁରସ୍କାର ଓ ଶଙ୍ଖଲାଭ ପଣ୍ଡା ଯୁବ ପୁରସ୍କାର ପାଇଁ ଲେଖକଙ୍କଠାରୁ ବିଗତ ୫ ବର୍ଷ ମଧ୍ୟରେ ପ୍ରକାଶିତ ପୁସ୍ତକ ପଠାଇବା ପାଇଁ ଅନୁରୋଧ କରାଯାଇଛି। ଲେଖକମାନେ ସେମାନଙ୍କ ଲିଖିତ ଗଳ୍ପ, କବିତା, ଗୀତି କବିତା, କାବ୍ୟ, ପ୍ରବନ୍ଧ, ସମାଲୋଚନା, ମଞ୍ଚ ନାଟକ, ଉପନ୍ୟାସ, ଶିଶୁ କବିତା, ଶିଶୁ ଗଳ୍ପ, ଶିଶୁ ଉପନ୍ୟାସ ପ୍ରଭୃତି ଦୁଇ କପି ପଠାଇବେ। ଲେଖକ, ପାଠକ କିମ୍ବା ପ୍ରକାଶକ ଏହି ପୁସ୍ତକ ପୁରସ୍କାର ପାଇଁ ପଠାଇପାରିବେ। ଯୁବ ପୁରସ୍କାର ପାଇଁ ବୟସ ସୀମା ୩୫ ବର୍ଷ ଭିତରେ ହୋଇଥିବା ଆବଶ୍ୟକ। ପଠାଇଥିବା ପୁସ୍ତକ ଅନ୍ୟକୌଣସି ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ହୋଇ ନ ଥିବା ଉଲ୍ଲେଖ ରହିବ। ପୁସ୍ତକ ଚଳିତ ମାସ ୩୧ ତାରିଖ ମଧ୍ୟରେ ପହଞ୍ଚିବା ଆବଶ୍ୟକ। ଉମାକାନ୍ତ ନାୟକ, ସମ୍ପାଦକ, ଜଗତସିଂହପୁର ସାହିତ୍ୟ ପରିଷଦ, ହରିହରପୁର (ବଡ଼ବଜାର) ଜଗତସିଂହପୁର- ୯୩୩୭୧୫୫୧୨ ଠିକଣାରେ ପୁସ୍ତକ ପଠାଇବାକୁ କୁହାଯାଇଛି।

# ସାଇ ସେବା ଟ୍ରଷ୍ଟ ପକ୍ଷରୁ କମ୍ବଳ ବଣ୍ଟନ



**ବିରିଡ଼ି,୧।୧(ସମିସ):** ବିରିଡି ବ୍ଲକ ସାଇସେବା ଟ୍ରଷ୍ଟ ଚାଷୀଖଣ୍ଡ ଆନୁକୂଲ୍ୟରେ ଅଞ୍ଚଳର ୫୦୦ରୁ ଊର୍ଦ୍ଧ୍ୱ ଅସହାୟ, ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର କମ୍ବଳ ବଣ୍ଟନ କରାଯାଇଥିଲା। ସାଇ ସେବା ଟ୍ରଷ୍ଟ ସମ୍ପାଦକ ଦିଲ୍ଲୀପ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ମାନବାଧିକାର କମିଶନଙ୍କ ବରିଷ୍ଠ ସଦସ୍ୟ ଅସୀମ ଅମିତାଭ ଦାଶ ଯୋଗଦେଇ କମ୍ବଳ ବଣ୍ଟନ କରିଥିଲେ। ବରେଣ୍ୟ ଅତିଥି ଭାବେ ସମାଜସେବୀ ଅରୁଣ ଦାସ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଯୁଧିଷ୍ଠିର ବେହେରା, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ଅନଙ୍ଗ ବିଶ୍ୱାଳ, ମଧୁସୂଦନ ଦାସ, ତରୁଣ ଉପାଧ୍ୟାୟ, ଲଗେନ ସିଂହ, ନିକୁଞ୍ଜ ବିହାରୀ ଭଞ୍ଜ, ରଘୁନାଥ ସ୍ୱାଇଁ ପ୍ରମୁଖ ସାମିଲ ହୋଇ କମ୍ବଳ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ଦୀପକ ଆଚାର୍ଯ୍ୟ, ମନୋରଞ୍ଜନ ଓଝା, ନୀଳେନ୍ଦ୍ର ସ୍ୱାଇଁ, ଶୈଳେନ୍ଦ୍ର ସ୍ୱାଇଁ, ଜିତେନ୍ଦ୍ର ସ୍ୱାଇଁ, ରଞ୍ଜନ ସ୍ୱାଇଁ, ନୃସିଂହ ସ୍ୱାଇଁ, ସାରଦା ବାରିକ ପ୍ରମୁଖ ପରିଚାଳନା କରିଥିଲେ।

# ମହାବୀରଙ୍କ ବାର୍ଷିକ ଉତ୍ସବ

**ଏରସମା,୧।୧(ସମିସ):** ଏରସମା ବ୍ଲକ୍ ଅନ୍ତର୍ଗତ ସିହା ଗ୍ରାମରେ ମା' ଉତ୍ତରେଶ୍ୱରୀ ପୀଠରେ ମହାବୀରଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସିହା ଗ୍ରାମ୍ୟ କମିଟି ସଭାପତି ଆଶିଷ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରଭାତରେ ସୂର୍ଯ୍ୟପୂଜା, କଳସ ସ୍ଥାପନ, ମଙ୍ଗଳ ଆଳତି ପରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ମନ୍ଦିର ଦ୍ୱାର ଖୋଲାଯାଇଥିଲା। ୧୦୮ ହନୁମାନ ଚାଳିଶା ଗାନ କରାଯାଇଥିଲା। ୧୨ଟାରେ ମଧ୍ୟାହ୍ନ ଧୂପ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସରୋଜିନୀ ବେହେରା ଓ ସାଥିଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ଏଥିରେ ନରେନ୍ଦ୍ର ସ୍ୱାଇଁ, ବିଚିତ୍ର ସ୍ୱାଇଁ, ଶିବପ୍ରସାଦ ଲେଙ୍କା, ସର୍ବେଶ୍ୱର ଜେନା, ସ୍ୱାମୀ ବିବେକାନନ୍ଦ ସ୍ମାରକ ଯୁବ ସଂଗଠନର ସଭାପତି ରଞ୍ଜନ ଜେନା, ସମ୍ପାଦକ ସୁଶାନ୍ତ ସ୍ୱାଇଁ, ବାବାଜୀ ମହାନ୍ତି, ଛନକର ସେଠୀ, ସୁଧୀର ସ୍ୱାଇଁ, ନିକୁଞ୍ଜ କିଶୋର ସ୍ୱାଇଁ, ପାର୍ଥସାରଥୀ ମହାରଣା ପ୍ରମୁଖଙ୍କ ସହିତ ଗ୍ରାମବାସୀ ଉପସ୍ଥିତ ହୋଇ ସହଯୋଗ କରିଥିଲେ।



# ଆଜିଠୁ ଶାରଳା ନାଟକ ଉତ୍ସବ

**ଜଗତସିଂହପୁର, ୧।୧(ସମିସ):** ସାରସ୍ୱତ ଅନୁଷ୍ଠାନ ପ୍ରଥମା ଫାଉଣ୍ଡେସନ ପକ୍ଷରୁ ଶୁକ୍ରବାରଠାରୁ ତିନିଦିନିଆ ଦ୍ୱିତୀୟ ରାଜ୍ୟସ୍ତରୀୟ ଶାରଳା ନାଟକ ଉତ୍ସବ-୨୦୨୬ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶୁକ୍ରବାର ସନ୍ଧ୍ୟା ୬ଟାରେ ଆଦିକବି ଶାରଳା ଦାସ ସଂସ୍କୃତି ଭବନରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଶାରଳା ନାଟକ ଉତ୍ସବକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ତେବେ ବଡ଼ କଥା ହେଉଛି, ନାଟ୍ୟ ପରମ୍ପରାକୁ ପ୍ରୋତ୍ସାହନ ଦେବା ପାଇଁ ଦର୍ଶକ ଟିକେଟ୍ ବୁକିଂ କରି ନିଜର ଉତ୍ସାହ ଦେଖାଇଛନ୍ତି। ଉଦ୍‌ଘାଟନୀ ସନ୍ଧ୍ୟାରେ ଭୁବନେଶ୍ୱର ବିଦ୍ୟାକନକ ସୃଜନାନୁଷ୍ଠାନ ଗୋଦାବରିଶ ମହାପାତ୍ରଙ୍କ କାଳଜୟୀ କାହାଣୀ "ମାଗୁଣିର ଶଗଡ଼' ପରିବେଷଣ କରିବେ। ଏହାକୁ ନବୀନ ପରିଡ଼ା ନାଟ୍ୟରୂପ ଦେଇଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ଜଗଦୀଶ ମହାରଣା। ଶନିବାର ଭୁବନେଶ୍ୱରର ଜୀବନରେଖା ଥିଏଟର ପରିବେଷଣ କରିବ ନାଟକ "କମଳା'। ବିଜୟ ତେନ୍ଦୁଲକରଙ୍କ ମୂଳ ରଚନାକୁ ଓଡ଼ିଆ ଅନୁବାଦ କରିଛନ୍ତି ଚିନ୍ମୟୀ ଷଡ଼ଙ୍ଗୀ ଓ ଅଭିନ୍ନ ରାଉତରାୟ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଉଦ୍‌ଯାପନୀ ସନ୍ଧ୍ୟାରେ ମନୋଜ ମିତ୍ରଙ୍କ ରଚିତ ନାଟକ "ସମ୍ପର୍କ" ମଞ୍ଚସ୍ଥ ହେବ। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଦର୍ପନାରାୟଣ ସେଠୀ। ଭୁବନେଶ୍ୱର ରଙ୍ଗମ୍ ନାଟ୍ୟସଂସ୍ଥା କଳାକାର ଏହି ନାଟକ ପରିବେଷଣ କରିବେ। ଏ ଅବସରରେ ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ଚୌଧୁରୀ ଜୟପ୍ରକାଶ ଦାସଙ୍କୁ ସମ୍ମାନଜନକ "କୃପାସିନ୍ଧୁ ମହାନ୍ତି ନାଟ୍ୟ ସମ୍ମାନ' ଓ "ପ୍ରଥମ ସମ୍ମାନ-୨୦୨୬' ପ୍ରଦାନ କରାଯିବ। ସିଦ୍ଧି ଚାରିଟେବୁଲ୍ ଟ୍ରଷ୍ଟ ସହଯୋଗରେ ଜାନୁଆରୀ ୪ ତାରିଖ ଦିନ ୧୧ଟାରେ "ଯୁବ ବର୍ଗ ଓ ନାଟକ' ବିଷୟବସ୍ତୁ ଉପରେ ନାଟ୍ୟ ଆଲୋଚନା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।



## ପାରାଦୀପଗଡ଼ର ଏକ ମୋବାଇଲ ଦୋକାନରୁ ଚୋରି ଘଟଣା

# ଜଣେ ଗିରଫ; ୧୮ ମୋବାଇଲ୍ ସହ ବ୍ଲୁଟୁଥ୍ ଜବତ

**ପାରାଦୀପ, ୧।୧ (ସମିସ):**

ଲକ୍‌ଥାନା ଅଧୀନ ପାରାଦୀପଗଡରେ ଥିବା ଏକ ମୋବାଇଲ୍ ଦୋକାନରୁ ୧୮ଟି ମୋବାଇଲ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପାରାଦୀପ ଲକ୍ ଥାନା ପୁଲିସ ଗତକାଲି ଜଣେ ଅଭିଯୁକ୍ତକୁ ଗିରଫ କରିବା ସହିତ ତା' ନିକଟରୁ ବିପୁଳ ପରିମାଣର ମୋବାଇଲ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିବା ନେଇ ଆଜି ପାରାଦୀପ ଏଏସପି ସ୍ମୃତିରଞ୍ଜନ କର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପୁଲିସ ସୂଚନା ମୁତାବକ, ପାରାଦୀପଗଡ଼ ମାର୍କେଟ୍‌ରେ ପାରାଦୀପଗଡ଼ ଗ୍ରାମର ବିଜୟ ବେହେରାଙ୍କ ପୁଅ ବିକାଶ ବେହେରା(୪୨) ମୋବାଇଲ୍ ରିପ୍ୟାରିଂ ଦୋକାନ କରିଛନ୍ତି। ଗତ ୩୦ ତାରିଖ ମଧ୍ୟାହ୍ନରେ ବିକାଶ ଘରକୁ ଖାଇବାକୁ ଯାଇ ଫେରିବା ପରେ କବାଟ ଭାଙ୍ଗି କେହି ଦୋକାନରେ ଥିବା ମୋବାଇଲ୍, ବ୍ଲୁ ଟୁଥ୍ ଆଦି ସାମଗ୍ରୀ ଚୋରି କରି ନେଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ବିକାଶ ପାରାଦୀପ ଲକ୍ ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ୪୨୮/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହାର ତ୍ୱରିତ୍ ପଦକ୍ଷେପ ନେଇ ତଦନ୍ତ କରିବା ପରେ ଅଭୟଚାନ୍ଦପୁର ଥାନା ଅଞ୍ଚଳ ବଗଦିଆ ଗ୍ରାମର ମଦର ମଲ୍ଲିକଙ୍କ ପୁଅ ରଘୁ ମଲ୍ଲିକ(୪୬)ଙ୍କୁ ଗିରଫ କରିବା ସହିତ ତା' ନିକଟରୁ ୧୮ଟି ମୋବାଇଲ୍ ସମେତ ୨ଟି ବ୍ଲୁ ଟୁଥ୍ ଉଦ୍ଧାର କରାଯାଇଥିବା ନେଇ ପାରାଦୀପ ଏଏସପି ସ୍ମୃତିରଞ୍ଜନ କର ସୂଚନା ଦେଇଛନ୍ତି। ଥାନା ଅଧିକାରୀ ରଶ୍ମିରଞ୍ଜନ ଦାସ ଚୋରି ସାମଗ୍ରୀର ମୂଲ୍ୟ ପ୍ରାୟ ଅଢେଇ ଲକ୍ଷ ଟଙ୍କା ହେବ ବୋଲି କହିଛନ୍ତି।



## ଦନ୍ତା ଆକ୍ରମଣରେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କ ମୃତ୍ୟୁ

**ଅନୁଗୋଳ,୧।୧(ସମିସ):** ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ବଡ଼କେରା ପଞ୍ଚାୟତ ଗୁରଙ୍ଗ ଖଇରା ସାହି ନିକଟ ଆଡ଼ଗଣ୍ଡି ନାଳ ପୋଲ ପାଖରେ ଦନ୍ତା ହାତୀ ଆକ୍ରମଣରେ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ତେବେ ତାଙ୍କ ବୟସ ପ୍ରାୟ ୪୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ମୃତ ବ୍ୟକ୍ତି ଜଣକ ବିଗତ ୪/୫ ବର୍ଷ ହେବ ଏହି ଅଞ୍ଚଳରେ ବୁଲାବୁଲି କରୁଥିଲେ। ଯିଏ ଯାହା ଦେଲେ ଖାଉଥିଲେ। ଗୁରୁବାର ଭୋର୍ ସମୟରେ ବ୍ୟକ୍ତି ଜଣକ ଖଇରାସାହିଠାରୁ ନାଳ ଆଡ଼କୁ ଯାଉଥିଲେ। ଘନ କୁହୁଡ଼ି ଯୋଗୁଁ କିଛି ଦେଖାଯାଉ ନ ଥିବା ବେଳେ ଦନ୍ତା ହାତୀ ସହ ମୁହାଁମୁହିଁ ହୋଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଛି। ଅନୁଗୋଳ ବନ କର୍ମଚାରୀଙ୍କ ସହ ରେଞ୍ଜର ଉଦ୍ଧବ ବେହେରା ଓ ବନ୍ତଳା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

## ଗାଈ ଚରାଳିଙ୍କ ମୃତଦେହ ଉଦ୍ଧାର

**କଣିହାଁ,୧।୧(ସମିସ):** ରେଙ୍ଗାଳି ଥାନା ପୋଡ଼ାଗଡ଼ ଗାଁରେ ଗାଈ ଚରାଳିଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଟିହିଙ୍କୁ ହେନ୍ତାଳ (୬୬)। ବୁଧବାର ଟିହିଙ୍କୁ ଗାଁରୁ ଗୋରୁପଲ ନେଇ ଜଙ୍ଗଲକୁ ଚରାଇବାକୁ ଯାଇଥିଲେ। ତେବେ ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇ ନ ଥିଲେ। ଗୁରୁବାର ସକାଳ ୭ଟାରେ ମଠ ଜଙ୍ଗଲ ପାଖରୁ ତାଙ୍କ ରକ୍ତାକ୍ତ ମୃତଦେହ ମିଳିଥିଲା। ତାଙ୍କ ଚପଲ, ଝମ୍ପି ଅନ୍ୟତ୍ର ପଡ଼ିଥିବା ବେଳେ ଶରୀରର ଅନେକ ସ୍ଥାନରେ କ୍ଷତ ରହିଛି। ଜଙ୍ଗଲୀ ଜନ୍ତୁ ଆକ୍ରମଣରେ ଟିହିଙ୍କୁଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ ଉପୁଜିଛି। ଏ ସମ୍ପର୍କରେ ତାଙ୍କ ପୁଅ ପ୍ରତାପ ହେନ୍ତାଳ ରେଙ୍ଗାଳି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବନ ବିଭାଗ ଓ ରେଙ୍ଗାଳି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଡାକ୍ତରଖାନା ପଠାଇଛି।

## ନବବର୍ଷରେ ହିଙ୍ଗୁଳା ପୀଠ ଲୋକାରଣ୍ୟ



**ତାଳଚେର,୧।୧(ସମିସ):** ଇଂରାଜୀ ନବବର୍ଷ ପାଳନ ଅବସରରେ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଦର୍ଶନ ପାଇଁ ଗୋପାଳପ୍ରସାଦସ୍ଥିତ ପୀଠ ପରିସର ଲୋକାରଣ୍ୟ ହୋଇଯାଇଥିଲା। ପ୍ରବଳ ଶୀତ ଓ କୁହୁଡ଼ି ସତ୍ତ୍ୱେ ପ୍ରତ୍ୟୁଷରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମା'ଙ୍କ ପହିଲି ଦର୍ଶନ କରିବା ପାଇଁ ଭକ୍ତମାନେ ଲମ୍ବା ଧାଡ଼ିରେ ଠିଆ ହୋଇଥିଲେ। ଏହି ଅବସରରେ ପୀଠ ପରିସରରେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଭିଡ଼ ନିୟନ୍ତ୍ରଣ କରିବାକୁ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ମା' କଳିଙ୍ଗେଶ୍ୱରୀଙ୍କ ପୀଠରେ ଭକ୍ତଙ୍କ ଭିଡ଼

**ଅନୁଗୋଳ,୧।୧(ସମିସ):** ଅନୁଗୋଳ ବ୍ଲକ ଶାବଳଭଙ୍ଗା ଗ୍ରାମ ଅଭିମାଣପୁର ସାହିସ୍ଥିତ ମା' କଳିଙ୍ଗେଶ୍ୱରୀଙ୍କ ପୀଠରେ ଇଂରାଜୀ ନବବର୍ଷର ପ୍ରଥମ ଦିନରେ ଗୁରୁବାର ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଛି। ପୀଠ ନିକଟରେ ନାମ ସଂକୀର୍ତ୍ତନ ସହ ଭକ୍ତଙ୍କ ପାଇଁ ପ୍ରସାଦ ସେବନର କାର୍ଯ୍ୟକ୍ରମ ହୋଇଥିଲା। ସାହି ସଭାପତି କାହ୍ନୁଚରଣ ସାହୁଙ୍କ ତତ୍ତ୍ୱାବଧାନ ଏବଂ ସାହି ଲୋକଙ୍କ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା। ତେବେ ପୀଠକୁ ଯାତାୟାତ ପାଇଁ ଭଲ ରାସ୍ତା ନ ଥିଲେ ସୁଦ୍ଧା ବହୁ ଦୂରଦୂରାନ୍ତରୁ ଭକ୍ତ ଧାଇଁ ଆସିଥିଲେ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦଣ୍ଡବାଦ ଆୟୋଜନ କରାଯାଇଥିଲା।

## ଏବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କିଶୋରନଗର,୧।୧(ସମିସ):** କିଶୋରନଗର ଏବିଇଓ ତଥା ବିଆରସିସି ଦାୟିତ୍ୱରେ ଥିବା ଜବାହରଲାଲ ପ୍ରଧାନଙ୍କୁ ବୁଧବାର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ଦେଇ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ବିଇଓ ଅରୁଣ କୁମାର ସେଠୀ, ଏବିଇଓ ରମଣୀ ରଞ୍ଜନ ସାହୁ, ଲକ୍ଷଣ କୁମାର ଦେହୁରୀ, ଅବସରପ୍ରାପ୍ତ ଏବିଇଓ ଗଜେନ୍ଦ୍ର ବେହେରା, ପ୍ରଭାକର ରାଉଳଙ୍କ ସମେତ ଶିକ୍ଷା ବିଭାଗର କର୍ମଚାରୀ ଉପସ୍ଥିତ ରହି ପ୍ରଧାନଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ବୃଦ୍ଧ ମୃତ

**ପାଲଲହଡ଼ା,୧।୧(ସମିସ):** ଗୁରୁବାର ସନ୍ଧ୍ୟାରେ ପାଲଲହଡ଼ା ଥାନା ମୁକ୍ତାପୁର ଢାବା ନିକଟରେ ଚାଲି ଚାଲି ଯାଉଥିବା ଜଣେ ବୃଦ୍ଧଙ୍କୁ ଅଜଣା ଗାଡ଼ି ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନଗିରା ପଞ୍ଚାୟତ ଖଡ଼କା ଗାଁର ଲକ୍ଷ୍ମଣ ବେହେରା (୫୫)। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

### ଜିଲ୍ଲା ଓ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦଯାପିତ

# 'ଯନ୍ତ୍ରପାତି ଦ୍ୱାରା କୃଷି ଉତ୍ପାଦନ ବୃଦ୍ଧି ହୋଇଥାଏ'

କିଶୋରନଗର,୧।୧(ସମିସ)



କିଶୋରନଗର ବରପଡ଼ିଆରେ ୫ ଦିନଧରି ଚାଲିଥିବା ଜିଲ୍ଲା ଓ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଗୁରୁବାର ଉଦଯାପିତ ହୋଇଛି। ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଏୟୁସିସି ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କିଶୋରନଗର ବ୍ଲକ ପ୍ରତିନିଧି ସରୋଜ କୁମାର ସାହୁ, ଆଠମଲ୍ଲିକ ପ୍ରତିନିଧି ପ୍ରକାଶ ଚନ୍ଦ୍ର ସାହୁ, ଜିଲ୍ଲା ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଜୟଶଙ୍କର ପ୍ରଧାନ, ଜିଲ୍ଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଅମ୍ବର ଲୁଗୁନ, ଜିଲ୍ଲା କୃଷି ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ଦାସ, ବିଡିଓ ସୁବ୍ରତ କୁମାର ବେହେରା, ଆଠମଲ୍ଲିକ ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ବିନୋଦ କୁମାର ଦଳେଇ ଯୋଗଦେଇଥିଲେ। ଚାଷୀମାନେ ଚାଷକାର୍ଯ୍ୟରେ ଯନ୍ତ୍ରପାତି ବ୍ୟବହାର କଲେ କୃଷି ଉତ୍ପାଦନ ବୃଦ୍ଧି ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ସଫଳ ଚାଷୀ ଓ ବିଭିନ୍ନ ଷ୍ଟଲ ଆଣିଥିବା ଗ୍ରୁପକୁ ପୁରସ୍କୃତ କରାଯାଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ମେଳାରୁ ୫୦ରୁ ଊର୍ଦ୍ଧ୍ୱ ସବସିଡିରେ ବିଭିନ୍ନ ଯନ୍ତ୍ରପାତି କିଣି ଉପକୃତ ହୋଇଥଇଲେ। ଏଥିରେ ୫୭ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ରଞ୍ଜିତ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ୭୧ତମ ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତା

## ଅନୁଗୋଳକୁ ୪ ସ୍ୱର୍ଣ୍ଣ ସହ ୬ ପଦକ



**ଅନୁଗୋଳ,୧।୧(ସମିସ):** କଟକ ରିଜର୍ଭ ପୁଲିସ ପଡ଼ିଆରେ ଡିସେମ୍ବର ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ୭୧ତମ ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଅନୁଗୋଳ ଦଳକୁ ୪ ସ୍ୱର୍ଣ୍ଣ ସହ ମୋଟ ୬ ପଦକ ମିଳିଛି। ସ୍ୱାଧୀନ କୁମାର ମାଝୀଙ୍କୁ ପୁରୁଷ ଉଚ୍ଚଡିଆଁରେ ସ୍ୱର୍ଣ୍ଣ ପଦକ ମିଳିଛି। ସେହିଭଳି ଦୁଷ୍ମନ୍ତ ପ୍ରଧାନ ୨୩ ବର୍ଷରୁ କମ ପୁରୁଷ ୧୦ କିମି ଦ୍ରୁତ ଚାଲିରେ ସ୍ୱର୍ଣ୍ଣ, ପ୍ରିୟବ୍ରତ ପ୍ରଧାନ ପୁରୁଷ ଜାଭଲିନ ଥ୍ରୋରେ ସ୍ୱର୍ଣ୍ଣ, ଡୁମାଣି ହାଁସଦା ୧୬ ବର୍ଷରୁ କମ ୬୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରାଜଲକ୍ଷ୍ମୀ ବେହେରା ୧୬ ବର୍ଷରୁ କମ ବାଳିକା ବିଭାଗ ଜାଭଲିନରେ ରୌପ୍ୟ ଏବଂ ପ୍ରଦୀପ ଗଡ଼ନାୟକ ୨୩ ବର୍ଷରୁ କମ ପୁରୁଷ ବିଭାଗ ୫ କିମି ଦୌଡ଼ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସୌରଭ ଶତପଥୀ ୧୮ ବର୍ଷରୁ କମ ୧୦୦ ଓ ୨୦୦ ମିଟର ଦୌଡ଼ରେ ୫ମ ସ୍ଥାନ ହାସଲ କରି ନିଜ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ଏହି ଗସ୍ତରେ ନୀଳମଣି ଦାସ ମ୍ୟାନେଜର, ହେମନ୍ତ ଦାସ ଓ ଲୋପାମୁଦ୍ରା ସାହୁ କୋଚ ରୂପେ ସାମିଲ ଥିଲେ। ଫଳାଫଳ ନେଇ ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଡ. ଗୌରଗୋବିନ୍ଦ ସାମନ୍ତ, ଉପସଭାପତି ନେତ୍ରାନନ୍ଦ ମହାକୁଡ଼ ଏବଂ ସହସମ୍ପାଦକ ପେସ୍କାର ଗଡ଼ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠଙ୍କ ସମେତ ବରିଷ୍ଠ ସଦସ୍ୟ ପ୍ରଦୀପ ଦେବତା, ରୁଚିର କୁମାର ଦାସ, ବସନ୍ତ କୁମାର ଦାସ, ପ୍ରଭାସ କୁମାର ଦାସ, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଖୁସିବ୍ୟକ୍ତ କରିବା ସହ ବିଜୟୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## 'ଆଗେଇବା'ର ସ୍ୱନକ୍ଷତ୍ର ଦିବସ ପାଳିତ



**ଅନୁଗୋଳ,୧।୧(ସମିସ):** ଦୈନିକ ଖବରକାଗଜ "ଆଗେଇବା' ପ୍ରକାଶନର ପ୍ରଥମ ବାର୍ଷିକ ଉତ୍ସବ ଓ ସ୍ୱାଭିମାନ ଦିବସ ଏୟୁସିସି ବ୍ୟାଙ୍କ୍ ସମ୍ମିଳନୀ କକ୍ଷରେ ପାଳିତ ହୋଇଛି। "ଆଗେଇବା' ସମ୍ପାଦକ ତଥା ପୂର୍ବତନ ସାଂସଦ ମହେଶ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରତିନିଧି ପର୍ଶୁରାମ ଦାଶ ମଞ୍ଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ ଯୋଗଦେଇଥିଲେ। ୧୯୮୧ରୁ ପାକ୍ଷିକ ଓ ପରେ ସାପ୍ତାହିକ ଖବରକାଗଜ ଭାବେ ପ୍ରକାଶନ ପରେ ଲୋକଙ୍କ ସ୍ୱର ହୋଇ ଛିଡ଼ା ହେବାର ପରିକଳ୍ପନା ନେଇ ଏହା ୨୦୨୫ ଜାନୁଆରୀ ୧ରେ ଦୈନିକ ପ୍ରକାଶନର ମାନ୍ୟତା ପାଇଥିଲା ବୋଲି ସମ୍ପାଦକ ସାହୁ ପ୍ରକାଶ କରିଥିଲେ। ଅନୁଗୋଳରେ ବଢୁଥିବା ପ୍ରଦୂଷଣ ପ୍ରସଙ୍ଗରେ ଉଦବେଗ ପ୍ରକାଶ ପାଇଥିଲା। ସାମ୍ବାଦିକ ଓ ଓକିଲମାନଙ୍କ ନେତୃତ୍ୱରେ ଜନସାଧାରଣଙ୍କୁ ସାମିଲ କରାଯାଇ ଏହାର ସମାଧାନ ଦିଗରେ ପଦକ୍ଷେପ ନେବା ନିମନ୍ତେ ଆଲୋଚନା ହୋଇଥିଲା। ୧୯୭୫ ମସିହା ଜରୁରୀ ପରିସ୍ଥିତି ସମୟରେ ଏହା ବିରୋଧରେ ଆନ୍ଦୋଳନ କରି କେନ୍ଦ୍ର ସରକାର ଦ୍ୱାରା ଗିରଫ ହୋଇ ବର୍ଷାଧିକ କାଳ କାରାବରଣ କରିଥିବା ଓ ପରେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ଅନୁଗୋଳର ଦୁଇ ଲୋକତନ୍ତ୍ର ସେନାନୀ ତ୍ରିଲୋଚନ ପ୍ରଧାନ ଓ ବିଶ୍ୱନାଥ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ସମାଜସେବୀ ବିମଳ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଡ଼କ ସୁରକ୍ଷା ମାସର ଶୁଭାରମ୍ଭ



**ଅନୁଗୋଳ,୧।୧(ସମିସ):** ଆଜିର ଜାତୀୟ ସ?କ ସୁରକ୍ଷା ମାସ ଉଦଘାଟନ ସମାରୋହରେ ଅନୁଗୋଳ ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ୍ ଅଖତର ପତାକା ଦେଖାଇ ସ?କ ସୁରକ୍ଷା ମାସର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ, ଅନୁଗୋଳ ଉପ-ଜିଲ୍ଲାପାଳ ଶ୍ରୀ ମାୟାଧର ବେହେରା, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ସମ୍ବିତ କୁମାର,ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ନିଖିଳ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ଏକ ମାସ ପର୍ଯ୍ୟନ୍ତ ଜାରି ରହିବ।ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଲୋକମାନଙ୍କୁ ସଚେତନ କରି ସଡକ ଜନିତ ଦୁର୍ଘଟଣାକୁ ହ୍ରାସ କରିବା।

## ନିଆରା ଢଙ୍ଗରେ ନୂଆବର୍ଷ ପାଳିଲେ ଖାଦ୍ୟ କମିଶନ ଅଧ୍ୟକ୍ଷ



**ଖମାର,୧।୧(ସମିସ):** ପବିତ୍ର ନୂତନ ବର୍ଷ -୨୦୨୬ ଅବସରରେ ଶ୍ରଦ୍ଧା ସେବା ସହଯୋଗ ସଙ୍ଗଠନର ପ୍ରତିଷ୍ଠାତା ତଥା ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଙ୍କ ଅବନୀକାନ୍ତ ସାହୁ ନିଆରା ଢଙ୍ଗରେ ଏହି ଉତ୍ସବକୁ ପାଳନ କରିଛନ୍ତି। ଏହି ଅବସରରେ ତିରିବି ଶିବ ମନ୍ଦିରରେ ଯାଇ ପୂଜାର୍ଚ୍ଚନା କରି ଆଶିର୍ବାଦ ଭିକ୍ଷା କରି ଜଗତର କଲ୍ୟାଣ ନିମନ୍ତେ କାମନା କରିଥିଲେ। ମନ୍ଦିରର ପୂଜାରୀ ମାନଙ୍କୁ ନୂତନ ବର୍ଷ -୨୦୨୬ର ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କୁ ଶ୍ରଦ୍ଧା ସେବା ସହଯୋଗ ସଙ୍ଗଠନର ସଦସ୍ୟ ମାନଙ୍କ ମିଶି କମ୍ବଳ ବଣ୍ଟନ କରିଥିଲେ। ତା ପରବର୍ତୀ ସମୟରେ ମାଲ୍ୟଗିରି ପର୍ବତର ପାଦଦେଶର ଥିବା ବାଗୁଡ଼ିଭୂୟାଁ ଅଞ୍ଚଳରେ ଯେଉଁଠାରେ କି ଥଣ୍ଡାର ପ୍ରକୋପ ଅଧିକ ରହିଥାଏ ସେହି ଅଞ୍ଚଳର ବିଭିନ୍ନ ଗାଁ ଗୁଡ଼ିକରେ ଜନ ସାଧାରଣ ମାନଙ୍କୁ ଶୀତ ଦାଉରୁ ରକ୍ଷା କରିବା ପାଇଁ ଖାଦ୍ୟ କମିଶନ ଅଧ୍ୟକ୍ଷ ଙ୍କ ଅବନୀକାନ୍ତ ସାହୁ ଏବଂ ଶ୍ରଦ୍ଧା ସେବା ସହଯୋଗ ସଙ୍ଗଠନର ସମସ୍ତ ସଦସ୍ୟ ମାନଙ୍କ ଉଦ୍ୟମରେ କମ୍ବଳ ବଣ୍ଟନ କରିଥିଲେ ଓ ଇଂରାଜୀ ନୂତନ ବର୍ଷ -୨୦୨୬କୁ ଏକ ନିଆରା ପରମ୍ପରା ଅନୁସାରେ ସମସ୍ତଙ୍କ ସହିତ ମିଳିମିଶି ପାଳନ କରିଥିଲେ।

## ଅନୁଗୋଳର ଆନ୍ତର୍ଜାତିକ କ୍ରୀଡ଼ାବିତ୍ ପ୍ରକାଶ ଗଡ଼ନାୟକ ସମ୍ବର୍ଦ୍ଧିତ



**ଅନୁଗୋଳ,୧।୧(ସମିସ):** ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ଏକ ପାକ୍ଷିକ ଓଡ଼ିଆ ଖବରକାଗଜର ସ୍ୱନକ୍ଷତ୍ର ଉତ୍ସବରେ ଅନୁଗୋଳ ମାଟିର ପୁଅ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କ୍ରୀଡ଼ାବିତ୍ ପ୍ରକାଶ କୁମାର ଗଡ଼ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ପ୍ରତିଭା ମହାରଥୀ ଯୋଗଦେଇ ପ୍ରକାଶଙ୍କୁ ପୁଷ୍ପମାଲ୍ୟ, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ସୂଚନାଯୋଗ୍ୟ, ପ୍ରକାଶ ବାୟୁସେନାରୁ ସ୍ୱେଚ୍ଛାକୃତ ଅବସର ନେବା ପରେ ୨୦୧୦ର ମାଷ୍ଟର୍ସ ଆଥଲେଟ୍ ଭାବେ ଅନେକ ରାଜ୍ୟ ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଅନେକ ସଫଳତା ସାଉଁଟିଛନ୍ତି। ସେ ଅନ୍ତର୍ଜାତୀୟ ସ୍ତରରେ ବାଂଲାଦେଶ, ଶ୍ରୀଲଙ୍କା, ମାଲେସିଆ, ନେପାଳ, ଭୁଟାନ ଓ ଥାଇଲାଣ୍ଡ ପ୍ରଭୃତି ଦେଶରେ ନିଜ ଜଲୱା ଦେଖାଇ ୧୨ଟି ସ୍ୱର୍ଣ୍ଣପଦକ ସହ ସମୁଦାୟ ୧୯ଟି ଅନ୍ତର୍ଜାତୀୟ ପଦକ ଜିଣି ଭାରତକୁ ବିଶ୍ୱ ଦରବାରରେ ଏକ ଭିନ୍ନ ପରିଚୟ ପ୍ରଦାନ କରିଛନ୍ତି। ସେ ଏକାଧାରରେ ଜଣେ ବାୟୁଯୋଦ୍ଧା, ସମାଜସେବୀ, ବାଦ୍ୟକାର, କଣ୍ଠଶିଳ୍ପୀ, ଚିତ୍ରକର ଓ ଦ୍ରୁତ ସାଇକଲ ଚାଳକ ଭାବେ ବେଶ୍ ଖ୍ୟାତିଲାଭ କରିଛନ୍ତି।

## ୪ରୁ ୮ ସାତକୋଶିଆ ବନ୍ଦ

**ଅନୁଗୋଳ,୧।୧(ସମିସ):** ବାର୍ଷିକ କୁମ୍ଭୀର ଓ ପକ୍ଷୀ ଗଣନା ପାଇଁ ଜାନୁଆରୀ ୪ରୁ ୮ ତାରିଖ ପର୍ଯ୍ୟନ୍ତ ସାତକୋଶିଆ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ। ଏ ନେଇ ସାତକୋଶିଆ ୱାଇଲ୍ଡ ଲାଇଫ ଡିଏଫ୍ଓ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ରାଜ୍ୟ ପିସିସିଏଫ୍, ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଆର୍‌ସିସିଏଫ୍, କଟକ ଓ ଅନୁଗୋଳ ଜିଲ୍ଲାପାଳଙ୍କୁ ସୂଚନା ଦିଆଯାଇଛି।

## ପଞ୍ଚଧାର ସାହିତ୍ୟ ସଂସଦର ଶୀତ ଆସର



**କିଶୋରନଗର,୧।୧(ସମିସ):** ଆଠମଲ୍ଲିକର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପଞ୍ଚଧାର ସାହିତ୍ୟ ସଂସଦ ପକ୍ଷରୁ ନୂତନ ବର୍ଷକୁ ସ୍ୱାଗତ ଜଣାଇ ଶୀତ ଆସର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସୂଚନା କେନ୍ଦ୍ରରେ ସଭାପତି ପ୍ରାକ୍ତନ ଅଧ୍ୟାପକ ବିବେକାନନ୍ଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବିତା ପାଠୋତ୍ସବ ଓ ସଙ୍ଗୀତ ପରିବେଷଣ ହୋଇଥିଲା। ପଞ୍ଚଧାର ସାହିତ୍ୟ ସଂସଦ ସମ୍ପାଦକ ଙ୍କ ଆଭାସ କୁମାର କ୍ଷେତୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସର୍ବେଶ୍ୱର ଘିବାଲା, ଶାନ୍ତନୁ କୁମାର ମେହେର, ବାବୁଲି ଦେହୁରିଆ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କଣ୍ଠଶିଳ୍ପୀ ବିଭୂତି ଭୂଷଣ ରଥ ଓଡ଼ିଆ ଚଳଚ୍ଚିତ୍ରର ପୁରୁଣା ହିଟ୍ ସଙ୍ଗୀତ ପରିବେଷଣ କରିଥିବା ବେଳେ ପରମେଶ୍ୱର ପାତ୍ର ଭଜନ ଓ ରଞ୍ଜନ କୁମାର ସ୍ୱାଇଁ ପୁରୁଣା ହିନ୍ଦୀ ଚଳଚ୍ଚିତ୍ର ଗୀତ ପରିବେଷଣ କରିଥିଲେ। ସାମ୍ବାଦିକ ଉଦୀପ୍ତ ପୁରୋହିତ ଓ ଆଇନଜୀବୀ ଦୀନେଶ ସିଂ ସାମନ୍ତ ସଂସଦର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ। ବାଦ୍ୟଯନ୍ତ୍ରରେ ଗୁରୁ ଶ୍ରୀଧର ମହାନ୍ତି ଓ ଯୁବ ତବଲା ବାଦକ ମାନସ କର୍ଣ୍ଣ ସହଯୋଗ କରିଥିଲେ। ଶିକ୍ଷକ ମାନସ ବିଶ୍ୱାଳ ଓ ରଣଜିତ୍ ରଣା ସହଯୋଗ କରିଥିଲେ। ଯୁବଶିଳ୍ପୀ ଅଭିଳାଷ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ଆନ୍ତର୍ଜାତିକ ସମବାୟ ବର୍ଷ-୨୦୨୫ ଉଦଯାପିତ

# ଛୋଟ ଉଦ୍ୟୋଗର ଆର୍ଥିକ ଉନ୍ନତି ଦିଗରେ ଦୃଷ୍ଟି ଦେବାକୁ ପରାମର୍ଶ



**ଅନୁଗୋଳ,୧।୧(ସମିସ):** ସ୍ଥାନୀୟ ପୌରପାଳିକା ଟାଉନ୍ ହଲରେ ସମବାୟ ସମିତି ସମୂହ ଉପନିବନ୍ଧକଙ୍କ ଦ୍ୱାରା ଆୟୋଜିତ ଆନ୍ତର୍ଜାତିକ ସମବାୟ ବର୍ଷ-୨୦୨୫ ଉଦ୍‌ଯାପିତ ହୋଇଛି। ଚଳିତ ବର୍ଷର ବାର୍ତ୍ତା 'ସମବାୟ ମାଧ୍ୟମରେ ଏକ ଉତ୍କୃଷ୍ଟ ପୃଥିବୀ ଗଠନ'। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମବାୟ ମାଧ୍ୟମରେ କିପରି କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଛୋଟ ଉଦ୍ୟୋଗୀମାନଙ୍କ ଆର୍ଥିକ ଉନ୍ନତି ହୋଇପାରିବ ସେ ଦିଗରେ ଦୃଷ୍ଟି ଦେବାକୁ ମୁଖ୍ୟଅତିଥି ସମସ୍ତ ସମବାୟ ଅନୁଷ୍ଠାନଗୁଡ଼ିକୁ ପରାମର୍ଶ ଦେଇଥିଲେ। ପରେ ସମବାୟ ସମିତି ସମୂହ ଉପନିବନ୍ଧକ ୨୦୨୫ରେ ସମିତି ମାଧ୍ୟମରେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ସଫଳ କାହାଣୀକୁ ପାୱାର ପଏଣ୍ଟ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସାନ୍ତନୁ କୁମାର ସର ମୁଖ୍ୟବକ୍ତା ଭାବେ ଯୋଗଦେଇ ସମବାୟ କ୍ଷେତ୍ରରେ ଅନ୍ତର୍ଜାତୀୟ, ଜାତୀୟ ଏବଂ ରାଜ୍ୟବ୍ୟାପୀ ସମବାୟର ସଫଳ କାହାଣୀ କହିବା ସହ ସମବାୟ ଆନ୍ଦୋଳନରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭୂମିକା ବର୍ଣ୍ଣନା କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ୫ଟି ସମବାୟ ସମିତି ଏବଂ ୩ଟି ଏସ୍ଏଚ୍‌ଜିକୁ ଅତିଥି ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ କେନ୍ଦ୍ର ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ରାଜ୍ୟ ସମବାୟ ମହାସଂଘ ନିର୍ଦ୍ଦେଶକ ଚିତ୍ତରଞ୍ଜନ ନାୟକ, ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସରୋଜ କୁମାର ନାୟକ, ନିର୍ଦ୍ଦେଶିକା ସଂଯୁକ୍ତା ସାହୁ, ଆଞ୍ଚଳିକ ସମବାୟସମିତି ସଭାପତି ନାରାୟଣ ତ୍ରିପାଠୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟ ନାରାୟଣ ସାହୁଙ୍କ ସମେତ ବିଭିନ୍ନ ସମବାୟ ସମିତିର ସଭାପତି, ସମ୍ପାଦକ, ଏସ୍ଏଚ୍‌ଜି ସଦସ୍ୟା, ବିଭାଗୀୟ ଅଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ନିରଞ୍ଜନ ସେଠ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅବନୀକାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

# ଆଇଆଇଏମ୍‌ସିରେ ଖୋଲିଲା ପିଏଚ୍‌ଡି ପାଠ୍ୟକ୍ରମ

ଢେଙ୍କାନାଳ,୧।୧(ସମିସ):

ସ୍ଥାନୀୟ ଭାରତୀୟ ଜନସଞ୍ଚାର ସଂସ୍ଥାନ ପକ୍ଷରୁ ସାମ୍ବାଦିକତା ଓ ଯୋଗାଯୋଗ କ୍ଷେତ୍ରରେ ଗବେଷଣାକୁ ଅଧିକ ସୁଦୃଢ଼ କରିବା ପାଇଁ ଡକ୍ଟର ଅଫ ଫିଲୋସୋଫି ପାଠ୍ୟକ୍ରମ ଖୋଲିଛି। ଦିଲ୍ଲୀ ଓ ଢେଙ୍କାନାଳ ସମେତ ଅନ୍ୟ ଆଞ୍ଚଳିକ କ୍ୟାମ୍ପସରେ ଏହି ପାଠ୍ୟକ୍ରମ ସାମିଲ ହୋଇଛି। ଏନେଇ ଏକ ସ୍ୱତନ୍ତ୍ର ଉତ୍ସବ ଦିଲ୍ଲୀ କ୍ୟାମ୍ପସ

## ସାମିଲ ହେଲା ଢେଙ୍କାନାଳ କ୍ୟାମ୍ପସ

ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଛି। ଏଥିରେ ଆଇଆଇଏମସିର କୁଳପତି ଡ. ପ୍ରଜ୍ଞା ପାଲିୱାଲ ଗୌର ମଞ୍ଚାସୀନ ରହି ପାଠ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଅନ୍ୟ କ୍ୟାମ୍ପସଗୁଡ଼ିକରୁ ଶିକ୍ଷକ ଓ କର୍ମଚାରୀମାନେ ଆଭାସୀ ଜରିଆରେ ଯୋଗଦେଇଥିଲେ। ବିଭିନ୍ନ କ୍ୟାମ୍ପସକୁ ସମ୍ବୋଧିତ କରି କୁଳପତି ଡ. ଗୌର ନୂତନ ପିଏଚଡି ପାଠ୍ୟକ୍ରମ ଖୋଲିବାର ବିଭିନ୍ନ ଦିଗ ଉପରେ




ଆଲୋଚନା କରିଥିଲେ। ସାମ୍ବାଦିକତା ଓ ଯୋଗାଯୋଗ କ୍ଷେତ୍ରର ସମସାମୟିକ ସାମାଜିକ, ପ୍ରଯୁକ୍ତିବିଦ୍ୟା ଓ ନୀତିଗତ ଚ୍ୟାଲେଞ୍ଜ ସହ ଜଡ଼ିତ ବହୁମୁଖୀ ଅନୁସନ୍ଧାନ ତଥା ଗବେଷଣା ନିମନ୍ତେ ଏହାର ଡିଜାଇନ ହୋଇଥିବା କହିଥିଲେ। ସେହିପରି ବିକେନ୍ଦ୍ରୀକୃତ ଗବେଷଣା ଉପରେ ଆଲୋଚନା କରି ଆଞ୍ଚଳିକ ସମସ୍ୟା ଓ ବାସ୍ତବତା ଆଧାରିତ ଗବେଷଣା ଉପରେ ଗୁରୁତ୍ୱ ଦେବାକୁ ଆଞ୍ଚଳିକ କ୍ୟାମ୍ପସଗୁଡ଼ିକୁ ପରାମର୍ଶ ଦେଇଥିଲେ। ପ୍ରସଙ୍ଗଭିତ୍ତିକ ନିର୍ଦ୍ଦିଷ୍ଟ ଅନ୍ତର୍ଦୃଷ୍ଟି ସୃଷ୍ଟି କରିବା ଏବଂ ବିଭିନ୍ନ ସାମାଜିକ ସାଂସ୍କୃତିକ ଦୃଷ୍ଟିକୋଣ ମାଧ୍ୟମରେ ଜାତୀୟ ଆଲୋଚନାକୁ ସମୃଦ୍ଧ କରିବା ଏହି ପାଠ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ପ୍ରତିଷ୍ଠାନର କୁଳସଚିବ ତଥା ଏଡିଜି ଏଲ ମଧୁ ନାଗ, ସମସ୍ତ ଆଞ୍ଚଳିକ ନିର୍ଦ୍ଦେଶକ, ଢେଙ୍କାନାଳ କ୍ୟାମ୍ପସର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ଏବଂ ଆଞ୍ଚଳିକ କ୍ୟାମ୍ପସର ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇଥିଲେ। ପିଏଚଡି ପାଠ୍ୟକ୍ରମ ଶିକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବା ସହ ପ୍ରତିଷ୍ଠାନର ଗବେଷଣାଭିତ୍ତିକ ପରିବେଶ ଓ ଶୈକ୍ଷିକ ବାତାବରଣକୁ ଆଗକୁ ନେବ। ସାମ୍ବାଦିକତା ଓ ଗଣଯୋଗାଯୋଗ କ୍ଷେତ୍ରରେ ବୃତ୍ତିଗତ ଶିକ୍ଷା ତଥା ତାଲିମ ପାଇଁ ଉଲ୍ଲେଖନୀୟ ଅବଦାନ ରଖିଥିବା ଆଇଆଇଏମସି ଏବେ ନୂତନ ଜ୍ଞାନ, ଶୈକ୍ଷିକ ଉତ୍କର୍ଷତା ଓ ସୃଜନଶୀଳ ନେତୃତ୍ୱ କ୍ଷେତ୍ରରେ ବିଶେଷ ଅବଦାନକୁ ଯୋଡ଼ିବ ବୋଲି ପ୍ରଫେସର ପ୍ରଧାନ କହିଥିଲେ।

ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଥିବା ଭାରତୀୟ ଜନସଞ୍ଚାର ସଂସ୍ଥାନ ଡିମ୍‌ଡ ଟୁ ବି ୟୁନିଭର୍ସିଟି ଚଳିତ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ପିଏଚଡିରେ ପ୍ରବେଶ ନିମନ୍ତେ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ଅନଲାଇନ ଆବେଦନ ଆମନ୍ତ୍ରଣ କରିଛି। ଉଭୟ ପୂର୍ଣ୍ଣକାଳୀନ ଏବଂ ପାର୍ଟଟାଇମ୍ ପାଇଁ ଆବଦନ ଜାନୁଆରୀ ୧ରୁ ଆରମ୍ଭ ହୋଇଥିବା ବେଳେ ଆବେଦନର ଶେଷ ଜାନୁଆରୀ ୩୦ ରହିଛି। ଉଭୟ ବର୍ଗ ପାଇଁ ଆବେଦନକାରୀଙ୍କ ମଧ୍ୟରୁ ୟୁଜିସି ନେଟ ପାସ୍ କରିଥିବା ପ୍ରାର୍ଥୀଙ୍କୁ ସିଧାସଳଖ ସାକ୍ଷାତକାର ପାଇଁ ଡକାଯିବ। ତେବେ ପାର୍ଟଟାଇମ୍ ପିଏଚ୍‌ଡି ପାଇଁ ଆବେଦନକାରୀ ୟୁଜିସି ନେଟ୍ ପାସ୍ କରି ନ ଥିଲେ ଆଇଆଇଏମସି ପକ୍ଷରୁ ହେବାକୁ ଥିବା ପରୀକ୍ଷା ଦେବାକୁ ପଡ଼ିବ। ଯୋଗ୍ୟତା ମାନଦଣ୍ଡ, ପ୍ରବେଶ ପରୀକ୍ଷା ଏବଂ ପାଠ୍ୟକ୍ରମର ଗଠନ ବାବଦରେ ସମ୍ପୂର୍ଣ୍ଣ ବିବରଣୀ ପାଇଁ ଆଶାୟୀମାନେ ଆଇଆଇଏମସିର ଅଫିସିଆଲ ୱେବସାଇଟ୍ ଆଇଆଇଏମସି.ଜିଓଭି.ଇନ୍‌ରେ ପିଏଚ୍‌ଡି ପ୍ରୋସପେକ୍ଟସ୍‌ରେ ସବିଶେଷ ତଥ୍ୟ ପାଇପାରିବେ।


# ଟାଟା ଷ୍ଟିଲ୍ ମେରାମଣ୍ଡଳୀକୁ ଜାତୀୟ ଶକ୍ତି ସଂରକ୍ଷଣ ପୁରସ୍କାର

ଢେଙ୍କାନାଳ,୧।୧(ସମିସ): ଟାଟା ଷ୍ଟିଲ ମେରାମଣ୍ଡଳୀ ପ୍ଲାଣ୍ଟକୁ ପ୍ରତିଷ୍ଠିତ ଜାତୀୟ ଶକ୍ତି ସଂରକ୍ଷଣ ପୁରସ୍କାର ମିଳିଛି। ଲୌହ ଓ ଇସ୍ପାତ ଶିଳ୍ପ ଅନ୍ତର୍ଗତ ଇଣ୍ଟଗ୍ରେଟେଡ ଷ୍ଟିଲ୍ ପ୍ଲାଣ୍ଟ ବର୍ଗରେ କମ୍ପାନୀ ଦ୍ୱିତୀୟ ପୁରସ୍କାର ଲାଭ କରିଛି। ୨୦୨୩ରୁ ୨୦୨୫ ଗତ ୩ ବର୍ଷ ମଧ୍ୟରେ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ଯୋଗୁ କମ୍ପାନୀକୁ ଏହି ପୁରସ୍କାର ମିଳିଛି।



ନୂଆଦିଲ୍ଲୀର ବିଜ୍ଞାନ ଭବନରେ କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି ଦ୍ୱାରା ଆମୟାଜିତ ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। କେନ୍ଦ୍ର ଶକ୍ତିମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କଠାରୁ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ପାୱାର ସିଷ୍ଟମ୍ ମୁଖ୍ୟ ରାଜେଶ କୁମାର ଅଗ୍ରୱାଲ କମ୍ପାନୀ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ବର୍ଗରେ ସାରା ଦେଶର ମୋଟ ୫୨ଟି ଇସ୍ପାତ କାରଖାନା ଭାଗ ନେଇଥିଲେ। ଗତ ତିନିଟି ଆର୍ଥିକ ବର୍ଷ ମଧ୍ୟରେ ପ୍ରାୟ ୨୯ ମିଲିୟନ ୟୁନିଟ ବିଦ୍ୟୁତ ଶକ୍ତି ସଞ୍ଚୟ କରି ଟାଟା ଷ୍ଟିଲ ମେରାମଣ୍ଡଳୀ ଏହି ଗୌରବ ଅର୍ଜନ କରିଛି।

# ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ଓ ସମ୍ପର୍କ ବୈଠକ



ଢେଙ୍କାନାଳ,୧।୧(ସମିସ): ହିନ୍ଦୋଳ ବ୍ଲକ ସଭାଗୃହରେ ବିଶ୍ୱ ଯୁବକେନ୍ଦ୍ର, ଅନୁଗୋଳ ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ତରଫରୁ ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସଚେତନତା ଓ ସମ୍ପର୍କ ବୈଠକ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ଏବିଡିଓ ଜ୍ୟୋତିରଞ୍ଜନ ପ୍ରଧାନ, ସହକାରୀ ପ୍ରକଳ୍ପ ଅଧିକାରୀ ତାପସ୍ୱିନୀ ପଣ୍ଡା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରୋହିତ କୁମାର ପ୍ରଧାନ, ମିଶନ ଶକ୍ତି ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ସଞ୍ଜୀବ କୁମାର ଜେନା, ବ୍ଲକ ସଂଯୋଜକ ଲକ୍ଷ୍ମୀଧର ପ୍ରଧାନ, ସାଗରକାନ୍ତ ରାଉତ, ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ଶାନ୍ତନୁ କୁମାର ସାହୁ, ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ପ୍ରମୁଖ ସମ୍ମାନିତ ବ୍ୟକ୍ତି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଶ୍ୱ ଯୁବକେନ୍ଦ୍ରର କାଉସେଲର ମନସ୍ମିତା ନାୟକ ସ୍ୱାଗତ ଜଣାଇଥିଲେ। ନିର୍ଦ୍ଦେଶକ ମହାପାତ୍ର ବାଲ୍ୟ ବିବାହ, ଶିଶୁ ଚାଲାଣ ଓ ଶିଶୁ ନିର୍ଯ୍ୟାତନା ବନ୍ଦ ପାଇଁ ସମାଜରେ ସମସ୍ତ ବ୍ୟକ୍ତିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ, ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ, ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଦିଆଯାଉଥିବା ଋଣ ବ୍ୟବସ୍ଥା, ରାସନ କାର୍ଡ, ମନରେଗା ଯୋଜନା, ଆବାସ, ସୁଭଦ୍ରା, ବିଧବା, ଭିନ୍ନକ୍ଷମ ଓ ବାର୍ଦ୍ଧକ୍ୟ ଭତ୍ତା, ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମାଛଚାଷ, କୁକୁଡ଼ା ଓ ଘୁଷୁରୀ ଚାଷ, ପୋଷଣ, କୃଷି ଓ ଶ୍ରୀଅନ୍ନ ଯୋଜନା ସହିତ ସରକାରଙ୍କ ୬୪ଟି ଯୋଜନା ବିଷୟରେ ଅବଗତ କରିଥିଲେ। ବିଶ୍ୱ ଯୁବକେନ୍ଦ୍ରର କାର୍ଯ୍ୟକାରୀ ସଦସ୍ୟ ହରମୋହନ ମହାପାତ୍ର, ପ୍ରକଳ୍ପ ସହାୟିକା କୁମୁଦିନୀ ସ୍ୱାଇଁ, ଜୁଲି ସ୍ୱାଇଁ ସହଯୋଗ କରିଥିଲେ।

# ଯାଦବ ସମାଜ ପକ୍ଷରୁ ପ୍ରତିଭା ସମ୍ମାନ



ଭୁବନ,୧।୧(ସମିସ): ଭୁବନ ଏନ୍‌ଏସି ଅନ୍ତର୍ଗତ ବୁଦ୍ଧେଶ୍ୱର ମନ୍ଦିର ପରିସରରେ ଆଞ୍ଚଳିକ ଯାଦବ ସମାଜ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅଲେଖ ପ୍ରସାଦ ଦାସ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପ୍ରତିଭା ସମ୍ମାନ ଅନୁଷ୍ଠିତ ହୋଇଛି। ଟ୍ରଷ୍ଟି ଶିକ୍ଷାବିତ ଅଲେଖ ପ୍ରସାଦ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ରବୀନ୍ଦ୍ର ବାରିକ ସଂଯୋଜନା କରିଥଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ରେଲୱେ ମୁଖ୍ୟଯନ୍ତ୍ରୀ ରବୀନ୍ଦ୍ର କୁମାର ସାବତ, ମୁଖ୍ୟବକ୍ତା ଭାବେ ଯୋଗେନ୍ଦ୍ର ନାଥ ଦାସ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଯାଦବ ମହସଂଘ ସଭାପତି ନାରାୟଣ ଚନ୍ଦ୍ର ବେହେରା, ସାଧାରଣ ସମ୍ପାଦକ ସ୍ୱର୍ଣ୍ଣଲତା ବେହେରା, ଡା. ନିର୍ମଳ ମହାକୁଡ଼, ରମାକାନ୍ତ ଖିଲାର ସରପଞ୍ଚ ଶିଶିରକାନ୍ତ ବେହେରା, ରାମଚନ୍ଦ୍ର ବେହେରା, ମହେଶ୍ୱର ଖିଲାର, ଡା. ସୁଶାନ୍ତ କୁମାର ଦାସ ଯୋଗଦେଇଥିଲେ। ୧୦ ଜଣଙ୍କୁ ମାନପତ୍ର, ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଯାଦବ ସମାଜର ୧୨ ଜଣ ବରିଷ୍ଠ ମୁରବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏମ୍‌ସ ବିଶାଖାପାଟଣାର ଛାତ୍ର ନବେନ୍ଦୁ ମହାକୁଡ଼ଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଡା. ମୀରା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଢେଙ୍କାନାଳ ଯାଦବ ସମାଜ ସଭାପତି କ୍ଷୀରୋଦ ଚନ୍ଦ୍ର ଦାସ, ସୁକାନ୍ତ ବେହେରା, ସୌଭାଗ୍ୟ କୁମାର ଦାସ, ବାବୁଲି ନାୟକ, ବିଜୟ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ; ବଡ଼ସିଙ୍ଗଡ଼ା ଚାମ୍ପିଅନ

ପରଜଙ୍ଗ,୧।୧(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁଆଳୋ ପଞ୍ଚାୟତ ହାଇସ୍କୁଲ ପଡ଼ିଆରେ ଆୟୋଜିତ ଚନ୍ଦନ ଏବଂ ସୁଶା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ବଡ଼ସିଙ୍ଗଡ଼ା ଓ ପରଜଙ୍ଗ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ବଡ଼ସିଙ୍ଗଡ଼ା ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଚିନ୍ମୟ ବାରିକ ଏବଂ ପିଙ୍କୁ ସାହୁ ଖେଳ ପରିଚାଳନା କରିଥିଲେ। ଶିବା ବେହେରା ଏବଂ ଅଙ୍କି ସାହୁ ସ୍କୋରସିଟ ପରିଚାଳନା କରିଥିଲେ। ବ୍ରହ୍ମାନନ୍ଦ



ସାହୁ ଧରାବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଯୋଗଦେଇ ଚାମ୍ପିଅନ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପରଜଙ୍ଗ ବ୍ଲକ ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, କୁଆଳୋ ସରପଞ୍ଚ ଅଜିତ କୁମାର ସାହୁ, ପୂର୍ବତନ ସରପଞ୍ଚ ଏଲିନା ଭୂତିଆ, ଯୁବନେତା ଅନୀଲ ଭୁତିଆ, ବିଜେପି ନେତା ଦୁର୍ଗାଚରଣ ନାୟକ ଯୋଗଦେଇ ମ୍ୟାନ ଅଫ ଦି ସିରିଜ, ମ୍ୟାନ ଅଫ ଦି ମ୍ୟାଚ, ବେଷ୍ଟ ବୋଲର, ବ୍ୟାଟର, ଅଲ୍‌ରାଉଣ୍ଡର ଟ୍ରଫି ପ୍ରଦାନ କରିଥିଲେ। ସରପଞ୍ଚ ଅଜିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜକ ଅନୁଷ୍ଠାନର ବିକାଶ ବେହେରା, ଶିବାଜୀ ସାହୁ, ଇନ୍ଦ୍ର ବେହେରା, ଲିପୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବିରାଶାଳ କପ କ୍ରିକେଟ; କେନ୍ଦୁଝରର ଚାମ୍ପିଅନ



କଙ୍କଡ଼ାହାଡ଼,୧।୧(ସମିସ): କଙ୍କଡ଼ାହାଡ଼ ବ୍ଲକ ବିରାଶାଳ କଲେଜ ଖେଳ ପଡ଼ିଆରେ କଳିଙ୍ଗ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩ୟ ସର୍ବଭାରତୀୟ ବିରାଶାଳ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ୮ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ବାଲେଶ୍ୱର ଓ କେନ୍ଦୁଝର ଦଳ ମଧ୍ୟରେ ଅନୁଷ୍ଠିତ ହେଇଥିଲା। ସୁପର ଓଭରରେ କେନ୍ଦୁଝର ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ସମ୍ମାନିତ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ବିଜେପି ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଦୀପକ ଗୋଛାୟତ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଦିବ୍ୟଜ୍ୟୋତି ସାହୁ, ସୁରେନ୍ଦ୍ର ସାହୁ ଖେଳ ପରିଚାଳନା କରିଥିଲେ। ବିପିନ ବିହାରୀ ସାହୁ, ବିଭୁ କଲ୍ୟାଣ ସେନାପତି ଧରାବିବରଣୀ ପ୍ରଦାନ କରିଥିଲେ। ଶୁଭମ ନନ୍ଦ, କାହ୍ନା ଦାସ। ସ୍କୋର ସିଟ୍ ପରିଚାଳନା କରିଥିଲେ। କଳିଙ୍ଗ କ୍ରିକେଟ କ୍ଲବର ହରେଶ ବେହେରା, ଅଭୟ ବେହେରା, ଶୁଭ୍ରାଂଶୁ ସାମଲ, ଟୁଲୁ ମିଶ୍ର, ହିମାଂଶୁ ମିଶ୍ର, ସନ୍ଦୀପ ମିଶ୍ର, ରଞ୍ଜିତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଗାଁରେ ପଶି ଘର ଭାଙ୍ଗିଲା ଦନ୍ତା

କାମାକ୍ଷାନଗର,୧।୧(ସମିସ): କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅଁଳାବେରେଣୀ ଫରେଷ୍ଟ ସେକ୍ସନରେ ଦନ୍ତା ଆତଙ୍କ। ବୁଧବାର ବିଳମ୍ବିତ ରାତିରେ ହାତୀ ଅଁଳାବେରେଣୀ ଜୁଆଙ୍ଗସାହିରେ ପଶି ଘର ଭାଙ୍ଗିଛି। ତେବେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦନ୍ତା ଜଙ୍ଗଲରୁ ବାହାରି ଅଁଳାବେରେଣୀ ଗ୍ରାମ ଜୁଆଙ୍ଗସାହିରେ ପଶି ଦୀର୍ଘ ସମୟ ଧରି ରହିଥିଲା। ଗ୍ରାମର ଦୁଷ୍ମନ୍ତ ପଧାନ ଓ ରେଖା ପଧାନଙ୍କ ଘର ଭାଙ୍ଗି ଦେଇଥିଲା। ଖବର ପାଇ ବନବିଭାଗ କର୍ମଚାରୀ ପହଞ୍ଚି ଦନ୍ତାକୁ ଘଉଡ଼ାଇଥିଲେ। ଏବେ ଦନ୍ତାଟି ଗାଁ ନିକଟ ଜଙ୍ଗଲରେ ଥିବା ଜଣାପଡ଼ିଛି।



# ଟଳିଗଲା ବିପଦ, ଶିକାରୀଙ୍କୁ ଧରିଲେ ଗ୍ରାମବାସୀ

■ ଜନ୍ତୁ ଶିକାର ପାଇଁ ବସିଥିଲା ଫାଶ
■ ଅଳ୍ପକେ ବର୍ତ୍ତିଲେ ୫୦ରୁ ଊର୍ଦ୍ଧ୍ୱ ଯୁବକ

ହିନ୍ଦୋଳ,୧।୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ନୂଆବର୍ଷ ପାଇଁ ଜନ୍ତୁ ଶିକାର କରିବାକୁ ବିଦ୍ୟୁତ୍ ସଂଯୋଗ କରି ତାର ବିଛାଯାଇଥିବା ବେଳେ ଏକ ବଡ଼ଧରଣର ବିପଦ ଟଳିଯାଇଛି। ବିଦ୍ୟୁତ ଫାଶ ବିଛାଇଥିବା ଶିକାରୀଙ୍କୁ ଦୁଦୁରୁକୋଟ ଗ୍ରାମବାସୀ କାବୁ କରିଛନ୍ତି।



ବୁଧବାର ବିଳମ୍ବିତ ରାତିରେ ନୂତନ ବର୍ଷକୁ ସ୍ୱାଗତ କରିବା ପାଇଁ ଦୁଦୁରୁକୋଟ ଗ୍ରାମର ଶତାଧିକ ଯୁବକ ପ୍ରସ୍ତୁତି ଚଳାଉଥିଲେ। ସେହି ଗ୍ରାମର କିଛି ଯୁବକ ଜନ୍ତୁ ଶିକାର ପାଇଁ ବିଦ୍ୟୁତ ଫାଶ ପକାଇଥିଲେ। ସନ୍ଧ୍ୟା ୭ଟାରେ ସେହି ବାଟ ଦେଇ ଯାଉଥିବା କିଛି ଯୁବକ ବିଦ୍ୟୁତ ସଂସ୍ପର୍ଶରେ ଆସିବା ପୂର୍ବରୁ ଫାଶ ପଡ଼ିଥିବା ଦେଖି ପାରିଥିଲେ। ଫାଶ ବସାଇ ନିକଟରେ ଜଗି ରହିଥିବା କିଛି ଶିକାରୀଙ୍କୁ ଯୁବକମାନେ ଧରିଥିଲେ। ଶିକାରୀମାନେ ଫାଶ ପକାଇଥିବା ସ୍ୱୀକାର କରିବା ପରେ ଗ୍ରାମର ଯୁବକମାନେ ହିନ୍ଦୋଳ ବନବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବନବିଭାଗ ଅଧିକାରୀମାନେ ପହଞ୍ଚି ଦୁଦୁରକୁଟ ବାଘୁଆସାହି ଗ୍ରାମର ଶିକାରୀ ଅଖିଳ ବେହେରା ଓ ସୁବାସ ବେହେରାଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଶିକାର ଉଦ୍ଦେଶ୍ୟରେ ବ୍ୟବହୃତ ତାର, ବୋତଲ ଆଦି ସରଞ୍ଜାମ ଓ ଏକ କଟୁରୀ ଜବତ କରିଛନ୍ତି। ଗିରଫ ଦୁଇ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟ ଦୁଇଜଣ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଯଦି ଯୁବକମାନେ ବିଦ୍ୟୁତ ଫାଶକୁ ଦେଖିପାରି ନ ଥାନ୍ତେ ତେବେ ସେହି ରାସ୍ତା ଦେଇ ଯାଉଥିବା ୫୦ରୁ ଅଧିକ ଯୁବକଙ୍କ ଜୀବନ ଯାଇଥାନ୍ତା ବୋଲି ଚର୍ଚ୍ଚା ହେଉଛି।

# ପିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କାମାକ୍ଷାନଗର,୧।୧(ସମିସ): କାମାକ୍ଷାନଗର ବ୍ଲକ ମହୁଲପାଳ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଭାବେ କାର୍ଯ୍ୟ କରୁଥିବା ଦିଲେଶ୍ୱର ସାହୁ ବୁଧବାର ଚାକିରିରୁ ଅବସର ନେଇଛନ୍ତି। ଏହି ପରିପ୍ରେକ୍ଷୀରେ କାମାକ୍ଷାନଗର ବ୍ଲକ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଙ୍ଘ ତରଫରୁ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଦିଲେଶ୍ୱର ୧୯୯୫ରେ ପରଜଙ୍ଗ ବ୍ଲକ ବଡ଼ଝରା ପଞ୍ଚାୟତ ସେକ୍ରେଟାରୀ ଭାବେ ଚାକିରି ଜୀବନ ଆରମ୍ଭ କରି ପରେ ଢେଙ୍କାନାଳ, କାମାକ୍ଷାନଗର, ଭୁବନ, କଙ୍କଡ଼ାହାଡ଼ ଓ ଗଁଦିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ପିଇଓ ଭାବେ କାର୍ଯ୍ୟ କରିଥିଲେ। ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ବ୍ଲକର ବିଭିନ୍ନ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗଦେଇ ଦିଲେଶ୍ୱରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ତାଙ୍କ ଅବସର ପରବର୍ତ୍ତୀ ଜୀବନ ପାଇଁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବୈକୁଣ୍ଠନାଥ କର, ପ୍ରୀତିସାଗର ନାୟକ, ରଞ୍ଜନ ଦେହୁରୀ, ପ୍ରଜ୍ୟୋତ୍ସ୍ନା ବିଶ୍ୱାଳ, ଅମରେନ୍ଦ୍ର ଭୋଇ, ମାଧବଚନ୍ଦ୍ର ପ୍ରଧାନ, ମୁକେଶ କୁମାର ସର୍ଦ୍ଦାର, ବିକାଶ ବେହେରା, ଅଭିଳାଷ ମହାନ୍ତି, ପ୍ରଫୁଲ୍ଲ କୁମାର ସେନାପତି, ଦୀପକ ସିଂହ, ସତ୍ୟନାରାୟଣ ପ୍ରଧାନ, ସ୍ୱର୍ଣ୍ଣପ୍ରଭା ବିଶ୍ୱାଳ, ପ୍ରଜ୍ଞାପ୍ରାଞ୍ଜଳି ପଣ୍ଡା, ଗୀତାଞ୍ଜଳି ସୋରେନ, ଅନିରୁଦ୍ଧ ରାଉତ ପ୍ରମୁଖ ପିଇଓ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ କାମାକ୍ଷାନଗର ବ୍ଲକ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ତଥା ପରଜଙ୍ଗ ଏବିଡିଓ ରଞ୍ଜିତ କୁମାର ଜେନା ଯୋଗଦେଇଥିଲେ।

# ପ୍ରଧାନଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା



ଢେଙ୍କାନାଳ,୧।୧(ସମିସ): ସଦର ବ୍ଲକ ହଳଦୀଗୁଣ୍ଡି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରୁଦ୍ରନାରାୟଣ ଶତପଥୀ ଡିସେମ୍ବର ୩୧ ତାରିଖ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷକ, ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ତରଫରୁ ବିଦ୍ୟାଳୟ ପରିସରରେ ବୁଧବାର ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କମିଟି ସଭାପତି ସୁମିତ୍ରା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଏବିଇଓ ଭଗବାନ ବେହେରା, ମୁଖ୍ୟବକ୍ତା ଭାବେ ପ୍ରଧାନଶିକ୍ଷକ ବିଷ୍ଣୁ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଶତ୍ରୁଘ୍ନ ମଲ୍ଲିକ, ୱାର୍ଡସଭ୍ୟ ରଞ୍ଜନ କୁମାର ବେହେରା, ଅଙ୍ଗନବାଡ଼ି କର୍ମୀ ଗୀତାଞ୍ଜଳି ନାୟକ, ପ୍ରାକ୍ତନ ସିଆରସିସି ଦୀନକୃଷ୍ଣ ପୋଥାଳ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକଙ୍କ କର୍ମମୟ ଜୀବନ ଓ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ରଞ୍ଜନ କୁମାର ସାହୁ, ଶିକ୍ଷୟିତ୍ରୀ କଲ୍ୟାଣୀ ସାହୁ, ଚିତ୍ରାବତୀ ବେହେରା, ଗ୍ରାମ ମୁଖିଆ ବିଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସିଆରସିସି ପ୍ରମୋଦ ସାହୁ ମଞ୍ଚ ସଞ୍ଚାଳନ କରିଥିଲେ। ବିଦାୟୀ ପ୍ରଧାନଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ବିଶ୍ୱଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅହମଦିଆ ମୁସଲିମ ଯୁବ ସଙ୍ଗଠନର ସ୍ୱଚ୍ଛତା ଅଭିଯାନ

ଢେଙ୍କାନାଳ,୧।୧(ସମିସ): ଢେଙ୍କାନାଳ ସହର ଉପକଣ୍ଠ ଗୁଣ୍ଡିଚାପଡ଼ାରେ ଅହମଦିୟା ମୁସଲିମ ଯୁବ ସଙ୍ଗଠନ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନୂତନ ବର୍ଷ ଅବସରରେ ଗୁଣ୍ଡିଚାପଡ଼ା ସହିଦ ସ୍ମାରକୀଠାରୁ ଗ୍ରାମ କୋଠଘର ପର୍ଯ୍ୟନ୍ତ ରାସ୍ତା ସଫେଇ କରାଯାଇଥିଲା। ଅହମଦିୟା ମୁସଲିମ ସମୁଦାୟର ସଭାପତି ସୁଲେମାନ ଅଲ୍ଲୀ ଖାଁଙ୍କ ପରାମର୍ଶ ତଥା ଯୁବ ସଙ୍ଗଠନ ଅଧ୍ୟକ୍ଷ ସୋଲେମାନ ଖାଁଙ୍କ ନେତୃତ୍ୱରେ ପୂର୍ବତନ ଯୁବ ସଭାପତି ମହମୁଦ ଖାଁ, ଶେଖ୍ ଜହୀର, ମୌଲବୀ ଜଲାଲଉଦ୍ଦିନ ଖାଁ, ମୌଲବୀ ମୁଜାଫର ଖାଁ ଓ ଶେଖ୍ ତନୱିର ପ୍ରମୁଖ ବହୁ ଯୁବକ ଏଥିରେ ସାମିଲ ହୋଇଥିଲେ।



ଧୁମଧାମରେ ନବବର୍ଷକୁ ସ୍ୱାଗତ

# କପିଳାସ ପୀଠ ସହ ବିଭିନ୍ନ ବଣଭୋଜିସ୍ଥଳରେ ଅସମ୍ଭାଳ ଭିଡ଼

ଗଁଦିଆ,୧।୧(ସମିସ):

ବିଦାୟ ନେଇଛି ବର୍ଷ ୨୦୨୫। ଆରମ୍ଭ ହୋଇଛି ୨୦୨୬। ଏଥି ପାଇଁ ଗଁଦିଆ ବ୍ଲକ ଉତ୍ସବମୁଖର ହୋଇପଡ଼ିଛି। ବ୍ଲକର ବିଭିନ୍ନ ପର୍ଯ୍ୟଟନସ୍ଥଳୀ, ଧାର୍ମିକ କ୍ଷେତ୍ର, କ୍ଲବ୍ ଓ ବଣଭୋଜିସ୍ଥଳରେ ନବବର୍ଷ ୨୦୨୬ ଧୁମଧାମରେ ପାଳନ କରାଯାଇଛି। ଅନେକ ଲୋକ ଭୋରରୁ ବିଭିନ୍ନ ମନ୍ଦିର ଯାଇ ଦେବଦେବୀଙ୍କୁ ଦର୍ଶନ କରି ସୁଖସମୃଦ୍ଧି, ଶାନ୍ତି କାମନା କରିଛନ୍ତି। ଏଥିପାଇଁ ମନ୍ଦିରଗୁଡ଼ିକରେ ଗୁରୁବାର ସକାଳୁ ବେଶୀ ଗହଳି ହୋଇଥିଲା। ପ୍ରସିଦ୍ଧ କପିଳାସର ଶ୍ରୀଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ ପୀଠ ଏବଂ ମହିମାଗାଦିରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ଅନୁରୂପ ଭାବେ ବୁଧବାର ମଧ୍ୟରାତ୍ରରେ ଲୋକେ ନାଚଗୀତ ଓ ଭୋଜିଭାତ ଆସରରେ ପୁରୁଣା ବର୍ଷକୁ ବିଦାୟ ଦେବା ସହ ନବବର୍ଷକୁ



ସ୍ୱାଗତ କରିଥିଲେ। ଦୁଇଦିନ ବିଭିନ୍ନ ପିକନିକ ସ୍ପଟରେ ପ୍ରବଳ ଗହଳି ହୋଇଛି। କପିଳାସରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ନୂଆବର୍ଷ ଅବସରରେ ପୀଠରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ସକାଳ ୫ଟା ସୁଦ୍ଧା ଠାକୁରଙ୍କ ସମସ୍ତ ନୀତିକାନ୍ତି ଶେଷ ହେବାପରେ ଭକ୍ତଙ୍କ ଦର୍ଶନ ପାଇଁ ସିଂହଦ୍ୱାର ଉନ୍ମୁକ୍ତ ହୋଇଥିଲା। ପୀଠରେ ଶ୍ରଦ୍ଧାଳୁମାନେ ଦର୍ଶନ ସାରି ପାଦଦେଶରେ ଥିବା ଡିଅର୍ ପାର୍କ ଓ ବିଜ୍ଞାନ କେନ୍ଦ୍ର ପରିସର ବୁଲି ମଜା ନେଇଥିଲେ। ସେହିପରି ବିଭିନ୍ନ ସ୍ଥାନରୁ ଆସିଥିବା ସ୍କୁଲ ପିଲା, ଯୁବଗୋଷ୍ଠୀ ଓ ପରିବାର ସଦସ୍ୟ କପିଳାସ ପାଦଦେଶ ଅଭୟାରଣ୍ୟରେ ଭୋଜିଭାତର ମଜା ଉଠାଇଥିଲେ। ସେହିପରି ସଦର ବ୍ଲକ କୃଷ୍ଣକୁମାରପୁରସ୍ଥିତ ଶ୍ରୀଶ୍ରୀ ଦତ୍ତାତ୍ରୟସାଇଆଶ୍ରମ, ସନ୍ଥପୁର ଜଗନ୍ନାଥ ମନ୍ଦିର ଏବଂ ମହିମାଗାଦି ପରିସର ଲୋକାରଣ୍ୟ ହୋଇଉଠିଥିଲା। ପୁଲିସ ପ୍ରଶାସନ ତରଫରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ସପ୍ତଶଯ୍ୟା, ଦଣ୍ଡାଧର, ଯୋରନ୍ଦା, ଅନନ୍ତ ଶୟନ ଓ ବିଭିନ୍ନ ମଠରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା।

● ନୂଆବର୍ଷରେ ଭିତରକନିକାରେ ପର୍ଯ୍ୟଟକଙ୍କ ଖଚାଖଚ ଭିଡ଼

# ଜାତୀୟ ଉଦ୍ୟାନରେ ୪୯ ୯୨, ପେଣ୍ଠରେ ୨୦ ହଜାର ପର୍ଯ୍ୟଟକ



ରାଜନଗର,୧।୧(ସମିସ): ନୂଆବର୍ଷ ପାଳନ ପାଇଁ ଯୁବପିଢ଼ି ଗୁରୁବାର ଉତ୍ସାହର ସହ ପ୍ରକୃତିର ଗନ୍ତାଘର ଭିତରକନିକା ଓ ପେଣ୍ଠ ବେଳାଭୂମିକୁ ଛୁଟି ଆସିଥିଲେ। ଭିତରକନିକା ଜାତୀୟ ଉଦ୍ୟାନ ପରିଭ୍ରମଣ ପାଇଁ ମୁଖ୍ୟ ଫାଟକ ଦେଇ ୩୬୩୧ ପର୍ଯ୍ୟଟକ ଆସିଥିବା ବେଳେ ଖୋଲା ଏଣ୍ଟ୍ରି ପଏଣ୍ଟ ଦେଇ ୮୫ ବୋଟରେ ୧୦୪୨, ଚାନ୍ଦବାଲି ଏଣ୍ଟ୍ରି ପଏଣ୍ଟ ଦେଇ ୧୦ ବୋଟରେ ୧୫୫, ଏବଂ ଗୁପ୍ତି ଏଣ୍ଟ୍ରି ପଏଣ୍ଟ ଦେଇ ୧୬ ବୋଟରେ ୧୬୪ ପର୍ଯ୍ୟଟକ ନୌକା ବିହାର କରିବା ସହ ପ୍ରକୃତିକୁ ଉପଭୋଗ କରିଥିଲେ। ପର୍ଯ୍ୟଟକମାନେ ବନ୍ୟଜନ୍ତୁ ଆକ୍ରମଣରେ ସହିଦ ହୋଇଥିବା ବନକର୍ମଚାରୀଙ୍କ ସହିଦ ସ୍ତମ୍ଭ, ବୋଟ ଲାଇବ୍ରେରୀ, ମ୍ୟୁଜିୟମରେ ଥିବା ଅଲିଭରିଡଲେ କଇଁଛ ଏବଂ ୨୩ ଫୁଟରୁ ଉର୍ଦ୍ଧ୍ୱ ଲମ୍ବର ବିରଳ ବଉଳା କୁମ୍ଭୀରର ସ୍କେଲିଟନ, ନୂତନ ଭାବେ ନିର୍ମାଣ କରାଯାଇଥିବା ସ୍କାଏୱାକ ସହ କେମିକାଲ ଦିଆଯାଇ ସଂରକ୍ଷିତ କରି ରଖାଯାଇଥିବା କଙ୍କାଳ ଓ ଭିତରକନିକାରେ ଦୃଶ୍ୟମାନ ହେଉଥିବା ବିଭିନ୍ନ ଜୀବଜନ୍ତୁ ଓ ସରୀସୃପଙ୍କୁ ଦେଖି ସେମାନଙ୍କ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ଏହାସହ ବିରଳ ହେନ୍ତାଳବଣ, ମେଟା ନର୍ସରୀ, ସେଲଫି ପଏଣ୍ଟ, ପଦ୍ମପୋଖରା, ଭିତରକନିକା ଗଛରେ ରଙ୍ଗବେରଙ୍ଗର ପକ୍ଷୀ, ନଦୀର ଦୁଇ ପାଶ୍ୱର୍ରେ ଖରା ପୋଉଁଥିବା ବିରାଟକାୟ ବଉଳା କୁମ୍ଭୀର, ଜାତୀୟ ଉଦ୍ୟାନର ଆବଦ୍ଧ ପୋଖରୀରେ ଶଙ୍ଖୁଆ କୁମ୍ଭୀର ଗୋରୀ, ମଲ୍ଲୀ, ସେତାକୁ ଦେଖି ପର୍ଯ୍ୟଟକମାନେ ବିମୋହିତ ହୋଇଥିଲେ। ସେହିପରି ପେଣ୍ଠ ବେଳାଭୂମିରେ ନୂଆବର୍ଷ ପାଳନ ପାଇଁ ପ୍ରତ୍ୟୁଷରୁ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ଭିଡ଼ ସନ୍ଧ୍ୟା ପର୍ଯ୍ୟନ୍ତ ଲାଗି ରହିଥିଲା। ପର୍ଯ୍ୟଟକ ସମୁଦ୍ରରେ ଗାଧୋଇବା ସହ ଝାଉଁବଣରେ ବଣଭୋଜିର ମଜା ଉଠାଇଥିଲେ।

## ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ

ଡେରାବିଶ,୧।୧(ସମିସ): ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅର୍ତ୍ତାମୂଳର ଇଚ୍ଛାବିହାରୀ କ୍ଷେତ୍ରରେ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିର ପ୍ରତିଷ୍ଠାର ସପ୍ତମ ବାର୍ଷିକ ମହୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଶ୍ରୀ ରଘୁନାଥଜୀଉ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ବୁଧବାର ପ୍ରତ୍ୟୁଷରୁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ ପବିତ୍ର ଜଳ ଆଣି ମନ୍ଦିର ପରିସର ଯଜ୍ଞବେଦିରେ ସ୍ଥାପନ କରିଥିଲେ। ପରେ ସୂର୍ଯ୍ୟପୂଜା, ଗୋପୂଜା ଏବଂ ଯଜ୍ଞାଗ୍ନି ସ୍ଥାପନ କରାଯାଇ ଯଜ୍ଞ ଶୁଭାରମ୍ଭ ହୋଇଥିଲା। ସନ୍ଧ୍ୟାରେ ପ୍ରବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଯଜ୍ଞ କର୍ତ୍ତାଭାବେ କଳ୍ପତରୁ ଶତପଥୀ ଓ କବିତା ଶତପଥୀ, ରବୀନ୍ଦ୍ର କୁମାର ବଳ ଓ ମିନତୀ ବଳ, ଅବିନାଶ ପ୍ରଧାନ ଓ ଦୀପ୍ତିମୟୀ ପ୍ରଧାନ, ତପନ ପରିଡ଼ା ଓ କବିତା ପରିଡ଼ା ଏବଂ ବିଜୟ କୁମାର ମହାପାତ୍ର ଓ ସୁଲୋଚନା ମହାପାତ୍ର କାର୍ଯ୍ୟ ନିର୍ବାହ କରୁଛନ୍ତି। ଶୁକ୍ରବାର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ରତ୍ନାକର ନାୟକ ଜଣାଇଛନ୍ତି।

## ଜୟହିନ୍ଦ ହାଇସ୍କୁଲରେ ଗୁରୁପୂଜନ

ପଟ୍ଟାମୁଣ୍ଡାଇ,୧।୧(ସମିସ): ଧୋୟାଅଞ୍ଚଳର ଦାଣ୍ଡିସାହି ପିଏମଶ୍ରୀ ଜୟହିନ୍ଦ ହାଇସ୍କୁଲର ୨୦୦୫ ମ୍ୟାଟ୍ରିକ ବ୍ୟାଚ ପକ୍ଷରୁ ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ର ସୌମ୍ୟରଞ୍ଜନ ସାହୁଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ବେହେରା, ପ୍ରାକ୍ତନ ଶିକ୍ଷକ ରଞ୍ଜିତ ରାଉତ, ବିଜୟ କୁମାର ବେହେରା, କ୍ଷୀରୋଦ କୁମାର ରଥ, ଦୋଳଗୋବିନ୍ଦ ତ୍ରିପାଠୀ, କେଦାର ଚରଣ ପ୍ରଧାନ, ସୁରେଶ ଚନ୍ଦ୍ର ନାୟକ, ଦୁଃଶାସନ ଜେନା, ଅଳକାନନ୍ଦା ଦାଶ, ତ୍ରିଲୋଚନ ମିଶ୍ର, ଭୋଳାନାଥ ଜୀବନ ଦାଶ, ଟୁଲୁବାଳା ସାହୁ, ରାଧାମୋହନ ଦାଶ, ଶ୍ରୀଚରଣ ଖଟୁଆ, ପ୍ରଶାନ୍ତ ନାୟକ, ସଞ୍ଜୟ କୁମାର ଦଳାଇ, ଦୁର୍ଯ୍ୟୋଧନ ଦାସ ଓ ଅଶୋକ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅଞ୍ଚଳର ଏହି ଗୌରବମୟ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଉପସ୍ଥିତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ପୁରାତନ ଛାତ୍ରଛାତ୍ରୀ ଫୁଲଚନ୍ଦନ, ସିନ୍ଦୂର ଦେଇ ପୂଜାର୍ଚ୍ଚନା କରିବା ସହ ଉତ୍ତରୀୟ, ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦଯାପିତ

ରାଜନଗର,୧।୧(ସମିସ): ରାଜନଗର ବ୍ଲକ ଡାଙ୍ଗମାଳସ୍ଥିତ ପିଏମଶ୍ରୀ ନାଗାନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦଯାପିତ ହୋଇଛି। ପୁରାତନ ଛାତ୍ରସଂସଦ ସଭାପତି ସନାତନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଅଧ୍ୟାପକ ରବିନାରାୟଣ ପତି, ଛାତ୍ର ସଂସଦ ସମ୍ପାଦକ ଲଳିତ କୁମାର ବେହେରା ଏବଂ ଅଧ୍ୟକ୍ଷ ମାନସ ମିଶ୍ର ପ୍ରମୁଖ ଯୋଗଦେଇ ଗୁରୁଶିଷ୍ୟ ସମ୍ପର୍କ ଅତୁଟ ରହିବ ବୋଲି ମତବ୍ୟକ୍ତ କରିଥିଲେ।
ଅପରାହ୍ନ ଅଧିବେଶନରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ମୁଖ୍ୟବକ୍ତା ଭାବେ ପୁରୀ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି ପ୍ରଫେସର ହରିହର ହୋତା ଯୋଗଦେଇ ଦେଶ ଗଠନରେ ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ, ମୁଖ୍ୟବକ୍ତା ଭାବେ ବନ୍ୟପ୍ରାଣୀ ବିଶେଷଜ୍ଞ ଡ. ସୁଧାକର କର, ଏସିଏଫ ମାନସ କୁମାର ଦାସ ଯୋଗଦେଇ ବିଦ୍ୟାଳୟ ବିକାଶରେ ପୁରାତନ ଛାତ୍ରଛାତ୍ରୀଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ।

# ଗହୀରମଥାରୁ ଟ୍ରଲର ଜବତ; ୧୦ ମତ୍ସ୍ୟଜୀବୀ ଗିରଫ

ରାଜନଗର,୧।୧(ସମିସ)



ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ମାଦେଲୀ ମୁହାଣରୁ ୧୪ କିମି ଦୂରରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଦଳ ପେରାନ୍ତଲୁ ନାମକ ଟ୍ରଲର ଜବତ କରିବା ସହ ସେଥିରେ ଥିବା ୧୦ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଟ୍ରଲର ମଧ୍ୟରୁ ଦୁଇଟି ଜିପିଏସ, ଦୁଇଟି ଭିଏଚଏଫ, ଦୁଇଟି ଜେନେରେଟର, ୨୦ କିମି ଲମ୍ବର ମାଛଧରା କଣ୍ଟା, ୧୩ କୁଇଣ୍ଟାଲ ମାଛ ଜବତ ହୋଇଛି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ରୟିଥି ଅମାରୁ, ଭାସୁପିଲି ରାମୁ, ଭାସୁପିଲି ଦନୟା, ଭାସୁପିଲି ଲକ୍ଷ୍ମଣ, ରୟିଥି ଆପାଲକୋଣ୍ଡା, ଭାସୁପିଲି ରାମୁ, ରୟିଥି ଝୋଟାୟା, ମୁଗି ଦୁର୍ଗାୟା, ମ୍ୟଲାପିଲି ୟେଲାୟା ଓ ୟେରିପିଲି ସନ୍ୟାସୀ। ଏମାନେ ସମସ୍ତେ ଆନ୍ଧ୍ରପ୍ରଦେଶ ବିଜୟନଗରମ ଜିଲ୍ଲା ଅଞ୍ଚଳର ବୋଲି ଜଣାପଡ଼ିଛି। ଗିରଫ ମତ୍ସ୍ୟଜୀବୀଙ୍କୁ କେନ୍ଦ୍ରାପଡ଼ା ସିଜେଏମଙ୍କ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ବାଇକ୍ ଧକ୍କାରେ ନାବାଳିକାଙ୍କ ମୃତ୍ୟୁ, ଅନ୍ୟ ଜଣେ ଗୁରୁତର

ମହାକାଳପଡ଼ା,୧।୧(ସମିସ): ଇଂରାଜୀ ନବବର୍ଷରେ ଦୁଇ ସାଙ୍ଗ ସାଇକଲରେ ନିକଟସ୍ଥ ଜନସେବା କେନ୍ଦ୍ରକୁ ଯାଉଥିବା ସମୟରେ ଦ୍ରୁତଗତିରେ ଯାଉଥିବା ଏକ ବାଇକ୍ ଧକ୍କାରେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

ସୂଚନା ମୁତାବକ,ମହାକାଳପଡ଼ା ଥାନା ଅନ୍ତର୍ଗତ ବଳିପାଳ ପଞ୍ଚାୟତ ନିକଟସ୍ଥ ବସାଘର ଗ୍ରାମର ସୁରେନ୍ଦ୍ର ମଲ୍ଲିକଙ୍କ ଝିଅ ଆଶା ମଲ୍ଲିକ(୧୪) ଓ ମଙ୍ଗୁଳି ମଲ୍ଲିକଙ୍କ ଝିଅ ସ୍ୱାତି ମଲ୍ଲିକ (୧୪) ବିଷ୍ଣୁପ୍ରସାଦ ହାଇସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ରୀ। ସେମାନେ ଆଜି ଘରୁ ସାଇକଲ ଯୋଗେ ଜାତି ପ୍ରମାଣପତ୍ର ପାଇଁ ଜନସେବା କେନ୍ଦ୍ରକୁ ଯାଉଥିବା ସମୟରେ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ସୁଜୁନୁପୁର ଗ୍ରାମର ତିନିଜଣ ଯୁବକ ଏକ ବାଇକ୍ ଯୋଗେ ଦ୍ରୁତ ଗତିରେ ଆସି ସେମାନଙ୍କ ସାଇକଲକୁ ଧକ୍କା ଦେଇଥିଲେ। ଦୁର୍ଘଟଣା ଘଟାଇଥିବା ତିନି ଯୁବକଙ୍କୁ ଲୋକେ କାବୁ କରିବା ସହିତ ପ୍ରବଳ ଆଘାତ ଲାଗିଥିବା ଦୁଇ ନାବାଳିକାଙ୍କୁ ମହାକାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଆଶା ମଲ୍ଲିକଙ୍କ ଡାକ୍ତର କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟଜଣେ ସ୍ୱାତି ମଲ୍ଲିକ ଗୁରୁତର ଅବସ୍ଥାରେ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ଅନ୍ଧୁଳି ଛକରେ ରାସ୍ତାରୋକ କରିଥିଲେ। ମହାକାଳପଡ଼ା ଓ ମାର୍ଶାଘାଇ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ତିନି ଯୁବକଙ୍କୁ ଶୃଙ୍ଖଳା ପରିସ୍ଥିତି ପାଇଁ ମାର୍ଶାଘାଇ ଥାନାରେ ଅଟକ ରଖାଯାଇ ପୁଲିସ ତଦନ୍ତ କରୁଥିବା ଜଣାପଡିଛି।

● ଧର୍ମୀୟ ଭାବନାକୁ ଆଘାତ

## ଥାନାରେ ଅଭିଯୋଗ କଲେ ଜଗନ୍ନାଥ ଚାରିଟି ଫାଉଣ୍ଡେସନ୍ କର୍ମକର୍ତ୍ତା



ଡେରାବିଶ,୧।୧(ସମିସ): ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଦୁମୁକାହାଟସ୍ଥିତ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେଉଥିବା ଡେରାବିଶ ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ସମୟରେ କିଛି ବ୍ୟକ୍ତି ଚପଲ ପିନ୍ଧି ଏକ ଧର୍ମଗ୍ରନ୍ଥ ପାଠ କରିବା ଦ୍ୱାରା ପ୍ରଭୁ ଜଗନ୍ନାଥଙ୍କ ଭକ୍ତଙ୍କ ମନରେ ଘୋର ଆଘାତ ସୃଷ୍ଟି ହୋଇଛି। ଏଭଳି ଘଟଣାରେ ଧର୍ମୀୟ ଭାବନା ଆଘାତପ୍ରାପ୍ତ ହୋଇଥିବା ଅଭିଯୋଗ କରି କେନ୍ଦ୍ରାପଡ଼ାର ଜଗନ୍ନାଥ ଚାରିଟି ଫାଉଣ୍ଡେସନ୍‌ର କର୍ମକର୍ତ୍ତାମାନେ ଡେରାବିଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଫାଉଣ୍ଡେସନ୍‌ର ସଭାପତି ପଙ୍କଜ ନାୟକ, ଉପସଭାପତି ସ୍ୱାଧୀନ ସଙ୍କେତ ମଲିକ, ସମ୍ପାଦକ ସୌମ୍ୟରଞ୍ଜନ ନାୟକ, ସଭ୍ୟ ଜ୍ୟୋତିର୍ମୟ ନାୟକ, ଜ୍ଞାନରଞ୍ଜନ ବାରିକ, ବିକାଶ ପରିଡ଼ା, ଅଂଶୁମାନ ସାମନ୍ତରାୟ ଓ ପବିତ୍ର ସ୍ୱାଇଁଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଚୋରାମଦ ଜବତ; ୫ ଗିରଫ

କେନ୍ଦ୍ରାପଡ଼ା,୧।୧(ସମିସ): କେନ୍ଦ୍ରାପଡ଼ା ଅବକାରୀ ବିଭାଗ ଡେରାବିଶ ଓ କେନ୍ଦ୍ରାପଡ଼ା ଟାଉନ ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୨୬୬ଲିଟର ଚୋରାମଦ ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଛି। ଶ୍ୟାମଗୁଡ଼ିଆ ଗ୍ରାମର ଭାବଗ୍ରାହୀ ସାହୁ (୨୭)ଙ୍କଠାରୁ ୪୧ ଲିଟର ବିଦେଶୀ ମଦ, ବିଜୟନଗରର ପ୍ରଭାତ କୁମାର ସେଠୀ (୪୪)ଙ୍କଠାରୁ ୧୨୦ ଲିଟର ଦେଶୀମଦ, କେଉଟ ଖଣ୍ଡିଆର ସନ୍ତୋଷ ସେଠୀ (୪୦)ଙ୍କଠାରୁ ୩୧ ଲିଟର ଦେଶୀମଦ, କଷୋଟି ଗ୍ରାମର ଅଲେଖ ମଲିକ (୨୯)ଙ୍କଠାରୁ ୩୫ ଲିଟର ବିଦେଶୀ ମଦ, ତିଲଙ୍ଗ ଗ୍ରାମର ରମେଶ ଚନ୍ଦ୍ର ମଲିକ (୭୩)ଙ୍କଠାରୁ ୩୯ ଲିଟର ବିଦେଶୀ ମଦ ଜବତ କରାଯାଇ ସମସ୍ତଙ୍କୁ ଗିରଫ କରାଯାଇଛି। ସମୁଦାୟ ୨୬୬ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢ଼ଉରେ ଅବକାରୀ ଏସ୍‌ଆଇ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ରତ୍ନପ୍ରଭା ସ୍ୱାଇଁ, ଏଏସ୍‌ଆଇ ସୁନୀଲ କୁମାର ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ଏଟିଏମ କାର୍ଡ ବଦଳାଇ ୪ ଲକ୍ଷ ଟଙ୍କା ହଡ଼ପ

ରାଜକନିକା,୧।୧(ସମିସ): ରାଜକନିକା ଥାନା ଅଶୋକ ବଜାର ଷ୍ଟେଟ ବ୍ୟାଙ୍କ ଏଟିଏମରେ ଟଙ୍କା ଉଠାଇବାକୁ ଯାଇଥିବା ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ କାର୍ଡ ବଦଳାଇ ପରେ ବିଭିନ୍ନ ସମୟରେ ୪ ଲକ୍ଷ ଟଙ୍କା ଉଠାଇ ନେଇଥିବା ସମ୍ପୃକ୍ତ ଶିକ୍ଷକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଗତ ୨୪ ତାରିଖ ଡାଳିକାଏଦା ଗାଁର ଅବସରପ୍ରାପ୍ତ ଶିକ୍ଷକ ଗୋପାଳ ଜେନା (୬୪) ଅଶୋକ ବଜାର ଷ୍ଟେଟ ବ୍ୟାଙ୍କ ଶାଖା ସଂଲଗ୍ନ ଏଟିଏମରୁ ୫୦୦ଟଙ୍କା ଉଠାଉଥିବା ବେଳେ ସେଠାରେ ଉପସ୍ଥିତ ଥିବା ଜଣେ ଯୁବକ ଶିକ୍ଷକଙ୍କୁ କହିଲେ ଆପଣ ଯଦି ମିନି ଷ୍ଟେଟମେଟ ନ ବାହାର କରିବେ ତେବେ ଆପଣଙ୍କ କାର୍ଡ ବନ୍ଦ ହୋଇଯିବ। ଏହି ସୁଯୋଗରେ ଯୁବକ ଜଣକ ନିଜର ୟୁକୋ ବ୍ୟାଙ୍କ କାର୍ଡ ବଦଳାଇ ଦେଇଥିଲେ। ପରେ ଶିକ୍ଷକ ଜଣକ ଏହି କାର୍ଡରେ ମିନି ଷ୍ଟେଟମେଟ କାଢ଼ିବା ବେଳକୁ ତାହା କାମ କରି ନ ଥିଲା। ଏଟିଏମ ଖରାପ ଥିବା ଭାବି ସେ ଏହାର ଖୋଳତାଡ଼ କରି ନ ଥିବାରୁ ସମ୍ପୃକ୍ତ ଠକ ଯୁବକ ବିଭିନ୍ନ ସମୟରେ ଷ୍ଟେଟ ବ୍ୟାଙ୍କ ଏଟିଏମରୁ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇଥିବା ଗୋପାଳ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଚଳାଇଛି।

## ୨୬.୫ ଲିଟର ମଦ ଜବତ; ଜଣେ ଗିରଫ



ମହାକାଳପଡ଼ା,୧।୧(ସମିସ): ମହାକାଳପଡ଼ାରେ ନୂତନ ଥାନା ଅଧିକାରୀ ଭାବେ ମାନସ ମଲ୍ଲିକ ଯୋଗଦେବା ପରେ ଆକ୍ସନ ମୁଡ୍‌କୁ ଆସିଛନ୍ତି। ଅପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ସନ୍ଧ୍ୟା ପାଟ୍ରୋଲିଂକୁ କଡ଼ାକଡ଼ି କରିଛନ୍ତି। ବୁଧବାର ରାତିରେ ତାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ତପସ୍ୱିନୀ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ରାଜଗଡ଼ ନିକଟ ନଛିପଡ଼ା ଗ୍ରାମର ବିକଳି ଦାସଙ୍କ ପୁଅ ଟଗଲା ଦାସ (୪୩)ଙ୍କୁ ବେଆଇନ୍ ମଦ କାରବାର ଅଭିଯୋଗରେ ଗିରଫ କରାଯାଇଛି। ତାଙ୍କ ପାଖରୁ ବିଭିନ୍ନ ବ୍ରାଣ୍ଡର ୨୬.୫ ଲିଟର ମଦ ଜବତ ହୋଇଛି। ଗୁରୁବାର ଟଗଲାଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବର୍ଷର ପ୍ରଥମ ଦିନ ବଳଦେବଜୀଉ ମନ୍ଦିରରେ ଭିଡ଼

ଧାଡ଼ି ଦର୍ଶନ ବ୍ୟବସ୍ଥା, ବିଶ୍ୱଶାନ୍ତି ପାଇଁ ସମୂହ ପ୍ରାର୍ଥନା

କେନ୍ଦ୍ରାପଡ଼ା,୧।୧(ସମିସ): ନୂଆବର୍ଷ ଅବସରରେ କେନ୍ଦ୍ରାପଡ଼ାସ୍ଥିତ ପ୍ରସିଦ୍ଧ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ଗୁରୁବାର ପ୍ରଭାତରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବର୍ଷର ପ୍ରଥମ ଦିନ ନିଜ ଆରାଧ୍ୟ ଦେବତାଙ୍କ ଦର୍ଶନ କରି ଆଶୀର୍ବାଦ ନେବା ପାଇଁ ହଜାର ହଜାର ଭକ୍ତ ମନ୍ଦିରକୁ ଛୁଟି ଆସିଥିଲେ।

ଭକ୍ତମାନଙ୍କ ଶୃଙ୍ଖଳିତ ଓ ସୁଚାରୁ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ଧାଡ଼ି ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଏହି ବ୍ୟବସ୍ଥା ଅନୁସାରେ ଅରୁଣ ସ୍ତମ୍ଭ ନିକଟରୁ ମନ୍ଦିର ସମ୍ମୁଖ ପର୍ଯ୍ୟନ୍ତ ବ୍ୟାରିକେଡିଂ କରାଯାଇଥିଲା, ଯାହା ଫଳରେ ଭକ୍ତମାନେ ସୁବିଧାଜନକ ଓ ସୁରକ୍ଷିତ ଭାବେ ଦର୍ଶନ କରିପାରିଥିଲେ। ସେହିପରି ନୂଆବର୍ଷ ଅବସରରେ ଶିବାନନ୍ଦ ଆଶ୍ରମ ପକ୍ଷରୁ ବଳଦେବଜୀଉଙ୍କ ମନ୍ଦିର ବେଢାରେ ପ୍ରାର୍ଥନା ଦିବସ ପାଳନ କରାଯାଇଥିଲା। ଆଶ୍ରମ ମୁଖ୍ୟ ଦିବ୍ୟ ସ୍?ରୂପା ନନ୍ଦ ସରସ୍?ତୀଙ୍କ ନେତୃତ୍ୱରେ ଶ୍ରଦ୍ଧାଳୁମାନେ ବିଶ୍ୱଶାନ୍ତି, ସମୃଦ୍ଧି ଓ ସାମ୍ମିଳିତ ସୌହାର୍ଦ୍ଦ୍ୟ ପାଇଁ ସମୂହ ପ୍ରାର୍ଥନା କରିଥିଲେ। ଶ୍ରଦ୍ଧାଳୁ ଜ୍ଞାନ ଶ୍ରୀ ରାଉତ, ମାମାଲି ପଣ୍ଡା ଓ ଦ୍ରୌପଦୀ ରାଉତ ନୂଆବର୍ଷରେ ପ୍ରଭୁଙ୍କ ଦର୍ଶନ ପାଇ ସନ୍ତୋଷ ପ୍ରକାଶ କରିଥିବାବେଳେ, ଆଶ୍ରମ ମୁଖ୍ୟ ଦିବ୍ୟ ସ୍?ରୂପା ନନ୍ଦ ସରସ୍?ତୀ ମାନବତା, ଶାନ୍ତି ଓ ଆଧ୍ୟାତ୍ମିକ ଚେତନାକୁ ମଜବୁତ କରିବା ପାଇଁ ଏପରି ପ୍ରାର୍ଥନାର ଆବଶ୍ୟକତା ଉପରେ ଜୋର ଦେଇଥିଲେ।

## ବଳଭଦ୍ରପୁରରେ ପୁଣି ଚୋରି

ଆଳି,୧।୧(ସମିସ): ଆଳି ଥାନା ବଳଭଦ୍ରପୁର ଶାସନ ଗ୍ରାମରୁ ପୁଣି ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ସୁବ୍ରତ ମିଶ୍ରଙ୍କ ଏତଲା ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ତାଙ୍କ ପରିବାର ଲୋକ ରହୁଥିବା ଭଡ଼ା ଘରୁ ତାଙ୍କ ଶଶୁର ଘରକୁ ଯାଇଥିବାବେଳେ ଘର ମାଲିକ ଭୁବନେଶ୍ୱର ଯାଇଥିବା ସୁଯୋଗ ନେଇ ଲୁଟେରା ଲୁଟତରାଜ ଚଳାଇଥିଲେ। କୋଠରୀର ଝରକା କାଟି ସେଥିରେ ଥିବା ସୁନା ଚେନ, କାନଫୁଲ, ସୁନା ହାର, ମୁଦି ଯାହାର ଆନୁମାନିକ ମୂଲ୍ୟ ଅଢେଇ ଲକ୍ଷରୁ ଅଧିକ ଟଙ୍କା ସହ ନଗଦ ୭ ହଜାର ଟଙ୍କା ଲୁଟି ନେଇଥିଲେ। ସୁବ୍ରତ ଆଜି ସନ୍ଧ୍ୟାରେ ଆଳି ଥାନାରେ ଏତଲା ଦେଇଛନ୍ତି। ବାରମ୍ବାର ଆଳି ଅଞ୍ଚଳରେ ସମାନ ଭାବେ ସମାନ କୌଶଳ ଆପଣେଇ ବାରମ୍ବାର ଚୋରି ହେବାକୁ ନେଇ ଜନଅସନ୍ତୋଷ ଦେଖାଦେଇଛି।

## ରାତିରେ ବାଇକ୍ ପୋଡ଼ିଦେଲେ

ରାଜନଗର,୧।୧(ସମିସ): ରାଜନଗର ଥାନା ଅନ୍ତର୍ଗତ ଓସ୍ତିଆ ପଞ୍ଚାୟତ ନଗଡ଼ ଗାଁରେ ଜଣେ ଯୁବକଙ୍କ ବାଇକକୁ ଦୁର୍ବୃତ୍ତ ପୋଡ଼ି ଦେଇଛନ୍ତି। ଗାଁର ରମେଶ ଚନ୍ଦ୍ର ପ୍ରଧାନଙ୍କ ଘର ସମ୍ମୁଖରେ ଗାଁର ବାପି ପଣ୍ଡା ତାଙ୍କ ବାଇକ ରଖିଥଲେ। ବାପି ସବୁଦିନ ସେଠାରେ ତାଙ୍କ ବାଇକ ରଖିଥାନ୍ତି। ଗତକାଲି ରାତି ୨ଟା ପରେ ନିଆଁ ଦେଖି ପରିବାର ଲୋକେ ଉଠି ବାଇକ ଜଳୁଥିବା ଦେଖିଥିଲେ। ନିଆଁ ଲିଭାଇବା ବେଳକୁ ବାଇକ ପୋଡ଼ି ପାଉଁଶ ହୋଇ ସାରିଥିଲା। ଗାଁର କେହି ଯୁବକ ନିଆଁ ଲଗାଇଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। ଏ ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି।

● ଆଇଇସି ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ

## କିଶୋରକିଶୋରୀଙ୍କ ସ୍ୱାସ୍ଥ୍ୟ ସଚେତନତାକୁ ଗୁରୁତ୍ୱ

କେନ୍ଦ୍ରାପଡ଼ା,୧।୧(ସମିସ): ଜିଲ୍ଲାର ସମସ୍ତ ସ୍କୁଲରେ କିଶୋର ଓ କିଶୋରୀମାନଙ୍କ ସ୍ୱାସ୍ଥ୍ୟ, ଚକ୍ଷୁ ପରୀକ୍ଷା ଓ ଶାରୀରିକ ମାନସିକ ବିକାଶ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତ ଆଇଇସି ସାମଗ୍ରୀକୁ ଜିଲ୍ଲାପାଳ ରଘୁରାମ ଆର୍. ଆୟର ଉଦଘାଟନ କରିଛନ୍ତି।



ମଙ୍ଗଳବାର ପୁରୁଣା ଡାକ୍ତରଖାନାସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଆଇଇସି ସାମଗ୍ରୀର ଉଦଘାଟନ ହୋଇଛି। ଏହାକୁ ଆଗାମୀ ଦିନରେ ଜିଲ୍ଲାର ସମସ୍ତ ସ୍କୁଲରେ ବଣ୍ଟନ କରାଯିବ ବୋଲି ଜଣାଯାଇଛି।
ଏହି ସଚେତନତା ସାମଗ୍ରୀରେ କିଶୋରକିଶୋରୀଙ୍କ ଶାରୀରିକ ଓ ମାନସିକ ଅଭିବୃଦ୍ଧି, ଭାବନାତ୍ମକ କୁଶଳତା, ମାନସିକ ସ୍ୱାସ୍ଥ୍ୟ, ଲିଙ୍ଗଗତ ସମାନତା, ପୋଷଣ, ସ୍ୱାସ୍ଥ୍ୟ ଓ ପରିମଳ, ଏବଂ ନାଗରିକତାର ମୂଲ୍ୟବୋଧ ସମ୍ପର୍କିତ ସରଳ ଓ ସୁବୋଧ ସନ୍ଦେଶ ସାମିଲ ରହିଛି। ଏହା ମାଧ୍ୟମରେ କିଶୋର ଓ କିଶୋରୀମାନେ ନିଶ୍ଚିତ ଭାବେ ଉପକୃତ ହେବେ ବୋଲି ବୈଠକରେ ମତପୋଷଣ କରାଯାଇଛି। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମନୋରଞ୍ଜନ ରାଉତ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଅଧକ୍ଷ ଡା. ପ୍ରମୋଦ କୁମାର ପ୍ରହରାଜ, ଏଡିପିଏଚଓ (ପରିବାର କଲ୍ୟାଣ) ଡା. ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଗୌରାଙ୍ଗ ଚରଣ ଗିରିଙ୍କ ସହ ଏଓ, ଏଫଓ, ଡିପିଏମ, ଡିପିଏଚସିଓ, ଏଡିଇଓ ଓ ସିଡିପିଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଆଇଇସି ସାମଗ୍ରୀ ମାଧ୍ୟମରେ ସ୍କୁଲ ସ୍ତରରୁ ହିଁ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇବା ସହ କିଶୋରକିଶୋରୀଙ୍କ ବିକାଶରେ ସକାରାତ୍ମକ ପରିଣାମ ଦେଖାଯିବ ବୋଲି ଆଶାବ୍ୟକ୍ତ କରାଯାଇଛି।

# 'ଗଡ୍‌ମେକର୍‌'ର ରଙ୍ଗାରଙ୍ଗ ଶିଶିର ଉତ୍ସବ ଉଦଘାଟିତ




ପଟ୍ଟାମୁଣ୍ଡାଇ,୧।୧(ସମିସ): ଓଡ଼ିଶାର ସର୍ବବୃହତ ପଞ୍ଚକଳା ପ୍ରତିଷ୍ଠାନ ଗୋପାଳ ଦାଶ ସ୍ମାରକୀ ସାଂସ୍କୃତିକ ସଙ୍ଗଠନ (ଗଡମେକର)ର ଶାସ୍ତ୍ରୀୟ ତଥା ପାରମ୍ପରିକ ଓଡ଼ିଶୀ ପଞ୍ଚକଳା ଆସର ୧୯ତମ ଶିଶିର ଉତ୍ସବ ସହିତ ୩୯ତମ ବାର୍ଷିକୋତ୍ସବ ଉଦଘାଟିତ ହୋଇଛି। ଗଡମେକର୍ ପ୍ରତିଷ୍ଠାତା ନିର୍ଦ୍ଦେଶକ ଗୀତିକବି ସୁଶାନ୍ତ କୁମାର ପାଣିଙ୍କ ସଂଯୋଜନାରେ ପଟ୍ଟାମୁଣ୍ଡାଇ ଶ୍ରୀରାମମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ସାଂସ୍କୃତିକ ସମାରୋହରେ ଶତାଧିକ ସ୍ୱନାମଧନ୍ୟ ଆକାଶବାଣୀ/ଦୂରଦର୍ଶନ ଶିଳ୍ପୀ, ଗୀତ-ବାଦ୍ୟ-ନୃତ୍ୟ-ନାଟ୍ୟ-ଚିତ୍ରାଦି ପଞ୍ଚକଳାରେ ସେମାନଙ୍କ ଚିତ୍ତାକର୍ଷକ ପରିବେଷଣରେ ଦର୍ଶକଙ୍କୁ ବିମୁଗ୍ଧ କରିଥିଲେ। ଗଡମେକର୍ ଶିଶିର ଉତ୍ସବ-୨୦୨୬ ଉଭୟ ବନ୍ଦେ ମାତରମ୍ ସଙ୍ଗୀତ ଓ ଗଣକବି ଗୋପାଳ ଦାଶଙ୍କ ୧୫୦ତମ ଜୟନ୍ତୀ ପାଳନର ପବିତ୍ର ସନ୍ତକ ବହନ କରିଥିଲା। ବନ୍ଦେ ମାତରମ୍ ଗାନରୁ ଆରମ୍ଭ ଶିଶିର ଉତ୍ସବରେ ଗୋପାଳ ସଙ୍ଗୀତ, ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ, ଦେଶାତ୍ମବୋଧକ-ପଲ୍ଲୀ-ଶିଶୁ ସଙ୍ଗୀତ ସହ ସୁଗମ ଓ ଚଳଚ୍ଚିତ୍ର ସଙ୍ଗୀତ ଆଦି କଣ୍ଠଶିଳ୍ପୀ ସଞ୍ଜୀବ ତରାଇ, ସୁଦୀପ୍ତ ନାୟକ, ଅମୃତମୟ ସାମଲ, ସୁପ୍ରିୟା ଦାଶ, ପ୍ରିୟଙ୍କା ବେହେରା, ତାନି ତମନ୍ନା ପ୍ରଧାନ, ସାଇ ସମୀକ୍ଷା ସାହୁ, ସମନ୍ୱିତା ଦାଶ, ସୌମ୍ୟରଞ୍ଜନ ସୂତାର ପ୍ରମୁଖ ପରିବେଷଣ କରିଥିଲେ। ଗୁରୁ ସୁଶାନ୍ତ କୁମାର ପାଣିଙ୍କ ନିର୍ଦ୍ଦେଶନା, ଶିଳ୍ପୀ ସୌମ୍ୟକାନ୍ତ ମଲ୍ଲିକଙ୍କ ମର୍ଦ୍ଦଳ ବାଦନ ତଥା ସାଇସ୍ୱରାଜ ଶତପଥୀଙ୍କ ଉପସ୍ଥାପନାରେ କାର୍ଯ୍ୟକ୍ରମ ହୋଇଥିଲା। ବିଶେଷ ଆକର୍ଷଣ ଥିଲା, ବାବା ବୈକୁଣ୍ଠନାଥଙ୍କ ସୁପ୍ରସିଦ୍ଧ ନୃତ୍ୟନାଟିକା, ନିମାଇଁ ସନ୍ନ୍ୟାସ ମଞ୍ଚାୟନ ସହିତ ଶାସ୍ତ୍ରୀୟ ଓଡ଼ିଶୀ ମଙ୍ଗଳାଚରଣ ନମାମି, ବଟୁନୃତ୍ୟ, ରାଗେଶ୍ରୀ ପଲ୍ଲବୀ ଅଭିନୟରେ ଯମୁନା ଓ ସଜ କଞ୍ଜ ନୟନା, ମୋକ୍ଷନୃତ୍ୟ ଆଦି ପରିବେଷଣ ହୋଇଥିଲା। ଗୁରୁ ବିଜୟ କୁମାର ଦାଶଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର କଳାକାର ଚିତ୍ତାକର୍ଷକ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ।

● ବିଭାଗୀୟ ଅଧିକାରୀଙ୍କ ସହ ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ

## ନୂଆବର୍ଷରେ ଜିଲ୍ଲାକୁ ଏକନମ୍ବର କରିବାକୁ ଆହ୍ୱାନ

କେନ୍ଦ୍ରାପଡ଼ା,୧।୧(ସମିସ): ନୂଆବର୍ଷ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାକୁ ଏକ ନମ୍ବର କରିବା ଲକ୍ଷ୍ୟ ନେଇ ଜିଲ୍ଲାପାଳ ରଘୁରାମ ଆର. ଆୟର ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଛନ୍ତି। ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ଆଗାମୀ ବିକାଶ ରୋଡମ୍ୟାପ୍ ସମ୍ପର୍କରେ ବିଭିନ୍ନ ବିଭାଗର ପ୍ରସ୍ତାବିତ କାର୍ଯ୍ୟାପନ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।
ଅଡିଟରିୟମ ନିର୍ମାଣ, ଅତିଥି ଭବନ, ଇନ୍‌ଡୋର ହଲ, ସୁଇମିଂ ପୁଲ୍, ଶୀତଳଭଣ୍ଡାର, ନୂତନ ରାସ୍ତା ନିର୍ମାଣ ସହ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରକଳ୍ପ ଓ ବିଭାଗୀୟ ଯୋଜନାଗୁଡ଼ିକୁ ସମୟବଦ୍ଧ ଓ ସମନ୍ୱିତ ଭାବେ କାର୍ଯ୍ୟାନ୍ୱୟନ କରିବା ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରହିଲେ ଲକ୍ଷ୍ୟ ସାଧିତ ହେବ ବୋଲି କହି ଜିଲ୍ଲାପାଳ ଉଲ୍ଲେଖ କରିଥିଲେ ଯେ ପ୍ରତ୍ୟେକ ବିଭାଗର ସଫଳତା ହିଁ ସମଗ୍ର ଜିଲ୍ଲାର ସଫଳତା। ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାରମାନେ ଉପସ୍ଥିତ ଥିଲେ।

● ଯୁବ ସମାଜସେବୀ ସଂଗ୍ରାମ ପଣ୍ଡାଙ୍କ ଅଭିନବ ପ୍ରୟାସ

# ଭୋକିଲା ଲୋକଙ୍କ ପାଇଁ ଖାଦ୍ୟ କୁପନ୍



ବାଲେଶ୍ୱର, ୧।୧(ସମିସ): ଅସହାୟ ଓ ଗରିବ ଲୋକମାନେ ନିଜ ପାଇଁ ଦୁଇ ଓଳି ଖାଦ୍ୟ ବ୍ୟବସ୍ଥା କରିବା କଷ୍ଟସାଧ୍ୟ। ଏପରି ସ୍ଥିତିରେ କେତେବେଳେ ଗୋଟିଏ ଓଳି ଖାଦ୍ୟ ଖାଇ ଅନ୍ୟ ଓଳି ଉପାସ ରହିବାକୁ ପଡ଼ିଥାଏ। ଏହାକୁ ଦୃଷ୍ଟିରେ ରଖି ବାଲେଶ୍ୱରର ଯୁବ ସମାଜସେବୀ ତଥା ସାମାଜିକ ସଂଗଠନ ଦି ନ୍ୟୁ ହୋପ୍‌ର ମ୍ୟାନେଜିଙ୍ଗ ଟ୍ରଷ୍ଟି ସଂଗ୍ରାମ ପଣ୍ଡା ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ନୂଆବର୍ଷରେ ଭୋକିଲା ଲୋକଙ୍କୁ ଖାଦ୍ୟ ଯୋଗାଇବା ପାଇଁ ଯୋଜନା ଶୁଭାରମ୍ଭ କରିଛନ୍ତି। ଭୋକିଲା ଲୋକଙ୍କୁ ଶ୍ରୀ ପଣ୍ଡା ଠାବ କରି ଏକ ଖାଦ୍ୟ କୁପନ ପ୍ରଦାନ କରିବେ ଏବଂ ସେହି କୁପନଟିକୁ ସେହି ଭୋକିଲା ଲୋକ ନିକଟସ୍ଥ ଖାଦ୍ୟ ଦୋକାନ କିମ୍ବା ହୋଟେଲରେ ଜମା ଦେଲେ ହୋଟେଲ ମାଲିକ ତାଙ୍କୁ ଖାଦ୍ୟ ଦେବେ ଏବଂ ସେହି ଖାଦ୍ୟର ପ୍ରାପ୍ୟ ଶ୍ରୀ ପଣ୍ଡା ହୋଟେଲ ମାଲିକଙ୍କୁ ଅନଲାଇନ ମାଧ୍ୟମରେ ପଠାଇବେ। ଏହାଦ୍ୱାରା ପ୍ରକୃତ ଭୋକିଲା ଲୋକ ଉପଯୁକ୍ତ ଖାଦ୍ୟ ପାଇପାରିବେ। ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ବିଜୟ କୁମାର ଦାସ, ସଂଗ୍ରାମ ପଣ୍ଡାଙ୍କ ପିତା ହୃଷିକେଶ ପଣ୍ଡା ଯୁବ ସଂଗଠକ ବିକ୍ରମ ପଣ୍ଡା ଏହି କୁପନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅଶ୍ୱିନୀ ଦାସ, ତପନ ଜେନା, ଚିତ୍ତରଞ୍ଜନ ପାଣିଗ୍ରାହୀ, ଚନ୍ଦନ ମଲ୍ଲିକ, ସୁଶାନ୍ତ ରଣା, ଦୀପକ ନନ୍ଦ, ପ୍ରମୋଥ ମାଝୀ, ଦିନେଶ ଖଣ୍ଡେଲୱାଲ, ସୁଶାନ୍ତ ମହାପାତ୍ର, ଆୟୁଷ ପଣ୍ଡା, ରୂପକ ବେହେରା, ସୁଶୀଳ ଜେନା, ଅଜତ ପତି ତନୁଷ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

ନୂଆବର୍ଷ ପାଳନ

# ଧର୍ମାନୁଷ୍ଠାନ ଓ ପର୍ଯ୍ୟଟନ ସ୍ଥଳୀରେ ଭିଡ଼

ବାଲେଶ୍ୱର, ୧।୧(ସମିସ)



ନୂଆବର୍ଷ ସକାଳୁ ସକାଳୁ ଲୋକମାନେ ସହରର ଝାଡେଶ୍ୱର ମନ୍ଦିର, ରାଧାକୃଷ୍ଣ ମନ୍ଦିର, ଶ୍ରୀ ଜଗନ୍ନାଥ ମନ୍ଦିର ସମେତ ରେମୁଣା ସ୍ଥିତ କ୍ଷୀରଚୋରା ଗୋପୀନାଥ ମନ୍ଦିର ଆଦି ବିଭିନ୍ନ ମନ୍ଦିରରେ ଦୀପ ଜାଳି ଦର୍ଶନ କରି ପରିବାର ଏବଂ ସମାଜର ମଙ୍ଗଳ ପାଇଁ ପ୍ରାର୍ଥନା କରିଥିଲେ। ସାଧାରଣ ଜନତା, ରାଜନେତା, ପ୍ରଶାସନିକ ଅଧିକାରୀ ସମସ୍ତଙ୍କୁ ଇଂରାଜୀ ନୂଆବର୍ଷର ଅଭିନନ୍ଦନ ଜଣାଇଛନ୍ତି। ନୂଆବର୍ଷ୨୦୨୬କୁ ବିଭିନ୍ନ ବର୍ଗ ଲୋକେ ନିଜନିଜ ସାଙ୍ଗ ସାଥୀଙ୍କୁ ଶୁଭେଚ୍ଛା ଜଣାଇଥିବା ବେଳେ ପୁଲିସ ଓ ଜିଲ୍ଲା ପ୍ରଶାସନର ଅଧିକାରୀ ଓ କର୍ମଚାରୀମାନେ ନିଜସ୍ୱ ବିଭାଗୀୟ ଅଧିକାରୀମାନଙ୍କୁ ନୂଆବର୍ଷର ଅଭିନନ୍ଦନ ଜଣାଇଛନ୍ତି।

ନୀଳଗିରି : ଇଂରାଜୀ ନବବର୍ଷ ୨୦୨୬ ଉପଲକ୍ଷେ ନୂଆ ଆଶା ଭରସା ଓ ବିଶ୍ୱାସ ନେଇ ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର, ପଞ୍ଚଲିଙ୍ଗେଶ୍ୱର ଓ ମା' ଭୂଧାରଚଣ୍ଡୀଙ୍କ ପୀଠରେ ହଜାର ହଜାର ଭକ୍ତ ଏବଂ ପର୍ଯ୍ୟଟକଙ୍କ ଗହଳି। ବର୍ଷର ପ୍ରଥମ ଦିନରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତମାନେ ରାତ୍ରି ସାଢ଼େ ୪ରୁ ଶ୍ରଦ୍ଧାଳୁଙ୍କ ଭିଡ଼ ମନ୍ଦିର ଭିତରେ ଲାଗିରହିଥିଲା। ଭକ୍ତ ଆରାଧ୍ୟ ଦେବତାଙ୍କୁ ହାତ ଟେକି ନିଜ ନିଜର ଦୁଃଖ କଷ୍ଟ ଭାବର ଠାକୁରଙ୍କୁ ସମର୍ପି ଦେଇଥିଲେ। ସେପଟେ ଭକ୍ତଙ୍କ ପ୍ରବଳ ଭିଡକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ବେଶ୍ କଡାକଡି କରିଥିଲା ନୀଳଗିରି ପ୍ରଶାସନ। ସେହିପରି ନୀଳଗିରିରୁ ମାତ୍ର ୫ କି.ମି. ଦୂର ସଜନାଗଡ଼ ଠାରେ ଶହ ଶହ ବର୍ଷ ପୂର୍ବେ ପ୍ରତିଷ୍ଠିତ ଅଧିଷ୍ଠାତ୍ରୀ ଦେବୀ ମା' ଭୂଧାରଚଣ୍ଡୀଙ୍କ ପୀଠରେ ଶହ ଶହ ଭକ୍ତଙ୍କ ଗହଳି ଲାଗିରହିଥିଲା। ଏହା ସହ ପ୍ରାକୃତିକ ପ୍ରାଚୁର୍ଯ୍ୟତାର ଗନ୍ତାଘର ନୀଳଗିରି ନିକଟ କେଉଁ ଆବାହନ କାଳରୁ ଦେବଗିରି ପର୍ବତମାଳାର ଏକ ଚିରସ୍ରୋତା ଝରଣାର ପଥର ଖୋଲ ମଧ୍ୟରେ ଆବିର୍ଭୂତ ହୋଇଥିବା ପାଞ୍ଚଟି ଲିଙ୍ଗଙ୍କୁ ଭକ୍ତ ଓ ପର୍ଯ୍ୟଟକ ଦର୍ଶନ କରିବା ପାଇଁ ପଞ୍ଚଲିଙ୍ଗେଶ୍ୱରରେ ମଧ୍ୟ ଭିଡ ଲାଗି ରହିଥିଲା। ଏହା ସହ କୁଲଡିହା ଅଭୟାରଣ୍ୟ ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବନ ବିଭାଗ ପକ୍ଷରୁ ଗୋହିରାଭୋଳ ଠାରେ ରାତ୍ରିରେ ରହଣୀ ନିମନ୍ତେ ରିଷିଆ ପ୍ରକୃତି ନିବାସରେ ତମ୍ବୁଘର, ପିଇବା ପାଣି, ଶୌଚାଳୟ ଏବଂ ଆଲୋକର ବ୍ୟବସ୍ଥା ରୁଚିକର ଖାଦ୍ୟର ଅନୁଭୂତି ନୂଆବର୍ଷରେ ପର୍ଯ୍ୟଟକମାନଙ୍କୁ ଅଧିକ ଆକର୍ଷିତ କରିଛି। କୁଲଡିହା ଅଭୟାରଣ୍ୟ ଭିତରେ ବଣଭୋଜିର ଅନୁମତି ନଥିବାରୁ କେହି କେହି ରିଷିଆ ଡ୍ୟାମ୍ ନିକଟରେ ବଣଭୋଜିର ମଜା ନେଉଛନ୍ତି।

## ଚନ୍ଦନେଶ୍ୱର ଶୈବପୀଠରେ ଭକ୍ତଙ୍କ ଗହଳି

ଚନ୍ଦନେଶ୍ୱର, ୧।୧ (ସମିସ): ପବିତ୍ର ନୂଆବର୍ଷ ଉପଲକ୍ଷେ ବିଶ୍ୱ ପ୍ରସିଦ୍ଧ ଚନ୍ଦନେଶ୍ୱର ଓ ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱରଙ୍କ ମନ୍ଦିରରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। ସକାଳ ଠାରୁ ଭକ୍ତମାନେ ଲମ୍ବା ଧାଡ଼ିରେ ଚନ୍ଦନେଶ୍ୱରଙ୍କ ଗର୍ଭଗୃହ ମଧ୍ୟରେ ପୂଜାର୍ଚ୍ଚନା କରିଥିଲେ। ଏଥିପାଇଁ ସେବାୟତ ସଂଘ ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେହିଭଳି ମନୋରମ ବେଳାଭୂମି



ତାଳସାରୀ, ଉଦୟପୁର, ବିଚିତ୍ରପୁର ଇକୋ ଟୁରିଜିମ ଓ ପ୍ରକୃତି ନିବାସ ସହିତ ପଡୋଶୀ ଦୀଘାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ଏଥିପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକମାନେ ଆସି ସମୁଦ୍ରରେ ବୁଡ଼ ପକାଇବା ସହିତ ସୂର୍ଯ୍ୟଦର୍ଶନ କରିଥିଲେ। ଦୀଘା, ଅମରକ୍ଷବତୀ ପାର୍କ, ସାଇନ୍ସ ମ୍ୟୁଜିୟମ, ଢେଉସାଗର ଓ ଦୀଘା ଜଗନ୍ନାଥ ମନ୍ଦିରରେ ନୂଆବର୍ଷ ଉପଲକ୍ଷେ ପ୍ରବଳ ଜନସମାଗମ ହୋଇଥିଲା।

## ମହିଳାଙ୍କ ସହ ଶିଶୁପୁତ୍ର ନିଖୋଜ

ସୋର, ୧।୧(ସମିସ): ସୋର ଥାନା ଅନନ୍ତପୁର ଗ୍ରାମର ଜଣେ ମହିଳା ତାଙ୍କର ୬ ବର୍ଷର ଶିଶୁପୁତ୍ର ସହ ନିଖୋଜ ହେବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ସନ୍ତୋଷ ଜେନା ଗତ ନଭେମ୍ବର ୧୫ରେ କାମକୁ ଯାଇଥିଲେ। କାମରୁ ଫେରିବା ପରେ ତାଙ୍କର ସ୍ତ୍ରୀ ସୁଜାତା ଜେନା ଏବଂ ୬ ବର୍ଷର ଶିଶୁପୁତ୍ର ଘରେ ନ ଥିବା ଜାଣିପାରି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରି ନ ପାଇ ଗତ ୩୧ ତାରିଖରେ ସନ୍ତୋଷ ଏ ବାବଦରେ ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ନୀଳଗିରି, ୧।୧ (ସମିସ): ନୂଆବର୍ଷ ଅବସରରେ ସାଙ୍ଗଙ୍କ ସହିତ ଭୋଜି କରିବାକୁ ଯାଇଥିବା ଜଣେ ଯୁବକ ଭାଲୁ ଆକ୍ରମଣରର ଶିକାର ହୋଇ ଗୁରୁତର ହୋଇଥିବା ଜଣାଯାଇଛି। ନୀଳଗିରି ବ୍ଲକ ତେନ୍ତୁଳିଆ ପଞ୍ଚାୟତ କାଣିଗଡ଼ିଆ ଗ୍ରାମର ଅଜୟ ସାରୁଙ୍କ ପୁଅ ସୁମନ୍ତ (୨୦) ଆଜି ସକାଳେ ନିକଟସ୍ଥ ଚଟାଣକୁ ଭୋଜି କରିବାକୁ ଯାଇଥିବାବେଳେ ଶୌଚଲାଗିବାରୁ ପାଖ ବୁଦା ଉହାଡକୁ ଶୌଚ କରିବାକୁ ଯାଇଥିବା ବେଳେ ହଠାତ୍ ଏକ ଭାଲୁ ସୁମନ୍ତକୁ ଅତର୍କିତ ଆକ୍ରମଣ କରିଥିଲା। ଚିତ୍କାର କରିବାରୁ ସାଙ୍ଗମାନେ ଘଟଣାସ୍ଥଳରେ ପହଞ୍ଚିବାରୁ ଭାଲୁଟି ଜଙ୍ଗଲ ମଧ୍ୟକୁ ପଳାଇ ଯାଇଥିଲା। ଆକ୍ରମଣରେ ସୁମନ୍ତଙ୍କ ଛାତି, ଗୋଡ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ ବରହମପୁର ପରେ ବାଲେଶ୍ୱର ମେଡିକାଲ କଲେଜରେ ଭର୍ତ୍ତିକରି ଚିକିତ୍ସା କରାଯାଉଥିବା ସୂଚନା ମିଳିଛି।

## କାର୍ ସହ ଗଞ୍ଜେଇ ଜବତ, ଜଣେ ଗିରଫ

ବାଲେଶ୍ୱର, ୧।୧(ସମିସ): ନୂଆ ବର୍ଷ ଆରମ୍ଭରୁ ବାଲେଶ୍ୱରରେ ଧରା ହୋଇଛି ଗଞ୍ଜେଇ। ଅବକାରୀ ମୋବାଇଲ ସ୍କ୍ୱାର୍ଡ ଆଜି ଶେରଗଡ଼ ଓଭରବ୍ରିଜ ଠାରେ ଚଢ଼ାଉ କରି ଚୋରା ଚାଲାଣ ହେଉଥିବା ୩୫କେଜି ଗଞ୍ଜେଇ ସମେତ ଜଣେ ବେପାରୀକୁ ମଧ୍ୟ ଗିରଫ କରିଛି। ଗିରଫ ବେପାରୀ ଜଣକ ହେଉଛନ୍ତି ଫୁଲବାଣି ଅଞ୍ଚଳର ଅମରେଶ ସୁବୁଦ୍ଧି(୪୭)। ମୋବାଇଲ ଅବକାରୀ ବିଭାଗ ଆଜି ଭୋର ସମୟରେ ଖବର ପାଇଥିଲା ଯେ ଏକ କାର ଯୋଗେ କିଛି ଗଞ୍ଜେଇ ବାଲେଶ୍ୱର ଆସିଛି। ମୋବାଇଲ ଟିମ ୧୬ନମ୍ବର ଜାତୀୟ ରାଜପଥ ସେରଗଡ଼ ଓଭରବ୍ରିଜ ତଳେ ଚଢ଼ାଉ କରିଥିଲେ। ଏକ କାରରେ ଦୁଇଟି ଅଖାବସ୍ତା ବନ୍ଧା ହୋଇଥିବା ମିଳିଥିଲା। ଅବକାରୀ ବିଭାଗ ଯାଞ୍ଚ ପରେ ସେଥିରେ ଗଞ୍ଜେଇ ରହିଥିବା ଜାଣିବାକୁ ପାଇଥିଲା। ଯାହାକି ୩୫କେଜି ରହିଥିଲା। ଗଞ୍ଜେଇ ଫୁଲବାଣୀରୁ ବାଲେଶ୍ୱରରେ ବିକ୍ରି ଉଦ୍ଦେଶ୍ୟରେ ଆସିଥିଲା। ତେବେ ଅବକାରୀ ବିଭାଗ ଉକ୍ତ ଗାଡିଟିକୁ ଜବତ କରିବା ସହ ଅମରେଶକୁ ଗିରଫ କରିଥିଲା। ଜବତ ଗଞ୍ଜେଇର ମୂଲ୍ୟ ୩ ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଚଢ଼ଉରେ ଅବକାରୀ ମୋବାଇଲ ସ୍କ୍ୱାର୍ଡ ଅଧିକାରୀ ହରିହର ସିଂ, ସବ ଇନସପେକ୍ଟର ଭବେଶ ଦାସ, ଏଏସଆଇ ଲମ୍ବୋଦର ମହାନ୍ତ, କନେଷ୍ଟବଳ ସୁନାରାମ ସୋରେନ ପ୍ରମୁଖ ସାମିଲ ଥିଲେ।

## ରେଲଧାରଣା ପୋଲ ନିକଟରୁ ମୃତଦେହ ଉଦ୍ଧାର

ବାଲେଶ୍ୱର, ୧।୧(ସମିସ): ସହଦେବଖୁଣ୍ଟା ପୁଲିସ ଏକ ଅଜଣା ବୃଦ୍ଧାଙ୍କ ମୃତଦେହକୁ ଉଦ୍ଧାର କରିଛି। ତେଲେଙ୍ଗାସାହି ନିକଟସ୍ଥ ନୂଆ ରେଲଧାରଣା ବ୍ରିଜ ନିକଟରେ ଏକ ବୃଦ୍ଧା ପଡ଼ିଥିବା ପୁଲିସ ଖବର ପାଇଥିଲା। ଖବର ଅନୁସାରେ ପୁଲିସ ଘଟଣା ସ୍ଥଳରେ ପହଁଚିବା ପରେ ଜାଣିବାକୁ ପାଇଥିଲେ ଯେ ଉକ୍ତ ବୃଦ୍ଧା ମହିଳାଙ୍କ ମୃତ୍ୟୁ ହୋଇଯାଇଛି। ତାଙ୍କର ବୟସ ୬୫ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସେଠାରୁ ପୁଲିସ ମହିଳାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଚିହ୍ନଟ ପାଇଁ ୭୨ଘଣ୍ଟା ରଖାଯାଇଛି ବୋଲି ଥାନା ଅଧିକାରୀ ବିରଞ୍ଚି ସାହୁ ସୂଚନା ଦେଇଛନ୍ତି।

## କୀଟ କବଳରେ ନିମ୍ବ ଓ କୋଚିଲା ଗଛ

ବାଲେଶ୍ୱର, ୧।୧(ସମିସ): ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତର ଜମ୍ବେଶ୍ୱର ପୁର ଗ୍ରାମରେ ଅବସରପ୍ରାପ୍ତ ଉପ ନିର୍ଦ୍ଦେଶକ ପଶୁସମ୍ପଦ ବିଭାଗର ଡାକ୍ତର ପରମାନନ୍ଦ ସେଠୀଙ୍କ ବାସଭବନରେ ଥିବା ବିଶାଳ ନିମ୍ବ ଗଛ ଓ କୋଚିଲା ଗଛରେ ବହୁଳ ସଂଖ୍ୟାରେ ଅଦ୍ଭୁତ କୀଟ ଦେଖାଦେଇଛି। ସେମାନଙ୍କୁ କୀଟନାଶକ ପ୍ରୟୋଗ କଲେବି କିଛି ଫରକ ପଡୁନି। ଅଧିକନ୍ତୁ ଯେଉଁ ଗଛରେ ଲାଗୁଛନ୍ତି ସେଥିରେ ଧଳା ଚିହ୍ନ ଦେଖାଯାଉଛି, ଗଛର ପତ୍ର ସବୁ ଅବେଳରେ ଝଡିପଡୁଛି। ଏ ବାବଦରେ ପ୍ରକୃତି ପ୍ରେମୀ ମୋନାଲିସା ସେଠୀ ପ୍ରଦୂଷଣରେ ବାଲେଶ୍ୱର ବର୍ତ୍ତମାନ ସମଗ୍ର ଦେଶରେ ଏକ



ନମ୍ବରରେ ଥିବାବେଳେ ଏଭଳି ବିଶାଳ ଗଛ ମଡକ ଦେଖାଯିବା ଚିନ୍ତାର ବିଷୟ ବୋଲି ଜଣାଇଛନ୍ତି। କେବଳ ଗଛ ହିଁ ପ୍ରକୃତିକୁ ସୁସ୍ଥ ରଖିବାର ଏକ ମାତ୍ର ବିକଳ୍ପ। ପ୍ରଶାସନକୁ ଏବାବଦରେ ହସ୍ତକ୍ଷେପ କରିବା ସହ ସ୍ୱତନ୍ତ୍ର କୀଟତତ୍ତ୍ୱ ଓ ଉଦ୍ଭିଦ ବିଶେଷଜ୍ଞମାନଙ୍କ ସହାୟତା ଭିକ୍ଷା କରିଛନ୍ତି। ଯାହା ଫଳରେ ଏହି ଅଦ୍ଭୁତ କୀଟ ଚିହ୍ନଟ ହେବା ସହ ଆଗାମୀ ଦିନରେ ଏମାନଙ୍କ ଦ୍ୱାରା ସୃଷ୍ଟି ହେଉଥିବା ତାଣ୍ଡବ ଲୀଳାର ପରିସମାପ୍ତି ଘଟିବ। ବର୍ତ୍ତମାନ ପର୍ଯ୍ୟନ୍ତ ସାଧାରଣ ମଣିଷଙ୍କୁ କୌଣସି କ୍ଷତି କରିନଥିବା ବେଳେ ଏମାନଙ୍କ ସଂଖ୍ୟା ବଢ଼ିଚାଲିଲେ ନିଶ୍ଚିତ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେବ।

## ଉତ୍ସବ ଉତ୍ତର ଓଡ଼ିଶାର ପଞ୍ଚମ ସନ୍ଧ୍ୟା

ବାଲେଶ୍ୱର, ୧।୧(ସମିସ): ସ୍ଥାନୀୟ ଆଇଟିଆଇ ପଡ଼ିଆଠାରେ ଗତ ୨୮ ତାରିଖରୁ ଉଦଘାଟିତ ହୋଇଥିବା ଉତ୍ସବ ଉତ୍ତର ଓଡ଼ିଶାର ଗୁରୁବାର ହେଉଛି ପଞ୍ଚମ ସନ୍ଧ୍ୟା। ଏହି ଉତ୍ସବ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଉତ୍ସବ ଉତ୍ତର ଓଡ଼ିଶାର ସମ୍ପାଦକ ସତ୍ୟରଞ୍ଜନ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଭୋଗରାଇର ବିଜେପି ନେତା ଆଶିଷ ପାତ୍ର, ସମ୍ମାନିତ ଅତିଥି ଭାବେ ନୋସିର



ସଭାପତି ପିକେ ଦାବେ ଯୋଗଦେଇ ଥିଲେ। ପ୍ରାରମ୍ଭରେ ଉତ୍ସବରେ ଉତ୍ସବ ଉତ୍ତର ଓଡ଼ିଶା ସାଂସ୍କୃତିକ ଉପଦେଷ୍ଟା ସଞ୍ଜୀବ ଗିରି ମଞ୍ଚ ଆହ୍ୱାନ କରିଥିଲେ। ଉତ୍ସବ ଉତ୍ତର ଓଡ଼ିଶାର ସଭ୍ୟା ତଥା କାଉନସିଲର ମିନା ମହାନ୍ତି ଧନ୍ୟବାଦ ଦେଇଥିଲେ। ସୁନାମଧନ୍ୟ ବଲିଉଡ୍ କଣ୍ଠଶିଳ୍ପୀ ପିୟୁ ଦେଙ୍କ ସଙ୍ଗୀତରେ ଦର୍ଶକମାନେ ଝୁମିଥିଲେ।

## ନବବର୍ଷରେ ପୂଜ୍ୟପୂଜା ସଂସଦର ସହାୟତା

ସୋର, ୧।୧ (ସମିସ): ସୋର ରେଓଦା ଗ୍ରାମରେ ଗଢି ଉଠିଥିବା ପୂଜ୍ୟପୂଜା ସଂସଦ ସେବା ସଙ୍ଗଠନ ନୂଆ ବର୍ଷରେ ପ୍ରତ୍ୟେକ ବର୍ଷ ସାହାଯ୍ୟର ହାତ ବଢ଼ାଇ ସବୁବେଳେ ଉଚ୍ଚ ପ୍ରଶଂସିତ ହୋଇଛି।



ଆଜି ଗୋପାଳପୁର ପଞ୍ଚାୟତ ସାରଙ୍ଗପୁର ଗ୍ରାମର ବିଜୟ କୁମାର ଶିଅଳ ୪ ବର୍ଷ ଧରି ମୁଖ ଗହ୍ୱର କର୍କଟରେ ପୀଡ଼ିତ ହୋଇ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପୂଜ୍ୟପୂଜା ସଂସଦ ପରିବାରକୁ ନିବେଦନ କରିଥିଲେ। ପୂଜ୍ୟପୂଜା ସଂସଦ ପରିବାର ତରଫରୁ ତାଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ. ପରବର୍ତ୍ତୀ ପର୍ଯ୍ୟାୟରେ କେଦାରପୁର ପଞ୍ଚାୟତ କଣ୍ଠାବାଙ୍କି ଗ୍ରାମର ଅସହାୟ ମାଆ ଲକ୍ଷ୍ମୀ ନାୟକ ଆଜକୁ ଅନେକ ଦିନ ଧରି ପକ୍ଷାଘାତ ରୋଗୀରେ ଆକ୍ରାନ୍ତ ହୋଇ ଚିକିତ୍ସା ଅଭାବରୁ ବହୁତ କଷ୍ଟ ପାଉଥିଲେ, ପୂଜ୍ୟପୂଜା ସଂସଦ ପରିବାର ତାଙ୍କ ପାଖରେ ପହଞ୍ଚି ତାଙ୍କର ଶୋଇବା ପାଇଁ ଫୋମ୍ ବେଡ୍, କମ୍ବଳ, ଗୋଟିଏ ମାସର ଗ୍ରୋସେରି ଓ ୬ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ଅଜୟ କୁମାର ଦାସ ଓ ସଭାପତି ଅକ୍ଷୟ କୁମାର କରଙ୍କ ସହ ସାରସ୍ୱତ ମହାବିଦ୍ୟାଳୟ ଇଂରାଜୀ ଅଧ୍ୟାପକ ହରିହର ଦାସ, ମିହିର ପାଣି, ଶିକ୍ଷକ ରାଜେଶ ସାହୁ, ଭରତ ବେହେରା, ଅନନ୍ତ ପଲେଇ, ସୁଧାକର ଦାସ, ଦିପ୍ତୀକାନ୍ତ ରାଉତ, ଭଗବାନ ପଣ୍ଡା, ଚନ୍ଦ୍ରଶେଖର ବେହେରା, ଭଗବାନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର; ୩୫ ୟୁନିଟ ସଂଗୃହୀତ

ଚନ୍ଦନେଶ୍ୱର, ୧।୧(ସମିସ) : ଭୋଗରାଇର ଶ୍ରଦ୍ଧାପୁର ପଞ୍ଚାୟତ ନାଫରାଇ ନୀଳଚକ୍ର କ୍ଲବ ଓ ନାଗରିକ ସୁରକ୍ଷା ପରିଷଦ ଭୋଗରାଇ ମିଳିତ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶମ୍ଭୁନାଥ ଜେନା ଶିବିର ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟାଙ୍କ ପ୍ରତିନିଧି ଗୌରହରି ମଣ୍ଡଳ, ପୂର୍ବତନ ସମିତି ସଭ୍ୟ ସୁଶାନ୍ତ ନାୟକ ପ୍ରମୁଖ ଯୋଗ ଦେଇ ରକ୍ତ ଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରୁ ମୋଟ ୩୫ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଡାକ୍ତର ଉତ୍ତର ଦଣ୍ଡପାଟ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବାବେଳେ ଜିଲ୍ଲା ରକ୍ତକେନ୍ଦ୍ରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ନୀଳଚକ୍ର କ୍ଲବର ସଭାପତି ସୁବାସ ଚାନ୍ଦ, ସମ୍ପାଦକ ଶାଶ୍ୱତ ଜେନା, କୋଷାଧ୍ୟକ୍ଷ ଲମ୍ବୋଦର ଜେନା, ସଦସ୍ୟ ନନୀଗୋପାଳ ଜେନା, ଚନ୍ଦନ ଜେନା, ରାଜୀବ ଜେନା, ଦିଲ୍ଲୀପ ମହାନ୍ତି, ସୁଶାନ୍ତ ମହାନ୍ତି, ବିଜୟ ଜେନା, ସୁଜିତ ଜେନା, ରଞ୍ଜନ ଜେନା, ଅଶୋକ ଜେନା, ସନ୍ତୋଷ ଜେନା, ଲକ୍ଷ୍ମୀନାରାୟଣ ଚାନ୍ଦ, ନୀଳଚକ୍ର କ୍ଲବର ସମସ୍ତ ସଦସ୍ୟମାନେ ରକ୍ତଦାନ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ଆଲୋଚନାଚକ୍ର

ଜଳେଶ୍ୱର, ୧।୧ (ସମିସ): ଜଳେଶ୍ୱର ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ଆଲୋଚନାଚକ୍ର ଭଞ୍ଜ ଭବନରେ ଅନୁଷ୍ଠିତ ହୋଇଯାଇଛି। ଡ. ରମାକାନ୍ତ ଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମଞ୍ଚ ତରଫରୁ ସଫଳତାର ସହ ଅନୁଷ୍ଠିତ ହୋଇଥିବା ବିଭିନ୍ନ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ବରିଷ୍ଠ ନାଗରିକ ମାନଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ କରିବା, ଜଳେଶ୍ୱରବାସୀଙ୍କ ସମୂହ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଜଳେଶ୍ୱର - ପଶ୍ଚିମବାଡ ରାସ୍ତାର ୪୬ନଂ ରେଳ ଫାଟକ ନିକଟରେ ରେଳ ଓଭରବ୍ରିଜ ନିର୍ମାଣ, ଜଳେଶ୍ୱର ରେଳ ଷ୍ଟେସନରେ ନୂତନ ଟ୍ରେନର ରହଣି, ପାସେଞ୍ଜର ଟ୍ରେନ ଯାତ୍ରାରେ ଏକ୍ସପ୍ରେସ ଟ୍ରେନର ଯାତ୍ରୀଭଡା ଆଦାୟକୁ ବିରୋଧ ଏବଂ ପୂର୍ବଭଳି ବରିଷ୍ଠ ନାଗରିକଙ୍କୁ ଟ୍ରେନ ଯାତ୍ରାରେ ରିହାତି ଆଦି ଦାବିଗୁଡିକ ପୂରଣ ନିମନ୍ତେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରାଯିବାର ଦୃଢ ମତ ପ୍ରକାଶ ପାଇଥିଲା। ଏହି ବୈଠକରେ ଉପଦେଷ୍ଟା ଡ. ଶ୍ରୀକାନ୍ତ ଚରଣ ପାତ୍ର, କ୍ଷେତ୍ରମୋହନ ଗିରି, ରମେଶ ଚନ୍ଦ୍ର ନାୟକ, ସମ୍ପାଦକ ଡକ୍ଟର ଲଳିତ ରଞ୍ଜନ ସେନାପତି, କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ଉପ ସଭାପତି କପିଳେଶ୍ୱର ମହାନ୍ତି, ସହ ସମ୍ପାଦକ ଶ୍ରୀମନ୍ତ କୁମାର ଘୋଷ, ଯୁଗ୍ମ ସମ୍ପାଦିକା ଅପର୍ଣ୍ଣା ଚୌଧୁରୀ, କୋଷାଧ୍ୟକ୍ଷ ସିଦ୍ଧେଶ୍ୱର ତ୍ରିପାଠୀ, ଶିକ୍ଷାବିତ ଶ୍ୟାମା ଚରଣ ଦାସ, ଜିତାରମ ଦେ, ବନମାଳୀ ଧଳ, ସୁନିଲ କୁମାର ନାୟକ, ଦିଲ୍ଲୀପ କୁମାର ଗିରି, ସୀତାଂଶୁ ସେନାପତି, ଜିତାଂଶୁ ନନ୍ଦୀ, ସୁବ୍ରତ ବେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲ।

## ବିଶ୍ୱଧର୍ମ ଜାଗରଣ ସଂଘ ପକ୍ଷରୁ ସମନ୍ୱୟ ଧର୍ମସଭା



ଲଙ୍ଗଳେଶ୍ୱର, ୧।୧(ସମିସ) : ବସ୍ତା ବ୍ଲକ ସାହାଡ଼ା ପଞ୍ଚାୟତର ଗୋତୁଡିହା ରାହାସ ମଣ୍ଡପ ପରିସରରେ ବୁଧବାର ୩୧ତମ ବିଶ୍ୱ ଧର୍ମ ଜାଗରଣ ସଂଘ ପକ୍ଷରୁ ସମନ୍ୱୟ ଧର୍ମସଭା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ପାଲା ଗାୟକ ପିତାମ୍ବର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବରେ ଚିତ୍ରଶିଳ୍ପୀ ରାମଚନ୍ଦ୍ର ଦାସ, ପ୍ରବଚକ ରାମହରି ଜେନା, ସାମ୍ବାଦିକ ଭୀଷ୍ମ ଚରଣ ମଲ୍ଲିକ, ସୁଧାଂଶୁ ଭୂୟାଁ, ଦାଶରଥି ପଟାୟତ, ଶଶଧର ମଲ୍ଲିକ, ପ୍ରମୁଖ ଯୋଗଦେଇ ଧର୍ମର ବିଭିନ୍ନ ଆଭଜ୍ଞାନ ସମ୍ପର୍କରେ ଆଲୋଚନା କରିଥିଲେ। ସଂଘର ସମ୍ପାଦକ ହରେକୃଷ୍ଣ ମଲ୍ଲିକ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ସଦସ୍ୟ ନିରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। କୌଶଲ୍ୟା ପଟାୟତ, ସନ୍ଧ୍ୟାରାଣୀ ମଲ୍ଲିକ, ଲମ୍ବୋଦର ମଲ୍ଲିକ, ଜ୍ୟୋତ୍ସ୍ନା ରାଣୀ ଦିନ୍ଧା, ପ୍ରତିମା ମଲ୍ଲିକ, ଗୀତାରାଣୀ ଦିନ୍ଧା, ଅନାଦି ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭୋଗରାଇ ଉତ୍ସବ ଉଦ୍‌ଘାଟିତ



ବାଲେଶ୍ୱର(ଉତ୍ତର)/ଭୋଗରାଇ, ୧।୧(ସମିସ)

ଭୋଗରାଇ ଉତ୍ସବ ହେଉଛି ଏକ ନିଆରା ଉତ୍ସବ। ଉଭୟ ପଡ଼ୋଶୀ ବଙ୍ଗ ଓ ଉତ୍କଳ ଦୁଇ ରାଜ୍ୟର ଅଧିବାସୀଙ୍କ ମଧ୍ୟରେ ସମ୍ପର୍କ ଓ ଭାଇଚାରା ସୃଷ୍ଟି କରିବା ସହିତ ମାତୃଭୂମିର ଗୁଣଗାନ କରିବାର ମଉକା ଦେଇଥାଏ ବୋଲି ଆଜି ଭୋଗରାଇ ଉତ୍ସବ ୨୦୨୫ ଉଦଘାଟନ ଅବସରରେ ଯୋଗ ଦେଇଥିବା ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଞ୍ଚାୟତ ଥାନାଛକ ହ୍ୟାଲିପେଡ ପଡ଼ିଆରେ ଅନୁଷ୍ଠିତ ହେଉଥିବା ଉତ୍ସବକୁ ମୁଖ୍ୟଅତିଥି ଓ ଉଦ୍‌ଘାଟକ ଭାବେ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ମିଶ୍ର ଯୋଗ ଦେଇ ଉଦଘାଟନ କରିଥିଲେ। ଉତ୍ସବ କମିଟିର ସଭାପତି ପ୍ରମଥ କୁମାର ଗିରିଙ୍କ ପୌରୋହିତ୍ୟ ରେ ପରିଚାଳିତ ସଭାରେ ମୁଖ୍ୟ ଅତିଥି ପ୍ରଫେସର ମିଶ୍ର, ମୁଖ୍ୟ ବକ୍ତା ଭାବେ ଫକୀରମୋହନ ମେଡ଼ିକାଲ କଲେଜର ଅବସରପ୍ରାପ୍ତ ଡିନ ଡ. ରାମଚନ୍ଦ୍ର ଗିରି, ସମ୍ମାନିତ ବକ୍ତା ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ଦାସ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଉତ୍ସବ କମିଟିର ସାଧାରଣ ସମ୍ପାଦକ ସୁନିଲ କୁମାର କର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ କବି ଶ୍ରୀକୁମାର ଘୋଷ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ ଓ ପରିଚୟ ପ୍ରଦାନ କରିଥିଲେ। ଶେଷରେ ଉତ୍ସବ କମିଟିର ସଦସ୍ୟ ଯଜ୍ଞେଶ୍ୱର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ଉଦ୍‌ଘାଟନ ଅବସରରେ କମିଟିର ଉପଦେଷ୍ଟା ଇଂ ରବୀନ୍ଦ୍ର ମହାନ୍ତି, ପଙ୍କଜାକ୍ଷ ପଣ୍ଡା, ଉତ୍ସବ କମିଟିର କାର୍ଯ୍ୟକାରୀ ସଦସ୍ୟ ସନ୍ତୋଷ ଜେନା, ଅଂଶୁମାନ ମହାନ୍ତି, ରମାକାନ୍ତ କରଣ, ଗୋପବନ୍ଧୁ ମହାପାତ୍ର, ରଘୁନାଥ ମହାନ୍ତି, ଆଶିଷ ମହାନ୍ତି, ପ୍ରଦୀପ ନାୟକ, ପରିମଳ ମହାନ୍ତି, ମମତା ସାହୁ, ଦିପେଶ ରାୟ, ନିଶେଷ ଦେବ, ବରେନ୍ଦ୍ର ପାତ୍ର, ରାଜକୁମାର ଦାସ, ତାପସ ଚନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସରିଲା ସୀମାନ୍ତ ଗ୍ରାମୀଣ ମହୋତ୍ସବ ଓ ଉତ୍କଳ ବଙ୍ଗ ମୈତ୍ରୀ ଉତ୍ସବ




ଜଳେଶ୍ୱର, ୧।୧(ସମିସ)

ସୀମାନ୍ତ ଗ୍ରାମୀଣ ମହୋତ୍ସବ ଓ ଉତ୍କଳ ବଙ୍ଗ ମୈତ୍ରୀ ଉତ୍ସବର ଉଦଯାପନୀ ଅନୁଷ୍ଠିତ ହୋଇଯାଇଛି। ଉଦଯାପନୀ ସଭାରେ ମହୋତ୍ସବ କମିଟିର ସଭାପତି କାର୍ତ୍ତିକ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ସୁନିଲ କୁମାର ନାୟକ, ବିଜେପି ନେତା ଫାଲଗୁନ ପାଣିଗ୍ରାହୀ, ମହୋତ୍ସବ କମିଟିର ବରିଷ୍ଠ ସଦସ୍ୟ ପ୍ରାଣକୃଷ୍ଣ ଗିରି, ସମ୍ପାଦକ ମନୋରଞ୍ଜନ ଦାସ, ଅଶୋକ ଦାସ, କାଉନସିଲର ଶିବ ନାରାୟଣ ମହାପାତ୍ର, ଚନ୍ଦ୍ର ମୋହନ ରାଉଳ, ଶ୍ରୀପତି ଘୋଷ, ଘନଶ୍ୟାମ ଗିରି, ସୁଧୀର କର, ଦୁର୍ଗାଶଙ୍କର ଆସ ପ୍ରମୁଖ ମଞ୍ଚାସୀନ ହୋଇ ୧୧ ଦିବସ ବ୍ୟାପୀ ମହୋତ୍ସବର ସଫଳତା ପାଇଁ ଜଳେଶ୍ୱର ବାସୀଙ୍କୁ କୃତଜ୍ଞତା ଜଣାଇଥିଲେ।

ଜଳେଶ୍ୱର ବିକାଶ ପରିଷଦର ସଭାପତି କମଳ ଚକ୍ରବର୍ତ୍ତୀ ଯୋଗଦେଇ ଓଡ଼ିଶା ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଓ ଭାରତ ସାରକଙ୍କ ସଂସ୍କୃତି ବିଭାଗର ପୂର୍ବାଞ୍ଚଳ ଶାଖା ମହୋତ୍ସବକୁ ସହାୟତା ପ୍ରଦାନ କରିଥିବାରୁ କୃତଜ୍ଞତା ଜଣାଇଥିଲେ। ଶେଷରେ ମହୋତ୍ସବ କମିଟି ର କୋଷାଧ୍ୟକ୍ଷ ସୌଭିକ ଜେନା ସମସ୍ତଙ୍କୁ ଧନ୍ୟବାଦ୍ ଜଣାଇଥିଲେ।

## ଚା’ ଖଟିରେ ବିଜୁଳି ଚର୍ଚ୍ଚା

# ଦୁଇ ମାସର ଅଗ୍ରୀମ ସିକ୍ୟୁରିଟି ଦାଖଲ ନିଷ୍ପତ୍ତିକୁ ବିରୋଧ

ରାଜଘାଟ, ୧।୧ (ସମିସ)



ସମ୍ପ୍ରତି ରାଜ୍ୟ ସରକାର ବିଦ୍ୟୁତ ଉପଭୋକ୍ତା ମାନଙ୍କ ଉପରେ ଦୁଇ ମାସର ଅଗ୍ରୀମ ସିକ୍ୟୁରିଟି ଦାଖଲ ନିଷ୍ପତ୍ତିକୁ ବିରୋଧ କରି ଏବଂ ଟାଟା ପାୱାରର ଜୁଲୁମ ବିଷୟରେ ବୁଧବାର ଚା’ ଖଟିରେ ବିଜୁଳି ଚର୍ଚ୍ଚା କାର୍ଯ୍ୟକ୍ରମ ବସ୍ତା ବ୍ଲକ ପାଉଁଶକୁଲି ହାଟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପାଉଁଶକୁଲିର କଂଗ୍ରେସ ନେତା କାର୍ତ୍ତିକ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଂଗ୍ରେସର ବରିଷ୍ଠ ନେତା ସୁଦର୍ଶନ ଦାସ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଦୁଇ ମାସର ଅଗ୍ରିମ ସ୍ୱତନ୍ତ୍ର ସିକ୍ୟୁରିଟି ଡିପୋଜିଟକୁ ବିରୋଧ କରାଯିବା ସହିତ ୩୦୦ ୟୁନିଟ ବିଜୁଳି ଛାଡ କରିବା ପାଇଁ ଜୋରଦାର ଆନ୍ଦୋଳନ ପାଇଁ ଶ୍ରୀ ଦାସ ଆହ୍ୱାନ ଦେଇଥିଲେ। ଦେଶର ଅନ୍ୟ ରାଜ୍ୟମାନେ ସାଧାରଣ ଉପଭୋକ୍ତାମାନଙ୍କୁ ମାଗଣା ବିଜୁଳି ଦେଉଛନ୍ତି। ପଞ୍ଜାବ ୩୦୦ ୟୁନିଟ, ଦିଲ୍ଲୀ ୨୦୦, ମହାରାଷ୍ଟ୍ର ୨୦୦, ଝାଡ଼ଖଣ୍ଡ ୨୦୦, ଆନ୍ଧ୍ର ପ୍ରଦେଶ ୧୫୦, ହିମାଚଳ ୧୨୫ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ଦେଉଥିବା ବେଳେ ଓଡ଼ିଶାର ଜନ ସାଧାରଣଙ୍କୁ ଆଦୌ ବିଜୁଳି ଛାଡ ନ କରିବା କ୍ଷୋଭର ବିଷୟ। ବିଜେପି କ୍ଷମତାକୁ ଆସିବା ପୂର୍ବରୁ ତାଙ୍କ ନିର୍ବାଚନ ଇସ୍ତାହାରରେ ୩୦୦ ୟୁନିଟ ମାଗଣା ଦେବେ ବୋଲି ଯେଉଁ ପ୍ରତିଶ୍ରୁତି ଦେଇଥଲା, ତାହା ଧୂଆଁ ବାଣରେ ପରିଣତ ହୋଇଛି। ପୁନଶ୍ଚ ଅନ୍ୟ ରାଜ୍ୟମାନେ ଚାଷୀ ମାନଙ୍କୁ ବିଦ୍ୟୁତ ଛାଡ କରିବା ବେଳେ ଆମ ରାଜ୍ୟର ଚାଷୀମାନେ ସେଥିରୁ ବଞ୍ଚିତ। ଏହା ବିରୁଦ୍ଧରେ ଜୋରଦାର ଆନ୍ଦୋଳନ ପାଇଁ ଶ୍ରୀ ଦାସ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁବନେତା ଗୌରୀ ଶଙ୍କର ଜେନା, ରବୀନ୍ଦ୍ର ଭଞ୍ଜ, ସୁଶାନ୍ତ ସାହୁ, ପ୍ରେମାନନ୍ଦ ବାରିକ, ବେଣୁଧର ପାଳ, ଆଦିତ୍ୟ ଜେନା, ମନ୍ମଥ ଦାସ, ମଧୁସୂଦନ ନାୟକ, ଦାମୋଦର ଜେନା, ଉମାକାନ୍ତ ଜେନା, ନିତ୍ୟାନନ୍ଦ ରାଉତ, ଅରୁଣ କୁମାର ରାଉତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସେହିପରି ଗୁରୁବାର ଚାରିଟା ସମୟରେ ଭେଲୋରା ହାଟ ପଡ଼ିଆରେ ବହୁ କର୍ମୀଙ୍କୁ ନେଇ ଚା’ ଖଟିରେ ଚର୍ଚ୍ଚା ହୋଇଯାଇଛି।

## ନବବର୍ଷରେ ସମାଜସେବୀଙ୍କ ବସ୍ତ୍ର ବଣ୍ଟନ



ଜଳେଶ୍ୱର, ୧।୧(ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଗୋବରଘଟା ପଞ୍ଚାୟତର ଯୁବ ସମାଜସେବୀ ଲକ୍ଷ୍ମଣ କୁମାର ନାଥଙ୍କ ଦ୍ୱାରା ନିୟୁ ମା ମଙ୍ଗଳା ଟ୍ରେଡର୍ସର ପକ୍ଷରୁ ନୂତନ ବର୍ଷ ଉପଲକ୍ଷେ ଗରିବ ଦୁଖୀ ଲୋକଙ୍କୁ ବସ୍ତ୍ର ବଣ୍ଟନ କରାଯାଇଛି। ଆଜି ନବବର୍ଷ ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଭିତରେ ବାହାରେ ବସିଥିବା ଗରିବ ଦୁଖୀ ଲୋକଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା। ପରେ ଗୋବରଘଟା ପଞ୍ଚାୟତର ଆଦିବାସୀ ସାହିରେ ସରପଞ୍ଚ ପ୍ରତିନିଧି ଚନ୍ଦନ କରଙ୍କ ଉପସ୍ଥିତ ସେଠାରେ ବସ୍ତ୍ର ବଣ୍ଟନ କରାଯାଇଥିଲା। ସମାଜସେବୀ ଲକ୍ଷ୍ମଣ କୁମାର ନାଥଙ୍କ ନିଜସ୍ୱ ବ୍ୟବସାୟ କ୍ଷେତ୍ରରେ ଯାହା ଲାଭାଂଶକୁ ବିଭିନ୍ନ ସମୟରେ ଗରିବ ଦୁଖୀ ଲୋକଙ୍କୁ ସେବାରେ ହାତ ବଢ଼ାଇ ଥାଆନ୍ତି।

## ସାତଦିନର କଣ୍ଟଦେଲା ସିପିଏମ୍, ଧାନକିଣା ନହେଲେ ରାସ୍ତାରୋକ

ନୀଳଗିରି, ୧।୧ (ସମିସ): ଆଗାମୀ ୭ ଦିନ ମଧ୍ୟରେ ଔପଚାରିକ ଭାବେ ନୀଳଗିରି ଉପଖଣ୍ଡରେ ଚାଷୀଙ୍କଠାରୁ ଧାନକିଣା ନଗଲେ ରାସ୍ତାରୋକ କରିବ ବୋଲି ଆଜି ଅପରାହ୍ନ ତିନିଟା ସମୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସିପିଆଇ(ଏମ) ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର। ନୀଳଗିରି ତଳସଡ଼କ ପଞ୍ଚମୁଖୀ ହନୁମାନମନ୍ଦିର ନିକଟସ୍ଥ ସିପିଆଇ ଏମ କାର୍ଯ୍ୟାଳୟରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ନୀଳଗିରି ପ୍ରଶାସନ ଅଞ୍ଚଳର ଚାରୋଟି ପ୍ରମୁଖ ସମସ୍ୟା ସମାଧାନ କରିବାକୁ ଯାଉଥିବା ସୂଚାଇଥିଲେ। ମୁଖ୍ୟତଃ ନୀଳଗିରିର ଐତିହ୍ୟ କୁହାଯାଉଥିବା ଲକ୍ଷ୍ମୀସାଗର ପୋଖରୀକୁ ସୋର କେନାଲଡିଭିଜନ ପୋତିପକାଇଥିବା ବେଳେ ଏହାର ପୁନରୁଦ୍ଧାର ପାଇଁ ସିପିଆଇ (ଏମ) ଏବଂ ଅନ୍ୟ ରାଜନୈତିକ ଦଳଙ୍କ ସହିତ ବିଭିନ୍ନ ସାମାଜିକ ସଂଗଠନର ପ୍ରବଳ ବିରୋଧ ପରେ ପୁନର୍ବାର ଉକ୍ତ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଚାଲୁରହିଛି। ଅନୁରୂପ ଭାବେ ସ୍ଥାନୀୟ ପ୍ରଶାସନ ଇକୋ ସେନ୍ସେଟିଭ ଜୋନ ବାହାନାରେ ଅଭୟାରଣ୍ୟ ଅଞ୍ଚଳର ବାସିନ୍ଦାମାନଙ୍କୁ ଉଚ୍ଛେଦ ଆଳରେ ବାରମ୍ବାର ନୋଟିସ ଲଗାଇବା ବନ୍ଦ ରହିଥିବାରୁ ସାମ୍ବାଦିକଙ୍କ ପାଇଁ ଏହା ସମ୍ଭବ ହୋଇଥିବା ସୂଚନା ଦେଇଥିଲେ। ଏତଦଭିନ୍ନ କୁଳଡିହା ଅଭୟାରଣ୍ୟରେ ବନବିଭାଗ ଶିକାରୀ ବାହାନାରେ ଗିରଫକରି ଅକଥନୀୟ ନିର୍ଯାତନା ଦେଉଥିବା ବେଳେ ଏବେ ନିରୀହ ଲୋକଙ୍କ ଉପରେ ଅତ୍ୟାଚାର କମ ହେବା, ଏବଂ ଶେଷରେ କେସିପୁର ପଞ୍ଚାୟତ କଇମହୁଡ଼ି ଗ୍ରାମର ମକରା ସୋରେନ ଗୟଳ ଆକ୍ରମଣରେ ମୃତ୍ୟୁବରଣ କରିଥିଲେ ହେଁ ବନବିଭାଗ କୌଣସି କ୍ଷତିପୂରଣ ଦେଉନଥିବା ବେଳେ ଜୀବନଜୀବିକା ଏବଂ ଭିଟାମାଟି ସୁରକ୍ଷାମଞ୍ଚର ବିକ୍ଷୋଭ ଏବଂ ଦୃଢ଼ଦାବୀ ପରେ ବିଭାଗ ମୃତ ମକରା ସୋରେନର ପରିବାରକୁ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେବା ଏବଂ ଏହାର କାର୍ଯ୍ୟକାରୀ ହେଉଥିବାରୁ ଗଣମାଧ୍ୟମର ନିର୍ଭୀକ ଲେଖନୀ ଏବଂ ପ୍ରସାରଣ ପାଇଁ ସମ୍ଭବ ହୋଇପାରିଛି ବୋଲି ଶ୍ରୀ ପାତ୍ରଙ୍କ ସମେତ ଅମରେନ୍ଦ୍ର ନାୟକ, ସିପିଆଇ(ଏମ) ଆଞ୍ଚଳିକକମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ, ହରେନ୍ଦ୍ର ସେଠୀ, ଉମାକାନ୍ତ ଷଡ଼ଙ୍ଗୀ ପ୍ରମୁଖ ଗଣମାଧ୍ୟମର ପ୍ରତିନିଧିମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ।

## ପ୍ରେସ୍ କ୍ଲବ ଓ ସୃଜନିକା ପକ୍ଷରୁ ନବବର୍ଷ ସାରସ୍ୱତ ଉତ୍ସବ



କାଳିପଦା, ୧।୧ (ସମିସ): ସୁବର୍ଣ୍ଣରେଖା ପ୍ରେସ କ୍ଲବ ସୁବର୍ଣ୍ଣରେଖା ସାଂସ୍କୃତିକ ବିକାଶ ପରିଷଦ, ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ଓ ସାହିତ୍ୟ ଅନୁଷ୍ଠାନ ସୃଜନିକା ପକ୍ଷରୁ ଗୁରୁବାର ବ୍ଲକ ଛକ ଏସକେଜି ସାରସ୍ୱତ ଟ୍ରଷ୍ଟ ସମ୍ମିଳନୀ କକ୍ଷରେ ନବବର୍ଷ ସାରସ୍ୱତ ଉତ୍ସବ ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ମିଳିତ ଅନୁଷ୍ଠାନର ଆବାହକ ଅଧ୍ୟାପକ ଡ଼ ସୁକାନ୍ତ ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରାକ୍ତନ ସ୍ୱତନ୍ତ୍ର ଶାସନ ସଚିବ ଖଗେନ୍ଦ୍ର ନାଥ ଜେନା, ଯଶସ୍ୱୀ କବି ସୁକୁମାର ଦାସ, ଶିଶୁ ସାହିତ୍ୟିକ କାଳି କିଙ୍କର ଦାସ, କଥା ବାଚକ ପଣ୍ଡିତ ପ୍ରିୟବ୍ରତ ପଣ୍ଡା, ପୂର୍ବତନ ଡି ଆଇ ସୁବାସ ଚନ୍ଦ୍ର ଚୌଧୁରୀ, ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ସଭାପତି ସତ୍ୟକାମ ମହାନ୍ତି, ବାଘାଯତୀନ ସ୍ମୃତି ପରିଷଦ ସଭାପତି ଅରବିନ୍ଦ ବେହେରା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଭାରତୀୟ ସଂସ୍କୃତି, ପାଶ୍ଚାତ୍ୟ ଅପସଂସ୍କୃତି, ଭାଷାର ସୁରକ୍ଷା, ସ୍ମାର୍ଟ ଫୋନର ଅପବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରତୀ ପାତ୍ର, ବିଜୟ କୁମାର ପାତ୍ର, ସେକ ନିମାଜୀ, ସବିତା ରାଣୀ ଦାସ, ନମିତା ରାଣୀ ସାମଲ, ସ୍ନେହ ଲତା ନାୟକ, ବ୍ୟଙ୍ଗ କବି ଅର୍ଦ୍ଧେନ୍ଦୁ ପାଣି ଗ୍ରାହୀ, ପ୍ରାକ୍ତନ ପ୍ରାଧ୍ୟାପକ କୁଞ୍ଜକାନ୍ତ ପାତ୍ର, କବି ନଳିନୀ କାନ୍ତ ପାଢ଼ୀ, ସାମ୍ବାଦିକ ସଦାଶିବ ସେଠୀ, ପ୍ରଭାତ କୁମାର ଦାସ, ଜ୍ୟୋତି ରଞ୍ଜନ ପଟ୍ଟାୟତ, ଭୀଷ୍ମ ଚରଣ ମଲ୍ଲିକ, କ୍ଷୀତିଶ ଜେନା, ରିଙ୍କୁ ରଞ୍ଜନ କର, ରବୀନ୍ଦ୍ର ଦତ୍ତ, ନବ କୁମାର ଦାସ, ସାମ୍ବାଦିକା ପ୍ରତିମା ଜେନା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥିମାନେ ନବ କୁମାର ଦାସଙ୍କ ‘ପ୍ରେମ ଆକାଶର ମେଘମାଳା’ ଉପନ୍ୟାସ କୁ ଉନ୍ମୋଚନ କରିଥିଲେ। ସନ୍ୟାସୀ ବେହେରା ବେଦପାଠ ସ୍ୱାଗତ ଭାଷଣ ପ୍ରଦାନ, ଶ୍ରୀହରି ମଣ୍ଡଳ ବିବରଣୀ ପାଠ କରିଥିବାବେଳେ ସାମ୍ବାଦିକ ହରେକୃଷ୍ଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ଲାଟିନମ ଜୁବୁଲି ଉତ୍ସବର ଖେଳ ପ୍ରତିଯୋଗିତା ଉଦ୍‌ଘାଟିତ



ଜଳେଶ୍ୱର ବ୍ଲକ, ୧।୧ (ସମିସ): ଶାନ୍ତିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ପାଳିତ ହେବାକୁ ଥିବା ପ୍ଲାଟିନମ ଜୁବଲି ଉତ୍ସବର ଖେଳ ପ୍ରତିଯୋଗିତା ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଦ୍ୱାରା ଶାନ୍ତିଆ ଷ୍ଟାଡିୟମ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀଙ୍କ ଏକ ଶୋଭାଯାତ୍ରା ଶାନ୍ତିଆ ବିଦ୍ୟାଳୟରୁ ବାହାରି ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇଥିଲେ ପ୍ରଥମ ଦିନରେ କ୍ରିକେଟ ଖେଳ ଆରମ୍ଭ କରାଯାଇଥୁଲା। ପ୍ଲାଟିନମ ଜୁବଲି ଉତ୍ସବ ଆସନ୍ତା ୧୬ତାରିଖରୁ ଆରମ୍ଭ ହୋଇ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ୩ଦିନ ବ୍ୟାପୀ କାର୍ଯ୍ୟକ୍ରମ ଜରିଆରେ ବିଦ୍ୟାଳୟର ପୁରୁଣା ଛାତ୍ରଛାତ୍ରୀଙ୍କ ସହିତ ଗ୍ରାମର ସମସ୍ତ ଗ୍ରାମବାସୀ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧାମାନେ ମଧ୍ୟ ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ହେବେ ବୋଲି କୁହାଯାଇଛି। ସେଥିପାଇଁ ଆଜିଠାରୁ ପ୍ରତିଯୋଗିତାର ଶୁଭାରମ୍ଭ କରାଯାଇଥିବା ଜୁବୁଲି କମିଟି ସଭାପତି ତଥା ପୁରାତନ ଛାତ୍ର ସିତାଂଶୁ ସେନାପତି ସୂଚନା ଦେଇଛନ୍ତି। ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଆଦ୍ୟାଚରଣ ବେହେରା, ପୁତାତନ ଛାତ୍ର ଲଳିତ ରଞ୍ଜନ ସେନାପତି, ନଗେନ୍ଦ୍ର କର, ସଞ୍ଜୟ ଦାସ, ଜଗନ୍ନାଥ ପରିଡ଼ା, ରମାକାନ୍ତ ଜେନାଙ୍କ ସହିତ ବହୁ ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟର ଶିକ୍ଷକ ଦିଲ୍ଲୀପ କୁମାର ସେଠୀ, ୱାର୍ଡର କାଉନସିଲର କବିତା ଧଳ, ଦେବଜାନୀ ଅଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ମନ୍ତ୍ରୀଙ୍କ ପରିବେଶ ସଚେତନତା



ଖଇରା, ୧।୧ (ସମିସ): ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ବିଜେଡି ସରକାର ସମୟର ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଭିନ୍ନ ଏକ ବାର୍ତ୍ତା ଦେଇ ଶୁଭେଚ୍ଛୁ ଓ ସମର୍ଥକଙ୍କ ଗହଣରେ ନୂଆବର୍ଷ ପାଳିଛନ୍ତି। ପରିବେଶକୁ ନଷ୍ଟ କରୁଥିବା ପଲିଥିନର ବ୍ୟବହାରକୁ ନ କରିବାକୁ ସମର୍ଥକ ମାନଙ୍କୁ ପରାମର୍ଶ ଦେଇସାରି ଉପହାର ସ୍ୱରୂପ ସମର୍ଥକଙ୍କୁ କପଡ଼ା ବ୍ୟାଗ ପ୍ରଦାନ କରିଥିଲେ। କେବଳ ତାଙ୍କ ବାସଭବନ ନୁହେଁ ସିମୁଳିଆ ବ୍ଲକର ମାର୍କୋଣା ଛକ, ବାଲିଖଣ୍ଡ, ବରି ଓ ଅଡା ବଜାର ଏବଂ ଖଇରା ବ୍ଲକର ଡୁଙ୍ଗୁରା, କୁପାରୀ, ଖଇରା ଓ ଗଣ୍ଡିବେଡ ବଜାରରେ ସମର୍ଥକଙ୍କୁ ନୂତନ ବର୍ଷର ଶୁଭେଚ୍ଛା ବାର୍ତ୍ତା ପ୍ରଦାନ ଅବସରରେ କପଡ଼ା ବ୍ୟାଗ ଧରି ବଜାର ଯିବାକୁ ପରାମର୍ଶ ଦେଇ ବ୍ୟାଗ ଗୋଟେ ଗୋଟେ ବାଣ୍ଟିଥିଲେ।

## ବାଲେଶ୍ୱର ମହିଳା କଲେଜର ବାର୍ଷିକ ଉତ୍ସବ



ବାଲେଶ୍ୱର, ୧।୧(ସମିସ): ଗୋପାଳ ଗାଁସ୍ଥିତ ବାଲେଶ୍ୱର ମହିଳା କଲେଜର ୪୩ ତମ ବାର୍ଷିକ ଉତ୍ସବ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି। ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟଅତିଥି ଭାବେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ‘ପ୍ରତିଭାଶ୍ରୀ’ ମୁଖ୍ୟ କବି ପ୍ରଶାନ୍ତ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପାଶ୍ଚାତ୍ୟ ଶିକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। କଲେଜ ପରିଚାଳନା କମିଟି ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜ୍ ଅଧ୍ୟକ୍ଷ ଡ.ଉମାକାନ୍ତ ନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା କଲେଜ୍ ର ସ୍ମରଣିକା ‘ବ୍ୟାସପ୍ରଭା’ ଉନ୍ମୋଚିତ ହୋଇଥିଲା। ଅଧ୍ୟାପିକା ପୁରବୀ ପଟ୍ଟନାୟକ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ସହ ପରିଚୟ ପ୍ରଦାନ କରିଥିଲେ। ଡ. ପୂଜା ପରିଡ଼ା ଓ ରଶ୍ମିରେଖା ସାମନ୍ତରାୟ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ଚିତ୍ତ ରଞ୍ଜନ ସାନ୍ତରା ଧନ୍ୟବାଦ ଦେଇଥିଲେ। ଡ. ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ଡ. ମୋନିକା ଶତପଥି, ସ୍ମିତା ଚୌଧୁରୀ, ରୌକିୟା ଜମାଲ୍, ପ୍ରିୟମ୍ବଦା ନନ୍ଦୀ, ନନ୍ଦିତା ରାଉତ୍, ପ୍ରେୟସୀ ମହାପାତ୍ର, ସୁଶାନ୍ତ ମଣ୍ଡଳ, ଏସ.କେ. ଦୟାନ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସିଂଲା ନୃତ୍ୟ ମହୋତ୍ସବ ଓ ଶ୍ରୀଜଗନ୍ନାଥଙ୍କ ୩୨ ବେଶ



ଲଙ୍ଗଳେଶ୍ୱର/ରାଜଘାଟ,୧।୧ (ସମିସ): ସିଂଲା ଥାନା ଅନ୍ତର୍ଗତ ସିଂଲା ଠାରେ ନୃତ୍ୟ ମହୋତ୍ସବ ଓ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ସାଙ୍ଗକୁ ଗ୍ରାମୀଣ ମେଳା ଗୁରୁବାର ସନ୍ଧ୍ୟାରେ ରଙ୍ଗାରଙ୍ଗ ପରିବେଶରେ ଉଦଘାଟିତ ହୋଇଛି। ଅଧ୍ୟାପକ ନିରଞ୍ଜନ ବେହେରା ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ଉତ୍ସବ କମିଟିର ସଭାପତି ଶିକ୍ଷାବିତ ଜୟନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉଦଘାଟକ ଭାବରେ ପ୍ରକୃତି ମିତ୍ର ସୁମନ୍ତ କୁମାର ଜେନା, ମୁଖ୍ୟଅତିଥି ସମାଜସେବୀ ସଂଗ୍ରାମ କେଶରୀ ପରିଡ଼ା, ମୁଖ୍ୟବକ୍ତା ସମାଜସେବୀ ପରମାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇ ମହୋତ୍ସବ ଗାଁରୁ ସହର ସମ୍ପର୍କ ଯୋଡ଼ିବା ସହିତ ପ୍ରତିଭା ଚୟନ, ସ୍ଥାନୀୟ ଲୋକଙ୍କ ଆର୍ଥିକ ବିକାଶ ର ସହାୟକ ହୋଇଥାଏ ବୋଲି ମତପୋଷଣ କରିଥିଲେ। ସମ୍ପାଦକ କମଳାକାନ୍ତ ଅଣ୍ଡିଆ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ବରିଷ୍ଠ ସଦସ୍ୟ ଭଗବାନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଚିତ୍ତରଞ୍ଜନ ସାହୁ, ସୈମ୍ୟରଞ୍ଜନ ଦଳାଇ, ମୃତ୍ୟୁଞ୍ଜୟ ନନ୍ଦ, ଦେବେନ୍ଦ୍ର ସାହୁ, ଶୁଭଙ୍କର ମିଶ୍ର, ସରୋଜ ଜେନା, ନନ୍ଦନ ସାହୁ, ତପନ କାମିଲା, ଅଜୟ ମହାଳିକ, ରାଜେନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରିଥିଲେ।

● ମା’ ଶିରାଦେବୀ ଆନ୍ତଃଜିଲ୍ଲା କ୍ରିକେଟ

# କେନ୍ଦୁଝରର ଟିକୁ ଚେଞ୍ଜର ଚାମ୍ପିଅନ


ଖଇରା, ୧।୧ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତ ଅଧୀନ ଶ୍ରୀରାମପୁର ଖେଳ ପଡ଼ିଆରେ ମା’ ଶିରାଦେବୀ ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ୨୯ ତାରିଖରୁ ଆରମ୍ଭ ହୋଇଥିବା ଆନ୍ତଃଜିଲା



କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଦିନ ଉଦ୍‌ଯାପିତ ହୋଇ ଯାଇଛି। ଫାଇନାଲ ମ୍ୟାଚରେ କେନ୍ଦୁଝରର ଟିକୁ ଚେଞ୍ଜର ସୋରର ବ୍ଲେଣ୍ଡର ସ୍ୱାଇଡକୁ ୩୪ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଟିକୁ ଚେଞ୍ଜର ୧୫ ଓଭରରେ ୭ ଉଇକେଟ ହରାଇ ୨୧୮ ରନ ସଂଗ୍ରହ କରିଥିଲା। ଜବାବରେ ସୋର ୧୫ ଓଭରରେ ୬ଉଇକେଟ ହରାଇ ମାତ୍ର ୧୮୪ ରନ ସଂଗ୍ରହ କରି ପରାଜୟର ସମ୍ମୁଖୀନ ହୋଇଥିଲା। ତାପସ ମୁଦୁଲି ଓ ପ୍ରହଲ୍ଲାଦ ପୃଷ୍ଟି ମ୍ୟାଚ ପରିଚାଳନା କରିଥିଲେ। ଆସୋସିଏସନର ସଭାପତି ବିଷ୍ଣୁମୋହନ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ସୁନାମଧନ୍ୟ ଯାତ୍ରା କଳାକାର ଗୌରହରି ଦାସ ମୁଖ୍ୟଅତିଥି, ପ୍ରାକ୍ତନ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତ, ପୂର୍ବତନ ଅଧ୍ୟକ୍ଷ କାଶୀନାଥ ମୁଦୁଲି, ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ପଣ୍ଡା, ଗଣ୍ଡିବେଡ ବଜାର କମିଟି ସମ୍ପାଦକ ଅଭିମନ୍ୟୁ ରାଉଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ମନୋରଞ୍ଜନ ନାୟକ ମଞ୍ଚ ପରିଚାଳନା କରିଥିଲେ। ଚାମ୍ପିଅନ ଟିକୁ ଚେଞ୍ଜରକୁ ଟ୍ରଫି ସହ ୩୦ ହଜାର ଓ ରନର୍ସ ଅପ ବ୍ଲେଣ୍ଡର ସ୍ୱାଇଡକୁ କପ ସହ ୨୦ହଜାର ଟଙ୍କାର ପୁରସ୍କାର ରାସି ପ୍ରଦାନ କରାଯାଇଥିଲା। ରାକେଶ କୁଅଁରକୁ ମ୍ୟାନ ଅଫଦି ମ୍ୟାଚ ଓ ଆକାଶ ମହାଳିକକୁ ମ୍ୟାନ ଅଫ ଦି ସିରିଜ ଭାବେ ଘୋଷଣା କରାଯାଇଥିଲା। ପ୍ରଭାସ ମୁଦୁଲି ଓ ରତ୍ନାକର ମୁଦୁଲି ସ୍କୋର ଦାୟିତ୍ୱ ଓ ହିମାଂଶୁ ନନ୍ଦ ଏବଂ ରତିକାନ୍ତ କଳାପାହାଡ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ।


## ବିଜେପିର ସାଂଗଠନିକ ବୈଠକ

ଭୋଗରାଇ,୧।୧(ସମିସ): ଭୋଗରାଇ ବ୍ଲକ ମହାଗବ ପଞ୍ଚାୟତର ଚାନ୍ଦକୁସୁମୀଠାରେ ବିଜେପିର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମର୍ଦ୍ଦା ମଣ୍ଡଳ ସଭାପତି ସତ୍ୟବ୍ରତ ଜେନା ସଭାପତିତ୍ୱରେ ବରିଷ୍ଠ ବିଜେପି ନେତା ଅଂଶୁମାନ ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଆଶିଷ ମହାନ୍ତି, ରାଜକୁମାର ଦାସ, ପ୍ରଦୀପ ଜେନା, ଅଶୋକ ଦାସ, ରବୀନ୍ଦ୍ର ପାଳ ଉପସ୍ଥିତ ଥିଲେ।






















## ଘର ଆଗରେ ଗୋଡ଼ାଇ ହାଣିବା ଘଟଣା

# ହତ୍ୟାକାଣ୍ଡ ପରେ ଉତ୍ତେଜନା, ରାସ୍ତାରୋକ







ଭୁବନେଶ୍ୱର, ୧।୧ (ସମିସ): ଘର ଆଗରେ ଗୋଡ଼ାଇ ହାଣିବା ଘଟଣାରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଯୁବକ ଡାକ୍ତରଖାନାରେ ପ୍ରାଣ ହରାଇଛନ୍ତି। ମୃତକ ହେଉଛନ୍ତି ବାଲିତୋଟା ସାହି ବସ୍ତିର ବବୁଲ୍ ଓରଫ୍ ଜିତେନ୍ଦ୍ର ଦାସ (୩୧)। ବବୁଲଙ୍କ ମୃତ୍ୟୁପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ୟକ୍ତ ଲୋକମାନେ ମୃତଦେହ ରଖି ରାସ୍ତାରୋକ କରିବା ସହ ଅଭିଯୁକ୍ତର ଘର ଭାଙ୍ଗି ଦେଇଛନ୍ତି। ଗତ ମଙ୍ଗଳବାର ନୂଆପଲ୍ଲୀ ଥାନା ପୁଲିସ ଅଟୋ ଚାଳକ ତଥା ମୁଖ୍ୟ ଅଭିଯୁକ୍ତ ନାଣ୍ଟୁର ଦାଦା ସୁମନ ନାୟକକୁ କୋର୍ଟ ଚାଲାଣ କରିଥିବା ବେଳେ ନାବାଳକକୁ ଜେଜେବିରେ ହାଜର କରାଇଥିଲା। ହେଲେ ଘଟଣାର ମୁଖ୍ୟ ଅଭିଯୁକ୍ତ ନାଣ୍ଟୁର ପତ୍ତା ମିଳି ପାରିନାହିଁ।

- ତ୍ରିକୋଣୀୟ ପ୍ରେମରୁ ହୋଇଥିଲା ଆକ୍ରମଣ
- ଅଭିଯୁକ୍ତର ଘର ଭାଙ୍ଗିଦେଲେ
- ଦୁଇ ଗିରଫ; ମୁଖ୍ୟ ଅଭିଯୁକ୍ତ ଫେରାର

ଖବର ନେବାରୁ ଜଣାପଡ଼ିଛି ଯେ, ୟୁନିଟ୍ ୮ ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ କରିବାକୁ ନେଇ ମୃତକ ବବୁଲ୍ ଓ ନାରାୟଣୀ ବସ୍ତିର ନାଣ୍ଟୁ ମଧ୍ୟରେ ଦୁଇ ବର୍ଷ ହେବ ବିବାଦ ସୃଷ୍ଟି ହୋଇଥିଲା। ଏହି ବିବାଦକୁ ନେଇ ଉଭୟ ପୂର୍ବରୁ ଏକାଧିକବାର ହାତାହାତି ମଧ୍ୟ ହୋଇଛନ୍ତି। ଦିନ ବଢ଼ିବା ସହ ତ୍ରିକୋଣୀୟ ପ୍ରେମରୁ ଆରମ୍ଭ ହୋଇଥିବା ବିବାଦ ଧୀରେ ଧୀରେ ଉଗ୍ରରୂପ ନେଇଥିଲା। ବବୁଲଙ୍କୁ ସବୁଦିନ ରାସ୍ତାରୁ ହଟାଇବା ପାଇଁ ନାଣ୍ଟୁ ନିଜ ଦାଦା ସୁମନ ଓ ସହଯୋଗୀଙ୍କୁ ଏକାଠି କରିଥିଲା। ଗତ ଶନିବାର ସନ୍ଧ୍ୟାରେ ବବୁଲ୍ ତାଙ୍କ ଘର ସାମ୍ନାରେ ଛିଡ଼ା ହୋଇଥିବା ବେଳେ ନାଣ୍ଟୁ, ଦାଦା ସୁମନ, ଜଣେ ନାବାଳକ ଓ ଅନ୍ୟ ୩ ସହଯୋଗୀ ମାରଣାସ୍ତ୍ର ଧରି ପହଞ୍ଚିଥିଲେ। ସୁମନ ତ୍ରିକୋଣୀୟ ପ୍ରେମକୁ ନେଇ ଯୁକ୍ତିତର୍କ କରିବା ସହ ହଠାତ୍ ଖଣ୍ଡା ବାହାର କରି ବବୁଲଙ୍କୁ ଆକ୍ରମଣ କରିଥିଲେ। ହେଲେ ସେ ଘୁଞ୍ଚିଯିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ବବୁଲ ଜୀବନ ବଞ୍ଚାଇବାକୁ ଦୌଡୁଥିବା ବେଳେ ସୁମନ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଥିଲା। ମୁଣ୍ଡରେ ଏକାଧିକ ଚୋଟ ବାଜିବାରୁ ବବୁଲ୍ ତଳେ ପଡ଼ି ଯାଇଥିଲେ। ବବୁଲ ଅଚେତ ହୋଇଯିବାରୁ ମୃତ୍ୟୁ ହୋଇଥିବା ଭାବି ଅଭିଯୁକ୍ତମାନେ ଆତଙ୍କ ଖେଳାଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ବବୁଲଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ କ୍ୟାପିଟାଲ ଓ ପରେ ଏମ୍ସ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ୫ ଦିନର ଚିକିତ୍ସା ପରେ ଗୁରୁବାର ବବୁଲ ପ୍ରାଣ ହରାଇଛନ୍ତି।

ପୂର୍ବରୁ ହତ୍ୟା ଉଦ୍ୟମ ମାମଲା ରୁଜୁକରି ତଦନ୍ତ କରୁଥିବା ପୁଲିସ ବବୁଲଙ୍କ ମୃତ୍ୟୁପରେ ହତ୍ୟା ଦଫା ଯୋଡ଼ିଛି। ବବୁଲଙ୍କ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସାଧାରଣ ଘଟଣାରୁ ମୂଲ୍ୟବାନ ଜୀବନ ଯାଇଥିବାରୁ ଲୋକମାନେ ଉତ୍ୟକ୍ତ ହୋଇଛନ୍ତି। ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ବବୁଲଙ୍କ ମୃତଦେହ ରଖି ସନ୍ଧ୍ୟାରେ ସିଆରପି - ୟୁନିଟ୍ ୮ ଡିଏଭି ଓ ୟୁନିଟ୍ ୮ ଡିଏଭି- ସିଆରପି ରାସ୍ତାକୁ ଅବରୋଧ କରିଛନ୍ତି। ଟାୟାର ଜାଳି ରାସ୍ତାରୋକ କରିଥିବାରୁ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ନୂଆପଲ୍ଲୀ ଥାନା ପୁଲିସ ପହଞ୍ଚି ବୁଝାସୁଝା କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରିବ ବୋଲି ପ୍ରତିଶ୍ରୁତି ଦେବାପରେ ଦୁଇ ଘଣ୍ଟା ଧରି ଚାଲିଥିବା ରାସ୍ତାରୋକ ହଟିଥିଲା। ଏତିକିରେ ଲୋକଙ୍କ ରୋଷ ସରି ନ ଥିଲା, ସ୍ଥାନୀୟ ଲୋକମାନେ ଏକାଠି ହୋଇ ନାରାୟଣୀ ବସ୍ତିରେ ଥିବା ଅଭିଯୁକ୍ତ ନାଣ୍ଟୁର ଘର ଭାଙ୍ଗି ଦେଇଛନ୍ତି। ସେପଟେ ଅଭିଯୁକ୍ତଙ୍କ ସମେତ ସେମାନଙ୍କୁ ଆଶ୍ରୟ ଦେଇଥିବା ଲୋକମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ପୁଲିସ କହିଛି।

## ଦୁଇ ବଳଦର କାହାଣୀ 'ଇକଲୁ ଓ ଟିକଲୁ'



ଭୁବନେଶ୍ୱର, ୧।୧(ସମିସ): ଦୈତାରୀଙ୍କ ଦୁଇ ବଳଦ ଇକଲୁ ଓ ଟିକଲୁ। ବଳଦଙ୍କୁ ପିଟିବା ତ ଦୂରର କଥା, ଦଉଡିରେ ବନ୍ଧା ମଧ୍ୟ ହେଇନାହାନ୍ତି। ହେଲେ ସମୟଚକ୍ର ଏହି ବଳଦମାନେ ମହାଜନର ଚକ୍ରାନ୍ତରେ କଂସେଇଖାନାରେ ବିକ୍ରି ହୁଅନ୍ତି। ବଳଦଙ୍କ ପ୍ରତି ଚାଷୀର ଥିବା ସମ୍ପର୍କକୁ ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସାଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଙ୍ଘର ମିଳିତ ଅନୁକୂଲ୍ୟରେ ନାଟ୍ୟଧାରାର ନାଟକ 'ଇକଲୁ ଓ ଟିକଲୁ' ଭଞ୍ଜକଳା ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି। ଏହାକୁ ରଚନା ସୁମନ୍ତ ଭୋଇ କରିଥିଲେ ଓ ନିର୍ଦ୍ଦେଶନା ଦେଇଛନ୍ତି ସମୀର ସାହୁ। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ହୃଷିକେଶ ଭୋଇ। ଭୂମିକାରେ ନାରଦ, କନକ, ଆକାଂକ୍ଷା, ସମୀର, ପଦ୍ମନ, ପ୍ରମୋଦ, ମୁକେଶ, ବିରେନ୍ଦ୍ର, ସର୍ଜନ, ରଞ୍ଜିତ ଅଭିନୟ କରିଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ନିରଞ୍ଜନ ପୂଜାରୀ, ଲାଲା ବୀରେନ ରାୟ ଯୋଗଦେଇଥିଲେ। ନାଟ୍ୟ ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। କୋଷାଧକ୍ଷ ଅବିନାଶ ଦଣ୍ଡପାଟ୍ ଧନ୍ୟବାଦ୍ ଦେଇଥିଲେ।

## ପ୍ରଗତି ଡ୍ୟାସ୍‌ବୋର୍ଡ ରିପୋର୍ଟରେ ଭୁବନେଶ୍ୱର ପ୍ରଥମ

ଭୁବନେଶ୍ୱର, ୧।୧ (ସମିସ): ଥାନା ଦାୟିତ୍ୱ ଠାରୁ ଆରମ୍ଭ କରି ଭିଭିଆଇପି ସୁରକ୍ଷା, ଆଇନଶୃଙ୍ଖଳା ଡ୍ୟୁଟି ସାଙ୍ଗକୁ ବର୍ଷ ତମାମ ଜାତୀୟ ଓ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ପାଇଁ ନାକେଦମ୍ ହେଉଛି ଭୁବନେଶ୍ୱର ପୁଲିସ। ଏସବୁ ସତ୍ତ୍ୱେ ମାମଲାଗୁଡ଼ିକର ତଦନ୍ତ ସାରିବାରେ ଆଗୁଆ ହୋଇଛି ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା (ୟୁପିଡି)। କେବଳ ଆଗୁଆ ହୋଇନାହିଁ, ପ୍ରଗତି ଡ୍ୟାସବୋର୍ଡର ରିପୋର୍ଟ ଅନୁସାରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। କମିସନରେଟ ପୁଲିସ ଆରମ୍ଭ ହେବା ଠାରୁ ଏହା ଭୁବନେଶ୍ୱର ପ୍ରଥମଥର ପାଇଁ ଏହି ସଫଳତା ହାସଲ କରିଛି। ମୋଟ ୧୦୦ ମାର୍କ ରହିଥିବା ବେଳେ ୯୭.୩% ସହ ଭୁବନେଶ୍ୱର ପ୍ରଥମ ସ୍ଥାନ ଅଧିକାର କରିଛି। ସେହିପରି ଅନୁଗୁଳ ୯୬.୫% ସହ ଦ୍ୱିତୀୟ ଓ ନୂଆପଡ଼ା ୯୬% ସହ ତୃତୀୟ ସ୍ଥାନରେ ରହିଛି।

- ଦ୍ୱିତୀୟରେ ଅନୁଗୁଳ, ତୃତୀୟରେ ନୂଆପଡ଼ା
- ୧୬ ହଜାର ପଞ୍ଜିକୃତ; ସରିଛି ୩୧ ହଜାର ତଦନ୍ତ

ପୁଲିସର ସମସ୍ତ କାମର ତଥ୍ୟ ସିସିଟିଏନ୍‌ଏସ୍ (କ୍ରାଇମ୍ ଆଣ୍ଡ କ୍ରିମିନାଲ ଟ୍ରାକିଂ ନେଟୱର୍କ ସିଷ୍ଟମ୍) ଅପଲୋଡ୍ ହୋଇଥାଏ। ଏଥିରେ ମାମଲା ରୁଜୁଠାରୁ ଆରମ୍ଭ କରି ବିଚାର ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସମସ୍ତ ତଥ୍ୟ ରହିଥାଏ। ପ୍ରଗତି ଡ୍ୟାସବୋର୍ଡ ଏହିସବୁ ତଥ୍ୟ ବା ୧୦ଟି ବର୍ଗର ମାନଦଣ୍ଡ ଆଧାରରେ ପୁଲିସ ଜିଲ୍ଲାର ସ୍ଥାନ ନିର୍ଦ୍ଧାରଣ କରିଛି। ଏହିକ୍ରମରେ ଚଳିତବର୍ଷ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା (ୟୁପିଡି)ର ୨୬ଟି ଥାନାରେ ପ୍ରାୟ ୧୫ ହଜାର ୬୬୪ଟି ମାମଲା ରୁଜୁ ହୋଇଥିବା ବେଳେ ସେଥିରୁ ୧୪ ହଜାର ୪୯୭ଟି ମାମଲାର ତଦନ୍ତ ଶେଷ ହୋଇଛି। ମୋଟାମୋଟି କହିବାକୁ ଗଲେ, ଚଳିତବର୍ଷ ରୁଜୁ ହୋଇଥିବା ମାମଲା ମଧ୍ୟରୁ ପ୍ରାୟ ୯୩ ପ୍ରତିଶତ ମାମଲାର ତଦନ୍ତ ସରିଛି। ସେହିଭଳି ନୂଆ ଓ ପୂର୍ବରୁ ପଡ଼ି ରହିଥିବା ମାମଲାକୁ ମିଶାଇ ଚଳିତବର୍ଷ ମୋଟ ୨୧ ହଜାର ମାମଲାର ତଦନ୍ତ ସାରିଛି ପୁଲିସ। ପୂର୍ବରୁ ତଦନ୍ତ ସରି ପଡ଼ି ରହିଥିବା ପ୍ରାୟ ୧୧ ହଜାର ମାମଲାକୁ ସିସିଟିଏନ୍‌ଏସରେ ଅପଲୋଡ୍ କରାଯାଇଛି। ନୂଆ ଓ ପୁରୁଣା ମିଶାଇ ଚଳିତବର୍ଷ ମୋଟ ୩୧ ହଜାର ୯୦୦ ମାମଲାର ତଦନ୍ତ ସାରିଛି ପୁଲିସ। ସେହିପରି ୨୦୦ ଟି ଅନୁସୂଚିତ ଜାତି ଓ ଜନଜାତି ଜନିତ ମାମଲାରେ ଯୁଗ୍ମ ତଦନ୍ତ ରିପୋର୍ଟ ଦାଖଲ କରାଯାଇଛି, ଯାହାକି ସର୍ବକାଳୀନ ରେକର୍ଡ଼। ସେହିଭଳି ୨୬୧୬ଟି ମାମଲାର ସୁପରଭିଜନ୍ ନୋଟ୍ ଅପଲୋଡ୍ ହୋଇଥିବା ବେଳେ ୨୯ ହଜାର ୬୩୧ ଜଣଙ୍କୁ ଅନଲାଇନ୍ ସର୍ଭିସ୍ ମାଧ୍ୟମରେ ଚରିତ୍ର ପ୍ରମାଣପତ୍ର ପ୍ରଦାନ କରିଛି ପୁଲିସ। ୬ ବର୍ଷ ପୂର୍ବେ ଅନୁସୂଚିତ ଜାତି ବର୍ଗର ମହିଳାଙ୍କୁ ଦୁଷ୍କର୍ମ ମାମଲାର ଅଭିଯୁକ୍ତ ଫେରାର ରହିଥିଲା। ମାମଲା ସମୀକ୍ଷା କରିବାରୁ ତଦନ୍ତ ଆଗକୁ ବଢ଼ିଥିଲା। ପୁଲିସ ଟିମ୍ ପ୍ରଥମେ ରାଜସ୍ଥାନ ଓ ପରେ ଛତିଶଗଡ଼ରେ ଚଢ଼ଉ କରି ଅଭିଯୁକ୍ତକୁ ଗିରଫ କରିଥିଲା।

# ମାଙ୍କଡ଼ଶୂନ୍ୟ ହୋଇଯିବ କି ଖଣ୍ଡଗିରି

ଭୁବନେଶ୍ୱର, ୧।୧(ସମିସ): ଏକଦା ମାଙ୍କଡ଼ଙ୍କ କଥା ଉଠିଲେ ମନକୁ ଖଣ୍ଡଗିରିର ଚିତ୍ର ମନ ଭିତରକୁ ଚାଲି ଆସୁଥିଲା। କିନ୍ତୁ ବାତ୍ୟା, ମହାବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଏବଂ କୋଭିଡ଼ ଲକ୍‌ଡାଉନ୍ ପରିସ୍ଥିତି ଯୋଗୁଁ ଖାଦ୍ୟାଭାବରେ ପଡ଼ି ଖଣ୍ଡଗିରି ପାହାଡ଼ରୁ ମାଙ୍କଡ଼ଙ୍କ ସଂଖ୍ୟା କ୍ରମେ ହ୍ରାସ ପାଇବାରେ ଲାଗିଛି। ଫଳରେ ମାଙ୍କଡ଼ଙ୍କ ପାଇଁ କ୍ରମେ ପର୍ଯ୍ୟଟକ ଆଗମନ ହ୍ରାସ ପାଉଥିବା ବେଳେ ଏହା ଏବେ ବନ୍ୟା ପ୍ରାଣୀପ୍ରେମୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।

ପର୍ଯ୍ୟଟନ କ୍ଷେତ୍ରରେ ଅନ୍ୟତମ ପ୍ରମୁଖ ଅଞ୍ଚଳ ହେଉଛି ଖଣ୍ଡଗିରି। ଯେଉଁଠିକି ପର୍ଯ୍ୟଟନ ଋତୁରେ ଓଡ଼ିଶା ସମେତ ଓଡ଼ିଶା ବାହାରୁ ପ୍ରତିଦିନ ହଜାର ହଜାର ସଂଖ୍ୟାକ ପର୍ଯ୍ୟଟକ ଆସୁଛନ୍ତି। ଏମିତି କି ଅଣପର୍ଯ୍ୟଟନ ଋତୁରେ ମଧ୍ୟ ଏଠାକୁ ପ୍ରତ୍ୟେକ ଦିନ ଶତାଧିକ ପର୍ଯ୍ୟଟକ ଆସୁଥିବା ଲକ୍ଷ୍ୟ କରାଯାଉଛି। ଏଠାକାର ପ୍ରମୁଖ ଆକର୍ଷଣ ହେଉଛି ମାଙ୍କଡ଼। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଖଣ୍ଡଗିରି ଏବଂ ଉଦୟଗିରି ପାହାଡ଼ରେ ଏକଦା ୫ ହଜାରରୁ ଅଧିକ ମାଙ୍କଡ଼ ରହିଥିଲେ କିନ୍ତୁ ୧୯୯୯ ମହାବାତ୍ୟାରେ ଏଠାରେ ଥିବା ମାଙ୍କଡ଼ଙ୍କ ମଧ୍ୟରୁ ଅନେକଙ୍କ ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ସମୟରେ ଫନୀ ବାତ୍ୟା ପ୍ରଭାବରେ ମଧ୍ୟ ଅନେକ ମାଙ୍କଡ଼ଙ୍କ ମୃତ୍ୟୁ ଘଟିଥିବା ବେଳେ ସବୁଠାରୁ ସଂକଟଜନକ ପରିସ୍ଥିତି ସୃଷ୍ଟି କରିଥିଲା କୋଭିଡ଼ ୧୯। କୋଭିଡ୍ କଟକଣା ଯୋଗୁଁ ପର୍ଯ୍ୟଟକ ନ ଆସିବାରୁ ମାଙ୍କଡ଼ମାନେ ଖାଦ୍ୟାଭାବର ଶିକାର ହୋଇଥିଲେ। ମାଙ୍କଡ଼ମାନେ ପାହାଡ଼ ଛାଡ଼ି ନିକଟବର୍ତ୍ତୀ ଗ୍ରାମାଞ୍ଚଳ ଜଙ୍ଗଲକୁ ଚାଲି ଯାଇଥିଲେ। ଦୀର୍ଘଦିନ ଧରି କୋଭିଡ଼ ପରବର୍ତ୍ତୀ ପରିସ୍ଥିତି ଲାଗି ରହିଥିବା ଯୋଗୁଁ ମାଙ୍କଡ଼ମାନେ ଆଉ ପାହାଡ଼କୁ ଫେରିପାରି ନାହାନ୍ତି। ଫଳରେ ଖଣ୍ଡଗିରି ମାଙ୍କଡ଼ଙ୍କ ସଂଖ୍ୟା କ୍ରମେ ହ୍ରାସ ପାଉଥିବା ପରିଲକ୍ଷିତ ହୋଇଛି। ତେବେ କୋଭିଡ଼ ପୂର୍ବରୁ ପ୍ରାୟ ୨ ହଜାର ମାଙ୍କଡ଼ ରହିଥିବା ବେଳେ କୋଭିଡ଼ ପରବର୍ତ୍ତୀ ସମୟରେ ମାଙ୍କଡ଼ଙ୍କ ସଂଖ୍ୟା ଶହେକୁ ଖସି ଆସିଛି। ପୂର୍ବରୁ ଏଠାରେ ଉଭୟ ହନୁ ଏବଂ ପାତି ମାଙ୍କଡ଼ ଦେଖିବାକୁ ମିଳୁଥିବା ବେଳେ ଏବେ ମାତ୍ର ଗୋଟିଏ ପାତି ମାଙ୍କଡ଼ ରହିଛି ବୋଲି କହିଛନ୍ତି ଏଠାରେ ବେପାରୀ ରାକେଶ ରାଉତ କରିଛନ୍ତି। ତାଙ୍କ କହିବାନୁଯାୟୀ ପ୍ରାୟ ୨୦ ବର୍ଷ ହେଲା ସେ ଏଠାରେ ପର୍ଯ୍ୟଟକଙ୍କୁ ଖାଦ୍ୟ ବିକ୍ରି କରି ଆସୁଛନ୍ତି। ସେ ଏଠାରେ ବୁଲି ବେପାର କରିବା ଦିନୁ ପ୍ରାୟ ୩ ହଜାର ମାଙ୍କଡ଼ ରହିଥିଲେ। ସେମାନଙ୍କ ମଧ୍ୟରେ ଶତାଧିକ ପାତି ମାଙ୍କଡ଼ ରହିଥିବା ବେଳେ ପ୍ରବଳ ମାତ୍ରାରେ ହନୁମାଙ୍କଡ଼ ଥିଲେ। କିନ୍ତୁ ସମୟକ୍ରମେ ବାତ୍ୟାରେ ଅନେକ ମାଙ୍କଡ଼ଙ୍କ ମୃତ୍ୟୁ ହୋଇଛି। ସେହିଭଳି କୋଭିଡ଼ ସମୟରେ ପର୍ଯ୍ୟଟକ ନ ଆସିବାରୁ ଅନେକ ମାଙ୍କଡ଼ ଖାଇବାକୁ ପାଇଲେନାହିଁ। କେତେକ ମାଙ୍କଡ଼ ଆଖପାଖ ଅଞ୍ଚଳକୁ ଯାଇଥିବା ବେଳେ ଅଧିକାଂଶ ମାଙ୍କଡ଼ ଚନ୍ଦକା ଜଙ୍ଗଲକୁ ଚାଲିଯାଇଥିଲେ। କିନ୍ତୁ ଦୀର୍ଘ ସମୟ ଧରି ଏଭଳି ସ୍ଥିତି ଲାଗି ରହିବା ଯୋଗୁଁ ମାଙ୍କଡ଼ ଆଉ ଫେରିପାରି ନାହାନ୍ତି।



- ମହାବାତ୍ୟା ପରେ କାଳ ସାଜିଲା ଫାଇଲିନ, ଫନୀ
- କୋଭିଡ଼ ପରବର୍ତ୍ତୀ ସମୟରେ କମୁଛନ୍ତି ମାଙ୍କଡ଼

ପରିବେଶବିତ୍‌ଙ୍କ କହିବାନୁଯାୟୀ ସାମଗ୍ରିକ ଭାବରେ ଭୁବନେଶ୍ୱର ଏବଂ ଏହାର ଆଖପାଖରେ ସହରାଞ୍ଚଳର ବୃଦ୍ଧି ଏବଂ ବୃକ୍ଷରାଜିର ହ୍ରାସ ଖଣ୍ଡଗିରି ଏବଂ ଉଦୟଗିରିରେ ଥିବା ମାଙ୍କଡ଼ମାନଙ୍କ ପ୍ରାକୃତିକ ବାସସ୍ଥଳୀ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟିର କାରଣ ସାଜିଛି। ସହରୀକରଣର ପ୍ରଭାବ, ସବୁଜିମାର ହ୍ରାସ ଏବଂ ଖାଦ୍ୟର ଅଭାବ ମାଙ୍କଡ଼ମାନଙ୍କୁ ଏ ଅଞ୍ଚଳରେ ରହିବା ନିମନ୍ତେ ଖଣ୍ଡଗିରି ଆଉ ଆକର୍ଷିତ କରିପାରୁ ନାହିଁ। ପରିଣାମରେ ସେମାନଙ୍କର ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଏହା ଉଲ୍ଲେଖଯୋଗ୍ୟ ଯେ ସହରାଞ୍ଚଳରେ ପରିବଶୀୟ ସନ୍ତୁଳନ ରକ୍ଷା ନିମନ୍ତେ ପ୍ରାକୃତିକ ଭାବେ ବାସକରୁଥିବା ଜୀବଜନ୍ତୁମାନଙ୍କୁ ସୁରକ୍ଷା ପ୍ରଦାନ କରିବା ହେଉଛି ଆମର ନୈତିକ କର୍ତ୍ତବ୍ୟ ବୋଲି ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି।

ଅନେକ ସମୟରେ କୁକୁର କାମୁଡ଼ା ଓ ନିଜନିଜ ଭିତରେ କାମୁଡ଼ାକାମୁଡ଼ି ଯୋଗୁଁ ଅନେକ ମାଙ୍କଡ଼ ଆହତ ହୋଇଥାନ୍ତି। ସ୍ଥାନୀୟ ଲୋକେ, ପର୍ଯ୍ୟଟକ, ଜଙ୍ଗଲ ବିଭାଗ ପକ୍ଷରୁ ଚିକିତ୍ସା ପାଇଁ ଓୟୁଏଟି ପରିସରକୁ ଆଣିଥାନ୍ତି। ଏଥିମଧ୍ୟରୁ କିଛି ବଞ୍ଚି ଯାଆନ୍ତି ତ ଆଉ କିଛି ମରିଯାଆନ୍ତି ବୋଲି କହିଛନ୍ତି ଓୟୁଏଟି ପ୍ରାଣୀ ଶଲ୍ୟ ଓ ରଞ୍ଜନ ରଶ୍ମୀ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଇନ୍ଦ୍ରମଣି ନାଥ।

- ବିଗୁଡୁଛି ରାଜଧାନୀର ଆଇନ୍ ଶୃଙ୍ଖଳା ପରିସ୍ଥିତି

## ସମ୍ବେଦନଶୀଳ ମାମଲାରେ ବି ଧରା ପଡୁନାହାନ୍ତି ଅଭିଯୁକ୍ତ

ଭୁବନେଶ୍ୱର, ୧।୧(ସମିସ): ରାଜଧାନୀରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ସବୁବେଳେ ହତ୍ୟାକାଣ୍ଡ, ଗଣଦୁଷ୍କର୍ମ, ଦୁଷ୍କର୍ମ, ଅସଦାଚଣ ଭଳି ଖବର ବାରମ୍ବାର ଶୁଣିବାକୁ ମିଳୁଛି। ଅପରାଧୀ ଉପରମୁହାଁ ହୋଇଯାଇଛନ୍ତି। ପୁଲିସକୁ ଏମାନଙ୍କର ଭୟ କିମ୍ବା ଖାତିର ନାହିଁ। କିଏ ସମ୍ପତ୍ତି ପାଇଁ ହତ୍ୟା କରୁଛି। ଆଉ କିଏ ପ୍ରେମ ପାଇଁ ପିଟି ପିଟି ମାରି ଦେଉଛି। ଏସବୁ ଅପରାଧ ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିଲେ ମଧ୍ୟ କିଛି ମାମଲାରେ ପୁଲିସ ଅଭିଯୁକ୍ତଙ୍କ ପାଖରେ ପହଁଞ୍ଚ୍ଠ ପାରୁନି। ଯାହା ଚିନ୍ତା ବଢ଼ାଇ ଦେଉଛି। ରାଜଧାନୀରେ ହତ୍ୟା, ଦୁଷ୍କର୍ମ ଭଳି ମାମଲା ଉପରେ ରୋକ ଲଗାଇବା ପୁଲିସ ପାଇଁ ନୂଆ ଆହ୍ୱାନ ପାଲଟିଛି।

**ନୂଆ ଆହ୍ୱାନ ପାଲଟିଛି ହତ୍ୟା, ଦୁଷ୍କର୍ମ**

ଗତବର୍ଷ ଡିସେମ୍ବର ମାସରେ ରାଜଧାନୀରେ ଦୁଇ ଦୁଇଟି ଗଣଦୁଷ୍କର୍ମ ମାମଲା ସାମ୍ନାକୁ ଆସିଥିଲା। ସହିଦନଗର ଲଜ୍ଜାର ସମସ୍ତ ଅଭିଯୁକ୍ତ ଗିରଫ ହୋଇଯାଇଥିଲା ବେଳେ ଧଉଳି ଲଜ୍ଜାରେ ଆଉ ଦୁଇ ଅଭିଯୁକ୍ତ ଏବେବି ଫେରାର ଅଛନ୍ତି। ପୁଲିସ ହାତ ଏବେ ବି ଖାଲି ପଡ଼ିଛି।

ସେହିପରି ଗତବର୍ଷ ୭ ସେପ୍ଟେମ୍ବର ମାସରେ ମଞ୍ଚେଶ୍ୱର ରେଳ ଡବା କାରଖାନା ନିକଟରେ ଘଟିଥିବା ଜଘନ୍ୟ ହତ୍ୟାକାଣ୍ଡ। ଜଣେ ସମ୍ଭ୍ରାନ୍ତ ଶ୍ରେଣୀର ଯୁବକଙ୍କୁ ଦୁର୍ବୃତ୍ତମାନେ ପଥରରେ ଛେଚି ହତ୍ୟା କଲେ। ହତ୍ୟାକାଣ୍ଡକୁ ପୁଲିସ ଅତ୍ୟନ୍ତ ହାଲୁକା ଭାବେ ନେଲା। ହତ୍ୟାକାରୀ କିମ୍ବା ମୃତକ କାହାର ବି ପରିଚୟ ଖୋଜି ପାଇଲାନି ପୁଲିସ। କେବଳ ପୋଷ୍ଟରରେ ତାଙ୍କ ଫଟୋ ମାରି ପୁଲିସ ନିଜର କାମ ଶେଷ କରିଦେଲା। ସେହିପରି ଚନ୍ଦ୍ରଶେଖରପୁର ଅଞ୍ଚଳରେ ଗତବର୍ଷ ୧୩ ଅକ୍ଟୋବରରେ ଏକ ହତ୍ୟାକାଣ୍ଡ ହୋଇଥିଲା। ଯାହା ପୂରା ରାଜଧାନୀକୁ ସ୍ତବ୍ଧ କରିଦେଇଥିଲା।

ସେହିପରି ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଏକ କେନ୍ଦ୍ରୀୟ ବିଦ୍ୟାଳୟ ଉପରକୁ ବୋମାମାଡ ହେଲା। ରାଷ୍ଟ୍ରପତି ଭୁବନେଶ୍ୱରରେ ଥିଲା ବେଳେ ସ୍କୁଲ ଉପରକୁ ବୋମା ମାଡ କରାଗଲା। ତେବେ କଣ ପାଇଁ ବୋମା ମାଡ କରାଗଲା। କିଏ କାହିଁକି ବୋମା ମାଡ କଲେ। ନାଆଁ ଅପରାଧର ଉଦ୍ଦେଶ୍ୟ ପୁଲିସ ଜାଣି ପାରୁଛି। ନାଆଁ ଅପରାଧୀଙ୍କୁ ଚିହ୍ନଟ କରିପାରୁଛି। ଏହି ମାମଲାରେ ପୁଲିସ ହାତ ଏବେ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଖାଲି ରହିଛି।

## ପୃଥକ ଦୁର୍ଘଟଣାରେ ଜଣେ ମୃତ, ଦୁଇ ଆହତ

ଯାଁଳା, ୧।୧(ସମିସ): ଇନ୍‌ଫୋଭ୍ୟାଲି ଥାନା ୧୬ ନମ୍ବର ଜାତୀୟ ରାଜପଥରେ ପୃଥକ ପୃଥକ ଦୁଇଟି ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ଗଙ୍ଗପଡ଼ା ନିର୍ମାଣାଧୀନ ଓଭରବ୍ରିଜ ବାଙ୍କରେ ବିଳମ୍ବିତ ରାତି ପ୍ରାୟ ୩ ଟା ବେଳେ ଖୋର୍ଦ୍ଧାରୁ ଭୁବନେଶ୍ୱର ଆସୁଥିବା ଏକ ହାଇୱା ପଛରେ ଟ୍ରକ ଧକ୍କା ଦେବାରୁ ଟ୍ରକ ଚାଳକ ଜଣକ ଘଟଣାସ୍ଥଳରେ ମୃତ୍ୟୁ ବରଣ କରିଥିଲେ। ମୃତକ ହେଲେ ପବିତ୍ର ମୋହନ ନାଏକ। ଘନ କୁହୁଡି ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ସେହିଭଳି ସକାଳ ପ୍ରାୟ ୮ ଟା ବେଳେ ଯାଁଳା ପେଟ୍ରୋଲ ପମ୍ପ ନିକଟରେ ୩ ଟି ସ୍କୁଟି ପଛକୁ ପଛ ପିଟି ହୋଇଯିବାରୁ ଦୁଇ ଜଣ ଆହତ ହୋଇଛନ୍ତି। ସେହିଭଳି ସକାଳ ୮ ଟା ବେଳେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଆସୁଥିବା ୩ଟି ସ୍କୁଟି ପଛକୁ ପଛ ପିଟି ହୋଇ ଯିବାରୁ ଦୁଇ ଜଣ ଆହତ ହୋଇଥିଲେ।

### ନନ୍ଦନକାନନ ଖବର

## ଆସିବେ ସର୍ବବୃହତ ନାଲି କଙ୍ଗାରୁ



ନନ୍ଦନକାନନ, ୧।୧(ସମିସ): ଦେଶ ଓ ରାଜ୍ୟ ତଥା ରାଜ୍ୟ ପ୍ରାଣୀ ଉଦ୍ୟାନ ନନ୍ଦନକାନନ ପାଇଁ ଇଂରାଜୀ ନବବର୍ଷରେ ନୂଆ ଖୁସି ଖବର ଆଣିଛି ନନ୍ଦନକାନନ। ନନ୍ଦନକାନନ ବିଶ୍ୱସ୍ତରୀୟ ଚିଡିଆଖାନ ହେବାକୁ ଅଗ୍ରସର ହେଉଥିବା ବେଳେ ବିଶ୍ୱସ୍ତରୀୟ ଜୀବଜନ୍ତୁ ଆଣିବାକୁ ଯୋଜନା ରଖାଯାଇଛି। ନନ୍ଦନକାନନକୁ ଜୁଲାଇ ସୁଦ୍ଧା ଚିତା, ଗଣ୍ଡା, ଚଷମା ମାଙ୍କଡ, ସୁନେଲି ମାଙ୍କଡ ଆଣିବାକୁ ଯୋଜନା କରାଯାଇଥିଲା ବେଳେ ଅଷ୍ଟ୍ରେଲିଆରୁ ବିଶ୍ୱର ସର୍ବବୃହତ ନାଲି କଙ୍ଗାରୁ ହଳେ କିମ୍ବା ଦୁଇ ହଳ ଆଣିବାକୁ କେନ୍ଦ୍ର ଚିଡିଆଖାନା କର୍ତ୍ତୃପକ୍ଷଙ୍କ ସହ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଆଲୋଚନା ହୋଇଛି। ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଏନେଇ ଏକ ସଂସ୍ଥା ସହ ଯୋଗାଯୋଗ ହୋଇଛି। ନାଲି କଙ୍ଗାରୁଙ୍କୁ ନେଇ ସଫାରୀ ହେବାର ଯୋଜନା ରଖାଯାଇଛି। ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ ଏଭଳି କଙ୍ଗାରୁ ଡିଆଁ ଡେଇଁ କରି ଚାରିଆଡେ ବୁଲାବୁଲି କରନ୍ତି। ଏମାନଙ୍କୁ ଖୁଆଡ଼ କିମ୍ବା ସଫାରୀରେ ରଖିବାକୁ ନେଇ କିଛି ସ୍ଥିର ହୋଇନାହିଁ। ତେବେ ବିଶ୍ୱସ୍ତରୀୟ ନନ୍ଦନକାନନ ହେବାକୁ ଥିବା ଯୋଜନାର ଫଳ ସ୍ୱରୂପ ଅଷ୍ଟ୍ରେଲିଆ ଭଳି ମହାଦେଶର ଜାତୀୟ ପଶୁ କଙ୍ଗାରୁ ଆସିଲେ ନନ୍ଦନକାନନ ବିଶ୍ୱର ବହୁ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହିତ ବିଶ୍ୱରେ ଦେଶପାଇଁ ଗୌରବ ଆଣିବା ସହ ଏକ ମାଇଲଖୁଣ୍ଟ ହେବ।

- ପୁଲିସ ଉପସ୍ଥିତିରେ ପର୍ଯ୍ୟଟକଙ୍କ ମୋବାଇଲ୍ ଲୁଟ୍

## ଲୁଟେରାଙ୍କ ଖୋଲା ଆତଙ୍କ

ନନ୍ଦନକାନନ/ବାରଙ୍ଗ, ୧।୧(ସମିସ): ନୂଆବର୍ଷ ପାଇଁ ନନ୍ଦନକାନନରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ବର୍ଷର ପ୍ରଥମ ଦିନକୁ ମଜାରେ କଟାଇବା ପାଇଁ ଦୂରଦୁରାନ୍ତରୁ ବହୁ ପର୍ଯ୍ୟଟକ ନନ୍ଦନକାନନକୁ ଧାଇଁ ଆସିଥିଲେ। ପ୍ରଥମ ଦିନରେ ୩୭୨୬୦ ଜଣ ପର୍ଯ୍ୟଟକ ନନ୍ଦନ କାନନ ପ୍ରାଣୀ ଉଦ୍ୟାନକୁ ଆସିଥିବା ବେଳେ ୩୦୦୯ ଜଣ ପର୍ଯ୍ୟଟକ ଉଭିଦ ଉଦ୍ୟାନକୁ ବୁଲିବାକୁ ଆସିଥିଲେ। ସେଥିମଧ୍ୟରୁ ବହୁ ପର୍ଯ୍ୟଟକ ଫେରିବାବେଳେ 'ଆମ ବସ୍' ଉପରେ ନିର୍ଭର କରିଥିଲେ। ତେବେ ଦିନ ଦୁଇଟା ପରଠାରୁ ନନ୍ଦନକାନନ ଛକ ପାଖରେ ଭୁବନେଶ୍ୱର ଫେରିବା ପାଇଁ ଲୋକଙ୍କ ପ୍ରବଳ ଭିଡ଼ ମଧ୍ୟରେ ଲୁଟେରାଙ୍କ ପ୍ରାଦୁର୍ଭାବ ଦେଖାଯାଇଛି। ଏହି ଭିଡ଼ ସୁଯୋଗରେ ମୋବାଇଲ୍ ଲୁଟେରାଙ୍କ ଦୌରାତ୍ମ୍ୟ ମଧ୍ୟ ବୃଦ୍ଧି ପାଇଥିଲା। ବିଶେଷ କରି ମୋବସରେ ହେଉଥିବା ମୋବାଇଲ୍ ଲୁଟକୁ ରୋକିବା ପାଇଁ ସ୍ୱତନ୍ତ୍ରଭାବେ ଦୁଇଜଣ ପୁଲିସ କର୍ମଚାରୀ ବସ୍ ପାଖରେ ଦିନସାରା ଲୁଟେରାଙ୍କ ଗତିବିଧି ଉପରେ ତୀକ୍ଷଣ ଦୃଷ୍ଟି ରଖିବାକୁ ଜଗି ରହିଥିଲେ; କିନ୍ତୁ ସେମାନଙ୍କ ଉପସ୍ଥିତିରେ ପ୍ରାୟ ୧୦ଟି ମୋବାଇଲ୍ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ଗୋଟିଏ ମୋବାଇଲ୍ ଲୁଟେରାକୁ ଧରିବାରେ ସକ୍ଷମ ହୋଇପାରି ନାହିଁ। ନୟାପଲ୍ଲୀର ଆଶିଷ କୁମାର ସ୍ୱାଇଁ, ପଳାଶପଲିର ପଙ୍କଜ କୁମାର, ନୀଳାଦ୍ରିବିହାରର ମମତା ପ୍ରଧାନ, ଆଚାର୍ଯ୍ୟ ବିହାରର ସୁନୀତା ମଣ୍ଡଳ, ବିଡ଼ିଏର ଆର୍ଯ୍ୟପ୍ରସାଦ ମିଶ୍ର, ନୟାଗଡ଼ର ଜୟନ୍ତୀ ଜେନାଙ୍କ ସମେତ ବହୁ ଲୋକଙ୍କ ମୋବାଇଲ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ସେମାନଙ୍କୁ ଆଉ କୋଉଠି ମୋବାଇଲ ହଜାଇଦେଇଥିବେ ବୋଲି କହୁଥିବା ଦେଖାଯାଇଥିଲା। ଲୋକଙ୍କୁ ବସ ଅଟକାଇ ଗାଡ଼ିରେ ବସାଇଥିଲେ ବୋଲି ଅଭିଯୋଗ ମଧ୍ୟ ହୋଇଛି।



# ଦିଅଁ ଦର୍ଶନରୁ ବର୍ଷ ଆରମ୍ଭ

ଭୁବନେଶ୍ୱର, ୧।୧(ସମିସ): ୨୦୨୫ବର୍ଷକୁ ବିଦାୟ ଦେଇ ୨୦୨୬ ବର୍ଷକୁ ଧୁମଧାମରେ ପାଳନ କରିଛନ୍ତି ରାଜଧାନୀବାସୀ। କିଏ ତୀର୍ଥ ସ୍ଥାନ ତ ଆଉ କେହି ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ କାଟିଛନ୍ତି ବର୍ଷର ପ୍ରଥମ ଦିନ। ଚଳିତ ବର୍ଷ ଗୁରୁବାର ନୂଆବର୍ଷ ପଡ଼ିଥିବାରୁ ବିଭିନ୍ନ ସ୍ଥାନରେ ଭୋଜି ବଦଳରେ ଧର୍ମାନୁଷ୍ଠାନଗୁଡ଼ିକରେ ସକାଳୁ ସକାଳୁ ଭିଡ଼ ଦେଖିବାକୁ ମିଳିଥିଲା।

- ସଂଗ୍ରହାଳୟକୁ ଆସିଲେ ୬ ହଜାର ପର୍ଯ୍ୟଟକ
- ଖଣ୍ଡଗିରି, ଉଦୟଗିରି ବୁଲିଲେ ୨୦ ହଜାର ଲୋକେ
- ସପିଙ୍ଗ ମଲ୍‌ରେ ତୁହାକୁ ତୁହା ଅଫର୍; ପାର୍କ ଓ ହଲ୍‌ରେ ଭିଡ଼

ନୂଆବର୍ଷରେ ସକାଳୁ ସକାଳୁ ରାଜଧାନୀର ବିଭିନ୍ନ ଧର୍ମାନୁଷ୍ଠାନରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ନିଜ ଅଞ୍ଚଳର ବିଭିନ୍ନ ଦେବାଦେବୀ ମନ୍ଦିର ସହ ଲିଙ୍ଗରାଜ ମନ୍ଦିର, ରାମ ମନ୍ଦିର, ଇସ୍କନ ମନ୍ଦିର, ଶିରିଡ଼ି ସାଇ ମନ୍ଦିରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ହାତରେ ଫୁଲ, ଦୀପ ଧରି ମନ୍ଦିରକୁ ଯାଇଥିଲେ ଶ୍ରଦ୍ଧାଳୁ। ଶ୍ରୀଲିଙ୍ଗରାଜ ମନ୍ଦିରେ ବଡ଼ି ଭୋରୁ ଭକ୍ତଙ୍କ ଲମ୍ବା ଲାଇନ୍ ଲାଗିଥିଲା। ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ କରିବାକୁ ରାଜଧାନୀ ସମେତ ବିଭିନ୍ନ ସ୍ଥାନରୁ ପ୍ରାୟ ୬୦ ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ବ୍ୟାରିକେଡ୍ ବ୍ୟବସ୍ଥା କରାଯିବା ସହ ସହ ୫ ପ୍ଲାଟୁନ୍ ପୁଲିସ ଉପସ୍ଥିତ ରହି ଭିଡ଼ ନିୟନ୍ତ୍ରଣ କରିଥିଲେ। ଏଥିରେ ୩ ଜଣ ଆଇଆଇସି, ଜଣେ ଏଲସପି, ୫ଜଣ ସବ-ଇନସିପେକ୍ଟର ଉପସ୍ଥିତ ଥିଲେ।



ଦିନକୁ ଦିନ ମ୍ୟୁଜିୟମରେ ନୂଆଫର୍ଦ୍ଦ ଯୋଡ଼ି ହେବା ସାଙ୍ଗକୁ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଲୋକମାନଙ୍କ ଆଗମନ ବଢ଼ୁଛି। ନୂଆବର୍ଷରେ ରାଜ୍ୟ ସଂଗ୍ରହଳୟ ପରିଦର୍ଶନ କରିଛନ୍ତି ୬ ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ। ସଂଗ୍ରହାଳୟ ପରିସରରେ ରହିଥିବା ପୁଷ୍ପ ଉଦ୍ୟାନ ସାଙ୍ଗକୁ ଆକର୍ଷଣୀୟ ସାଜସଜ୍ଜା ବୁଲି ଦେଖିବା ସହ ଫଟୋଗ୍ରାଫି ଓ ରିଲସ୍ କରିବାରେ ଯୁବଗୋଷ୍ଠୀ ବେଶ୍ ମଜା ନେଉଥିବା ଦେଖିବାକୁ ମିଳିଥିଲା। ନୂଆବର୍ଷ ପାଇଁ ପୁଷ୍ପ ଉଦ୍ୟାନ ସନ୍ଧ୍ୟା ୬ଟା ଯାଏ ଖୋଲା ରହିଥିଲା। ସେହିପରି ସଂଗ୍ରହାଳୟ ବିଭିନ୍ନ ଗ୍ୟାଲେରୀ ସହ ଏଠାରେ ରହିଥିବା ଡାଇନେସର, ହାତୀ, ବାଘ ଆଦି ଦେଖିବାକୁ ପିଲାମାନଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ଦେଖିବାକୁ ମିଳିଛି। ଛାତ୍ରଛାତ୍ରୀଙ୍କ ପାଇଁ ପ୍ରବେଶ ଛାଡ଼ ହୋଇଥିବା ବେଳେ ପ୍ରାୟ ୬ ହଜାର ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ବର୍ଗର ପର୍ଯ୍ୟଟକ ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି। ନୂଆବର୍ଷରେ ପ୍ରାୟ ୯୦ ହଜାର ଟଙ୍କା ଟିକଟ୍ ଫି ଆଦାୟ ହୋଇଥିବା ରାଜ୍ୟ ସଂଗ୍ରହାଳୟ ଅଧୀକ୍ଷକ ଡ. ଭାରତୀ ପାଲ୍ ସୂଚନା ଦେଇଛନ୍ତି।

ନୂଆବର୍ଷର ପ୍ରଥମଦିନରେ ଖଣ୍ଡଗିରି ଓ ଉଦୟଗିରିରେ ପ୍ରାୟ ୨୦ ହଜାର ପର୍ଯ୍ୟଟକ ବୁଲିଥିଲେ। ସେହିପରି ଧଉଳିରେ ମଧ୍ୟ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଶାନ୍ତିସ୍ତୂପ ବୁଲିଦେଖିବା ସହ ଏଠାରେ ବଣଭୋଜିର ମଜ୍ଜା ନେଇଛନ୍ତି। ନୂଆବର୍ଷ ପାଇଁ ରାଜଧାନୀ ବିଭିନ୍ନ ସପିଂ ମଲ୍‌ରେ ତୁହା କୁ ତୁହା ଅଫର ରହିଥିଲା। କେଉଁଠାରେ ଗୋଟିଏ କିଣିଲେ ଗୋଟିଏ ମାଗଣା ତ ଆଉ କେଉଁଠି ୩ଟି କିଣିଲେ ୪ଟି ମାଗଣା। ବିଭିନ୍ନ ବିୟୁଟି ପ୍ରଡକ୍ଟ ହେଉ ଅବା ବସ୍ତ୍ର, ସବୁଥିରେ ଦେଖିବାକୁ ମିଳିଥିଲା ଆକର୍ଷଣୀୟ ଅଫର୍। ଯାହାର ଫାଇଦା ଉଠାଇଛନ୍ତି ରାଜଧାନୀବାସୀ। ନୂଆବର୍ଷ ପାଇଁ ମଲ୍‌ଗୁଡ଼ିକ ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ଆକର୍ଷଣୀୟ ଅଫର ପାଇଁ ନିଜ ମନ ପସନ୍ଦର ଜିନିଷକୁ ବୋହି ନେଇଥିଲେ ଗ୍ରାହକ। ଏଥିପାଇଁ ସକାଳୁ ରାତି ୧୦ଟା ଯାଏ ସମସ୍ତ ସପିଂ ମଲ୍‌ରେ ବହୁ ସଂଖ୍ୟାରେ ଗ୍ରାହକଙ୍କୁ ଦେଖିବାକୁ ମିଳିଥିଲା।

ରାଜଧାନୀର ବିଭିନ୍ନ ପାର୍କରେ ନୂଆବର୍ଷକୁ ପାଳନ କରିଛନ୍ତି ଯୁବିପିଢ଼ି। ପାର୍କରେ ଏକାଠି ହୋଇ କେକ୍ କାଟି ପରସ୍ପରକୁ ନୂଆବର୍ଷର ଶୁଭେଚ୍ଛା ଜଣାଇବା ସହ କେକ୍ ଖୁଆଇ ନୂଆବର୍ଷ ପାଳନ କରିଥିଲେ ରାଜଧାନୀର ଯୁବପିଢ଼ି। ପରସ୍ପରକୁ ଆଲିଙ୍ଗନ କରି ଫଟୋ ଉଠାଇ ବେଶ୍ ମଜା ନେଇଥିଲେ ସମସ୍ତେ। ସେହିପରି ବିଭିନ୍ନ ସିନେମା ହଲ୍‌ରେ ବି ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ନିକଟରେ ମୁକ୍ତିଲାଭ କରିଥିବା ହିନ୍ଦୀ ଫିଲ୍ମ 'ଧୁରନ୍ଧର', ଇକ୍କିସ୍, ଅବତାର ସାଙ୍ଗକୁ ଓଡ଼ିଆ ସିନେମା 'ଲଢ଼େଇ' ଦେଖିବାକୁ ପ୍ରାୟ ସମସ୍ତ ହଲରେ ହାଉସ୍ ଫୁଲ ରହିଥିବା ଦେଖିବାକୁ ମିଳିଥିଲା। ପ୍ରାୟ ସପ୍ତାହେ ହେବ ହଲ୍ ଗୁଡ଼ିକରେ ପୂର୍ବରୁ ଟିକଟ୍ ବୁକିଂ ସରିଥିବା ବେଳେ ନୂଆବର୍ଷ ପାଇଁ ଟିକଟ୍‌ର ମୂଲ୍ୟ ମଧ୍ୟ ଅଧିକ ରହିଥିଲା। ତଥାପି ଫାଙ୍କା ପଡ଼ିନଥିଲା ସିଟ୍।

## ଗୁରୁବାର ଯୋଗୁଁ ଆମିଷ ବଜାର ଫାଙ୍କା, ବଣଭୋଜି ଫିକା

ଚଳିତ ବର୍ଷ ଗୁରୁବାର ନୂଆବର୍ଷ ପଡ଼ିଥିବାରୁ କେତେକ ହାତଗଣତି ସ୍ଥାନରେ ଭୋଜି ଆୟୋଜନ ହୋଇଥିବା ବେଳେ ଖାଁ ଖାଁ ପାଳଟିଥିଲା ଆମିଷ ବଜାର। ଜୟଦେବ ବାଟିକା, ଧଉଳି, ଡେରାସ, ଝୁମୁକା ଆଦି ଅନେକ ସ୍ଥାନରେ ଭୋଜି ଫିକା ପଡ଼ିଥିବା ଦେଖିବାକୁ ମିଳିଛି। ସେହିପରି ମଧ୍ୟରାତ୍ରିରେ ମିଡନାଇଟ୍ ଫାୟାର ମଧ୍ୟ କରିଥିଲେ। ନୂଆବର୍ଷରେଜୟଦେବବାଟିକାରେପ୍ରାୟ୧୦ହଜାର ପର୍ଯ୍ୟଟକ ଭ୍ରମଣ କରିଥିବା ସୂଚନା ରହିଛି।

## ଶାନ୍ତିସ୍ତୂପ'ରେ ପର୍ଯ୍ୟଟକଙ୍କ ଭିଡ଼



ଧଉଳି, ୧।୧(ସମିସ): ଇଂରାଜୀ ନୂଆବର୍ଷରେ ଐତିହାସିକ ପର୍ଯ୍ୟଟନସ୍ଥଳୀ ଶାନ୍ତିସ୍ତୂପ ଧଉଳିରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ପର୍ଯ୍ୟଟକମାନେ ସ୍ତୂପ ବୁଲିବା ସହ ଭଗବାନ ବୁଦ୍ଧଙ୍କ ପୂଜାର୍ଚ୍ଚନା କରିଥିଲେ। ସେହିପରି ସ୍ତୂପ ନିକଟରେ ଥିବା ଶ୍ରୀ ଶ୍ରୀ ଧବଳେଶ୍ୱରଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏଥିପାଇଁ ଧଉଳି ଟ୍ରାଫିକ ଛକ ଠାରୁ ସ୍ତୂପ ପର୍ଯ୍ୟନ୍ତ ଯାନବାହାନ ଲମ୍ବାଲାଇନ ଲାଗିଥିଲା। ଆଜି ନୂଆବର୍ଷରେ ପାଖାପାଖି ୬୦ ହଜାର ପର୍ଯ୍ୟଟକ ଶାନ୍ତିସ୍ତୂପ ବୁଲିବାକୁ ଆସିଥିଲେ। କିଏ ପରିବାର ସହ ଆସିଥିଲେ ତ କିଛି ଯୁବଗୋଷ୍ଠୀ ଆସିଥିଲେ। ଆଉ କିଛି ସ୍ତୂପ ପାଦ ଦେଶରେ ବଣଭୋଜିରେ ମାତିଥିଲେ। ସନ୍ଧ୍ୟାରେ ଫେରିଲା ସମୟରେ ଲାଇଟ ଆଣ୍ଡ ସାଉଣ୍ଡର ମଜା ନେଇଥିଲେ। ପର୍ଯ୍ୟଟକଙ୍କ ଭିଡ଼କୁ ଲକ୍ଷ ରଖି ଧଉଳି ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଭିଡ଼କୁ ଆୟତ୍ତ କରିପାରି ନ ଥିଲେ। ଯାନବାହାନ ଚଳାଚଳ ଯୋଗୁଁ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା।

## ଚାଖି ଖୁଣ୍ଟିଆ ଓ ବିପ୍ଳବୀ ଚକ୍ରଧରଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୧।୧(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ଗୁରୁବାର ଦେଶପ୍ରେମୀ ତଥା ସାରସ୍ୱତ ସାଧକ ଚାଖିଖୁଣ୍ଟିଆ ଓ ବିପ୍ଳବୀ ଚକ୍ରଧର ବେହେରାଙ୍କ ପୁଣ୍ୟ ତିଥି ପାଳିତ ହୋଇଯାଇଛି। କଳ୍ପନା ଛକ ଓ ରାଜଭବନ ଛକଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରା ଯାଇଥିଲା। ଅନ୍ୟପକ୍ଷରେ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜାରାଜୁଡ଼ା ଶାସନ ବିରୋଧରେ କରିଥିବା ବେସାଲିସ୍ ସଂଗ୍ରାମ ତାଙ୍କୁ ଆଜିବି ମଣିଷ ଆଉ ଇତିହାସର ହୃଦୟରେ ସ୍ଥାନ ଦେଇଛି ବୋଲି ତାଙ୍କ ଶ୍ରାଦ୍ଧୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ଉଭୟ ସଭାକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ପୃଥିରାଜ ପ୍ରତାପ ସିଂ, ପ୍ରଭାତ ବିଶ୍ୱାଳ, ସୁରଜିତ ପରିଡ଼ା, ସବିତା ମଞ୍ଜରି ତ୍ରିପାଠୀ, ଇଂ ଅଖିଳ ଚନ୍ଦ୍ର ବାରିକ, ଲକ୍ଷ୍ମୀଧର ସେଠୀ, କମଳା ବରାଳ, ଅମ୍ବିକା ନାୟକ, ଜିତେନ୍ଦ୍ର ଯାଲି, ପୀତବାସ ସ୍ୱାଇଁ, ବିଜୟ ସେଠୀ ପ୍ରମୁଖ ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ଉତ୍କଳ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



ଭୁବନେଶ୍ୱର, ୧।୧(ସମିସ): ନୂଆବର୍ଷ ଉପଲକ୍ଷେ ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘର ଏକ ବୈଠକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରସଂଘ ସଭାପତି ଡକ୍ଟର ସତ୍ୟଜିତ୍ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୨୦୨୬ ମସିହା ପାଇଁ ସମ୍ଭାବ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ସଭାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡକ୍ଟର ଯଜ୍ଞେଶ୍ୱର ଦଣ୍ଡପାଟ ଓ କୁଳ ସଚିବ ସ୍ୱାତୀ ମିଶ୍ରଙ୍କୁ ଭେଟି ନବବର୍ଷର ଅଭିନନ୍ଦନ ଜଣାଇଥିଲେ। ପରେ ପୁରାତନ ଛାତ୍ରସଂଘ କାର୍ଯ୍ୟାଳୟରେ ସଦସ୍ୟମାନେ ମତ ବିନିମୟ କରିଥିଲେ। ପୁରାତନ ଛାତ୍ରସଂଘ ଯୁଗ୍ମ କୋଷାଧ୍ୟକ୍ଷ ସନ୍ତୋଷ ମହାପାତ୍ର, ସଦସ୍ୟ ଜ୍ୟୋତି ଶଙ୍କର ପଣ୍ଡା ଏବଂ ମୁଖପତ୍ର 'ଉତ୍କଳାୟନ' ସମ୍ପାଦକ ମଣ୍ଡଳୀ ସଭ୍ୟ ଶତ୍ରୁଜିତ୍ ବାଣୀବିହାର ବିଷୟବସ୍ତୁ ଉପରେ କବିତା ପାଠ କରିଥିଲେ। ବନ୍ଧୁମିଳନରେ ପୁରାତନ ଛାତ୍ରସଂଘ ସମ୍ପାଦକ ଦେବେନ୍ଦ୍ର ପ୍ରସାଦ ଦାସ, ଉପସଭାପତି ରଘୁନାଥ ପୃଷ୍ଟି, କୋଷାଧ୍ୟକ୍ଷ ଡକ୍ଟର ଅମୀୟ କୁମାର ମହାନ୍ତି ଏବଂ ଯୁଗ୍ମ ସମ୍ପାଦକ ଡକ୍ଟର ବୀରକିଶୋର ଦାଶଙ୍କ ସମେତ ବହୁ ସଦସ୍ୟସଦସ୍ୟା ଯୋଗ ଦେଇଥିଲେ।

## ଇଂରାଜୀ ନବବର୍ଷରେ ଗୋ-ପୂଜା

ଭୁବନେଶ୍ୱର, ୧।୧(ସମିସ): ରୋଟାରୀ କ୍ଲବ୍ ଭୁବନେଶ୍ୱର କନ୍ ଫ୍ଲୁ ଏନ୍ସ ଆନୁକୂଲ୍ୟରେ ଇଂରାଜୀ ନୂତନ ବର୍ଷ ଅବସରରେ ତମାଣ୍ଡୋ - ପାତ୍ରପଡ଼ା ସ୍ଥିତ 'ମା ସେବା କେନ୍ଦ୍ରର' ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜାର୍ଚ୍ଚନା ପରେ ପାରମ୍ପାରିକ ପୋଡ଼ ପିଠା ଅର୍ପଣ କରାଯାଇଥିଲା। କ୍ଲବ୍‌ର ସଭାପତି ରୁଦ୍ର ପ୍ରସନ୍ନ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ରୋଟାରୀ କ୍ଲବ୍ ତରଫରୁ ଗୋଶାଳା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ବରିଷ୍ଠ ସଭ୍ୟ ତଥା ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ ଭକ୍ତରଞ୍ଜନ ମହାନ୍ତି, ରୋଟାରିଆନ୍ ଅଶୋକ କୁମାର ସାମଲ, ନୀଳାଚଳ ପ୍ରଧାନ, ଅଭିଳାଷ ପତି ଓ ରବୀନ୍ଦ୍ର ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗୋଶାଳାର ମୁଖ୍ୟ ମୃତ୍ୟୁଞ୍ଜୟ ପାଟସାଣୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ କରାଯାଇଥିଲା।

## ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଶ୍ରୀଜଗନ୍ନାଥ ସଂସ୍କୃତି ଜାଗରଣ



ଭୁବନେଶ୍ୱର, ୧।୧(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ଦ୍ୱାରା ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ଶ୍ରୀଜଗନ୍ନାଥ ସଂସ୍କୃତି ଜାଗରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚତୁର୍ଦ୍ଧା ମୂର୍ତ୍ତିକୁ ସକାଳ ୯ଟାରୁ ରାତି ୯ଟା ଯାଏ ଦର୍ଶନ କରିବାର ସୁଯୋଗ ପାଇଥିଲେ। କାର୍ଯ୍ୟକ୍ରମରେ ଭାଗବତାନନ୍ଦା ସରସ୍ୱତୀ ପଣ୍ଡିତ ଦାଶରଥି ସାମନ୍ତରାୟ, ପଦ୍ମଶ୍ରୀ ଡାକ୍ତର ଅଶୋକ ମହାପାତ୍ର, ପ୍ରଶାନ୍ତ ମିଶ୍ର, ତପସ୍ୱିନୀ ପାଢ଼ୀ, ଡ. ଗୁରୁ ପ୍ରସାଦ ମହାପାତ୍ର, ଅନୁଷ୍ଠାନ ପକ୍ଷରୁ ଡ.ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେ।

## ଶିବାନନ୍ଦ ଆଶ୍ରମରେ ବିଶ୍ୱ ପ୍ରାର୍ଥନା ଦିବସ



ଭୁବନେଶ୍ୱର, ୧।୧(ସମିସ): ଦିବ୍ୟ ଜୀବନ ସଂଘ ଆନୁକୂଲ୍ୟରେ ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ରରେ ଇଂରାଜୀ ନବବର୍ଷର ପ୍ରଥମ ଦିନକୁ ବିଶ୍ୱ ପ୍ରାର୍ଥନା ଦିବସ ଭାବେ ପାଳନ କରାଯାଇଛି। ସଂଘର ସଭାପତି ରାଧାଶ୍ୟାମ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ସ୍ୱାମୀ ଭାଗବତପ୍ରସାଦ ନନ୍ଦ ସରସ୍ୱତୀ, ସ୍ୱାମୀ ପୁରୁଷୋତ୍ତମାନନ୍ଦ ସରସ୍ୱତୀ ପ୍ରମୁଖ ପ୍ରାର୍ଥନାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସେମାନେ କହିଥିଲେ ଯେ ପ୍ରାର୍ଥନା ଦୁଃଖରେ ଆତ୍ମବଳ ଦେଇ ଶାନ୍ତି ଓ ସତ୍ୟର ପଥ ଦେଖାଇଥାଏ। କାର୍ଯ୍ୟକ୍ରମରେ ସ୍ୱାମୀ ଶିବାନନ୍ଦଙ୍କ ବିଶ୍ୱ ପ୍ରାର୍ଥନା, ହନୁମାନ ଚାଳିଶା, ବିଷ୍ଣୁ ସହସ୍ରନାମ, ମହାମୃତ୍ୟୁଞ୍ଜୟ ମନ୍ତ୍ର ଓ ଭଜନ ପରିବେଷଣ ହୋଇଥିଲା। ଶେଷରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ହରିବୋଲ ଓ ଶଙ୍ଖଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ସମାଜ ସଂସ୍କାରକ ମନୋରଞ୍ଜନ ମହାନ୍ତି ଏହି ଦିନକୁ ସରକାର ଓ ୟୁନେସ୍କୋ ଦ୍ୱାରା ଆନୁଷ୍ଠାନିକ ବିଶ୍ୱ ପ୍ରାର୍ଥନା ଦିବସ ରୂପେ ସ୍ୱୀକୃତି ଦେବାକୁ ଦାବି କରିଛନ୍ତି।

● ଏକ୍ସେଲ୍ ସିଲ୍ଡ କ୍ରିକେଟ ଟୁର୍ଣ୍ଣାମେଣ୍ଟ-ସିଜନ୍ ୨

## ରେଡ୍‌ଷ୍ଟାର ଭୁବନେଶ୍ୱର କ୍ରିକେଟ୍ କ୍ଲବ୍ ବିଜେତା

ଭୁବନେଶ୍ୱର, ୧।୧(ସମିସ): ଭୁବନେଶ୍ୱର ସେଣ୍ଟ ଯୋଶେଫ୍ ହାଇସ୍କୁଲ ପଡ଼ିଆରେ ବୁଧବାର ଦିନ ଅନୁଷ୍ଠିତ ହୋଇଥିବା ଏକ୍ସେଲ୍ ସିଲ୍ଡ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୫ର ଫାଇନାଲ ମ୍ୟାଚରେ ଆର୍‌ଆର୍‌କେ କ୍ଲବ୍‌କୁ ୧୭୪ ରନ୍‌ରେ ହରାଇ ରେଡ୍‌ଷ୍ଟାର କ୍ରିକେଟ କ୍ଲବ୍ ଚାମ୍ପିଅନ ଟ୍ରଫି ହାସଲ କରିଛି। ରେଡ୍‌ଷ୍ଟାର ବ୍ୟାଟିଂ କରି ୪୦ ଓଭରରେ ୩୨୨ ରନ୍ ଟାର୍ଗେଟ ଦେଇଥିଲା, ଯାହାକୁ ଆର୍‌ଆର୍‌କେ କ୍ରିକେଟ ଦଳ ମୁକାବିଲା କରିବା କଷ୍ଟକର ହୋଇପଡ଼ିଥିଲା।



ଏକ୍ସେଲ୍ କ୍ରିକେଟ ଏକାଡେମୀ ଦ୍ୱାରା ଆୟୋଜିତ ଏକ ସପ୍ତାହ ବ୍ୟାପୀ ଚାଲିଥିବା ଏକ୍ସେଲ୍ ସିଲ୍ଡ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୫ ଚମ୍ପିୟନ୍ ଟ୍ରଫିରେ ୧୫ ବର୍ଷରୁ କମ୍ ବୟସ ଶୃଙ୍ଖଳା ଚାମ୍ପିଅନ୍‌ସିପ୍‌ରେ ଓଡ଼ିଶାରୁ ୧୨ଟି କ୍ରିକେଟ ଟିମ୍ ଭାଗ ନେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପୁରସ୍କାର ସ୍ୱରୂପ ଚାମ୍ପିଅନ୍ ଦଳକୁ ୧ ଲକ୍ଷ ଟଙ୍କା ଓ ରନର୍ସଅପ୍ ଦଳକୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ପୁରସ୍କାର ବିତରଣ ଉତ୍ସବରେ ଜଗନ୍ନାଥ ପ୍ରଧାନ, ମୁଖ୍ୟ ଅତିଥି ରୂପେ ଯୋଗଦାନ ଦେଇ 'ଗୁରୁରତ୍ନ' ଉପାଧିରେ ଓଡ଼ିଶା କ୍ରିକେଟ ର କିମ୍ବଦନ୍ତି ପୁରୁଷ କିଶୋର ମାନିଆଙ୍କୁ ସମ୍ମାନୀତ କରିଥିଲେ। ସାମ୍ବାଦିକ ସୁଦର୍ଶନ ଛୋଟରାୟ, ଆନ୍ତର୍ଜାତୀୟ ଖେଳାଳୀ ରାଖାଲ୍ ସେଠ୍, ସଦସ୍ୟ ଅଜୟ କୁମାର ସାହୁ, ଏନ୍‌ଟିପିଲ, ମନିସ ସେଠି, ସେରାମିକ ୱାର୍ଲ୍ଡ, ସମ୍ମାନନୀୟ ଅତିଥି ରୂପେ ଯୋଗଦାନ କରିଥିଲେ। ଏକାଡେମୀର ସଭାପତି ଡଃ ପ୍ରଶାନ୍ତ ସୁଆର ସମାଜସେବୀ ପ୍ରଶାନ୍ତ ପ୍ରଧାନ ସଂଯୋଜନା କରିଥିଲେ। ଓଡ଼ିଶା ଡ୍ୟାନ୍ସଗ୍ରୁପ୍ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ନୂଆବର୍ଷ



ଭୁବନେଶ୍ୱର, ୧।୧(ସମିସ): ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ ଆଣ୍ଡ ସମ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ଡିନ୍ ପ୍ରଫେସର ଡ. ସଂଘମିତ୍ରା ମିଶ୍ରଙ୍କ ତତ୍ତ୍ୱାବଧାନରେ ଗୁରୁବାର ହସ୍ପିଟାଲ ପରିସରରେ ନୂଆବର୍ଷ ପାଳନ କରାଯାଇଛି। ଏହି ଅବସରରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କୁ ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। ମେଡିକାଲ୍ ସୁପରିନ୍‌ଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ଜରୀ ବିଭାଗର ଏମିରେଟସ୍ ପ୍ରଫେସର ବିଶ୍ୱନାରାୟଣ ମହାନ୍ତି, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ନର୍ସିଂ ସୁପରିନ୍‌ଟେଣ୍ଡେଣ୍ଟ ମିନତୀ ମିଶ୍ର, ପ୍ରଫେସର (ଡାକ୍ତର) ସ୍ମିତି ମଧୁସିକ୍ତା ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ସରକାରୀ କଟକଣା ଯୋଗୁଁ ନୂଆବର୍ଷରେ ଫୁଲ ବେପାର ମାନ୍ଦା

ଭୁବନେଶ୍ୱର, ୧।୧(ସମିସ): ସରକାରଙ୍କ ନୂଆବର୍ଷରେ ଫୁଲତୋଡ଼ା ଏବଂ ଉପହାର ଦେବାରେ କଟକଣା ଲାଗୁ କରିବା ଯୋଗୁଁ ରାଜଧାନୀର ବିଭିନ୍ନ ଫୁଲ ଦୋକାନରେ ବେପାର ମାନ୍ଦା ପଡ଼ିଯାଇଥିଲା। ନୂତନ ବର୍ଷର ପ୍ରଥମ ଦିନରେ ପ୍ରାୟ ସାଢ଼େ ୩ କୋଟି ଟଙ୍କାର କ୍ଷତି ହୋଇଥିବା ଜଣାପଡ଼ିଛି। ସାଧାରଣତଃ ନୂଆବର୍ଷରେ ବନ୍ଧୁ ପରିଜନଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ବିଭିନ୍ନ ପ୍ରକାରର ଫୁଲତୋଡ଼ା, ଚକୋଲେଟ୍, ମିଠା, ଗିଫ୍ଟ ଆଦି କିଣିବା ପାଇଁ ଦିନକ ଆଗରୁ ଅର୍ଡ଼ର ଦେଇ ନେଇଥାନ୍ତି। ହେଲେ ଏହି ସବୁ ମଧ୍ୟରେ ନୂତନ ବର୍ଷରେ ସମସ୍ତଙ୍କ ପ୍ରିୟ ଫୁଲତୋଡ଼ା ସହ ଫୁଲ ବିକ୍ରି ଧିମେଇ ପଡ଼ିଛି। ରାଜଧାନୀରେ ୩ ଶହରୁ ଅଧିକ ଫୁଲ ଦୋକାନ ରହିଛି। ଏଠାକୁ ଥାଇଲାଣ୍ଡ, କୋଲକାତା, ବ୍ୟାଙ୍କକ୍, ଦିଲ୍ଲୀ, ମୁମ୍ବାଇ ପରି ବଡ଼ ବଡ଼ ସହରରୁ ଅର୍ଚିଡ଼, ହାବିସ୍‌କସ୍, ଲାଭେଣ୍ଡର, ଜାସ୍ମିନ୍, ସୂର୍ଯ୍ୟମୁଖୀ, ଲିଲି, ଗୋଲାପ ଆଦି ବିଭିନ୍ନ ପ୍ରକାରର ଫୁଲ ଆସିଥିଲା। ହେଲେ ଏହି ଫୁଲସବୁ ଦୋକାନରେ ପଡ଼ି ରହିଛି।

### ସାଢ଼େ ୩ କୋଟି ଟଙ୍କା କ୍ଷତି



ଏକ ଆକଳନ ଅନୁଯାୟୀ ନୂତନ ବର୍ଷ ଆସିଲେ ୭୫% ଭାଗ ଫୁଲତୋଡ଼ା ସହିତ ଫୁଲ ସରକାରୀ କାର୍ଯ୍ୟାଳୟକୁ ଯାଇଥାଏ। ନୂଆବର୍ଷକୁ ଆଖି ଆଗରେ ଜଣେ ଜଣେ ବ୍ୟବସାୟୀ ୨ରୁ ୩ ଲକ୍ଷ ଟଙ୍କାର ଫୁଲ ଆଣିଥିଲେ। କିନ୍ତୁ ସେଥି ମଧ୍ୟରୁ ଦେଢ଼ରୁ ୨ ଲକ୍ଷ ଟଙ୍କାର ଫୁଲ ବିକ୍ରି ହୋଇଥିବା ବେଳେ ପ୍ରାୟ ଅଧିକାଂଶ ବ୍ୟବସାୟୀଙ୍କ ଏକ ଲକ୍ଷ ଟଙ୍କା ଲେଖାଏଁ କ୍ଷତି ହୋଇଛି। ଏହିଭଳି ୩ କୋଟି ଟଙ୍କାର କ୍ଷତି ହୋଇଥିବା ଜଣାପଡ଼ିଛି। ହେଲେ ଏହି ବର୍ଷ ସରକାରୀ କାର୍ଯ୍ୟାଳୟରେ ଇଂରାଜୀ ନୂତନ ବର୍ଷ ପାଳନ ହେବନାହିଁ ବୋଲି ଗଲା ୩୧ ତାରିଖରେ ଘୋଷଣା ହେବାରୁ ଫୁଲ ବ୍ୟବସାୟୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଏତେ ଟଙ୍କାର ଫୁଲ ନଷ୍ଟ ହୋଇଛି। ସରକାର ଯଦି ଏହି ଘୋଷଣା କରିବାର ଥିଲା ତାହା ପୂର୍ବରୁ କାହିଁକି କଲେନାହିଁ ବୋଲି ବ୍ୟବସାୟୀ ସଂଘ ପ୍ରଶ୍ନ କରିଛି।

ଏନେଇ ଫୋରିଷ୍ଟ ଆସୋସିଏସନ୍‌ର ସଭାପତି ବିଭୂତି ଭୂଷଣ ସ୍ୱାଇଁ କହିଛନ୍ତି ଯେ ସାରା ଦୁନିଆରେ ନୂଆବର୍ଷ ପାଳନ ହେଉଛି। ହେଲେ ଏଠାରେ ନୂଆ କଥା ଦେଖିବାକୁ ମିଳିଲା। ସରକାରୀ କାର୍ଯ୍ୟାଳୟକୁ ପ୍ରତିବର୍ଷ ବହୁତ ଫୁଲତୋଡ଼ା ଯିବା ସହିତ ନେତା ମନ୍ତ୍ରୀଙ୍କ ଶୁଭେଚ୍ଛାମାନେ ଅଧିକ ଫୁଲତୋଡ଼ା ନେଇଥାନ୍ତି ହେଲେ ଏଥର କେହି ନା ଅର୍ଡ଼ର ଦେଲେ ନା ଫୁଲତୋଡ଼ା କିଣିବାକୁ ଆସିଲେ ବୋଲି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଏତେ ଟଙ୍କାର ଫୁଲ ନଷ୍ଟ ହେଲା ଆଠ ଦିନ ପର୍ଯ୍ୟନ୍ତ ବାହାରୁ କିଛି ଫୁଲ ମଗାଯିବ ନାହିଁ। ଫୁଲ କିଣିବା ଲୋକ ଫୁଲ କିଣିଲେନି ସାଧାରଣ ଲୋକେ ପ୍ରାୟ ଦେଢ଼ କୋଟି ଟଙ୍କାର ଫୁଲ କିଣିଛନ୍ତି ବୋଲି ସେ କହିଛନ୍ତି।

**ନନ୍ଦନକାନନରେ ଲୁଟେରାଙ୍କ ଖୋଲା ଆତଙ୍କ**

# ପୁଲିସ ଉପସ୍ଥିତିରେ ପର୍ଯ୍ୟଟକଙ୍କ ମୋବାଇଲ୍ ଲୁଟ୍

ବାରଙ୍ଗ, ୧।୧(ସମିସ):

ନୂଆବର୍ଷ ପାଇଁ ନନ୍ଦନକାନନରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ବର୍ଷର ପ୍ରଥମ ଦିନକୁ ମଜାରେ କଟାଇବା ପାଇଁ ଦୂରଦୂରାନ୍ତରୁ ବହୁ ପର୍ଯ୍ୟଟକ ନନ୍ଦନକାନନକୁ ଧାଇଁ ଆସିଥିଲେ। ପ୍ରଥମ ଦିନରେ ୩୭୨୬୦ ଜଣ ପର୍ଯ୍ୟଟକ ନନ୍ଦନ କାନନ ପ୍ରାଣୀ ଉଦ୍ୟାନକୁ ଆସିଥିବା ବେଳେ ୩୦୦୯ ଜଣ ପର୍ଯ୍ୟଟକ ଉଦ୍ଭିଦ ଉଦ୍ୟାନକୁ ବୁଲିବାକୁ ଆସିଥିଲେ। ସେଥିମଧ୍ୟରୁ ବହୁ ପର୍ଯ୍ୟଟକ ଫେରିବାବେଳେ 'ଆମ ବସ୍' ଉପରେ ନିର୍ଭର କରିଥିଲେ। ତେବେ ଦିନ ଦୁଇଟା ପରଠାରୁ ନନ୍ଦନକାନନ ଛକ ପାଖରେ ଭୁବନେଶ୍ୱର ଫେରିବା ପାଇଁ ଲୋକଙ୍କ ପ୍ରବଳ ଭିଡ଼ ମଧ୍ୟରେ ଲୁଟେରାଙ୍କ ପ୍ରାଦୁର୍ଭାବ ଦେଖାଯାଇଛି। ଏହି ଭିଡ଼ ସୁଯୋଗରେ ମୋବାଇଲ୍ ଲୁଟେରାଙ୍କ ଦୌରାତ୍ମ୍ୟ ମଧ୍ୟ ବୃଦ୍ଧି ପାଇଥିଲା। ବିଶେଷ କରି ମୋବସରେ ହେଉଥିବା ମୋବାଇଲ୍ ଲୁଟକୁ ରୋକିବା ପାଇଁ ସ୍ୱତନ୍ତ୍ରଭାବେ ଦୁଇଜଣ ପୁଲିସ କର୍ମଚାରୀ ବସ୍ ପାଖରେ ଦିନସାରା ଲୁଟେରାଙ୍କ ଗତିବିଧି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ଜଗି ରହିଥିଲେ; କିନ୍ତୁ ସେମାନଙ୍କ ଉପସ୍ଥିତିରେ ପ୍ରାୟ ୧୦ଟି ମୋବାଇଲ୍ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ଗୋଟିଏ ମୋବାଇଲ୍ ଲୁଟେରାକୁ ଧରିବାରେ ସକ୍ଷମ ହୋଇପାରି ନାହିଁ। ନୟାପଲ୍ଲୀର ଆଶିଷ କୁମାର ସ୍ୱାଇଁ, ପଳାଶପଲିର ପଙ୍କଜ କୁମାର, ନୀଳାଦ୍ରିବିହାରର ମମତା ପ୍ରଧାନ, ଆଚାର୍ଯ୍ୟ ବିହାରର ସୁନୀତା ମଣ୍ଡଳ, ବିଡ଼ିଏର ଆର୍ଯ୍ୟପ୍ରସାଦ ମିଶ୍ର, ନୟାଗଡ଼ର ଜୟନ୍ତୀ ଜେନାଙ୍କ ସମେତ ବହୁ ଲୋକଙ୍କ ମୋବାଇଲ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ସେମାନଙ୍କୁ ଆଉ କୋଉଠି ମୋବାଇଲ ହଜାଇଦେଇଥିବେ ବୋଲି କହୁଥିବା ଦେଖାଯାଇଥିଲା। ଲୋକଙ୍କୁ ବସ ଅଟକାଇ ଗାଡ଼ିରେ ବସାଇଥିଲେ ବୋଲି ଅଭିଯୋଗ ମଧ୍ୟ ହୋଇଛି।

## ନିଃସହାୟଙ୍କୁ କମ୍ବଳ ବଣ୍ଟନ



କଟକ,୧।୧(ସମିସ): ଓଡ଼ିଶା ରାଜ୍ୟ ଧର୍ମ ଜାଗରଣ ସମିତି ପକ୍ଷରୁ କଟକ ବକ୍ସିବଜାର ସ୍ଥିତ ଅମରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶୀତ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। କଟକ ପଟ୍ଟାପୋଲ ତେଲୁଗୁ ବସ୍ତିର ଅନେକ ଗରିବ, ନିଃସହାୟ ବୃଦ୍ଧବୃଦ୍ଧାମ କମ୍ବଳ ଗ୍ରହଣ କରିବା ସଙ୍ଗେ ସଙ୍ଗେ କାର୍ଯ୍ୟକର୍ତ୍ତାଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ସମାଜସେବୀ ପ୍ରହ୍ଲାଦ ଖଣ୍ଡେଲୱାଲ ମୁଖ୍ୟଅତିଥି, ଧର୍ମ ଜାଗରଣର ପୂର୍ବ ଭାରତ କ୍ଷେତ୍ର ପ୍ରମୁଖ ବିନୟ ଭୂୟାଁ ସମ୍ମାନୀୟ ଅତିଥି ରୂପେ ଯୋଗଦେଇଥିଲେ। ରାଜ୍ୟ ଧର୍ମ ଜାଗରଣ ସମିତିର ସଭାପତି ଚନ୍ଦ୍ରକାନ୍ତ ପ୍ରଧାନ, ଉପସଭାପତି ବିଜୟ ଅଗ୍ରୱାଲ, କଟକ ଜିଲ୍ଲା ସଂଯୋଜକ ମନୋହର ମହନ୍ତ, ଆର୍. ରାମ୍ ବାବୁ, ବିଶ୍ୱଜିତ୍ ମହାନ୍ତି, ସାର୍ଥକ ନାୟକ, ଆଶିଷ ସାହୁ, ଗୋପୀନାଥ ସେଠୀ, ଏନ୍. ଶିବଶଙ୍କର ରାଓ, ଜି.ଭାସ୍କର ରାଓ, ଏ.ଆଦିନାରାୟଣ ରାଓ କାର୍ଯ୍ୟକର୍ତ୍ତା ପରିଚାଳନା କରିଥିଲେ। ଧ୍ରୁବଚରଣ ବେହେରା ଧନ୍ୟବାଦ ଦେଇଥିଲେ।

## ବିଧାୟକଙ୍କ ଦ୍ୱାରା ୨ଟି ସ୍ଥାନରେ ଗୃହ ଉଦ୍‌ଘାଟିତ



ନରସିଂହପୁର, ୧।୧ (ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତ ପରିସରରେ ୬ଟି ଦୋକାନ ଗୃହ ସ୍ଥାନୀୟ ବିଧାୟକ ବିଜୟ କୁମାର ଦଳବେହେରାଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ନିଜିଗଡ ସରପଞ୍ଚ ସୁବାସିନୀ ମିଶ୍ର, ବ୍ଲକ ଉନ୍ନୟନ ଅଧିକାରୀ ପ୍ରଳୟାନନ୍ଦ ଶତପଥୀ, ପ୍ରଭାକର ମିଶ୍ର, ରାଜକିଶୋର ସାହୁ, ଅନିଲ କୁମାର ପଣ୍ଡା, ନାଏବ ସରପଞ୍ଚ ସନାତନ ରଣା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ନୂତନ ସୁଭଦ୍ରା ଶକ୍ତି କାଫେର ଗୃହକୁ ବିଧାୟକ ଶ୍ରୀ ଦଳବେହେରାଙ୍କ ଦ୍ୱାରା ଉଦଘାଟିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେପି ଜିଲା ଉପସଭାପତି ତଥା ସମିତିସଭ୍ୟ ମନୋଜ କୁମାର ପଣ୍ଡା, ଜିଲା ସମ୍ପାଦକ ସୂର୍ଯ୍ୟମଣି ଜେନାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

## ୧୯୯୦ ମାଟ୍ରିକ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ

କଟକ,୧।୧(ସମିସ): ନୂଆବଜାର ହାଇସ୍କୁଲ୍ ୧୯୯୦ ମାଟ୍ରିକ୍ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପୁରାତନ ବିଦ୍ୟାର୍ଥୀ ସଂଗ୍ରାମ ସେନାପତି, ନିରାକାର ଜେନା, କବିତା ମହାରଣା,



ମମତା ମହାରଣା, ଜୟଶ୍ରୀ ମହାରଣା, ସଂଯୁକ୍ତା ଜେଠୀ, ମନୋଜ ମହାରଣା, ସୌରଭ ପଟ୍ଟନାୟକ, ସୁବାସ ବେହେରା, ଶେସାନ୍ତୁ ଶତପଥି, ସଂଗ୍ରାମ ବ୍ରହ୍ମା, ଅରୁଣ ପରିଡ଼ା, ଅନୀଲ ପଣ୍ଡା, ଆଲୋକ ମଲ୍ଲିକ, ଜୟନ୍ତୀ ମିତ୍ର, ରୁନିଆ, ବୀଣାପାଣି, କୁମୁଦିନୀଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଏହି ଅବସରରେ ଦିବ୍ୟଙ୍ଗତ ସାଙ୍ଗମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

## ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କଟକ,୧।୧(ସମିସ): କଟକ ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼. ଶାଶ୍ୱତୀ ସୌମ୍ୟା ସାହୁଙ୍କ ପୌରୋହିତ୍ୟରେ +୩ ପ୍ରଥମ ବର୍ଷ ଛାତ୍ରୀମାନଙ୍କର ୮ ଦିନ ଧରି ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ସେ ତାଙ୍କ ବକ୍ତବ୍ୟରେ ନାରୀ ଶିକ୍ଷା ଓ ସୁରକ୍ଷା ପ୍ରତି ଯତ୍ନବାନ ହେବାକୁ ଛାତ୍ରୀମାନଙ୍କୁ ବାର୍ତ୍ତା ଦେଇଥିଲେ। ଆତ୍ମରକ୍ଷାର ନୋଡ଼ାଲ ଅଫିସର ଡ଼. ଦୀପ୍ତିରେଖା ପାଢ଼ୀଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ପାଇଁ ଉତ୍ସାହବର୍ଦ୍ଧକ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବରେ ପୁରୀଘାଟ ଥାନାର ଇନ୍‌ସପେକ୍ଟର ବିଶ୍ୱରଞ୍ଜନ ନାୟକ ଯୋଗଦେଇ ଆତ୍ମବିଶ୍ୱାସ ନାରୀକୁ ଦୃଢ଼ମନା କରିବା ସହିତ କିପରି ନିର୍ଭିକ ଏବଂ ଦାମ୍ଭୀକ କରି ମାନସିକ ଓ ସାମାଜିକସ୍ତରରେ ପ୍ରତିଷ୍ଠିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ମାଷ୍ଟର ଟ୍ରେନର ବିଷ୍ଣୁପ୍ରିୟା ବେହେରା ଓ କ୍ଷୀରୋଦ୍ରା ହାତୀଙ୍କ ଦ୍ୱାରା ପ୍ରଶିକ୍ଷିତ ଛାତ୍ରୀମାନେ ଆତ୍ମରକ୍ଷାର ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ଆତ୍ମରକ୍ଷା ଦାୟିତ୍ୱରେ ଥିବା ଅନ୍ୟ ସଦସ୍ୟା ଅଧ୍ୟାପିକା ସବାନା ତରାନୁମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶାରୀରିକ ଶିକ୍ଷା ବିଭାଗର ଅଧ୍ୟାପିକା ମଞ୍ଜୁସ୍ମିତା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।




## 'ସାହିତ୍ୟ ସବୁବେଳେ ସତ କହିଥାଏ'



**ସାଲେପୁର ସାରସ୍ୱତ ସମାରୋହ ସମିତି ପକ୍ଷରୁ କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସଭା**

ସାଲେପୁର,୧।୧(ସମିସ): ସାହିତ୍ୟ ସବୁବେଳେ ସତକଥା କହିଥାଏ। ସାହିତ୍ୟିକମାନଙ୍କ ମଧ୍ୟରେ ସରଳତା ରହିଲେ ସାହିତ୍ୟ ଅଧିକ ସମୃଦ୍ଧିଶାଳୀ ହୋଇଥାଏ ବୋଲି ସାଲେପୁର ସାରସ୍ୱତ ସମାରୋହ ସମିତି ପକ୍ଷରୁ ନବବର୍ଷକୁ ସ୍ୱାଗତ ଜଣାଇ ଓ ପୁରାତନ ବର୍ଷକୁ ବିଦାୟ ଜଣାଇ ସାଲେପୁର ହାଇସ୍କୁଲ ପରିସରରେ ବନ୍ଧୁମିଳନ, କବିତା ପାଠ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡଃ ଗିରୀଶଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହ, ମୁଖ୍ୟବକ୍ତା ରୂପେ ଉତ୍କଳ ସାହିତ୍ୟ ସମାଜର ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ଏବଂ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ଦାଶ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଗାଳ୍ପିକ କାର୍ତ୍ତିକଚନ୍ଦ୍ର ବାରିକ, ଡଃ ପୂର୍ଣ୍ଣଚନ୍ଦ୍ର ଓଝା, ସାମ୍ବାଦିକ ମନୋଜ କୁମାର ଆଚାର୍ଯ୍ୟ, ସଂଗଠକ ହିମାଂଶୁ ଦାଶ, ସାଲେପୁର ସାରସ୍ୱତ ସମାରୋହ ସମିତିର ସଂପାଦକ ଡଃ ତରୁଲତା ଦେବୀ, ଡଃ ଯୁଧିଷ୍ଠିର ଖଟୁଆ, ପ୍ରାଧ୍ୟାପକ ବୈଷ୍ଣବ ଚରଣ ମହାନ୍ତି, ଶିକ୍ଷୟିତ୍ରୀ ଦିପ୍ତିମୟୀ ରାଉତ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ମୃତିରଂଜନ ଦାଶ ଓ ଦିପ୍ତିମୟୀ ରାଉତଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିବାବେଳେ ଅନୁଷ୍ଠାନର ଉପସଭାପତି ବିଷ୍ଣୁଚରଣ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ସୂଚନା ଦେଇଥିଲେ। ଅନୁଷ୍ଠାନର ସଭ୍ୟ ଦେବେନ୍ଦ୍ର ନାୟକଙ୍କ 'ହିନ୍ଦୁତ୍ୱର ମହାପର୍ବ ମହାକୁମ୍ଭ' ପୁସ୍ତକ ପାଠକାର୍ପଣ କରାଯାଇଥିଲା। ଡଃ ନିଖିଳେଶ ମହାନ୍ତି, ଡଃ ପ୍ରସନ୍ନ କୁମାର ମହାପାତ୍ର, ପୂର୍ବତନ ପ୍ରଧାନଶିକ୍ଷକ ବିପିନ ବିହାରୀ କର, ମାନସ କୁମାର ଦାଶ, ପ୍ରବୀରଚନ୍ଦ୍ର ଦାସ, ସୁସ୍ମିତା ପଣ୍ଡା, ସମ୍ବିତ କୁମାର ଦାସ, ହେମନ୍ତ କୁମାର ନନ୍ଦ, ଗଂଜନ କୁମାର ବେହେରା, ଅବତନ ଷଡ଼ଙ୍ଗୀଙ୍କ ସମେତ ବହୁ ବିଶିଷ୍ଟ ସାହିତ୍ୟିକ ଯୋଗ ଦେଇଥିଲେ। ରାମଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହ ଓ ଉତ୍କଳ ସାହିତ୍ୟ ସମାଜର ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ରାଣୀହାଟ ହାଇସ୍କୁଲ ୧୯୭୮ ବ୍ୟାଚ୍‌ର ବନ୍ଧୁମିଳନ

କଟକ,୧।୧(ସମିସ): ଅମରେନ୍ଦ୍ର ବେହେରାଙ୍କ ବାସଭବନରେ ରାଣୀହାଟ ହାଇସ୍କୁଲର ୧୯୭୮ ମସିହା ବ୍ୟାଚ୍ ପୁରାତନ ଛାତ୍ରମାନଙ୍କର ଏକ ବନ୍ଧୁ ମିଳନ ଉତ୍ସବ ଅତ୍ୟନ୍ତ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଅକ୍ଷୟ ସାହୁ, ନବକିଶୋର ପରିଡ଼ା ଓ ଅମରେନ୍ଦ୍ର ବେହେରାଙ୍କ ନିରନ୍ତର ପ୍ରୟାସ ଯୋଗୁଁ ଏହି କାର୍ଯ୍ୟକ୍ରମ ସମ୍ଭବ ହୋଇପାରିଥିଲା। ପ୍ରାରମ୍ଭରେ, ପରଲୋକ ଗମନ କରିଥିବା ସହପାଠୀଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନିରବ ପ୍ରାର୍ଥନା କରି ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ମିଳନ ପର୍ବରେ କେବଳ ପୁରୁଣା ସ୍ମୃତିଚାରଣ ହୋଇ ନ ଥିଲା, ବରଂ ସମାଜର ହିତ ପାଇଁ ଏକ ବଡ଼ ନିଷ୍ପତ୍ତି ନିଆଯାଇଥିଲା। ସହପାଠୀ ସୁନାକର ରାଉତଙ୍କ ପ୍ରସ୍ତାବ କ୍ରମେ, ଏହି ସଂଗଠନ ତରଫରୁ ଅସହାୟ, ଦଳିତ ଓ ଅନାଥ ବ୍ୟକ୍ତିବିଶେଷଙ୍କୁ ସାହାଯ୍ୟ ଓ ସହାନୁଭୂତି ଯୋଗାଇଦେବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମରେ ଜୟନ୍ତ, ନବଘନ, ମଳୟ, ନିତ୍ୟାନନ୍ଦ, ହୃଷିକେଶ, ପଞ୍ଚାନନ, ଧନେଶ, ଜିତେନ୍, କୃପାସିନ୍ଧୁ, ଜ୍ଞାନରଞ୍ଜନ, ବୀରେନ୍ଦ୍ର, ରବୀନ୍ଦ୍ର, ଭୂପେଶ, ମନମୋହନ, ଉପେନ୍ଦ୍ର, ସୁଜିତଙ୍କ ସମେତ ବହୁ ପୁରାତନ ସହପାଠୀ ଯୋଗ ଦେଇଥିଲେ।

## ବିଜେପିର ନବବର୍ଷ କର୍ମୀ ସମାବେଶ

ସାଲେପୁର,୧।୧(ସମିସ): ଇଂରାଜୀ ନବବର୍ଷ ଅବସରରେ ସାଲେପୁର ବିଜେପି କାର୍ଯ୍ୟାଳୟରେ ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଅରିନ୍ଦମ ରାୟଙ୍କ ଉପସ୍ଥିତିରେ ଟାଙ୍ଗୀ-ସାଲେପୁର ବ୍ଲକ୍‌ର ବହୁ ନୂତନ କର୍ମୀଙ୍କୁ ସ୍ୱାଗତ କରାଯାଇଥିଲା। ଭାତପଡ଼ାସ୍ଥିତ ବିଜେପି କାର୍ଯ୍ୟାଳୟରେ ଦ୍ୱୀପାଞ୍ଚଳର ଯୁବବିଜେଡି ନେତା କେଦାରଶନ ସାହୁ, ବହୁଗ୍ରାମର ପ୍ରଫୁଲ୍ଲ ସେଠୀ, ରୋଧପୁର ଗ୍ରାମର ଶିଶିର କୁମାର କାଣ୍ଡି, ବିସ୍ମୟ ଦାସ, ଚନ୍ଦ୍ରାଦେଇପୁର ପଞ୍ଚାୟତର କିରଣ କୁମାର ଭୂୟାଁ, ଯୁବ ବ୍ୟବସାୟୀ ବିମଳ କୁମାର ସାହୁ ବିଜେପି ଦଳରେ ସାମିଲ ହୋଇଥିଲେ। ସେହିପରି ଟାଙ୍ଗୀ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ କର୍ମୀମାନେ ସାମିଲ ହୋଇଥିଲେ। ଅପରାହ୍ଣରେ ଶ୍ରୀ ରାୟ ନିଜର ସମର୍ଥକମାନଙ୍କ ସହ ମା' ସାହେଶ୍ୱରୀଙ୍କ ପୀଠରେ ପହଞ୍ଚି ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ରାଜ୍ୟ ବିଜେପି କୃଷକମୋର୍ଚ୍ଚା ଉପସଭାପତି ସତ୍ୟବାଦୀ ଚଇନି, ବିଜେପି ନେତା ଯଶୋବନ୍ତ ରାଉତ, ରମେଶଚନ୍ଦ୍ର ନାୟକ, ସତ୍ୟଶିବସୁନ୍ଦର କର, ଧ୍ରୁବଚରଣ ମୁଦୁଲିଙ୍କ ସମେତ ବହୁ ବିଜେପି ନେତା ଉପସ୍ଥିତ ଥିଲେ।

## 'ମାଇଁ ଭାରତ'ର କ୍ରୀଡ଼ା ପ୍ରତିଯୋଗିତା



ଟାଙ୍ଗୀ,୧।୧(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତରେ ମାଇଁ ଭାରତ କଟକ ଆନୁକୂଲ୍ୟରେ ଓ ଦିଗବଳୟ ଅନୁଷ୍ଠାନ ସହଯୋଗରେ କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାଧର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନିବାସଚନ୍ଦ୍ର ପାଣ୍ଡବ, ଯୁବ ସଂଗଠକ ରକ୍ଷ୍ୟାନନ୍ଦ ସ୍ୱାଇଁ, କ୍ରୀଡ଼ାବିତ ଭାସ୍କର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ବଣ୍ଟନ କରାଯାଇଥିଲା। ବିଭିନ୍ନ ଯୁବ ସଂଗଠନ ଓ କ୍ରୀଡ଼ା ଅନୁଷ୍ଠାନର କ୍ରୀଡ଼ାବିତ ଭାଗ ନେଇଥିଲେ।

## ରାମକୃଷ୍ଣ କୁଟୀରରେ କଳ୍ପତରୁ ଉତ୍ସବ

କଟକ,୧।୧(ସମିସ): ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସ ଦେବଙ୍କ ୧୨୩ତମ କଳ୍ପତରୁ ଉତ୍ସବ ବଙ୍ଗାଳି ସାହିସ୍ଥିତ ରାମକୃଷ୍ଣ କୁଟୀରରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଧ୍ୟାତ୍ମିକ ସଭାକୁ ସ୍ୱାମୀ ଆଶ୍ରୟାନନ୍ଦଜୀ ମହାରାଜ ଉଦ୍‌ଘାଟନ କରି ଆଧ୍ୟାତ୍ମିକ ପଥରେ ଯୁବ ସମାଜକୁ ଅଗ୍ରସର ହେବା ପାଇଁ ଆହ୍ୱାନ ଦେଇଛନ୍ତି। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରବଚିକା ଅଧ୍ୟାପିକା ସୁଧାଂଶୁବାଳା ସାହୁ ଯୋଗ ଦେଇ ସମାଜ ଉପରେ ରାମକୃଷ୍ଣଙ୍କ ବାଣୀର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତା ଉତ୍କଳ ରାମକୃଷ୍ଣ ସେବା ସଂଘର ସମ୍ପାଦକ ରବିନାରାୟଣ ମହାନ୍ତି କଳ୍ପତରୁ ଉତ୍ସବ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମିଶ୍ରଙ୍କୁ ''ବିଷ୍ଣୁଚରଣ ଜେନା ଶିକ୍ଷକ ଗୌରବ ସମ୍ମାନ' ପ୍ରଦାନ କରାଯାଇଥିଲା। ଡ଼ଃ ଓଁକାର ରାଉତ ମାନପତ୍ର ପାଠ କରିଥିଲେ। କୁଟୀରର ଉପସଭାପତି ଡ଼ଃ ସତ୍ୟ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସହତତ୍ତ୍ୱାବଧାରକ ଲକ୍ଷ୍ମୀନାରାୟଣ ଦାଶ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ପରେ ସହ ସମ୍ପାଦକ ଭୁବନାନନ୍ଦ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ତତ୍ତ୍ୱାବଧାରକ ସୁଭାଷଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ଭିନ୍ନ ଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି କୁଟୀରର କୃତୀ ଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏହି ଦୁଇଦିବସୀୟ ଉତ୍ସବର ପ୍ରଥମ ଦିନ ୩୧ ତାରିଖ ସନ୍ଧ୍ୟାରେ ଅନୁଷ୍ଠିତ ଅଧିବାସ କୀର୍ତ୍ତନକୁ ଉପସଭାପତି ଡ଼ଃ ରାୟ ଓ ୧ ତାରିଖ ପୂର୍ବାହ୍ଣରେ ହୋଇଥିବା ପୂଜା, ଗ୍ରନ୍ଥ ପାଠ ଓ ଭଜନ ସମାରୋହକୁ ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଅଧିବାସ କୀର୍ତ୍ତନ ଓ ଭଜନ ସମାରୋହରେ ସୁରେଶଚନ୍ଦ୍ର ସାହୁ, ଚିତ୍ତରଞ୍ଜନ ଦାଶ, ପ୍ରଶାନ୍ତ ଜେନା ଓ କୁଟୀରର ଅନ୍ତେବାସୀମାନେ ଅଂଶଗ୍ରହଣ କରିଥିଲେ।

## ତୃତୀୟ ଓଡ଼ିଶା ନାଭାଲ୍ ୟୁନିଟ୍ ଏନ୍‌ସିସିର ବାର୍ଷିକ ଶିବିର ଉଦ୍‌ଯାପିତ



କଟକ,୧।୧(ସମିସ): କଟକ ସ୍ଥିତ ତୃତୀୟ ଓଡ଼ିଶା ନାଭାଲ୍ ୟୁନିଟ୍ ଏନସିସି ଦ୍ୱାରା ଆୟୋଜିତ ଦଶଦିନିଆ ବାର୍ଷିକ ପ୍ରଶିକ୍ଷଣ ଶିବିର ବୁଧବାର ସଫଳତାର ସହିତ ସମାପ୍ତ ହୋଇଛି। କମାଣ୍ଡିଂ ଅଫିସର କମାଣ୍ଡର ସୁଶାନ୍ତ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତ ୨୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିରରେ ଓଡ଼ିଶାର ୮ଟି ଜିଲ୍ଲାରୁ ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ୫୦୦ ଜଣ ଏନସିସି କ୍ୟାଡେଟ୍ ଅଂଶଗ୍ରହଣ କରିଥିଲେ। ଯୁବ କ୍ୟାଡେଟମାନଙ୍କ ମଧ୍ୟରେ ନେତୃତ୍ୱ ମନୋଭାବ, ଶୃଙ୍ଖଳା, ଦଳଗତ କାର୍ଯ୍ୟ ଏବଂ ପ୍ରଖର ଦେଶପ୍ରେମ ଜାଗ୍ରତ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଶିବିର ଅବଧି ମଧ୍ୟରେ କ୍ୟାଡେଟଙ୍କୁ ନୌସେନା ସମ୍ବନ୍ଧୀୟ ବିଭିନ୍ନ ବୈଷୟିକ କୌଶଳ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିସହ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଆପାତକାଳୀନ ପରିସ୍ଥିତିର ସଫଳ ମୁକାବିଲା ପାଇଁ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ଦିଆଯାଇଥିଲା। ସାମରିକ ଶିକ୍ଷା ବ୍ୟତୀତ ସାମାଜିକ ଦାୟିତ୍ୱବୋଧକୁ ଗୁରୁତ୍ୱ ଦେଇ "ଏକତା ଓ ଶୃଙ୍ଖଳା" ମନ୍ତ୍ରକୁ କ୍ୟାଡେଟମାନେ ଅନୁସରଣ କରିଥିଲେ। ଶିବିର ଅବସରରେ ସ୍ୱଚ୍ଛତା ଅଭିଯାନ, ପରିବେଶ ସୁରକ୍ଷା, ସଡ଼କ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ସଚେତନତା ଭଳି ବିଭିନ୍ନ ଜନହିତକର କାର୍ଯ୍ୟକ୍ରମରେ କ୍ୟାଡେଟମାନେ ସାମିଲ ହୋଇ ସାଧାରଣ ଜନତାଙ୍କୁ ସଚେତନ କରିଥିଲେ। ସମାପନୀ ଉତ୍ସବରେ କ୍ୟାଡେଟମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଉଦ୍‌ଯାପନୀ ସଭାରେ କମାଣ୍ଡର ସୁଶାନ୍ତ ମହାନ୍ତି ସମସ୍ତ କ୍ୟାଡେଟଙ୍କୁ ଉଦବୋଧନ ଦେଇ ଏନସିସିର ମୂଲ୍ୟବୋଧକୁ ଜୀବନର ପାଥେୟ କରିବାକୁ ଆହ୍ୱାନ ଦେଇଥିଲେ।

## ପୁରାତନ ଛାତ୍ର ସମାବେଶ ଓ ଶିକ୍ଷକ ସମ୍ବର୍ଦ୍ଧନା



ନିଶ୍ଚିନ୍ତକୋଇଲି,୧।୧(ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟଅଧିନସ୍ଥ ରାମକୃଷ୍ଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୯୯୩ ମାଇନର ବ୍ୟାଚ୍ ଛାତ୍ରଛାତ୍ରୀମାନଙ୍କର ଏକ ସମାବେଶ ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ର ମଙ୍ଗୁଳି ଚରଣ ମଲ୍ଲିକ, ଅଚ୍ୟୁତାନନ୍ଦ ମଲ୍ଲିକ, ଦେବଜ୍ୟୋତି ମଲ୍ଲିକ ଓ ଅରୁଣ ମଲ୍ଲିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ଏହି ସମାବେଶରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ସେମାନଙ୍କର ପରିବାର ଯୋଗଦେଇ ବିଦ୍ୟାଳୟ ଜୀବନର ପୁରୁଣା ସ୍ମୃତି ଓ ଅନୁଭୂତିକୁ ମନେ ପକାଇ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରିଥିଲେ। ପୁରାତନ ଛାତ୍ରୀ ଜୟଶ୍ରୀ ବସ୍ତିଆ ଓ ଲିଲି ବିଶ୍ୱାଳଙ୍କ ସଂଯୋଜନାରେ ବିଦ୍ୟାଳୟର ତତ୍କାଳୀନ ଶିକ୍ଷକ ଦୋଳଗୋବିନ୍ଦ ରାଉତ, ଉତ୍ତମଚରଣ ସ୍ୱାଇଁ, ନାରାୟଣ ଭାରତୀ ଓ ମହମ୍ମଦ ସମିମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରତାପ ବସ୍ତିଆ, ରବିନ୍ଦ୍ର ରାଉତ, କିଶୋର ବସ୍ତିଆ, ସୁରେନ୍ଦ୍ର ବସ୍ତିଆ, ଖାଲେଦା ପରୱିନ୍, ଅର୍ପିତା ବିଶ୍ୱାଳ, ଉର୍ମିଳା ରାଉତ, ଲକ୍ଷ୍ମୀପ୍ରିୟା ବେହେରା, ଛବିରାଣୀ ଜେନା, ସ୍ୱର୍ଣ୍ଣଲତା ରାଉତ, ମମତା ବସ୍ତିଆଙ୍କ ସମେତ ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ସରିଲା ଡିସେମ୍ବର; ଖୋଲିଲାନି ଧାନମଣ୍ଡି

**ଅମଳ ଧାନ ଧରି ବସିଛନ୍ତି ଚାଷୀ**

ଟିଗିରିଆ, ୧।୧ (ସମିସ): ଡିସେମ୍ବର ମାସ ଶେଷ ହୋଇ ଜାନୁଆରୀ ମାସ ଆରମ୍ଭ ହେଲାଣି, କିନ୍ତୁ ବର୍ତ୍ତମାନ ସୁଦ୍ଧା ଟିଗିରିଆ ବ୍ଲକରେ ଧାନ ମଣ୍ଡି ଖୋଲିବା ନେଇ କୌଣସି ସୂଚନା ମିଳିନି। ଯାହାକୁ ନେଇ ସ୍ଥାନୀୟ ଚାଷୀକୁଳଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ବିଭିନ୍ନ ସ୍ଥାନରେ ଧାନ ବ୍ୟବସାୟୀ ସକ୍ରିୟ ହୋଇ ଉଠିଥିବା ଦେଖିବାକୁ ମିଳିଛି। ଅଞ୍ଚଳ ତଥା ଅଞ୍ଚଳ ବାହାରୁ ପ୍ରତ୍ୟହ ଏକାଧିକ ଧାନ ବ୍ୟବସାୟୀ ବ୍ଲକର ବିଭିନ୍ନ ଗ୍ରାମ ବୁଲି ଲୋକଙ୍କଠାରୁ ଶାଗ ମାଛ ଦରରେ ଧାନ କିଣି ନେଉଥିବା ଦେଖିବାକୁ ମିଳିଛି। ଟିଗିରିଆ କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ଟିଗିରିଆରେ ୪ ହଜାର ୩୫୯ ହେକ୍ଟର ଚାଷଜମିରେ ଧାନ ଚାଷ କରାଯାଇଛି। ଧାନ ସଂଗ୍ରହରେ ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥାନୀୟ ସମବାୟ ସମିତି ପକ୍ଷରୁ ସରକାରଙ୍କୁ ଦିଆଯାଇଥିବା ମୋଟ ଧାନ ଚାଷଜମିର ତଥ୍ୟକୁ ସମୀକ୍ଷା କରାଯାଉଛି। ଯଦି କେଉଁଠାରେ କିଛି ତ୍ରୁଟି ପରିଲକ୍ଷିତ ହେଉଛି ପୁନଶ୍ଚ ଉକ୍ତ ଜମିରେ ତଦନ୍ତ ପାଇଁ ସରକାରଙ୍କ ପକ୍ଷରୁ ସମବାୟ ସମିତିକୁ ପଠାଯାଉଛି। ଏହି ପ୍ରକ୍ରିୟା ଶେଷ ହେବାପରେ ଧାନ ମଣ୍ଡି ଖୋଲିବା ଆରମ୍ଭ ହେବ ବୋଲି ଆଶା କରାଯାଉଛି। ଏହି ପ୍ରକ୍ରିୟା ଶେଷ ହେବାପାଇଁ ଯଥେଷ୍ଟ ସମୟ ନେଉଥିବାରୁ ଧାନ ମଣ୍ଡି ଖୋଲିବା ପ୍ରକ୍ରିୟା ବିଳମ୍ବ ହେବାସହ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି।

## ଶ୍ରାଦ୍ଧବାର୍ଷିକୀରେ ଅନ୍ନପୂର୍ଣ୍ଣା ମହାରଣାଙ୍କ ସ୍ମୃତିଚାରଣ

କଟକ,୧।୧(ସମିସ):



ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ମହିଳା ଜାଗରଣ ଏବଂ ଭୂଦାନ ଆନ୍ଦୋଳନ ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ଅନ୍ନପୂର୍ଣ୍ଣା ମହାରାଣାଙ୍କ ଅବଦାନ ଅବିସ୍ମରଣୀୟ। ସତ୍ୟଭାମାପୁରସ୍ଥିତ ମଧୁ ମଣ୍ଡପ ପରିସରରେ କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟ ଓ ଉତ୍କଳ ଗାନ୍ଧୀ ସ୍ମାରକ ନିଧି ପକ୍ଷରୁ ମିଳିତ ଭାବେ ଆୟୋଜିତ ଶ୍ରାଦ୍ଧୋତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଛନ୍ତି। ଅତିଥିମାନଙ୍କ ମତରେ, ଅନ୍ନପୂର୍ଣ୍ଣା ଥିଲେ ମହାତ୍ମା ଗାନ୍ଧୀଙ୍କ ରଚନାତ୍ମକ ଗବେଷଣାଗାରର ପ୍ରଥମ ପରୀକ୍ଷାର୍ଥୀ ବା ଗିନିପିଗ୍, ଯିଏ ଗାନ୍ଧୀଜୀଙ୍କ ମୌଳିକ ଶିକ୍ଷାର ପ୍ରଥମ ଛାତ୍ରୀ ଭାବେ ନିଜକୁ ଗଢ଼ିଥିଲେ। ଏହି ବର୍ଷର ସମ୍ମାନଜନକ ଅନ୍ନପୂର୍ଣ୍ଣା ମହାରାଣା ସମ୍ମାନ ରାୟଗଡ଼ା ଜିଲ୍ଲା ଗୁଣୁପୁରସ୍ଥିତ ସେବା ସମାଜର ସମ୍ପାଦିକା ତଥା ବିଶିଷ୍ଟ ଗାନ୍ଧିବାଦୀ ନେତ୍ରୀ ରାଜେଶ୍ୱରୀ ଦଳାଇଙ୍କୁ ପ୍ରଦାନ କରାଯାଇଛି। ସର୍ବୋଦୟ କାର୍ଯ୍ୟ ଏବଂ ନିରନ୍ତର ସମାଜସେବା ପାଇଁ ତାଙ୍କୁ ଏହି ମର୍ଯ୍ୟାଦାଜନକ ପୁରସ୍କାରରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଗାୟତ୍ରୀ ଦାସ ଅଧ୍ୟକ୍ଷତା କରିଥିବା ବେଳେ ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି, ପ୍ରମିଳା ସ୍ୱାଇଁ ଏବଂ ଜୟନ୍ତ ଦାସଙ୍କ ଭଳି ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଅନ୍ନପୂର୍ଣ୍ଣାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଶ୍ରାଦ୍ଧୋତ୍ସବ ଅବସରରେ କସ୍ତୁରବା ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ପାରମ୍ପରିକ ପ୍ରତିଯୋଗିତା ଯଥା ପୁଚି, ଦୌଡ଼ି ଡିଆଁ, ମ୍ୟୁଜିକ୍ ଚେୟାର ଏବଂ ମୁରୁଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ସଭାରେ ପୁରସ୍କୃତ କରାଯାଇଥିଲା। ପ୍ରଫେସର ସ୍ୱପ୍ନା ମହାପାତ୍ର ଗାନ୍ଧୀଜୀଙ୍କ ପ୍ରିୟ ଭଜନ ବୈଷ୍ଣବ ଜନ ତୋ ଗାନ କରି ପରିବେଶକୁ ଭକ୍ତିମୟ କରିଥିଲେ। ଡାକ୍ତର ବିଶ୍ୱଜିତ ସଭା ସଞ୍ଚାଳନ କରିଥିବା ବେଳେ ସନ୍ଧ୍ୟାରାଣୀ ମଲ୍ଲିକ ସ୍ୱାଗତ ଭାଷଣ ଏବଂ ନିରୂପମା ସାମଲ ଧନ୍ୟବାଦ ଦେଇଥିଲେ।











# ଧୁମ୍‌ଧାମ୍‌ରେ କଟିଲା ବର୍ଷର ପହିଲି ଦିନ

## ରାତି ଯାଏଁ ଦେବାଳୟରେ ଭିଡ଼

## ନୌବାଣିଜ୍ୟ ସଂଗ୍ରହାଳୟକୁ ଆସିଲେ ୧୩୫୬ ପର୍ଯ୍ୟଟକ

କଟକ,୧।୧(ସମିସ): ନୂଆବର୍ଷର ପ୍ରଥମ ଦିନକୁ ସହରବାସୀ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରିଛନ୍ତି। ବୁଧବାର ମଧ୍ୟରାତ୍ରିରେ ଜିରୋ ନାଇଟ୍ ପାଳିବା ସହ ନୂଆବର୍ଷକୁ ସ୍ୱାଗତ କରି ପ୍ରିୟଜନଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇଛନ୍ତି। ଗୁରୁବାର ସକାଳେ ଦେବାଳୟଗୁଡ଼ିକରେ ଭିଡ଼ ଜମିଥିଲା। ଠାକୁର ଦର୍ଶନ କରିବା ସହ ପରିବାରର ମଙ୍ଗଳକାମନା କରି ପୂଜାର୍ଚ୍ଚନା କରିଥିଲେ ସହରବାସୀ।

ନୂଆବର୍ଷର ପହିଲି ଦିନ ଗୁରୁବାର ଥିବାରୁ ଆମିଷ ବେପାର ମାନ୍ଦା ହୋଇଥିଲା। ହେଲେ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ସାଙ୍ଗସାଥୀ ଓ ପରିବାର ଲୋକଙ୍କ ସହିତ ଦିନ କାଟିଥିଲେ କଟକିଆ। ଏପରିକି ବିଭିନ୍ନ କାର୍ଯ୍ୟାଳୟ ଓ ଅନ୍ୟ ସ୍ଥାନରେ ଲୋକ ମାନେ ଫୁଲତୋଡ଼ା ଦେବା ସହ ମିଠା ଖୁଆଇ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ସିଲଭରସିଟ୍ ବୋଟ୍ କ୍ଲବ୍, ଯୋବ୍ରା ପାର୍କ, ନୌବାଣିଜ୍ୟ ସଂଗ୍ରହାଳୟ, ବାରବାଟୀ ଦୁର୍ଗ, ନରାଜ ହିଲ୍ ଟପ୍ ଭଳି ବିଭିନ୍ନ ସ୍ଥାନରେ ଖଚାଖଚ ଭିଡ଼ ପରିଲକ୍ଷିତ ହୋଇଥିଲା। ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟରେ ନୂଆବର୍ଷର ପ୍ରଥମ ଦିନରେ ବେଶ୍ ଭିଡ ଜମିଥିଲା। ଗୁରୁବାର ୨୦୨୬ର ପ୍ରଥମ ଦିନରେ ସଂଗ୍ରହାଳୟକୁ ୧୩୫୬ ଜଣ ପର୍ଯ୍ୟଟକ ଆସିଥିବାବେଳେ ୬୪,୭୩୦ଟଙ୍କା ଆୟ ହୋଇଥିବା ନେଇ ସଂଗ୍ରହାଳୟ଼ୀ ଆସିଷ୍ଟାଣ୍ଟ କ୍ୟୁରେଟର ପବିତ୍ର ମୋହନ ପ୍ରଧାନ କହିଛନ୍ତି।

ନୂଆବର୍ଷରେ ଫୁଲ ବ୍ୟବସାୟ ଜମିଛି। ସକାଳୁ ସକାଳୁ ବ୍ୟବସାୟୀ ଭଳି କି ଭଳି ଫୁଲତୋଡ଼ା ପ୍ରସ୍ତୁତ କରି ଦୋକାନ ଆଗରେ ପସରା ମେଲାଇ ବସିଥିଲେ। ବିଭିନ୍ନ ଫୁଲ ମଧ୍ୟରେ ଗୋଲାପର ଚାହିଦା ଅଧିକ ରହିଥିଲା। ବେଙ୍ଗାଲୁରୁ ଗୋଲାପ ଗୋଟାକୁ ୪୦ ଟଙ୍କା, କଲିକତା ଗୋଲାପ ୨୦ଟଙ୍କା, ଷ୍ଟାର ଫୁଲ ୨୦ ଟଙ୍କା, ବତାସା ଫୁଲ ୩୦ ଟଙ୍କା, ଧଳା ରଙ୍ଗ ଗୋଲାପ ୪୦ ଟଙ୍କା, ଗୋଲାପୀ ରଙ୍ଗ ଗୋଲାପ ୫୦ ଟଙ୍କା, ହଳଦିଆ ରଙ୍ଗ ଗୋଲାପ ୫୦ ଟଙ୍କା, ଜାରବେରା ୨୦ ଟଙ୍କା, ଜିପ୍‌ସନ ଫୁଲ ବଣ୍ଡଲକୁ ୬୦୦ ଟଙ୍କା, ବ୍ଲୁ ଡେଜି ବଣ୍ଡଲକୁ ୩୫୦ ଟଙ୍କାରେ ବିକ୍ରି କରାଯାଇଥିଲା।















## ନରକଙ୍କାଳ ଠାବ ଘଟଣାର ତଦନ୍ତ ଆରମ୍ଭ

କଟକ,୧।୧(ସମିସ): ଶିଖରପୁର ପୁରୁଣା ତେଲ ଡିପୋ ପରିସରରୁ ଏକ ନରକଙ୍କାଳ ଝୁଲନ୍ତା ଅବସ୍ଥାରେ ମିଳିବା ଘଟଣାରେ ମାଲଗୋଦାମ ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି। ପରିଚୟ ଜାଣିବା ପାଇଁ ମୃତକଙ୍କ ଡିଏନଏ ନମୁନା ମଧ୍ୟ ସଂଗ୍ରହ କରାଯାଇଛି। ପ୍ରାଥମିକ ଭାବେ ଡାକ୍ତରୀ ଯାଞ୍ଚରୁ ପ୍ରାୟ ୩ ମାସ ପୂର୍ବରୁ ଉକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ପ୍ରକାଶଯୋଗ୍ୟ, ନରକଙ୍କାଳ ମିଳିଥିବା ସ୍ଥାନଟି ଜନବସତିଠାରୁ ଦୂରରେ ରହିଛି। ଅନେକ ସମୟରେ ସେଠାରେ ନିଶାଡିଙ୍କ ଆଡ୍ଡା ଜମୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେଣୁ ଉକ୍ତ ବ୍ୟକ୍ତିଙ୍କ ମୃତ୍ୟୁକୁ ନେଇ ପୁଲିସର ସନ୍ଦେହ ବଢିଛି। ବ୍ୟକ୍ତି ଜଣକ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରି ଗଛରେ ଝୁଲାଇ ଦିଆଯାଇଛି ସେନେଇ ଖୋଳତାଡ଼ କରାଯାଉଛି। ମୃତ ବ୍ୟକ୍ତିଙ୍କ ବେକରେ ଏକ ପ୍ଲାଷ୍ଟିକ ରଶି ଗୁଡ଼ାଇ ହୋଇ ରହିଥିବାରୁ ଦୀର୍ଘ ଦିନ ହେବ ମୃତଦେହଟି ସେମିତି ଝୁଲନ୍ତା ଅବସ୍ଥାରେ ରହିଥିଲା। ଅଣ୍ଟାରୁ ତଳକୁ ଶରୀରର ଅର୍ଦ୍ଧାଧିକ ଅଙ୍ଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ତେଣୁ ବ୍ୟକ୍ତି ଜଣକ ପୁରୁଷ କି ମହିଳା ତାହା ମଧ୍ୟ ଜଣାପଡ଼ିନାହିଁ। ସେପଟେ ଘଟଣାସ୍ଥଳରୁ ଯେଉଁ ଛିଣ୍ଡା ପୋଷାକ ମିଳିଛି ସେଗୁଡିକୁ ଉଭୟ ମହିଳା ଓ ପୁରୁଷ ପିନ୍ଧି ପାରୁଛନ୍ତି। ଏଭଳି ସ୍ଥିତିରେ ପୁଲିସ ମୃତକଙ୍କ ଡିଏନଏ ପରୀକ୍ଷା କରିବା ପାଇଁ ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇଛି।

### ଏସ୍‌ସିବିରେ ନିଶ୍ଚେତକ ଡାକ୍ତର ଅଭାବ

## ଅସ୍ତ୍ରୋପଚାର ଅପେକ୍ଷାରେ ପଡ଼ି ରହିଲେ ବୃଦ୍ଧା

**ସକାଳୁ ସାଲାଇନ୍ ଲାଗିଲା; ସନ୍ଧ୍ୟାରେ ହେଲା ଅସ୍ତ୍ରୋପଚାର**

**ଦିନ ଯାକ ଦେଖାଦେଲେନି ନିଶ୍ଚେତକ ଡାକ୍ତର**

କଟକ,୧।୧(ସମିସ):

ଏସ୍‌ସିବି ମେଡିକାଲରେ ନିଶ୍ଚେତକ ଡାକ୍ତର ଅଭାବରୁ ଅସ୍ତ୍ରୋପଚାରରେ ସମସ୍ୟା ଦେଖାଦେଉଛି। ନିଶ୍ଚେତକ ଡାକ୍ତର ଆସୁ ନଥିବାରୁ ରୋଗୀ ଘଣ୍ଟାଘଣ୍ଟା କାଳ ଅପେକ୍ଷାରେ ପଡ଼ି ରହୁଛନ୍ତି। ଅସ୍ଥିଶଲ୍ୟ ବିଭାଗରୁ ଏଭଳି ଅଭିଯୋଗ ଆସିଛି। ଆଠଗଡ଼ ଅଞ୍ଚଳର ଜଣେ ବୃଦ୍ଧା ସକାଳ ୯ଟାରୁ ଅପେକ୍ଷାରେ ରହିଥିଲେ ସୁଦ୍ଧା ସନ୍ଧ୍ୟା ପର୍ଯ୍ୟନ୍ତ ତାଙ୍କର ଅସ୍ତ୍ରୋପଚାର କରାଯାଇ ନଥିଲା। ନିଶ୍ଚେତକ ଡାକ୍ତର ଆସି ନଥିବାରୁ ତାଙ୍କୁ ପକାଇ ରଖାଯାଇଥିଲା। ସମ୍ପୃକ୍ତ ବୃଦ୍ଧାଙ୍କ ପୁତ୍ର ଏନେଇ ଆଜି ଅଭିଯୋଗ କରିଛନ୍ତି। ବଡ଼ ମେଡିକାଲରେ ଏଭଳି ଦୁରବସ୍ଥା ଯୋଗୁଁ ପ୍ରତ୍ୟେକ ଦିନ ବିଭିନ୍ନ ବିଭାଗରେ ରୋଗୀ ନାହିଁ ନଥିବା ସମସ୍ୟା ଭୋଗୁଥିବା ଜଣାପଡ଼ିଛି।

ଘଟଣାରୁ ପ୍ରକାଶ ଯେ ଆଠଗଡ଼ ଅଞ୍ଚଳର ଜଣେ ୭୨ବର୍ଷୀୟ ବୃଦ୍ଧା ଘରେ ପଡ଼ିଯିବାରୁ ତାଙ୍କ ଜଙ୍ଘ ହାଡ଼ ଭାଙ୍ଗି ଯାଇଥିଲା। ପ୍ରଥମେ ତାଙ୍କୁ ଆଠଗଡ଼ ହସ୍ପିଟାଲ ନିଆଯାଇଥିଲା। ମାତ୍ର ଡାକ୍ତରଙ୍କ ପରାମର୍ଶକ୍ରମେ ସମ୍ପୃକ୍ତ ବୃଦ୍ଧାଙ୍କୁ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଏଠାରେ ଅସ୍ଥିଶଲ୍ୟ ବିଭାଗ ୟୁନିଟ-୧ରେ ବୃଦ୍ଧା ଆଡମିସନ ହୋଇଥିଲେ। ଗତ ଶନିବାରର ଘଟଣା। ବୃଦ୍ଧାଙ୍କ ଅସ୍ତ୍ରୋପଚାର କରାଯିବ ବୋଲି ଡାକ୍ତର ସ୍ଥିର କରିଥିଲେ। ଏଣୁ ସେହିଦିନ ସକାଳ ୯ଟାରୁ ବୃଦ୍ଧାଙ୍କ ଖାଦ୍ୟପେୟ ବନ୍ଦ କରାଯିବା ସହ ସାଲାଇନ ଚାଲୁ କରାଯାଇଥିଲା। ସମୟ ଗଡ଼ି ଯାଇଥିଲେ ସୁଦ୍ଧା ବୃଦ୍ଧାଙ୍କୁ ଅପରେସନ ଥିଏଟରକୁ ନିଆଯାଇ ନଥିଲା। ସେନା ବାହିନୀରେ କାର୍ଯ୍ୟ କରୁଥିବା ତାଙ୍କ ପୁତ୍ର ଅଭିଯୋଗରେ ଜଣାଇଛନ୍ତି ଯେ ମା’ ପଡ଼ି ରହିଥିଲେ ସୁଦ୍ଧା ଡାକ୍ତର ଏଥିପ୍ରତି ଦୃଷ୍ଟି ଦେଉ ନଥିଲେ। ବିଭାଗର ଜଣେ ଡାକ୍ତରଙ୍କୁ ପଚାରିବାରୁ ନିଶ୍ଚେତକ ଡାକ୍ତର ନଆସିବା ଯାଏଁ ଅସ୍ତ୍ରୋପଚାର ସମ୍ଭବ ନୁହେଁ ବୋଲି ଉତ୍ତର ମିଳିଥିଲା। ପରେ ଦିନ ୧୨ଟା ଯାଏଁ ଅପେକ୍ଷା କରିବାକୁ କୁହାଯାଇଥିଲା। ତଥାପି ନିଶ୍ଚେତକ ଡାକ୍ତରଙ୍କ ଦେଖା ମିଳି ନଥିଲା। ଅପରାହ୍ଣ ୪ଟା ହେବା ପରେ ବିଭାଗର ଜଣେ ବରିଷ୍ଠ ଡାକ୍ତରଙ୍କୁ ଜଣାଇବାରୁ ସେ ନିଶ୍ଚେତକ ଡାକ୍ତରଙ୍କ ସହ ଯୋଗାଯୋଗ କରିଥିଲେ। ପରେ ଅସ୍ତ୍ରେପଚାର କରାଯାଇଥିଲା ବୋଲି ସେ ଅଭିଯୋଗରେ ଜଣାଇଛନ୍ତି।

ଏସ୍‌ସିବି ମେଡିକାଲରେ ନିଶ୍ଚେତକ ଡାକ୍ତର ସଙ୍କଟ ଥିବା ହେତୁ ପ୍ରତ୍ୟେକଦିନ ଏଭଳି ଘଟଣା ସାମ୍ନାକୁ ଆସୁଛି। ଅସ୍ତ୍ରୋପଚାର ଅପେକ୍ଷାରତ ରୋଗୀ ଘଣ୍ଟାଘଣ୍ଟା ପଡ଼ି ରହୁଛନ୍ତି। ରାଜ୍ୟ ସରକାର ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ ରୂପ ଦେବାକୁ ଉଦ୍ୟମ କରୁଥିବା ବେଳେ ଏପରି ସମସ୍ୟା ପାଇଁ ରୋଗୀ ହଇରାଣ ହେବା ନିହାତି ଭାବେ ଦୁର୍ଭାଗ୍ୟଜନକ। ପ୍ରକାଶଥାଉକି, ନ୍ୟୁରୋସର୍ଜରୀ ବିଭାଗରେ ମଧ୍ୟ ନିଶ୍ଚେତକ ଅଭାବରୁ ଅନେକ ଅସ୍ତ୍ରୋପଚାର ହୋଇ ପାରୁନଥିବା ଜଣାପଡ଼ିଛି। ଏହି ବିଭାଗ ନିମନ୍ତେ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ହାସଲ କରିଥିବା ନିଶ୍ଚେତକ ଡାକ୍ତର ଆବଶ୍ୟକ। ଏଥି ପାଇଁ ଏସ୍‌ସିବି କର୍ତ୍ତୃପକ୍ଷ ପୂର୍ବରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରୁନାହିଁ।

## ମୋକିମ୍ ଫାଉଣ୍ଡେସନ ପକ୍ଷରୁ ମେଗା ସ୍ପୋର୍ଟସ କାର୍ନିଭାଲ୍ ୩ରୁ




କଟକ, ୧।୧(ସମିସ): କଟକ ସହରର କ୍ରୀଡ଼ା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ମୋକିମ ଫାଉଣ୍ଡେସନ ପକ୍ଷରୁ ‘ମେଗା ସ୍ପୋର୍ଟସ କାର୍ନିଭାଲ୍ ଆୟୋଜିତ ହେବାକୁ ଯାଉଛି। ଆସନ୍ତା ଜାନୁୟାରୀ ୩ ତାରିଖରୁ ଆରମ୍ଭ ହେଉଛି। ଏହି କ୍ରୀଡ଼ା ମହୋତ୍ସବ ଜାନୁୟାରୀ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଭାବେ କଟକର ବିଭିନ୍ନ କ୍ଲବ୍‌କୁ ନେଇ "ମୋକିମ ଫାଉଣ୍ଡେସନ କ୍ରିକେଟ ପ୍ରିମିୟର ଲିଗ୍’ ଉପର ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହେବ। କ୍ରିକେଟ ସହିତ ଶାରୀରିକ କୌଶଳ ଓ ଆତ୍ମରକ୍ଷାମୂଳକ ଖେଳ ଯଥା ଟାଇକ୍ୱୋଣ୍ଡୋ, କରାଟେ ଏବଂ ବକ୍ସିଂ ଭଳି ବିଭିନ୍ନ ଇଣ୍ଡୋର୍ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଉଛି। ଏ ସମ୍ପର୍କରେ ଫାଉଣ୍ଡେସନର ଟ୍ରଷ୍ଟି ମେମ୍ବର ଶକିଲ ଖାନ କହିଛନ୍ତି ଯେ ଆସନ୍ତା ୧୪ ତାରିଖରେ ଏହି ମେଗା କ୍ରାନିଭାଲର ଉଦଯାପନୀ ଉତ୍ସବ ସ୍ଥାନୀୟ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ସୁଦିପ୍ତା ନନ୍ଦ ଏବଂ ଓଟିବିସିଏର ସଭ୍ୟ ଦେବନନ୍ଦ ଝା, ଜ୍ଞାନରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ। ସହରର କ୍ରୀଡ଼ାପ୍ରେମୀ ଓ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବାକୁ ଫାଉଣ୍ଡେସନ ପକ୍ଷରୁ ଅନୁରୋଧ କରାଯାଇଛି।

# ନୂଆବର୍ଷରେ ପିକ୍‌ନିକ୍ ମନ; ଦୁର୍ଘଟଣା ନେଉଛି ଜୀବନ



■ ଦୁଇ ଦିନରେ ଦୁଇଗୁଣା ବୃଦ୍ଧି ପାଇଛି ଦୁର୍ଘଟଣା

■ ୫୦ରୁ ଊର୍ଦ୍ଧ୍ୱ ଆହତ ଓ ୨ମୃତ; ଚିନ୍ତାରେ ଜୀବନ ସୁରକ୍ଷା

ବ୍ରହ୍ମପୁର,୧।୧(ସମିସ): ପିକ୍‌ନିକ୍ ଋତୁ ଆସିଲେ ସହର ଓ ଗ୍ରାମାଞ୍ଚଳରେ ଗାଡ଼ି ଚଳାଚଳ ଅଧିକ ବଢିବାରେ ଲାଗୁଛି। ଏହାସହ ବେପରୁଆ ଓ ଅସାବଧାନ ଗାଡ଼ି ଚାଳନା ମଧ୍ୟ ବୃଦ୍ଧିପାଉଛି। ପରିବାର ଓ ସହପାଠୀମାନଙ୍କ ସହ ପିକ୍‌ନିକକୁ ଯିବା ଆନନ୍ଦର ମୁହୂର୍ତ୍ତ ହେବା କଥା ଥିଲେ ମଧ୍ୟ, ଅସାବଧାନତା ଏହାକୁ ବିପଦରେ ପରିଣତ କରାଉଛି। ବିଭିନ୍ନ ପର୍ଯ୍ୟଟନସ୍ଥଳକୁ ଯାଉଥିବା ରାସ୍ତାରେ ଅତିରିକ୍ତ ଗତି, ଟ୍ରାଫିକ ନିୟମ ଉଲ୍ଲଂଘନ, ଓଭରଟେକ୍ କରିବା ଓ ଦ୍ରୁତ ଗତିରେ ଗାଡ଼ି ଚାଳନା ଭଳି ଦୃଶ୍ୟ ସାଧାରଣ ହୋଇଯାଇଛି। ଏହା ଫଳରେ ସଡ଼କ ଦୁର୍ଘଟଣାର ଆଶଙ୍କା ବଢୁଛି। ଏଭଳି ଭାବେ ଗତ ଦୁଇଦିନ ଅର୍ଥାତ ଡ଼ିସେମ୍ବର ୩୦ଓ ୩୧ତାରିଖରେ ଦୁଇଗୁଣା ବଢିଛି ସଡ଼କ ଦୁର୍ଘଟଣା। ଏ ନେଇ ବିଭିନ୍ନ ସମୟରେ ଟ୍ରାଫିକ ପୁଲିସ ପକ୍ଷରୁ ପିକନିକ ଋତୁରେ ଯାଞ୍ଚ କଠୋର କରାଯିବା ସହ ଲୋକମାନଙ୍କୁ ସଚେତନ କରାଯାଉଛି। ଏହା ପରେ ମଧ୍ୟ ଅସାବଧାନ ଚାଳନା ନିଜ ଓ ଅନ୍ୟମାନଙ୍କ ଜୀବନକୁ ବିପଦରେ ପକାଉଛି। କବିସୂର୍ଯ୍ୟନଗର ଥାନା ବୁଢାଆମ୍ବ ନିକଟରେ ଡ଼ିସେମ୍ବର ୩୧ତାରିଖରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା। ବାଇକ ସହ ସ୍କୁଟି ମୁହାଁମୁହିଁ ଧକ୍କାରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଆହତ ହୋଇ ଥିବା ଜଣାପଡ଼ିଛି। ସେହିପରି ସହରର ଏକ ବୁଲେଟ ସୋ'ରୁମର କିଛି କର୍ମଚାରୀ ପିକ୍‌ନିକ ଯିବା ସମୟରେ ବାର୍‌ହାପଥର ନିକଟରେ ଦୁର୍ଘଟଣା ଘଟିଥିଲା। ସେହିପରି ଖୋର୍ଦ୍ଧା ଜିଲ୍ଲାର କିଛି ସରକାରୀ ମେଡ଼ିକାଲ ଡ଼ାକ୍ତର ଗଞ୍ଜାମ ଓ ଗଜପତି ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳକୁ ବୁଲିବାକୁ ଆସିଥିଲେ। ଏହି ସମୟରେ ତପ୍ତପାଣି ଘାଟି ନିକଟରେ ସେମାନଙ୍କ କାର୍ ଏକ ଟ୍ରକ ସହ ପିଟି ହୋଇଥିଲା। ଏଥିରେ ୪ଜଣରୁ ଅଧିକ ବ୍ୟକ୍ତି ଆହାତ ହୋଇଥିଲେ। ଏହିପରି ଗତକାଲି ରଣ୍ଡା ନିକଟରେ ମଧ୍ୟ ସଡ଼କ ଦୁର୍ଘଟଣା ହୋଇଥିବା ବେଳେ ଏଥିରେ ୩ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ। ଏଭଳି ଭାବେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗତ ୨ଦିନ ମଧ୍ୟରେ ୪୦ରୁ ଊର୍ଦ୍ଧ୍ୱ ଛୋଟ ବଡ଼ ଦୁର୍ଘଟଣା ଘଟିଛି। ସେଥିମଧ୍ୟରୁ ଏମ୍‌କେସିଜି ମେଡ଼ିକାଲକୁ ୩୦ରୁ ଅଧିକ ଦୁର୍ଘଟଣାରେ ୫୦ରୁ ଅଧିକ ଆହତ ବ୍ୟକ୍ତି ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଛନ୍ତି। ପୂର୍ବ ଦିନରେ ପ୍ରତିଦିନ ୧୦ରୁ ୧୫ଟି ସଡ଼କ ଦୁର୍ଘଟଣା ଶିକାର ହୋଇଥିବା ରୋଗୀ ଚିକିତ୍ସା ନିମନ୍ତେ ମେଡ଼ିକାଲକୁ ଆସିଥିବା ବେଳେ ଗତ ଦୁଇଦିନରେ ଏହାର ସଂଖ୍ୟା ୨ଗୁଣ ବୃଦ୍ଧି ପାଇଛି। ପିକ୍‌ନିକ୍ ବେଳେ ବେପରୁଆ ଗାଡ଼ିଚାଳନା କାରଣରୁ ଏଭଳି ଭାବେ ସଡ଼କ ଦୁର୍ଘଟଣା ବଢୁଛି। ଅନ୍ୟପକ୍ଷରେ ପିକନିକକୁ ଯିବା ସମୟରେ ଧୈର୍ଯ୍ୟ ଧରି ଗାଡ଼ି ଚାଳନା କରିବା, ସୁରକ୍ଷା ନିୟମ ମାନିବା ଓ ଟ୍ରାଫିକ ପୁଲିସଙ୍କ ସହଯୋଗ କରିବା ଅତ୍ୟନ୍ତ ଆବଶ୍ୟକ ରହିଛି। ସଚେତନତା ହିଁ ଦୁର୍ଘଟଣା ରୋକିବାର ସର୍ବୋତ୍ତମ ଉପାୟ ବୋଲି ବିଭିନ୍ନ ସମୟରେ ପରିବହନ ବିଭାଗ ଓ ଟ୍ରାଫିକ ପୁଲିସ ପକ୍ଷରୁ ସଚେତନତା କରାଯାଉଛି। ତେଣୁ ଏଥିପ୍ରତି ସାଧାରଣ ଲୋକ ଗୁରୁତ୍ୱ ଦେବାର ଆବଶ୍ୟକ ରହିଛି।

# ୩୦ରୁ ସୁନାପୁର ବେଳାଭୂମି ମହୋତ୍ସବ



ବ୍ରହ୍ମପୁର,୧।୧(ସମିସ): ଆସନ୍ତା ୩୦ତାରିଖରୁ ସୁନାପୁର ବେଳାଭୂମି ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ମହୋତ୍ସବ କମିଟି ଅଧ୍ୟକ୍ଷ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗଞ୍ଜାମ ଜିଲ୍ଲାପାଳ ଭି କିର୍ତ୍ତିଭାସନ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ବ୍ରହ୍ମପୁର ସାଂସଦଙ୍କ ପ୍ରତିନିଧି ମିନା ଦ୍ୟାନ ସାମନ୍ତରାଙ୍କ ସମେତ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ତେବେ ଜାନୁଆରୀ ୩୦,୩୧ ଓ ଫେବୃୟାରୀ ୧ରେ ସୁନାପୁର ବେଳାଭୂମି ମହୋତ୍ସବ ହେବ ବୋଲି ବୈଠକରୁ ମତପ୍ରକାଶ ପାଇଛି। ୨୦୧୯ରେ ଏହି ମହୋତ୍ସବ ହୋଇଥିଲା। ପରବର୍ତ୍ତି ସମୟରେ ଏହା ସ୍ଥଗିତ ରହିଥିଲା। ସ୍ଥାନୀୟ ବିଧାୟକ ଶ୍ରୀ ସାମନ୍ତରାଙ୍କ ପ୍ରଚେଷ୍ଟାରେ ପୁନଃ ଏହା ଆରମ୍ଭ ହେବାକୁ ଯାଉଛି। ଅପରପକ୍ଷେ ସୁନାପୁର ବିଚ୍‌କୁ ବ୍ଲୁ-ଫ୍ଲାଗ ବିଚ୍ ମାନ୍ୟତା ମିଳିଛି। ଏଠାରେ ସ୍ୱତନ୍ତ୍ର ୱାଟର କମ୍ପ୍ଲେକ୍ସ ନିର୍ମାଣ ହେବାକୁ ଯାଉଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ୩କୋଟି ଟଙ୍କାରେ ଏଠାରେ ନିର୍ମାଣ ହେବ। ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ବିଧାୟକଙ୍କ କରକମଳରେ ଏହାର ଶିଳାନ୍ୟାସ ହୋଇଥିବା ଜିଲ୍ଲାପାଳ କହିଛନ୍ତି।

# ଶ୍ମଶାନ ଓ ଶିଶୁ ଉଦ୍ୟାନ ପୁନରୁଦ୍ଧାର କାର୍ଯ୍ୟର ଶୁଭାରମ୍ଭ



ବ୍ରହ୍ମପୁର,୧।୧(ସମିସ): ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୪ନଂ ୱାର୍ଡରେ ଅବସ୍ଥାପିତ ଦେବାଙ୍ଗ ଶିବଲୋକମ ଶ୍ମଶାନ ପୁନଃଉଦ୍ଧାର କାର୍ଯ୍ୟ ନିମନ୍ତେ ଅଟକଳ ମୂଲ୍ୟ ୪୦,୬୧,୫୭୧/ ବ୍ୟୟରେ ଏବଂ ଧୋବାବନ୍ଧ ହୁଡ଼ା ନିକଟରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଶିଶୁ ଉଦ୍ୟାନର ପୁନରୁଦ୍ଧାର ନିମନ୍ତେ ଅଟକଳ ମୂଲ୍ୟ ୪୫,୪୭,୪୦୦/ ଟଙ୍କା ବିନିମୟରେ କାର୍ଯ୍ୟ ଗୁଡିକର ଶୁଭାରମ୍ଭ ବିଧାୟକ କେ ଅନିଲ କୁମାରଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇ, କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଡେପୁଟି ମେୟର ଇ ବିବେକ ରେଡି, ବିଭାଗୀୟ ଯନ୍ତ୍ରୀ, ସ୍ଥାନୀୟ କର୍ପୋରେଟର ସନ୍ଧ୍ୟାରାଣୀ ଶୁକ୍ଳ, ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଳ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ତାଲାବନ୍ଦ ଘରୁ ସୁନା ଓ ଟଙ୍କା ଚୋରି

ବ୍ରହ୍ମପୁର,୧।୧(ସମିସ): ବ୍ରହ୍ମପୁର ସହରର ଆଉ ଏକ ତାଲାବନ୍ଦ ଘରୁ ଚୋରି ହୋଇଛି। ଘରେ କେହି ନଥିବାର ସୁଯୋଗ ନେଇ ଚୋରମାନେ ସୁନା, ରୁପା ଅଳଙ୍କାର ସହ ନଗଦ ଟଙ୍କା ଚୋରି କରି ନେଇଛନ୍ତି। ସୂଚନାପ୍ରକାରେ, ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନିଗମନଗର ୪ର୍ଥ ଲାଇନରେ ଘର ଭଡ଼ା ନେଇ ରହୁଥିବା ଦୂଷ୍ମନ୍ତ କୁମାର ନିଜ କମ୍ପାନୀ ପକ୍ଷରୁ ଭ୍ରମଣରେ ଯାଇଥିବା ବେଳେ ତାଙ୍କ ପରିବାର ଲୋକେ ଗାଁକୁ ଯାଇଥିଲେ। ଘରେ କେହି ନଥିବାରୁ ତାଲା ପଡିଥିଲା। ଗତକାଲି ଅପରାହ୍ନରେ ତାଙ୍କ ପରିବାର ଲୋକେ ଫେରିବା ପରେ ଘରର ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଭିତରକୁ ଯାଇ ସୁନା ଚୁଡି ଓ ରୁପା ଅଳଙ୍କାର ସହ ନଗଦ ୧୫ ହଜାର ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ୪ ଥଣ୍ଡା ପାନୀୟଜଳ ମେସିନର ଶୁଭାରମ୍ଭ




ବ୍ରହ୍ମପୁର,୧।୧(ସମିସ): ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ଗୋଷାଣିନୂଆଗାଁର ୪ଟି ପ୍ରମୁଖ ସ୍ଥାନରେ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି। ନୂଆବର୍ଷ ଅବସରରେ ୨୬ ନମ୍ବର କର୍ପୋରେଟର ଧୀରେଶ ସାବତଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଓ କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେର୍ ଯୋଗଦେଇ ସମସ୍ତ ୪ଟି ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ୨୬ନମ୍ବର ୱାର୍ଡ ଅନ୍ତର୍ଗତ ଚଣ୍ଡିସାହି ଛକ ଓ ଗୋଷାଣିନୂଆଗାଁ ଥାନାଛକ, ୨୭ ନମ୍ବର ୱାର୍ଡ ଅନ୍ତର୍ଗତ ବଡ଼ମଠ ଓ ୨୮ ନମ୍ବର ୱାର୍ଡର ଉତ୍ତରେଶ୍ୱର ମନ୍ଦିର ଛକଠାରେ ଏହି ଥଣ୍ଡା ବିଶୁଦ୍ଧ ପାନୀୟ ଜଳ ମେସିନକୁ ପ୍ରତିଷ୍ଠା କରାଯାଇଛି। ୨୬ନମ୍ବର ୱାର୍ଡ କର୍ପୋରେଟର ନିଜସ୍ୱ ଉଦ୍ୟମ ଓ ପାଣ୍ଠିରୁ ଏହି ସମସ୍ତ ବ୍ୟବସ୍ଥା କରିଛନ୍ତି। ଅଞ୍ଚଳବାସୀଙ୍କ ପକ୍ଷରୁ କର୍ପୋରେଟର ଧୀରେଶ ସାବତଙ୍କ ପଦକ୍ଷେପକୁ ପ୍ରଶଂସା କରାଯାଇଛି।

# ନୂଆବର୍ଷକୁ ନିଆରା ଢଙ୍ଗରେ ପାଳିଲେ ଯୁବ କର୍ପୋରେଟର



ବ୍ରହ୍ମପୁର,୧।୧(ସମିସ): ନୂଆବର୍ଷକୁ ନିଆରା ଢଙ୍ଗରେ ପାଳିଲେ ୨୬ନମ୍ବର ୱାର୍ଡର ଯୁବ କର୍ପୋରେଟର ଓ ଯୁବଗୋଷ୍ଠୀ। ସହରବାସୀ ଜିରୋ ନାଇଟ ପାଳନ କରୁଥିବା ବେଳେ କର୍ପୋରେଟର ଧୀରେଶ ସାବତ ଓ ତାଙ୍କ ସମର୍ଥକ ଶୀତ ରାତିରେ ସହର ସାରା ବୁଲି ରାସ୍ତାଘାଟରେ ଶୀତକାକର ରାତିରେ ଖୋଲା ଆକାଶ ତଳେ ଆଶ୍ରୟ ନେଇଥିବା ଲୋକଙ୍କୁ କମ୍ବଳ ବାଣ୍ଟିଥିଲେ। କର୍ପୋରେଟର ଧୀରେଶ ସାବତ ଓ ଉମେଶ ରଥଙ୍କ ନେତୃତ୍ୱରେ ପ୍ରାୟ ଶତାଧିକ ଯୁବକ ମେଡିକାଲ, ରେଲୱେ ଷ୍ଟେସନ, ରାମଲିଙ୍ଗେଶ୍ୱର ପାର୍କ, ବିଜିପୁର, ଗୋଷାଣିନୂଆଗାଁ, ପୁରୁଣା ବ୍ରହ୍ମପୁର ଓ ପୁରୁଣା ବସଷ୍ଟାଣ୍ଡ ଆଦି ସ୍ଥାନରେ ପ୍ରାୟ ୩ଶହ ଲୋକଙ୍କୁ କମ୍ବଳ ବଣ୍ଟନ କରିଥିଲେ। ସେହିଭଳି ୧ତାରିଖ ରାତିରେ ଏମ୍‌କେସିଜି ମେଡିକାଲରେ ଶହଶହ ସଂଖ୍ୟାରେ ରୋଗୀଙ୍କ ସମ୍ପର୍କୀୟମାନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରିଥିଲେ। ଏହି ଅବସରରେ ୩୫ନମ୍ବର ୱାର୍ଡର କର୍ପୋରେଟର ସମୀର ମିଶ୍ର ଓ ରକ୍ତ ଭଣ୍ଡାରର ସୁଶାନ୍ତ କୁମାର ପାଣିଗ୍ରହୀ ପ୍ରମୁଖଙ୍କ ସମେତ ବହୁ ଯୁବକ ସାମିଲ ହୋଇ ଖାଦ୍ୟ ବଣ୍ଟନ କରିଥିଲେ।

# ଆଜି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୬୦ତମ ପ୍ରତିଷ୍ଠା ଦିବସ



ବ୍ରହ୍ମପୁର, ୧।୧ (ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତାର ୬୦ତମ ପ୍ରତିଷ୍ଠା ଦିବସ ପାଳିବାକୁ ଯାଉଛି। ଏହି ଅବସରରେ ଭଞ୍ଜବିହାର କ୍ୟାମ୍ପସରେ ଥିବା ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଅଧ୍ୟକ୍ଷତାରେ ଉତ୍ସବ ଆୟୋଜିତ ହେବ। ଏଥିରେ ମୁଖ୍ୟ ଅତିଥି ଭାବେ ନୂଆଦିଲ୍ଲୀ ସ୍ଥିତ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ର ଯୋଗ ଦେବାକୁ ଥିବା ବେଳେ ବିଶାଖପାଟଣା ସ୍ଥିତ ଆନ୍ଧ୍ର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜି.ପି. ରାଜା ଶେଖର ସମ୍ମାନିତ ଅତିଥି ଭାବେ ଯୋଗ ଦେବେ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ସାହିତ୍ୟ କ୍ଷେତ୍ରରେ ବିଶିଷ୍ଟ କବି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତିଙ୍କୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇ ୧ଲକ୍ଷ ଟଙ୍କାର ଅର୍ଥ ପୁରସ୍କାର ପ୍ରଦାନ କରାଯିବ। ସେହିଭଳି ଦକ୍ଷିଣ ଓଡ଼ିଶା ଲୋକ ସଂସ୍କୃତି ସମ୍ମାନରେ ହୃଷୀକେଶ ପାଣିଗ୍ରାହୀ ଓ ଜଗଦୀଶ ପାଣିଗ୍ରାହୀଙ୍କୁ ମାନପତ୍ର ଓ ଉପଢୌକନ ସହ ୨୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଦାନ କରାଯିବ। ସେହିଭଳି ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡଃ ସୁରେନ୍ଦ୍ର ନାଥ ପାଣିଗ୍ରାହୀ ଓ ଡଃ ରାଜେନ୍ଦ୍ର ପାଢ଼ୀଙ୍କୁ ଯଥାକ୍ରମେ ଓଡିଆ ସାହିତ୍ୟ ଓ ଆଦିବାସୀ ସଂସ୍କୃତି ପାଇଁ ଅଙ୍ଗବସ୍ତ୍ର ସହିତ ସମ୍ମାନିତ କରାଯିବ। ଏହି ଅବସରରେ ଆଇଜର ବ୍ରହ୍ମପୁରର ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଗାଙ୍ଗୁଲିଙ୍କ ଦୀକ୍ଷାନ୍ତ ଭାଷଣ ରହିଛି। ସେହିଭଳି ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ସହକାରୀ ପ୍ରାଧ୍ୟାପକ ଡଃ ପଦ୍ମଲୋଚନ ହେମ୍ବ୍ରମଙ୍କୁ 'ସବୁଜ ମିତ୍ର' ସମ୍ମାନରେ ସମାନିତ କରାଯାଇ ଶେଷରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମୁଖପତ୍ର 'ଭଞ୍ଜବିହାର ରିପୋର୍ଟର' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହେବ।

# ନୂଆବର୍ଷର ପ୍ରଥମ ଦିନରେ ୯ରୁ ଊର୍ଦ୍ଧ୍ୱ ମାମଲା

ବ୍ରହ୍ମପୁର,୧।୧(ସମିସ): ବ୍ରହ୍ମପୁର ପୁଲିସ ଜିଲ୍ଲାରେ ୨୦୨୬ବର୍ଷର ପ୍ରଥମ ଦିନରେ ଗୋଟିଏ ଯୁଡି କେସ ସମେତ ୯ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇଛି। ୨୦୨୫ ବର୍ଷରେ ବ୍ରହ୍ମପୁର ସହରରେ ହତ୍ୟା, ଦୁଷ୍କର୍ମ, ଠକେଇ, ଅପହରଣ, ସାଇବର ଠକେଇ, ହତ୍ୟା ଉଦ୍ୟମ, ଚୋରି ଡକାୟତି ଭଳି ଅନେକ ଘଟଣା ଦେଖିବାକୁ ମିଳିଥିଲା। ୨୦୨୫ରେ ୬୮୧୫ରୁ ଅଧିକ ମାମଲା ବ୍ରହ୍ମପୁର ପୁଲିସ ଜିଲ୍ଲାରେ ରୁଜୁ ହୋଇଥିବା ବେଳେ ଚଳିତବର୍ଷ ଅର୍ଥାତ ନୂତନ ବର୍ଷର ପ୍ରଥମ ଦିନରେ ହିଁ ଗୋଟିଏ ଯୁଡ଼ି ମାମଲା, ଟ୍ରାଫିକ ନିୟମ ଉଲ୍ଲଙ୍ଘନ ମାମଲା ଓ ଧମକ ଚମକ ଭଳି ୯ରୁ ଅଧିକ ମାମଲା ରୁଜୁ ହୋଇଥିବା ଜଣାପଡିଛି। ବୈଦ୍ୟନାଥପୁର ଥାନା ଅଧିନ ମେଡ଼ିକାଲ ଫାଣ୍ଡିରେ ପ୍ରଥମ ଯୁଡ଼ି ମାମଲା ରୁଜୁ ହୋଇଥିବା ବେଳେ ଟ୍ରାଫିକ ଥାନା ଓ ଟାଉନ, ବଡ଼ବଜାର, ଗୋପାଳପୁର ଓ ନିମଖଣ୍ଡି, ସଦର ଥାନାରେ ଟ୍ରାଫିକ ନିୟମ ଭଙ୍ଗ ଅଭିଯୋଗରେ ଏକାଧିକ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶଶୀଭୂଷଣ ରଥଙ୍କ ଜୟନ୍ତୀ





ବ୍ରହ୍ମପୁର, ୧।୧ (ସମିସ): ସହରର ବିଭିନ୍ନ ଅନିଷ୍ଠାନ ପକ୍ଷରୁ ଗଞ୍ଜାମ ବ୍ୟାଘ୍ର ଶଶିଭୂଷଣ ରଥଙ୍କ ୧୪୨ତମ ଜୟନ୍ତୀ ପାଳିତ ହୋଇଛି। ବିଭିନ୍ନ ସ୍ଥାନରେ ଥିବା ସ୍ୱର୍ଗତ ଶ୍ରୀ ରଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ ଜଣାଇବା ସହ ତାଙ୍କ ସ୍ମୃତି ଚାରଣ କରିଥିଲେ। ସଂସ୍କାରବାଦୀ ପକ୍ଷରୁ ଶଶିଭୂଷଣ ରଥ ମହିଳା ସ୍ୱୟଂଚାଳିତ ମହାବିଦ୍ୟାଳୟ ପରିସରରେ ପ୍ରତିଷ୍ଠିତ ସ୍ୱର୍ଗତ ରଥଙ୍କ ପ୍ରତିମୂର୍ତ୍ତିଠାରେ ସଂଗଠନର ପ୍ରତିଷ୍ଠାତା ସଭାପତି ତ୍ରିନାଥ ମହାରଣାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ସଭା ଶେଷରେ ତ୍ରିନାଥ ମହାରଣାଙ୍କ ନେତୃତ୍ୱରେ ଏକ ପଦଯାତ୍ରା ବାହାରି ବିଭିନ୍ନ ସ୍ଲୋଗାନ ଦେଇ କିଛି ଅଞ୍ଚଳରେ ପ୍ରଚାର କରିଥିଲେ। କାର୍ଯ୍ୟକ୍ରମରେ ପ୍ରମୋଦ କୁମାର ସାହୁ, ସିମାଞ୍ଚଳ ପତି, ଭଗବାନ ସାହୁ, ଆର.ସୁଶୀଲ କୁମାରୀ, ମହାବିଦ୍ୟାଳୟର ଛାତ୍ରୀ ଶୀତାଲ ମହାନ୍ତି, ସୁକେସିନୀ ବାଗ, ଲାହିନୀ ଶବର, ଶୁଭଶ୍ରୀ ସେଠୀ ଓ ନିରୁପମା ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସହରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ମହାନ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଶଶୀ ଭୂଷଣ ରଥଙ୍କ ଜୟନ୍ତୀ ପାଳିତ ହୋଇଛି।

ସଭାପତି ଡାକ୍ତର ସଙ୍କର୍ଷଣ ପାତ୍ରଙ୍କ ଅଧ୍ୟକ୍ଷତାରେ ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ମହମଦ ଆସଲାମ, ସନ୍ତୋଷ କୁମାର ସାହୁ, ସୌମିକ ସାହୁ, ଭିଷ୍ମାଚାର୍ଯ୍ୟ ଚୌଧୁରୀ, ସୁରେଶ ଚନ୍ଦ୍ର ତ୍ରିପାଠୀ, ବାଳକୃଷ୍ଣ ସାମନ୍ତରାୟ, ରମେଶ ଚନ୍ଦ୍ର ସାହୁ, ଡାକ୍ତର ସାଗର ରଞ୍ଜନ ତ୍ରିପାଠୀ, ହରେକୃଷ୍ଣ ପଣ୍ଡା, ଆତ୍ମାରାମ, ଡା. ରାମହରୀ ଖଣ୍ଡୁଆଳ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ନିର୍ମାଣ ଅବଧିକୁ ବର୍ଷେ ବିତିଲା

# ସରୁନି ଏମ୍‌କେସିଜି ମେଡିକାଲର 'କର୍କଟ ସେବା କେନ୍ଦ୍ର' କାମ



● ବିଦ୍ୟୁତିକରଣ, ଯନ୍ତ୍ରପାତି, ଜଳଯୋଗାଣ ଓ ମାନବ ସମ୍ବଳର ରହିଛି ଘୋର ଅଭାବ

● କାର୍ଯ୍ୟକ୍ଷମ କରିବାକୁ 'ଡିଏମ୍‌ଇଟି'ଙ୍କୁ 'ଡିନ୍'ଙ୍କ ଅନୁରୋଧ

ବ୍ରହ୍ମପୁର,୧।୧(ସମିସ): ନିର୍ଦ୍ଧାରିତ ସମୟର ବର୍ଷକ ପରେ ମଧ୍ୟ ଶେଷ ହୋଇପାରୁନି ଏମ୍‌କେସିଜି ମେଡିକାଲର କ୍ୟାନସ୍ କେୟାର ସେଣ୍ଟର ବା କର୍କଟ ସେବା କେନ୍ଦ୍ରର ନିର୍ମାଣ କାର୍ଯ୍ୟ। ୨୦୨୨ମସିହାରେ ନବୀନ ସରକାର ସମୟରେ ୭୬କୋଟି ୧୯ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କେନ୍ଦ୍ର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ମେଡିକାଲ ଖେଳପଡିଆ ସଂଲଗ୍ନ ୧୪ ହଜାର ବର୍ଗଫୁଟ ପରିମିତ ଜମିରେ ପ୍ରତିଷ୍ଠା ହେବାକୁ ଥିବା ପ୍ରକଳ୍ପକୁ ଟେଣ୍ଡର ଜରିଆରେ କୋଲକୋତାର କାନିକଟୋଷ ବର୍ଣ୍ଣ ଲିମିଟେଡ ନାମକ ଏକ ଘରୋଇ ନିର୍ମାଣକାରୀ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ୨ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୪ମସିହା ସେପ୍ଟେମ୍ବର ୧୩ତାରିଖରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ତେବେ ବିଭିନ୍ନ କାରଣରୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହେବାରେ ବିଳମ୍ବ ହେବା ସହିତ ପ୍ରକଳ୍ପର ବ୍ୟୟ ଅଟକଳ ବୃଦ୍ଧି ପାଇ ବର୍ତ୍ତମାନ ୯୦କୋଟି ୯୫ଲକ୍ଷ ୬୪ହଜାର ୨୫୫ଟଙ୍କାରେ ପହଞ୍ଚିସାରିଛି। ବାରମ୍ବାର ପ୍ଲାନରେ ପରିବର୍ତ୍ତନ ସାଙ୍ଗକୁ ୪ମହଲା ବିଶିଷ୍ଟ କୋଠାରେ ଏପର୍ଯ୍ୟନ୍ତ ଟ୍ରାନ୍ସଫର୍ମର ପ୍ରତିଷ୍ଠା କରି ବିଦ୍ୟୁତିକରଣ କରାଯିବା ଏବଂ ଜଳଯୋଗାଣର ବ୍ୟବସ୍ଥା ହୋଇନଥିବା ଜଣାପଡିଛି। ସେହିଭଳି କର୍କଟ ସେବାକେନ୍ଦ୍ର ପାଇଁ ଆବଶ୍ୟକ ପ୍ରାୟ ୩କୋଟି ୫୧ଲକ୍ଷ ୧୨ହଜାର ୧୧୧ଟଙ୍କାର ବିଭିନ୍ନ ଆସବାବପତ୍ର ସହିତ ବହୁ ଜରୁରୀ ତଥା ଅତ୍ୟାଧୁନିକ ଯନ୍ତ୍ରପାତି ମଧ୍ୟ ଆସିନଥିବା ଜଣାପଡିଛି। ସବୁଠାରୁ ବଡକଥା ହେଲା କେନ୍ଦ୍ରରେ ରେଡିଓଥେରାପି ବିଭାଗ ଚାଲୁ କରିବାକୁ ହେଲେ ସେଠାରେ ଅନ୍ୟୁନ ୪ଜଣ ସିନିଅର ରେସିଡାଣ୍ଟ, ୬ଜଣ ଜୁନିଅର ରେସିଡାଣ୍ଟ, ୨ଜଣ ଫୁଲଟାଇମ ମେଡିକାଲ ଫିଜିସିଷ୍ଟ, ୬ଜଣ ଆରଟି ଟେକ୍ନୋଲୋଜିଷ୍ଟ, ୪ଜଣ ଆସିଷ୍ଟାଣ୍ଟ ପ୍ରଫେସର ରେଡିଏସନ ଅଙ୍କୋଲୋଜିଙ୍କ ଆବଶ୍ୟକତା ରହିଛି। ବର୍ତ୍ତମାନ ଡାକ୍ତରଖାନାର ରେଡିଓଥେରାପି ବିଭାଗର ଓପିଡିରେ ଦୈନିକ ୧୦୦ରୁ ୧୨୦ନୂଆ ଓ ୫ଶହ ପୁରୁଣା କର୍କଟ ରୋଗୀଙ୍କ ଚିକିତ୍ସା ପରାମର୍ଶ ଦିଆଯାଉଛି। ମାସିକ ୧୦୦ରୁ ୧୫୦ଜଣ ରୋଗୀ ଇନ୍‌ଡୋରରେ ଭର୍ତ୍ତି ହେଉଥିବା ବେଳେ ୧୩୦-୧୫୦ଜଣ ରୋଗୀଙ୍କୁ କେମୋଥେରାପି ଦିଆଯାଉଛି। କର୍କଟ ରୋଗୀଙ୍କୁ ଉନ୍ନତ ତଥା ଅତ୍ୟାଧୁନିକ ଚିକିତ୍ସା ସେବା ଯୋଗାଇବା ଉଦ୍ଦେଶ୍ୟରେ ପ୍ରତିଷ୍ଠା କରାଯାଉଥିବା ଏହି କ୍ୟାନସର କେୟାର ସେଣ୍ଟର ନିର୍ମାଣରେ ବିଳମ୍ବ ଯୋଗୁ ରୋଗୀଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବହୁ ରୋଗୀଙ୍କୁ ଅଯଥାରେ ଖର୍ଚ୍ଚାନ୍ତ ହୋଇ ଅନ୍ୟତ୍ର ଯିବାକୁ ପଡୁଛି। ଏଭଳି ପରିସ୍ଥିତିରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୁରନ୍ତ ଆବଶ୍ୟକ ପଦବୀ ସୃଷ୍ଟି କରିବା ସହିତ ପୂର୍ତ୍ତବିଭାଗ ଜରିଆରେ ଆବଶ୍ୟକ ଯନ୍ତ୍ରପାତି ଓ ସରଞ୍ଜାମ କ୍ରୟ କରି କର୍କଟ ସେବା କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଡିନ୍ ପ୍ରଫେସର ଡାକ୍ତର ସୁଚିତ୍ରା ଦାଶ ଡିଏମଇଟିଙ୍କ ସହ ଯୋଗାଯୋଗ କରି ଅନୁରୋଧ କରିଥିବା କହିଛନ୍ତି। ସେପଟେ ଡିନ୍‌ଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ କ୍ୟାନସର କେୟାର ସେଣ୍ଟରର ନିର୍ମାଣ କାର୍ଯ୍ୟ ସମ୍ପର୍କିତ ଷ୍ଟାଟସ ରିପୋର୍ଟ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ମଗାଯାଇଥିବା ଜଣାପଡିଛି। ଯେତେଶୀଘ୍ର ଏହି କର୍କଟ ସେବା କେନ୍ଦ୍ର କାର୍ଯ୍ୟକ୍ଷମ ହେବ କର୍କଟ ରୋଗୀମାନେ ଉପକୃତ ହୋଇପାରନ୍ତେ।

# ଯୁବକଙ୍କ ଗଳିତ ଶବ ଉଦ୍ଧାର; ହତ୍ୟା ସନ୍ଦେହ

ଦିଗପହଣ୍ଡି,୧।୧(ସମିସ): ଦିଗପହଣ୍ଡି ଥାନା କୋଟିନଡ଼ା ପଞ୍ଚାୟତ ଗୋପୀନାଥପୁର ମୌଜା ପେଣ୍ଟବନ୍ଧ ଠାକୁରାଣୀ ମନ୍ଦିର ନିକଟ ରାଧାକୃଷ୍ଣ ମହାପ୍ରଭୁଙ୍କ ଜମିରୁ ଗୁରୁବାର ସକାଳେ ପୁଲିସ ଜଣେ ୩୫ ବର୍ଷୀୟ ଯୁବକର ଗଳିତ ଶବ ଉଦ୍ଧାର କରିଛି। ତେବେ ମୃତକଙ୍କ ପରିଚୟ ମିଳିପାରିନାହିଁ।

କୋଟିନଡ଼ା ଗ୍ରାମର କିଛି ଛେଳି ଚରାଳି ଗତ ପ୍ରାୟ ତିନିଦିନ ପୂର୍ବରୁ ମୃତଦେହ ପଡ଼ିଥିବା ଦେଖିଥିଲେ ମଧ୍ୟ ଭୟରେ କାହାରିକୁ କିଛି କହି ନଥିଲେ। ସିମେଣ୍ଟ ରଙ୍ଗର ଫୁଲ୍‌ପ୍ୟାଣ୍ଟ ଏବଂ ଧଳା ଓ ନାଲି ରଙ୍ଗ ଚେକ୍ ଥିବା ଫୁଲ୍ ସାର୍ଟ ପିନ୍ଧିଥିବା ଯୁବକର ମୁଣ୍ଡ ଓ ଦେହର ବିଭିନ୍ନ ଅଂଶକୁ ବିଲୁଆ ଅଧା ଖାଇ ଦେଇଥିବାବେଳେ ଶବଟି ପଚି ଦୁର୍ଗନ୍ଧ ହେବାରୁ କିଛି ବ୍ୟକ୍ତି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମର ସମାଜସେବୀ ଉମା ବିଷୋୟୀ ଏନେଇ ଗୁରୁବାର ପୁଲିସକୁ ଖବର ଦେବା ସହ ଥାନାରେ ଏତଲା ଦେଇଥିଲେ। ଏତଲା ପ୍ରକାରେ ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ଅପମୃତ୍ୟୁ ମାମଲା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ରାଜକିଶୋର ପାତ୍ର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛନ୍ତି। ଯୁବକର ପେଟରୁ ଅନ୍ତବୁଜୁଳା ବାହାରି ପଡ଼ିଥିବାବେଳେ ଯୁବକ ଜଣକ କିଏ, ତାଙ୍କର ମୃତ୍ୟୁ କିପରି ହୋଇଛି, ତାଙ୍କ ଶବ ଏଠାକୁ କିପରି ଆସିଲା ସେନେଇ ପୁଲିସ ଖୋଳତାଡ଼ କରୁଥିବା ବେଳେ ଯୁବକଙ୍କୁ ହତ୍ୟା ପରେ ଏଠାରେ ଫୋପାଡି ଦିଆଯାଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି।

# ଜିଲ୍ଲାସ୍ତରୀୟ ନିରଙ୍କାରୀ ସନ୍ଥ ସମ୍ମିଳନୀ



ଦିଗପହଣ୍ଡି,୧।୧(ସମିସ): ସନ୍ଥ ନିରଙ୍କାରୀ ମିଶନ ତରଫରୁ ଗୁରୁବାର ଦିଗପହଣ୍ଡି ଠାରେ ୨୮ ତମ ଜିଲ୍ଲାସ୍ତରୀୟ ସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ତେଲେଙ୍ଗାନାର ହାଇଦ୍ରାବାଦରୁ ବ୍ରହ୍ମଜ୍ଞାନୀ ପ୍ରଚାରକ ଗାଏକୱାର୍ଡ ରାଜସାହେବ ସେକୁଜୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନବିକତା ଓ ଆଧ୍ୟାତ୍ମିକତା ହିଁ ମାନବ ଜୀବନକୁ ବାସ୍ତବିକ ସୁଖ, ଶାନ୍ତି ପ୍ରଦାନ କରିବା ସହ ଜୀବନ ମୁକ୍ତିର ମାର୍ଗ ଦେଖାଇଥାଏ ବୋଲି କହିଥିଲେ। ଏହି ଜିଲ୍ଲାସ୍ତରୀୟ ସନ୍ଥ ସମ୍ମିଳନୀକୁ ଆବାହକ ଏନ୍. ରଘୁନାଥ, ଅଧ୍ୟକ୍ଷ ଆର୍.ଦୀନବନ୍ଧୁ ପରିଚାଳନା କରିଥିବା ବେଳେ ସେବାଦଳ ଅଧିକାରୀ ଏଲ୍. ବିଜୟ ରେଡ୍ଡୀ, ଟି.ହରିଶ୍ଚନ୍ଦ୍ର, ଗୋପାଳ ରେଡ୍ଡୀ, ଏମ୍.ପ୍ରକାଶ, ଜେ.ଶଙ୍କର, ତ୍ରିଲୋଚନ ସାହୁ, ଡମ୍ବରୁ ସେଠୀ, ଆର୍. ଅଭିମନ୍ୟୁ, ଭାସ୍କର ରେଡ୍ଡୀ, ସୀମାଞ୍ଚଳ ରାଉଳ, ଆର୍. ଭଗବାନ, ଇ. ଗୋପାଳ, ଏମ୍.ଶୁକ୍ରୁ ରେଡ୍ଡୀ, ରାଜେନ୍ଦ୍ରଜୀ, ଅମିତଜୀ, ଋଷିଜୀ, ପୂର୍ଣ୍ଣଚନ୍ଦ୍ର ଜୀ, କୈଳାସ ଜୀ, ପାଣ୍ଡବଜୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଗଞ୍ଜାମ ଓ ଗଜପତି ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ମୃତ କୃଷ୍ଣସାର ମୃଗ ଜବତ; ଶିକାରୀ ଗିରଫ

ଜଗନ୍ନାଥପ୍ରସାଦ,୧।୧(ସମିସ): ଉତ୍ତର ଘୁମୁସର ବନଖଣ୍ଡ ଜଗନ୍ନାଥପ୍ରସାଦ ରେଞ୍ଜ ଅଧୀନ ବେଲଗୁଣ୍ଠା ବିଟ୍ ତନରଡ଼ା ଗ୍ରାମ ଷୋଳାବନ୍ଧ ନିକଟ କୋହୋଲା ତୋଟା ବିଲରୁ ଗୁରୁବାର ସକାଳୁ ବେଲଗୁଣ୍ଠା ବନବିଭାଗ କର୍ମଚାରୀ ଜଣେ ଶିକାରୀଙ୍କୁ ଗିରଫ କରିବା ସହ କୃଷ୍ଣସାର ମୃଗର ମୃତଦେହ ଜବତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ କେବିରୀ ପଲ୍ଲୀ ଗ୍ରାମର ତ୍ରିଲୋଚନ ପରିଡ଼ାଙ୍କ ପୁଅ ରବୀନ୍ଦ୍ର କୁମାର ପରିଡ଼ା(୨୮)।



ଗୁରୁବାର ବେଲଗୁଣ୍ଠା ବିଟ୍‌ର ଫରେଷ୍ଟର ଜିତେନ୍ଦ୍ର ମଲ୍ଲିକ, ଗାର୍ଡ ପ୍ରିୟଙ୍କା ପାଲ, ଶ୍ରୀମନ ପ୍ରଧାନ ଏବଂ ସ୍କ୍ୱାଡ୍ ଟିମ ପାଟ୍ରୋଲିଂ ବେଳେ କୋହୋଲା ତୋଟା ବିଲରେ ଅଭିଯୁକ୍ତ ରବୀନ୍ଦ୍ରକୁ ଏକୁଟିଆ ଦେଖି ସନ୍ଦେହ ହୋଇଥିଲା। ରବୀନ୍ଦ୍ରକୁ ବନ ବିଭାଗ ଟିମ୍ ଚାରିଆଡୁ ଘେରି ଯାଇଥିଲେ। ତା ଠାରୁ ସନ୍ତୋଷଜନକ ଉତ୍ତର ନପାଇ ସେଠାରେ ପଚରାଉଚରା ବେଳେ ଏକ କୃଷ୍ଣସାର ମୃଗ ଶିକାର କରି ବିକିବା ପାଇଁ ଯୋଜନା କରୁଥିବା ମାନିଥିଲା। ସେଠାରୁ ମୃତ କୃଷ୍ଣସାର ମୃଗର ମାଂସ, ଛାଲ ଶିଙ୍ଗ ଲାଗିଥିବା ମୁଣ୍ଡ, କଟୁରୀ ଓ ବିଦ୍ୟୁତ୍ ତାର, ଜିଆଇ ତାର, ବୋତଲ ଏବଂ ଠେଙ୍ଗା ଜବତ କରିଥିଲେ। ଏହାପରେ ଘଟଣା ସମ୍ପର୍କରେ ବନାଞ୍ଚଳ ଅଧିକାରୀ ସୁଜାତାରାଣୀ ପଣ୍ଡାଙ୍କୁ ଯୋଗାଯୋଗ କରିଥିଲେ। ଜେରା ବେଳେ ରବୀନ୍ଦ୍ର ହୁକିଂ କରି ଶିକାର କରିଥିବା ମାନିଥିଲା। କାର୍ଯ୍ୟାଳୟରେ ଏସିଏଫ ବିମଳ ପ୍ରଧାନ ଏବଂ ଅନ୍ୟାନ୍ୟ ବନବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ସ୍ୱର୍ଣ୍ଣିମା ନନ୍ଦ ପହଁଚି ବ୍ୟବଚ୍ଛେଦ ନିମନ୍ତେ ମୃତ କୃଷ୍ଣସାର ମୃଗର ମାଂସ ନମୁନା ସଂଗ୍ରହ କରିଥିଲେ। ତେବେ କୃଷ୍ଣସାର ମୃଗଟି ପୁରୁଷ ଓ ତାର ବୟସ ଆନୁମାନିକ ୨/୩ବର୍ଷର ହେବ ବୋଲି ଅନୁମାନ କରାଯାଉଛି। ଶିକାରୀ ରବୀନ୍ଦ୍ରର ସ୍ୱାସ୍ଥ୍ୟ ପରୀକ୍ଷା ଯାଞ୍ଚ ପରେ ଓ.ଆର କେସ ନମ୍ବର ୧୫୯/୨୬ ଅନୁଯାୟୀ କୋର୍ଟଚାଲାଣ କରାଯାଇଥିବା ବନାଞ୍ଚଳ ଅଧିକାରୀ ସୁଜାତାରାଣୀ ପଣ୍ଡା ସୂଚନା ଦେଇଛନ୍ତି।

# ଅଟୋ ଧକ୍କାରେ ଯୁବକ ମୃତ

ଆସିକା,୧।୧(ସମିସ): ଆସିକା ଥାନା ଅନ୍ତର୍ଗତ କେ. ନୂଆପଲ୍ଲୀ ଗାଁ ନିକଟରେ ବାଇକକୁ ଯାତ୍ରିବାହୀ ଅଟୋ ଧକ୍କା ଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମକୁନ୍ଦପୁର ଗାଁର ଚନ୍ଦ୍ରଶେଖର ପାତ୍ର। ବୁଧବାର ରାତିରେ ଗୋଟିଏ ବାଇକରେ ମାମୁଁ ଶିଶିର କୁମାର ସାହୁ ଓ ଭଣଜା ଚନ୍ଦ୍ର ଶେଖର ପାତ୍ର ଉଭୟେ କର୍ପୂରନୂଆଗାଁରୁ ଭୋଜି ଖାଇ ଗାଁକୁ ଫେରୁଥିବା ବେଳେ ଯାତ୍ରିବାହୀ ଅଟୋ ସହ ବାଇକ୍ ଧକ୍କା ହୋଇଥିଲା। ଫଳରେ ମାମୁଁ ଓ ଭଣଜା ଛିଟିକି ରାସ୍ତା ପାଖରେ ପଡ଼ିଥିଲେ। ଚନ୍ଦ୍ର ଶେଖରଙ୍କୁ ସ୍ଥାନୀୟ ଲୋକେ ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ ଆହତ ମାମୁଁ ଚିକିତ୍ସା ହୋଇ ଘରକୁ ଫେରିଛନ୍ତି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶଥାଉକି, ଚନ୍ଦ୍ରଶେଖର ବାପା-ମା’ଙ୍କ ଏକ ମାତ୍ର ପୁଅ ଥିଲେ। ପୁଅର ମୃତ୍ୟୁ ଖବର ପାଇ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି।

# ଅସହାୟ ରୋଗୀଙ୍କୁ ସମିତିସଭ୍ୟଙ୍କ ସହାୟତା

ଗଞ୍ଜାମ,୧।୧(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ପଞ୍ଚାୟତର ବୋରିଗାଁ ଗ୍ରାମର ଗାଣ୍ଟୁ ଗୌଡ଼ ଦୀର୍ଘ ଦିନ ହେବ ଅଜଣା ରୋଗରେ ପୀଡିତ ଅଛନ୍ତି। ପରିବାରର ଏକମାତ୍ର ରୋଜଗାରିଆ ଗାଣ୍ଟୁ ଅସୁସ୍ଥ ହେବା ପରଠାରୁ ଘୋର ଆର୍ଥିକ ଅନଟନରେ ଥିବା ଖବର ପାଇ ହୁମ୍ମା ସମିତିସଭ୍ୟ ଧ୍ରୁବ ଚରଣ ପଲାଇ ସହାୟତାର ହାତ ବଢ଼ାଇଛନ୍ତି। ସେ ନିଜ ଦରମାରୁ କିଛି ଅର୍ଥ ଗାଣ୍ଟୁଙ୍କ ପରିବାରକୁ ପ୍ରଦାନ କରିଛନ୍ତି। ଏହି ଅବସରରେ ହୁମ୍ମା ଅଞ୍ଚଳର ଯୁବ ସଂଗଠକ ପ୍ରଶାନ୍ତ ପରିଡା, ହେମନ୍ତ ମାଳି ଏବଂ ମାଧବ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।

● ମହିଳାଙ୍କୁ ହତ୍ୟା ପରେ ପୋଡ଼ିବା ଘଟଣା

# ପାଉଁଶ ଓ କୋଦାଳ ଜବତ କଲା ପୁଲିସ

ରଙ୍ଗେଇଲୁଣ୍ଡା,୧।୧(ସମିସ): ଗୋଳନ୍ଥରା ଥାନା ଅଧିନସ୍ଥ ଫାସୀନୂଆପଡ଼ାରେ ୨୯ ତାରିଖ ରାତିରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ହତ୍ୟା ପରେ ପ୍ରମାଣ ନଷ୍ଟ କରିବା ଲାଗି ଭାଇ ମାନଙ୍କ ସହ ମିଶି ପୋଡ଼ି ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଗୁରୁବାର ସାଇଣ୍ଟିଫିକ୍ ଟିମ୍ ଶ୍ମଶାନରେ ପହଞ୍ଚି ପାଉଁଶ, କିଛିହାଡ଼ ଅଂଶ, ହତ୍ୟାରେ ବ୍ୟବହାର ହୋଇଥିବା କୋଦାଳକୁ ସେଠାରୁ ସଂଗ୍ରହ କରିଥିଲା। ପରେ ମହିଳାଙ୍କ ଘରକୁ ଆସି ରକ୍ତଛିଟା ସଂଗ୍ରହ କରିଛି। ଅପରପକ୍ଷେ ପୁଲିସ ସ୍ୱଚ୍ଛତା ରଖି ତଦନ୍ତ କଲେ ଅନେକ ଗୁମର ଫିଟିବ ବୋଲି ସ୍ଥାନୀୟ ଗ୍ରାମବାସୀ ପ୍ରକାଶ କରିଛନ୍ତି।

ସୂଚନା ଥାଉ କି, ଗୋଳନ୍ଥରା ଥାନା ଅନ୍ତର୍ଗତ ଫାଶୀନୂଆପଡା ଗ୍ରାମରେ ଗତ ୨୯ ତାରିଖ ରାତିରେ ଏଲ ଗୌରୀ ରେଡିଙ୍କୁ ତାଙ୍କ ସ୍ୱାମୀ ଏଲ ରାମେୟା ମୁଣ୍ଡକୁ ପିଟି ପିଟି ହତ୍ୟା କରିଥିଲେ। ଏନେଇ ଘଟଣା ସମ୍ପର୍କରେ ଅନ୍ୟ ଭାଇମାନଙ୍କୁ କହି ସମସ୍ତେ ମିଶି ଗ୍ରାମ ଶ୍ମଶାନରେ ପୋଡି ଦେଇଥିଲେ। ଘଟଣା ସମ୍ପର୍କରେ ଗ୍ରାମବାସୀ ଜାଣିଥିଲେ ମଧ୍ୟ ଥାନାରେ ଅଭିଯୋଗ କରିନଥିଲେ। କିନ୍ତୁ କନିଷ୍ଠି ଗ୍ରାମର ଡି. ଦୁର୍ଯ୍ୟୋଧନ ପାତ୍ର ବୁଲିବାକୁ ଯାଇ ଘଟଣା ଶୁଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ କରି ସ୍ୱାମୀ ସହ ଅନ୍ୟ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ରଙ୍ଗେଇଲୁଣ୍ଡା,୧।୧(ସମିସ): ଗୋଳନ୍ଥରା ଥାନା ଅଧିନସ୍ଥ, ଓଡିଶାରୁ ଆନ୍ଧ୍ରପ୍ରଦେଶକୁ ସଂଯୋଗ କରୁଥିବା ୧୬ ନମ୍ବର ଜାତୀୟ ରାଜପଥ କନିଷି ଢ଼ାବା ସମ୍ମୁଖରେ ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଅଜଣା ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଗାଡିଟି ଦୁର୍ଘଟଣା ଘଟାଇବା ପରେ ଚମ୍ପଟ ମାରିଥିବା ପୁଲିସ ସୂଚନା ଦେଇଛି।

ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଜଣେ ଯୁବକ ଜାତୀୟ ରାଜପଥରେ ଚାଲି ଚାଲି ଯାଉଥିବା ବେଳେ କନିଷି ଢ଼ାବା ସାମ୍ନାରେ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ପଳାଇଥିଲା। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଗୋଳନ୍ଥରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ମୃତ ଯୁବକ ଜଣଙ୍କର କୌଣସି ପରିଚୟ ସ୍ପଷ୍ଟ ହୋଇ ପାରିନଥିବା ବେଳେ ଯୁବକ ଜଣକ ନାଲି ରଙ୍ଗର ସାର୍ଟ ଓ ନୀଳ ରଙ୍ଗର ଜିନ୍ସ ପିନ୍ଧିଥିବା ଦେଖିବାକୁ ମିଳିଛି। ଯୁବକଙ୍କ ବୟସ ୪୦ରୁ ୪୫ ବର୍ଷ ହେବ ବୋଲି ପୁଲିସ ଅନୁମାନ କରୁଛି। ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠେଇବା ସହ ଏକ ଦୁର୍ଘଟଣା ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ଗୋଳନ୍ଥରା ଥାନା ଏସଆଇ ଗଗନ କୁମାର ବେହେରା ସୂଚନା ଦେଇଛନ୍ତି।

# ‘ଭିବି ଜି ରାମଜି’ ରୋଜଗାର ଦିବସ ପାଳିତ

ପୋଲସରା,୧।୧(ସମିସ): ପୋଲସରା ବ୍ଲକ ସୋଡ଼କ ଗ୍ରାମରେ ନୂତନ ବର୍ଷ ଅବସରରେ ଗୁରୁବାର ‘ଭିବି ଜି ରାମଜି’ ରୋଜଗାର ଦିବସ ପାଳିତ ହୋଇଯାଇଛି। ପୂର୍ବରୁ ମନରେଗା ଥିବା ଯୋଜନାକୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାନୁସାରେ ରାଜ୍ୟ ସରକାର ଭିବି ଜି ରାମ ଜି ନାମରେ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ଅବସରରେ ପୋଲସରା ବିଡ଼ିଓ ଶଶିଭୂଷଣ ମହାପାତ୍ର ସୋଡ଼କ ଗ୍ରାମରେ ପହଞ୍ଚି ଶ୍ରମିକ ମାନଙ୍କ ସହ ମିଶି ହାତରେ କୋଦାଳ ଓ ମାଟି କଡେଇ ଧରି କାମ କରିଥିଲେ। ଏହି ଅବସରରେ ବିଡ଼ିଓ ଶ୍ରୀ ମହାପାତ୍ର ଉପସ୍ଥିତ ସମସ୍ତ ଶ୍ରମିକଙ୍କୁ ସମ୍ମାନ ଜଣାଇ ଉତ୍ତରୀୟ ପକାଇ ମିଠା ଖୁଆଇଥିଲେ। ବିଡିଓଙ୍କ ଏଭଳି କାର୍ଯ୍ୟକୁ ବ୍ଲକବାସୀ ଭୁୟସୀ ପ୍ରଶଂସା କରିବା ସହ ନୂତନ ବର୍ଷରେ ଉନ୍ନତି ମୂଳକ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଏଲଏନ ପଟ୍ଟନାୟକ, ଏପିଓ କବିରାଜ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଉତ୍କଳ ପ୍ରଧାନଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।



# ନବଜାତକଙ୍କୁ ପ୍ରଥମ ଦିନରେ ଜନ୍ମ ପ୍ରମାଣପତ୍ର

ଶେରଗଡ଼,୧।୧(ସମିସ): ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଗୁରୁବାର ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜନ୍ମ ହେବା ଦିନ ହିଁ ଜନ୍ମପ୍ରମାଣ ପତ୍ର ଦେବାର କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଗୁରୁବାର ବରମୁଣ୍ଡୁଳି ପଞ୍ଚାୟତ ବରିକୋଟ ଗ୍ରାମର ସୁଶାନ୍ତ କୁମାର ନାୟକଙ୍କ ସ୍ତ୍ରୀ ଗାୟତ୍ରୀ ନାୟକ ପ୍ରସବ ବେଦନା ହେବାରୁ ପ୍ରସବ କରିବା ଲାଗି ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଥିଲେ। ସେ ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସୁଶାନ୍ତଙ୍କ ଜନ୍ମିତ ପୁତ୍ରକୁ ଆଜି ହିଁ ଜନ୍ମ ପ୍ରମାଣ ପତ୍ର ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ପ୍ରଦାନ କରାଯାଇଛି। ଏହି ଅବସରରେ ଡା. ଦେବାଶିଷ ପଣ୍ଡା, ଡା. ସତ୍ୟ ନାରାୟଣ ସାହୁ, ଜନ୍ମ ଓ ମୃତ୍ୟୁ ବିଭାଗର ଭିଏସ୍‌ଏ ଲକ୍ଷ୍ମୀ ପ୍ରିୟା ଜଗଦ୍ଦେବଙ୍କ ସହିତ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



# ଯୁବ ବିଜେଡି ସଭାପତି ଓ ଛାତ୍ର ବିଜେଡି ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

ଛତ୍ରପୁର,୧।୧(ସମିସ): ଛତ୍ରପୁର ଠାରେ ନବନିଯୁକ୍ତ ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ପଣ୍ଡା ଏବଂ ଛାତ୍ର ବିଜେଡି ରାଜ୍ୟ ସମ୍ପାଦକ ଶକ୍ତି ରଞ୍ଜନ ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଛତ୍ରପୁର ସ୍ଥିତ ବିଷ୍ଣୁପ୍ରିୟା କଲ୍ୟାଣ ପରିସରରେ ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ଦୁହିଁଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ଛାତ୍ର ବିଜୁ ଜନତା ଦଳର ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ କେ. ନାଗେଶ୍ୱର ରାଓ, ଜିଲ୍ଲା ସମ୍ପାଦକ ଦେବାଶିଷ କହଁର, ଗଞ୍ଜାମ ବ୍ଲକ ଛାତ୍ର ବିଜେଡି ସଭାପତି ବାଦଲ କୁମାର ପ୍ରଧାନ, ଛାତ୍ର ବିଜେଡି ଛତ୍ରପୁର ଏନଏସି ସଭାପତି ଲସିତ ବେହେରା ଓ ଛାତ୍ର ନେତା ମିଥୁନ ପରିଡ଼ାଙ୍କ ସମେତ ବହୁ ଛାତ୍ର ଓ ଯୁବ ନେତୃ ମଣ୍ଡଳୀ ମାନେ ଉପସ୍ଥିତ ଥିଲେ।



# ବ୍ରହ୍ମପୁରରେ ‘ଲଢ଼େଇ’ର ଗ୍ରାଣ୍ଡ ପ୍ରିମିୟର

ବ୍ରହ୍ମପୁର,୧।୧(ସମିସ): ବ୍ରହ୍ମପୁରରେ ବହୁ ପ୍ରତିକ୍ଷିତ ଓଡ଼ିଆ ସିନେମା ‘ଲଢ଼େଇ: ଏ ଫାଇଟ୍ ଟିଲ୍ ଡେଥ୍’ର ଗ୍ରାଣ୍ଡ ପ୍ରିମିୟର ଶୋ’ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ୫୨ଟି ପ୍ରେକ୍ଷାଳୟରେ “ଲଢ଼େଇ’ ମୁକ୍ତିଲାଭ କରିବା ସହ ବକ୍ସ ଅଫିସରେ ଧୁମ୍ ମଚାଇବା ଆରମ୍ଭ କରିଛି। ୨୦୨୫ର ଏହି ଶେଷ ଓଡ଼ିଆ ସିନେମା। ନବାଗତ ନାୟକ ଲୋହିତାକ୍ଷ ଏବଂ ନାୟିକା ଅଭିଲିପ୍ସାଙ୍କ ସମେତ ନିଜ ପସନ୍ଦର କଳାକାରଙ୍କୁ ଦର୍ଶକ ଅତି ନିକଟରୁ ପାଇ ବେଶ୍ ଖୁସି ହେବା ସହ ହଲ୍ ପରିସରରେ ଖଚାଖଚ୍ ଭିଡ଼ ଜମିଥିଲା। ଡିଆରଏସ୍ ଏଣ୍ଟରପ୍ରାଇଜେସ ବ୍ୟାନରରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଓଡ଼ିଆ ସିନେମାର ଅଭିଜ୍ଞ ନିର୍ଦ୍ଦେଶକ ଅଶୋକ ପତି।

ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜନା ଓ ପ୍ରାଜିଳ କୁମାରୀ ପଟ୍ଟନାୟକଙ୍କ ସହ-ପ୍ରଯୋଜନାରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର “ଲଢ଼େଇ” ଏକ ବଳିଷ୍ଠ, ମୌଳିକ ଓ ଭିନ୍ନ ଧରଣର କଥାବସ୍ତୁ ଉପରେ ଆଧାରିତ। ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ଚଳଚ୍ଚିତ୍ରର ଗୀତଗୁଡ଼ିକୁ ନିର୍ମଳ ନାୟକ, ବାପୁ ଗୋସ୍ୱାମୀ ଓ ଜେ.ପି. ୱାର୍ଡସ୍ମିଥ ରଚନା କରିଥିବା ବେଳେ ଆଗଧାଡ଼ିର କଣ୍ଠଶିଳ୍ପୀ କୁଳଦୀପ ପଟ୍ଟନାୟକ, ଅସୀମା ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ, ସ୍ୱୟଂ ପ୍ରଭାସ ପାଢ଼ୀ, ଅନନ୍ୟା ଶ୍ରୀତମ ନନ୍ଦ, ସୌରଭ ଭରଦ୍ୱାଜ, ଗୌରବ ଆନନ୍ଦ ଓ ସୋମେଶ ଶତପଥୀ କଣ୍ଠଦାନ କରିଛନ୍ତି। ଲୋହିତାକ୍ଷ ଓ ଅଭିଲିପ୍ସାଙ୍କ ବ୍ୟତୀତ ଅନ୍ୟାନ୍ୟ ଚରିତ୍ରରେ ପ୍ରୀତିରଞ୍ଜନ, କେକେ, ବିଭାସ, ଉଦିତ ଗୁରୁ, ସୋମେଶ, ମଧୁ, ସ୍ମିତା ଚୌଧୁରୀ, ମନୋଜ ଦଣ୍ଡପାଟ, ରାଜଲକ୍ଷ୍ମୀ ଡାକୁଆ, ରବି ନାରାୟଣ ବେହେରା, ସୁଶାନ୍ତ, ରାଜଲକ୍ଷ୍ମୀ ମହାପାତ୍ର ଓ ଅଶୋକ ପଟ୍ଟନାୟକଙ୍କୁ ଦେଖିବାକୁ ମିଳିବ। ଏହାର ସଙ୍ଗୀତ ସଜାଇଛନ୍ତି ଗୌରବ ଆନନ୍ଦ ଓ ସୋମେଶ ଶତପଥି। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ। ‘ଲଢେଇ’ ର ବିତରଣ ଦାୟିତ୍ୱ ବହନ କରିଛନ୍ତି ପ୍ରକାଶ ଫିଲ୍ମସ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ‘ଲଢ଼େଇ’ ରାଜ୍ୟ ବାହାରେ ମଧ୍ୟ ରିଲିଜ୍ ହେଉଛି।



## ସିସିଟିଏନ୍‌ଏସ୍ ପ୍ରଗତି ଡ୍ୟାସବୋର୍ଡ ରିପୋର୍ଟରେ ଗଞ୍ଜାମ ପୁଲିସ ଜିଲ୍ଲାର ସଫଳତା

# ଥାନାରେ ଗଞ୍ଜାମ ଓ ଏସ୍‌ଡିପିଓ ସ୍ତରରେ ପୁରୁଷୋତ୍ତମପୁର ପ୍ରଥମ

ଛତ୍ରପୁର,୧।୧(ସମିସ)





କ୍ରାଇମ୍ ଆଣ୍ଡ କ୍ରିମିନାଲ ଟ୍ରାକିଂ ନେଟ୍‌ୱାର୍କ ସିଷ୍ଟମ (ସିସିଟିଏନ୍‌ଏସ୍)ରେ ଜନସାଧାରଣଙ୍କୁ ହାତ ପାଆନ୍ତାରେ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ସେବା ଯୋଗାଇବା, ଅନ୍‌ଲାଇନରେ ମାମଲା ପଞ୍ଜୀକରଣ ଓ ସେଗୁଡିକ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ନେଇ ରାଜ୍ୟସ୍ତରୀୟ ରିପୋର୍ଟ ପ୍ରକାଶ ପାଇଛି। ସିସିଟିଏନ୍‌ଏସ୍ ପ୍ରଗତି ଡ୍ୟାସ୍‌ବୋର୍ଡରେ ଜିଲ୍ଲା, ଥାନା, ଏସ୍‌ଡିପିଓ ଓ ଥାନା ଅଧିକାରୀଙ୍କ ବର୍ଗରେ ପ୍ରକାଶିତ ରିପୋର୍ଟରେ ଗଞ୍ଜାମ ପୁଲିସ ଜିଲ୍ଲା ବେଶ୍ ସଫଳତା ମିଳିଥିବା ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି। ରାଜ୍ୟରେ ଶ୍ରେଷ୍ଠ ୧୦ଟି ଥାନା ମଧ୍ୟରୁ ଗଞ୍ଜାମ ପୁଲିସ ଜିଲ୍ଲାରେ ୬ଟି ଥାନା ସାମିଲ ହୋଇଛି। ପ୍ରଥମ ସ୍ଥାନ ଭାବେ ଗଞ୍ଜାମ ଥାନା ରହିଥିବା ବେଳେ ୨ୟ ସ୍ଥାନରେ ପୋଲସରା, ୩ୟରେ ପୁରୁଷୋତ୍ତମପୁର, ୪ର୍ଥରେ କୋଦଳା, ୫ମ ସ୍ଥାନରେ ରମ୍ଭା ରହିଥିବା ବେଳେ ଧରାକୋଟ ଥାନା ୧୦ମ ସ୍ଥାନରେ ରହିଛି। ସେହିପରି ଏସଡିପିଓ ସ୍ତରରେ ପୁରୁଷୋତ୍ତମପୁର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସପ୍ତମ ସ୍ଥାନରେ ଛତ୍ରପୁର ଏସଡ଼ିପିଓ ରହିଛନ୍ତି। ଗଞ୍ଜାମ ପୁଲିସ ଜିଲ୍ଲା ନୂଆ ନୂଆ ଟେକ୍ନୋଲୋଜି ପଦ୍ଧତି ଗ୍ରହଣ କରିବା ସହ ଏହାକୁ ବ୍ୟବହାର କରୁଛି। ସମସ୍ତ କେସ୍ ଗୁଡିକ ଡିଜିଟାଲାଇଜ୍ କରାଯାଉଛି। ସମସ୍ତ ଥାନା ଓ ଆରକ୍ଷୀ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସମସ୍ତ କେସ ରେର୍କଡ ସିସିଟିଏନ୍‌ଏସ୍ ମାଧ୍ୟମରେ ଅନଲାଇନରେ କରାଯାଉଛି। ଏହା କେବଳ ସଫଳ ରୂପାୟନ ପାଇଁ କନେଷ୍ଟବଳ ଏବଂ ହୋମଗାର୍ଡଙ୍କ ସମେତ ପୁଲିସ ଅଧିକାରୀ, କର୍ମଚାରୀଙ୍କ ଦଳଗତ କାର୍ଯ୍ୟ ଦ୍ୱାରା ସମ୍ଭବପର ହୋଇପାରିଛି । ସମସ୍ତଙ୍କୁ ସିସିଟିଏନ୍‌ଏସ୍ ବୈଷୟିକ ଜ୍ଞାନ କୌଶଳ ପୂର୍ବରୁ ଶିକ୍ଷା ଦିଆଯାଇଛି। ଲୋକଙ୍କୁ ଉତ୍ତମ ସେବାଠାରୁ ଆରମ୍ଭ କରି ପ୍ରତ୍ୟେକ ଦିଗକୁ ପୁଲିସ ସର୍ବଦା ଲୋକଙ୍କ ସେବା ପାଇଁ ଚେଷ୍ଟିତ ବୋଲି ଏସ୍‌ପି ଶ୍ରୀ ପାତ୍ର କହିଥିଲେ। ପ୍ରତିବର୍ଷ ସିସିଟିଏନଏସ୍ ପ୍ରଗତି ଡ୍ୟାସବୋର୍ଡ ରିର୍ପୋଟ ଆଧାରରେ ମୂଲ୍ୟାଙ୍କନ କରାଯାଇଥାଏ। ଗଞ୍ଜାମ ପୁଲିସ ଜିଲ୍ଲାରେ ୨୦୨୫ ବର୍ଷରେ ୧୮୦୮୮ଟି ମାମଲା ରୁଜୁ ହୋଇଥିବା ଏସ୍‌ପି ଶ୍ରୀ ପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଜିଲ୍ଲାରେ ଅଧିକ ସଡ଼କ ଦୁର୍ଘଟଣା ଘଟୁଥିବାରୁ ଏହା କିପରି ହ୍ରାସ ପାଇବ ସେନେଇ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି। ସେହିପରି ଚୋରି ଏବଂ ରାହାଜାନିରେ ଲୁଟ ହୋଇଥିବା ଧନ ସମ୍ପତ୍ତିକୁ ଲୋକଙ୍କ ନିକଟରେ ହସ୍ତାନ୍ତର କରିବା ଏବଂ ସାଇବର ଠକେଇରେ ଠକାମୀରେ ଶିକାର ହୋଇ ହରାଇଥିବା ଟଙ୍କା ଫେରାଇ ଆଣିବାପାଇଁ ଉଦ୍ୟମ ଜାରି ରହିଛି ବୋଲି ଏସ୍‌ପି କହିଛନ୍ତି।



## ନୂଆବର୍ଷ ପାଳନ ପାଇଁ ସବୁଠି ଉତ୍ସାହ

# ମନ୍ଦିର ଓ ରାଜନେତାଙ୍କ ନିକଟରେ ଭିଡ଼







**ଯାଜପୁର,୧।୧(ସମିସ)**

ଆଜି ନବବର୍ଷର ପ୍ରଥମ ଦିନ ପାଳନ କରିବାକୁ ସବୁଠି ଉତ୍ସାହ ଦେଖିବାକୁ ମିଳିଥିଲା। ଯଦିଓ ଆଜି ସକାଳୁ ଘନ କୁହୁଡି ଦେଖିବାକୁ ମିଳିଥିଲା, ସେଥିପାଇଁ ଲୋକେ ନୂଆ ବର୍ଷ ପାଳନ କରିବାକୁ ଟିକେ ବିଳମ୍ବ କରିଥିଲେ। କିନ୍ତୁ କୁହୁଡ଼ି ହଟିବା ପରେ ବିଭିନ୍ନ ଦେବାଳୟରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ମା'ଙ୍କୁ ଦର୍ଶନ କରି ଆଗାମୀ ବର୍ଷ ସୁଖ ସମୃଦ୍ଧିର କାମନା କରିଥିଲେ ଶ୍ରଦ୍ଧାଳୁ। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। କେବଳ ବିରଜା ମନ୍ଦିର ନୁହେଁ ଜଗନ୍ନାଥ ମନ୍ଦିର, ଶିବ ଓ ଅନ୍ୟାନ୍ୟ ଦେବାଳୟରେ ଶ୍ରଦ୍ଧାଳୁ ନିଜର ସୁଖ ଓ ସମୃଦ୍ଧି କାମନା କରିଥିଲେ।

ସେହିପରି ରାଜନେତାଙ୍କ ପାଖରେ ମଧ୍ୟ ସେମାନଙ୍କ ସମର୍ଥକଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ କାଳୀମେଘାସ୍ଥ ବାସଭବନରେ ଭୋରରୁ ଶହ ଶହ ସମର୍ଥକ ପହଞ୍ଚି ନୂତନ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ହାତରେ ଫୁଲତୋଡ଼ା, ଉପହାର ଧରି ପ୍ରିୟ ନେତାଙ୍କୁ ଭେଟି ଆଗାମୀ ବର୍ଷ ଆନନ୍ଦର ବର୍ଷ ହେଉ ବୋଲି କାମନା କରିଥିଲେ। ଯାଜପୁର, ଦଶରଥପୁର, କୋରେଇ, ବ୍ୟାସନଗର, ରସୁଲପୁର ବ୍ଲକର ଶହ ଶହ ବିଜୁ ଜନତା ଦଳ କର୍ମୀ ଓ ନେତା ପ୍ରଣବଙ୍କୁ ଭେଟି ନୂତନ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ଯାଜପୁର ବିଧାୟିକା ସୁଜାତା ସାହୁ, ଯାଜପୁର ପୌରାଧ୍ୟକ୍ଷ ମଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକଙ୍କ ସମେତ ବିଭିନ୍ନ ବ୍ଲକର ସଭାପତି ଓ ଅନ୍ୟାନ୍ୟ ଦଳୀୟ କାର୍ଯ୍ୟକର୍ତ୍ତା ପ୍ରଣବଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଯାଜପୁର ସାଂସଦ ରବିନାରାୟଣ ବେହେରାଙ୍କୁ ତାଙ୍କୁ କୁଆଖିଆସ୍ଥ ଦଳୀୟ କାର୍ଯ୍ୟାଳୟରେ କର୍ମୀ ଓ ଶୁଭେଚ୍ଛୁ ଭେଟି ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। ସେହିପରି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ କାର୍ଯ୍ୟାଳୟରେ ଶୁଭେଚ୍ଛୁ ଓ ସମର୍ଥକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହି ସମୟରେ ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ଆଗାମୀ ବର୍ଷ ବିକାଶର ବର୍ଷ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ତାଙ୍କର ଶୁଭେଚ୍ଛୁ ଓ ସମର୍ଥକ ନବବର୍ଷର ଅଭିନନ୍ଦନ ଜଣାଇଥିଲେ। ଧର୍ମଶାଳାର ବିକାଶ ପାଇଁ ସେ ସବୁବେଳେ ଧର୍ମଶାଳାବାସୀଙ୍କ ସହିତ ଅଛନ୍ତି ବୋଲି କହିଥିଲେ।

# ବିଞ୍ଝାରପୁର ପଞ୍ଚାୟତ ସମିତିର ସାଧାରଣ ବୈଠକ

**ବିଞ୍ଝାରପୁର,୧।୧୨ (ସମିସ):** ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟର ସଭାଗୃହରେ ସମିତିର ୧୧ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ବିଞ୍ଝାରପୁର ବିଡିଓଙ୍କୁ ଫୋନ କରି ସରକାରୀ କାର୍ଯ୍ୟରେ ହସ୍ତକ୍ଷେପ କରୁଥିବା ନେଇ ବିଧାୟିକା ପ୍ରମିଳା ମଲ୍ଲିକ ବର୍ଷିଥିଲେ। ସୂଚନା ମୁତାବକ ବିତନା ସରପଞ୍ଚଙ୍କ କଥାରେ ଶ୍ରୀ ସାମଲ ବିଞ୍ଝାରପୁର ବିଡିଓଙ୍କୁ ଫୋନ କରି ସରକାରୀ କଳକୁ ପ୍ରଭାବିତ କାହିଁକି କରୁଥିଲେ ବୋଲି ପ୍ରମିଳା ଜବାବ ମାଗିଥିଲେ। ସମ୍ବିଧାନରେ କୌଣସି ସରକାରୀ ଅଧିକାରୀଙ୍କୁ ରାଜନୈତିକ ଦଳର ସଭାପତି ଫୋନ କରିବାର ଅଧିକାର ନଥିବା ବେଳେ କାହିଁକି ଏଭଳି ଫୋନ କରିଥିଲେ ବୋଲି ସେ ପ୍ରଶ୍ନ କରିଥିଲେ। ଆଜି ଅନୁଷ୍ଠିତ ପଞ୍ଚାୟତ ସମିତି ଏହି ସାଧାରଣ ବୈଠକକୁ ବ୍ଲକ ଅଧ୍ୟକ୍ଷା ରଞ୍ଜିତାଦାସ ସଭାପତିତ୍ୱ କରିଥିଲେ। ବୈଠକରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ବିଡିଓ ସୀତାଂଶୁ ସାମଲ, ବ୍ଲକ ଉପାଧ୍ୟକ୍ଷ ସେକ ଇର୍ସାଦ ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ବ୍ଲକ ଉନ୍ନୟନ ଯୋଜନା, ୨୯ଗୋଟି ଗ୍ରାମପଞ୍ଚାୟତ ଉନ୍ନୟନ ଯୋଜନା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ସମନ୍ୱିତ ଶିଶୁ ବିକାଶ, ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା, ସାଧାରଣ ବଣ୍ଟନ, ଧାନ ମଣ୍ଡି ସମ୍ବନ୍ଧୀୟ ଗୃହରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଶାସନ୍ଦା ସରପଞ୍ଚ କାମଦେବ ଧଳ,ଜରୀ ସରପଞ୍ଚ ନନ୍ଦକିଶୋର ମଲ୍ଲିକ, କପିଳା ସରପଞ୍ଚ ଦେବଦତ୍ତ ସେଠୀ, ଘଣ୍ଟିଆଳି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଧଳ ଭାଗନେଇ ନିଜ ନିଜର ମତ ରଖିଥିଲେ। ଏହି ବୈଠକରେ ଜିଲ୍ଲାପରିଷଦ ସଭ୍ୟ ଖଗେଶ୍ୱର ମହାନ୍ତି, ସଭ୍ୟା ଅହଲ୍ୟା ସ୍ୱାଇଁ, ସୁନୀତା ନାୟକ, ବିଞ୍ଝାରପୁର ବ୍ଲକର ସମସ୍ତ ୨୯ ଗୋଟି ଗ୍ରାପର ସରପଞ୍ଚ, ସମିତିସଭ୍ୟ/ସଭ୍ୟା ଓ ସମସ୍ତ ବିଭାଗର ଅଧିକାରୀମାନେ ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

# ଗୋପିନାଥଜୀଉ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ପାଣିକୋଇଲି, ୧।୧(ସମିସ):** ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଚିନ୍ଦା ଗ୍ରାମରେ ୨୯ତମ ଗୋପିନାଥଜୀଉ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଆଜି ଉଦ୍‌ଘାଟନୀ ମ୍ୟାଚ୍ କୋରେଇ ସୋଡିବାଡି ଓ ପଣ୍ଡୁଳା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁବାସ ଧଳ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସୋଡିବାଡି ଟସ ଜିତି ବ୍ୟାଟିଂ କରି ୧୦ ଓଭରରେ ସମସ୍ତ ୱିକେଟ ହରାଇ ୧୦୨ ରନ ସଂଗ୍ରହ କରିଥିଲା। ଜବାବରେ ପଣ୍ଡୁଳା ୮ ଓଭରରେ ସମସ୍ତ ୱିକେଟ ହରାଇ ୬୦ ରନ କରି ପରାସ୍ତ ହୋଇଥିଲା। ଏହି ମ୍ୟାଚ୍‌କୁ ରକି ସାମଲ ଓ ଅରୁଣ ଆରଣ ପରିଚାଳନା କରିଥିବାବେଳେ ଯଶୋବନ୍ତ ଓଝା ଧାରା ବିବରଣୀ ପ୍ରଦାନ କରିଥିଲେ। ଦୀନବନ୍ଧୁ ପାଢ଼ୀ ସ୍କୋରର ଥିଲେ। ସତୀଶ ଧଳ, ପ୍ରକାଶ ମଲ୍ଲିକ, ଆଲୋକ ବେହେରା, ଶିବପ୍ରସାଦ ଗିରି, ସୁବାସ ପୁରୀ, ଅୟୋଜ୍ୟୋତି ସାମଲ, ମଦନ ମୋହନ ଜେନା, ଅକ୍ଷୟ ସାମଲ, ଉମେଶ ପୁରୀ, ଲମ୍ବୋଦର ବେହେରା, ପରମେଶ୍ୱର ନାୟକ, ଶଙ୍କର୍ଷଣ ମଲିକ, ଅମୂଲ୍ୟ ମଲିକ ସମେତ ସମସ୍ତ ସଦସ୍ୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଜଳିଗଲା ୩ ବଖରା ଘର


**କବାଟବନ୍ଧ,୧।୧(ସମିସ):** ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବୃନ୍ଦାଦେଇପୁର ପଞ୍ଚାୟତର ରଘୁନାଥପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ୩ ବଖରା ଘର ଜଳିଯାଇଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ କେହି ନିଆଁ ଲଗାଇ ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗୁରୁବାର ରଘୁନାଥପୁର ଗ୍ରାମର ଉପରସାହି ଇନ୍ଦ୍ରମଣି ରାଉତଙ୍କ ଘରେ ନିଆଁ ଜଳୁଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀଙ୍କ ଉଦ୍ୟମରେ ନିଆଁ ଲିଭାଇବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଘରର ବହୁ ଆସବାବପତ୍ର ଜଳିଯାଇଛି।

# ଏପିପିଏଲ୍ ପ୍ରିମିୟର ଲିଗ୍ ଉଦ୍‌ଯାପିତ

**ସିଂହପୁର,୧।୧(ସମିସ):** ବିଂଝାରପୁର ବ୍ଲକ୍ ଅନ୍ତର୍ଗତ ସିଂହପୁର ବଜାର ନିକଟ ପଡ଼ିଆରେ ଏପିପିଏଲ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଇଲେଭେନ କିଙ୍ଗସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୧୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଇଲାଇଟି ଅକ୍ଟିପସ୍ ୧୨ ଓଭରରେ ଆବଶ୍ୟକ ରନ୍ କରି ଚାମ୍ପିଅନ ହୋଇଥଲା। ଅତିଥି ଭାବେ ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ପ୍ରଦୀପ ସାମଲ, ଦିବ୍ୟରଞ୍ଜନ ବେଉରିଆ, ଜ୍ୟୋତି ବେଉରିଆ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ସନ୍ଦୀପ ବେଉରିଆ, ବିକ୍ରମ ବେଉରିଆ, ଅଙ୍କିତ ବେଉରିଆ, ଅମିତ ପ୍ରିୟଦର୍ଶୀ ବେଉରିଆ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।



# ଘନ କୁହୁଡ଼ିରେ ଜନଜୀବନ ପ୍ରଭାବିତ



**ବିଞ୍ଝାରପୁର,୧।୧(ସମିସ):** ଇଂରାଜୀ ନବବର୍ଷର ସକାଳେ ବିଞ୍ଝାରପୁର ଅଞ୍ଚଳ ଘନ କୁହୁଡ଼ି ଚାଦରରେ ଘୋଡ଼େଇ ହୋଇଯାଇଥିଲା। ଫଳରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ଘନ କୁହୁଡ଼ି ଯୋଗୁଁ ଦୃଶ୍ୟମାନ କ୍ଷମତା ହ୍ରାସ ପାଇବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖରାପ ପାଗ ଯୋଗୁଁ ସାଧାରଣ ଲୋକ ଘରୁ ପଦାକୁ ବାହାରିବାକୁ ଇଚ୍ଛା ପ୍ରକାଶ କରିନାହାନ୍ତି। ଆଜି ମନ୍ଦିରରେ ଭିଡି ପରିଲକ୍ଷିତ ହୋଇନାହିଁ । ଦୂରଦୂରାନ୍ତ ସ୍ଥାନକୁ ଇଂରାଜୀ ନବବର୍ଷ ପାଳନ ପାଇଁ ପ୍ରସ୍ତୁତି ହେଉଥିବା ବ୍ୟକ୍ତିବିଶେଷଙ୍କ ଉପରେ କୁହୁଡିର ପ୍ରଭାବ ପଡ଼ିଛି। ଦିବା ୧୧ ଘଟିକା ପରେ କୁହୁଡ଼ି ପ୍ରଭାବ କମିଥିବାବେଳେ ସାଧାରଣ ଲୋକ ଆଶ୍ୱସ୍ତି ଅନୁଭବ କରିଥିଲେ। ଯଦି ଏଭଳି ଘନ କୁହୁଡ଼ି ଲାଗି ରହେ, ତେବେ ପରିବା ଚାଷ ଉପରେ ପ୍ରଭାବ ପଡ଼ିବାର ସମ୍ଭାବନ ରହିଛି।

# ଗୋଲେଇପୁର ମହୋତ୍ସବ ଉଦ୍‌ଯାପିତ



**ପାଣିକୋଇଲି, ୧।୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତ ମହୋତ୍ସବ ଉଦ୍‌ଯାପିତ ହୋଇଛି। କଳା, ସଂସ୍କୃତି ଓ ପରମ୍ପରା ସମ୍ପୂର୍ଣ୍ଣ ଗୋଲେପୁର ଯୁବ ସାଥିଙ୍କ ନିଷ୍ଠା, ସଦିଚ୍ଛା ଯୋଗୁଁ ଏହି କାର୍ଯ୍ୟକ୍ରମ କରିବା ସମ୍ଭବ ହୋଇଛି। ୨୦୧୭ରୁ ଅବଧି କ୍ରମାଗତ ଭାବେ ପଞ୍ଚାୟତବାସୀଙ୍କ ମନୋରଞ୍ଜନର ଖୋରାକ ଯୋଗାଇ ଆସିଛି ମହୋତ୍ସବ। ଏହି ମହୋତ୍ସବ ବଡ଼ଦିନରୁ ଆରମ୍ଭ ହୋଇ ବର୍ଷ ଶେଷ ଅର୍ଥାତ ୭ ଦିନ ବ୍ୟାପି ଚାଲିଥିଲା।

ଉପଯାପନୀ ସନ୍ଧ୍ୟାରେ ବରିଷ୍ଠ ସମ୍ବାଦିକ ସୁବାସ ଧଳ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ବରିଷ୍ଠ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ମୁଖ୍ୟବକ୍ତା ଭାବେ ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ) ସଭାପତି କୈଳାସ ନାୟକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ବିରଞ୍ଚିନାରାୟଣ ଖୁଣ୍ଟିଆ, ନାଏବ ସରପଞ୍ଚ ସେକ ହାସିମ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଦୀପ୍ତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଯୁବ ସମାଜସେବୀ ଦେବବ୍ରତ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଇନଜୀବୀ ଚନ୍ଦ୍ରକାନ୍ତ ଖଣ୍ଡାଇ ଧନ୍ୟବାଦ ପ୍ରଦାନ କରିଥିଲେ। ସଚିନ ଦାଶ, ସମାଧାନ ଦାଶ, ମାଗୁଣୀ ମଲ୍ଲିକ, ଗୁଡୁ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ନୃତ୍ୟ ଓ ସଂଗୀତ, ମେଲୋଡି ପରିବେଷଣ କରାଯାଇଥିଲା। ବିଭିନ୍ନ ରଙ୍ଗବେରଙ୍ଗର ଦୋଳି ଓ ଷ୍ଟଲ୍‌ରେ ଭିଡ ଦେଖିବାକୁ ମିଳିଥିଲା। ମହୋତ୍ସବ କମିଟିର ସମସ୍ତ୍ୟ ସଦସ୍ୟ ମଞ୍ଚ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବାଲୁକା କଳାରେ ଇଂରାଜୀ ନବବର୍ଷ ଅଭିନନ୍ଦନ




**ସୁକିନ୍ଦା,୧।୧(ସମିସ):** ଜାନୁଆରୀ ପହିଲା ବା ଇଂରାଜୀ ନବବର୍ଷକୁ ଅଭିନନ୍ଦନ ଜଣାଇବା ଉଦ୍ଦେଶ୍ୟରେ ସୁକିନ୍ଦା ଅଞ୍ଚଳର ଯୁବ କଳାକାରଙ୍କ ବାଲୁକା କଳାକୃତି ସ୍ଥାନୀୟ ଅଞ୍ଚଳରେ ଆକର୍ଷଣ ସାଜିଛି। ସୁକିନ୍ଦା ବ୍ଲକ ଅନ୍ତର୍ଗତ ହରିପୁର ଗ୍ରାମର ସନ୍ତୋଷ ପ୍ରଧାନ ୧୧ଫୁଟ ଉଚ୍ଚତା ବିଶିଷ୍ଟ ପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି। ହରିପୁରସ୍ଥ ମା' ପଠାଣିଆ ମନ୍ଦିର ପରିସରରେ ପ୍ରସ୍ତୁତ ହୋଇଥିବା ଏହି ବାଲୁକା କଳା ଦେଖିବାକୁ ଜନସମାଗମ ହୋଇଥିବା ଦେଖିବାକୁ ମିଳିଛି।

# ସଡ଼କ ସୁରକ୍ଷା ଶୋଭାଯାତ୍ରା

**ଯାଜପୁର, ୧।୧(ସମିସ):** ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରୁ କୁସୁମା ଯାଏଁ ସଡ଼କ ସୁରକ୍ଷା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କର ଏହି ଶୋଭାଯାତ୍ରାର ଉଦଘାଟନ କରିଥିଲେ। ଜାନୁଆରୀ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ମାସ ପାଳନ ହେଉଥିବାବେଳେ ସଡ଼କ ସୁରକ୍ଷାର ବିଭିନ୍ନ ଦିଗକୁ ନେଇ ସଚେତନତା ରାଲି କରାଯାଇଛି। ଦ୍ରୁତ ଗତିରେ ଗାଡ଼ି ଚାଳନା, ମଦ୍ୟପାନ କରି ଗାଡ଼ି ଚଳାଇବା, ହେଲମେଟ ନ ପିନ୍ଧିବା, ମୋବାଇଲରେ କଥା ହୋଇ ଗାଡ଼ି ଚଳାଇବା ଇତ୍ୟାଦି ଦୁର୍ଘଟଣାର ମୁଖ୍ୟ କାରଣ। ତେଣୁ ଏସବୁକୁ ରୋକିବା ପାଇଁ ଜନସଚେତନତା ସୃଷ୍ଟି କରାଯାଉଛି। ରାଲି ମାଧ୍ୟମରେ ସଡ଼କ ସୁରକ୍ଷା ନିୟମାବଳୀ ପାଳନ କରିବା ପାଇଁ ଜନସାଧାରଣଙ୍କୁ ବାର୍ତ୍ତା ଦିଆଯାଇଥିଲା। ଏହି ସଚେତନତା ରାଲିରେ ଆଞ୍ଚଳିକ ପରିବହନ ଅଧିକାରୀ ଓ ଜିଲ୍ଲା ପ୍ରଶାସନର ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଯାଜପୁର ଓ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାରେ ବ୍ୟାପକ ଭାବେ ଗାଡି, ବାଇକ୍ ଆଦି ତନଖି କରାଯାଉଛି।

# ଗୋକର୍ଣ୍ଣିକା ପକ୍ଷରୁ ନବବର୍ଷ ଉପଲକ୍ଷେ କବିତା ପାଠୋତ୍ସବ

**ଧର୍ମଶାଳା,୧।୧(ସମିସ):** ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ନୂତନ ବର୍ଷ ଉପଲକ୍ଷେ ବନ୍ଧୁମିଳନ ଓ କବିତା ପାଠୋତ୍ସବ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ପ୍ରାଚୀନ କାବ୍ୟ କବିତା ଓ ଆଧୁନିକ କବିତାର ଗତି ଓ ପ୍ରକୃତି ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଗବେଷକ ଡ. ରବୀନ୍ଦ୍ର ବିହାରୀ ଯୋଗଦେଇ ହୃଦୟକୁ ଛୁଇଁଲା ପରି କବିତା କାଳଜୟୀ ହୁଏ ବୋଲି କହିଥିଲେ। ଡ. ମହେଶ୍ୱର ପାଢ଼ୀଙ୍କ ସଂଯୋଜନାରେ କବି ଡ. ଗୌତମ ଜେନା, ଡ. ତୁହିନାଂଶୁ ରଥ, ସଂଗ୍ରାମ ଜେନା, ହୃଷିକେଶ ସାମଲ, ଅଧ୍ୟାପକ ବିଜୟ ନାୟକ, ପଣ୍ଡିତ ବ୍ରଜକିଶୋର ଦାଶ, କବି ପ୍ରହଲ୍ଲାଦ ପଣ୍ଡା, ସୁରେନ୍ଦ୍ର ବେହେରା, ସୁନାକର ସାହୁ ଓ ପ୍ରଫୁଲ୍ଲ ସ୍ୱାଇଁ କବିତା ପାଠ କରିଥିଲେ। ସମ୍ପାଦକ ଡ. ଇନ୍ଦୁପ୍ରଭା ସାମଲ ସ୍ୱାଗତ ଭାଷଣ ଓ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଆଇନଜୀବୀ ସନ୍ତୋଷ ତରାଇ, ଅଧାପିକା ମଧୁସ୍ମିତା ମିଶ୍ର ପରିଚାଳନା କରିଥିବାବେଳେ ଗୋକର୍ଣ୍ଣିକା ସମ୍ପାଦକ ଡ. ଅମୃତ ରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଡା. ପାର୍ବତୀବଲ୍ଲଭ ପଟ୍ଟନାୟକଙ୍କ ପରଲୋକ



**ଯାଜପୁର,୧।୧(ସମିସ):** ଯାଜପୁର ସହରର ବରିଷ୍ଠ ଶଲ୍ୟ (ସର୍ଜରୀ) ବିଭାଗ ଡାକ୍ତର ପାବର୍ତୀ ବଲ୍ଲଭ ପଟ୍ଟନାୟକଙ୍କ ପରଲୋକ ଘଟିଛି। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା। ସେ ଭୁବନେଶ୍ୱରରେ ପୁଅବୋହୂଙ୍କ ପାଖରେ ରହୁଥିଲେ। ତାଙ୍କ ପରାଲୋକରେ ଯାଜପୁର ସହରରେ ଶୋକର ଛାୟା ଖେଳିଯାଇଛି। ସେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘବର୍ଷ ହେବ ସର୍ଜରୀ ବିଭାଗରେ ଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ମଧ୍ୟ ରହିଥିଲେ। ପରେ ପଦୋନ୍ନତି ପାଇ ସ୍ୱାସ୍ଥ୍ୟ ବିଭାଗର ଡେପୁଟୀ ଡାଇରେକ୍ଟରରୁ ଅବସର ନେଇଥିଲେ। ସେ ଜଣେ ମେଳାପୀ, ମିଷ୍ଟଭାଷୀ, ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଡା. କ୍ଷୀରୋଦ ମହାନ୍ତି, ଡା. ରାଜକିଶୋର ପଣ୍ଡା, ଡା. ମଦନ ସାମଲ, ଡା. ଭାଗୀରଥି ପାଣି, ଡା. କାର୍ତ୍ତିକ ଚନ୍ଦ୍ର ରାଉତ, ପୂର୍ବତନ ପୌରାଧ୍ୟକ୍ଷା ତୁଷାରକାନ୍ତୀ ନାୟକ, ପ୍ରେସ୍ କ୍ଲବ ସଭାପତି ରାଜୀବ ମହାନ୍ତି, ଆଇନଜୀବୀ ସମରଜିତ ମହାନ୍ତି, ମଧୁସୂଦନ ମାହୁନ୍ତ, ଜିଲ୍ଲା ପେସ୍ କ୍ଲବର କାର୍ଯ୍ୟକାରୀ ସଭାପତି ଆଦିତ୍ୟ ମେକାପ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ନୂତନ ଅଭିଲେଖାଗାର ଗୃହ ଓ କମ୍ପ୍ୟୁଟର ପ୍ରକୋଷ୍ଠ ଉଦ୍‌ଘାଟିତ

**ବିଞ୍ଝାରପୁର,୧।୧(ସମିସ):** ବିଞ୍ଝାରପୁର ବ୍ଲକ୍ ମାଂସଡ଼ାଠାରେ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ନୂତନ ଅଭିଲେଖାଗାର ଗୃହ ଓ କମ୍ପ୍ୟୁଟର ପ୍ରକୋଷ୍ଠକୁ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଉଦଘାଟନ କରିଛନ୍ତି। ଉଦଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ତଥା ଜିଲ୍ଲା ରେଜିଷ୍ଟ୍ରାର) ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ସବରେଜିଷ୍ଟ୍ରାର ହରପ୍ରିୟା ପୃଷ୍ଟି, ବିଂଝାରପୁର ଭାରପ୍ରାପ୍ତ ତହସିଲଦାର ରବିନାରାୟଣ ପାଢ଼ୀ ଓ ମାଂସଡ଼ା ଉପନିବନ୍ଧକ ସୁବ୍ରତ ବାରିକ ଯୋଗ ଦେଇଥିଲେ। ଉଦଘାଟନ କରିବା ସହ ଜିଲ୍ଲାପାଳ ଶ୍ରୀ କର ବିଭାଗୀୟ ଅଧିକାରୀଙ୍କ ସହ ନୂତନ ଅଭିଲେଖ ଗୃହ ଓ କମ୍ପ୍ୟୁଟର ପ୍ରକୋଷ୍ଠ ପରିଦର୍ଶନ କରିଥିଲେ। ୬୦ ଲକ୍ଷ ଟଙ୍କା ବ୍ୟୟରେ ଏହି ନୂତନ ଗୃହ ନିର୍ମାଣ କାର୍ଯ୍ୟ ନଭେମ୍ବର ମାସରେ ଶେଷ ହୋଇଥିଲା। ଏଥିରେ ଆଧୁନିକ ରେକର୍ଡ ରୁମ୍ ସହ ସ୍ୱତନ୍ତ୍ର ଇ-ରେଜିଷ୍ଟ୍ରେସନ୍ କାଉଣ୍ଟର ରହିଛି। ନୂତନ ଅଭିଲେଖାଗାରରେ ଜନସାଧାରଣଙ୍କ ବହୁମୂଲ୍ୟ ଦସ୍ତାବିଜ, ଦଲିଲ ଓ ନଥିପତ୍ର ସୁରକ୍ଷିତ ଭାବେ ରହିପାରିବ। ଏହାସହ କମ୍ପ୍ୟୁଟର ପ୍ରକୋଷ୍ଠ ଓ ଇ-ରେଜିଷ୍ଟ୍ରେସନ୍ କାଉଣ୍ଟର ସୁବିଧା ଉପଲବ୍ଧ ହେବା ଯୋଗୁଁ ଲୋକେ ସହଜରେ ତଥା ଶୀଘ୍ର ସେବା ପାଇପାରିବେ।



## ଜିଲ୍ଲା ପ୍ରଶାସନର ବୈଠକ

# ମଣ୍ଡିରେ ସୁବ୍ୟବସ୍ଥିତ ଧାନକ୍ରୟ ଉପରେ ଗୁରୁତ୍ୱ

**ଯାଜପୁର,୧।୧(ସମିସ)**



ଖରିଫ ଋତୁ ୨୦୨୫-୨୬ରେ ମଣ୍ଡିରେ ଧାନ କ୍ରୟ ସୁଚାରୁରୂପେ ସମ୍ପାଦନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ତଥା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ) ଶିବାନନ୍ଦ ସ୍ୱାଇଁ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀ, ଡିଆରସିଏସ ଅମୂଲ୍ୟ ସେଠୀ, ଜିଲ୍ଲା ସାମାଜ ମଙ୍ଗଳ ଅଧିକାରୀ ଯୋଗ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ କର ସଭାରେ ଉପସ୍ଥିତ ଅଧିକାରୀ, ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କ ସହ ମଣ୍ଡିରେ ଧାନକ୍ରୟ ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

ଏହାସହ ସମସ୍ତ ଧାନମଣ୍ଡିରେ ଚାଷୀଙ୍କ ପାଇଁ ମୌଳିକ ସୁବିଧା କରିବା ସହ ଚାଷୀ ଭାଇ ଭଉଣୀଙ୍କୁ ଉଚିତ୍ ସମ୍ମାନ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ୍ ସ୍ତରରେ ନୋଡାଲ ଅଧିକାରୀ ଓ ମଣ୍ଡି ସୁପରଭାଇଜର ବୈଠକ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଧାନ କ୍ରୟରେ ଅବହେଳା କିମ୍ବା ଅବ୍ୟବସ୍ଥା ନଜରକୁ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ କହିଥିଲେ, ମଣ୍ଡିରେ ଧାନ କ୍ରୟ ଓଡ଼ିଶା ସରକାରଙ୍କ ଏକ ଫ୍ଲାଗସିପ ଯୋଜନା। ଯାଜପୁର ଜିଲ୍ଲାରେ ଜାନୁଆରୀ ୭ ତାରିଖରୁ ଧାନ କ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଗତବର୍ଷ ପ୍ରାୟ ୫୬,୦୦୦ ଚାଷୀଙ୍କଠାରୁ ୨୦ ଲକ୍ଷ ୫୪ ହଜାର ୩୦୫ କ୍ୱିଣ୍ଟାଲରୁ ଅଧିକ ଧାନ କ୍ରୟ କରାଯାଇଥିଲା। ଚଳିତ ବର୍ଷ ପ୍ରାୟ ୫୯,୯୬୦ ପଞ୍ଜିକୃତ ଚାଷୀଙ୍କଠାରୁ ପ୍ରଥମ ପର୍ଯ୍ୟାୟରେ ୧୪ ଲକ୍ଷ ୩୦୦ କ୍ୱିଣ୍ଟାଲରୁ ଅଧିକ ଧାନ କ୍ରୟ କରିବା ପାଇଁ ଲକ୍ଷ୍ୟ ରହିଛି। ଧାନ କ୍ରୟ କେନ୍ଦ୍ରରେ ପାନୀୟ ଜଳ, ଆଲୋକ, ସିସିଟିଭି, ତାର୍ପୋଲିନ, ଆର୍ଦ୍ରତା ମେସିନ ଓ ବସିବା ପାଇଁ ବ୍ୟବସ୍ଥା କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ଏଥର କେବଳ ଝୋଟ ବ୍ୟାଗରେ ହିଁ ଧାନ କ୍ରୟ କରାଯିବ ବୋଲି କହିଥିଲେ। ଯାଜପୁରରେ ସୁବ୍ୟବସ୍ଥିତ ଢଙ୍ଗରେ ମଣ୍ଡିରେ ଧାନ କ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଏଥିସହ ମଣ୍ଡି କ୍ରୟକୁ ସେଣ୍ଟ୍ରାଲ ମନିଟରିଂ ୟୁନିଟ୍ ତଦାରଖ କରିବେ। ଏହି ବୈଠକରେ ୧୩୯ଟି ପ୍ରାଥମିକ କୃଷି ସମବାୟ ସମିତି ସଂପାଦକ, ୪୨ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ମାର୍କେଟିଂ ଇନ୍ସପେକ୍ଟର ଯୋଗ ଦେଇଥିଲେ। ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଖଣ୍ଡଳମଣିଙ୍କୁ ଦର୍ଶନ କଲେ ଲକ୍ଷାଧିକ ଭକ୍ତ





ଭଦ୍ରକ/ଆରଡ଼ି,୧।୧(ସମିସ)

ଇଂରାଜୀ ନୂଆବର୍ଷରେ ଶୁଭ ମନାସିବା ପାଇଁ ପ୍ରସିଦ୍ଧ ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଭୋର ୪ଟାରୁ ଲାଗିଥିଲା ଭକ୍ତଙ୍କ ଭିଡ଼। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଭୋର ୪ଟାରେ ମନ୍ଦିର ଦ୍ୱାରଫିଟା ନୀତି ସହ ମଙ୍ଗଳ ଆଳତି, ମହାସ୍ନାନ, ଘର୍ଷଣଲାଗି ଜଳାଭିଷେକ ନୀତି ସମ୍ପନ୍ନ ହେବା ପରେ ବାବାଙ୍କୁ ନବବସ୍ତ୍ର ଓ ଫୁଲ ଚନ୍ଦନ ଲାଗି କରାଯାଇଥିଲା। ପରେ ପ୍ରଭୁଙ୍କୁ ଦିଗମ୍ବର ବେଶରେ ସଜ୍ଜିତ କରାଯାଇ ପହିଲି ବାଲ୍ୟ ଭୋଗ ଓ ପରେ ଅନ୍ନ ଭୋଗ ଲାଗି କରାଯାଇଥିଲା। ଭକ୍ତମାନଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ନିମନ୍ତେ ସକାଳ ୫ଟାରୁ ରାତ୍ର ୧୦ଟା ଯାଏଁ ସାହାଣ ମେଲା କରାଯାଇଥିଲା। ଅନ୍ୟପଟେ ଭକ୍ତମାନଙ୍କର ଶୃଙ୍ଖଳିତ ଦର୍ଶନ ନିମନ୍ତେ ମନ୍ଦିର ଭିତରେ ଓ ବାହାରେ ସ୍ୱତନ୍ତ୍ର ବ୍ୟାରିକେଡ୍ ବ୍ୟବସ୍ଥା ସହ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଥିଲା। ସେହିପରି ସ୍ଥଳପଥ ଓ ଜଳପଥରେ ଭକ୍ତମାନଙ୍କର ସୁଗମ ଯାତାୟାତ ନିମନ୍ତେ ଟ୍ରାଫିକ ପୁଲିସ ସହ ଅଗ୍ନିଶମ ବାହିନୀ ଓ ଫୋର୍ସ ମୁତୟନ କରାଯାଇଥିଲା। ଏଥିସହ ଭଦ୍ରକ-ଆଖଣ୍ଡଳମଣି ମୁଖ୍ୟ ରାସ୍ତାରେ ଯେପରି ଗହଳି ନହେବ ସେଥିପାଇଁ କୁଳେଇପଦା-ଆରଡ଼ି ରାସ୍ତା ଦେଇ ପୀଠକୁ ସମସ୍ତ ଯାତ୍ରୀବାହୀ ୪ଚକିଆ ଯାନ ଆସିଥିଲା। ମନ୍ଦିର ଭିତର ବେଢ଼ାରେ ଚାନ୍ଦବାଲି ତହସିଲଦାର ଭବତୋଷ ମଲିକ, ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଧୁଷୁରୀ ଥାନା ଅଧିକାରୀ, ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ ପ୍ରମୁଖ ଭକ୍ତଙ୍କ ଦର୍ଶନ ଓ ନୀତିକାନ୍ତିର ତଦାରଖ କରିଥିଲେ। ଏଥିସହ ପାଳସାହିସ୍ଥିତ ବାବାମଣି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ବିଜୟ କୁମାର ଦାଶଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ଶୃଙ୍ଖଳାରକ୍ଷାରେ ସହଯୋଗ କରିଥିଲେ। ମନ୍ଦିରର ନୀତିନିର୍ଘଣ୍ଟ ଅନୁଯାୟୀ ମଧ୍ୟାହ୍ନ ୨ଟା ସୁଦ୍ଧା ସମସ୍ତ ସକାଳ ଧୂପ ସରିବା ପରେ ବାବାଙ୍କୁ ଯୋଗୀ ବେଶରେ ସଜ୍ଜିତ କରାଯାଇ ବଡ଼ ଅନ୍ନନୀତିଭୋଗ ଲାଗି କରାଯାଇ ୧ଟାରେ ଶୟନ(ଅବକାଶ) ନୀତି କରାଯାଇଥିଲା। ପରେ ଅପରାହ୍ନ ୪ଟାରେ ବାବାଙ୍କୁ ବଡ଼ସିଂହାର ବେଶରେ ସଜ୍ଜିତ କରାଯାଇ ଭକ୍ତଙ୍କ ଦର୍ଶନ ପାଇଁ ସାହାଣମେଲା କରାଯାଇଥିଲା।

● ଧୋକା ଦେଲା ଗୁଗଲ୍ ମ୍ୟାପ

## ଗାଁ ଭିତରେ ପଶିଗଲା ଟ୍ରକ୍; ଭାଙ୍ଗିଲା ଘର



ଭଦ୍ରକ,୧।୧(ସମିସ): ଧୋକା ଦେଲା ଗୁଗଲ୍ ମ୍ୟାପ। ଗାଁ ଭିତରେ ଟ୍ରକ୍ ପୂରାଇ ଘର ଭାଙ୍ଗିଦେଲା ଚାଳକ। ଏମିତି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଧାମରା ଅଞ୍ଚଳରେ। ସୂଚନା ମୁତାବକ ଆଜି ଭୋର୍ ସମୟରେ କଟକରୁ ଏକ ଟ୍ରକ୍ ଧାମରା ବନ୍ଦର ଅଭିମୁଖେ ଯାଉଥିଲା। ନୂଆକରି ଧାମରାକୁ ଗାଡ଼ି ନେଇ ଯାଉଥିବା ଡ୍ରାଇଭରକୁ ରାସ୍ତା ଜଣା ନ ଥିବାରୁ ସେ ଗୁଗଲ୍ ମ୍ୟାପ ଦେଖି ଗାଡ଼ି ଚଳାଉଥିଲେ। ମାତ୍ର ଭଦ୍ରକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ଦିଗଛିଆ ଛକ ନିକଟସ୍ଥ ପାତ୍ରସାହି ରାସ୍ତାରେ ଗାଡ଼ି ଚଳାଇ ଗାଁ ଭିତରକୁ ଚାଳକ ଜଣଙ୍କ ନେଇ ଯାଇଥିଲେ। ଅଣଓସରିଆ ଗାଁ ଭିତରେ ବଡ଼ ଟ୍ରକ୍‌ଟି ଆଉ ବୁଲି ନ ପାରି ରମେଶ ଦାସଙ୍କ ଘର ଉପରେ ମାଡ଼ି ଯାଇଥିଲା। ଏହା ଦେଖି ଗାଁ ଲୋକେ ବାଂଶଡ଼ା ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବାଂଶଡ଼ା ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଗାଡ଼ିକୁ ଉଦ୍ଧାର କରି ଥାନାକୁ ନେଇଥିବା ଜଣାପଡ଼ିଛି।

## ଭଦ୍ରକ ସାହିତ୍ୟ ପରିଷଦର କବିତା ଆସର




ଭଦ୍ରକ,୧।୧(ସମିସ): ଭଦ୍ରକ ସାହିତ୍ୟ ପରିଷଦର ପ୍ରତିବର୍ଷ ପରି ୨୦୨୬ ଆରମ୍ଭରେ ପରିଷଦର ବରିଷ୍ଠ ସଦସ୍ୟ ସାହିତ୍ୟିକ ମୁକ୍ତିକାନ୍ତ ମଲ୍ଲିକଙ୍କ ବାସଭବନରେ ଏକ ବନ୍ଧୁମିଳନ ଓ କବିତା ପାଠୋତ୍ସବର ଆୟୋଜନ କରାଯାଇଥିଲା। ଡ.ରାଧାରାଣୀ ମହାପାତ୍ରଙ୍କ ସଭାପତିତ୍ୱରେ ବିଶିଷ୍ଟ ଲେଖକ, ଶିକ୍ଷାବିତ ଡ.ଗୋଲକ ବିହାରୀ ସାହୁ, ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଗାଳ୍ପିକ ରଜନୀକାନ୍ତ ମହାନ୍ତି, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପିକ ଭାନୁମତୀ ମାଟିଆ, ପ୍ରାଧ୍ୟାପକ ନିହାର ରଞ୍ଜନ କର ଯୋଗ ଦେଇଥିଲେ। ଦେବେଶ ମଲ୍ଲିକଙ୍କ ଭଜନ ପରେ ଅନୁଷ୍ଠାନ ସମ୍ପାଦକ ବିଜୟ ବହଳୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରେ ସଭାକାର୍ଯ୍ୟ ଓ ରତିକାନ୍ତ ବେହେରାଙ୍କ ସଂଯୋଜନାରେ କବିତା ପାଠ ଆରମ୍ଭ ହୋଇଥିଲା। ଅକ୍ଷୟ ଜେନା(ବଡ଼), ରମେଶ ଦାସ, ବିଜୟ ଜେନା, ଦାଶରଥି ପଣ୍ଡା, ଶାନ୍ତନୁ ରାଉତ, କିଶୋର ପାଣିଗ୍ରାହୀ, ଦାଶରଥି ପାଣିଗ୍ରାହୀ, ଗୌରାଙ୍ଗ ବାରିକ, ଗୋଲକ ପ୍ରସାଦ ବୟାରୀ, ଡ.ଅବନୀ ପ୍ରଧାନ, ଗୌତମ ମହାରଣା, କୈଳାସ ଦାସ, ଦୀପ୍ତିମୟୀ ସାହୁ, ଶଶାଙ୍କ ପଣ୍ଡା, ନାଟ୍ୟଶ୍ରୀ ନିର୍ମଳ ରାଉତ, ଅଧ୍ୟାପିକା ଉଷାରାଣୀ ଜେନା, ଅଧ୍ୟାପିକା ନିଳୀମା ପଣ୍ଡା, ଖଗେଶ୍ୱର ଜେନା, ବିପ୍ଳବ ହୋତା, ଶରତ ନାୟକ, ବାବୁଲାଲ ଦାସ, ସୁରଞ୍ଜନ ମିଶ୍ର, ଅମର ପାଣିଗ୍ରାହୀ, ଅରୂପ ନାୟକ, ମନୋରଞ୍ଜନ ପଣ୍ଡା ପ୍ରମୁଖ କବିତା ପାଠ କରିଥିଲେ। ବରିଷ୍ଠ ସମାଜସେବୀ ସାହିତ୍ୟିକ ପ୍ରଭାତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଶେଷରେ ''ଗୋଧୂଳି' ପତ୍ରିକା ଉନ୍ମୋଚିତ ହୋଇଥିଲା।

## ଧାମନଗର ବ୍ଲକ୍ ଓ ସହରାଞ୍ଚଳରେ ବଢ଼ିଲା ବୁଥ୍ ସଂଖ୍ୟା; ମୋଟ ସଂଖ୍ୟା ୨୩୬କୁ ବୃଦ୍ଧି

ଧାମନଗର,୧।୧(ସମିସ): ଧାମନଗର ବ୍ଲକ୍ ଓ ଏନ୍‌ଏସିରେ ନିର୍ବାଚନୀ ବୁଥ ସଂଖ୍ୟା ବୃଦ୍ଧି ପାଇଛି। ପୂର୍ବରୁ ଧାମନଗର ବ୍ଲକର ୩୧ ଗୋଟି ପଞ୍ଚାୟତ ଓ ଏନ୍‌ଏସିର ୧୧ ଗୋଟି ୱାର୍ଡରେ ମୋଟ ୧୮ ୯ ଟି ମତଦାନ କେନ୍ଦ୍ର ଥିଲା। ଏବେ ଆଉ ୪୭ ଟି ମତଦାନ କେନ୍ଦ୍ର ବୃଦ୍ଧି ପାଇବା ପରେ ମୋଟ ସଂଖ୍ୟା ୨୩୬ରେ ପହଞ୍ଚିଛି। କେଉଁ ବୁଥ୍ ହୋଇଛି ତାହା ସ୍ପଷ୍ଟ ହୋଇଛି। ଅବଶ୍ୟ ବୁଥ ନମ୍ବର ଏଯାଏଁ ଜଣାପଡ଼ିନାହିଁ। ଏହି ଅବସରରେ ବ୍ଲକ୍ ଏବଂ ଏନ୍‌ଏସି ଅଞ୍ଚଳରେ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା (ଏସ୍‌ଆଇଆର୍) ସରିବା ପରେ ଅଞ୍ଚଳର ମୋଟ ଭୋଟର ସଂଖ୍ୟା ସହ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏଭଳି ସ୍ଥିତିରେ ଚୁଡ଼ାନ୍ତ ଭୋଟର ତାଲିକା ଜାନୁଆରୀ ମାସରେ ପ୍ରକାଶ ପରିବର୍ତ୍ତେ ବିଳମ୍ବ ହେବ ବୋଲି ଜଣାଯାଇଛି। ନିର୍ବାଚନ ମଣ୍ଡଳୀରେ ଅଧିକ ଜନସଂଖ୍ୟା ତଥା ଭୋଟରଙ୍କୁ ନିକଟବର୍ତ୍ତୀ ଅଞ୍ଚଳରେ ମତଦାନ ସୁବିଧା ଯୋଗାଇ ଦେବା ଲକ୍ଷ୍ୟ ନେଇ ନିର୍ବାଚନ କମିଶନ ପକ୍ଷରୁ ବୁଥ୍ ବୃଦ୍ଧି ନିଷ୍ପତ୍ତି ନିଆଯାଇଛି। ଦୀର୍ଘ୨୪ବର୍ଷ ପରେ ଦେଶରେ ସ୍ୱତନ୍ତ୍ର ଭୋଟର ଚିହ୍ନଟ ପ୍ରକ୍ରିୟା ବା (ଏସ୍‌ଆଇଆର୍)ହେଉଛି। ତେବେ ଧାମନଗର ଅଞ୍ଚଳରେ ନିଯୁକ୍ତ ବିଏଲ୍‌ଓମାନେ ଏହି କାର୍ଯ୍ୟରେ ଲାଗିପଡ଼ିଛନ୍ତି।ଫଳରେ ନକଲି ଭୋଟର ଚିହ୍ନଟ ସହଜ ହେବ ଓ ନିର୍ବାଚନ ଅଧିକାରୀ ଗୋଟି ଗୋଟି କରି ନାଗରିକ ପ୍ରମାଣ ପାଇଁ ଦସ୍ତାବିଜ ଯାଞ୍ଚ କରିବେ ବୋଲି ସୂଚନ ମିଳିଛି।

## ଦେଢ଼ବର୍ଷ ପରେ ୭୦ ସରକାରୀ ଓକିଲ ନିଯୁକ୍ତ

ଭଦ୍ରକ,୧।୧(ସମିସ): ଆଜି ଭଦ୍ରକ ଜିଲ୍ଲାରେ ୭୦ଜଣ ଆଇନଜୀବୀଙ୍କୁ ସରକାରୀ ଓକିଲ ଭାବେ ନିଯୁକ୍ତି ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି। ଜିଲ୍ଲାର ଫୌଜଦାରୀ ମାମଲା ବିଚାରର ସମାଧାନ ପାଇଁ ୪୪ଜଣଙ୍କୁ ଭଦ୍ରକ ସଦର ମହକୁମାରେ ନିଯୁକ୍ତି ଦିଆଯାଇଛି। ଅନ୍ୟ ୨୬ଜଣଙ୍କୁ ଜିଲ୍ଲାର ବାସୁଦେବପୁର, ଚାନ୍ଦବାଲି, ଧାମନଗର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ରାଜସ୍ୱ ଅଦାଲତରେ ନିଯୁକ୍ତି ଦିଆଯାଇଛି। ସୂଚନାନୁଯାୟୀ, ଡିଷ୍ଟ୍ରିକ ସେସନ୍ସ ଜଜ୍ କୋର୍ଟର ଗଭର୍ଣ୍ଣମେଣ୍ଟ ପ୍ଲିଡର ଭାବେ ଦିପ୍ତୀରଞ୍ଜନ ଜେନା ଓ ସ୍ପେଶାଲ ପିପି ଭାବେ(ଏନ୍‌ଡିପିଏସ୍, ଏସ୍‌ସି-ଏସ୍‌ଟି) ବସନ୍ତ କୁମାର ଦାସ ନିଯୁକ୍ତି ପାଇଛନ୍ତି। ସେହିପରି ସରୋଜ ତପନ ଦାସଙ୍କୁ ଆଡିସନାଲ ଗଭର୍ଣ୍ଣମେଣ୍ଟ ପ୍ଲିଡର ଭାବେ ନିଯୁକ୍ତି ଦିଆଯାଇଛି। ଅତିରିକ୍ତ ଜିଲ୍ଲାଜଜ୍‌ଙ୍କ କୋର୍ଟରେ ଆଡିସନାଲ ପିପି ଭାବେ ମାଧବ ଚନ୍ଦ୍ର ନାୟକ, ଆସୋସିଏଟ୍ ଲୟର ଭାବେ ଚନ୍ଦ୍ରଶେଖର ସାହୁ, ସ୍ପେଶାଲ ପିପି ଏନ୍‌ଡିପିଏସ୍ ମାଧବ ଚନ୍ଦ୍ର ଦାସ ଓ ସ୍ପେଶାଲ ପିପି ଏସ୍-ଏସଟି ତୁଷାରକାନ୍ତ ଦାସଙ୍କୁ ନିଯୁକ୍ତି ମିଳିଛି। ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଆଡିସନାଲ ପିପି ଭାବେ ଦୁର୍ଗାପ୍ରସନ୍ନ ରାୟ ମହାପାତ୍ର, ଆସିଟାଣ୍ଟ ପିପି ଭାବେ ଆଦିତ୍ୟ ନାରାୟଣ ମିଶ୍ର ଓ ସଞ୍ଜୀବ କୁମାର ପଣ୍ଡାଙ୍କୁ ନିଯୁକ୍ତି ମିଳିଛି। ସେହିପରି ବରିଷ୍ଠ ଦେୱାନୀ ଜଜ୍‌ଙ୍କ ଅଦାଲତରେ ଆଡିସନାଲ ଗଭର୍ଣ୍ଣମେଣ୍ଟ ପ୍ଲିଡର ଭାବେ ସଞ୍ଜୟ ମହାପାତ୍ର ଓ ସହକାରୀ ଆଇନଜୀବୀ ଭାବେ ବନମାଳୀ ଜେନାଙ୍କୁ ମିଳିଛି। ମାତ୍ର କନିଷ୍ଠ ଦେୱାନୀ ଜଜ୍‌ଙ୍କ ଅଦାଲତରେ ସରକାରଙ୍କ ତରଫରୁ ମାମଲା ପରିଚାଳନା ପାଇଁ କାହାରିକୁ ନିଯୁକ୍ତି ଦିଆଯାଇନି। ରେଜିଷ୍ଟର ସିଭିଲ କୋର୍ଟ ତଥା ଅତିରିକ୍ତ ଦେୱାନୀ ଅଦାଲତରେ ନମିତା ନାୟକ ଓ ଅଞ୍ଜୁବାଳା ରାଉତ (ବାଳଅପରାଧ) ପରିଚାଳନା ପାଇଁ ନିଯୁକ୍ତି ଦିଆଯାଇଛି। ଆଡିସନାଲ ସିଭିଲ ଜଜ୍ ସିନୟର ଡିଭିଜନ୍‌ରେ ଆଡିସନାଲ ଗଭର୍ଣ୍ଣମେଣ୍ଟ ପ୍ଲିଡର ଭାବେ ସୁବୋଧ କୁମାର ସାହୁଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଏସ୍‌ଡିଜେଏମଙ୍କ କୋର୍ଟରେ ଆସିଷ୍ଟାଣ୍ଟ ପିପି ଭାବେ ଗଣେଶ ଚନ୍ଦ୍ର ଦାସ, ପ୍ରଦୀପ କୁମାର ଲେଙ୍କା, ଶ୍ରୀକାନ୍ତ ତ୍ରିପାଠୀ, ବିୟଜ କୁମାର ଦାସଙ୍କୁ ନିଯୁକ୍ତି ମିଳିଛି। ସେହିପରି ଜେଏମ୍‌ଏଫସି-୧ କଙ୍କ ଅଦାଲତରେ ଆସିଷ୍ଟାଣ୍ଟ ପିପି ଭାବେ ଦିଲ୍ଲୀପ କୁମାର ପଣ୍ଡା ଓ କାହ୍ନୁ ଚରଣ ବାରିକ ନିଯୁକ୍ତି ପାଇଥିବା ବେଳେ ଜେଏମଏଫ୍‌ସି-୨ରେ ଆସିଷ୍ଟାଣ୍ଟ ପିପି ଭାବେ ସୁରଜିତ କୁମାର ପାଲ୍ ଓ ମନୋଜ କୁମାର ରାଉତଙ୍କୁ ନିଯୁକ୍ତି ମିଳିଛି। ସେହିପରି କ୍ରିମିନାଲ କୋର୍ଟ ଗୁଡିକରେ ୧୦ଜଣଙ୍କୁ ଆସିଷ୍ଟାଣ୍ଡ ପିପି ଭାବେ ନିଯୁକ୍ତି ମିଳିଛି। ଏମାନେ ହେଲେ-ବିଶ୍ୱରଞ୍ଜନ ଦାସ, ଦେବକୀନନ୍ଦନ ମହାପାତ୍ର, ଗିରିଜାଶଙ୍କର ଦାସଙ୍କ, ମାନସ କୁମାର ବେହେରା, ଅଞ୍ଜୁବାଳା ରାଉତ, ନାରାୟଣ ଚନ୍ଦ୍ର ସାହୁ, ଜିତେନ୍ଦ୍ର କୁମାର ପଣ୍ଡା, ନିକୁଞ୍ଜକୃଷ୍ଣ ପୁହାଣ, ମଧୁସୂଦନ ମିଶ୍ର ଓ ଜ୍ୟୋତିରଞ୍ଜନ ବେହୁରାଙ୍କୁ ନିଯୁକ୍ତି ମିଳିଛି। ସେହିଭଳି ଜିଲ୍ଲାପାଳଙ୍କ କୋର୍ଟରେ ଆସିଷ୍ଟାଣ୍ଟ ପିପି ଭାବେ ଏସ୍‌କେ ଭୋଲ, ସେହିଭଳି ଉପଜିଲ୍ଲାପାଳଙ୍କ କୋର୍ଟରେ ଉମେଶ ଚନ୍ଦ୍ର ଜେନା, ଅରୁଣ କୁମାର ମହାନ୍ତି, ଈଶ୍ୱରଦାସ, ନାରାୟଣ ସେନାପତିଙ୍କୁ ନିଯୁକ୍ତି ମିଳିଛି। ଅନୁରୂପଭାବେ ଉପଜିଲ୍ଲାପାଳଙ୍କ କୋର୍ଟ(କ୍ରିମିନାଲ)ରେ ଚକ୍ରଧର ରାଉତଙ୍କୁ ନିଯୁକ୍ତି ମିଳିଛି। ଭଦ୍ରକ ତହସିଲର ଆସିଷ୍ଟାଣ୍ଟ ପିପିଭାବେ ରିନାମୟୀ ନାୟକଙ୍କୁ ନିଯୁକ୍ତି ମିଳିଛି।

## ୮ ମାସ ଧରି ମିଳୁନି ହରିଶ୍ଚନ୍ଦ୍ର ସହାୟତା

ଦୋଲସାହି,୧।୧(ସମିସ): ୮ ମାସ ଧରି ମିଳୁନି ହରିଶ୍ଚନ୍ଦ୍ର ସହାୟତା ରାଶି। ସରକାରଙ୍କ ପକ୍ଷରୁ ମୃତ ବ୍ୟକ୍ତିଙ୍କ ପରିବାରକୁ ଶେଷକୃତ୍ୟ ଲାଗି ସହାୟତା କରାଯାଉଥିବା ହରିଶ୍ଚନ୍ଦ୍ର ଯୋଜନାରେ ଗତ ୮ ମାସ ଧରି ମିଳୁନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍‌ର ୩୧ ପଞ୍ଚାୟତରେ ୮ ଶହରୁ ଅଧିକ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ସହାୟତା ଅର୍ଥ ଦିଆଯାଇନଥିବା ଜଣାଯାଇଛି। ଏହି ହରିଶ୍ଚନ୍ଦ୍ର ସହାୟତା ପାଇବାକୁ ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟ ଅନ୍‌ଲାଇନ୍‌ରେ ଆବେଦନ କରିଥିବାବେଳେ ଅଦ୍ୟାବଧି ସେମାନଙ୍କ ଆକାଉଣ୍ଟକୁ ସହାୟତା ଅର୍ଥ ଆସୁନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାର ତୁରନ୍ତ ଏହି ହରିଶ୍ଚନ୍ଦ୍ର ସହାୟତା ଅର୍ଥ ପ୍ରଦାନ କରିବାକୁ ଦାବି ହେଉଛି।

## ପାଲା ପୀଠର ବିକାଶ ପାଇଁ ସାଂସଦଙ୍କୁ ସ୍ମାରକପତ୍ର



ଭଣ୍ଡାରିପୋଖରୀ,୧।୧(ସମିସ):ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ପଞ୍ଚାୟତ ସାରଣା ପ୍ରାଚୀ ପାଲାପୀଠ ବିକାଶ ପାଇଁ ସାଂସଦ ଅଭିମନ୍ୟୁ ସେଠୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସାଂସଦ ଶ୍ରୀ ସେଠୀ ବୁଧବାର ପାଚୀ ପାଲାପୀଠ ପରିଦର୍ଶନ କରି ଗାୟକ କଳାକର ସ୍ୱର୍ଗତ ଅନିରୁଦ୍ଧ ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ଗାୟକଙ୍କ ପୁତ୍ର ପାଲାପୀଠ କମିଟି ସଭାପତି ପଣ୍ଡିତ ହରେକୃଷ୍ଣ ପାଣିଗ୍ରାହୀ, ସମ୍ପାଦକ ନବକିଶୋର ପରିଡ଼ା, ସଦସ୍ୟ ନୀଳମଣି ଦାସ, ଗୋପୀନାଥ ବାରିକ, ଦାମୋଦର ନାୟକ, ବିଶ୍ୱମ୍ଭର ରାଉତ, ସରପଞ୍ଚ ରଞ୍ଜନ କୁମାର ପରିଡା ପ୍ରମୁଖ ପ୍ରାଚୀନ ପାଲାପୀଠର ପ୍ରବେଶ ଫାଟକ ଓ ପାଲାପୀଠର ବିକାଶ ସହ ପୁଷ୍କରିଣୀ ପୁନରୁଦ୍ଧାର, ଭଗ୍ନମନ୍ଦିର ପୁନଃନିର୍ମାଣ ଦାବି ସମ୍ବଳିତ ସ୍ମାରକପତ୍ର ସାଂସଦଙ୍କୁ ପ୍ରଦାନ କରିଥିଲେ। ଏଥିପାଇଁ ଦୃଷ୍ଟି ଦେବେ ବୋଲି ସାଂସଦ ଶ୍ରୀ ସେଠୀ ପ୍ରତିଶ୍ରୁତି ଦେଇଥିଲେ।

## ଲୋକଙ୍କ ଜୀବନଧାରାର ପରିବର୍ତ୍ତନ ଆଣିଛି ଟାଟା ଷ୍ଟିଲ୍ କଳିଙ୍ଗନଗର



ଦାନଗଦି, ୧।୧(ସମିସ): ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) ଏକ ଶିଳ୍ପ ଶକ୍ତିକେନ୍ଦ୍ରରୁ ଓଡ଼ିଶାର କଳିଙ୍ଗନଗର ଅଞ୍ଚଳରେ ସାମାଜିକ ଗତିଶୀଳତାକୁ ପ୍ରାଥମିକତା ଦେଇ ଆସିଛି। ନିଜର କାର୍ଯ୍ୟକ୍ଷମ ଡିଏନଏ ମଧ୍ୟରେ ସ୍ଥାନୀୟ ଲୋକଙ୍କ କଲ୍ୟାଣକୁ ଅନ୍ତର୍ଭୁକ୍ତ କରି ଏହି କେନ୍ଦ୍ର ଉତ୍ପାଦନକୁ ଗୁରୁତ୍ୱ ନ ଦେଇ ଟାଟା ଷ୍ଟିଲ୍ ଫାଉଣ୍ଡେସନ ସହଭାଗିତାରେ ପ୍ଲାଣ୍ଟ ଆଖପାଖ ଗ୍ରାମର ପ୍ରାୟ ୧୪ ଲକ୍ଷ ଲୋକଙ୍କ ଜୀବନକୁ ସକାରାତ୍ମକ ଭାବେ ପ୍ରଭାବିତ କରିପାରିଛି। ସବୁଠାରୁ ଦୃଶ୍ୟମାନ ପରିବର୍ତ୍ତନ ହେଉଛି ଏହି ଅଞ୍ଚଳରେ ନୂତନ ଶ୍ରେଣୀର ମହିଳା ନେତୃତ୍ୱର ଅଭ୍ୟୁଦୟ।

'ଦିଶା' କାର୍ଯ୍ୟକ୍ରମ ମାଧ୍ୟମରେ ୧,୫୦୦ରୁ ଅଧିକ ମହିଳା ଡିଜିଟାଲ୍ ସାକ୍ଷରତା ଓ ସ୍ୱାଧୀନ ଆର୍ଥିକ ପରିଚାଳନାରେ ଦକ୍ଷତା ହାସଲ କରିଛନ୍ତି। ଏହି ସାମର୍ଥ୍ୟ ଘରର ଚାରିକାନ୍ଥରୁ ବୋର୍ଡରୁମ୍ ପର୍ଯ୍ୟନ୍ତ ପହଞ୍ଚିଛି। ନବଜୀବନ ସମବାୟ ସମିତି ଏବେ ବାର୍ଷିକ ୬୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରାଜସ୍ୱ ସଂଗ୍ରହ କରୁଛି ଓ ପାରମ୍ପରିକ ସଉରା କଳାକୁ ମୁମ୍ବାଇର କାଳା ଘୋଡା ଆର୍ଟ ଫେଷ୍ଟିଭାଲ୍ ଭଳି ଜାତୀୟ ସ୍ତରର ମଞ୍ଚକୁ ନେଇପାରିଛି। ଦୀର୍ଘସ୍ଥାୟିତ୍ୱ ପାଇଁ ପ୍ରୟାସ ମଧ୍ୟ ସେତିକି ମହତ୍ୱାକାଂକ୍ଷୀ। ୩୦୦ ନିୟୁତ କ୍ୟୁବିକ୍ ଫୁଟ୍ ଜଳ ସଂରକ୍ଷଣ କ୍ଷମତା ବୃଦ୍ଧି କରି ଟିଏସକେ ପ୍ରାୟ ୭୦୦ ଏକର ଶୁଷ୍କ ଜମିକୁ ଉର୍ବର ଓ ଜଳବାୟୁ ସହନଶୀଳ ଚାଷଜମିରେ ପରିଣତ କରିଛି। ଏହି ପରିବେଶ ପରିଚାଳନା ସହିତ ଅଞ୍ଚଳର ଭବିଷ୍ୟତ ପ୍ରତି ପ୍ରତିବଦ୍ଧତା ସ୍ୱରୂପ 'ଜ୍ୟୋତି ଫେଲୋସିପ୍' ମାଧ୍ୟମରେ ନିକଟରେ ୮୩୬ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ କରାଯାଇଛି। ଯେଉଁଥିରେ ୭୦ ପ୍ରତିଶତ ହେଉଛନ୍ତି ଛାତ୍ରୀ। ଟାଟା ଷ୍ଟିଲ୍ ଫାଉଣ୍ଡେସନ ୩,୦୦୦ ଛାତ୍ରଛାତ୍ରୀଙ୍କ ପାଇଁ ଭାଷା ଶିକ୍ଷା ମାଧ୍ୟମରେ ଆଦିବାସୀ ଐତିହ୍ୟର ସଂରକ୍ଷଣ ଦିଗରେ କାର୍ଯ୍ୟ କରୁଛି। ଦାନଗଦିର ମଲ୍ଟି-ସ୍କିଲ୍ ସେଣ୍ଟରଠାରୁ ଆରମ୍ଭ କରି ୩୯ଟି ପଞ୍ଚାୟତରେ ଚାଲିଥିବା ଅପପୁଷ୍ଟି ନିରାକରଣ ପ୍ରକଳ୍ପ, ଟାଟା ଷ୍ଟିଲ୍ କଳିଙ୍ଗନଗରର ଏହି ଯାତ୍ରା ସାମଗ୍ରିକ ବିକାଶର ଏକ ଶ୍ରେଷ୍ଠ ଉଦାହରଣ।

## ଧାମନଗରର ବିଭିନ୍ନ କୋର୍ଟରେ ୧୧ ସରକାରୀ ଓକିଲ ନିଯୁକ୍ତି

ଧାମନଗର,୧।୧(ସମିସ): ଭଦ୍ରକ ଜିଲ୍ଲା ଧାମନଗରରୁ ୧୧ଜଣ ଆଇନଜୀବୀଙ୍କୁ ସରକାରୀ ଓକିଲ ଭାବେ ନିଯୁକ୍ତି ଦିଆଯାଇଛି। ଆଇନଜୀବୀ ଦୀପ୍ତି ରଞ୍ଜନ ଜେନାଙ୍କୁ ଜିଲ୍ଲା ଜଜକୋର୍ଟ, ଗଣେଶ ଚନ୍ଦ୍ର ଦାଶଙ୍କୁ ଏସ୍‌ଡିଜେଏମ୍ କୋର୍ଟର ସରକାରୀ ଓକିଲ ଭାବେ ନିଯୁକ୍ତି ମିଳିଛି। ଭଦ୍ରକ ସିଭିଲ ଜଜ(ସିନିଅର ଡିଭିଜନ)ର ସରକାରୀ ଓକିଲ ଭାବେ ସୁବୋଧ କୁମାର ସାହୁଙ୍କୁ ନିଯୁକ୍ତି ମିଳିଛି।ସେହିପରି ଜେଏମଏଫସି ଭଦ୍ରକ କୋର୍ଟର ସରକାରୀ ଓକିଲ ଭାବେ ଦେବକୀ ନନ୍ଦନ ମହାପାତ୍ରଙ୍କୁ ନିଯୁକ୍ତି ମିଳିଥିବା ବେଳେ ଧାମନଗର ଜେଏମଏଫସି କୋର୍ଟର ସରକାରୀ ଓକିଲ ଭାବେ ରଞ୍ଜିତ କୁମାର ମହାନ୍ତି, ଅମର କୁମାର ମହାନ୍ତି ଓ ନିରାକାର ଜେନାଙ୍କୁ ନିଯୁକ୍ତି ମିଳିଛି। ଧାମନଗର ଗ୍ରାମ୍ୟ ନ୍ୟାୟାଳୟର ସରକାରୀ ଓକିଲ ଭାବେ ଆଇନଜୀବୀ ସୁଦର୍ଶନ ସାମଲ ଓ ଅଜିତ କୁମାର ଦାସଙ୍କୁ ନିଯୁକ୍ତି ଦିଆଯାଇଛି। ଧାମନଗର ତହସିଲଦାରଙ୍କ କୋର୍ଟର ସରକାରୀ ଓକିଲ ଭାବେ ବିଜୟ କୁମାର ରାମ ଓ ସ୍ମୃତି ରଞ୍ଜନ ପଣ୍ଡାଙ୍କୁ ନିଯୁକ୍ତି ମିଳିଛି। ଏହି ବିଜ୍ଞପ୍ତି ପ୍ରକାଶ ପରେ ନବ ନିଯୁକ୍ତ ସରକାରୀ ଓକିଲ ମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ସହ ଶୁଭକାମନା ମିଳୁଛି।

## ଜଳକର ଦେଇ ପାଣି ପାଉନି ଚାଷୀ



ଅସୁରାଳି,୧।୧(ସମିସ)

ଧାମନଗର ବ୍ଲକ୍‌ର ୫-୬ଟି ପଞ୍ଚାୟତ ଦେଇ ପ୍ରବାହିତ ୫ନମ୍ବର କେନାଲ ପ୍ରାୟ ୧୬.୩ କି.ମି ପର୍ଯ୍ୟନ୍ତ ବ୍ୟାପିଛି। ଏହି କେନାଲ ଉପରେ ୧୮ ହଜାର ଚାଷୀଙ୍କ ଜୀବନ-ଜୀବିକା ନିର୍ଭର କରୁଛି। କିନ୍ତୁ ସଫେଇ ଓ କାଡ଼ାନାଳ ବ୍ୟବସ୍ଥା ନଥିବାରୁ ଚାଷୀମାନେ ଗୁରୁତର ସମସ୍ୟାରେ ପଡ଼ିଛନ୍ତି। ଖରିଫ ଚାଷ ପାଇଁ ପାଣିର ଆବଶ୍ୟକତା ଥିବା ସମୟରେ ଚାଷୀ ଏଥିରୁ ବଞ୍ଚିତ ହେଉଛି। କେନାଲରେ ସଫେଇ ନଥିବାରୁ ଜଳ ବିଲ ପର୍ଯ୍ୟନ୍ତ ପହଞ୍ଚୁ ନାହିଁ। ଫଳରେ ଚାଷୀମାନେ ଜଳକର ଦେଇଥିଲେ ମଧ ମୁନ୍ଦାଏ ପାଣି ପାଇପାରୁନାହାନ୍ତି। ଧାମନଗର ବ୍ଲକ୍‌ରେ ରେବ, କପାଳି, କୋଚିଳା, ଗେଙ୍ଗୁଟି ଓ କଣ୍ଡିଆ ନଦୀ ପ୍ରବାହିତ ହେଉଛି। କିନ୍ତୁ ଏହି ଜଳକୁ ସଂରକ୍ଷିତ କରି କୃଷି କାର୍ଯ୍ୟରେ ବ୍ୟବହାର କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଏହି ଅଞ୍ଚଳରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। କୋଠାରଠାରୁ ପୂର୍ବ ଦିଗରେ ପ୍ରାୟ ୧୦ଟି ପଞ୍ଚାୟତ କେବଳ ନଦୀ ଜଳ ଉପରେ ନିର୍ଭରଶୀଳ। ଯେଉଁଠାରେ ଉଠା ଜଳସେଚନ ପ୍ରକଳ୍ପ ରହିଛି, ସେଗୁଡ଼ିକ ଦୀର୍ଘଦିନ ଧରି ଅଚଳ ପଡ଼ିଛି। ଗୋବିନ୍ଦପୁର ସହିତ କଲ୍ୟାଣୀ, କାକୁଡ଼ିଗଡ଼ିଆ, ଉଚପଦା, ବମକୁରା, ପତ୍ରୀସାହି, ସରପୁର, କଷଟି, ଅଜମତପୁର, କାରୁଆ, ଝାରଡ଼ିଆ, ଗଡ଼ିଆଳି, ଫତେପୁର ଆଦି ଅଞ୍ଚଳରେ ଜଳାଭାବରେ ଚାଷୀମାନେ ମରୁଡ଼ି ପରିସ୍ଥିତିକୁ ସାମ୍ନା କରୁଛନ୍ତି। ଗୋବିନ୍ଦପୁର ମୌଜାରେ ଉପର ବିଲ ଓ ବଣ ବିଲରେ ଜଳାଭାବରୁ ୩୫ ଏକର ଜମିରେ ଚାଷୀମାନେ ଫସଲ କରିପାରୁନାହାନ୍ତି। ପ୍ରଚଣ୍ଡ ଗ୍ରୀଷ୍ମର ତାପରେ ନଦୀ-ନାଳ ଶୁଖିଯାଇଥିବାରୁ ଚାଷୀଙ୍କ ଚିନ୍ତା ଆହୁରି ବଢ଼ିଛି। ଜଳାଭାବ ସମସ୍ୟାର ସମାଧାନ ନହେଲେ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରାଯିବ ବୋଲି ବିଦ୍ୟାଧର ଦାସ, ଭାଗୀରଥ ଦାସ, ବିଦ୍ୟାଧର ବସନ୍ତିଆ, ଅନିଲ ଜେନା, ଜୟଦେବ ସାହୁ, ଜାଗର ସାହୁ, ଲକ୍ଷ୍ମଣ ନାଥ, ଅକ୍ଷୟ ନାଥ, ବ୍ରହ୍ମାନନ୍ଦ ଜେନା, ନିରାକାର ଜେନା ପ୍ରମୁଖ ଚାଷୀ ଚେତାବନୀ ଦେଇଛନ୍ତି। ଏହି ପରିସ୍ଥିତିରେ କନିଷ୍ଠ ଯନ୍ତ୍ରୀ ତପସ୍ୱିନୀ ସାହୁଙ୍କୁ ସମ୍ପର୍କ କରିବାକୁ ଚେଷ୍ଟା କରାଗଲେ ମଧ ସଫଳତା ମିଳିନାହିଁ।


## ବିଧାୟକଙ୍କୁ ଶୁଭେଚ୍ଛା ଜଣାଇଲେ କର୍ମୀ



ବାରିକପୁର,୧।୧(ସମିସ): ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟ ଠାରେ କର୍ମୀମାନେ ଭେଟି ପୁଷ୍ପଗୁଚ୍ଛ ଦେଇ ନୂତନ ବର୍ଷର ସ୍ୱାଗତ ଜଣାଇଛନ୍ତି। ଏହି ଅବସରରେ ବିଧାୟକ ମଧ କର୍ମୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର କର୍ମୀମାନେ ଏଥିରେ ଯୋଗ ଦେଇଥିଲେ। ଅନୁରୂପ ଭାବେ ବିବିସିସି ବ୍ୟାଙ୍କ ପରିସରରେ ନୂତନ ବର୍ଷ ପାଳିତ ହୋଇଛି। ବ୍ୟାଙ୍କ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ଭାରତୀଙ୍କୁ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଶାଖା ପରିଚାଳକ ବିଚିତ୍ରାନନ୍ଦ ସାହୁ, ସଭାପତି ଜୟନ୍ତ ସାହୁ, ସତ୍ୟନାରାୟଣ ମିଶ୍ର, ସମ୍ପାଦକ ରାଜେନ୍ଦ୍ର ଖଣ୍ଡାଇ, ସୌମ୍ୟରଞ୍ଜନ ପଣ୍ଡା, ପିନାକୀ ରଞ୍ଜନ ଦାସ, ଜୟନ୍ତ ଭୋଇ, ନିର୍ମଳ ଦାସ, ମଦନମୋହନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆଖୁଆପଦା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ମଧ ଆଞ୍ଚଳିକ ବନ୍ୟ ସୁରକ୍ଷା ସମିତି ପକ୍ଷରୁ ନୂଆ ବର୍ଷ ଅଭିନନ୍ଦନ ଦେଇଥିଲେ। ସମିତି ସମ୍ପାଦକ ଅକ୍ଷୟ ତ୍ରିପାଠୀ, ଉପସଭାପତି ନାରାୟଣ ଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟାଳୟ ଠାରେ ଉପସ୍ଥିତ ହୋଇ ଭାରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ହିତେଶ କୁମାର ସାହୁ ଏବଂ ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ଦାସଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହାଛଡ଼ା ବ୍ଲକ୍ ପ୍ରଶାସନ ସମେତ ତହସିଲ କାର୍ଯ୍ୟାଳୟ, ବିଇଓ ଅଫିସ, ମେଡିକାଲ ଠାରେ ମଧ ଅଧିକାରୀଙ୍କୁ କର୍ମଚାରୀ ଏବଂ ଶୁଭେଚ୍ଛୁମାନେ ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି।

# ଶ୍ରୀକ୍ଷେତ୍ର ସିଟି





୧/୧/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୯,୮୮,୭୩୪/- | ସୁନା: ୧୫.୧୫୦ ଗ୍ରାମ୍ | ରୁପା: ୨୪୦.୦୦୦ ଗ୍ରାମ୍

ନୂଆବର୍ଷ ପ୍ରଭାବ

## ଶ୍ରୀମନ୍ଦିର ହୁଣ୍ଡିରୁ ବାହାରିଲା ୯ ଲକ୍ଷ ୮୮ ହଜାର ଟଙ୍କା

ପୁରୀ,୧ା୧(ସମିସ): ନୂଆବର୍ଷ ଅବସରରେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ ହୋଇଛି । ଲକ୍ଷାଧିକ ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ର ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ କାମନା କରିଛନ୍ତି । ଭକ୍ତଙ୍କ ଭିଡ଼ର ପ୍ରଭାବ ଶ୍ରୀମନ୍ଦିର ହୁଣ୍ଡିରେ ପଡିଛି । ଗୁରୁବାର ହୁଣ୍ଡିରୁ ବାହାରିଛି ୯,୮୮,୭୩୪ ଟଙ୍କା । ଏଥିସହ ୧୫ ଗ୍ରାମ୍ ୧୫୦ ମିଲିଗ୍ରାମ୍ ସୁନା ଏବଂ ୨୪୦ ଗ୍ରାମ୍ ରୁପା ମିଳିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଶ୍ରୀମନ୍ଦିର ହୁଣ୍ଡି । ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ଏଥିରେ ଟଙ୍କା, ସୁନା, ରୁପା ଇତ୍ୟାଦି ପକାଇଥାନ୍ତି । କେହି କେହି ମାନସିକ କରି ହୁଣ୍ଡିରେ ବିଭିନ୍ନ ପ୍ରକାର ବସ୍ତ୍ର ମଧ ପକାଇଥାନ୍ତି । ଏହି ଦାନ ଅର୍ଥ ଏବଂ ସୁନା, ରୁପା ଅଳଙ୍କାର ଆଦି ପ୍ରତିଦିନ ସନ୍ଧ୍ୟାରେ ଗଣତି କରାଯାଇଥାଏ । ଶ୍ରୀମନ୍ଦିର ବେଢା ପରିସର ଶାଖା କାର୍ଯ୍ୟାଳୟରେ ଗଣତି ହୁଏ । ପ୍ରତିଦିନ ହୁଣ୍ଡିରୁ କେତେ ଟଙ୍କା ମିଳେ ତାହାକୁ ଶ୍ରୀମନ୍ଦିର ପ୍ରଶାସନ ସର୍ବସାଧାରଣରେ ଅବଗତ କରାଇଥାଏ । ଏବେ ସାଧାରଣ ଦିନମାନଙ୍କରେ ହୁଣ୍ଡିରୁ ୫ରୁ ୬ଲକ୍ଷ ଟଙ୍କା ବାହାରୁଥିବା ବେଳେ ପର୍ବପର୍ବାଣି ବା ଛୁଟି ଦିନମାନଙ୍କରେ ଏହି ପରିମାଣ ବଢିଥାଏ । କିନ୍ତୁ ନୂଆବର୍ଷରେ ୯ଲକ୍ଷ ୮୮ ହଜାର ୭୩୪ ଟଙ୍କା ବାହାରିଛି ।

## ନିଃସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ

ପୁରୀ,୧ା୧(ସମିସ): ପୁରୀ ସଦର ମୁକୁନ୍ଦ ମିଶ୍ର ନଗର ବାସିନ୍ଦା ନୂଆବର୍ଷ ଅବସରରେ ନୂଆ ପଦକ୍ଷେପ ନେଇଛନ୍ତି । ମୁକୁନ୍ଦ ମିଶ୍ର ନଗର ସଭାପତି ଜଗଦାନନ୍ଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ନିଃସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି । ଦିନକୁ ଦିନ ଶୀତର ପ୍ରକୋପ ବଢ଼ି ଚାଲିଥିବା ବେଳେ ଅନେକ ନିଃସହାୟ ଶୀତବସ୍ତ୍ର ବିନା କଲବଲ ହେଉଛନ୍ତି । ଏଣୁ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଶତାଧିକ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟା ଯାଇଛି । ଇଂରାଜୀ ନୂତନ ବର୍ଷ ସମସ୍ତଙ୍କ ଜୀବନରେ ସୁଖ ସମୃଦ୍ଧି ଆଣିଦେଉ ବୋଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ନଗର ସଭାପତି ପ୍ରାର୍ଥନା କରିଛନ୍ତି । ଏହି ଅବସରରେ ନଗରର ସଦସ୍ୟସଦସ୍ୟାମାନେ ଉପସ୍ଥିତ ଥିଲେ ।

### ପୁଲିସ ବ୍ୟବସ୍ଥାକୁ ଭକ୍ତଙ୍କ ପ୍ରଶଂସା

## ଧନ୍ୟବାଦ ଜଣାଇଲେ ଏସ୍‌ପି

ପୁରୀ,୧ା୧(ସମିସ): ନୂଆବର୍ଷରେ ଭକ୍ତମାନେ ଯେପରି ମହାପ୍ରଭୁଙ୍କୁ ଭଲ ଭାବେ ଦର୍ଶନ କରିପାରିବେ ସେଥିଲାଗି ପୂର୍ବରୁ ଏକାଧିକ ବୈଠକ ବସିଥିଲା । ଜିଲ୍ଲା ପ୍ରଶାସନ, ପୁଲିସ ଏବଂ ମନ୍ଦିର ପ୍ରଶାସନ ବିଭିନ୍ନ ପକ୍ଷଙ୍କ ସହ ବୈଠକ କରିଥିଲେ । ଏପରି କି, ପୁଲିସ ଏବଂ ଅଧିକାରୀଙ୍କ ସମନ୍ୱୟ ବୈଠକ ବସିଥିଲା । ଏଭଳି ପାରସ୍ପରିକ ସମନ୍ୱୟ ଯୋଗୁ ଶୃଙ୍ଖଳିତ ହୋଇଛି ନୂଆବର୍ଷର ଦର୍ଶନ । ଲକ୍ଷ ଲକ୍ଷ ଭକ୍ତ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରି କୃତାର୍ଥ ହୋଇଛନ୍ତି । ବିଶେଷକରି ଶ୍ରଦ୍ଧାଳୁମାନେ କିପରି ଶୃଙ୍ଖଳିତ ଭାବେ ମନ୍ଦିର ପ୍ରବେଶ ଏବଂ ଦର୍ଶନ କରିବେ ସେଥିପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଏହି ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି ଶ୍ରଦ୍ଧାଳୁ । ବ୍ୟାରିକେଡରେ ଭକ୍ତଙ୍କ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିଲା । ସମସ୍ତେ ସିଂହଦ୍ୱାରରେ ପ୍ରବେଶ କରି ଅନ୍ୟ ତିନିଦ୍ୱାରରେ ବାହାରିଥିଲେ । ପୁଲିସ ମାନବ ଶୃଙ୍ଖଳ କରି ଭକ୍ତଙ୍କୁ ସିଂହଦ୍ୱାର ଦେଇ ପ୍ରବେଶ କରାଉଥିଲା । ଭିତରେ ବି ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରାଯାଇଥିଲା । ଦିବ୍ୟାଙ୍ଗମାନଙ୍କୁ ପୁଲିସ କର୍ମଚାରୀମାନେ ଦର୍ଶନ କରାଇବେ ସାହାଯ୍ୟ କରିଥିଲେ । କଣ୍ଟ୍ରୋଲ ରୁମ୍‌ରୁ ଭିଡ଼ ନିୟନ୍ତ୍ରଣ ଏବଂ ବ୍ୟବସ୍ଥା ଉପରେ ମଧ ତୀକ୍ଷ୍ଣ ନଜର ରଖାଯାଇଥିଲା ।

ଅନ୍ୟପକ୍ଷରେ ନୂଆବର୍ଷର ପ୍ରଥମ ଦିନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିବାରୁ ପୁରୀବାସୀ, ସେବାୟତ, ପ୍ରଶାସନିକ ଅଧିକାରୀ, ଭକ୍ତ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ଧନ୍ୟବାଦ ଜଣାଇଛନ୍ତ ଏସ୍‌ପି ପ୍ରତୀକ୍ ସିଂ । ବିଶେଷକରି ପୁରୀ ସହରବାସୀଙ୍କ ସହଯୋଗ ଫଳରେ ଶ୍ରଦ୍ଧାଳୁମାନେ ବଡ଼ଦାଣ୍ଡରେ ହୋଇଥିବା ବ୍ୟାରିକେଡରେ ଶୃଙ୍ଖଳିତ ଭାବେ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିପାରିଥିଲେ । ଏଭଳି ସହଯୋଗ ପୁଲିସ ପ୍ରଶାସନ ଆଗାମୀ ଦିନରେ ପୁରୀବାସୀଙ୍କଠାରୁ ଆଶା କରିବ ବୋଲି ଏସ୍‌ପି କହିଛନ୍ତି ।

## କୃଷ୍ଣାଞ୍ଜନପୁର ଗ୍ରାମବାସୀଙ୍କ ସହ ରାଜ୍ୟପାଳଙ୍କ ଭାବବିନିମୟ



ପୁରୀ,୧ା୧(ସମିସ): ଇଂରାଜୀ ନୂଆବର୍ଷର ପ୍ରଥମ ଦିନରେ ଗୁରୁବାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ପୁରୀ ସଦର ବ୍ଲକ ଅନ୍ତର୍ଗତ କୃଷ୍ଣାଞ୍ଜନପୁର ଗ୍ରାମବାସୀଙ୍କ ସହ ଭାବ ବିନିମୟ କରିଛନ୍ତି । ଏଥିସହିତ ମହିଳାମାମାନେ ବିଭିନ୍ନ ସରକାରୀ ଯୋଜନା ଅଧୀନରେ ଋଣ ନେଇ ଉଦ୍ୟୋଗପତି ହେବାକୁ ପ୍ରୋତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୮୦ ପ୍ରତିଶତରୁ ଅଧିକ ମହିଳା ଅଂଶଗ୍ରହଣ କରିଥିଲେ । ରାଜ୍ୟପାଳ 'ମୁଦ୍ରା' ଯୋଜନାର ଗୁରୁତ୍ୱ ଉପରେ ଆଲୋକପାତ କରି ମହିଳାମାନଙ୍କୁ ଏହି ଯୋଜନାର ସୁବିଧା ନେଇ ଆର୍ôଥକ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ । ମହିଳାମାନଙ୍କ ଉତ୍ସାହଜନକ ଅଂଶଗ୍ରହଣରେ ରାଜ୍ୟପାଳ ଖୁସି ପ୍ରକଟ କରିବା ସହ ନୂଆବର୍ଷର ଶୁଭେଚ୍ଛା ଜଣାଇ ଥିଲେ ଏବଂ ଆଗାମୀ ଦିନରେ ଅଧିକ ସଂଖ୍ୟକ ମହିଳା ଉଦ୍ୟୋଗୀ ଦେଖିବାକୁ ସେ ଇଚ୍ଛା ପ୍ରକାଶ କରିଥିଲେ ।

ପାରମ୍ପରିକ ଘୋଡ଼ାନାଚ ଓ ଓଡ଼ିଶୀ ନୃତ୍ୟ ପରିବେଷଣ ମାଧମରେ ରାଜ୍ୟପାଳଙ୍କୁ ସ୍ୱାଗତ କରାଯାଇଥିଲା । ରାଜ୍ୟପାଳ ଅଂଶଗ୍ରହଣକାରୀ ପ୍ରାୟ ୫୦ ମହିଳାଙ୍କୁ କମ୍ବଳ, ଶାଢ଼ୀ, କ୍ୟାଲେଣ୍ଡର ଓ ମିଠା ସମ୍ବଳିତ କିଟ୍ ବଣ୍ଟନ କରିଥିଲେ । ଗ୍ରାମବାସୀଙ୍କ ସହ ବ୍ୟକ୍ତିଗତ ଭାବ ବିନିମୟ କରି ରାଜ୍ୟପାଳ ପିଏମ୍‌ଏସବିୱାଇ, ପିଏମ୍‌ଜେଜେୱାଇ, ସୁଭଦ୍ରା ଯୋଜନା, ପିଏମ୍‌ଏୱାଇ, ଅଟଳ ପେନ୍‌ସନ ଯୋଜନା ଏବଂ ସୁକନ୍ୟା ସମୃଦ୍ଧି ଯୋଜନା ଭଳି ସରକାରୀ ଯୋଜନାରୁ ଗ୍ରାମବାସୀ କେତେ ଲାଭବାନ ହୋଇ ପାରିଛନ୍ତି ତାହା ପଚାରି ବୁଝିଥିଲେ । ସାମାଜିକ ସୁରକ୍ଷା ଯୋଜନାରେ କମ୍ ପଞ୍ଜୀକରଣ ହୋଇଥିବାରୁ ରାଜ୍ୟପାଳ ଚିନ୍ତାପ୍ରକଟ କରି ସ୍ଥାନୀୟ ବ୍ୟାଙ୍କ ଅଧିକାରୀମାନଙ୍କୁ ଜନହିତକର ଯୋଜନା ବିଷୟରେ ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟିକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ । ଏତଦ୍‌ବ୍ୟତୀତ ଗ୍ରାମବାସୀଙ୍କ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ରାଜ୍ୟପାଳ ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ପୁରୀ ସାଂସଦ ଡା. ସମ୍ବିତ ପାତ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ କୋଣାର୍କ ବିକାଶ ପ୍ରାଧିକରଣର ସଚିବ ଦିଲୀପ କୁମାର ମହାରଣା ଏବଂ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ପୂର୍ବରୁ ରାଜ୍ୟପାଳ ଲୋକ ଭବନରେ ଡା. ସମ୍ବିତ ପାତ୍ରଙ୍କ ସହ ଆଲୋଚନା ବେଳେ ନୂଆବର୍ଷର ପ୍ରଥମ ଦିବସରେ ପୁରୀ ଯିବାର ଇଚ୍ଛା ପ୍ରକାଶ କରିଥିଲେ । କିନ୍ତୁ ଶ୍ରୀଜଗନ୍ନାଥ ମନ୍ଦିରରେ ବିପୁଳ ସଂଖ୍ୟାରେ ଭକ୍ତଙ୍କ ସମାବେଶ ଏବଂ ସୁରକ୍ଷା ବ୍ୟବସ୍ଥା ଦୃଷ୍ଟିରୁ ଭକ୍ତମାନଙ୍କୁ ଅସୁବିଧା ହେବାର ଆଶଙ୍କା କରି ରାଜ୍ୟପାଳ ମନ୍ଦିର ଦର୍ଶନରେ ନ ଯାଇ କୃଷ୍ଣାଞ୍ଜନପୁର ଗ୍ରାମବାସୀଙ୍କ ସହ ମତ ବିନିମୟ କରିବାକୁ ସ୍ଥିର କରିଥିଲେ ।

**ମହିଳା ଉଦ୍ୟମିତା ଉପରେ ଗୁରୁତ୍ୱ**

## ଓଡ଼ିଶା ଥ୍ରୋ' ବଲ୍ ପୁରୁଷ ଦଳକୁ ବ୍ରୋଞ୍ଜ ପଦକ



ପୁରୀ, ୧ା୧ (ସମିସ): କେରଳର କୋଟାୟମ୍‌ଠାରେ ଅନୁଷ୍ଠିତ ୪୭ତମ ସିନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ପୁରୁଷ ଦଳ ବ୍ରୋଞ୍ଜ ପଦକ ବିଜୟୀ ହୋଇ ରାଜ୍ୟକୁ ଗୌରବାନ୍ୱିତ କରିଛି । କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ରାଜସ୍ଥାନକୁ ୨-୦ ସେଟ୍‌ରେ ପରାସ୍ତ କରି ଓଡ଼ିଶା ସେମିଫାଇନାଲରେ ପ୍ରବେଶ କରିଥିଲା । ସେମିଫାଇନାଲ ମ୍ୟାଚ୍‌ରେ ୩ ବର୍ଷର ବିଜେତା ଦିଲ୍ଲୀଠାରୁ ୧-୨ ସେଟ୍‌ରେ ହାରି ଯାଇଥିଲା । ଏହାପରେ ବ୍ରୋଞ୍ଜ ପଦକ ପାଇଁ ମଧ୍ୟପ୍ରଦେଶ ସହ ପ୍ରତିଦ୍ୱନ୍ଦ୍ୱିତା କରିଥିଲା ଦଳ । ମଧ୍ୟପ୍ରଦେଶକୁ ୨-୧ ସେଟ୍‌ରେ ପରାସ୍ତ କରି ଓଡ଼ିଶା ବ୍ରୋଞ୍ଜ ପଦକ ଜିତିଥିଲା । ସେହିପରି ଓଡ଼ିଶା ମହିଳା ଦଳ କ୍ୱାର୍ଟରଫାଇନାଲରେ ଚାରିଥରର ବିଜେତା ଦିଲ୍ଲୀଠାରୁ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ୨-୧ ସେଟ୍‌ରେ ପରାସ୍ତ ହୋଇଥିଲା । ଓଡ଼ିଶା ପୁରୁଷ ଦଳର ଏହି ବିଜୟ ପାଇଁ ପ୍ରୋଗ୍ରାମିଙ୍ଗ ଅଫିସର ହରେଶ ମିଶ୍ର, ଓଡ଼ିଶା ଥ୍ରୋ ବଲ୍ ପ୍ରତିଷ୍ଠାତା କୃଷ୍ଣଚନ୍ଦ୍ର ଦାସ, ଓଡ଼ିଶା ଥ୍ରୋ ବଲ୍ ସଂଘ ସଭାପତି ଭୂପେନ୍ଦ୍ର ସିଂ, ଉପସଭାପତି ମଧୁସୂଦନ ମିଶ୍ର, ସମ୍ପାଦକ ଜିତେନ୍ଦ୍ର ନାଥ ଦାସ ପ୍ରମଖ ନୂତନ ବର୍ଷର ଅଭିନନ୍ଦନ ସହ ଖେଳାଳୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ପିକ୍‌ନିକ ସ୍ପଟ୍‌ରେ ଭୋଜିଭାତର ଆସର

ପୁରୀ,୧ା୧(ସମିସ): ପୁରୀ ଜିଲ୍ଲାର ବିଭିନ୍ନ ପିକ୍‌ନିକ ସ୍ପଟ୍‌ରେ ନୂଆବର୍ଷର ପ୍ରଥମ ଦିନରେ ଭିଡ଼ ଜମିଥିଲା । ବିଶେଷକରି ଚନ୍ଦ୍ରଭାଗା, ରାମଚଣ୍ଡୀ, ପୁରୀ-କୋଣାର୍କ ମେରାଇନ ଡ୍ରାଇଭରୋଡ ଜଙ୍ଗଲ, ବାଲିହରଚଣ୍ଡୀ, ସାତପଡା, ପୀର୍‌ଜାହାନିଆଁ ପୀଠରେ ଭୋଜି ଭାତର ଆସର ଜମିଥିଲା । ଏପରି କି, ପୁରୀରେ ଠାକୁରଙ୍କୁ ଦର୍ଶନ ସାରି ଲୋକେ ପିକ୍‌ନିକ ସ୍ଥଳକୁ ମୁହାଁଇଥିଲେ । ରାମଚଣ୍ଡୀ ଓ ଚନ୍ଦ୍ରଭାଗାକୁ ଯାଉଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ବାଲୁଖଣ୍ଡ ଅଭୟାରଣ୍ୟ ନୂଆନଇ ପାଖରେ ଭୋଜି କରୁଥିବା ଦେଖିବାକୁ ମିଳିଥିଲା । ରାମଚଣ୍ଡୀ, ବାଲିହରଚଣ୍ଡୀରେ ପର୍ଯ୍ୟଟକଙ୍କ ବେଶ୍ ଭିଡ଼ ହୋଇଥିଲା । ସୁରକ୍ଷା ଦୃଷ୍ଟିକୋଣରୁ ପର୍ଯ୍ୟଟନସ୍ଥଳୀଗୁଡିକରେ ପୁଲିସ ଫୋର୍ସ ମୁତୟନ ରହିଥିଲେ । ଅନ୍ୟପକ୍ଷରେ କୋଣାର୍କ ସୂର୍ଯ୍ୟ ମନ୍ଦିରରେ ବି ଦିନତମାମ୍ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥିଲା ।

● ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତା

## ଜଙ୍ଗଲୀ କ୍ଲବ୍‌ର ସଫଳତା



ପୁରୀ, ୧ା୧ (ସମିସ): କଟକ ରିଜର୍ଭ ପୁଲିସ ଗ୍ରାଉଣ୍ଡରେ ଓଡ଼ିଶା ଆଥ୍‌ଲେଟିକ୍ ଆସାସିଏସନ ଆନୁକୂଲ୍ୟରେ ଚାଲିଥିବା ୭୧ତମ ରାଜ୍ୟ ଆଥ୍‌ଲେଟିକ୍ ମିଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ପୁରୀ ଜଙ୍ଗଲୀ କ୍ଲବକୁ ସଫଳତା ମିଳିଛି । କ୍ଲବର ୨୩ ବର୍ଷରୁ କମ୍ ବାଳିକା ହାଇଜମ୍ପ ବିଭାଗରେ ମେହେକ୍ ନରସିମ୍ ସ୍ୱର୍ଣ୍ଣ ପଦକ ଜିତିବା ସହ ଏକ ନୂତନ ମିଟ୍ ରେକର୍ଡ ସ୍ଥାପନ କରିଛନ୍ତି । ସେହିପରି ୨୩ ବର୍ଷରୁ କମ୍ ବାଳକ ଜାଭେଲିନ୍ ଥ୍ରୋରେ ଦେବେଶ୍ୱର ପରିଡ଼ା ରୌପ୍ୟ ଏବଂ ପୁରୁଷ ହାମର ଥ୍ରୋରେ ରାଜେଶ କୁମାର ସ୍ୱାଇଁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏହି କୃତୀ ପ୍ରତିଯୋଗୀଙ୍କୁ ଜଙ୍ଗଲୀ କ୍ଲବର ସମ୍ପାଦକ ପ୍ରକାଶ କୁମାର ବେହେରା, କୋଚ୍ ଅକ୍ଷୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଛନ୍ତି ।

### ଅନ୍ନପୂର୍ଣ୍ଣାରେ ଗୀତିନାଟ୍ୟ 'ଶ୍ରୀଜଗନ୍ନାଥ' ମଞ୍ଚସ୍ଥ

ପୁରୀ,୧ା୧(ସମିସ): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ଆଧାର କରି ପ୍ରତି ମାସର ପ୍ରଥମ ଦିନ ଅର୍ଥାତ୍ ୧ରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ପରିବେଷଣ ହୋଇଛି କାର୍ଯ୍ୟକ୍ରମ 'ଶ୍ରୀ ଜଗନ୍ନାଥାୟନ' । ଅତିଥି ଭାବେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଅଭିନେତା ସୁଦାମ ବିଶୋଇ, ଗୁରୁ ସୁରେନ୍ଦ୍ର ନାୟକ, କଣ୍ଠଶିଳ୍ପୀ ଶତ୍ରୁଘ୍ନ ନାୟକ, ପ୍ରୟାସ ଟିଭିର ପ୍ରଦ୍ୟୁମ୍ନ ମିଶ୍ର, ସମାଜସେବୀ ଚକ୍ରଧର ମହାପାତ୍ର, ନାଟ୍ୟ ଅଭିନେତା ଭରତ କୁମାର ନାୟକ, ବିକ୍ରମ ସାହୁ, ଗୋବିନ୍ଦ ମହାନ୍ତି ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । କଣ୍ଠଶିଳ୍ପୀ ସୁଚରିତା ପ୍ରତିହାରୀ ଏବଂ ନାଟ୍ୟ ନିର୍ଦ୍ଦେଶିକା ଅନିତା ଦାସଙ୍କୁ ସମ୍ମାନିତ କରାଯାଇଥିଲା । ସୁଚରିତା ପ୍ରତିହାରୀ ଭକ୍ତି ସଙ୍ଗୀତ ପରିବେଷଣ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଅନିତା କଲ୍‌ଚରାଲ ଏକାଡେମୀର କଳାକାରଙ୍କ ପକ୍ଷରୁ ଅନିତା ଦାସଙ୍କ ନିର୍ଦ୍ଦେଶନାରେ 'ଶ୍ରୀଜଗନ୍ନାଥ' ପରିବେଷଣ ହୋଇଥିଲା । ମଞ୍ଚ ପରିଚାଳନା କରିଥିଲେ ଶ୍ୟାମ ପ୍ରକାଶ ସେନାପତି । ଦର୍ଶକମାନେ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଏହାକୁ ଉପଭୋଗ କରିଥିଲେ ।

## ଓଡ଼ିଆ ନବବର୍ଷ ପାଳନ ନେଇ ସଚେତନତା

ପୁରୀ,୧ା୧(ସମିସ): ଇଂରାଜୀ ନବବର୍ଷ ନୁହେଁ ଆସନ୍ତୁ ଆମେ ପାଳନ କରିବା ଆମ ଓଡ଼ିଆ ନବବର୍ଷ । ଭକ୍ତଙ୍କ ମଧ୍ୟରେ ଏଭଳି ସଚେତନତାର ବାର୍ତ୍ତା ବାଣ୍ଟିଛି ଉତ୍କଳ ବିଦ୍ୱତ୍ ପରିଷଦ । ଗୁରୁବାର ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପରିଷଦ ପକ୍ଷରୁ ଭକ୍ତଙ୍କୁ ଏ ସମ୍ପର୍କୀତ ଲିଫ୍‌ଲେଟ୍ ବଣ୍ଟନ କରାଯିବା ସଚେତ ସଚେତନ କରିଥିଲେ । ପରିଷଦର ଅଧକ୍ଷ ମନୋଜ ରଥ କହିଛନ୍ତି, ଇଂରାଜୀ ନବବର୍ଷ ଏକ ଅପସଂସ୍କୃତି । ଭାରତୀୟ ପରମ୍ପରାରେ ଚୈତ୍ର ଶୁକ୍ଳ ପ୍ରତିପଦାକୁ ରାଷ୍ଟ୍ରୀୟ ନବବର୍ଷ ରୂପେ ପାଳନ କରାଯାଇଥାଏ । ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ହେଉଛି ଆମ ଓଡ଼ିଆଙ୍କର ନବବର୍ଷ । ସରକାରୀସ୍ତରରେ ଏବଂ ପ୍ରମୁଖ ଧର୍ମପୀଠରେ ରାଷ୍ଟ୍ରୀୟ ନବବର୍ଷ ଏବଂ ଓଡ଼ିଆ ନବବର୍ଷକୁ ପ୍ରାଧାନ୍ୟ ଦିଆଯିବା ଦରକାର । ଏହାଦ୍ୱାରା ଭାରତୀୟ ସଂସ୍କୃତିର ଅବକ୍ଷୟ ଓ ବିଦେଶୀ ସଂସ୍କୃତିର ଅନୁପ୍ରବେଶକୁ ପ୍ରତିହତ କରାଯାଇପାରିବ । ଭାରତର ସନାତନ ହିନ୍ଦୁମାନେ ପ୍ରତ୍ୟେକ ଶୁଭ କାମରେ ହେଉ ବା ପର୍ବପର୍ବାଣିରେ ତିଥି, ବାର, ନକ୍ଷତ୍ର ଓ ଶୁଭଲଗ୍ନକୁ ପ୍ରାଧାନ୍ୟ ଦେଇଥାନ୍ତି । ତେଣୁ ଆସନ୍ତୁ ଆମେ ଆମ ଓଡ଼ିଆ ନବବର୍ଷ ପାଳନ କରିବା । ଇଂରାଜୀ ନବବର୍ଷର ଅପସଂସ୍କୃତିର ପ୍ରଚାର ପ୍ରସାରକୁ ରୋକିବା ପାଇଁ ସମସ୍ତେ ଆଗଭର ହେବା ଉଚିତ୍ ବୋଲି ପରିଷଦର ଅଧକ୍ଷ ଶ୍ରୀ ରଥ କହିଛନ୍ତି ।

## ଓଡିଏମ୍‌ପିର ରୌପ୍ୟ ଜୟନ୍ତୀ

ପୁରୀ,୧ା୧(ସମିସ): ସ୍ଥାନୀୟ ୟୁଥ୍ ହଷ୍ଟେଲ୍ ପରିସରରେ ବୁଧବାର ପୁରୀର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓଡିଶା ଡେଭଲପ୍‌ମେଣ୍ଟ ମ୍ୟାନେଜମେଣ୍ଟ ପ୍ରୋଗ୍ରାମ (ଓଡିଏମ୍‌ପି)ର ୨୫ ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ପାଳିତ ହୋଇଯାଇଛି । ଅନୁଷ୍ଠାନର ଆବାହକ ସୁଶାନ୍ତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ଜିତ୍ ନାୟକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମରେ ଉପସ୍ଥିତ ପୌରସଂସ୍ଥାରେ କାର୍ଯ୍ୟରତ ସମସ୍ତ ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥୀ, ପ୍ଲାଣ୍ଟ ମ୍ୟାନେଜର, ଡ୍ରାଇଭର ଓ ପରିମଳ ବିଶେଷଜ୍ଞଙ୍କୁ ପୁରୀ ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ବର୍ତ୍ତୀ ହେବା ସହିତ ନିଜ ନିଜର କର୍ତ୍ତବ୍ୟ ଠିକ୍ ଭାବେ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ । ରୌପ୍ୟ ଜୟନ୍ତୀ ଅବସରରେ ଓଡିଏମ୍‌ପିର ସମସ୍ତ କର୍ମକର୍ତ୍ତାଙ୍କୁ ଅତିଥିମାନେ ଶୁଭେଚ୍ଛା ଜଣାଇବା ସହିତ ଦୀର୍ଘ ୨୫ ବର୍ଷ ଧରି ଅନୁଷ୍ଠାନ ନିରବଚ୍ଛିନ୍ନ ଭାବରେ ପୁରୀ ସହରରେ ପରିମଳ କାର୍ଯ୍ୟକୁ ସୁଦୃଢ଼ କରିବାରେ ନିୟୋଜିତ ଥିବାରୁ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ସ୍ୱଚ୍ଛତା ସହିତ ଜଡ଼ିତ ପୁରୀ ପୌରସଂସ୍ଥା ଓ କଟକ ମହାନଗର ନିଗମର କର୍ମୀମାନଙ୍କୁ ମାନପତ୍ର ଓ ଉପଢୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଅନୁଷ୍ଠାନର ଉପାଧ୍ୟକ୍ଷ ପ୍ରଦୀପ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ବିଷ୍ଣୁପ୍ରସାଦ ମିଶ୍ର, ସବିତା ରଥ ଓ ମିନତୀ ବାରିକ ପ୍ରମୁଖ ପରିଚାଳନା କରିଥିଲେ ।

### ନିଆରା ଢଙ୍ଗରେ ନୂଆବର୍ଷ ପାଳନ

## ଶିକ୍ଷାର ବାର୍ତ୍ତା ବାଣ୍ଟିଲେ କୁନି କୁନି ପିଲା



ପୁରୀ,୧ା୧(ସମିସ): ନୂଆ ବର୍ଷକୁ କିଏ କେତେ ପ୍ରକାର ପାଳନ କରୁଥିବା ବେଳେ ପୁରୀ ବଳିଆପଣ୍ଡା ବସ୍ତି ଅଞ୍ଚଳର ପିଲାମାନେ ଏହାକୁ ଭିନ୍ନ ଧରଣରେ ପାଳନ କରିଛନ୍ତି । ବଳିଆପଣ୍ଡାସ୍ଥିତ ଭାରତ ଯୋଗ କେନ୍ଦ୍ରଠାରେ ଥିବା ଏକ ଲବ୍ୟ ପାଠଶାଳା ଛାତ୍ରୀଛାତ୍ରୀମାନେ ବସ୍ତି ଅଞ୍ଚଳରେ ବୁଲି ବୁଲି ଶିକ୍ଷାର ବିକାଶ ପାଇଁ ବାର୍ତ୍ତା ବାଣ୍ଟି ଥିଲେ । ଦ ବେଲ୍ ଦ୍ୱାରା ଆୟୋଜିତ ଏହି ସଂକଳ୍ପ ଯାତ୍ରାକୁ ଯୋଗଗୁରୁ ରମାବଲ୍ଲଭ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ପୁରୀ ସହରର ବିକାଶ ସହିତ ବସ୍ତି ଅଞ୍ଚଳ ବଢୁଛି । କିନ୍ତୁ ଏହି ସବୁ ଅଞ୍ଚଳରେ ଶିଶୁମାନଙ୍କ ବିକାଶ ପାଇଁ ସେପରି ବିଶେଷ ବ୍ୟବସ୍ଥା ନାହିଁ । ଏହି ବସ୍ତି ଅଞ୍ଚଳଗୁଡ଼ିକର ବାସିନ୍ଦା ମଧ ପିଲାମାନଙ୍କ ଶିକ୍ଷା ଓ ବିକାଶ ପାଇଁ ସଚେତନ ନୁହନ୍ତି । ତେଣୁ ସେମାନଙ୍କ ମଧ୍ୟରେ ଶିକ୍ଷାକୁ ନେଇ ସଚେତନତା ସୃଷ୍ଟି ପାଇଁ ଏଭଳି ପ୍ରୟାସ କରାଯାଉଛି ବୋଲି ଏହି ଅବସରରେ ଦ ବେଲ୍ ଅନୁଷ୍ଠାନର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ସୂଚନା ଦେଇଥିଲେ । ପାଠଶାଳା ପିଲାମାନେ ବସ୍ତିର ବିଭିନ୍ନ ୱାର୍ଡ ବୁଲି ଶିକ୍ଷା ସଚେତନତା ବାର୍ତ୍ତା ବାଣ୍ଟି ଥିଲେ । ଏହି କାର୍ଯ୍ୟକ୍ରମକୁ ଉମେଶ ଦାସ, ରାଜଲକ୍ଷ୍ମୀ ଦାସ, ବନିତା ଦୀକ୍ଷିତ, ରିଙ୍କି ବାରିକ, ଶାନ୍ତି ପ୍ରଧାନ, ମଳୟ ଗଜେନ୍ଦ୍ର, ସିଲୀ ସେଠୀ, ସୁକାନ୍ତ ପଣ୍ଡାଙ୍କ ସହିତ ଦ ବେଲ୍ ଅନୁଷ୍ଠାନ ୟୁଥ୍ ଓ ଓମେନ୍ସ କ୍ଲବ ସଦସ୍ୟସଦସ୍ୟା ପରିଚାଳନା କରିଥିଲେ ।

## ସିଦ୍ଧ ମହାବୀର ସଙ୍ଗୀତ ପରିଷଦର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ପୁରୀ,୧ା୧(ସମିସ): ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ସିଦ୍ଧ ମହାବୀର ସଙ୍ଗୀତ ପରିଷଦର ଦୁଇଦିନିଆ ଏକବିଂଶତମ ବାର୍ଷିକ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଦୟାନିଧି ତ୍ରିପାଠୀ, ସମାଜସେବୀ ଚକ୍ରଧର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଅନୁଷ୍ଠାନର ସଭାପତି ତପନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ଅମ୍ଳାନ ଅମୃତାଂଶୁ ସ୍ୱାଗତ କରିଥିଲେ । ଏହି ଅବସରରେ ଓଡ଼ିଶୀ ଗବେଷକ କବି ତିଳକ ଆର୍ତ୍ତତ୍ରାଣ ଶତପଥୀ, ବରିଷ୍ଠ କଣ୍ଠଶିଳ୍ପୀ ପ୍ୟାରୀମୋହନ ଦାଶଙ୍କୁ ସମ୍ମାନିତ କରାଯାଇଥିବା ବେଳେ ସଙ୍ଗୀତ ଛାତ୍ରୀ ସୁଶ୍ରୀ ପ୍ରଯୁକ୍ତା ପାରମିତାଙ୍କୁ ଗୁରୁଶ୍ରୀ ଚନ୍ଦ୍ରମଣି ଲେଙ୍କା ସ୍ମୃତି ଟ୍ରଫି ପ୍ରଦାନ କରାଯାଇଥିଲା । ଏଥିସହିତ କଣ୍ଠଶିଳ୍ପୀ ଦେବାଂଶୀ ଦାଶ, ଅଭିଲାଷ ଦାଶ, ବାଣୀଶ୍ରୀ ମହାପାତ୍ର, ଅମ୍ଳାନ ଅମୃତାଂଶୁ, ସୁଭଦ୍ରା ନାୟକ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା । ସହ ସମ୍ପାଦକ ଶ୍ରୀଧର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସଭାକାର୍ଯ୍ୟକୁ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ । ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଶ୍ରୀଜୟଦେବଙ୍କ ବିରଚିତ ଶ୍ରୀ ଗୀତଗୋବିନ୍ଦ, ଶ୍ରୀ ବଲ୍ଲଭାଚାର୍ଯ୍ୟ ବିରଚିତ ମଧୁରାଷ୍ଟକମ୍, ମାଳଶ୍ରୀ, ଓଡ଼ିଶୀ, ଛାନ୍ଦ, ଚମ୍ପୁ ଓ ପଲ୍ଲୀଗୀତ ଆଦି ପରିବେଷଣ କରାଯାଇଥିଲା । ଗୁରୁ ପ୍ରତାପ କୁମାର ବାରିକ, ସତ୍ୟନାରାୟଣ ଗୁରୁ, ହରିଶ୍ଚନ୍ଦ୍ର ଦାସ, ସଞ୍ଜୟ କୁମାର ପାତ୍ର, ବଟଗୋପାଳ ତ୍ରିପାଠୀ ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ । ଗୁରୁ ସବିତା ମିଶ୍ର ଏବଂ ଗୁରୁ ସତ୍ୟପ୍ରିୟ ମହାପାତ୍ରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଅନୁଷ୍ଠାନର ଛାତ୍ରଛାତ୍ରୀ ସଙ୍ଗୀତ ପରିବେଷଣ କରିଥିଲେ । ସୁଶ୍ରୀ ଶୁଭସ୍ମିତା ମହାପାତ୍ର ସଙ୍ଗୀତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# କଣାସ ଅଞ୍ଚଳରୁ ଘନଘନ ଗାଇ, ଛେଳି ଚୋରି

କଣାସ,୧।୧(ସମିସ): କଣାସ ବ୍ଲକର ବିଭିନ୍ନ ଗ୍ରାମରୁ କିଛି ଦିନ ହେଲା ଘନଘନ ଗାଇ ଓ ଛେଳି ଚୋରି ହେବାରେ ଲାଗିଛି। ଏପରିକି ଗୁହାଳରେ ବନ୍ଧା ହୋଇ ରହିଥିବା ଗାଇ ଓ ଛେଳି ଚୋରି କରି ନେଇ ଯାଉଥିବା ଜଣାପଡ଼ିଛି। କେତେକ ବ୍ୟକ୍ତି ଗାଇ ଚୋରି ସମ୍ପର୍କରେ କଣାସ ଓ ଗଡ଼ିଶାଗୋଦା ଥାନାରେ ଏତଲା ଦେଇଥିବାବେଳେ ଅନେକ ବ୍ୟକ୍ତି ଥାନାରେ ଏତଲା ଦେଇ ନାହାନ୍ତି। ଗାଇ ଚୋରି ହେଉଥିବା କିଛି ମାଲିକଙ୍କୁ ପଚାରିବାରୁ ସେ କୁହନ୍ତି ଯେ ଗାଇ ଓ ଛେଳି ଗଲା ପରେ ମିଳିବାର ଅସମ୍ଭବ। ତେଣୁ ଥାନାକୁ ଯାଇ କିଏ ସେ ଗୋଡ଼ ଭାଙ୍ଗି ଠିଆ ହେବ। କିଛି ଦିନ ତଳେ କଣାସ ଥାନା ପାଣ୍ଡିଆକେରା ଗ୍ରାମରୁ ଗାଇ ଚୋରି ସମ୍ପର୍କରେ ଜଣେ ଏତଲା ଦେଇଥିବାବେଳେ ଗଡ଼ିଶାଗୋଦା ଥାନା ସାନଓରା ଗ୍ରାମର ଦୁଷ୍ମନ୍ତ ସାହୁ ଦୁଇଟି ଗାଇ ଚୋରି ସମ୍ପର୍କରେ ଗଡ଼ିଶାଗୋଦା ଥାନାରେ ଏତଲା ଦେଇଛନ୍ତି। ସେହିପରି କଉଡ଼ିଖଣି ଗ୍ରାମର ଗଦାଧର ସାହୁଙ୍କ ଗୋଟିଏ ବଳଦ, ନୂଆଗାଁ ଗ୍ରାମର ସୁରଥ ସାହୁଙ୍କ ୫ ଟି ମାଈ ଛେଳି ଏବଂ ସେହି ଗ୍ରାମର ମନୋଜ ସାହୁଙ୍କର ଗୋଟିଏ ଗାଇ, ସୁନାଖଳା ଗ୍ରାମର ସୁବାସ ଜୟସିଂହଙ୍କର ଗୋଟିଏ ଗାଇ, ଭିକାରୀ ପାଟଶାଣୀଙ୍କର ଗୋଟିଏ ଗାଇ ଏବଂ ଗଜି ଚମ୍ପତିଙ୍କର ଗୋଟିଏ ଗାଇ କେହି ନେଇଯାଇଥିଲେ ବି ସେମାନେ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିନଥିବା ଜଣାପଡ଼ିଛି।

# ସରକାରୀ ବସ୍ ଦୁର୍ଘଟଣାରେ ଶିଶୁ ଗୁରୁତର

ଡେଲାଙ୍ଗ,୧।୧(ସମିସ): ଡେଲାଙ୍ଗ ବ୍ଲକ୍ ଗୁଆଳିପଡ଼ା ଗ୍ରାମରେ ସରକାରୀ ବସ୍ ଧକ୍କାରେ ଜଣେ ଶିଶୁ ଗୁରୁତର ହୋଇଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଆହତ ଶିଶୁକୁ ଚିକିତ୍ସା ପାଇଁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଉତ୍ୟକ୍ତ ଲୋକେ ବସ୍‌ଟିକୁ ଅଟକାଇଥିଲେ। ଖବର ପାଇ ଡେଲାଙ୍ଗ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ବସ୍‌ଟିକୁ ଉଦ୍ଧାର କରି ଗନ୍ତବ୍ୟସ୍ଥଳକୁ ଛାଡ଼ିଥିଲା।



ବୁଧବାର ଅପରାହ୍ଣରେ ସରକାରୀ ବସ ନଂ ଓଡି୦୩ଭି ୬୭୧୭ ଡେଲାଙ୍ଗ ବ୍ଲକ୍ କାର୍ଯ୍ୟାଳୟରୁ ବାହାରି ବେରବୋଇ, ଡେଲାଙ୍ଗ ଷ୍ଟେସନ ବଜାର ଦେଇ ଧାନକେରା ଅଭିମୁଖେ ଯାଉଥିଲା। ସାନ ଗୁଆଳିପଡ଼ା ଗାଁ ରାସ୍ତାରେ ଯାଉଥିବା ବେଳେ ଗ୍ରାମର ସଞ୍ଜୀୟ କୁମାର ଜେନାଙ୍କ ୭ ବର୍ଷର ଶିଶୁ ପୁତ୍ର କ୍ରିସିବ୍ ଜେନାଙ୍କୁ ଦାଣ୍ଡରେ ଖେଳୁଥିବା ସମୟରେ ଧକ୍କା ଦେଇଥିଲା। ଫଳରେ ଶିଶୁ ଜଣକ ୧୦ଫୁଟ ଦୂରକୁ ଛିଟିକି ପଡ଼ିଥିଲା। ଦାଣ୍ଡରେ ଥିବା ଲୋକମାନେ ହୋହାଲ୍ଲା କରିବାରୁ ବସଟି ଅଟକି ଯାଇଥିଲା। ଏହି ଦୁର୍ଘଟଣାରେ ଶିଶୁପୁତ୍ରର ମୁଣ୍ଡ, ହାତ, ଗୋଡ଼ ଓ ଛାତିରେ ଆଘାତ ଲାଗିଛି। ପରେ ଶିଶୁଟି ଅଚେତ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ତୁରନ୍ତ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଡାକ୍ତର ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରିଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। ଅନ୍ୟପଟେ ଅଟକି ରହିଥିବା ସରକାରୀ ବସକୁ ପୁଲିସ ଛାଡ଼ିଦେଇଥିବାବେଳେ ଡେଲାଙ୍ଗ ବ୍ଲକ୍ ସରକାରୀ ବସ୍ ସୁପରଭାଇଜରଙ୍କୁ ଥାନାରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ମୋହନ ବାବୁ ଥିଲେ ଶତାବ୍ଦୀର ଯୁଗ ପୁରୁଷ



ନିମାପଡ଼ା,୧।୧(ସମିସ): ସଂଗ୍ରାମୀ ମୋହନ ଦାସ ଥିଲେ ଶତାବ୍ଦୀର ଯୁଗ ପୁରୁଷ ବୋଲି ପତିତପାବନ ସେବା ସଂଘରେ ଅନୁଷ୍ଠିତ ତାଙ୍କ ୩୧ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାକୁ ମୋହନ ଦାସ ସ୍ମୃତି କମିଟି, ନିମାପଡ଼ା, ଶହୀଦ ସ୍ମୃତି ସଂସଦ ଓ ପତିତପାବନ ସେବା ସଂଘ ଆୟୋଜନ କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗ ଦେଇଥିଲେ। ସଭାପତିତ୍ୱ କରିଥିଲେ ଶିକ୍ଷାବିତ ଜଗତ ପ୍ରସାଦ ସବୁତ୍। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ କମ୍ୟୁନିଷ୍ଟ ନେତା ଦେବେନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ରାଉତ, ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ଖଟୋଇ, ଅଶୋକ କୁମାର ସାହୁ, ନିମାପଡ଼ା ଶହୀଦ ସ୍ମୃତି ସଂସଦ ସମ୍ପାଦକ ଡ. ବେଣୁଧର ସେନାପତି ଓ ବସନ୍ତ କୁମାର ପାତ୍ର ମୋହନ ବାବୁଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ମୋହନ ଦାସ ସ୍ମୃତି କମିଟିର ପୁନର୍ଗଠନ କରାଯାଇ ଏହି କମିଟିର ଅଧ୍ୟକ୍ଷ ଭାବେ ଜଗତ ପ୍ରସାଦ ସବୁତଙ୍କୁ ମନୋନିତ କରାଯାଇଥିଲା। ଏହି କମିଟିରେ ବହୁ ଯୁବକଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଯାଇଥିଲା।

# ବାରମ୍ବାର ଚୋରି; ଧରାପଡୁନାହାନ୍ତି ଦୁର୍ବୃତ୍ତ

କୁଣ୍ଢେଇ,୧।୧(ସମିସ): ସ୍ଥାନୀୟ ବାଜପୁର ଗ୍ରାମରୁ ବାରମ୍ବାର ଚୋରି ହେଉଥିଲେ ହେଁ ଦୁର୍ବୃତ୍ତଙ୍କୁ ଧରିବାରେ ପୁଲିସ ବିଫଳ ହୋଇଛି। କାକଟପୁର ପୁଲିସର ନିଷ୍କ୍ରିୟତା ପାଇଁ ଏଭଳି ଘଟୁଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଗତ ମଙ୍ଗଳବାର ରାତିରେ ବାଜପୁର ଗ୍ରାମ ୨୨ ନମ୍ବର୍ ୱାର୍ଡର ପୂର୍ଣ୍ଣଚନ୍ଦ୍ର ସାହୁ, ପଞ୍ଚାନନ ସାହୁ, ସଚିତ୍ରାନନ୍ଦ ସାହୁଙ୍କ ସହିତ ୧୯ ନମ୍ବର ୱାର୍ଡର ବାଞ୍ଛାନିଧି ସାହୁଙ୍କ ଘରୁ ପାଣି ମୋଟର ଚୋରି ହୋଇଥିଲା। ୪ଟି ପାଣି ମୋଟର ଚୋରି ହୋଇଥିବାବେଳେ ୪ଜଣଙ୍କ ମଧ୍ୟରୁ ୩ ଜଣ କାକଟପୁର ଥାନାରେ ଅଭିଯୋଗ କରିଛନ୍ତି। ଏହା ପଛରେ ଏକ ସ୍ୱତନ୍ତ୍ର ଗ୍ୟାଙ୍ଗ କାମକରୁଥିବା ସନ୍ଦେହ କରାଯାଉଥିବାବେଳେ ପୁଲିସ ଏ ଦିଗରେ ନିଷ୍କ୍ରିୟତା ପ୍ରଦର୍ଶନ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶପାଉଛି। ଏଦିଗରେ ପୁଲିସ ପଦକ୍ଷେପ ନେବା ସହ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହେଉଛି।

# ଉତ୍ସର୍ଗ ଅନୁଷ୍ଠାନର ଅଷ୍ଟମ ବାର୍ଷିକ ଉତ୍ସବ



ଗୋପ,୧।୧(ସମିସ): ଗୋପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉତ୍ସର୍ଗର ଅଷ୍ଟମ ବାର୍ଷିକ ଉତ୍ସବ ମା' ନାରାୟଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଲକ୍ଷ୍ମୀଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ କୋଣାର୍କ ଐତିହ୍ୟ ପରିଷଦର ସମ୍ପାଦକ ସଞ୍ଜୀୟ କୁମାର ବରାଳ ମୁଖ୍ୟ ଅତିଥି, ପ୍ରାଧ୍ୟାପକ ପ୍ରକାଶ ଚନ୍ଦ୍ର ଖଟୋଇ, ସମାଜସେବୀ ରାମକୃଷ୍ଣ ମହାନ୍ତି, ରବୀନ୍ଦ୍ରନାଥ ପ୍ରଧାନ, ମନଦୀପ୍ ପାଇକରାୟ, ବ୍ରଜବନ୍ଧୁ ମହାରଣା, ଶିକ୍ଷାବିତ୍ ସୁକାନ୍ତ କୁମାର ଶତ୍ରୁଶଲ୍ୟ, କବିବର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ବିଷ୍ଣୁମୋହନ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଗଣମାଧ୍ୟମର ପ୍ରତିନିଧି ଜନକଲ୍ୟାଣ, ସେବକ, ନିଃସ୍ୱାର୍ଥ ପରିବାର, ଏ.ଟି.ଏଚ୍.ରକ୍, କୁଶୁପୁର ଯୁବ ପରିଷଦ, ଧର୍ମପଦ ଅନୁଷ୍ଠାନ, ଶିକ୍ଷାବିତ୍ ଓ ସମାଜସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଗ୍ରାମ କେଶରୀ ଭୋଳ, ଶାଶ୍ୱତ ରଞ୍ଜନ ପ୍ରଧାନ ପ୍ରମୁଖ ସଂଯୋଜନା କରିଥିଲେ। ଅନୁଷ୍ଠାନର ସ୍ୱେଚ୍ଛାସେବୀ ବିରଞ୍ଜନ ପ୍ରଧାନ, ତପୁନା ଭୋଇ, ଅମୂଲ୍ୟ ପ୍ରଧାନ, ଶିବପ୍ରସାଦ ପ୍ରଧାନ, ବାପୁନି ଭୋଇ, ଜଗବନ୍ଧୁ ବାରିକ, ସୁକାନ୍ତ ପ୍ରଧାନ, ଜିତେନ୍ଦ୍ର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନୂଆବର୍ଷ ପାଇଁ ସାକ୍ଷୀଗୋପାଳ ମନ୍ଦିରରେ ଭିଡ଼

ସାକ୍ଷୀଗୋପାଳ,୧।୧(ସମିସ): ଇଂରାଜୀ ନୂଆବର୍ଷ ବର୍ଷ ଅବସରରେ ଆଜି ସାକ୍ଷୀଗୋପାଳ ମନ୍ଦିରରେ ଭକ୍ତଙ୍କ ଭିଡ଼ ହୋଇଥିଲା। ଏଥିସହ ନିକଟସ୍ଥ ସିଦ୍ଧ ବଳରାମ ମନ୍ଦିର, ମା ଦକ୍ଷିଣ କାଳୀ ମନ୍ଦିର, ଶ୍ରୀଶ୍ରୀ ବରାଳ ବାଲୁଙ୍କେଶ୍ୱର ଦେବ ମନ୍ଦିର, ମା ମଉନେଇଁ ଠାକୁରାଣୀ ମନ୍ଦିର, ଅଠେଇଶ ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର, ମା ମଣିନାଗ ଦୁର୍ଗା ମନ୍ଦିର, ଶୁକଳ ତୃତୀୟାଦେବ ମନ୍ଦିର, ଅଳଗୁମ ଶ୍ରୀଶ୍ରୀ ଗତିଶ୍ୱର ଦେବ ମନ୍ଦିର ଓ ବାଟ ମହାବୀର ମନ୍ଦିରରେ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ ଶ୍ରଦ୍ଧାଳୁ। ଐତିହ୍ୟ ଗ୍ରାମ ସୁଆଣ୍ଡୋ ଗୋପବନ୍ଧୁ ପାର୍କ ଓ ଷଠିଘର, ଐତିହାସିକ ବକୁଳ ବନ, ପଞ୍ଚସଖା ସମାଧି ପୀଠ ପରିଭ୍ରମଣପାଇଁ ମଧ୍ୟ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥିଲା। ସେହିପରି ଭାର୍ଗବୀ ନଦୀ ପଠା ଏବଂ ବକୁଳବନ ସ୍ଥିତ ବଉଳ ବାଟିକାରେ ନୂଆବର୍ଷ ବନ୍ଧୁ ମିଳନ ସହ ଭୋଜି ଭାତ କରିବାକୁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।

# ଏକାନ୍ତ ଆଶ୍ରମରେ ବିଶ୍ୱ ପ୍ରାର୍ଥନା ଦିବସ

ଚାରିଛକ,୧।୧ (ସମିସ): ଚାରିଛକସ୍ଥିତ ଏକାନ୍ତ ଆଶ୍ରମ ପରିସରରେ ବିଶ୍ୱ ପ୍ରାର୍ଥନା ଦିବସ ପାଳିତ ହୋଇଯାଇଛି। ବିଶ୍ୱ ପ୍ରାର୍ଥନା ଦିବସ ଟ୍ରଷ୍ଟର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ଅଧ୍ୟକ୍ଷ ପଣ୍ଡିତ ମୁରଲୀଧର ଭାରତୀ ଗୋସ୍ୱାମୀ ଅଧ୍ୟକ୍ଷତା କରିଥିଲେ। ପ୍ରାର୍ଥନା ସଭାରେ ପ୍ରଫେସର ଗୋପୀନାଥ କର, ଅଧ୍ୟାପକ ଜୀବନ ଦାଶ, ସମାଜସେବୀ ସନାତନ ପାତ୍ର, କାହ୍ନୁ ଚରଣ ବେହେରା, ସୁଧୀର କୁମାର ନାୟକ, ଦୁର୍ଗା ଚରଣ ବେହେରା, ପ୍ରିୟବ୍ରତ ଭୋଳ, ସୁନୀଲ କୁମାର କାଣ୍ତି, ସଦାଶିବ ମହାପାତ୍ର, ଶ୍ରଦ୍ଧାନନ୍ଦ ଦାସ, ସୁରଥ ପାତ୍ର, ଶ୍ରୀଧର ଜେନା, ପ୍ରଫୁଲ୍ଲ କୁମାର କର, ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅଗ୍ରଣୀ ରତ୍ନାକର ଭାଗବତ ଟୁଙ୍ଗୀର ସଭାପତି, ବାସୁଦେବ ସତସଂଘର ସଞ୍ଚାଳକ ତଥା ଗୀତା ଭାଗବତ ପ୍ରଚାରକ ବଂଶୀଧର ଭାରତୀ ଗୋସ୍ୱାମୀଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟର ସଂଯୋଜକ ଡଃ କେଦାରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ବୁଢ଼ୀ ଠାକୁରାଣୀ ମନ୍ଦିରର ରତ୍ନମୁଦ ଉତ୍ସବ

ଚାରିଛକ,୧।୧(ସମିସ): ଚାରିଛକ ନିକଟ ପଥରପଦା ଗ୍ରାମର ଗ୍ରାମଦେବତୀ ମା' ବୁଢ଼ୀ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଆଜି ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହେଉଛି। ପୂଜକ ରାଜୁ ପାଢ଼ୀ ଓ ଲିଟୁ ଦାଶଙ୍କ ଦ୍ୱାରା ଯଥା ବିଧି ପୂଜାର୍ଚ୍ଚନା ସହିତ ହୋମକାର୍ଯ୍ୟ କରାଯାଇଥିଲା। ପୂଜାରେ ମୁଖ୍ୟକର୍ତ୍ତା କର୍ତ୍ତି ଭାବେ ନିରଞ୍ଜନ ଦାଶ ଓ ଉର୍ମିଳା ଦାଶ ଯୋଗ ଦେଇଥିଲେ। ରତ୍ନମୁଦ ନିମନ୍ତେ ଗ୍ରାମର ଲୋକମାନେ ଯଥା ସମ୍ଭବ ଧାନ, ଧନରତ୍ନ ଆଦି ଦାନ କରିଥିଲେ। ରତ୍ନ ମୁଦ ପରେ ମନ୍ଦିରର ଦଧିନଉତି ସ୍ଥାପନ ଓ ବାନା ବନ୍ଧା ଯିବ ବୋଲି ମନ୍ଦିରର ମୁଖ୍ୟ ପୂଜକ ରସାନନ୍ଦ ଦାଶ ଓ ସନାତନ ଦାଶ ପ୍ରକାଶ କରିଛନ୍ତି। ଏହି ଉତ୍ସବରେ ସମସ୍ତ ଗ୍ରାମବାସୀ ତଥା ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ।




# ମଙ୍ଗଳାଙ୍କୁ ଦର୍ଶନ କଲେ ହଜାର ହଜାର ଭକ୍ତ



କାକଟପୁର,୧।୧ (ସମିସ): ଇଂରାଜୀ ନୂଆବର୍ଷର ପହିଲି ଦିବସରେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରରେ ପ୍ରବଳ ଭିଡ଼ ପରିଲିକ୍ଷିତ ହୋଇଥିଲା। ରାତି ୨ଟାରୁ ଦ୍ୱାରଫିଟା ନୀତି ପରେ ମା'ଙ୍କୁ ସ୍ନାନ, ମାର୍ଜନା ଓ ବେଶ କରାଯିବା ପରେ ବଲ୍ଲଭ ଧୂପ ହୋଇଥିଲା। ଭୋର ୪ଟାରେ ସମସ୍ତ ନୀତିକାନ୍ତି ଶେଷ କରାଯିବା ପରେ ସର୍ବସାଧାରଣ ଦର୍ଶନ ପାଇଁ ପହୁଡ଼ ଖୋଲିଥିଲା। ପାଳିଆ ସେବକ ଭାବେ ତାପସ ଦୀକ୍ଷିତ ଏବଂ ପୂଜାପଣ୍ଡା ଭାବେ ହେମନ୍ତ ପାଢ଼ୀ ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ସୁରକ୍ଷା କର୍ମୀ ଓ ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।




# ବାବା ବୈଦ୍ୟନାଥଙ୍କ ପୀଠରେ ୧୦୮ ହନୁମାନ ଚାଳିଶା



କଣାସ,୧।୧(ସମିସ): କଣାସ ବ୍ଲକ୍ ବଡ଼ାସ ଗ୍ରାମପଞ୍ଚାୟତ ବଡ଼ାସ ଗ୍ରାମର ଆରାଧ୍ୟ ଠାକୁର ବାବା ବୈଦ୍ୟନାଥ ଦେବଙ୍କ ପୀଠରେ ସବୁ ବର୍ଷ ଭଳି ଆଜି ୧୦୮ ହନୁମାନ ଚାଳିଶା ପାଠ କରାଯାଇଛି। ଏହି କାର୍ଯ୍ୟକ୍ରମରେ କଣାସ ବଡ଼ମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜ, କଣାସ ସାନମଠ ମହନ୍ତ ବିଶ୍ୱମ୍ଭର ଦାସ ମହାରାଜ, ଚମ୍ପାଧର ମଠ ମହନ୍ତ ପର୍ଶୁରାମ ଦାସ ମହାରାଜ, ବାଦଲପୁର ମଠ ମହନ୍ତ ସନତାନ ଦାସ ମହାରାଜ, ଗଡ଼ ବଡ଼ବଳଭଦ୍ରପୁର ମଠ ମହନ୍ତ ଜଗବନ୍ଧୁ ଦାସ ମହାରାଜ, ନାନକେରା ମଠ ମହନ୍ତ ବ୍ରଜବନ୍ଧୁ ଦାସ ମହାରାଜ ପ୍ରମୁଖ ଯୋଗ ଦେଇଥିଲେ। ପଣ୍ଡିତ ନାରାୟଣ ଦାସ ରାମ କଥା ଶୁଣାଇଥିଲେ। ଗ୍ରାମ୍ୟ କମିଟି କର୍ମକର୍ତ୍ତାମାନେ ଏହି ହନୁମାନ ଚାଳିଶାରେ ଯୋଗ ଦେଇଥିଲେ। ବୈଦ୍ୟନାଥ ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ଓ ଜାମିନୀକାନ୍ତ ପାଢ଼ୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଆଧ୍ୟାତ୍ମିକ ପରିବେଶରେ ନବବର୍ଷ ପାଳିତ

କୃଷ୍ଣପ୍ରସାଦ,୧।୧(ସମିସ): ଗୁରୁବାର କୃଷ୍ଣପ୍ରସାଦ ଅଞ୍ଚଳବାସୀ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ନବବର୍ଷ ପାଳନ କରିଛନ୍ତି। ନୂତନ ବର୍ଷରେ ଆମିଷାଦି ତାମସିକ ଖାଦ୍ୟ ବର୍ଜନ କରି ଦୁଆର ମୁହଁରେ ଶୁଭ କଳସ ସ୍ଥାପନ କରିଥିଲେ। କୃଷ୍ଣପ୍ରସାଦ ଗଡ଼ ଦଳବେହେରା ସାହିସ୍ଥିତ ଶ୍ରୀଗାଦିଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ମାର୍ଫତଦାର ପ୍ରଦୀପ କୁମାର ଜେନା, କର୍ତ୍ତା ସଞ୍ଜୀୟ କୁମାର ଜେନା, ପାଣ୍ଡବ ଦଣ୍ଡସେଣା, ମଙ୍ଗୁଳି ଚରଣ ସ୍ୱାଇଁ, ଗ୍ରାମ୍ୟ କମିଟି ସଭାପତି ରାଜ କିଶୋର ଦଣ୍ଡସେଣାଙ୍କ ନେତୃତ୍ୱରେ ଅଷ୍ଟପ୍ରହରୀ ନାମ ଯଜ୍ଞ ଆୟୋଜନ କରାଯାଇଥିଲା। ଏଥିରେ କାଣ୍ଡେଶ୍ୱର, ପଥରଗଞ୍ଜ ମହିଳା ସଂକୀର୍ତ୍ତନ ମଣ୍ଡଳୀ, ବାବା ନୀଳକଣ୍ଠେଶ୍ୱର ଦେବ ସଂକୀର୍ତ୍ତନ ମଣ୍ଡଳୀ ସମେତ ସ୍ଥାନୀୟ ଦଳ ଯୋଗଦେଇ ନାମ ପରିବେଷଣ କରିଥିଲେ। ଗାଦିଶ୍ୱର ଦେବଙ୍କ ମୁଖ୍ୟ ପୂଜକ ବିରଞ୍ଚି ନାରାୟଣ କେଶରୀଙ୍କ ଦ୍ୱାରା ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରତ୍ୟୁଷରୁ ଶ୍ରଦ୍ଧାଳୁଙ୍କ ଭିଡ଼ ସନ୍ଧ୍ୟା ପର୍ଯ୍ୟନ୍ତ ଲାଗି ରହିଥିଲା। ଶ୍ରଦ୍ଧାଳୁଙ୍କୁ ଆପ୍ୟାୟିତ କରିବା ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ କାଳିଜାଇ ସଂକୀର୍ତ୍ତନ ମଣ୍ଡଳୀର ମାଷ୍ଟର ଅଜୟ କୁମାର ଜେନା, ବାଦ୍ୟକାର ଶ୍ରୀକାନ୍ତ କୁମାର ସ୍ୱାଇଁ, ବ୍ରଜ କିଶୋର ଦଣ୍ଡସେଣା, ଶତ୍ରୁଘନ ସ୍ୱାଇଁ, ପୂର୍ଣ୍ଣ ଚନ୍ଦ୍ର ସାମଲ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ସାନଅଁଳ, ତିଛିଣି, ଖଟିଆକୁଦୀ, ଇପିଙ୍ଗ ବାଉରୀପଲି, ସିଆଳ, ମାଲୁଦ, ବଜ୍ରକୋଟ, ରାମଲେଙ୍କା, ସିପିଆ, ନୂଆପଡ଼ା, ଜହ୍ନିକୁଦା ଆଦି ଗ୍ରାମମାନଙ୍କରେ ଭୋର ସମୟରୁ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ନାମ ସଂକୀର୍ତ୍ତନ ଚାଲିଥିଲା।

## ଅଳଗୁମ ରୁଦ୍ରାଭିଷେକ ପରିଷଦର ସମୀକ୍ଷା ବୈଠକ


ସାକ୍ଷୀଗୋପାଳ,୧।୧(ସମିସ): ସତ୍ୟବାଦୀ ବ୍ଲକ୍ ଅଳଗୁମସ୍ଥିତ ଶ୍ରୀଶ୍ରୀ ଗତିଶ୍ୱର ଦେବ ମନ୍ଦିର ପ୍ରାଙ୍ଗଣରେ ଥିବା ମା' ଜାଗେଶ୍ୱରୀଙ୍କ ମନ୍ଦିର ବେଢ଼ାରେ କାର୍ତ୍ତିକମେଳା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରୁଦ୍ରାଭିଷେକ ପରିଷଦ ପକ୍ଷରୁ ଆୟୋଜିତ ଏହି ବୈଠକରେ ବନମାଳୀ ପ୍ରଧାନ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ଗତ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ କାର୍ତ୍ତିକ ମେଳାର ଆୟବ୍ୟୟ ସମୀକ୍ଷା କରାଯାଇଥିଲା। ବୈଠକରେ ରୁଦ୍ରାଭିଷେକ ପରିଷଦର ସମ୍ପାଦକ ଉପେନ୍ଦ୍ର ପଣ୍ଡା, ସତ୍ୟବାଦୀ ଆଇଆଇସି ବିଜୟ କେତନ ବେହେରା, ପ୍ରଶାନ୍ତ ବିଶ୍ୱାଳ, ସୁକାନ୍ତ ଜେନା, ପଞ୍ଚାନନ ବିଶ୍ୱାଳ, ରବୀନ୍ଦ୍ର ସାହୁ, ସଚିକାନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ।




# ନୂଆବର୍ଷରେ କାଳିଜାଈଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

କୃଷ୍ଣପ୍ରସାଦ,୧।୧(ସମିସ): ନବବର୍ଷର ପ୍ରଥମ ଦିବସରେ ଚିଲିକାର ଅଧିଷ୍ଠାତ୍ରୀ ତଥା ପାରିକୁଦର ଇଷ୍ଟଦେବୀ ମା' କାଳୀଜାଇଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଚିଲିକାରେ ଧାଡ଼ିଧାଡ଼ି ହୋଇ ଡଙ୍ଗାରେ ଲୋକେ ଏହି ପୀଠକୁ ଯାଉଥିବା ଦୃଶ୍ୟ ବେଶ୍ ମନୋରମ ଥିଲା। ପ୍ରତ୍ୟୁଷରୁ ମା'ଙ୍କ ପୂଜକ ଧର୍ମେନ୍ଦ୍ର କୁମାର ପଣ୍ଡା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଶ୍ରଦ୍ଧାଳୁମାନେ ଧାଡ଼ିରେ ଆସି ମା'ଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ହରିବୋଲ ହୁଳହୁଳି ଶବ୍ଦରେ କାଳିଜାଇ ପୀଠ ଉଛୁଳି ଉଠିଥିଲା। ଭିଡ଼ ନିୟନ୍ତ୍ରଣ ଓ ମା'ଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ କୃଷ୍ଣପ୍ରସାଦ ଥାନା ପୁଲିସ ଉପଖଣ୍ଡ ଅଧିକାରୀ ଭାବଗ୍ରାହୀ ରାଉତଙ୍କ ତତ୍ତ୍ୱାବଧାନରେ ସବ୍‌ଇନ୍ସପେକ୍ଟର ସୁଜିତ କୁମାର ସାହୁଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ପ୍ରଶାନ୍ତ କୁମାର ଜେନା, କବିରାଜ ପାତ୍ର, ପାରିକୁଦ ରାଜାଙ୍କ ପାଇକ ଶରତ ଚନ୍ଦ୍ର ପଲେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟପକ୍ଷରେ ପ୍ରସିଦ୍ଧ ମକରମେଳା ମହୋତ୍ସବ ନିମନ୍ତେ ଏଠାରେ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଜାନୁୟାରୀ ୧୪ରେ ମା' ଙ୍କ ପୀଠରେ ମକର ମେଳା ମହୋତ୍ସବ ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ସେହିଭଳି କୃଷ୍ଣପ୍ରସାଦ ବ୍ଲକର ପର୍ଯ୍ୟଟନସ୍ଥଳୀ ସାତପଡ଼ା, ରାଜହଂସ, ମୁହାଣ ମୁହଁ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଗୁପ୍ତଲୀଳା କ୍ଷେତ୍ର ସାଗର ଶ୍ରୀକ୍ଷେତ୍ର ଚକାନାସୀ, ଶ୍ରୀକମଳେଶ୍ୱର ଦେବ, ଶ୍ରୀ ନୀଳକଣ୍ଠେଶ୍ୱର, ତ୍ରିଲୋଚନେଶ୍ୱର, ଭାବକୁଣ୍ଡଳେଶ୍ୱର, ବାବା ଚଉବର, ତ୍ରୟମ୍ବକେଶ୍ୱର, ଜଗତେଶ୍ୱରଙ୍କ ପୀଠରେ ମଧ୍ୟ ପ୍ରବଳ ଜନସମାଗମ ହୋଇଥିଲା।





## ରନ୍ଧାମଦ ଓ ମହୁଲ ପୋଚ ଜବତ; ଜଣେ ଗିରଫ



ଆନନ୍ଦପୁର, ୧।୧ (ସମିସ): କେନ୍ଦୁଝର ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଆନନ୍ଦପୁର ଅବକାରୀ ରେଞ୍ଜ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡିହି ଅବକାରୀ ଥାନା ଷ୍ଟାଫଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ସୋସୋ ଥାନା ଅନ୍ତର୍ଗତ ସଢା, ଅନ୍ଧାରି, ହାଟଡିହି, ଅଞ୍ଚଳରେ ଚଢ଼ଉ କରି ୨୬୨ ଲିଟର ଦେଶୀ ରନ୍ଧାମଦ ଓ ୩୫୦୦ ଲିଟର ମହୁଲ ପୋଚ ଜବତ କରିବା ସହ ଉକ୍ତ ଗ୍ରାମର ସୂର୍ଯ୍ୟମଣି ମୁର୍ମୁଙ୍କୁ ଗିରଫ କରିଛନ୍ତି। ଜବତ ଦେଶୀ ରନ୍ଧା ମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ହାଟଡିହି ଅବକାରୀ ଥାନା ଉପନିରୀକ୍ଷକ ସୁଶାନ୍ତ ରାଉତ, କନେଷ୍ଟବଳ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ସାମିଲ ଥିଲେ। ଏନେଇ ହାଟଡିହି ଅବକାରୀ ଥାନା ପକ୍ଷରୁ ୨ଟି ମାମଲା ରୁଜୁ କରାଯାଇଛି।

## ପଞ୍ଚୁଗୋଛିଆରେ ଧାନମଣ୍ଡିର ଶୁଭାରମ୍ଭ



ଆନନ୍ଦପୁର, ୧।୧ (ସମିସ): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ପଞ୍ଚୁଗୋଛିଆ ସମବାୟ ସମିତି ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ସମ୍ପାଦକ ରାମଚନ୍ଦ୍ର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ବଞ୍ଚୋ ପଞ୍ଚାୟତର ସରପଞ୍ଚ ପ୍ରଶାନ୍ତ ରାଉତ, ସମିତିର ସଭାପତି ନାରାୟଣ ରାଉତ, ଉପସଭାପତି ଚିତ୍ରଲେଖା ବରାଳ ପ୍ରମୁଖ ଯୋଗ ଦେଇଥିଲେ। ଏଫଏକ୍ୟୁ ମାନର ଧାନ ଦେଇ ଉଚିତ ମୂଲ୍ୟ ପାଇବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। କମିଟି ସଦସ୍ୟ ଦତ୍ତାତ୍ରୟ ରାୟ ସର୍ଦ୍ଦାର, ପ୍ରମୋଦ କୁମାର ରାଉତ, ଶଶିକାନ୍ତ ପଣ୍ଡା, ମାର୍କଣ୍ଡ ଚରଣ ନାୟକ, ବିଦ୍ୟାଧର ରାଉତ, ବିଚିତ୍ରାନନ୍ଦ ବରାଳ, ବାସନ୍ତୀ ରାଉତ, ଭରତ ପାତ୍ର, ରମେଶ ବିଶ୍ୱାଳ ଓ କୋଦଣ୍ଡଧର ସେଠୀଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ। ସମବାୟ ସମିତିର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

## ହାଟଡ଼ିହୀ କଲେଜର ସପ୍ତାହବ୍ୟାପୀ ସଚେତନତା କାର୍ଯ୍ୟକ୍ରମ



ହାଟଡ଼ିହୀ,୧।୧(ସମିସ): ହାଟଡ଼ିହୀ ଆଞ୍ଚଳିକ ମହାବିଦ୍ୟାଳୟ ପକ୍ଷରୁ ନାରୀଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଅଧିକାରୀ ଅଜୟ କୁମାର ଦାଶଙ୍କ ସଂଯୋଜନାରେ ୫୦ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ପଦାଡ଼ୋ ପଞ୍ଚାୟତ ଅଧୀନ ପୋଡ଼ାସିଙ୍ଗିଡି ଗ୍ରାମରେ ଚାଲିଥିବା ୭ଦିନିଆ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଉଦଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ହାଟଡ଼ିହୀ ବିଡ଼ିଓ ରଞ୍ଜନ କୁମାର ପରିଡ଼ା ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ଓ ଜାତୀୟ ସେବା ଯୋଜନାର ଉପଦେଷ୍ଟାମଣ୍ଡଳୀର ସଦସ୍ୟ ସୁଶାନ୍ତ କୁମାର ଜେନା ଓ ମିନତୀ ଧଳ ମହାପାତ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ୭ଦିନ ଧରି ଚାଲିଥିଲା ବେଳେ ପ୍ରତ୍ୟେକ ଦିନ ଭିନ୍ନ ଭିନ୍ନ ବିଷୟରେ ସ୍ୱେଚ୍ଛାସେବୀମାନେ ସେହି ଅଞ୍ଚଳବାସୀଙ୍କୁ ସଚେତନ କରିଥିଲେ। ପ୍ରଥମ ଦିନରେ ବୃକ୍ଷରୋପଣ ଓ ବିଦ୍ୟାଳୟ ପରିସର ସଫେଇ, ୨ୟ ଦିନରେ ଜଳ ସଂରକ୍ଷଣ ଓ ଜଳ ପ୍ରଦୂଷଣ ଉପରେ ସଚେତନତା, ୩ୟ ଦିନରେ ଅନ୍ଧବିଶ୍ୱାସ ଦୂରୀକରଣ ଉପରେ ସଚେତନତା ଓ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। ଚତୁର୍ଥ ଦିନରେ ନାରୀଶିକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇ ସଚେତନତା ଓ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। ତା'ସହିତ ଐତିହାସିକ ପର୍ଯ୍ୟଟନସ୍ଥଳୀ ରାମଚଣ୍ଡୀ ପରିସର ସଫାସୁତୁରା କରାଯାଇ ପ୍ଲାଷ୍ଟିକମୁକ୍ତ ଅଭିଯାନ ଉପରେ ପର୍ଯ୍ୟଟକଙ୍କୁ ସଚେତନ କରାଯାଇଥିଲା। ପଞ୍ଚମ ଦିନରେ ସ୍ୱଚ୍ଛତା ସମ୍ବନ୍ଧରେ ସଚେତନତା ଓ ପରିବେଶ ପ୍ରଦୂଷଣ ଉପରେ ଏକ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା ବେଳେ ୬ଷ୍ଠ ଦିନରେ ବସ୍ତ୍ର ବଣ୍ଟନ ସହିତ ନିଆଁ ଲିଭାଇବା ଓ ନିଆଁକୁ ଆୟତ୍ତ କରିବାର କୌଶଳ ସମ୍ବନ୍ଧରେ ହାଟଡ଼ିହୀ ଦମକଳ ବାହିନୀ ଦ୍ୱାରା ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ସପ୍ତମ ତଥା ଶେଷ ଦିନରେ ବାଳାଶ୍ରମ ସଫେଇ ସହ ସେଠାରେ ଥିବା ଅନ୍ତେବାସୀଙ୍କୁ ଖାତା, କଲମ ଓ ବିସ୍କୁଟ ପ୍ରଦାନ କରାଯାଇଥିଲା। ତା'ସହିତ ନିଶା ନିବାରଣ ଉପରେ ସଚେତନତା ଶୋଭାଯାତ୍ରା ସହିତ ଏକ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା।

### କାହା ନିୟନ୍ତ୍ରଣରେ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ?

# କାର୍ଯ୍ୟରେ ନାହିଁ ସୂଚନାଫଳକ, ଶ୍ରମିକ ଅସୁରକ୍ଷିତ

ଆନନ୍ଦପୁର, ୧।୧ (ସମିସ)



ନିର୍ମାଣାଧୀନ ଥିବା ଆନନ୍ଦପୁର କେନ୍ଦ୍ରୀୟ ବିଦ୍ୟାଳୟର କୋଠା କାର୍ଯ୍ୟକୁ ନେଇ ବୁଦ୍ଧିଜୀବୀ ମହଲରେ ଚିନ୍ତା ପ୍ରକାଶ ପାଇଛି। ଏହି ସ୍କୁଲ ନିର୍ମାଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଅନୁଦାନ ଯୋଗାଇ ଦିଆଯାଉଥିଲା ବେଳେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟର କୌଣସି ସୂଚନା ଫଳକ ଲଗାଯାଇ ନାହିଁ। ଉକ୍ତ ସେଣ୍ଟ୍ରାଲ ସ୍କୁଲ ନିର୍ମାଣ କାର୍ଯ୍ୟ ୫୦ ପ୍ରତିଶତ ଶେଷ ହେବାକୁ ବସିଥିବା ବେଳେ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ପ୍ରତିଟି ସରକାରୀ କାର୍ଯ୍ୟରେ ସୂଚନାଫଳକ ଲଗାଯାଇଥିବା ବେଳେ ଏହି ସେଣ୍ଟ୍ରାଲ ସ୍କୁଲ ନିର୍ମାଣ କାର୍ଯ୍ୟ ବିନା ଫଳକରେ ହେଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଆନନ୍ଦପୁର ସେଣ୍ଟ୍ରାଲ ସ୍କୁଲ ନିର୍ମାଣର ବିଭିନ୍ନ କାର୍ଯ୍ୟରେ ଅନିୟମିତତା ପ୍ରତି କେହି ସ୍ୱର ନ ଉଠାଉଥିବାରୁ ଠିକାଦାର ମାନମାନି ବଢ଼ିବାରେ ଲାଗିଛି। ବିଭିନ୍ନ ସମୟରେ ଶ୍ରମିକଙ୍କ ସୁରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ଏହି ସେଣ୍ଟ୍ରାଲ ସ୍କୁଲ ନିର୍ମାଣରେ ନିୟୋଜିତ ହୋଇଥିବା ଶ୍ରମିକମାନେ ତିନି ମହଲା ଉପରେ ବିନା ସୁରକ୍ଷାରେ କାର୍ଯ୍ୟ କରୁଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। ଯଦି ଦିନ ମଜୁରିଆ ଶ୍ରମିକ ଟିର କିଛି ଦୁର୍ଘଟଣା ଘଟେ, ସେଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ ଉଠିଛି। ସବୁଠୁ ବଡ଼ କଥା ହେଉଛି, ଏହି ସେଣ୍ଟ୍ରାଲ ସ୍କୁଲ ନିର୍ମାଣରେ ୮୦ ଜଣରୁ ଊର୍ଦ୍ଧ୍ୱ ଶ୍ରମିକ ନିୟୋଜିତ ଥିବା ବେଳେ ସର୍ବାଧିକ ବାହାର ରାଜ୍ୟର ବୋଲି ଜଣାପଡ଼ିଛି। ସେଥିମଧ୍ୟରୁ ଅନେକ ନାବାଳକ ଥିବା ନେଇ ଅଭିଯୋଗ ହୋଇଛି। ତେବେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ହେଉଥିବା ଏହି ସେଣ୍ଟ୍ରାଲ ସ୍କୁଲ ନିର୍ମାଣ କାର୍ଯ୍ୟ ରେ ଯନ୍ତ୍ରୀ ଓ ଠିକାଦାରଙ୍କ ଅନୁପସ୍ଥିତିକୁ ନେଇ ସବୁଠୁ ବଡ଼ ପ୍ରଶ୍ନ ଉଠିଛି। ପରିତାପର ବିଷୟ ସାଇଟ୍‌ରେ କାର୍ଯ୍ୟ ତଦାରଖ କରୁଥିବା ସାଇଟ୍ ମ୍ୟାନେଜର ନିଜେ କହୁଛନ୍ତୁ ଠିକାଦାର ଦୁଇ ମାସରେ ଥରେ ଆସନ୍ତି। ଏଥିରୁ ସ୍ପଷ୍ଟ ଭାବରେ ଜଣା ପଡୁଛି, ଯେଉଁଠି ଠିକାଦାର ଏବଂ ଯନ୍ତ୍ରୀଙ୍କ ଅନୁପସ୍ଥିତ ରହିଛି ସେଇଠି କି ପ୍ରକାରର କାମ ହେଉଥିବ। ଏହି ଅଭିଯୋଗ ବିଷୟରେ ସାଇଟ୍ ମ୍ୟାନେଜରଙ୍କୁ ପ୍ରଶ୍ନ କରିବାରୁ ପ୍ରଶ୍ନଠାରୁ ଅନେକ ଦୂରରେ ରହି ଉତ୍ତର ଦେଇ ଖସିଯିବାକୁ ଚେଷ୍ଟା କରୁଛନ୍ତି। ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

### ପିଇଓଙ୍କ ଘରେ ଭିଜିଲାନ୍ସ ଚଢ଼ଉ

## ତିନି ମହଲା କୋଠା, ମାର୍କେଟ କମ୍ପ୍ଲେକ୍ସ, ୬ ପ୍ଲଟ୍



ହାଟଡ଼ିହୀ,୧।୧(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ ପିଇଓ ଜିତେନ୍ଦ୍ର କୁମାର ଜେନାଙ୍କ ଘର ସମେତ ୬ଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ କରିଛି। ରାତି ସୁଦ୍ଧା ତାଙ୍କ ବିପୁଳ ସମ୍ପତ୍ତି ଠାବ ହୋଇଛି। ହାଟଡ଼ିହୀ ବ୍ଲକ୍ ବିରଞ୍ଚିପୁରଠାରେ





୩୩ ଶହ ବର୍ଗଫୁଟର ଗୋଟିଏ ୩ମହଲା କୋଠା, ହାଟଡ଼ିହୀର ବସନ୍ତିଆ ବଜାର ଜଗନ୍ନାଥପୁର ମୌଜାରେ ଥିବା ୫ହଜାର ବର୍ଗଫୁଟର ଗୋଟିଏ ନୂଆ ୨ ମହଲା କୋଠା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ, ବସନ୍ତିଆ ବଜାରସ୍ଥିତ ମା' ସରସ୍ୱତୀ ସେଲ୍ସ ନାମରେ ୨ଟି ଭଡ଼ାସୂତ୍ରରେ ଲାଗିଥିବା ଗୋଦାମ ଘର, ବିଦ୍ୟାଧରପୁରରେ ଥିବା ସରସ୍ୱତୀ ସେଲ୍ ନାମକ ଇଲେକ୍ଟ୍ରୋନିକ୍ସ ଦୋକାନ, ଚଣ୍ଡିଆ ଓ ବିରଞ୍ଚିପୁରରେ ଥିବା ୬ଟି ପ୍ଲଟ୍, ୧ ଶହ ଗ୍ରାମ୍ ପାଖାପାଖି ସୁନା, ଗୋଟିଏ ଚାରିଚକିଆ ଗାଡ଼ି, ୨ଟି ବାଇକ୍, ବ୍ୟାଙ୍କ ଏବଂ ପୋଷ୍ଟାଲ ଡିପୋଜିଟ୍ ରହିଛି। ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକ ଭିଜିଲାନ୍ସ ବିଭାଗର ୪ଜଣ ଡିଏସ୍‌ପି, ୮ଜଣ ଇନ୍ସପେକ୍ଟରଙ୍କ ସମେତ ୪୦ଜଣ କର୍ମଚାରୀ ଏହି ଚଢ଼ଉରେ ସାମିଲ ହୋଇଛନ୍ତି। କେନ୍ଦୁଝର ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତି ଜାରି କରିଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଚଢ଼ଉ କରାଯାଇଛି। ମଙ୍ଗଳବାର ଭୋରରୁ ଚଢ଼ଉ ଆରମ୍ଭ ହୋଇଥିଲା ବେଳେ ଏନେଇ ଯାଞ୍ଚ ଜାରି ରହିଛି। ଜିତେନ୍ଦ୍ର ଦୀର୍ଘବର୍ଷ ହେବ ହାଟଡ଼ିହୀ ବ୍ଲକ୍‌ର ବାଲିବରେଇ, ବଡ଼ରମ୍ପାସ ଓ ଏବେ ବଞ୍ଚୋ ପଞ୍ଚାୟତରେ ପିଇଓ ଭାବେ କାର୍ଯ୍ୟରତ ଅଛନ୍ତି। ମରେଇଗାଁସ୍ଥିତ ନିଜ ଘର, ବସନ୍ତିଆ ମାର୍କେଟ କମ୍ପ୍ଲେକ୍ସ, ପତ୍ନୀଙ୍କ ନାମରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନ, ଜଗନ୍ନାଥପୁରରେ ଥିବା ଦୋକାନ, ଗୋଦାମ ଘର, ବନ୍ତଳାସ୍ଥିତ ପୈତୃକ ଘର, ବଞ୍ଚୋ ସହ ବାଲିବରେଇ ପଞ୍ଚାୟତ କାର୍ଯ୍ୟାଳୟରେ ଚଢ଼ଉ କରାଯାଇଛି। ଗତକାଲି ପିଇଓ ଶ୍ରୀ ଜେନାଙ୍କୁ ଭିଜିଲାନ୍ସ ବିଭାଗ ଭଦ୍ରକ ନେଇଥିବା ବେଳେ ଆସନ୍ତାକାଲି କେନ୍ଦୁଝର କୋର୍ଟରେ ହାଜର କରାଇବ ବୋଲି ସୂଚନା ରହିଛି। ପ୍ରକାଶ ଥାଉକି, ପିଇଓ ଶ୍ରୀ ଜେନା ୧୨/୮/୧୯୯୫ରେ ହଦଗଡ଼ ପଞ୍ଚାୟତରେ ପଞ୍ଚାୟତ ସେକ୍ରେଟାରୀ ଭାବେ ମାସିକ ୨୨ ଶହ ଟଙ୍କା ବେତନରେ ନିଯୁକ୍ତି ପାଇଥିଲେ। ୨୦୦୯ରେ ପଦୋନ୍ନତି ପାଇ ସମଣା, କେ.ବାଲିପାଳ, ଢେଙ୍କାର ପିଇଓ ହୋଇଥିଲେ।

## ଦୁର୍ଘଟଣାରେ ଅଙ୍ଗନବାଡ଼ି କର୍ମୀ ଗୁରୁତର

ହାଟଡ଼ିହୀ,୧।୧(ସମିସ): ହାଟଡ଼ିହୀ ବ୍ଲକ ବିଦ୍ୟାଧରପୁର ଅଙ୍ଗନବାଡ଼ି କର୍ମୀ ବାସନ୍ତୀ ଶତପଥୀ (୫୦) ଏକ ଅଜଣା ବାଇକ୍ ଧକ୍କାରେ ଗୁରୁତର ଆହତ ହୋଇଛନ୍ତି। ଗତ ବୁଧବାର ସେ ହାଟଡ଼ିହୀ ବ୍ଲକ କାର୍ଯ୍ୟାଳୟରୁ ବିଏଲଓ ଟ୍ରେନିଂ ସାରି ଅପରାହ୍ନ ପ୍ରାୟ ସାଢ଼େ ୪ଟା ସମୟରେ ବାଲିବରେଇ ମଧ୍ୟଇଂରାଜୀ ସ୍କୁଲର ଶିକ୍ଷକ କୈଳାସଚନ୍ଦ୍ର ପ୍ରଧାନଙ୍କ ସହ ବାଇକ୍ ଯୋଗେ ଘରକୁ ଫେରିବା ବେଳେ ତେନ୍ତୁଳିନଣ୍ଡା ନିକଟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହିତ ଧକ୍କା ହୋଇଥିଲା। ଶ୍ରୀ ପ୍ରଧାନ ସାମାନ୍ୟ ଆହତ ହୋଇଥିଲା ବେଳେ ଶ୍ରୀମତୀ ଶତପଥୀ ଛିଟିକି ପଡ଼ିବାରୁ ତାଙ୍କ ମୁଣ୍ଡ, ଛାତି, ଅଣ୍ଟା ଆଦି ସ୍ଥାନରେ ଗଭୀର ଆଘାତ ଲାଗିଛି। ବାମଗୋଡ଼ଟି ଭାଙ୍ଗିଯାଇଛି। ସ୍ଥାନୀୟ ଲୋକଙ୍କ ଦ୍ୱାରା ଆହତଦ୍ୱୟଙ୍କୁ ଉଦ୍ଧାର କରାଯାଇଥିଲା। ବାସନ୍ତୀଙ୍କୁ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ମେଡିକାଲ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଙ୍ଗନବାଡ଼ି କର୍ମୀ ସଂଘର ସଭାପତି କନକଲତା ଜେନା, ସମ୍ପାଦକ କନକଲତା ସାମଲ ଓ କୋଷାଧ୍ୟକ୍ଷ ସତ୍ୟଭାମା ଖଟୁଆଙ୍କ ସମେତ ସମସ୍ତ କର୍ମୀ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।



## ନୂଆବର୍ଷରେ ମାଗଣା ଚାହା ବାଣ୍ଟିଲେ

ଚମ୍ପୁଆ, ୧।୧(ସମିସ): ଇଂରାଜୀ ନବବର୍ଷ ୨୦୨୬କୁ ସ୍ୱାଗତ ପାଇଁ କେଉଁଠି ଜିରୋ ନାଇଟ୍ ତ କେଉଁଠି ଭୋଜିଭାତର ଆସର। ଆଉ କିଛି ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରି ନବବର୍ଷର ପ୍ରଥମ ଦିନକୁ ସ୍ୱାଗତ କରିଛନ୍ତି। ମାତ୍ର ଜଣେ ଚାହା ଦୋକାନୀ ଏହି ଦିନଟିକୁ ସର୍ବସାଧାରଣଙ୍କ ନିମନ୍ତେ ଉତ୍ସର୍ଗ କରି ନିଜ ଦୋକାନକୁ ଗୋଟିଏ ଦିନ ପାଇଁ ଦେୟମୁକ୍ତ କରିଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ଚମ୍ପୁଆ ସଦର ମହକୁମାରେ। ଦୀର୍ଘଦିନ ଧରି ଚମ୍ପୁଆ ବସଷ୍ଟାଣ୍ଡ ନିକଟରେ ଚାହା ଦୋକାନ କରି ପରିବାର ପ୍ରତିପୋଷଣ କରିଆସୁଥିବା ବିଡିଓ ନାଏକ ଜଣେ ସାଧାରଣ ମେଳାପି ଓ ମିଷ୍ଟଭାଷୀ ଯୁବକ। ସ୍ୱାଦଯୁକ୍ତ ଚାହା ପାଇଁ ସେ ବେଶ୍ ପରିଚିତ। ଚଳିତ ବର୍ଷ ସେ ତାଙ୍କ ଚାହା ଦୋକାନକୁ ନବବର୍ଷ ଉପଲକ୍ଷେ ଦେୟମୁକ୍ତ କରିବା ସହିତ ପ୍ରାୟ ୧୦୦୦ରୁ ଅଧିକ ଚାହା ବଣ୍ଟନ କରିଛନ୍ତି। ବିଡିଓ ନାଏକଙ୍କ କହିବାନୁସାରେ, ବର୍ଷସାରା ଗ୍ରାହକମାନେ ଚାହା ପିଇ ଆସୁଥିବା ବେଳେ ଆଜି ଦିନଟି ତାଙ୍କୁ ମାଗଣା ଚାହା ପ୍ରଦାନ କରାଯାଇଛି। ଗ୍ରାହାକଙ୍କ ସନ୍ତୁଷ୍ଟି, ମୁହଁରେ ହସ ହିଁ ମୋ ରୋଜଗାର ବୋଲି କହିଛନ୍ତି। ଦୈନିକ ସକାଳ ୬ଟାରୁ ଆରମ୍ଭ କରି ରାତି ୯ ପର୍ଯ୍ୟନ୍ତ ଏହି ଚାହା ଦୋକାନରେ ଚାହା ପିଇବା ପାଇଁ ଗ୍ରାହକଙ୍କ ଭିଡ଼ ଲାଗିଥାଏ।




## ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ



ଆନନ୍ଦପୁର, ୧।୧(ସମିସ): ଉପଖଣ୍ଡ ଅନ୍ତର୍ଗତ ଟୁକୁଣାସ୍ଥିତ ବଳଭଦ୍ର ନାରାୟଣ ସରକାରୀ ସଂସ୍କୃତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ଏକ ଶୀତକାଳୀନ ସ୍ୱତନ୍ତ୍ର ସେବାଶିବିର କାର୍ଯ୍ୟକ୍ରମ ଅଧିକାରୀ ସୁଦର୍ଶନ ସାହୁଙ୍କ ତତ୍ତ୍ୱାବଧାନରେ ପୋଷ୍ୟଗ୍ରାମ ବେଉସାହିଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋରଞ୍ଜନ ପାଢ଼ୀ ଉଦ୍‌ଘାଟନ କରିଥିଲେ। ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜକଙ୍କ ମାର୍ଗଦର୍ଶିକା ଅନୁଯାୟୀ ସାତଦିନଧରି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ୫୦ ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳକରିବା ନିମିତ୍ତ ବରିଷ୍ଠ ଅଧ୍ୟାପକ ଡ ଗୋପୀନାଥ ପଣ୍ଡା, ଡଃ ଭୋଲେଶ୍ୱର ପ୍ରଧାନ, ଯଦୁମଣି ମିଶ୍ର ଓ ପ୍ରାକ୍ତନ ଅଧ୍ୟକ୍ଷା ଡଃ ଇନ୍ଦିରା ଶୁଭଦର୍ଶିନୀ ଦେବବନ୍ଦିତା ଚକ୍ର ସହଯୋଗ କରିଥିଲେ। ଶିବିରାର୍ଥୀ ପଙ୍କଜ ଜେନା, ସୁଦର୍ଶନ ଜେନା, ଶ୍ରୀତମ୍ ଜେନା, ମନ୍ମଥ ମିଶ୍ର, ପ୍ରିତିପ୍ରଭା ଜେନା, ରାଧୁନ ଜେନା, ଅଭିଜିତ ମିଶ୍ର, ଆଲୋକ ଜେନା, ରାଜା ଜେନା, ପୂଜା ଦାସ, ଅଙ୍କିତା ଉପାଧ୍ୟାୟ, ସ୍ୱପ୍ନା ଦାସ, ସୁନୟନା ଶର୍ମା, ସ୍ମୃତିରେଖା ମିଶ୍ର, ସୁଭଦ୍ରା ପାଢୀ, ଲିଜା ଦାସ, ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖ ସହଯୋଗ କରିଥିଲେ।

# ମିରିଗିସିଙ୍ଗା ପିକ୍‌ନିକ୍ ସ୍ପଟ୍‌ରେ ୨୧ ଟିକିଆ ହାତୀପଲ

ଯୋଡ଼ା,୧।୧ (ସମିସ)



### ଛତ୍ରଭଙ୍ଗ ଦେଲେ ବଣଭୋଜି ଦଳ

କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ବୈତରଣୀ ନଦୀକୂଳରେ ଥିବା ମିରିଗିସିଙ୍ଗା ପିକନିକ ସ୍ପଟ ନିକଟରେ ୨୧ ଟିକିଆ ହାତୀପଲ ଚଳପ୍ରଚଳ ନେଇ ଭୟଭୀତ ହୋଇ ଛତ୍ରଭଙ୍ଗ ଦେଲେ ବଣଭୋଜି କରିବା ପାଇଁ ଆସିଥିବା ଲୋକ। ଫସର ଫାଟିଲା ବଣଭୋଜି। ଯଦିଓ ଗୁରୁବାର ଥିବାରୁ ପିକନିକ୍ କରିବା ପାଇଁ ଆସିଥିବା ଲୋକ ସଂଖ୍ୟା କମ ଥିଲା; ତଥାପି ହାତୀ ପାଇଁ ସେଠାରେ ଭୟର ବାତାବରଣ ଦେଖାଦେଇଥିଲା। ପିକନିକ୍ କରିବା ପାଇଁ ଆସିଥିବା ଚନ୍ଦ୍ରସେନ ମହାନ୍ତ, ରାମରାୟ ସୋରେନ କହିଛନ୍ତି ଯେ ହାତୀ ଥିବା ସମ୍ପର୍କିତ ଖବର ନିକଟସ୍ଥ ଦାମପୁର ଗ୍ରାମବାସୀ କହିବା ପରେ ଭୟ ଲାଗିଥିଲା। ସୂର୍ଯ୍ୟାସ୍ତ ହେବା ପୂର୍ବରୁ ଭୋଜି ଖାଇ ସେଠାରୁ ଯଥାଶୀଘ୍ର ଚାଲିଯିବେ ବୋଲି ସେମାନେ କହିଥିଲେ। ସେହିପରି ବାଇକରେ ଆସିଥିବା କିଛି ଯୁବଗୋଷ୍ଠୀ ସେଠାରୁ ହାତୀ ଆସିଥିବା ଖବର ଶୁଣି ଭୟରେ ଜିନିଷ ପତ୍ର ଧରି ବଣଭୋଜି ନ କରି ସେଠାରୁ ଚାଲିଯାଇଥିଲେ। ଏନେଇ ବନ ବିଭାଗ ପକ୍ଷରୁ ବିଲେଇପଦା ଫରେଷ୍ଟର ମୋହିନୀ ମହାନ୍ତ କହିଛନ୍ତି ଯେ ଗୋଟିଏ ହାତୀ ଦାମପୁରରେ ଥିବା ବେଳେ ଚମ୍ପୁଆ ରେଞ୍ଜର ମିରିଗିସିଙ୍ଗା ବୈତରଣୀ ନଦୀର ଅପରପାର୍ଶ୍ୱରେ ୨୦ଟି ହାତୀ ଅଛନ୍ତି। ଗଜସାଥୀ ଓ ବନ କର୍ମଚାରୀମାନେ ହାତୀର ଗତିବିଧି ଉପରେ ଦୃଷ୍ଟି ରଖିଛନ୍ତି। ତେଣେ ବନପାଳ ମୋହିନୀ ମହାନ୍ତ କହିଛନ୍ତି ଯେ ଡ଼ାକବାଜି ଯନ୍ତ୍ର ଜରିଆରେ ସ୍ଥାନୀୟ ଅଞ୍ଚଳରେ ଓ ମିରିଗିସିଙ୍ଗା ପିକନିକ୍ ସ୍ପଟରେ ହାତୀ ଉପସ୍ଥିତିକୁ ନେଇ ସୁରକ୍ଷିତ ଓ ସତର୍କ ରହିବାକୁ ସୂଚନା ଦିଆଯାଉଛି।

## ଗୋଠଛଡ଼ା ଦନ୍ତାର ଆତଙ୍କରାଜ୍; ବନ ବିଭାଗ ନାକେଦମ୍



ବାଲିବନ୍ଧ, ୧।୧(ସମିସ): ଚମ୍ପୁଆ ରେଞ୍ଜ ବାଲିବନ୍ଧ ଫରେଷ୍ଟ ସେକ୍ସନ ଅଞ୍ଚଳରେ ୫ ଦିନ ହେବ ଗୋଠଛଡ଼ା ଦନ୍ତା ଆତଙ୍କରାଜ ଚଳାଇଛି। ଦିନରାତି କୋଉଠି କେତେବେଳେ କାହା ଘର ଭାଙ୍ଗି ଧାନ, ଚାଉଳ ଖାଇଯାଉଛି ତ କେତେବେଳେ କୋଉ ଚାଷୀର ପନିପରିବା ଖାଇ ପାଦରେ ଦଳିମକଚି ନଷ୍ଟ କରୁଛି। ଫଳରେ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଛି। ଦନ୍ତାର ଗତିବିଧି ଲକ୍ଷ୍ୟ ରଖିବାରେ ବନ ବିଭାଗ ନାକେଦମ ହେଲେଣି। ବାଲିବନ୍ଧ ଫରେଷ୍ଟ ସେକ୍ସନ ବାଲିବନ୍ଧ, ଦଲମାପଶି, କୁଲଡ଼ିହି, ରଜାବସା, ଅର୍ଶଲା, ଅଶୁକୀ, ମାଟିଆଳସାହି, ସେରେଙ୍ଗ ସାହି, ବାରଖଣ୍ଡିଆ, ଖାଲିକୁଣ୍ଡ, କୁମନାନାଳି ଏବଂ ସଦର ରେଞ୍ଜର ପଳାଶପଙ୍ଗା ଫରେଷ୍ଟ ସେକ୍ସନ ରାଇକଳା, କରଞ୍ଜିଆପଡା, ଧୁଳିଆବେଡ଼ା ଆଦି ଅଞ୍ଚଳରେ ଗୋଠଛଡ଼ା ଦନ୍ତା ଆତଙ୍କ ଜାରି ରଖିଛି। ଅଞ୍ଚଳବାସୀ ଛୁଆପିଲା ଧରି ଥଣ୍ଡାକାକରରେ ଆତଙ୍କିତ ଅବସ୍ଥାରେ ରାତି ରାତି ଅନିଦ୍ରା ହୋଇ ରହୁଥିବା ଅଭିଯୋଗ କରିଛନ୍ତି। ବନ ବିଭାଗର ଦାୟିତ୍ୱହୀନତା ପାଇଁ ଗୋଠଛଡ଼ା ଦନ୍ତା ହାତୀପଲରେ ମିଶି ପାରୁ ନଥିବା ଅଭିଯୋଗ ହେଉଛି। ଫଳରେ ସେ ଏହି ଅଞ୍ଚଳର ଗ୍ରାମ୍ୟ ଜଙ୍ଗଲ, ସଂରକ୍ଷିତ ଜଙ୍ଗଲରେ ଘୂରିବୁଲି ଆତଙ୍କ ଚଳାଇଛି। ବୁଧବାର ରାତି ଝୁମ୍ପୁରା ବ୍ଲକ ନିକଟ ଆମ୍ବ ବାଗାନ ଭିତରେ ପଶି କିଛି ସମୟ ଆତଙ୍କ ଚଳାଇଥିଲା। ଗୁରବାର ବାଲିବନ୍ଧ ନିକଟସ୍ଥ ଶିରିଆବାହଳ ଜଙ୍ଗଲରେ ବିଶ୍ରାମ ନେଇଥିବା ଜଣାପଡିଛି। ଏନେଇ ବାଲିବନ୍ଧ ଫରେଷ୍ଟର ରାଜେନ୍ଦ୍ର କୁମାର ଜେନା କହିଛନ୍ତି ଯେ ଯେହେତୁ ଏକୁଟିଆ ହୋଇ ରହୁଛି ତାର ଗତିବିଧି ଲକ୍ଷ୍ୟ ରଖିବା ବହୁ କଷ୍ଟ ହେଉଛି। ଏହାସତ୍ତ୍ୱେ ଦନ୍ତାର ଗତିବିଧି ଲକ୍ଷ୍ୟ ରଖି ହାତୀପଲ ସହ ମିଶାଇବା ପାଇଁ ବହୁ ଚେଷ୍ଟା ପରେ ମଧ ସେ ହାତୀପଲ ସହିତ ମିଶୁ ନାହିଁ।

# ରାତିରେ ନାଚ-ଗୀତ; ସକାଳେ ଦିଅଁ ଦର୍ଶନ



- ଜମିଲା ଜିରୋ ନାଇଟ୍, ଝୁମିଲେ ଯୁବଗୋଷ୍ଠୀ
- ଦୁଇଦିନ ଧରି ଉତ୍ସବ ପାଳନରେ ମସ୍‌ଗୁଲ ବାରିପଦା ସହର

ବାରିପଦା/ରାଇରଙ୍ଗପୁର, ୧୧(ସମିସ): ୨୦୨୫କୁ ବିଦାୟ ଦେଇ ୨୦୨୬ ପ୍ରଥମ ଦିନ ଅତିବାହିତ ହୋଇଛି। ବିଦାୟୀ ବର୍ଷର ଶେଷ ଓ ନୂଆବର୍ଷର ପ୍ରାରମ୍ଭ ଦିବସରେ ବାରିପଦାରେ ଦେଖିବାକୁ ମିଳିଛି ଉତ୍ସବର ମାହୋଲ। ବୁଧବାର ରାତିରେ ଜିରୋ ନାଇଟ୍ ସେଲିବ୍ରେସନ ହୋଇଥିବାବେଳେ ଗୁରୁବାର ସକାଳେ ଦିଅଁ ଦର୍ଶନ ପାଇଁ ରାଇରଙ୍ଗପୁର ସହରରେ ମନ୍ଦିରରେ ଭିଡ଼ ପରିଲକ୍ଷିତ ହୋଇଛି। ନବବର୍ଷ ପ୍ରଥମ ଦିନରେ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁମାନେ ଭଗବାନଙ୍କ ଦର୍ଶନ କରି ଆଶିଷ ଲାଭ କରିଛନ୍ତି।

ରାତିରେ ଜିରୋ ନାଇଟ୍ ପାଇଁ ମଣ୍ଡପ, ରେଷ୍ଟୋରାଁ ଓ ହୋଟେଲରେ ପାଳନ କରି ନବବର୍ଷକୁ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ ବୁଧବାର ସନ୍ଧ୍ୟାରୁ ନୂଆ ବର୍ଷର କାଉଣ୍ଟଡାଉନ୍ ସହିତ ବାରିପଦା ସହର ଦୁଲୁକିଛି। ବିଭିନ୍ନ ହୋଟେଲ ଓ ଅନୁଷ୍ଠାନ, ଯୁବକ ସଂଘରେ ରଙ୍ଗବେରଙ୍ଗର ଲାଇଟ୍‌ର ସାଜସଜ୍ଜା ସହିତ ଖାଦ୍ୟପେୟର ମଧ ବ୍ୟବସ୍ଥା କରାଯାଇଥିଲା। ଆଉ ଡିଜେର ତାଳେ ତାଳେ ଯୁବଗୋଷ୍ଠୀ ଝୁମି ଉଠିଥିଲେ। ରକ୍‌ଷ୍ଟାରଙ୍କ ଗୀତ, ଡିଜେ ଓ ରଙ୍ଗୀନ ଆଲୋକ ମଧ୍ୟରେ ସମସ୍ତେ ମତୁଆଲା ହୋଇଯାଇଥିଲେ। ଅନେକ ଉତ୍କଣ୍ଠା ମଧ୍ୟରେ ନବବର୍ଷକୁ ସ୍ୱାଗତ ଜଣାଇବାକୁ ରାତି ୧୨କୁ ଅପେକ୍ଷା କରି ରହିଥିଲେ। ବାରିପଦା ସହରରେ ଜିରୋ ନାଇଟ୍ ସେଲିବ୍ରେଶନକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସଙ୍ଗୀତ ତାରକାମାନେ ଉପସ୍ଥିତ ଥିଲେ। ଭଳି କି ଭଳି ଖାଦ୍ୟପେୟ ସହ ବାଣ ଫୁଟାଇ ମନୋରଞ୍ଜନର ସହିତ ନବବର୍ଷକୁ ସ୍ୱାଗତ କରିଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁଲିସ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା। ରାତିତମାମ୍ ନାଇଟ୍ ପାଟ୍ରୋଲିଂ ସମେତ ଜିରୋ ନାଇଟ୍‌ରେ ମଦପିଇ ଉତ୍ପାତଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିଲା। ସହରର ସ୍ଥାନେ ସ୍ଥାନେ ପୁଲିସ ମୁତୟନ କରାଯାଇଥିଲା। ମଦ୍ୟପ ଓ ଦୁର୍ବୃତ୍ତମାନଙ୍କ ଉପଦ୍ରବକୁ ରୋକିବା ପାଇଁ ମଦୁଆ ଧରପଗଡ଼ ଗାଡ଼ି ମଧ ବୁଲିଥିଲା। ଜିରୋ ନାଇଟ୍‌କୁ ସୁରୁଖୁରୁରେ ପାଳନ କରିବା ପାଇଁ ପୁଲିସ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇଥିଲେ।

## ନବବର୍ଷରେ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

ନବବର୍ଷ ପାଇଁ ବାରିପଦା ସହରର ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଛି। ସକାଳୁ ଦିଅଁ ଦର୍ଶନ ପାଇଁ ବାରିପଦା ସହରର ଶ୍ରୀଜଗନ୍ନାଥ ମନ୍ଦିର, ସାନ ଜଗନ୍ନାଥ ମନ୍ଦିର, ଅମ୍ବିକା ମନ୍ଦିର, ରାଧାମୋହନ ମନ୍ଦିର, ଜ୍ୱାଳାମୁଖୀ ମନ୍ଦିର, ବାରୁଣେଶ୍ୱର ମନ୍ଦିର, ଲାଲବଜାର ଓ ପାଲବଣି ତାରିଣୀ ମନ୍ଦିର, ଶନିମନ୍ଦିର, ସାଇ ମନ୍ଦିର ଆଦିରେ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଥିଲା। ରାଇରଙ୍ଗପୁର ସହର ଅଁଳାଡୁବାସ୍ଥିତ ମଠରେ ଶ୍ରୀରଘୁନାଥଜୀଉ ଓ କପିଳେଶ୍ୱର ବାବା ମନ୍ଦିର, ଗଡ଼ସ୍ଥିତ ଐଶ୍ୱନେଶ୍ୱର ମହାଦେବ ମନ୍ଦିର, ମୁର୍ମୁ ଛକସ୍ଥିତ ପୁରନେଶ୍ୱର ମହାଦେବ ମନ୍ଦିର, କୁଚେଇବୁଡ଼ିସ୍ଥିତ ଲକ୍ଷ୍ମୀ ମନ୍ଦିର, ରାଇରଙ୍ଗପୁର ବାଳିକା ଉଚ୍ଚ ବିଦ୍ୟାଳୟ ଓ ରେଳବାଇ ଫାଟକ ନିକଟସ୍ଥ ଶନିଦେବ ମନ୍ଦିର ଏବଂ ଜଗନ୍ନାଥ ମନ୍ଦିର ଆଦିରେ ଶ୍ରଦ୍ଧାଳୁମାନଙ୍କ ସମାଗମ ଦେଖିବାକୁ ମିଳିଥିଲା। ବର୍ଷର ପ୍ରଥମ ଦିନରେ ଠାକୁର ଦର୍ଶନ କରି ଆଶିଷ ଲାଭ କରିଛନ୍ତି। ଏହାସହିତ ପରିବାର ଲୋକଙ୍କ ଆଶିଷ କାମନା କରିଛନ୍ତି। ଅସମ୍ଭାଳ ଭିଡ଼ ପାଇଁ ସହରରେ ଟ୍ରାଫିକ୍ ସମସ୍ୟା ପାଇଁ ବଡ଼ଯାନ ପାଇଁ ବ୍ଲକିଂ କରାଯାଇଥିଲା। ମନ୍ଦିରମାନଙ୍କରେ ଠେଲାପେଲା ପରିସ୍ଥିତି ମଧ ସୃଷ୍ଟି ହୋଇଥିଲା। ଟ୍ରାଫିକ୍ ଓ ଶାନ୍ତି ଶୃଙ୍ଖଳା ପାଇଁ ମନ୍ଦିରରେ ପୁଲିସ ମୁତୟନ କରାଯାଇଥିଲା।



## ପିକ୍‌ନିକ୍ ପାଇଁ ଜମ୍ବିରା ଡ୍ୟାମ୍ ଲୋକାରଣ୍ୟ



ଶୁଳିଆପଦା, ୧୧(ସମିସ): ମୟୂରଭଞ୍ଜ ଜିଲ୍ଲାର ଦେଉଳିଠାରେ ଥିବା ଜମ୍ବିରା ଡ୍ୟାମ୍‌ରେ ଗୁରୁବାର ନୂଆ ବର୍ଷ ଉପଲକ୍ଷେ ବଣଭୋଜି କରିବା ପାଇଁ ବହୁ ଜନସମାଗମ ହୋଇଥିଲା। ଅନେକ ଦୋକାନ ବଜାର ବସିଥିଲା। କିନ୍ତୁ ଜମ୍ବିରା ଡ୍ୟାମ୍‌କୁ ଆସୁଥିବା ପର୍ଯ୍ୟଟକମାନେ ପିଇବାପାଣି, ଶୌଚାଳୟ, ବସିବା ପାଇଁ ବେଞ୍ଚ ଆଦିର ବହୁଳ ଆବଶ୍ୟକ ହେଉଥିବା ଦର୍ଶାଇଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କେମିତି ଏ ଡ୍ୟାମ୍‌ର ସୌନ୍ଦର୍ଯ୍ୟକରଣ କରାଯିବ ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ପ୍ରବଳ ଭିଡ଼କୁ ଦୃଷ୍ଟିରେ ଚାନ୍ଦୁଆ ଥାନା ପକ୍ଷରୁ ପୁଲିସ ମୁତୟନ କରାଯାଇଥିଲା। ପ୍ରାୟ ୫୦ ହଜାର ଲୋକଙ୍କ ସମାଗମ ହୋଇଥିବା ସୂଚନା ମିଳିଛି।

## ଏମ୍‌ବିଏସ୍ କେନ୍ଦୁଆ ଫୁଟ୍‌ବଲ୍ ପ୍ରତିଯୋଗିତା

# କିଙ୍ଗ ପାଖାଲ ଚାମ୍ପିଅନ



ବହଳଦା, ୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅନ୍ତର୍ଗତ ବଡ଼ପଳସା ଗ୍ରାମପଞ୍ଚାୟତ କେନ୍ଦୁଆ ଗ୍ରାମର ମାରାଂବୁରୁ ସେମଲେଦ୍ କ୍ଲବ୍ ପକ୍ଷରୁ ୧୪ତମ ବାର୍ଷିକ ଫୁଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମାରାଂବୁରୁ ସେମଲେଦ୍ କ୍ଲବ୍ କେନ୍ଦୁଆ ପକ୍ଷରୁ ଆୟୋଜିତ ଏହି ୧୪ତମ ଗ୍ରାମାଞ୍ଚଳ ଫୁଟ୍‌ବଲ ପ୍ରତିଯୋଗିତାରେ ଓଡ଼ିଶା ଓ ଝାଡ଼ଖଣ୍ଡ ଅଞ୍ଚଳରୁ ୩୨ଟି ଦଳ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଓଡ଼ିଶାର କିଙ୍ଗ ପାଖାଲ (ଘଣଚାଟୋଲା) ଦଳ ଓ ଝାଡ଼ଖଣ୍ଡ (ଲାନ୍ଦୁପ) ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କିଙ୍ଗ ପାଖାଲ ଦଳ ବିଜୟୀ ହୋଇ ପ୍ରଥମ ସ୍ଥାନ ଅକ୍ତିଆର କରି ୨୫ ହଜାର ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଥିବାବେଳେ ଝାଡ଼ଖଣ୍ଡ ବଦ୍ରା ବ୍ରଦର୍ସ ଦଳ ଉପ ବିଜେତା ହୋଇ ୧୫ ହଜାର ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଥିଲେ। ଜାମଦା ସ୍ପୋର୍ଟିଂ ଦଳ ଏବଂ ସୋରେନ୍ ସ୍ପୋର୍ଟିଂ ଦଳକୁ କ୍ରମଶଃ ତୃତୀୟ ଓ ଚତୁର୍ଥ ପୁରସ୍କାର ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ବଡ଼ପଳସା ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୋପିନାଥ ହାଁସଦା, ସାମ୍ବାଦିକ ବସନ୍ତ ସାଣ୍ଡିଲ, ମେଘ୍ରାୟ ବାସ୍କେ, ହେମ କିସ୍କୁ, ଈଶ୍ୱର ବାସ୍କେ, ସୁଗଦା କିସ୍କୁ, ରାମରାୟ ବାସ୍କେ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ପ୍ରଭାସ କୁମାର ପ୍ରତିଯୋଗିତାର ଧାରାବିବରଣୀ ପ୍ରଦାନ କରିଥିଲେ। ମାରାଂବୁରୁ ସେମଲେଦ କେନ୍ଦୁଆ କ୍ଲବ୍‌ର ସଭାପତି ସୁଶିଲ ବାସ୍କେ, ଉପସଭାପତି ଝୁଟୁ ହେମ୍ବ୍ରମ, ସମ୍ପାଦକ ଗୋପାଳ ବଦ୍ରା, ସହସମ୍ପାଦକ ମୁଚିରାମ ହେମ୍ବ୍ରମ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳିତ ହୋଇଥିବାବେଳେ ଏଥିରେ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଆଦିଆମରା ଯୁବକ ସଂଘ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା



ଶୁଳିଆପଦା, ୧୧(ସମିସ): ଶୁଳିଆପଦା ବ୍ଲକ ଅନ୍ତର୍ଗତ ଝାଲିଆମରା ପଞ୍ଚାୟତସ୍ଥିତ ଖଇଖିଆର ଏଡିଏନ୍‌କେ ଯୁବକ ସଂଘ ପକ୍ଷରୁ ୬ଦିନ ଧରି ଚାଲିଥିବା ବିଭିନ୍ନ ପ୍ରକାରର ଖେଳ, ନାଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ କ୍ରିକେଟ, ଫୁଟବଲ, ଡାବଲ ନାଚ, ପୁରୁଷ ଓ ମହିଳା ଦୌଡ଼, ଝିଲାପି ଖେଳ, ଛୁଞ୍ଚି ସୂତା, ଆଧୁନିକ ନାଚ ଆଦି ପ୍ରତିଯୋଗିତା କରାଯାଇଥିଲା। ପ୍ରଥମ ଥର ପାଇଁ ମୀନା ବଜାର ବସିଥିବାରୁ ଓ ବିଭିନ୍ନ ଦୋକାନବଜାର ଲୋକଙ୍କୁ ଖୁବ୍ ଆକୃଷ୍ଟ କରିଥିଲା। ସମ୍ପାଦକ ଉଜ୍ଜ୍ୱଳ ମିଶ୍ର, ସଭାପତି ସୁପ୍ରକାଶ ଧଳ ସମେତ ଶତାଧିକ ସଦସ୍ୟ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସ୍ଥାନୀୟ ସରପଞ୍ଚ ସୁଶାନ୍ତ ଟୁଡୁ, ଅନ୍ତର୍ଯ୍ୟାମୀ କାନୁନ୍‌ଗୋ, ସୁନାମ ରାଜ, ବାପିଶ୍ୱର ମାରାଣ୍ଡି, ଅମିତ ସି, ମନୋଜ ସି, ଅଜୟ ରାଜ୍‌ଙ୍କ ସମେତ ବହୁ ସଦସ୍ୟ ସହଯୋଗ କରିଥିଲେ।

## ୧୯୮୬ ମ୍ୟାଟ୍ରିକ୍ ବ୍ୟାଚ୍‌ର ବନ୍ଧୁ ମିଳନ



ଉଦଳା, ୧୧(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ଉଦଳା ହାଇସ୍କୁଲ ୧୯୮୬ ମ୍ୟାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କର ବନ୍ଧୁ ମିଳନ ଉତ୍ସବ ଅତୁଲ ବାବୁଙ୍କ ପଡ଼ିଆରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପ, ଧୂପ ଓ ଦୀପ ଅର୍ଘ୍ୟ ପ୍ରଦାନ ପୂର୍ବକ ସଭା କାର୍ଯ୍ୟ ସୀମାନ୍ତ ତ୍ରିପାଠୀଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା। ଦିବଂଗତ ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ସମସ୍ତ ବନ୍ଧୁ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରିଥିଲେ। ସୁଶାନ୍ତ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ। ରବୀନ୍ଦ୍ର ପରିଡ଼ା, ପ୍ରଭାତ ସାହୁ, ତାପସ ଜେନା, ଶୀତେନ ଦତ୍ତ, ବୁଲୁ ପାଲ୍, ତରୁଣ ମହାପାତ୍ର, ହରପ୍ରସାଦ ଦାସ ଓ ସତ୍ୟପ୍ରକାଶ ବସା ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

## ୭ ଦିନିଆ ଚିକିତ୍ସାମୂଳକ ଯୋଗ ଶିବିର



ବାରିପଦା, ୧୧(ସମିସ): ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟର, ବାରିପଦା ପକ୍ଷରୁ ୨୫ରୁ ୩୧ ଡିସେମ୍ବର ପର୍ଯ୍ୟନ୍ତ ବାରିପଦା ଷ୍ଟାଡିୟମ୍‌ରେ ୭ ଦିନିଆ ଥେରାପ୍ୟୁଟିକ୍ ୱିଣ୍ଟର୍ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆୟୁର୍ବେଦ ବିଶେଷଜ୍ଞ ଡ. ଶଶୀକାନ୍ତ ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ପତଞ୍ଜଳି ଯୋଗ ସମିତିର ଯୋଗ ଥେରାପିଷ୍ଟ ଡ. ଦିଲ୍ଲୀପ କୁମାର ପାଣ୍ଡା ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଖାଦ୍ୟ ଓ ଜୀବନଶୈଳୀ, ପାଚନ କ୍ରିୟା, ଯୋଡ଼ ଓ ମେରୁଦଣ୍ଡ ଦେଖଭାଳ, ଓଜନ କମାଇବା, ଶ୍ୱାସକ୍ରିୟା ପ୍ରଣାଳୀ, ସାଧାରଣ ଫିଟ୍‌ନେସ୍ ଓ ଧ୍ୟାନ ସମ୍ବନ୍ଧୀୟ ଯୋଗାଭ୍ୟାସ ଓ ଚିକିତ୍ସାମୂଳକ ସୂଚନା ପ୍ରଦାନ କରାଯାଇଥିଲା। ଏହି ଯୋଗ ଶିବିରରେ ଯୋଗ ଶିକ୍ଷକ ଜ୍ୟୋତି ରଞ୍ଜନ ଦାସ ଓ ସ୍ୱରୂପା ସାହୁଙ୍କ ନେତୃତ୍ୱରେ ପ୍ରଶିକ୍ଷଣ ଦିଆଯାଇଥିଲା। ୫୦ରୁ ଅଧିକ ଭିନ୍ନଭିନ୍ନ ବୟସ ଶ୍ରେଣୀର ଅଂଶଗ୍ରାହୀମାନେ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଅଂଶଗ୍ରାହୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ସହ ସୁସ୍ଥ ଜୀବନ ପାଇଁ ନିୟମିତ ଯୋଗାଭ୍ୟାସର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା।

## ସଡ଼କ ସୁରକ୍ଷା ମାସ କାର୍ଯ୍ୟକ୍ରମ
## ଟ୍ରାଫିକ୍ ନିୟମ ଅନୁପାଳନ ନେଇ ଶପଥପାଠ

ରାଇରଙ୍ଗପୁର, ୧୧(ସମିସ): ଜାନୁଆରୀ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯିବ। ଏହି ଅବସରରେ ରାଇରଙ୍ଗପୁର ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଆନୁକୂଲ୍ୟରେ ଗୁରୁବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।



ରାଇରଙ୍ଗପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ସଡ଼କ ସୁରକ୍ଷା ନେଇ ସଚେତନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ, ଉପଜିଲ୍ଲାପାଳ ସୌମ୍ୟ ରଞ୍ଜନ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୋକୁଳାନନ୍ଦ ସାହୁ ଏବଂ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରିଣୀ ଚିନ୍ମୟୀ ମହାନ୍ତ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଯୋଗଦେଇଥିଲେ। ପ୍ରାରମ୍ଭରେ ଉପସ୍ଥିତ ସମସ୍ତେ ସଡ଼କରେ ଯାତାୟାତ କରିବା ସମୟରେ ଟ୍ରାଫିକ୍ ନିୟମକୁ ଅନୁପାଳନ କରିବା ନେଇ ଶପଥପାଠ କରିଥିଲେ। ଏହି ଅବସରରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା ଶୋଭାଯାତ୍ରାକୁ ଅତିଥିବୃନ୍ଦ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉକ୍ତ ଶୋଭାଯାତ୍ରା ସହର ପରିକ୍ରମା କରି ଟ୍ରାଫିକ୍ ସିଗ୍‌ନାଲ ଓ ନିୟମକୁ କଡ଼ାକଡ଼ି ମାନି ସୁରକ୍ଷିତ ଢଙ୍ଗରେ ଗାଡ଼ି ଚାଳନା କରି ନିଜ ଜୀବନକୁ ସୁରକ୍ଷିତ ରଖିବା ସହିତ ନିଜ ପରିବାରକୁ ସୁରକ୍ଷିତ ରଖିବା ନେଇ ଜନସାଧାରଣଙ୍କୁ ସଚେତନ କରିଥିଲେ। ବିଶେଷ କରି ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚାଳନା ନ କରିବା, ଅତ୍ୟଧିକ ଦ୍ରୁତ ଗତିରେ ଗାଡ଼ି ନ ଚଳାଇବା, ବାପା-ମାଆମାନେ ସେମାନଙ୍କର କିଶୋର କିଶୋରୀ ପିଲାମାନଙ୍କୁ ଗାଡ଼ି ଚାଳନାରୁ ନିବୃତ୍ତ ରଖିବା, ଦୁଇ ଚକିଆ ଯାନ ଚାଳନା ସମୟରେ ଚାଳନାକାରୀ ସହିତ ଗାଡ଼ି ପଛରେ ବସିଥିବା ଲୋକ ଉଭୟେ ହେଲମେଟ୍ ପିନ୍ଧିବା ତଥା ଦୁଇ ଚକିଆ ଯାନରେ ୩ଜଣ ବସି ଗାଡ଼ି ଚାଳନା ନ କରିବା ଆଦି ସଚେତନ କରିଥିଲେ। ଏହାସହିତ ଡ୍ରାଇଭିଂ ଲାଇସେନ୍ସ ତଥା ଗାଡ଼ିର କାଗଜପତ୍ର ଇତ୍ୟାଦି ଉଚିତ୍ ସମୟରେ ନବୀକରଣ କରେଇବା ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ବିଜୟ ରାମ, ରାଇରଙ୍ଗପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କ ସମେତ ଟ୍ରକ୍ ମାଲିକ ସଙ୍ଘ, ଅଟୋ ମାଲିକ ସଙ୍ଘ ସମେତ ଆଞ୍ଚଳିକ ପରିବହନ ବିଭାଗର କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## ସତ୍ୟସାଇ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ବେତନଟୀ, ୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ବ୍ଲକର ରାଇକମାସ୍ଥିତ ସତ୍ୟସାଇ ଶିକ୍ଷକେନ୍ଦ୍ରର ପଞ୍ଚମ ବାର୍ଷିକ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବ ବିଦ୍ୟାଳୟର ପ୍ରତିଷ୍ଠାତା ଉପେନ୍ଦ୍ର କୁମାର ମହାନ୍ତଙ୍କ ଆୟୋଜନରେ ଏକ ସ୍ୱତନ୍ତ୍ର ବୈଠକରେ ମୁଖ୍ୟ ଅତିଥି ଭାବରେ ବେତନଟୀ ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଳବ କୁମାର କର, ମୁଖ୍ୟବକ୍ତା ଭାବରେ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରବୀନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ଅପର୍ଣ୍ଣା ସାହୁ, ସ୍ଥାନୀୟ ସରପଞ୍ଚ ସ୍ୱପ୍ନା ସିଂ, ଓଷ୍ଟା ଶିକ୍ଷକ ସଙ୍ଘ ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ବିଦ୍ୟାଳୟ ପରିଚାଳନା କମିଟିର ସାଧାରଣ ସମ୍ପାଦକ ଅଞ୍ଜଳି ମହାନ୍ତ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନଞ୍ଜୟ ମହାନ୍ତଙ୍କ ସଭାପତିତ୍ୱରେ ପ୍ରାରମ୍ଭରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ସଭା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ଖେଳ ଓ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ମଞ୍ଚରେ ମୁଖ୍ୟ ଅତିଥିମାନଙ୍କ ପକ୍ଷରୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ରହି ସଭାକାର୍ଯ୍ୟରେ ସହଯୋଗ କରିଥିଲେ।

## ରାଜ୍ୟ ପ୍ରତିଯୋଗିତାରେ ଉତ୍କଳ କରାଟେ ସ୍କୁଲର ସଫଳତା



ବାରିପଦା, ୧୧(ସମିସ): ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ୧୫ତମ ସର୍ବଭାରତୀୟ ଓପନ କରାଟେ ଚାମ୍ପିଅନ୍‌ସିପ୍-୨୦୨୫ ଉଦ୍‌ଯାପିତ ହୋଇଯାଇଛି। ସୁକୋକାଇ କରାଟେ ୟୁନିଅନ ତଥା ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହାଂସି ଡ. ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଚାମ୍ପିଅନ୍‌ସିପ୍‌ରେ ବାରିପଦା ଉତ୍କଳ କରାଟେ ସ୍କୁଲ ମେନ୍ ଡୋଜୋ (ଦାରଗାଡାହିସ୍ଥିତ ଯୁବ୍‌ଲି ପେଟ୍ରୋଲ ପମ୍ପ ପାଖ)ରୁ ତଥା କ୍ୟୋନ୍‌ସି ଶ୍ରୀକାନ୍ତ ବାରିକ ଓ ମୁଖ୍ୟ ପ୍ରଶିକ୍ଷକ ସେଂସି ସୁଶାନ୍ତ ବାରିକ ଏବଂ କୋଚ୍ ସଞ୍ଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ୨୯ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେଥିମଧ୍ୟରୁ ଜୟଦୀପ ମହାନ୍ତ, ପ୍ରାଂଶି ବାସୁରି, ହରିପ୍ରକାଶ ନାରାୟଣ ରାଉଳ, ସାଇ ପରିନିତା ମଣ୍ଡଳ, ସାଇ ସୂର୍ଯ୍ୟାଂଶୁ ସାହୁ ପ୍ରମୁଖ କାତାରେ ସ୍ୱର୍ଣ୍ଣ, ଆଦିର୍ ଦେ, କାବ୍ୟାଂଶ କୁମାର ଗିରି, ଜିଜ୍ଞାଶା ବାସୁରି କାତାରେ ରୌପ୍ୟ, ବିଶ୍ୱାମିତ୍ର ସିଂ, ଇତିଶ୍ରୀ ନାୟକ, ସାଇଓମ୍ ମହାପାତ୍ର, ଅଞ୍ଜଳି ଟୁଡୁ, ଶୁଭଙ୍କର ପ୍ରତିହାରୀ, ଦୀପକ କୁଅଁର, ତନିଶା ମହାନ୍ତ, ଏସନ୍ ମହାନ୍ତ, ଜେ. ପବନ ନନ୍ଦନ, କିଷ୍କିନ୍ଧ୍ୟା ମୁର୍ମୁ, ବୈଭବ ପଟ୍ଟନାୟକ, ରିତିକାରାଣୀ ବେହେରା, କ୍ରିଶଦିପ କୁଣ୍ଡୁ, ରିତେଶ କମିଲା ଆଦି କାତାରେ କାଂସ୍ୟ ପଦକ ଏବଂ ସେହିପରି ଜୟଦୀପ ମହାନ୍ତ, ଏସନ୍ ମହାନ୍ତ, ରିତିକାରାଣୀ ବେହେରା, ସୂର୍ଯ୍ୟକାନ୍ତ ପୌଲ ଆଦି କୁମିତେରେ ସ୍ୱର୍ଣ୍ଣ, କ୍ରିଶଦିପ କୁଣ୍ଡୁ, ରିତେଶ କମିଲା, ସାଇ ସୂର୍ଯ୍ୟାଂଶୁ ସାହୁ, ବିଶ୍ୱାମିତ୍ର ସିଂ ଆଦି କୁମିତେରେ ରୌପ୍ୟ, ବିଶ୍ୱାମିତ୍ର ସିଂ, ଇତିଶ୍ରୀ ନାୟକ, ସାଇଓମ୍ ମହାପାତ୍ର, ପ୍ରିୟାଂଶୁ ମିଶ୍ର, ଅଞ୍ଜଳି ଟୁଡୁ, ଶୁଭଙ୍କର ପ୍ରତିହାରୀ, ଦୀପକ କୁଅଁର, ତନିଶା ମହାନ୍ତ, କିଷ୍କିନ୍ଧ୍ୟା ମୁର୍ମୁ, ଆରୋହୀ ମହାପାତ୍ର, ଜେ. ପବନ ନନ୍ଦନ, ହରିପ୍ରକାଶ ନାରାୟଣ ରାଉଳ, ଜିଜ୍ଞାଶା ବାସୁରି, କ୍ରିଷ୍ଣା ମୁଖୀ, ପ୍ରାଂଶି ବାସୁରୀ, ପ୍ରାଂଶୀ ହେମ୍ବ୍ରମ, ଆଦିର୍ ଦେ, ସାଇ ପରିନିତା ମଣ୍ଡଳ, ଅଲେ ଇଲିଆନା ଗାଗରେଇ, ଆରାଧ୍ୟା ମହାରଣା, ବୈଭବ ପଟ୍ଟନାୟକ ଆଦି କୁମିତେରେ କାଂସ୍ୟ ପଦକ ହାସଲ କରିଛନ୍ତି। ସ୍କୁଲ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଆସିଥିବା ଉପନିର୍ଦ୍ଦେଶକ କରୁଣାକର ହେମ୍ବ୍ରମ, ସମ୍ପାଦକ ଯଦୁନାଥ ନାୟକ ଏବଂ ରଞ୍ଜନ ପୃଷ୍ଟି କୃତୀ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


## ସିଟିଜେନ୍ ଫୋରମ୍‌ର ବାର୍ଷିକ ଉତ୍ସବ ଓ ମୟୂରଭଞ୍ଜ ମିଶ୍ରଣ ଦିବସ

# ରାଜ୍ୟ ଓ ଦେଶ ପାଇଁ ମୟୂରଭଞ୍ଜର ଅବଦାନ ଅତୁଳନୀୟ

ବାରିପଦା, ୧୧(ସମିସ): ନବ ବର୍ଷରେ ମୟୂରଭଞ୍ଜ ସିଟିଜେନ୍ ଫୋରମ୍‌ର ୧୬ତମ ବାର୍ଷିକ ଉତ୍ସବ ଓ ୭୭ତମ ମୟୂରଭଞ୍ଜ ମିଶ୍ରଣ ଦିବସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଫୋରମ୍‌ର ସଭାପତି ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଫୋରମ୍‌ର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ ସ୍ୱାଗତ ଅଭିଭାଷଣରେ ମୟୂରଭଞ୍ଜ ମିଶ୍ରଣ ଚୁକ୍ତିନାମାର ଦ୍ୱିତୀୟ ଅଧ୍ୟାୟକୁ ସାର୍ବଜନୀନ ସହ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ। ଫୋରମ୍‌ର ପୃଷ୍ଠପୋଷକ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଉପସ୍ଥିତ ରହି ଜିଲ୍ଲାର ବିକାଶ ଓ ଉନ୍ନତି ଦିଗରେ ସମସ୍ତଙ୍କ ପ୍ରଚେଷ୍ଟା ଜାରି ରହିବା ଉଚିତ୍ ବୋଲି କହିଥିଲେ। ମୟୂରଭଞ୍ଜ ମିଶ୍ରଣ ଚୁକ୍ତିନାମା ସମ୍ପର୍କରେ ବହୁ ଅପ୍ରକାଶ୍ୟ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକ ଯୋଗଦେଇ ରାଜ୍ୟ ଓ ଦେଶ ପାଇଁ ମୟୂରଭଞ୍ଜର ଅବଦାନ ଅତୁଳନୀୟ ବୋଲି କହିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ସାହିତ୍ୟ, କଳା, ସଂସ୍କୃତି ଓ ଗମନାଗମନ କ୍ଷେତ୍ରରେ ମହାରାଜାମାନଙ୍କର ଅବଦାନ ଅତୁଳନୀୟ ବୋଲି ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ବରିଷ୍ଠ ଆଇଏଏସ୍ ଅଧିକାରୀ ବିଜୟ ପୃଷ୍ଟିଙ୍କ ପ୍ରେରିତ ମୟୂରଭଞ୍ଜ ମିଶ୍ରଣର ତଥ୍ୟ ଉପସ୍ଥାପନ କରାଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅଧ୍ୟାପକ ସନ୍ଦିପ କୁମାର ଚାନ୍ଦ, ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ରାଜକିଶୋର ଆଚାର୍ଯ୍ୟ, ରଞ୍ଜନ ବାନାର୍ଜୀ, ସାଇ ପ୍ରକାଶ ମହାନ୍ତି, କୃତୀ ଶିକ୍ଷକ ଶଶୀଧର ବିଶ୍ୱାଳ ପ୍ରମୁଖ ଆଲୋଚନାରେ ମୟୂରଭଞ୍ଜ ମିଶ୍ରଣ ଚୁକ୍ତିନାମା କାର୍ଯ୍ୟକାରୀ, ଶିମିଳିପାଳର ସୁରକ୍ଷା ପାଇଁ କେନ୍ଦ୍ର ସରକାଙ୍କ ଆର୍ମସ୍ ଆକ୍ଟ ଲାଗୁ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ସମାପ୍ତି, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲା ମଧ୍ୟରେ ବୃହତ୍ ଇସ୍ପାତ କାରଖାନା ପ୍ରତିଷ୍ଠା, ବାରିପଦାରେ ବୁଢ଼ାବଳଙ୍ଗ ଆଡ଼ିବନ୍ଧ ଯୋଜନାର ଶୁଭାରମ୍ଭ, ରାସଗୋବିନ୍ଦପୁର ଏୟାରପୋର୍ଟ ନିର୍ମାଣ ପାଇଁ ସରକାର ଜୋର୍ ଦେବାକୁ ଆଲୋଚନା ହୋଇଥିଲା। ଚଳିତ ବର୍ଷ ଫୋରମ୍ ତରଫରୁ ବରିଷ୍ଠ ସାମ୍ବାଦିକ ଡ. ବିଜୟ କୁମାର ଅଗ୍ରୱାଲ ଓ ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ମୁଖ୍ୟ ଆଦିତ୍ୟ ପଟ୍ଟନାୟକଙ୍କୁ ମୟୂରଭଞ୍ଜ ସିଟିଜେନ୍ ଆୱାର୍ଡ-୨୦୨୫, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ବିଭୁଦତ୍ତ ଦାସ ବିବରଣୀ ପାଠ ଏବଂ ସଦସ୍ୟ ମନୋଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

**୨ ଜଣଙ୍କୁ ସିଟିଜେନ୍ ଆୱାର୍ଡ-୨୦୨୫**



# ପ୍ଲାଷ୍ଟିକ୍‌ମୁକ୍ତ ପିକନିକ୍ ପାଇଁ ସଚେତନତା



**ସମ୍ବଲପୁର, ୧।୧ (ସମିସ) :** ଏବିସିଡି ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ନୂତନ ବର୍ଷ ଉପଲକ୍ଷେ ଆଜି ସମ୍ବଲପୁର ଜିଲ୍ଲାର ଖଣ୍ଡୁଆଳ ପର୍ଯ୍ୟଟନସ୍ଥଳରେ ଆଜି ପ୍ଲାଷ୍ଟିକ୍-ମୁକ୍ତ ପିକନିକ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଦସ୍ୟମାନେ ପିକନିକ୍ ଅଞ୍ଚଳରେ ପଡ଼ିଥିବା ପ୍ଲାଷ୍ଟିକ୍ ଅବଶିଷ୍ଟ ସଂଗ୍ରହ କରି ସଫାସୁତୁରା କାର୍ଯ୍ୟ କରିଥିଲେ । ଏହାସହିତ ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାରର କୁପ୍ରଭାବ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା । ଉପସ୍ଥିତ ସଦସ୍ୟ ଓ ପର୍ଯ୍ୟଟକମାନେ ପ୍ଲାଷ୍ଟିକ୍-ମୁକ୍ତ ପରିବେଶ ରକ୍ଷା ପାଇଁ ଶପଥ ମଧ୍ୟ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଏବିସିଡି ଚାରିଟେବଲ ଟ୍ରଷ୍ଟର ରାଜେନ୍ଦ୍ର ସତନାମୀ, ଅଜୟ ସାହୁ, ରୋଶନ ଗୁପ୍ତା, ଗୋପରଞ୍ଜନ କୁମ୍ଭାର, ଦିବ୍ୟରଞ୍ଜନ କୁମ୍ଭାର, ସୁବ୍ରତ ନାଥ, ସନ୍ତୋଷିନୀ ପଟ୍ଟନାୟକ, ଶାଲୁ ଚନ୍ଦେଲ, ପ୍ରକାଶ ଡାଙ୍ଗ, ପ୍ରଦୀପ ମେହେର, ମସୁଦ ଆଲମ, ନିବେଦିତା ଘୋଷ, ଧର୍ମେନ୍ଦ୍ର ପଟ୍ଟନାୟକ, କାର୍ତ୍ତିକ ବହିଦାର ପ୍ରମୁଖ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ । ଟ୍ରଷ୍ଟ ପକ୍ଷରୁ କୁହାଯାଇଛି ଯେ, ପ୍ରାକୃତିକ ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ପ୍ଲାଷ୍ଟିକ୍-ମୁକ୍ତ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ଏବଂ ଆଗାମୀ ଦିନରେ ଏପରି ସଚେତନତାମୂଳକ କାର୍ଯ୍ୟକ୍ରମ ଜାରି ରହିବ ।

**ସମ୍ବଲପୁର ଲୋକ ମହୋତ୍ସବ ୨୦୨୬ ସଂସ୍କରଣ**

# ୪ରୁ ଦୁଲୁକିବ ବୀର୍ସାମୁଣ୍ଡା ମଇଦାନ

ସମ୍ବଲପୁର, ୧।୧ (ସମିସ)

ଆସନ୍ତା ୪ ତାରିଖରୁ ଦୁଲୁକିବ ବିର୍ସାମୁଣ୍ଡା ମଇଦାନର ମଞ୍ଚ । ଆରମ୍ଭ ହେଉଛି ସମ୍ବଲପୁର ଲୋକ ମହୋତ୍ସବ ୨୦୨୬ ସଂସ୍କରଣ । ପ୍ରତିବର୍ଷ ଭଳି ଜାନୁଆରୀ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଲୋକ ମହୋତ୍ସବରେ ନାଚଗୀତର ଆସର ସହ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳିବ । ଏହାପରେ ୭ ଓ ୮ ତାରିଖ ୟୁଥ୍ ଫେଷ୍ଟିଭାଲ ଆୟୋଜିତ ହେବ । ଏହାସହିତ ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗ ପକ୍ଷରୁ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସୂଚନା ଦେଇଛନ୍ତି । ଲୋକ ମହୋତ୍ସବ ନୋଡାଲ ଅଧିକାରୀ ତଥା ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ଅତିରିକ୍ତ ଜିଲ୍ଲାପାଳ ଅଶୋକ ଭୋଇ, ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା, ଲୋକ ମହୋତ୍ସବ ସଂଯୋଜକ ଦୀପକ କୁମାର ପଣ୍ଡା, ସହ ସଂଯୋଜକ ସତ୍ୟରଞ୍ଜନ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ ।



ସୂଚନା ଅନୁଯାୟୀ, ଆସନ୍ତା ୪ ତାରିଖ ଅପରାହ୍ଣ ୪ଟାରୁ ସାଢ଼େ ୫ଟା ପର୍ଯ୍ୟନ୍ତ ଘୁଡ଼କା, ଧୁନକେଲ ଓ କରମା ପ୍ରଦର୍ଶିତ ହେବ । ଏହାପରେ ସାଢ଼େ ୫ଟାରୁ ୬ଟା ୧୫ ମିନିଟ ପର୍ଯ୍ୟନ୍ତ ପ୍ରଫୁଲ୍ଲ ମିତ୍ରଙ୍କ ପରିଚାଳନାରେ ସଙ୍ଗୀତ ପରିବେଷଣ କରାଯିବ । ସନ୍ଧ୍ୟା ସାଢ଼େ ୭ଟାରୁ ଆରମ୍ଭ ହେବ ନୃତ୍ୟ କାର୍ଯ୍ୟକ୍ରମ । ଜହ୍ନିଫୁଲ, କରମା, ଧୁରୁଆ, ଡାଲଖାଇ, ଢାପ ନୃତ୍ୟ ସହିତ ବାହାର ରାଜ୍ୟ ଗୁଡ଼ିକରୁ ହିମାଚଳ ପ୍ରଦେଶର ସିରମୋର ନାଟି, ଉତ୍ତରପ୍ରଦେଶର ଚାରକୁଲା, ଆସାମର ବିହୁ, ପଞ୍ଜାବର ଭାଙ୍ଗଡ଼ା, ମହାରାଷ୍ଟ୍ରର ଲାୱନୀ, ରାଜସ୍ଥାନର କାଲବେଲିଆ, ଗୁଜୁରାଟର ରାଥୁଆ ଓ ହରିଆଣାର ଘୁମର / ଫାଗ ନୃତ୍ୟ ପରିବେଷଣ କରାଯିବ । ଆସନ୍ତା ୫ ତାରିଖ ଅପରାହ୍ଣ ୪ଟାରୁ ସାଢ଼େ ୫ଟା ପର୍ଯ୍ୟନ୍ତ ଘୁଡ଼କା, ଧୁନକେଲ ଓ କରମା ପ୍ରଦର୍ଶିତ ହେବ । ଏହାପରେ ସାଢ଼େ ୫ଟାରୁ ୬ଟା ୧୫ ମିନିଟ ପର୍ଯ୍ୟନ୍ତ କାଳୀଚରଣ ବାଗଙ୍କ ପରିଚାଳନାରେ ସଙ୍ଗୀତ ପରିବେଷଣ କରାଯିବ । ସନ୍ଧ୍ୟା ସାଢ଼େ ୭ଟାରୁ ଆରମ୍ଭ ହେବ ନୃତ୍ୟ କାର୍ଯ୍ୟକ୍ରମ । ବଜନିଆ, ପର୍ବ, ଘୁମୁରା, ରସରକେଲି ନୃତ୍ୟ ସହିତ ହରିଆଣାର ଘୁମର / ଫାଗ, ଗୁଜୁରାଟର ରାଥୁଆ, ରାଜସ୍ଥାନର କାଲବେଲିଆ, ମହାରାଷ୍ଟ୍ରର ଲାୱନୀ, ଆସାମର ବିହୁ, ପଞ୍ଜାବର ଭାଙ୍ଗଡ଼ା, ଉତ୍ତରପ୍ରଦେଶର ତରକୁଲା ଓ ହିମାଚଳ ପ୍ରଦେଶର ସିରମୋର ନାଟି ନୃତ୍ୟ ପରିବେଷଣ କରାଯିବ ।

ସେହିପରି ଆସନ୍ତା ୬ ତାରିଖ ଅପରାହ୍ଣ ୪ଟାରୁ ସାଢ଼େ ୫ଟା ପର୍ଯ୍ୟନ୍ତ ଘୁଡ଼କା, ଧୁନକେଲ ଓ କରମା ପ୍ରଦର୍ଶିତ ହେବ । ଏହାପରେ ସାଢ଼େ ୫ଟାରୁ ୬ଟା ୧୫ ମିନିଟ ପର୍ଯ୍ୟନ୍ତ ରତନ ପୂଜାରୀଙ୍କ ପରିଚାଳନାରେ ସଙ୍ଗୀତ ପରିବେଷଣ କରାଯିବ । ସନ୍ଧ୍ୟା ସାଢ଼େ ୭ଟାରୁ ଆରମ୍ଭ ହେବ ନୃତ୍ୟ କାର୍ଯ୍ୟକ୍ରମ । ଚୁଟକୁଚୁଟା, ଛଉ, ହିମାଚଳ ପ୍ରଦେଶର ସିରମୋର ନାଟି, ଢେମସା, ଆସାମର ବିହୁ, କିଶାନ ନାଚ, ଦେଶୀ କରମା ଆଦି ନୃତ୍ୟ ପରିବେଷଣ କରାଯିବ । ଏହାପରେ ଉଦ୍‌ଯାପନୀ ସମାରୋହ ଆରମ୍ଭ ହେବ । ଉଦ୍‌ଯାପନୀରେ ମିଳିତ ଫ୍ୟୁଜନ୍ ନୃତ୍ୟ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି ।

## କାୟସ୍ଥ ମହାସଭାର ଉପାଧ୍ୟକ୍ଷ ହେଲେ ରତ୍ନଭୂଷଣ



**ସମ୍ବଲପୁର, ୧।୧(ସମିସ):** ସମ୍ବଲପୁରର ବରିଷ୍ଠ ନାଗରିକ ତଥା ସମାଜସେବୀ ରତ୍ନଭୂଷଣ ପୁରୁଷୋତ୍ତମ ଜାତୀୟସ୍ତରର ସଂଗଠନ 'କାୟସ୍ଥ ମହାସଭା ଚିତ୍ରଗୁପ୍ତ ସେବା ଟ୍ରଷ୍ଟ'ର ବରିଷ୍ଠ ଉପାଧ୍ୟକ୍ଷ ପଦରେ ଅଧିଷ୍ଠିତ ହୋଇଛନ୍ତି । ଏହି ସଂଗଠନର କାର୍ଯ୍ୟାଳୟ ଦିଲ୍ଲୀରେ ରହିଛି । ଶ୍ରୀ ପୁରୁଷୋତ୍ତମ ଏହି ପଦବୀରେ ତିନି ବର୍ଷ ନିମନ୍ତେ ଆସନ୍ତା ଡିସେମ୍ବର ୨୦୨୮ ପର୍ଯ୍ୟନ୍ତ କାର୍ଯ୍ୟ କରିବେ । ଏଥିସହିତ ଏହି ଟ୍ରଷ୍ଟ ନିମନ୍ତେ ଓଡ଼ିଶା ରାଜ୍ୟସ୍ତରୀୟ କର୍ମକର୍ତ୍ତା ମନୋନୟନ ନିମନ୍ତେ ତାଙ୍କୁ ଦାୟିତ୍ୱ ଦିଆଯାଇଛି । ଏହି ନିଯୁକ୍ତିକୁ ନେଇ ଶ୍ରୀ ପୁରୁଷୋତ୍ତମଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜଣାଇଛନ୍ତି ।

## ମାରଣାସ୍ତ୍ର ଧରି ଦୁଇ ଗୋଷ୍ଠୀ ମୁହାଁମୁହିଁ

**ସମ୍ବଲପୁର, ୧।୧ (ସମିସ) :** ନୂତନ ବର୍ଷ ଆରମ୍ଭ ଦିନ ପୂର୍ବାହ୍ଣରେ ବୁର୍ଲା ସହରର ଦୁଇଟି ଗୋଷ୍ଠୀ ସହର ମଝିରେ ମୁହାଁମୁହିଁ ହୋଇଛନ୍ତି । ବୁର୍ଲାର ଦୁଇଟି ପଡ଼ା ମଧ୍ୟରେ ଦୀର୍ଘ ଦିନ ହେବ ବିବାଦ ଲାଗି ରହିଥିବାବେଳେ ମଝିରେ ମଝିରେ ଏଭଳି ପରିସ୍ଥିତି ସୃଷ୍ଟି ଉପୁଜିଥାଏ । ମିଳିଥିବା ସୂଚନା ଅନୁଯାୟୀ, ଆଜି ଗୋଟିଏ ପଡ଼ାର କିଛି ଯୁବକ ବୁର୍ଲା ସହରରେ ଥିବା ଏକ କପଡ଼ା ଦୋକାନକୁ ଆସିଥିବାବେଳେ ଅନ୍ୟ ପଡ଼ାର ଯୁବକଙ୍କ ସହ ଝଗଡ଼ା ହୋଇଥିଲା । ଉଭୟ ଗୋଷ୍ଠୀ ସେମାନଙ୍କ ଗୋଷ୍ଠୀର ଯୁବକମାନଙ୍କୁ ଡାକିବାରୁ ସେମାନେ ମାରଣାସ୍ତ୍ର ନେଇ ଆସି ପହଞ୍ଚିବା ସହ ଉତ୍ତେଜନା ଉପୁଜିଥିଲା । ତେବେ, ଠିକ୍ ସମୟରେ ପୁଲିସ ଖବରପାଇ ପହଞ୍ଚିବାରୁ ସେମାନେ ଘଟଣାସ୍ଥଳରୁ ଫେରାର ମାରିଥିଲେ । ବୁର୍ଲା ପୁଲିସ ଉଭୟ ଗୋଷ୍ଠୀର କେତେଜଣ ଯୁବକଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି ।

## ଚାରବାଟି ଟ୍ରଫିରେ ରେଢ଼ାଖୋଲ ଟିମ୍ ଚାମ୍ପିଅନ



**ରେଢ଼ାଖୋଲ, ୧।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତ ଅଧୀନ ଚାରବାଟି ଖେଳପଡ଼ିଆରେ ଚତୁର୍ଥ ତମ ୟୁଥ୍ ଷ୍ଟାର ଚାରବାଟି ଆନୁକୂଲ୍ୟରେ ଚାଲିଥିବା ଚାରବାଟି କପ୍ ଫାଇନାଲ ମ୍ୟାଚ୍ ଡଙ୍ଗାପାଳ ଦଳ ଏବଂ ରେଢ଼ାଖୋଲ ଦଳ ମଧ୍ୟରେ ହୋଇଥିଲା । ଫର୍ମାଟ ଫାଇନାଲ ମ୍ୟାଚ୍‌ରେ ଡଙ୍ଗାପାଳକୁ ୨-୦ରେ ହରାଇ ରେଢ଼ାଖୋଲ ଚମ୍ପିଅନ ହୋଇଛି । ଆୟୋଜିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବରେ ରେଢ଼ାଖୋଲ ଜୋନ୍ ନଂ ୨ର ସଦସ୍ୟ ଶରତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଲୁହାପଙ୍କ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଶ୍ୱିନୀ କୁମାର ପ୍ରଧାନ, ଯୁବନେତା ଶିବଶମ୍ଭୁ ନନ୍ଦ, ବିଜୟ କୁମାର ପ୍ରଧାନ ଯୋଗଦେଇ ଉଭୟ ଚମ୍ପିୟାନ ଓରନର୍ସଅପ୍ ଦଳକୁ ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରିଥିଲେ । ଫାଇନାଲ ମ୍ୟାଚ୍ ଦେଖିବାକୁ ଦର୍ଶକଙ୍କ ଭିଡ ଲାଗିଥିଲା । ଚାରବାଟି କ୍ରିକେଟ କ୍ଲବର ସମସ୍ତସଭ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

## ଲିମ୍‌ସରିଏନ୍ ଯୁବକ ସଂଘର ପ୍ରତିଷ୍ଠା ଦିବସ



**ସମ୍ବଲପୁର, ୧।୧ (ସମିସ) :** ସମ୍ବଲପୁରର ମା' ଲିମସରିଏନ୍ ଯୁବକ ସଂଘର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ସମ୍ବଲପୁର ପବ୍ଲିକ ଲାଇବ୍ରେରୀରେ ଆୟୋଜିତ ସଭାରେ ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା ଅତିଥି ଭାବେ ଯୋଗଦେଇ ଜୀବନରେ ଅସଫଳତା ବୋଲି କିଛି ନାହିଁ ବୋଲି କହିବାସହ ଅସଫଳତା ହେଉଛି ତ୍ରୁଟି ସୁଧାରିବାର ଏକ ସୁଯୋଗ ବୋଲି ମତବ୍ୟକ୍ତ କରିଥିଲେ । ସଂଘ ସଭାପତି ଅମିତ ସ୍ୱାଇଁ ସଭାପତିତ୍ୱ କରି ଯୁବକ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଆଗାମୀ ଦିନର ଯୋଜନା ବିଷୟରେ ଉଲ୍ଲେଖ କରିଥିଲେ । ନାରାୟଣ ରାଉତ ସଭା ପରିଚାଳନା କରିଥିବାବେଳେ ଅସୀମ ପତି ଧନ୍ୟବାଦ ଦେଇଥିଲେ । ସଭାରେ ବିଶ୍ୱଜିତ ଦାଶ, ବିଭୁତି ବେହେରା, ଅଂଶୁମାନ ପଟ୍ଟନାୟକ, ଭବାନୀ ମିଶ୍ର, ସୌମ୍ୟ ପାଢ଼ୀ, ଅଭିଜିତ ତ୍ରିପାଠୀ, ସୋମନାଥ ପଟେଲ, ସଂଗ୍ରାମ ପଣ୍ଡା, ଅବିନାଶ ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ମାହାନା, କୈଳାସ ମେହେର, ହିତେଶ ପ୍ରଧାନ, ଲକି ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସକାଳେ ଖଣ୍ଡୁଆଳସ୍ଥିତ ଲିମ୍‌ସରିଏନ୍ ମନ୍ଦିରରେ ଯୁବକ ସଂଘର ସଦସ୍ୟମାନେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ । ସଭାପରେ ଜିଲ୍ଲା ସ୍କୁଲ ଛକରେ ସଂଘର ନୂତନ ଝଣ୍ଡା ସ୍ଥାପନ କରାଯାଇଥିଲା । ଏହାସହ ଦୁର୍ଗାପାଲିସ୍ଥିତ ବୃଦ୍ଧାଶ୍ରମର ଅନ୍ତେବାସୀ ଏବଂ ସହରର ଅସହାୟ ଲୋକଙ୍କୁ ସଂଘ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଥିଲା ।



ସମ୍ବଲପୁର : କୁହୁଡ଼ି ଆଚ୍ଛାଦିତ ରାସ୍ତାଘାଟ ।

## ଖେଲୋ ଇଣ୍ଡିଆରେ ସମ୍ବଲପୁରର ସଫଳତା




**ସମ୍ବଲପୁର, ୧।୧ (ସମିସ) :** ଯାଜପୁରସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲରେ ଆୟୋଜିତ ଅସ୍ମିତା ଖେଲୋ ଇଣ୍ଡିଆରେ ସମ୍ବଲପୁର କିକ୍ ବକ୍ସିଂ ବାଳିକା ଦଳର ସଫଳତାକୁ ନେଇ ଗୁରୁବାର ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏସୋସିଏସନର ସମ୍ପାଦକ ତଥା କୋଚ୍ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

ନୂତନ ବର୍ଷକୁ ଏସୋସିଏସନ ପକ୍ଷରୁ ସ୍ୱାଗତ କରାଯିବା ଖେଲୋଇଣ୍ଡିଆ ପ୍ରତିଯୋଗିତାରେ ଖେଳ ବିଷୟରେ ଆଲୋଚନା କରାଯାଇଥିଲା । ପ୍ରତିଯୋଗିତାରେ ସର୍ମିଲ ସାହୁ ଲାଇଟ୍-କଣ୍ଟାକ୍ଟରେ ସ୍ୱର୍ଣ୍ଣ ଏବଂ ପଏଣ୍ଟ ଫାଇଟ୍‌ରେ କାଂସ୍ୟ, ଚାନ୍ଦନୀ ସାହାଣୀ ଲାଇଟ୍-କଣ୍ଟାକ୍ଟରେ ରୌପ୍ୟ ଏବଂ ପଏଣ୍ଟ ଫାଇଟ୍‌ରେ କାଂସ୍ୟ, ଶିବାଂଶୀ ତ୍ରିପାଠୀ ପଏଣ୍ଟ ଫାଇଟ, ଲାଇଟ କଣ୍ଟାକ୍ଟ ଏବଂ ଅସ୍ତ୍ର ଚାଳନାରେ ୪ କାଂସ୍ୟ, ସାଇସୃଷ୍ଟି ପଏଣ୍ଟ କଣ୍ଟାକ୍ଟରେ କାଂସ୍ୟ, ଶ୍ରେୟାଂଶୀ ତ୍ରିପାଠୀ ଅସ୍ତ୍ର ଚାଳନାରେ କାଂସ୍ୟ ପଦକ ହାସଲ କରିଛନ୍ତି ।

ଭିତ୍ତିଭୂମି ଅଭାବରୁ ସମ୍ବଲପୁରରେ ଅଧିକ କିକ୍‌ବକ୍ସିଂ ପ୍ରତିଯୋଗୀ ବାହାରି ପାରୁନଥିବା ବୈଠକରେ ମତପ୍ରକାଶ ପାଇଥିଲା । ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ କିକ୍‌ବକ୍ସିଂ ଅଭ୍ୟାସ ପାଇଁ ସୁଯୋଗ ଦେଇଥିବାରୁ ପ୍ରଶାସନ ଏବଂ ପଶ୍ଚିମାଞ୍ଚଳ ଏକତା ମଞ୍ଚକୁ ସମ୍ପାଦକ ସୁବ୍ରତ ପ୍ରଧାନ ଧନ୍ୟବାଦ ଦେଇଥିଲେ ।


## ବୀରତା ଦିବସରେ ଶ୍ରଦ୍ଧାଞ୍ଜଳି




**ସମ୍ବଲପୁର, ୧।୧ (ସମିସ):** ଓଡ଼ିଶା ସାଂସ୍କୃତିକ ସମାଜ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବୀରତା ଦିବସ ପାଳନ କରାଯାଇଛି । ସନ୍ଧ୍ୟାରେ ଓଡ଼ିଶା ସାଂସ୍କୃତିକ ସମାଜଠାରେ ଡ ପରେଶ ଦାନୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ କିଶୋର ଚନ୍ଦ୍ର ସାହୁ ମାଧୋ ସିଂହ ଓ ତାଙ୍କ ପରିବାରର ସ୍ୱାଧୀନତା ସଂଗ୍ରାମରେ ଅବଦାନ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ସମ୍ମାନିତ ବକ୍ତା ମୁକ୍ତକଣ୍ଠ ପ୍ରଧାନ ସମ୍ବଲପୁରୀ ସାହିତ୍ୟର ମେରୁଖମ୍ବ ସତ୍ୟନାରାୟଣ ବହିଦାରଙ୍କ ବାଲ୍ୟ କାଳ ତଥା ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସମ୍ବଲପୁରୀ ଭାଷାରେ ସାହିତ୍ୟ ସୃଷ୍ଟି କରି ଏକ ଆନ୍ଦୋଳନ ଆରମ୍ଭ କରିଦେଇଥିଲେ । ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅର୍ଜ୍ଜୁନ ରଞ୍ଜନ ପଣ୍ଡା ଯୋଗଦେଇ ଦେଶ ପାଇଁ ବଳିଦାନ ଦେଇଥିବା ସହିଦ ଆଗାମୀ ବଂଶଧରମାନଙ୍କ ପ୍ରେରଣାର ଉତ୍ସ ହେଉ ବୋଲି କହିଥିଲେ । ଅନୁଷ୍ଠାନର ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତକରି କଳା ସଂସ୍କୃତି ତଥା ଦେଶ ପ୍ରେମ ଜାଗ୍ରତ ଓଡ଼ିଶା ସାଂସ୍କୃତିକ ସମାଜର ଆଭିମୁଖ୍ୟ ଉପରେ ବର୍ଣ୍ଣନା କରିଥିଲେ ।

ଏହି ଅବସରରେ ଆତଙ୍କବାଦୀ ଦ୍ୱାରା ସହିଦ୍ ହୋଇଥିବା ଶୌର୍ଯ୍ୟଚକ୍ର ସ୍ୱର୍ଗତଃ ଦୁର୍ଗାଚରଣ ଓରାମଙ୍କୁ ବୀରତା ସମ୍ମାନରେ ତାଙ୍କ ପତ୍ନୀ ଦେଶେନ୍ଦ୍ରୀ ଟପ୍ପୋଙ୍କୁ ସମ୍ମାନିତ କରାଯାଇଥିଲା । ବକ୍ତୃତା ତଥା ସତ୍ୟନାରାୟଣ ବହିଦାର ରଚିତ ସମ୍ବଲପୁରୀ ସଙ୍ଗୀତ ପ୍ରତିଯୋଗୀତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ଶ୍ରଦ୍ଧା ମିଶ୍ର ଓ ନୃତ୍ୟ ପରିବେଷଣ କରିଥିଲେ ବରେଣ୍ୟା ଗୌତମୀ । ଶେଷରେ ଅଖିଳ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଆଜି ସକାଳେ ସହିଦ୍ ସ୍ତମ୍ଭ, ମାଧୋ ସିଂହ ଫାଶି ପାଇଥିବା ଫାସକୁଦା ଏବଂ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତିରେ ତାଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।

# ସମଲେଶ୍ୱରୀ ମନ୍ଦିରରେ ଦର୍ଶନାର୍ଥୀଙ୍କ ଭିଡ଼





ସମ୍ବଲପୁର, ୧।୧ (ସମିସ)

ନୂଆ ଉତ୍ସାହ, ଉଦ୍ଦୀପନା ଓ ନୂଆ ସମ୍ଭାବନାକୁ ନେଇ ଆସିଛି ନବବର୍ଷ ୨୦୨୬ । ଠାକୁରଙ୍କ ଦର୍ଶନ କରି ବର୍ଷ ଆରମ୍ଭ କରିବାକୁ ଆଜି ସମ୍ବଲପୁରର ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା । ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ମନ୍ଦିରରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା । ଆଜି ଭୋର୍ ୫ଟାରେ ମା'ଙ୍କ ମଙ୍ଗଳ ଆଳତୀ ପରେ ୬ଟାରେ ଭକ୍ତଙ୍କ ଦର୍ଶନ ପାଇଁ ଖୋଲାଯାଇଥିଲା । ଭକ୍ତମାନେ ଯେପରି ଶୃଙ୍ଖଳିତ ଭାବରେ ଦର୍ଶନ କରିପାରିବେ ସେନେଇ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ଦର୍ଶନ ସକାଳ ୬ଟାରୁ ଆରମ୍ଭ ହୋଇ ୧୧ଟା ୪୫ ପର୍ଯ୍ୟନ୍ତ ଦର୍ଶନ ଚାଲିବାପରେ ଅନ୍ନଭୋଗ ବିରତି ହୋଇଥିଲା । ଏହାପରେ ସାଢ଼େ ୧୨ଟାରୁ ସନ୍ଧ୍ୟା ୭ଟା ୪୫ ପର୍ଯ୍ୟନ୍ତ ଦର୍ଶନ ଏବଂ ସନ୍ଧ୍ୟା ଆଳତୀ ପରେ ପୁଣି ୮ଟା ୧୫ରୁ ରାତି ୮ଟା ୫୫ ପର୍ଯ୍ୟନ୍ତ ଦର୍ଶନ ପରେ ଭୋଗ ଲାଗି କରି ୯ଟାରୁ ବିଳମ୍ବିତ ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ଭକ୍ତମାନେ ଦର୍ଶନ କରିଥିଲେ । ସମଲେଶ୍ୱରୀ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ କହିଛନ୍ତି, ଆସନ୍ତା ବର୍ଷରେ ମା' ସମଲେଶ୍ୱରୀ ସମସ୍ତଙ୍କୁ ସୁଖଶାନ୍ତିରେ ରଖନ୍ତୁ ବୋଲି ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା । ସମସ୍ତେ ଶ୍ରଦ୍ଧା ଓ ଭକ୍ତିର ସହ ଦର୍ଶନ କରଆଜି ମା'ଙ୍କ କୃପାଭିକ୍ଷା କରିଥିଲେ । ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁଙ୍କ ଅନୁଯାୟୀ, ସ୍ୱତନ୍ତ୍ର ଦର୍ଶନ, ଧାଡ଼ି ଦର୍ଶନ ପାଇଁ ପାନୀୟ ଜଳ ଓ ଆନୁସଙ୍ଗିକ ବ୍ୟବସ୍ଥା ତଥା କାନିକା ଅନ୍ନ ଓ ଶୁଖିଲା ଭୋଗ ବଣ୍ଟନ କରାଯାଇଥିଲା । ଶୃଙ୍ଖଳିତ ଭାବେ ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ କରିଛନ୍ତି । ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ସହଯୋଗ ପାଇଁ ଶ୍ରୀ ବାବୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ




**ସମ୍ବଲପୁର, ୧।୧ (ସମିସ) :** ସମ୍ବଲପୁର ବିଶ୍ୱବିଦ୍ୟାଳୟର ୫୯ତମ ପ୍ରତିଷ୍ଠା ଦିବସ ଆଜି ମହାସମାରୋହରେ ପାଳିତ ହୋଇଯାଇଛି । କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ ମୁଖ୍ୟଅତିଥି ଏବଂ ଭିମସାର୍ ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ନାତକୋତ୍ତର ବିଭାଗ ସମୂହ ଅଧ୍ୟକ୍ଷ ପ୍ରଫେସର ତୁଷାରକାନ୍ତି ଦାସ ତାଙ୍କ ବକ୍ତବ୍ୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଇତିହାସ, ଅବଦାନ ଓ ଭବିଷ୍ୟତ ବିଷୟରେ ଆଲୋକପାତ କରିଥିଲେ । କୁଳସଚିବ ପ୍ରଫେସର ପ୍ରଦୀପ କୁମାର ନାଏକ ବାର୍ଷିକ ବିବରଣୀ ପାଠ କରିଥିଲେ । ଡଃ ଗୋପୀନାଥ ବାଗ ସଭା ପରିଚାଳନା କରିଥିଲେ ।

ଏହି ଅବସରରେ ସାହିତ୍ୟିକ ପ୍ରଫୁଲ୍ଲ କୁମାର ମହାପାତ୍ର ଓ ବାଦ୍ୟଶିଳ୍ପୀ ସୁରେନ୍ଦ୍ର ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କ୍ରୀଡ଼ାବିତ୍ ସରୁନ୍ ପୟାସିଂଙ୍କୁ ସ୍ୱର୍ଗତ ହରିବନ୍ଧୁ ସାହୁ ସ୍ମୃତି ସମ୍ମାନ ଓ ମେରୀମୁକ୍ତା ସୋରେନଙ୍କୁ ଉତ୍ତମ ମହିଳା କ୍ରୀଡ଼ାବିତ୍ ସମ୍ମାନ ପ୍ରଦାନ କରାଯାଇଛି । ମହାବିଦ୍ୟାଳୟ ଉନ୍ନୟନ ପରିଷଦର ଅଧ୍ୟକ୍ଷଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ବିଜେତା ଏବଂ ଦୌଡ଼ ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି । ୨୦୨୫ ମସିହାରେ ଅବସର ଗ୍ରହଣ କରିଥିବା ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା । ପ୍ରଫେସର ମୋନାଲିସା ପଟ୍ଟନାୟକ ଏବଂ ଡଃ ଶୁକମୁନି ମେହେର ମାନପତ୍ର ପାଠ କରିଥିଲେ । ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସଂଯୋଜନା କରିଥିଲେ ବିନୋଦିନୀ ସାହୁ ଏବଂ ଅମୃତ ସାଗର ପଣ୍ଡା । ଡଃ ଅନୁରାଧା ସାମଲ, ଡଃ ଅଶୋକ ରଥ, ପ୍ରଫେସର ଅମୀୟ ପଟେଲ, ଦିଲୀପ ବଡ଼ପଣ୍ଡା, ସୁବିମଳ ମହାନ୍ତି, ରଞ୍ଜନ ମାଝୀ, ବଳରାମ କଟା, ସମରେନ୍ଦ୍ର କୁମାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ଚାଷୀଙ୍କ ଆନ୍ଦୋଳନ ଜାରି**

# ମୁଖ୍ୟମନ୍ତ୍ରୀ, ଯୋଗାଣମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ





ସମ୍ବଲପୁର, ୧୧୧ (ସମିସ)

ଚଳିତ ଖରିଫ୍‌ରେ ଧାନ ବିକ୍ରିକୁ ନେଇ ଅବ୍ୟବସ୍ଥା ଜାରି ରହିଛି । ସମ୍ବଲପୁର ଜିଲ୍ଲାରେ ଚଳିତ ଖରିଫ୍‌ରେ ଧାନକିଣା ଅବ୍ୟବସ୍ଥା ଜାରିରହିଛି । ଗତ ଅକ୍ଟୋବର ମଧଭାଗରୁ ଚାଷୀ ଅମଳ ଆରମ୍ଭ କରିଥିବାବେଳେ ଏବେ ରାସ୍ତାଘାଟ, ଖଳା ଓ ଖରିରେ ଧାନ ଜମାହୋଇଛି । ଅନେକ ଚାଷୀଙ୍କ ପ୍ରଥମ ଟୋକନ ଆସିନାହିଁ । ଏହି ଚାଷୀ ସଂଖ୍ୟା ପ୍ରାୟ ୧୫୦୦ରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି । ଏଥିମଧ୍ୟରେ ବହୁସଂଖ୍ୟକ ଛୋଟ ଓ ନାମମାତ୍ର ଚାଷୀ ରହିଥିବାରୁ ସେମାନେ ତାଙ୍କ ଉତ୍ପାଦ ବିକ୍ରୟକୁ ନେଇ ଅନିଶ୍ଚିତତାରେ ରହିଛନ୍ତି । ପୁଣି ଯୋଗାଣ ମନ୍ତ୍ରୀଙ୍କ ଚାଷୀ ବିରୋଧି ମନ୍ତବ୍ୟକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କ ସମସ୍ୟାର ସମାଧାନ ସକାଶେ ଉଦ୍ୟମ କରିବା ପରିବର୍ତ୍ତେ ନୀରବ ରହିଛନ୍ତି ଏବଂ ଯାତ୍ରାପର୍ବରେ ହାତୀ ପିଠିରେ ବସି ବୁଲୁଛନ୍ତି । ଏପରିକି ବରଗଡ଼ରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକାଳରେ ଚାଷୀମାନଙ୍କୁ ଗିରଫ କରାଯିବାକୁ ଚାଷୀମାନେ ନିନ୍ଦା କରିଛନ୍ତି । ଏନେଇ ଚାଷୀ ସଂଗଠନ ପକ୍ଷରୁ ଗତକାଲିଠାରୁ ବିଭିନ୍ନ ମାର୍କେଟୟାର୍ଡରେ ଯୋଗାଣ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଉଛି । ଏହି ଆନ୍ଦୋଳନ ମଣ୍ଡିରୁ ମଣ୍ଡିକୁ ବ୍ୟାପିବାସହ ସମଗ୍ର ସମ୍ବଲପୁର ଜିଲ୍ଲାର ଗାଁ ଗାଁରେ ବ୍ୟାପିବ ଏବଂ ସରକାରଙ୍କ ଚାଷୀ ବିରୋଧି ଆଭିମୁଖ୍ୟର ବିରୋଧ କରିବ ।

ବୁଧବାର ହୋଇଥିବା ପ୍ରତିବାଦରେ ସମ୍ବଲପୁର ଜିଲ୍ଲାର ବରେଇପାଲି, ସେରସୁଆଁତଲ ଓ ଧମାଠାରେ ଚାଷୀମାନେ ମୁଖ୍ୟମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଥିବାବେଳେ ଆଜି ଠେମରା ଓ ଶାସନଠାରେ କୁଶ ପୁତ୍ତଳିକା ଦାହ କରାଯାଇଛି । ପଞ୍ଜିକୃତ ଜମି ଅନୁରୂପ ଶୀଘ୍ର ଟୋକନ ଜାରିକରିବା ଏବଂ ଆଗକୁ ଜିଲ୍ଲା ଧାନକ୍ରୟ ସମିତି (ଡିଏଲ୍‌ପିସି)କୁ ସମ୍ପୂର୍ଣ୍ଣ କ୍ଷମତା ଦେବାକୁ ଚାଷୀମାନେ ଦାବି କରିଛନ୍ତି । ଠେମରା ମାର୍କେଟୟାର୍ଡରେ ଚାଷୀ ପ୍ରତିନିଧି ଶ୍ରୀବତ୍ସ ନାଥ, ବାବୁଲୁ ନାଥ, ଉଦିତ ନାଥ, ଶାନ୍ତନୁ ନାଥ, ଅଶ୍ୱିନୀ ମହାପାତ୍ର, କୈଳାସ ସାହୁ, ସରୋଜ ପାଣି, ପ୍ରକାଶ ପ୍ରଧାନ, ଅଭିମନ୍ୟୁ ଛତର, ଜାଗେଶ୍ୱର, ଲଳିତ ବଢ଼େଇ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ । ଶାସନ, ତାଲବ ଓ ବିଶାଲଖିଣ୍ଡା ମଣ୍ଡିର ଚାଷୀମାନେ ଶାସନସ୍ଥିତ ଧାନମଣ୍ଡିରେ ମନ୍ତ୍ରୀ ମାନଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ । ସେଠାରେ ବ୍ୟୋମକେଶ ଠାକୁର, ଅଶ୍ୱିନୀ ହୋତା, ଯୋଗେଶ ଭୋଇ, ନିଗମାନନ୍ଦ ପୂଜାରୀ, ଦୁର୍ଗା ପୂଜାରୀ, ତରଣୀ ଭୋଇ, ଗୋପାଳ ଅଗ୍ରୱାଲ, ଭାସ୍କର ରାଓ, ଉମା ମହେଶ୍ୱର, ପ୍ରଫୁଲ୍ଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସମ୍ପାଦକ ଦେବେନ୍ଦ୍ର ପଧାନ କହିଛନ୍ତି, ଖରିଫ୍‌ରେ ଧାନ ବିକ୍ରୟ ପାଇଁ ଯେତେ ଚାଷୀ ରେଜିଷ୍ଟ୍ରେସନ କରିଛନ୍ତି, ସେମାନଙ୍କୁ ସମସ୍ତ ଧାନ ବିକ୍ରୟ ପାଇଁ ସରକାର ଟୋକନ ଦେବା ଆବଶ୍ୟକ । ଡିଏଲ୍‌ପିସିକୁ ସମ୍ପୂର୍ଣ୍ଣ କ୍ଷମତା ସହ କଟ୍‌ନିଛଟ୍‌ନି ବନ୍ଦ ଏବଂ ମିଲ୍‌ରେ ଯେଉଁ ଧାଡ଼ିରେ ଲମ୍ବା ସମୟ ପାଇଁ ଗାଡ଼ି ଅଟକି ରହୁଛି ତାହାକୁ ଶୀଘ୍ର ୪୮ ଘଣ୍ଟା ମଧ୍ୟରେ ଖାଲି କରାଯିବାକୁ ଶ୍ରୀ ପଧାନ ଦାବି କରିଛନ୍ତି । କୃଷକ ସଂଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ଯୋଗାଣ ମନ୍ତ୍ରୀ ଚାଷୀମାନଙ୍କୁ ଆନ୍ଦୋଳନଜୀବୀ କହି ତାଚ୍ଛଲ୍ୟ କରିବାସହ ଡବଲ୍ ସ୍ପିଡ୍‌ରେ ଧାନକିଣା ହେଉଛି କହି ମିଥ୍ୟା ରିପୋର୍ଟ ଦେଇଛନ୍ତି । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ବରଗଡ଼କୁ ଆସି ଦୁଇଦିନ ରହିଥିବାବେଳେ ଚାଷୀ ଙ୍କ ସମସ୍ୟାର ସମାଧାନ ପାଇଁ କିଛି ଘୋଷଣା କରିବା ପରିବର୍ତ୍ତେ ଧନୁଯାତ୍ରା ଦେଖି ଫେରିଯାଇଚନ୍ତି । ଏହାକୁ ନେଇ ଚାଷୀ ଅସନ୍ତୋଷ ତେଜିଛି ଏବଂ ଆଗକୁ ତାହା ବ୍ୟାପକ ରୂପ ନେବ ବୋଲି ଶ୍ରୀ ଠାକୁର ଚେତାବନୀ ଦେଇଛନ୍ତି ।

## ଖରିଫ୍ ଧାନକ୍ରୟରେ ଅବ୍ୟବସ୍ଥା ଜାରି

ସମ୍ବଲପୁର ଜିଲ୍ଲାରେ ପ୍ରାୟ ମାସେ ବିଳମ୍ବରେ ନଭେମ୍ବର ୨୮ ତାରିଖ ମଣ୍ଡି ଖୋଲିଥିବା ବେଳେ ମିଲର୍‌ମାନଙ୍କ ଜିଦ୍ ଯୋଗୁଁ ଧାନ ଉଠିନଥିଲା । ଏହାପରେ ଚାଷୀମାନେ ସିନ୍ଦୂରପଙ୍କ ଡୁମ୍ରେସିଂହା ଠାରେ ଡିସେମ୍ବର ୧ ତାରିଖରେ ଜାତୀୟ ରାଜପଥରେ ଅର୍ଥନୈତିକ ଅବରୋଧ କରିଥିଲେ । ରାତାରାତି ମିଲର୍‌ମାନେ ରେଜିଷ୍ଟ୍ରେସନ କରିବାସହ ପରଦିନଠାରୁ ଧାନ ଉଠିଥିଲା । ତେବେ, ବହୁ ସଂଖ୍ୟାରେ ଚାଷୀମାନଙ୍କ ପ୍ରଥମ ଟୋକନ ଆସିଲା ନାହିଁ । ବର୍ତ୍ତମାନ ପର୍ଯ୍ୟନ୍ତ ଏମ୍‌ପିସିଆଇ ନାମରେ ପ୍ରାୟ ୧୫୦୦ ଚାଷୀଙ୍କ ପ୍ରଥମ ଟୋକନ ଆସିନାହିଁ । ପୂର୍ବବର୍ଷ ମାନଙ୍କରେ ଜଣେ ଚାଷୀର ପଞ୍ଜିକରଣ ଅନୁଯାୟୀ ଧାନବିକ୍ରୟର ଦୁଇ-ତିନୋଟି ତାରିଖ ଅନ୍‌ଲାଇନରେ ଶୋ' କରୁଥିଲା । ତାହାଦ୍ୱାରା ଚାଷୀ ନିଶ୍ଚିତ ରହୁଥିଲା ଯେ ସେ ବିଭିନ୍ନ ତାରିଖରେ ତାର ଉତ୍ପାଦକୁ ନେଇ ବିକ୍ରୟ କରିପାରିବ । କିନ୍ତୁ ଏବେ ଫୁଡ୍ ଓଡ଼ିଶା ପୋର୍ଟାଲକୁ ଅଚଳ କରିଦିଆଯାଇଛି । ପୁଣି ୨୭ ଜଣ ଚାଷୀ ପୂର୍ବରୁ ସରକାରଙ୍କଠାରୁ ଫାଉଣ୍ଡେସନ ବିହନ ଆଣି ବିହନ ପ୍ରସ୍ତୁତ କରି ବିକ୍ରୟ କରୁଥିଲେ ବୋଲି ସେମାନଙ୍କ ଲାଇସେନ୍ସ ନବୀକରଣ ହୋଇନଥିଲେ ବି ଟୋକନ ଇସ୍ୟୁ କରାଯାଉନାହିଁ । ଟୋକନକୁ ନେଇ ଡିସେମ୍ବର ୧୨ ତାରିଖରେ ଚାଷୀମାନେ ରେମେଡ, ସିନ୍ଦୂରପଙ୍କ ଓ ଧମାଠାରେ ଜାତୀୟ ରାଜପଥ ଅବରୋଧ କଲେ । ସମସ୍ୟାର ସମାଧାନ କରିବା ବଦଳରେ ଚାଷୀମାନଙ୍କୁ ଗିରଫ କରାଗଲା । ଏହାପରେ ପ୍ରତିବାଦ ସ୍ୱରୂପ ୧୬ ତାରିଖରେ ଚାଷୀମାନେ ରାଜରାସ୍ତାରେ ଧାନବିକ୍ରୟ କଲେ । ଏବଂ ୧୯ ତାରିଖରେ ସମ୍ବଲପୁର ଇତିହାସରେ ପ୍ରଥମ ଥର ପାଇଁ ଚାଷୀମାନେ ସମ୍ବଲପୁର ବନ୍ଦ ଡାକରା ଦେଲେ । ତେବେ, ଏହାପରେ ବି ସରକାର ଉଦାସୀନତା ଦେଖାଇବା ସହ ମନ୍ତ୍ରୀମାନେ ଚାଷୀ ବିରୋଧି ମନ୍ତବ୍ୟ ଦେଉଥିବା ଦେଖାଯାଉଛି । ମିଲ୍‌କୁ ଯାଉଥିବା ଧାନରେ ବ୍ୟାପକ କଟ୍‌ନିଛଟ୍‌ନି କରି ମିଲର୍‌ମାନେ ମଧ ଚାଷୀକୁ ଶୋଷଣ କରୁଥିବା ଜିଲ୍ଲାର ବିଭିନ୍ନ ଅଞ୍ଚଳର ଚାଷୀମାନେ ଅଭିଯୋଗ କରୁଛନ୍ତି ।

## ଜନବନ୍ଧୁ ପ୍ରଭାକର ରଥଙ୍କ ୧୦୫ତମ ଜୟନ୍ତୀ

ବଲାଙ୍ଗିର,୧୧୧(ସମିସ): ଜନବନ୍ଧୁ ପ୍ରଭାକର ରଥଙ୍କ ୧୦୫ତମ ଜୟନ୍ତୀ ପାଳିତ ହୋଇଛି । ବାଳିକା ବିଦ୍ୟାଳରେ ଅନୁଷ୍ଠିତ ସଭାରେ ଡାକ୍ତର ମଞ୍ଜୁବାଳା ପଣ୍ଡା, ଶିକ୍ଷୟତ୍ରୀ ସଂସ୍କୃତି ପଟ୍ଟନାୟକ ମୁଖ୍ୟବକ୍ତା ଓ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଗୋବିନ୍ଦ ଚନ୍ଦ୍ର ଶତପଥୀଙ୍କୁ ପ୍ରଭାକର ରଥ ସେବା ସମ୍ମା ପ୍ରଦାନ କରାଯାଇଥିଲା । ଅରୁଣ ଖୁଆସ ସଭାପତିତ୍ୱ କରିଥିଲେ । କବି ରତ୍ନମୟ ତ୍ରିପାଠି ଅତିଥି ପରିଚୟ ଦେଇଥିଲେ । ସଂସ୍କୃତ ଶିକ୍ଷୟିତ୍ରୀ ମଂଜୁଲତା ମିଶ୍ର ବେଦ ପଠନ କରିଥିଲେ । ଡ. ପ୍ରେମ୍‌.ନ୍ଦ ମହାନ୍ତି ରାମଧୂନ ଗାନ କରିଥିଲେ । ଶ୍ରୀମୟୀ ଶର୍ମିଷ୍ଠା ସାହୁ ଓଡିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ । କବି ମଦନ ମୋହନ ରଥଙ୍କୁ ଆଦ୍ୟାଶକ୍ତି ନାରୀ ସଂଗଠନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂପାଦକ ମଧୁ ସାହୁ ମଞ୍ଚ ପରିଚାଳନା ସହିତ ବାର୍ଷିକ ବିବରଣୀ ପଠନ କରିଥିଲେ । କେଶବ ଚନ୍ଦ୍ର ମିଶ୍ର, ତୁଡେନ୍ଦ୍ର ବେହେରା, ପ୍ରଶାନ୍ତ ଷଡଙ୍ଗୀ, ମାଳତି ଉଦ୍‌ଗାତା, ନିହାରିକା ମିଶ୍ର, ଡ. ଅଶୋକ ସେଠୀ ପ୍ରମୁଖ ସହଯୋଗ କରିଥିଲେ । ନିରୁପମା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।




## ହୋମିଓପାଥିକ ରୋଗୀଙ୍କୁ ମାଗଣାରେ ମିଳିବ ଅତ୍ୟାଧୁନିକ ନିଦାନ ସେବା

ସମ୍ବଲପୁର, ୧୧୧(ସମିସ): ମାଗଣାରେ ହୋମିଓପାଥିକ ରୋଗୀଙ୍କୁ ମିଳିବ ଅତ୍ୟାଧୁନିକ ନିଦାନ ସେବା । ସ୍ଥାନୀୟ ଓଡ଼ିଶା ହୋମିଓପାଥି ଭେଷଜ ମହାବିଦ୍ୟାଳୟ ଓ



ଗବେଷଣା ସମ୍ବଲପୁର ଆସୁଥିବା ରୋଗୀ ଏହି ସେବାରେ ଉପକୃତ ହେବା ନେଇ ସୂଚନା ଦେଇଛନ୍ତି ମହାବିଦ୍ୟାଳୟ ଅଧ୍ୟକ୍ଷା ଡା. ଦିପ୍ତିକାନ୍ତ ସିଂ ଆଜି ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଙ୍କ ନିର୍ଦ୍ଦେଶକ୍ରମେ ସମାଜସେବୀ ଶୁଭଶ୍ରୀ ମିଶ୍ର ଏହି ସେବାକୁ ଉଦ୍‌ଘାଟନ କରିଛନ୍ତି । ଚିକିତ୍ସାଳୟକୁ ଆସୁଥିବା ରୋଗୀମାନେ ବିଭିନ୍ନ ପରୀକ୍ଷା ପାଇଁ ନମୁନା ନେଇ ନିକଟସ୍ଥ ପାଥୋଲଜି ଉପରେ ନିର୍ଭର କରିବା ସହ ଖର୍ଚ୍ଚାନ୍ତ ହେଉଥିବାର ନଜିର ରହିଛି । ରୋଗୀଙ୍କୁ ଉପଯୁକ୍ତ ସେବା ଯୋଗାଇବା ଲକ୍ଷ୍ୟରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏକ ଘରୋଇ ସଂସ୍ଥା ସହ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି । ଫଳରେ ଉକ୍ତ ସଂସ୍ଥା ରୋଗୀଙ୍କ ନମୁନା ସଂଗ୍ରହ କରି ପରୀକ୍ଷା ପରେ ରୋଗୀଙ୍କୁ ରିପୋର୍ଟ ପ୍ରଦାନ କରିବା ରୋଗୀଙ୍କୁ ପରିସରରେ ନିଃଶୁଳ୍କ ନିଦାନ ସେବା ଉପଲବ୍ଧ କରିବାରେ ସହାୟକ ହେବ। ଏହି ଅବସରରେ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ବିଧାୟକଙ୍କୁ ଛାତ୍ରସଂସଦର ସଭାପତି ପଳାଶ ରଞ୍ଜନ ପାଲ୍ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଅବସରରେ ତାଲବ ସରପଞ୍ଚ କନକ ସାହୁଙ୍କ ସମେତ ମହାବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ତଥା ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।


## ରାମଚନ୍ଦାନିଙ୍କୁ ମିଳିବ 'ଦିବ୍ୟାଲୋକ ସନ୍ଧାନେ ରତ୍ନ' ସମ୍ମାନ



ଭୁବନେଶ୍ୱର, ୧୧୧(ସମିସ): ଫୁଲନଖରା ଅନନ୍ତପୁର 'ବିଶ୍ୱଶାନ୍ତି ସରୋବର' ପରିସରରେ ଜାନୁଆରୀ ୧୧ ତାରିଖ ଆଧ୍ୟାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ୨୫ ତମ ବାର୍ଷିକ ରାଜ୍ୟସ୍ତରୀୟ ମହା ସତସଙ୍ଗ ଏବଂ ନବରତ୍ନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ । ତେବେ ନିଜର ସରକାରୀ ଡ୍ୟୁଟି ବାଦ୍ ମାତ୍ର ୧ ଟଙ୍କା ନେଇ ଘରେ ନିଷ୍ପାପର ଭାବେ ରୋଗୀ ସେବା କରୁଥିବା ବୁର୍ଲା ମେଡିକାଲ କଲେଜର ସହଯୋଗୀ ପ୍ରଫେସର ଡାକ୍ତର ଶଙ୍କର ରାମଚନ୍ଦାନୀଙ୍କୁ ଚଳିତବର୍ଷ ଅନୁଷ୍ଠାନର ସର୍ବୋଚ୍ଚ 'ଦିବ୍ୟାଲୋକ ସନ୍ଧାନେ ରତ୍ନ ସମ୍ମାନ-୨୦୨୬' ପ୍ରଦାନ କରାଯିବ । ପତ୍ରିକାର ମୁଖ୍ୟ ସମ୍ପାଦକ ଡକ୍ଟର ଶରତ ରଥ ଏହା ଜଣାଇଛନ୍ତି । ଅନ୍ୟ ଅଷ୍ଟ ରତ୍ନମାନଙ୍କ ମଧ୍ୟରେ ଧୃତିକାମ ମହାନ୍ତିଙ୍କୁ 'ସାମ୍ବାଦିକ ରତ୍ନ', ପାଲା ଗାୟକ କୋଣାର୍କ ଅଞ୍ଚଳର ଲକ୍ଷ୍ମୀଧର ଦାଶଙ୍କୁ 'ଗାୟକ ରତ୍ନ', ନୟାଗଡ଼ର ଗୋପାଳ ରାଜଗୁରୁଙ୍କୁ 'ପ୍ରବକ୍ତା ରତ୍ନ', କଟକର ଶିକ୍ଷାବିତ ତ୍ରିଦିବି ବେହେରାଙ୍କୁ 'ଶିକ୍ଷା ରତ୍ନ', ଜଗତସିଂହପୁରର ପଣ୍ଡିତ ଗୌରାଙ୍ଗ ଚରଣ ପତିଙ୍କୁ 'କର୍ମକାଣ୍ଡବିତ ରତ୍ନ', କଟକର ବିଷ୍ଣୁପ୍ରିୟା ଚାରିଟେବଲ ଟ୍ରଷ୍ଟକୁ ସମାଜସେବୀ ରତ୍ନ', କଟକ କମିଶନରେଟ ପୁଲିସ ଜୋନ୍-୫ ଏସିପି କୃଷ୍ଣଚନ୍ଦ୍ର ସେଠିଙ୍କୁ 'ପୁଲିସ ସେବା ରତ୍ନ', ଏବଂ ଛନ୍ଦା ମିଶ୍ରଙ୍କୁ 'ଲେଖିକା ରତ୍ନ-୨୦୨୬'ରେ ସମ୍ମାନିତ କରାଯିବ । ଏହାସହ ୫୦ଟି ହାଇସ୍କୁଲର ଛାତ୍ରଛାତ୍ରୀଙ୍କୁ 'ଭଲ ପିଲା ସମ୍ମାନ' ଏବଂ ୫୦ଟି ଗାଁର ୫୦ ଜଣଙ୍କୁ 'ଭଲ ଲୋକ ସମ୍ମାନ' ରେ ସମ୍ମାନିତ କରାଯିବ ବୋଲି ପତ୍ରିକାର ପରିଚାଳନା ସମ୍ପାଦକ ଇଂ ବିପ୍ଳବ ଦାସ କହିଛନ୍ତି । ବହୁ ସାଧୁସନ୍ଥ ଓ ବିଦ୍ୱାନ ଯୋଗ ଦେଉଥିବା ଏହି କାର୍ଯ୍ୟକ୍ରମରେ ଦିବସବ୍ୟାପୀ ହନୁମାନ ଚାଳିଶା, ସୁନ୍ଦରାକାଣ୍ଡ ପାରାୟଣ, ପ୍ରବଚନ, ଭଜନ କୀର୍ତ୍ତନ, ସନ୍ଥ ପୂଜନ, ଆଧ୍ୟାତ୍ମିକ ଆଲୋଚନା ଆଦି ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପତ୍ରିକାର ସମ୍ପାଦକ ଶ୍ରୀ ସନ୍ନ୍ୟାସୀ ସୂଚନା ଦେଇଛନ୍ତି ।

## ଅଭିଯୋଗ ପାଇଁ ଏନ୍‌ଏସି ପକ୍ଷରୁ ନମ୍ବର ଜାରି

ରେଢ଼ାଖୋଲ, ୧୧୧(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହରେ ସହରାଞ୍ଚଳ ଜନସାଧାରଣ ପାଇଁ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଅଭିନବ ପ୍ରୟାସ ଦ୍ୱାରା ହ୍ୱାଟ୍ସଅପ୍ ନମ୍ବର ଲୋକାର୍ପଣ କରାଯାଇଛି । ନମ୍ବର ହେଲା ୮୨୮୦୩୩୫୮୮୪ । କାର୍ଯ୍ୟକ୍ରମରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ ମାର୍ଥା, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଉପାଧ୍ୟକ୍ଷା ଅନୁଷୟା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏନଏସି କାର୍ଯ୍ୟାଳୟ ଓ ସାଧାରଣଲୋକଙ୍କ ମଧ୍ୟରେ ସମ୍ପର୍କରେ ନିବିଡ଼ତା ଆଣିବା ପାଇଁ ସମସ୍ତ ସମସ୍ୟାର ଘରେ ବସି ଅଭିଯୋଗ କରିବା ପାଇଁ ରେଢ଼ାଖୋଲ ଏନ୍‌ଏସି ପକ୍ଷରୁ ଏକ ହ୍ୱାଟ୍ସଅପ ନମ୍ବରକୁ ଲୋକଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରାଯାଇଛି । ଏହି ନମ୍ବର ଦ୍ୱାରା ସହରାଞ୍ଚଳର ୧୩ ଟି ୱାର୍ଡର ଜନ ସାଧାରଣ ଏନ୍‌ଏସି କାର୍ଯ୍ୟାଳୟ କୁ ବାରମ୍ବାର ଦୌଡିବାକୁ ପଡ଼ିବ ନାହିଁ । ଘରେ ବସି ଅଞ୍ଚଳର ବିଭିନ୍ନ ସମସ୍ୟାର ଅଭିଯୋଗ କରି ପାରିବେ । ଯାହାକୁ ଏନ୍‌ଏସି କର୍ତ୍ତୃପକ୍ଷ ପ୍ରତ୍ୟକ୍ଷ ଭାବେ ଖୁବ ଶୀଘ୍ର ସମସ୍ୟା ସମାଧାନ କରବେ ବୋଲି କର୍ତ୍ତୃପକ୍ଷ ଶ୍ରୀ ମାର୍ଥା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଏଥିରେ ବିଭିନ୍ନ ମାଧ୍ୟମରେ ଯଥା ସଫେଇ ଗାଡି, ୱାର୍ଡ ଅଫିସର, କାର୍ଯ୍ୟାଳୟ କର୍ମଚାରୀ ଏବଂ ଲିଫଲେଟ ସମେତ ଅନ୍ୟ ମାଧ୍ୟମରେ ସହରାଞ୍ଚଳରଲୋକଙ୍କ ପାଖରେ ଏହି ନମ୍ବର ପହଞ୍ଚାଇବା ପାଇଁ ପ୍ରୟାସ କରାଯିବ ସହିତ ସମସ୍ୟା ଗୁଡ଼ିକୁ ଶୀଘ୍ର ସମାଧାନ କରାଯିବ ବୋଲି ଅଧ୍ୟକ୍ଷ ଶ୍ରୀ ସାହୁ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଏନ୍‌ଏସି କାଉନସିଲର, କର୍ମଚାରୀ, ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।





















# ଇସ୍ପାତନଗରୀରେ ନାଗାଲାଣ୍ଡ ବନ୍ଧୁକ
# ବର୍ଷକରେ ୮୦ରୁ ଊର୍ଦ୍ଧ୍ୱ ଜବତ, ୬୧ ଗିରଫ

ରାଉରକେଲା,୧।୧(ସମିସ)

ରାଉରକେଲା ସହରରେ ଆନ୍ତଃରାଜ୍ୟ ଚୋରା ବନ୍ଧୁକ ବେପାରୀ ବେଶ ସକ୍ରିୟ ଅଛନ୍ତି। ରାଉରକେଲା ସହରରେ ବୁଲୁଛି ମାଲମାଲ ଚୋରା ବନ୍ଧୁକ। ନାଗାଲାଣ୍ଡ ସମେତ ରାଜ୍ୟ ବାହାରୁ ଚୋରା ବନ୍ଧୁକ ଆଣି ରାଉରକେଲା ସହର ସମେତ ଦେଶର ବିଭିନ୍ନ ସ୍ଥାନରେ ୫ରୁ ୧୦ ଲକ୍ଷ ଟଙ୍କାରେ ଚୋରା ବନ୍ଧୁକ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଗତ ଏକ ବର୍ଷରେ ରାଉରକେଲା ପୁଲିସ ୮୦ ରୁ ଅଧିକ ବନ୍ଧୁକ ଜବତ କରିବା ସହ ୬୧ ଜଣରୁ ଅଧିକ ଅପରାଧୀଙ୍କୁ ଗିରଫ କରିଛନ୍ତି। ଚୋରା ବନ୍ଧୁକ କାରବାରରେ ସମ୍ପୃକ୍ତ ଥିବା ଅନ୍ୟ ୮ ଜଣ ଅଭିଯୁକ୍ତ ପୁଲିସ ସ୍କାନରରେ ରହିଛନ୍ତି ବୋଲି ଏସ୍‌ପି ନିତେଶ ୱାଧୱାନୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ରାଉରକେଲା ସହରରେ ଚୋରା ବନ୍ଧୁକ କାରବାର ବୃଦ୍ଧି ପାଇବାପରେ ଚୋରା ବନ୍ଧୁକ କାରବାର କରୁଥିବା ମାଫିଆଙ୍କୁ ଗିରଫ କରିବା ପାଇଁ ରାଉରକେଲା ପୁଲିସ ଆକସନ ମୁଡ୍‌ରେ ରହିଛି।




ବିହାର, ଝାଡ଼ଖଣ୍ଡ, ନାଗାଲାଣ୍ଡ ସହିତ ବିଭିନ୍ନ ରାଜ୍ୟରୁ ଚୋରା ବନ୍ଧୁକ ଆଣି ମାଫିଆମାନେ ରାଉରକେଲା ସହର ସମେତ ବିଭିନ୍ନ ରାଜ୍ୟରେ ବିକ୍ରି କରୁଥିବା ପୁଲିସ ନିକଟରେ ଅଭିଯୋଗ ହୋଇଛି। ନାଗାଲାଣ୍ଡରୁ ବନ୍ଧୁକ ଆଣି ବନ୍ଧୁକର ଚୋରା କାରବାର କରୁଥିବା ଆନ୍ତଃରାଜ୍ୟ ରାକେଟ ଗ୍ୟାଙ୍ଗର ତିନି ଜଣଙ୍କୁ ରାଉରକେଲା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲେ ମଧ୍ୟ ଏହି ରାକେଟରେ ଆଉ ୮ ଜଣ ସମ୍ପୃକ୍ତ ଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିବା ପରେ ସେମାନଙ୍କୁ ପୁଲିସ ପକ୍ଷରୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଉଦିତନଗର ଥାନା ଅଧୀନ ବାସନ୍ତୀ କଲୋନୀ ଡିଏଲ୍/୩୦୪ ଘରେ ରହୁଥିବା ରତନ କୁମାର ସା (୫୮)। ତା'ଠାରୁ ଗୋଟିଏ ପିସ୍ତଲ, ୨୫ ରାଉଣ୍ଡ ଜୀବନ୍ତ ଗୁଳି, ଗୋଟିଏ ମୋବାଇଲ, ବିଭିନ୍ନ କାଗଜପତ୍ର ଜବତ କରାଯାଇଛି। ସେହିପରି ଗିରଫ ଅନ୍ୟ ଅଭିଯୁକ୍ତ ଦ୍ୱୟହେଲେ ରଘୁନାଥପାଲି ଥାନା ଅଧୀନ ସିଭିଲ ଟାଉନସିପ ଓ/୧୪ର ରମନଦୀପ ସିଂ(୩୫) ଏବଂ ତାଙ୍କ ଭାଇ ଅମନଦୀପ ସିଂହ (୩୨)। ସେମାନଙ୍କ ଠାରୁ ଗୋଟିଏ ବନ୍ଧୁକ, ୫ ରାଉଣ୍ଡ ଜୀବନ୍ତ ଗୁଳି, କାଗଜପତ୍ର ଓ ମନଦୀପ ସିଂ ଠାରୁ ଗୋଟିଏ ବନ୍ଧୁକ, ୫ ରାଉଣ୍ଡ ଜୀବନ୍ତ ଗୁଳି, କାଗଜପତ୍ର ଜବତ କରାଯାଇଛି। ରାଉରକେଲା ସହରରେ ଚୋରା ବନ୍ଧୁକ କାରବାର କରୁଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଉଦ୍ୟମ ଜାରି ରହିଥିବା ରାଉରକେଲା ଏସପି ନିତେଶ ୱାଧୱାନୀ ସୂଚନା ଦେଇଛନ୍ତି। ଚୋରା ବନ୍ଧୁକର କାରବାର କରୁଥିବା ଆନ୍ତଃରାଜ୍ୟ ମାଫିଆ ରାଉରକେଲା ସହରରେ ବେଶ ସକ୍ରୀୟ ରହିଥିବା ଅଭିଯୋଗ ହେବାପରେ ମାଫିଆଙ୍କୁ ଗିରଫ କରିବା ପାଇଁ ସମସ୍ତ ଥାନା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛନ୍ତି। ଚୋରା ବନ୍ଧୁକ ରଖିବା ଓ ଚୋରା ବନ୍ଧୁକ ବିକ୍ରି କରିବା ଆଇନତ ଅପରାଧ ଥିବାରୁ ଚୋରା ବନ୍ଧୁକ ରଖିଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଉରକେଲା ସହରବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ରାଉରକେଲା ସହରର ବହୁ ବ୍ୟବସାୟୀଙ୍କ ପାଖରେ ଥିବା ବନ୍ଧୁକ ଲାଇସେନ୍ସପ୍ରାପ୍ତ କି ଚୋରା ବନ୍ଧୁକ ସେ ସମ୍ପର୍କରେ ତଦନ୍ତ କରିବା ପାଇଁ ଦାବି ହୋଇଛି। ରାଉରକେଲା ସହରରେ ଚୋରା ବନ୍ଧୁକ କାରବାର ରୋକିବା ସହ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ରାଉରକେଲା ପୁଲିସ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରି ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

# ୧୮୦ କୋଟି ଅନୁମୋଦନ ପରେ ବି ଖୋଲିଲା ନାହିଁ ଟ୍ରମାକେୟାର କେନ୍ଦ୍ର



**କୋଇଡ଼ା,୧।୧(ସମିସ):** ଗତକାଲି ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବ୍ଲକ୍ କେ.ବଲାଙ୍ଗ ସଡ଼କ ଦୁର୍ଘଟଣାରେ ଏକାସହିତ ୭ ଜଣଙ୍କ ଜୀବନ ଚାଲିଗଲା। କେବଳ ଏହି ଗୋଟିଏ ଘଟଣା ନୁହେଁ ବରଂ ଏକ ବର୍ଷରେ କୋଇଡ଼ା ସିଏଚସି ଓ କେବଲାଙ୍ଗ ପିଏଚସି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଦୁର୍ଘଟଣାରେ ଗୁରୁତର ହୋଇ ଆସୁଥିବା ଆହତଙ୍କ ସଂଖ୍ୟା ୨୦୦ ରୁ ୩୫୦ କୁ ବୃଦ୍ଧି ପାଇଥିବା କହିଛନ୍ତି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସନତ ପଶୁପାଳକ। କେବଳ କୋଇଡା ଖଣି ଅଞ୍ଚଳ ନୁହେଁ ରାଜ୍ୟରେ ରୋଗ ଅପେକ୍ଷା ସଡ଼କ ଦୁର୍ଘଟଣା ସର୍ବାଧିକ ବ୍ୟକ୍ତିଙ୍କ ଜୀବନ୍ ନେଉଛି। ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଗୋଲଡେନ ଆୱାର ବା ୬୦ ମିନିଟରେ ଚିକିତ୍ସା ମିଳୁ ନ ଥିବାରୁ ଆହୁରି ଅମୂଲ୍ୟ ଜୀବନ୍ ଚାଲିଯାଉଛି। ଏହା ମୁଖ୍ୟତଃ ଜାତୀୟ ରାଜପଥ ଏବଂ ଖଣି ଅଞ୍ଚଳ ନିକଟବର୍ତ୍ତୀ ଅଞ୍ଚଳରେ ହେଉଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ୨୦୨୧ ମସିହାରେ ୫୫ ସ୍ଥାନରେ ଟ୍ରମା କେୟାର କେନ୍ଦ୍ର ପାଇଁ ତତ୍କାଳୀନ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଜାତୀୟ ରାଜପଥ କଡ଼ରେ ଟ୍ରମା କେୟାର ସୁବିଧା ବିକାଶ ପାଇଁ କ୍ଷମତା ନିର୍ମାଣ ପାଇଁ କାର୍ଯ୍ୟକ୍ଷମ ନିର୍ଦ୍ଦେଶାବଳୀ ଅନୁଯାୟୀ, ଏକ ସର୍ବ-ଭାରତୀୟ ଟ୍ରମା କେୟାର ନେଟୱାର୍କ ବିକଶିତ କରି ସଡ଼କ ଦୁର୍ଘଟଣା ଯୋଗୁଁ ରୋକାଯାଇପାରୁଥିବା ମୃତ୍ୟୁକୁ ୧୦ ପ୍ରତିଶତକୁ ହ୍ରାସ କରାଯିବା ଆବଶ୍ୟକ ଯେଉଁଥିରେ କୌଣସି ଟ୍ରମା ପୀଡ଼ିତଙ୍କୁ ୫୦ କିଲୋମିଟରରୁ ଅଧିକ ପରିବହନ କରିବାକୁ ପଡ଼ିବ ନାହିଁ ଏବଂ ପ୍ରତି ୧୦୦ କିଲୋମିଟରରେ ଏକ ନିର୍ଦ୍ଦିଷ୍ଟ ଟ୍ରମା ସେଣ୍ଟର ଉପଲବ୍ଧ ହେବ ବୋଲି ବିଭାଗର ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହି ପ୍ରସ୍ତାବିତ ଟ୍ରମା କେନ୍ଦ୍ର ମଧ୍ୟରେ ଥିଲା କୋଇଡ଼ା ସ୍ୱାସ୍ଥ୍ୟ କେନ୍ଦ୍ର। ଖଣି ପ୍ରଭାବିତ ଏହି ଅଞ୍ଚଳରେ ପ୍ରତିଦିନ ଯେତେ ସଂଖ୍ୟା ରେ ଗାଡି ଯାତାୟତ କରେ ଏଠାରେ ଟ୍ରମା କେନ୍ଦ୍ର ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ଆଶାଥିଲା। ସ୍ଥାନୀୟ ସ୍ୱାସ୍ଥ୍ୟବିଭାଗ ସାଢେ ୩ ଏକର ଜମିରେ ଟ୍ରମା କେନ୍ଦ୍ର ପାଇଁ ଟେଣ୍ଡର ଡକାଯାଇ କାର୍ଯ୍ୟାଦେଶ ମଧ୍ୟ ଦିଆଗଲା , କିନ୍ତୁ ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହେଲା ନାହିଁ।

# ୯ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ରାଉରକେଲା, ୧।୧(ସମିସ):** ଗଞ୍ଜେଇ ଚାଲାଣ କରିବା ଅଭିଯୋଗରେ ସେକ୍ଟର -୧୯ ଥାନା ପୁଲିସ ଧରିବାରେ ଜଣକୁ ଧରିବାରେ ସକ୍ଷମ ହୋଇଛି। ଝାରସୁଗୁଡ଼ା ବ୍ରଜରାଜନଗର ମଣ୍ଡଳୀ ଅଞ୍ଚଳର ବିକାଶ ସତନାମି (୨୮)କୁ ଗିରଫ କରାଯାଇଛି। ତା'ଠାରୁ ୯ କେଜି ୮୦୦ ଗ୍ରାମ ଓଜନର ଗଞ୍ଜେଇ, ୨ଟି ମୋବାଇଲ, ୫୦୦ ଟଙ୍କା ଓ କାର୍ ଜବତ କରାଯାଇଛି। ଏନେଇ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜୋନ୍ ୧ ଡିଏସ୍‌ପି ଯୋଗେଶ ପଣ୍ଡା ଅଧିକ ସୂଚନା ଦେଇ କହିଥିଲେ, ଥାନାଞ୍ଚଳରେ ବୁଧବାର ରାତିରେ ପୁଲିସ ପାଟ୍ରୋଲିଂ ଚାଲିଥିଲା। ସ୍ଥାନୀୟ ଅଞ୍ଚଳରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଗୁପ୍ତ ସୂଚନା ମିଳିଥିଲା। ଏସଆଇ ଆର୍ ବେହେରା ନିଜ ଟିମ୍ ସହ ସେକ୍ଟର -୧୯ ଏଲଏଣ୍ଡଟି ଅଫିସ ନିକଟରେ ଚଢ଼ଉକରି ଧରିବାରେ ସକ୍ଷମ ହୋଇଥିଲେ। ହେଲେ ଅନ୍ୟ ସହଯୋଗୀମାନେ ଫେରାର ହୋଇଯାଇଥିଲେ। ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୯୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଛି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଇନ୍ସପେକ୍ଟର ବୈଦ୍ୟନାଥ ସାହୁ ମଧ୍ୟ ଉପସ୍ଥିତ ଥିଲେ।



# 'ପ୍ରତିଟି ଉନ୍ନତିମୂଳକ ପଦକ୍ଷେପ ସକାରାତ୍ମକ ପରିବର୍ତ୍ତନ ଆଣିପାରେ'

**ରାଉରକେଲା, ୧।୧(ସମିସ):** ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ୨୦୨୬ ନୂତନ ବର୍ଷ ପାଳନ ଅବସରରେ ଆରଏସପିର କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ 'ପ୍ରତ୍ୟେକ କ୍ଷୁଦ୍ର ଉନ୍ନତିମୂଳକ ପଦକ୍ଷେପ ସଂଗଠନର ସାମଗ୍ରିକ କାର୍ଯ୍ୟଦକ୍ଷତାରେ ବ୍ୟାପକ ସକାରାକକ ପରିବର୍ତ୍ତନ ଆଣିପାରେ' ବୋଲି ଉଲ୍ଲେଖ କରିଛନ୍ତି। ଏହି ଅବସରରେ ଡିଆଇସି ଶ୍ରୀ ବର୍ମା ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ଉନ୍ନୟନ-ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି କେ ଗିରି, କାର୍ଯ୍ୟବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଏମ୍‌ପି ସିଂହ, ବିତ୍ତ ଏବଂ ଲେଖା ବିଭାଗର ସିଜିଏମ ରାଜେଶ ଦାସଗୁପ୍ତା ଏବଂ ଅନ୍ୟ ବହୁ ବରିଷ୍ଠ ଅଧିକାରୀମାନେ ଆରଏସ୍‌ପି କର୍ମୀଙ୍କୁ ନୂତନବର୍ଷର ଶୁଭେଚ୍ଛା ଜଣାଇଥିଲେ। ଏହି ପରିଦର୍ଶନ ପ୍ରଶାସନିକ ବ୍ଲକରୁ ଆରମ୍ଭ ହୋଇଥିଲା। ଏହି ଉତ୍ସବକୁ ସ୍ମରଣୀୟ କରିବା ପାଇଁ ଏଲଆଣ୍ଡଡି ବିଭାଗରେ କେକ୍ କଟାଯାଇଥିଲା। ଆଲୋଚନା ସମୟରେ ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ବିଭିନ୍ନ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, ବିଭାଗଗୁଡିକରେ ଆମର କର୍ମଚାରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ସମର୍ପଣ, ଦଳଗତ କାର୍ଯ୍ୟ ଏବଂ ସ୍ଥିରତା ପ୍ରକୃତରେ ପ୍ରଶଂସନୀୟ। ଉତ୍ପାଦକତାରେ ବୃଦ୍ଧି ଏବଂ ବୈଷୟିକ-ଅର୍ଥନୀତିକୁ ଆହୁରି ଉନ୍ନତ କରିବା ପାଇଁ ନିର୍ଦ୍ଦିଷ୍ଟ କ୍ଷେତ୍ର ଉପରେ ଧ୍ୟାନ ଦେବାକୁ ସେ ସମସ୍ତଙ୍କୁ ଉତ୍ସାହିତ କରିଥିଲେ।



# ପତ୍ନୀକୁ ପିଟି ପିଟି ହତ୍ୟା; ସ୍ୱାମୀ ଫେରାର

**ରାଉରକେଲା, ୧।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ହେମଗିର ଥାନା ଅଧୀନ ଖୁଣ୍ଟିପାଣି ଗାଁରେ ପାରିବାରିକ ଗଣ୍ଡଗୋଳକୁ କେନ୍ଦ୍ରକରି ଜଣେ ବ୍ୟକ୍ତି ତାର ପତ୍ନୀକୁ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ମହିଳା ହେଉଛି ହେମଗିର ଥାନା ଅଧୀନ ଖୁଣ୍ଟିପାଣି ଗାଁର ମୁକୁନ୍ଦ ଧନୁଆରଙ୍କ ପତ୍ନୀ ପୁଷ୍ପା ଧନୁଆର(୩୩)। ସୂଚନା ମୁତାବକ ହେମଗିର ଥାନା ରାମଲତା ଗାଁର ଗଂଜାଲାଲ ଧନୁଆରଙ୍କ ଝିଅ ପୁଷ୍ପା ଧନୁଆରଙ୍କର ହେମଗିର ଥାନା ଅଧୀନ ଖୁଣ୍ଟିପାଣି ଗାଁର ମୁକୁନ୍ଦ ଧନୁଆରଙ୍କ ସହ ୧୫ ବର୍ଷ ତଳେ ବିବାହ ହୋଇଥିଲା। ଗତ ୩୧ ତାରିଖ ରାତିରେ ସମସ୍ତେ ଜିରୋନାଇଟ ପାଳନରେ ମସଗୁଲ ରହିଥିବାବେଳେ ପାରିବାରିକ ବିବାଦରେ ମୁକୁନ୍ଦ ଓ ପତ୍ନୀ ପୁଷ୍ପାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ମୁକୁନ୍ଦ ପତ୍ନୀ ପୁଷ୍ପାକୁ ପିଟିପିଟି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରି ଫେରାର ହୋଇଯାଇଥିଲା। ଏ ବିଷୟରେ ଖବର ପାଇ ପୁଷ୍ପାଙ୍କ ପିତା ଗଂଜାଲାଲ ଧନୁଆର ହେମଗିର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏ ନେଇ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ବିଜୁ ପାର୍କରେ ପୁଣି ବୋଟିଂ ବ୍ୟବସ୍ଥା



**ବଣାଇଁ,୧।୧(ସମିସ):** ବଣାଇଁଗଡ଼ ସହର କନ୍ତଯୋଡ଼ିଠାରେ ଥିବା ପୋଖରୀକୁ ଆଧୁନିକୀକରଣ କରି ବିଜୁ ପାର୍କ ନିର୍ମାଣ କରାଯାଇଥିଲା। ଏହି ପୋଖରୀରେ ପ୍ରଥମେ ବୋଟିଂ ବ୍ୟବସ୍ଥା ହୋଇଥିବାବେଳେ ସର୍ବସାଧାରଣ ଉପଯୋଗ କରୁଥିଲେ। କିନ୍ତୁ କିଛି ବର୍ଷ ହେବ ରକ୍ଷଣାବେକ୍ଷଣ ଅଭାବରୁ ଏହି ବୋଟିଂ ସେବା ବନ୍ଦ ହୋଇପଡ଼ିଥିଲା। ବଣାଇଁ ଉପ ଜିଲ୍ଲାପାଳ ଅକ୍ଷୟ ପିଲ୍ଲେଙ୍କ ଉଦ୍ୟମରେ ପଞ୍ଚାୟତ ପକ୍ଷରୁ ସରପଞ୍ଚ ନମିତା ନାଗ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ରୋମିଓ ରଞ୍ଜନ ପ୍ରଧାନ ଏହି ବୋଟିଂ ସେବା ପୂର୍ବପରି ଚାଲିବା ପାଇଁ ନିଷ୍ପତ୍ତି ନେଇ ଗୁରୁବାର ଠାରୁ ପୂର୍ବପରି ବୋଟିଂ ସେବା ଆରମ୍ଭ କରିଛନ୍ତି। ନବବର୍ଷ ଉପଲକ୍ଷେ ଉପ ଜିଲ୍ଲାପାଳ ନିଜେ ବୋଟିଂ କରି ସର୍ବ ସାଧାରଣଙ୍କ ପାଇଁ ଏହିସେବା ଆରମ୍ଭ କରିଥିଲେ। ଏହାସହ ବଣାଇଁ ଜନସାଧରଣଙ୍କୁ ଏହି ବୋଟିଂପାଇଁ ବହୁ ସଂଖ୍ୟାରେ ପରିବାର ସହ ଆସନ୍ତୁ ଓ ଏହାକୁ ଉପଭୋଗ କରନ୍ତୁ ବୋଲି ବଣାଇଁ ଉପ ଜିଲ୍ଲାପାଳ ଶ୍ରୀ ପିଲ୍ଲେ କହିଛନ୍ତି।

# ଆର୍‌ଏସ୍‌ପି ପକ୍ଷରୁ ମହିଳାଙ୍କୁ ସିଲେଇ ତାଲିମ

**ରାଉରକେଲା,୧।୧(ସମିସ):** ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ପାଶ୍ୱରାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଆୟୋଜିତ ୧୫ ଦିନିଆ ତାଲିମ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ବନ୍ଧମୁଣ୍ଡା ଗ୍ରାମ ପଞ୍ଚାୟତର ୧୫ ଜଣ ମହିଳାଙ୍କୁ ସିଲେଇ ମେସିନ୍ ଦ୍ୱାରା କାମ କରିବା ସହିତ ଶିଳ୍ପସ୍ତରୀୟ ସିଲେଇ ମେସିନ୍ ପରିଚାଳନା ସମ୍ବନ୍ଧରେ ତାଲିମ ଦିଆଯାଇଥିଲା। ସିଲେଇ ଅଧିବେଶନଗୁଡ଼ିକ ଉଷା ସିଲେଇ ସ୍କୁଲର ମାଷ୍ଟର ଟ୍ରେନର ମୋନାଲିଶା ସାହୁଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ଏହାର ଉଦ୍‌ଯାପନୀ ସମାରୋହରେ ସହର ସେବା ଓ ସିଏସଆର ବିଭାଗର ସିଜିଏମ ଟିଜି କାନେକର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସିଏସ୍‌ଆର୍ ବିଭାଗର ଜିଏମ୍ ଇନଚାର୍ଜ ମୁନମୁନ ମିତ୍ର, ଡିଜିଏମ୍ ଟି ବି ଟପ୍ପୋ, ଡେପୁଟି ମ୍ୟାନେଜର ଏସ୍ କେ ଶୁକ୍ଲା, ଗ୍ରାମ ଉତ୍ଥାନ ପ୍ରୋଜେକ୍ଟ ମ୍ୟାନେଜର ଗୁରୁ ପ୍ରସାଦ ମହାନ୍ତିଙ୍କ ସହ ଆରଏସପି ଏବଂ ସମ୍ପୃକ୍ତ ସଂସ୍ଥାର ବହୁ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ କାନେକର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ମହିଳାମାନଙ୍କର ଆର୍ଥିକ ସଶକ୍ତିକରଣ ପାଇଁ ନିଆଯାଇଥିବା ସିଏସ୍‌ଆର୍ ପ୍ରୟାସକୁ ପ୍ରଶଂସା କରିଥିଲେ। ତାଲିମ ସମୟରେ ପ୍ରଶିକ୍ଷାର୍ଥୀମାନଙ୍କ ଦ୍ୱାରା ପ୍ରସ୍ତୁତ ଶ୍ରେଷ୍ଠ ଉତ୍ପାଦ ଯେପରିକି ପୁରୁଷ, ମହିଳା, ପିଲାଙ୍କ ପାଇଁ ପୋଷାକ ଏବଂ ରୋଷେଇ ଘର ଆପ୍ରନ୍, ଏମ୍ବ୍ରୋଡାରି ଏବଂ ଆପ୍ଲିକ୍ କାମ ଇତ୍ୟାଦି ମଧ୍ୟ ପ୍ରଦର୍ଶିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ, ମହିଳାଙ୍କୁ ସିଲେଇ ମେସିନ୍ ବସାଇବା, ମରାମତି ଏବଂ ସର୍ଭିସିଂ, ଡିଜାଇନ୍ ଏବଂ ପ୍ୟାଟର୍ନ ଫର୍ମୁଲେଟିଂ, ମାପ କୌଶଳ ଏବଂ କଟିଂ, ସିଲେଇ, ପୋଷାକ ଫିଟିଂ, ହେମିଂ ଏବଂ ଇଣ୍ଟରଲକିଂ, ପ୍ୟାକେଟିଂ ଏବଂ ଫାଷ୍ଟିଂ ସହ ଅନ୍ୟାନ୍ୟ ନିର୍ଦ୍ଦିଷ୍ଟ ପୋଷାକ ସିଲେଇ ତାଲିମ ଶିକ୍ଷା ଦିଆଯାଇଥିଲା। ପ୍ରଥମ ପର୍ଯ୍ୟାୟ ସମାପ୍ତ ହେବା ପରେ ବନ୍ଧମୁଣ୍ଡାରେ ଏକ ତାଲିମ ଏବଂ ଉତ୍ପାଦନ କେନ୍ଦ୍ର (ଟିସିପିସି) ସ୍ଥାପନ କରାଯିବ, ଯେଉଁଥିରେ ସାଧାରଣ ଏବଂ ବାଣିଜ୍ୟିକ ବର୍ଗର ସିଲେଇ ମେସିନ ଏବଂ ଏକ ବହୁମୁଖୀ କାର୍ଯ୍ୟକ୍ଷମ ସିଲେଇ ମେସିନ ରହିବ ବୋଲି କୁହାଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ଛଅ ମାସ ପରେ ୧୦ ଦିନିଆ ରିଫ୍ରେସର ଅନସାଇଟ୍ ତାଲିମ ପାଠ୍ୟକ୍ରମ ଆରମ୍ଭ ହେବ। ପରେ ତୃତୀୟ ପର୍ଯ୍ୟାୟରେ ପ୍ରଶିକ୍ଷାର୍ଥୀମାନଙ୍କୁ ମୂଲ୍ୟ ବୃଦ୍ଧି ପାଇଁ ଏକ ପଦକ୍ଷେପ ଭାବରେ କଟୱାର୍କ ଆପ୍ଲିକ୍ୟୁ ତାଲିମରେ ୧୦ ଦିନିଆ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯିବ। ସମ୍ପୂର୍ଣ୍ଣ ତାଲିମ ପରେ ତାଲିମପ୍ରାପ୍ତ ମହିଳାମାନଙ୍କୁ ଏକ ଉତ୍ପାଦକ ଗୋଷ୍ଠୀ ଭାବରେ ପଞ୍ଜୀକୃତ କରାଯିବ ଏବଂ ବଡ଼ ଅର୍ଡର ପାଇଁ ଓରମାସ୍ ସହିତ ସଂଯୋଗ ସ୍ଥାପନ କରାଯିବ। ବନ୍ଧମୁଣ୍ଡା ପଞ୍ଚାୟତରେ ତାଲିମ ଏବଂ ଉତ୍ପାଦନ କେନ୍ଦ୍ର (ଟିସିପିସି) ପ୍ରତିଷ୍ଠା ପାଇଁ ମୋଟ ୧୧.୯୮ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏଥିରେ ବାଣିଜ୍ୟିକ ବ୍ୟବସାୟ କାର୍ଯ୍ୟ ଆରମ୍ଭ କରିବା ପାଇଁ ୩୫,୦୦୦ ଟଙ୍କା ସିଡ୍ ମନି ଅନ୍ତର୍ଭୁକ୍ତ। ମୁନମୁନ ମିତ୍ର ଉଦ୍‌ଘାଟନୀ ଭାଷଣ ଦେଇଥିବାବେଳେ ଏସ୍‌କେ ଶୁକ୍ଲା ଧନ୍ୟବାଦ ଅର୍ପଣ କରିଥିଲେ।



# ସେକ୍ଟର-୩ ଥାନାରେ ଆମ ପୁଲିସ ବୈଠକ

**ରାଉରକେଲା,୧।୧(ସମିସ):** ସେକ୍ଟର-୩ ଥାନାରେ ଆମ ପୁଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଇନ୍ସପେକ୍ଟର ପିଙ୍କି ମୁର୍ମୁ ଅଧ୍ୟକ୍ଷତା କରି ଥାନା ଅଞ୍ଚଳରେ ଚୋରି, ମଦ୍ୟପାନ କରି ଗାଡ଼ି ଚାଳନା, ଛିନତାଇ, ସାଇବର ଅପରାଧ ଘଟଣା ବୃଦ୍ଧି ନେଇ ଉଦବେଗ ପ୍ରକାଶ କରିଥିଲେ। ଜନସାଧାରଣଙ୍କ ସହଯୋଗରେ ପୁଲିସ ଚୋରି ରୋକିବା ନେଇ ସମସ୍ତ ପଦକ୍ଷେପ ନେବା ପାଇଁ ପ୍ରସ୍ତୁତ ରହିଛି। ମାତ୍ର ବାରମ୍ବାର କହିବା ସତ୍ତ୍ୱେ ଜନସାଧାରଣ ତାଲା ପକାଇ ବାହାରକୁ ଗଲେ କୌଣସି ସୂଚନା ଦେଉ ନାହାଁନ୍ତି। ପୁଲିସ ପକ୍ଷରୁ ପାଟ୍ରୋଲିଂ ଜୋରଦାର ହେଉଥିଲେ ମଧ୍ୟ ଚୋର ଜନସାଧାରଣଙ୍କ ଅସାବଧାନତାର ସୁଯୋଗ ନେଇ ମଉକା ଦେଖି ଚୋରି କରିବାରେ ସଫଳ ହେଉଛନ୍ତି। ଜନସାଧାରଣ ଏ ନେଇ ବ୍ୟାପକ ସଚେତନ ହେବା ସହ ପୁଲିସକୁ ସୂଚନା ଦେବା ଜରୁରୀ। ନିଜ ଘର ନିକଟରେ ଅଚିହ୍ନା ବ୍ୟକ୍ତି ବିଶେଷ କିମ୍ବା ଗାଡ଼ିରେ ତିନି ଜଣ ବୁଲିବାବେଳେ ସନ୍ଦେହ ହେଲେ ତୁରନ୍ତ ପୁଲିସକୁ ଫଟୋ ଉଠାଇ ପଠାଇବା ପାଇଁ ଅନୁରୋଧ କରିଥିଲେ। ଆମ ପୁଲିସ ଦାୟିତ୍ୱରେ ଥିବା ଏଏସଆଇ ମଙ୍ଗୁଳି ଜେନା ଉପସ୍ଥିତ ସଦସ୍ୟଙ୍କୁ ନିଜ ନିଜ ଅଞ୍ଚଳର ସମସ୍ୟା ବାବଦରେ କହିବା ପାଇଁ ଅନୁରୋଧ କରିଥିଲେ। ସଦସ୍ୟ କମ୍ୟୁନିଷ୍ଟ ଗୌଡ ସେକ୍ଟର-୧ ଏଚ୍ ବ୍ଲକ୍ ସମ୍ମୁଖ ପାର୍କରେ ଅସାମାଜିକ ତତ୍ତ୍ୱଙ୍କ ଉତ୍ପାତ ବଢିଥିବା ବିଷୟରେ କହିଥିଲେ। ସଦସ୍ୟ ସଞ୍ଜୀବ କୁମାର ନାୟକ ସେକ୍ଟର-୧ ଡି ବ୍ଲକ୍ ପାଢ଼ୀ ହୋଟେଲ ଛକ ରାସ୍ତାକଡ଼ରେ ବସୁଥିବା ପରିବା ବ୍ୟବସାୟୀଙ୍କୁ ନେଇ ରାସ୍ତା ଜାମ୍ ସହ ଦୁର୍ଘଟଣା ହେଉଥିବା ପ୍ରସଙ୍ଗ ଉଠାଇ ରାସ୍ତା କଡ଼ରୁ ଅନ୍ୟତ୍ର ସ୍ଥାନାନ୍ତରିତ ପାଇଁ ପ୍ରସ୍ତାବ ଦେଇଥିଲେ। ମହିଳା ସଦସ୍ୟ ଲୀନା ନାୟକ ପୁଲିସ୍ ପକ୍ଷରୁ ବିଭିନ୍ନ ଚିହ୍ନଟ ଅଞ୍ଚଳରେ ପହଞ୍ଚି ବୈଠକ କରି ସଚେତନତା ସୃଷ୍ଟି କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏଏସଆଇ ମଙ୍ଗୁଳି ଜେନା ଧନ୍ୟବାଦ ଦେଇଥିଲେ।

# ୩ କାର୍ ମଧ୍ୟରେ ଧକ୍କା; ୨ ଆହତ

**ରାଉରକେଲା,୧।୧(ସମିସ):** ମୁଖ୍ୟ ରାସ୍ତାରେ ୨ଟି କାରକୁ ଧକ୍କା ଦେଇଛି ଅନ୍ୟଏକ କାର୍। ଫଳରେ ୨ ଜଣ ଆହତ ହୋଇଥିବା ଜଣାପଡ଼ିଛି। ରଘୁନାଥପାଲି ଥାନା ଅଧୀନ ସିଭିଲ ଟାଉନସିପ ସୁରୁଚି ବଜାର ନିକଟରେ ବୁଧବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିଲା। ସୂଚନା ମୁତାବକ, ପାନପୋଷ ପଟୁ ଏସଟିଆଇ ଆଡ଼କୁ ଏକ କାର୍ ଆସୁଥିଲା। ଦୁର୍ଘଟଣା ଘଟିଥିବା ସ୍ଥାନରେ ଏକ କାର୍ ରାସ୍ତା ପାରି ହେଉଥିବା ବେଳେ ତାକୁ ଧକ୍କା ଦେଇ ଅନ୍ୟ ଏକ କାରକୁ ଯାଇ ଧକ୍କା ଦେଇଥିଲା। ଫଳରେ ୩ଟି କାର କ୍ଷତିଗ୍ରସ୍ତ ହୋଇଥିଲା। କାରରେ ଥିବା ଚାଳକ ଓ ଅନ୍ୟ ଜଣେ ଯୁବକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ପୁଲିସ ଓ ପରିବହନ ବିଭାଗ ପକ୍ଷରୁ ସଚେତନତା ଶୋଭାଯାତ୍ରା

**ରାଉରକେଲା,୧।୧(ସମିସ):** ରାଉରକେଲା ସହରରେ ପୁଲିସ ଓ ପରିବହନ ବିଭାଗ ପକ୍ଷରୁ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଦିନକୁ ଦିନ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ହେବାସହ ବର୍ଷକୁ ଦୁର୍ଘଟଣାରେ ୫ ହଜାରରୁ ଅଧିକ ମୃତ୍ୟୁବରଣ କରୁଥିବା ଅଭିଯୋଗ ହେଉଛି। ଦୁର୍ଘଟଣା ସଂଖ୍ୟା ହ୍ରାସ କରିବା ପାଇଁ ପୁଲିସ ଓ ପରିବହନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲେ ମଧ୍ୟ ଦୁର୍ଘଟଣା ସଂଖ୍ୟା ରୋକାଯାଇ ପାରୁନାହିଁ। ଏହି ପରିପ୍ରେକ୍ଷୀରେ ରାଉରକେଲା ସହରରେ ଆଜିଠାରୁ ଜାତୀୟ ସଡ଼କ ସୁରକ୍ଷା ମାସ ଆରମ୍ଭ ଅବସରରେ ରାଉରକେଲା ପୁଲିସ ଓ ପରିବହନ ବିଭାଗ ପକ୍ଷରୁ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ଆରଟିଓ ବି ସାମନ୍ତସିଂହାର ଶୁଭାରମ୍ଭ କରିଥିଲେ।। ରାଉରକେଲା ପୁଲିସ ଜିଲ୍ଲାରେ ଦୁର୍ଘଟଣା ସଂଖ୍ୟା ହ୍ରାସ କରି ମୃତକ ଓ ଆହତଙ୍କ ସଂଖ୍ୟା କମାଇବା ପାଇଁ ପୁଲିସ ଓ ପରିବହନ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ରଣନୀତି। ରାଉରକେଲା ପୁଲିସ ଜିଲ୍ଲାରେ ଦୁର୍ଘଟଣା ସଂଖ୍ୟା ରୋକିବା ପାଇଁ ଅଧିକ ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ କରାଯାଇ କାହିଁକି ଦୁର୍ଘଟଣା ଘଟୁଛି, ଦୁର୍ଘଟଣା ରୋକିବା ପାଇଁ କ'ଣ କ'ଣ ପଦକ୍ଷେପ ନେବାକୁ ପଡିବ, ସେନେଇ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ରାଉରକେଲା ପୁଲିସର ବରିଷ୍ଠ ଅଧିକାରୀ ଓ ପରିବହନ ବିଭାଗର ଅଧିକାରୀ ମିଳିତ ଭାବେ ବାଇକ ଶୋଭାଯାତ୍ରା କରି ଜନ ସଚେତନତା ସୃଷ୍ଟି କରିଥିଲେ। ରାଉରକେଲା ପୁଲିସ ଜିଲ୍ଲାରେ ଦୁର୍ଘଟଣା ସଂଖ୍ୟା ହ୍ରାସ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ରାଉରକେଲା ଏସପି ନିତେଶ ୱାଧୱାନୀ ସୁଚନା ଦେଇଛନ୍ତି। ମଦୁଆ ଡ୍ରାଇଭରକୁ ଧରିବା , ଦ୍ରୁତ ଗତିରେ ଗାଡ଼ି ଚାଳନାକୁ ରୋକିବା, ସିସିଟିଭି ଜରିଆରେ ଦ୍ରୁତ ଗତିରେ ଗାଡ଼ି ଚଳାଉଥିବା ଚାଳକଙ୍କୁ ଧରି ଜରିମାନା ଆଦାୟ କରିବା, ବିନା ହେଲମେଟ ବାଇକ ଚାଳକଙ୍କଠାରୁ ଜରିମାନା ଆଦାୟ କରିବା ପାଇଁ ପୁଲିସ ଓ ପରିବହନ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି।

# ଖଣ୍ଡାଧାର ଜଳପ୍ରପାତରେ ପର୍ଯ୍ୟଟକଙ୍କ ଭିଡ଼

ବଣାଇଁ,୧।୧(ସମିସ)

ବଣାଇଁ ସହରଠାରୁ ୧୫ କିମି ଦୂର ଲହୁଣୀପଡ଼ା ବ୍ଲକ ତାଲବାହାଲି ପଞ୍ଚାୟତ ଅଧୀନ ଲଡ଼ାପାଣି ନିକଟରେ ରହିଛି ଓଡ଼ିଶାର ଉଚ୍ଚତମ ସୌନ୍ଦର୍ଯ୍ୟଭରା ଜଳପ୍ରପାତ ଖଣ୍ଡାଧାର। ପ୍ରାକୃତିକ ପରିବେଶ ମଧ୍ୟରେ ଉଚ୍ଚ ପାହାଡ଼ରୁ ଝରି ଆସୁଥିବା ନିର୍ମଳ ଜଳରାଶି ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରୁଥିବା ବେଳେ ବଣଭୋଜି କରିବାର ମଜା ନେଉଛନ୍ତି ହଜାର ହଜାର ପର୍ଯ୍ୟଟକ। ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ହାସଲ କରିବା ପରେ ଗତ ୭ ବର୍ଷରୁ ଊର୍ଦ୍ଧ୍ୱ ହେବ, ଓଡ଼ିଶା ପର୍ଯ୍ୟଟନ ବିଭାଗ ଓ ବଣାଇଁ ବନବିଭାଗ ପକ୍ଷରୁ ମିଳିତ ଭାବେ ଏହି ପ୍ରାକୃତିକ ପର୍ଯ୍ୟଟନସ୍ଥଳୀକୁ କ୍ରମାଗତ ଭାବେ ବିକଶିତ କରାଯାଉଛି। ଯାହା ଫଳରେ ବର୍ତ୍ତମାନ ଓଡ଼ିଶା ସମେତ ରାଜ୍ୟ ବାହାରେ ମଧ୍ୟ ଏହା ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବରେ ପରିଚିତ ହୋଇସାରିଛି। ଓଡ଼ିଶା ପର୍ଯ୍ୟଟନ ବିଭାଗର ୱେବ୍ ସାଇଟ୍ ରେ ଅନଲାଇନ ଦ୍ୱାରା ବୁକିଂ କରି ପ୍ରତ୍ୟେକ ଦିନ ଓଡ଼ିଶା ସମେତ ରାଜ୍ୟ ବାହାରୁ ଏଠାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କ ଆଗମନ ଦେଖିବାକୁ ମିଳୁଛି। ପ୍ରାକୃତିକ ପରିବେଶ ମଧ୍ୟରେ ୧୦ଟି ଆରାମଦାୟକ କଟେଜ ଓ ୪ଟି ନୂତନ ପ୍ରକୋଷ୍ଠ ରେ ରାତ୍ରି ଯାପନ କରିବା ସହ, ଅତ୍ୟାଧୁନିକ ଡାଇନିଂ ହଲରେ ସୁସ୍ୱାଦୁ ଖାଦ୍ୟର ମଜା ନେଉଛନ୍ତି ପର୍ଯ୍ୟଟକ। ଜଳପ୍ରପାତର ପାଦଦେଶରେ ରହିଛି ଶିଶୁ ଉଦ୍ୟାନ, ପାର୍କ, ତା ସହିତ ବଣଭୋଜି ନିମନ୍ତେ ନିର୍ମିତ ବଡ଼ବଡ଼ ବୃକ୍ଷତଳେ ପିଣ୍ଡିର ବ୍ୟବସ୍ଥା। ପର୍ଯ୍ୟଟନସ୍ଥଳୀରେ ମଦ୍ୟପାନ ଓ ଧୂମ୍ରପାନ ଉପରେ ପ୍ରଶାସନ ପକ୍ଷରୁ କଡା କଟକଣା ରହିଥିବାରୁ ଶାନ୍ତି ଶୃଙ୍ଖଳାର ସହିତ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବଣଭୋଜି ସହ ଜଳପ୍ରପାତ ବୁଲିବାର ମଜା ନେଉଛନ୍ତି ହଜାର ହଜାର ଲୋକ। ଖଣ୍ଡାଧାର ଜଳପ୍ରପାତ ସହିତ ସ୍ଥାନୀୟ ଆଦିବାସୀମାନଙ୍କ ସମ୍ପର୍କ ବେଶ ନିବିଡ଼। ଯାହାଫଳରେ ବନସୁରକ୍ଷା ସମିତି ମାଧ୍ୟମରେ ଏଠାରେ ବସବାସ କରୁଥିବା ଭୂୟାଁ ଜନଜାତିର ଅନେକ ଯୁବକ, ଯୁବତୀଙ୍କୁ ଏହି ପର୍ଯ୍ୟଟନସ୍ଥଳୀରେ ବିଭିନ୍ନ କାର୍ଯ୍ୟରେ ନିଯୋଜିତ କରାଯାଇଛି। ବର୍ତ୍ତମାନ ସେମାନଙ୍କ ପାଇଁ ବଣାଇଁ ବନବିଭାଗ ରୋଜଗାର ପନ୍ଥା ଯୋଗାଇ ଦେବା ସହିତ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଚେଷ୍ଟା କରିଆସୁଛି। ପ୍ରତ୍ୟେକ ଦିନ ଚାରିଚକିଆ ଯାନ ସହ ବଡ଼ ବଡ ବସ୍ ଯୋଗେ ଅନେକ ଦୂରରୁ ଛୁଟି ଆସୁଛନ୍ତି ପର୍ଯ୍ୟଟକ।




# ନୂଆବର୍ଷରେ ଯୋଗମାୟା ପୀଠ ଲୋକାରଣ୍ୟ





କେସିଙ୍ଗା, ୧।୧ (ସମିସ): କଳାହାଣ୍ଡି ଜିଲ୍ଲାର ଅନ୍ୟତମ ପ୍ରମୁଖ ଦର୍ଶନୀୟ ସ୍ଥାନ କେସିଙ୍ଗା ବ୍ଲକ୍ ଗୁର୍ଜୀମୁଣ୍ଡା ସ୍ଥିତ ମାଁ ଯୋଗମାୟା ପୀଠରେ ପିକନିକ୍ ଋତୁରେ ଜମୁଛି ବଣଭୋଜି ପ୍ରେମୀଙ୍କ ଭିଡ଼। ଚଳିତ ବର୍ଷ ନଭେମ୍ବର ମାସ ର ଶେଷ ସପ୍ତାହରୁ ପ୍ରବଳ ଶୀତ ଅନୁଭୂତି ହେଉଥିବା ବେଳେ ଭୋଜି ପ୍ରେମୀଙ୍କ ଭିଡ ଜମିବାରେ ଲାଗିଛି। କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକ ଗୁର୍ଜିମୁଣ୍ଡା ର ବିରିପୁରା ପାହାଡ଼ ର ପାଦଦେଶରେ ଅବସ୍ଥିତ ମାଁ ଯୋଗମାୟା ଙ୍କ ଶକ୍ତି ପୀଠରେ ବଣଭୋଜି ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ପ୍ରତିବର୍ଷ ଜାନୁୟାରୀ ମାସ ୧ ତାରିଖ ଦିନ ବଣଭୋଜି ପାଇଁ ରାଜ୍ୟ ତଥା ପଡୋଶୀ ରାଜ୍ୟରୁ ମଧ୍ୟ ପର୍ଯ୍ୟଟକମାନେ ଆସୁଥିବାର ଦେଖିବାକୁ ମିଳୁଛି।ପ୍ରାକୃତିକ ପରିବେଶରେ ଭରପୁର ଉକ୍ତ ପୀଠ ଭବାନୀପାଟଣା କେସିଙ୍ଗା ଏନ୍ଏଚ ୨୬ ଖଜୁରିପଡା ଛକ ଠାରୁ ୬ କିମି କେସିଙ୍ଗା ରେଳ ଷ୍ଟେସନ ଠାରୁ ୮ କିମି ଓ ଉତ୍କେଲା ବିମାନ ବନ୍ଦରରୁ ମାତ୍ର ୫ କିମି ଦୂରରେ ଅବସ୍ଥିତ। ପ୍ରଶାସନ ପକ୍ଷରୁ ସୁନ୍ଦର ରାସ୍ତା ସହିତ ମନ୍ଦିର ଟ୍ରଷ୍ଟ ପକ୍ଷରୁ ପୀଠରେ ବଣଭୋଜି ପାଇଁ ସମସ୍ତ ଆନୁସାଙ୍ଗିକ ବ୍ୟବସ୍ଥା ଯଥା ବଣଭୋଜି ପାଇଁ ସ୍ଥାନ ନିରୂପଣ,ପାଣିର ବ୍ୟବସ୍ଥା ବସିବା ପାଇଁ ସ୍ଥାନେ ସ୍ଥାନେ ଆକର୍ଷଣୀୟ ଟେବୁଲ୍ ପର୍ଯ୍ୟଟକଙ୍କୁ ମାଁଙ୍କ ପୀଠକୁ ଟାଣି ନେଉଛି। ପ୍ରାକୃତିକ ପରିବେଶର ଆନନ୍ଦ ସାଙ୍ଗକୁ ପୀଠରେ ମାଁଙ୍କ ଦର୍ଶନ କରି ମାଁ ଯୋଗମାୟାଙ୍କ ଆର୍ଶୀବାଦ ନେଇଥାନ୍ତି।ସେପଟେ ପୀଠରୁ ଦୁଇ କିଲୋମିଟର ଦୂରରେ ଅବସ୍ଥିତ ଦେବଗୁମ୍ଫା ପର୍ଯ୍ୟଟକଙ୍କୁ ଟାଣି ଆଣିଥାଏ ଗୁମ୍ଫା ରେ ଥିବା ବିରାଟ କାୟ ଶିବଲିଙ୍ଗ ଦର୍ଶନ ପାଇଁ ଯାହାର ଉତ୍ପତ୍ତି ୧୯୯୬ ମସିହାରେ ହୋଇଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଏ।ପ୍ରତିଦିନ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ମାଁଙ୍କ ପୀଠକୁ ଆସୁଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ଅନେକ ଭିତ୍ତିଭୂମିର ବିକାଶ କାମ ଜୋର୍‌ସୋର୍‌ରେ ଚାଲିଥିବା ବେଳେ ସରକାରୀ ଅନୁଦାନ ସମୁଦ୍ରକୁ ଶଙ୍ଖେ ପାଣି ବୋଲି ଲାଗୁଛି। କିଛି ଦିନ ତଳେ ମାଁ ଙ୍କ ପୀଠରେ ଏକ ସୁନ୍ଦର ସେଲ୍ଫୀ ପଏଣ୍ଟ ମଧ୍ୟ ଉଦ୍‌ଘାଟନ ହୋଇଛି। ସରକାର ନିଜର ସୁଦୃଷ୍ଟି ଉକ୍ତ ଦେବୀ ପୀଠରେ ପକାଇଲେ ଆଗାମୀ ଦିନରେ ଜିଲ୍ଲା କାହିଁକି ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ନିଜର ନାମ ଲିପିବଦ୍ଧ ହେବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।

## ଦେବଦେବୀଙ୍କ ପୀଠ ଉତ୍ସବମୁଖର



ଗୋଲାମୁଣ୍ଡା, ୧।୧ (ସମିସ): ଲୋକେ ୨୦୨୫ ବର୍ଷକୁ ବିଦାୟ ଜଣାଇ ଇଂରାଜୀ ନୂତନ ବର୍ଷ ୨୦୨୬କୁ ସ୍ୱାଗତ ଜଣାଇଛନ୍ତି। ଏନେଇ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବାଜା ବଜାଇ,ବାଣ ଫୁଟାଇ, ନାଚ,ଗୀତ ସହ ଲୋକେ ୨୦୨୬ ନୂତନ ବର୍ଷକୁ ସ୍ୱାଗତ କରିଛନ୍ତି।ଏହି ଅବସରରେ ଲୋକେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଅଞ୍ଚଳରେ ମଧ୍ୟ ଧୁମ୍‌ଧାମରେ ନୂତନ ବର୍ଷକୁ ସ୍ୱାଗତ ଜଣାଇଛନ୍ତି। ନୂତନ ବର୍ଷ ପାଇଁ ଗୋଲାମୁଣ୍ଡା ଅଞ୍ଚଳରେ ଥିବା ବିଭିନ୍ନ ଦେବା ଦେବୀଙ୍କ ଶକ୍ତି ପୀଠରେ ଲୋକଙ୍କ ପ୍ରବଳ ଭିଡ ଲାଗି ରହିଥିଲା। ଭକ୍ତ ଓ ଶ୍ରଦ୍ଧାଳୁମାନେ ଅନେକ ଶୁଭକାମନା ନେଇ ନୂଆଁ ବର୍ଷ ଦିନ ବିଭିନ୍ନ ଦେବଦେବୀ ପୀଠରେ ପୂଜାର୍ଚ୍ଚନା କରିବା ସକାଶେ ସକାଳୁ ଭିଡ ଲଗାଇଥିଲେ। ଗୋଲାମୁଣ୍ଡାର ଶିବ ମନ୍ଦିର,ଜଗନ୍ନାଥ ମନ୍ଦିର,ମଙ୍ଗଳା ମନ୍ଦିର, ମାନଝରି ର ଶିବ ମନ୍ଦିର,ଚପ୍ରାୟାର ଜଳେଶ୍ୱର ମନ୍ଦିର, ତୁମୁରାର ଜଗନ୍ନାଥ ମନ୍ଦିର,ମହାଲିଙ୍ଗର ଜଗନ୍ନାଥ ମନ୍ଦିର,ଲେଡେର ଶିବ ମନ୍ଦିର ,କରଞ୍ଜାକୋଟର ଶିବ ମନ୍ଦିର, ଗଡଳାଝରନର ଶୈବ ପୀଠ,କମଳାବାରିର ଶିବ ମନ୍ଦିର,କେନ୍ଦୁମୁଣ୍ଡି ର ତାରିଣୀ ପୀଠ ସହିତ ଅଞ୍ଚଳରେ ରହିଥିବା ଅନେକ ଦେବା ଦେବୀଙ୍କ ପୀଠରେ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା।

## ଡୋକରୀଚଞ୍ଚରା-'କରକ' ସବୁଠି ଜମିଲା ଭିଡ଼


କୋକସରା,୧।୧(ସମିସ): ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟର ଗନ୍ତାଘର ହେଉଛି କଳାହାଣ୍ଡି। ଯେଉଁଠି ପାହାଡ, ଜଙ୍ଗଲ,ନଦୀ,ଝରଣା ସହ ପ୍ରକୃତି ଏକା ସାଙ୍ଗରେ ଦୃଶ୍ୟମାନ ହୁଏ। କୋକସରା ବ୍ଲକ୍ ସାହାଜଖୋଲ ଜଙ୍ଗଲ ମଧ୍ୟରେ ଥିବା ପ୍ରାକ୍ ଐତିହାସିକ ଯୁଗର ସ୍ୱାକ୍ଷର ବହନ କରୁଥିବା ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରା, ଆମପାଣିର "କରକ' ଜଳପ୍ରପାତ ଓ ଡୁଡୁକାଠେଙ୍ଗା ପଞ୍ଚାୟତ ମୁଗୁନାପଦର ନିକଟରେ ଥିବା ବେହେରା ଡ୍ୟାମ୍ ଠାରେ ଗୁରୁବାର ନୂଆବର୍ଷ ଅବସରରେ ହଜାର ହଜାର ସଂଖ୍ୟାରେ ପିକନିକ୍ ପାର୍ଟିର ଭିଡ଼ ଦେଖିବାକୁ ମିଳିଥିଲା। ପର୍ଯ୍ୟଟନସ୍ଥଳୀ ଡୋକରୀ ଚଞ୍ଚରାଠାରେ ପିକନିକ୍ ପାଇଁ ଆସିଥିବା ପର୍ଯ୍ୟଟକମାନେ ନାଚଗୀତ କରିବା ସହ ସେଲଫି ଉଠାଇ ମଜା ନେଇ ଥିଲେ। ସେହିପରି ଝରଣାର କୁଳୁକୁଳୁ ହୋଇ ବୋହି ଯାଉଥିବା ଜଳରାଶି, ଜଙ୍ଗଲି ପକ୍ଷୀମାନଙ୍କ ମନମିତାଣିଆ ସ୍ୱରରେ ଭରପୁର ଆନନ୍ଦ ଉଠାଇବା ସହ ଏଠାକାର ପ୍ରାକୃତିକ ଝରଣାର ବୋହି ଆସୁଥିବା ଜଳରାଶିରେ ପର୍ଯ୍ୟଟନମାନେ ଗାଧୋଇବା ସହ ବେଶ୍ ମଜା ନେଇଥିଲେ। ସେହିପରି ବେହେରା ଡ୍ୟାମ୍ ଠାରେ ମଧ୍ୟ ପର୍ଯ୍ୟଟକଙ୍କ ଭିଡ଼ ଯମିଥିଲା।ଆମପାଣି "କରକ' ଜଳ ପ୍ରପାତରେ ମଧ୍ୟ ନୂଆ ବର୍ଷରେ ଶହ ଶହ ଲୋକେ ଭିଡ଼ ହୋଇଥିଲା। ବ୍ଲକ୍‌ର ଗୋତମୁଣ୍ଡା ସ୍ଥିତ ଅଠର ନଳା, କନ୍ଦାଗଡ ନିକଟରେ ଥିବା ମୋଡୋସିଲ ଭଳି ଅନେକ ସ୍ଥାନରେ ମଧ୍ୟ ପିକନିକ୍ ପାର୍ଟିର ଭିଡ଼ ଦେଖିବାକୁ ମିଳିଥିବା ବେଳେ ସ୍ଥାନୀୟ ଲୋକମାନେ ପିକନିକ୍ କରିଥିବା ଦେଖିବାକୁ ମିଳିଥିଲା।



## କାର୍-ବାଇକ୍ ମୁହାଁମୁହିଁ ଧକ୍କା; ଜଣେ ଗୁରୁତର

କୋକସରା,୧।୧(ସମିସ): ୨୬ ନମ୍ବର ଜାତୀୟ ରାଜପଥର କୋକସରା ନିକଟରେ ଗୁରୁବାର କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ କୋକସରା ଗ୍ରାମର ଗୋପାଳ ରାଉତ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଜଟିଳ ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। କୋକସରା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଆର୍ଟିଗା କାର ଓ ବାଇକ୍‌କୁ ଜବତ କରିବା ସହ ଆର୍ଟିଗା କାର ଡ୍ରାଇଭରକୁ ଅଟକ ରଖିଥିବା ସୂଚନା ମିଳିଛି।

## ହିଲ୍ ଟାଉନ୍ ସିଭିଲ୍ ସୋସାଇଟିର ବାର୍ଷିକ ଉତ୍ସବ



ଭବାନୀପାଟଣା,୧।୧(ସମିସ): ଭବାନୀପାଟଣା ହିଲ୍ ଟାଉନ୍ ସିଭିଲ୍ ସୋସାଇଟିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲାପାଳ ପୱାର ସଚିନ୍ ପ୍ରକାଶ,ବିଶିଷ୍ଟଅତିଥିଭାରତୀୟପ୍ରଶାସନିକସେବାଅଧିକାରୀଅନିମେଶପ୍ରଧାନ, ମୁଖ୍ୟବକ୍ତା ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭବାନୀପାଟଣା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ହିଲଟାଉନରେ ଲାଗି ରହିଥିବା ଜଳବନ୍ଦୀ ସମସ୍ୟା ଦୂରୀକରଣ ଦିଗରେ କାମ କରିବେ ବୋଲି ମତପ୍ରକାଶ କରିଥିଲେ। ସୋସାଇଟିର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମଲ୍‌ହାର କଳାକେନ୍ଦ୍ର ଭବାନୀପାଟଣା ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରଯାଇଥିଲା। ସଂପାଦକ ଜିତେନ୍ଦ୍ର କୁମାର ମୁଣ୍ଡ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ବ୍ରହ୍ମାନନ୍ଦ ସାମଲଙ୍କ ଶିଶୁ କବିତା ସଂକଳନ 'ଚାରିଚାନ୍ଦ' ଉନ୍ମୋଚନ କରାଯାଇଥିଲା। ଏଥିସହ ଅନ୍ତର୍ଜାତୀୟ ପର୍ବତାରୋହୀ ଯୋଗବ୍ୟାସ ଭୋଇ, ଲୋକପ୍ରିୟ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ପଲଉ ପ୍ରଧାନ ଓ ବିଶିଷ୍ଟ ଲେଖିକା ସ୍ନେହଲତା ଷଡଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ଏହି ଅବସରରେ ଶିଶୁ ଚିତ୍ରକଳା ପ୍ରଦର୍ଶନୀ ସୋସାଇଟିର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା। ଏହାକୁ ପ୍ରଫେସର ବିପିନ ବିହାରୀ ପଣ୍ଡା ଉଦଘାଟନ କରିଥିଲେ। ଉତ୍ସବରେ ୭୫ ବର୍ଷରୁ ଅଧିକ ବୟସର ବରିଷ୍ଠ ସଦସ୍ୟମାନଙ୍କୁ ପୂଜ୍ୟପୂଜା,ପୁରସ୍କାର ବଣ୍ଟନ,ନବବିବାହିତ ଦମ୍ପତିଙ୍କୁ ସମ୍ବର୍ଦ୍ଧନା ଓ ନୂତନ ସଦସ୍ୟଙ୍କୁ ସ୍ୱାଗତ କରାଯାଇଥିଲା।ଉପାଧ୍ୟକ୍ଷ ଗଣପତି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଉତ୍ସବରେ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

## ସେଁପୁର ଧନୁଯାତ୍ରା ଉଦ୍‌ଯାପିତ



ଭବାନୀପାଟଣା,୧।୧(ସମିସ): ଭବାନୀପାଟଣା ସଦର ବ୍ଲକ୍ ସେଁପୁର ଠାରେ ଅନୁଷ୍ଠିତ ସେଁପୁର ଧନୁଯାତ୍ରା ମହୋତ୍ସବର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ଭବାନୀପାଟଣା ବିଧାୟକଙ୍କ ପ୍ରତିନିଧି ଧନୁ ଗହୀର ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ଦୟାନିଧି ନାଏକ, କୁଞ୍ଜବିହାରୀ ସାହୁ, ନରେଶ ସାହୁ, କେଦାର ସାହୁ, ଆଲୋକ ପଟେଲଙ୍କ ସମେତ ସଭାପତି ମାନଗୋବିନ୍ଦ ମାଝୀ, ଉପସଭାପତି ସୁଶାନ୍ତ ମାଝୀ,ସମ୍ପାଦକ ଭାଗ୍ୟବାନ ସାହୁ,କୋଷାଧ୍ୟକ୍ଷ କିଶୋର ସାହୁ,ଯୁଗ୍ମ ସମ୍ପାଦକ ଜିତେନ୍ ବାଗ,ମୁଖ୍ୟ ଉପଦେଷ୍ଟା ରାଜେଶ ପ୍ରସାଦ ସାହୁ, ସୁଧାଂଶୁ ଶେଖର ସାହୁ,ବାଳ କ୍ରିଷ୍ଣା ପାରି,ପଙ୍କଜ ବାଗ,ଫଟୁଲାଲ ବାଗ,ବାଞ୍ଛାନିଧି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।ହାସ୍ୟ ଅଭିନେତା ଚନ୍ଦନ ଶତପଥି ରଜନୀର ମୁଖ୍ୟ ଆକର୍ଷଣ ଥିଲେ। ଦରବାର ଓ ଶ୍ରୀକୃଷ୍ଣଙ୍କ ହସ୍ତରେ କଂସ ବଧ ମଞ୍ଚସ୍ଥ ହୋଇଥିଲା। କୃଷ୍ଣ ଭୂମିକାରେ ଦେବାଂଶୁ ଗହୀର ଏବଂ ବଳରାମ ଭୂମିକାରେ ନିଖିଳ ବାଗ ଅଭିନୟ କରିଥିଲେ। ଧନୁଯାତ୍ରା କମିଟିର ସମସ୍ତ ସଦସ୍ୟ, ଗ୍ରାମବାସୀ ସହଯୋଗ କରିଥିଲେ।

### କଳାହାଣ୍ଡି ଲେଖକ କଳା ପରିଷଦର ବନାନୀ କବି ସମ୍ମିଳନୀ

## ସାହିତ୍ୟ ଓ ପ୍ରକୃତି ଜୀବନବୋଧର ସ୍ୱର୍ଗୀୟ ଅନୁଭବ



ଭବାନୀପାଟଣା,୧।୧(ସମିସ): ଆତ୍ମନିଷ୍ଠ ମନୋଭାବ ତଥା ସୁବିପୁଳ ଅନୁଭୂତି ସାମ୍ପ୍ରତିକ ଓଡ଼ିଆ କବିତାକୁ କରିଛି ରସପୂର୍ଣ୍ଣ ଓ ମନୋଜ୍ଞ ଏବଂ ପ୍ରାଣବନ୍ତ। ପ୍ରକୃତିକୁନେଇ ସାହିତ୍ୟ ହେଉଛି ଗଭୀର ଜୀବନବୋଧର ସ୍ୱର୍ଗୀୟ ଅନୁଭବରେ ପରିପୂର୍ଣ୍ଣ।ପ୍ରକୃତିର ଶାନ୍ତ, ସରଳ ଓ କମନୀୟ ପରିବେଶ ସାରସ୍ୱତ ସାଧନା ପାଇଁ ନିରବ ଆଶ୍ରମଟିଏ ପାଲଟିଯାଏ। ପ୍ରକୃତି ଓ ସାହିତ୍ୟ ଉଭୟେ ପରିବର୍ତ୍ତନର ଦୀପ ଜାଳନ୍ତି ବୋଲି କଳାହାଣ୍ଡି ଲେଖକ କଳା ପରିଷଦର 'ବନାନୀ କବି ସମ୍ମିଳନୀ'ଅବସରରେ ମତ ପ୍ରକାଶ ପାଇଛି। ଭବାନୀପାଟଣା ସହର ଉପକଣ୍ଠ ଭବାନୀପୁର ଆମ୍ରକୁଞ୍ଜଠାରେ ଅନୁଷ୍ଠିତ ସାରସ୍ୱତ କାର୍ଯ୍ୟକ୍ରମରେ ଉମେଶ ଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟ କରିଥିବାବେଳେ ଟିଟିଲାଗଡ଼ର ବିଶିଷ୍ଟ ସାହିତ୍ୟିକ ଗଜାନନ ମିଶ୍ର ମୁଖ୍ୟ ଅତିଥି, ସଂଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୁରୁ ପ୍ରଭାସ ଚନ୍ଦ୍ର ମିଶ୍ର ଓ ସାହିତ୍ୟିକ ଜ୍ୟୋତି ପ୍ରକାଶ ଗଡ଼ତ୍ୟା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏଇ ଅବସରରେ ଗୀତିକାର ଯୁଗଳ କିଶୋର ଯୋଷୀ ସ୍ମୃତି ସମ୍ମାନରେ ବରିଷ୍ଠ ସାହିତ୍ୟିକ ରାଜୀବ ଲୋଚନ ପାଢ଼ୀ, ଟିଟିଲାଗଡ଼ଙ୍କୁ ସମ୍ମାନିତ କରାଯାଇଥିଲା।ଜିଲ୍ଲାର ବିଭିନ୍ନ ଅଂଚଳରୁ ୬୦ରୁ ଊର୍ଦ୍ଧ୍ୱ କବି ଯୋଗଦେଇ ଇଂରାଜୀ ନବବର୍ଷ ଓ ପ୍ରକୃତିକୁ ନେଇ ସ୍ୱରଚିତ କବିତାବୃତ୍ତି କରିଥିଲେ। ବନାନୀ କବି ସମ୍ମିଳନୀକୁ ସମୃଦ୍ଧ ଓ ଋଦ୍ଧିମନ୍ତ କରିବା ଦିଗରେ ବହୁ ସାରସ୍ୱତ ସୃଜନଶୀଳ ସାହିତ୍ୟ ସାଧକଙ୍କ ନିରବଚ୍ଛିନ୍ନ ଅବଦାନ ଅବିସ୍ମରଣୀୟଏବଂଅତୁଳନୀୟ।ପରିଷଦର ସାହିତ୍ୟ ପତ୍ରିକା 'ସାଗର' ଲୋକାର୍ପିତ ହୋଇଥିଲା।ସମ୍ପାଦକ ଭବନାଥ ରାୟଗୁରୁ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ଗୁରୁ ସୁଧୀର ଚନ୍ଦ୍ର ପଣ୍ଡା, ଗୁରୁ ଚିତ୍ତ ରଞ୍ଜନ ପଣ୍ଡା ଓ ଗୁରୁ ନରେନ୍ଦ୍ର ପଣ୍ଡାଙ୍କ ପରିଚାଳନାରେ ପରିଷଦ ପରିଚାଳିତ ସଙ୍ଗୀତ ମହାବିଦ୍ୟାଳୟର ସସ୍ମିତା, ରୋଜି, ଲିପ୍ସା, ବୈଷ୍ଣବୀ, କାଜଲ, ସାଗରିକା ଓ ନିକିତା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଯୁଗଳ କିଶୋର ଯୋଷୀ ଓ ସୁରେନ୍ଦ୍ର ପଣ୍ଡା ଗୀତ ରଚନା କରିଥିଲେ।

କାର୍ଯ୍ୟକ୍ରମରେ ଗୋପାଳ ସାହୁ, ସନ୍ତୋଷ ରଥ, ଶୁଭେନ୍ଦୁ ମହାପାତ୍ର, ତାପସ ପଟେଲ ପ୍ରମୁଖ ସହଯୋଗ କରିଥିବା ବେଳେ କୋଷାଧ୍ୟକ୍ଷ ଭାଗିରଥି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ● ଏକଲବ୍ୟ ଆବାସିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

## 'କ୍ରୀଡ଼ା ଜୀବନ ଜୀଇଁବାର କୌଶଳ ଶିଖାଏ'



ନୂଆପଡ଼ା, ୧।୧ (ସମିସ): ସ୍ଥାନୀୟ ଏକଲବ୍ୟ ଆବାସୀକ ବିଦ୍ୟାଳୟରେ ୧୦ତମ ବାର୍ଷିକ ହର୍ଷ ଉଲ୍ଲାସର ସହ ଉଦଯାପିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷା ବିକେ. ରଶ୍ମିତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏସଡିପିଓ ସ୍ୱାଧୀନ ମିଶ୍ର,ଜିଲ୍ଲା ସାମ୍ବାଦିକ ସଂଘ (ଜାନ) ସଭାପତି ଘନଶ୍ୟାମ ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ମିଶ୍ର ବିଦ୍ୟାଳୟରେ କ୍ରୀଡା ଉତ୍ସବର ଆବଶ୍ୟକତା ଉପରେ ମାର୍ଗ ଦର୍ଶନ କରିଥିଲେ। କ୍ରୀଡା ଆମକୁ ମାନସିକ ଏବଂ ଶାରୀରିକ ସ୍ତରରେ ସୁସ୍ଥ ଏବଂ ଦକ୍ଷ କରିବା ସହ ଜିଇଁବାର କୌଶଳ ଶିଖାଇଥାଏ ବୋଲି କହିଥିଲେ।ସୂଚନା ଯୋଗ୍ୟ ଯେ ତିନିଦିନ ଧରି ଚାଲିଥିବା କ୍ରୀଡା ଉତ୍ସବରେ ଜୁନିୟର ଏବଂ ସିନିୟର ବର୍ଗରେ ବିଭିନ୍ନ କ୍ରୀଡା ପ୍ରତିଯୋଗୀତା ହୋଇଥିଲା । ସିନିୟର ବର୍ଗରେ ପଦ୍ମନ ଶବର ଏବଂ ଜୁନିୟରରେ ବାପୁନ ଶବର ଚାମ୍ପିୟନ ବିବେଚିତ ହୋଇଥିଲେ। ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଉତ୍ସବର ସମାପନ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଶିବାନନ୍ଦ ରାଉତରାୟ ମଞ୍ଚ ପରିଚାଳନା କରିଥିବା ବେଳେ ପଙ୍କଜ ଶୁକ୍ଳା ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ କ୍ରୀଡା ଶିକ୍ଷକ ତୋଫାନ ବଳ ଏବଂ ସଲମାନ ଅଲି ଖେଳ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### କାଳୀକୃଷ୍ଣ ସଂଘର ସଂକଳ୍ପ ଦିବସ

## 'ପରିବେଶ ସୁରକ୍ଷା, ନିଶାମୁକ୍ତ ସମାଜ ସମସ୍ତଙ୍କ ଲକ୍ଷ୍ୟ ହେଉ'

କୋକସରା,୧।୧(ସମିସ): କାଳୀକୃଷ୍ଣ ସଂଘର ସଂକଳ୍ପ ଦିବସ-୨୦୨୬ ଜୟପାଟଣା ବ୍ଲକ୍ ଉଛଳା ପଞ୍ଚାୟତ ଖଏରଭାଡିରେ ପାଳିତ ହୋଇଛି। ସଂଘର ପ୍ରତିଷ୍ଠାତା ସଦଗୁରୁଦେବ ସତ୍ୟାନନ୍ଦ ସରସ୍ୱତୀ ମହାରାଜଙ୍କ ଉଦ୍ଧିପିକାରେ କହିଛନ୍ତି-"ନିଶାମୁକ୍ତ ଜୀବନ ଦୁଃଖମୁକ୍ତ ଜୀବନ"। ଏହି ଉକ୍ତି ତଥା ପ୍ରାକୃତିକ ବିପର୍ଯ୍ୟୟରୁ ମୁକାବିଲା ପାଇଁ ମହାଯଜ୍ଞ ଆୟୋଜନ, ବ୍ୟାପକ ସଂଖ୍ୟାରେ ବୃକ୍ଷରୋପଣ କରି ପର୍ଯ୍ୟାବରଣର ସନ୍ତୁଳନ ରଖିବାକୁ ପ୍ରେରଣା ଦେଇଛନ୍ତି। ଶ୍ରୀଗୁରୁଙ୍କର ଏହି ମାନବୀୟ ମୂଲ୍ୟବୋଧର ସୁରକ୍ଷା ନିମନ୍ତେ ପ୍ରତିବର୍ଷ ଜାନୁଆରୀ ପହିଲାକୁ ସଂକଳ୍ପ ଦିବସ ଭାବରେ କାଳୀକୃଷ୍ଣ ସଂଘ ପାଳନ କରି ବିଭିନ୍ନ ପ୍ରକାରର ସଚେତନତା ଉଦ୍ଦେଶ୍ୟରେ ସଂକଳ୍ପ କରି ବର୍ଷ ତମାମ କାର୍ଯ୍ୟକ୍ରମ କରାଯାଇଥାଏ। ନିଶାମୁକ୍ତ ବ୍ୟକ୍ତି ପରିବାର ଓ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ। ପ୍ରକୃତିର ସୁରକ୍ଷା ଓ ଆଧ୍ୟାତ୍ମିକତା ଦିଏ ଶୃଙ୍ଖଳା ସହ ନିଶାମୁକ୍ତ ହେବା ପାଇଁ ଦୃଢ ସଂକଳ୍ପ। ବୃକ୍ଷ ରୋପଣ, ନିଶାମୁକ୍ତ ଓ ଆଧ୍ୟାତ୍ମିକତା ପ୍ରତି ଆକୃଷ୍ଟ ହେବାକୁ ଯୁବପିଢ଼ୀକୁ କାଳୀକୃଷ୍ଣ ସଂଘ ପରିଚାଳକ ଶ୍ରୀଜଗଦାନନ୍ଦଜୀ ପ୍ରବଚନ ମାଧ୍ୟମରେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପୂଜ୍ୟ ଶ୍ରୀଜଗଦାନନ୍ଦଜୀ ବୃକ୍ଷରୋପଣ କରିବା ସହିତ ବିଶ୍ୱ ଶାନ୍ତି, ପରିବାର କଲ୍ୟାଣ ଓ ଆଧ୍ୟାତ୍ମିକ ଆନନ୍ଦ ନିମନ୍ତେ ଆୟୋଜିତ ୧୦୦୮ ଦୀପ ଯଜ୍ଞ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ।



ସଂକଳ୍ପ ଦିବସ ସଭାରେ କାଳୀକୃଷ୍ଣ ସଂଘ ପ୍ରମୁଖ ଜଗଦାନନ୍ଦଜୀ, ବେଦବ୍ରହ୍ମା ସରୋଜାନନ୍ଦଜୀ, ପୂଜ୍ୟ ଜଗଦାନନ୍ଦଜୀଙ୍କ ଆଦେଜ ଅଥର୍ବ ବାବା ମଞ୍ଚାସୀନ ଥିଲେ। କାଳୀକୃଷ୍ଣ ସଂଘର ୪୩ତମ ବାର୍ଷିକ ଉତ୍ସବ ତଥା ଶଶ୍ରୀ ମହାବିଷ୍ଣୁ ଯଜ୍ଞ ଜୁନାଗଡ ବ୍ଲକ୍ କଳାହାଣ୍ଡି ଜିଲ୍ଲାର ନକଟିଗୁଡା ଠାରେ ମାର୍ଚ୍ଚ ୧୭ରୁ ୨୦ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ହେବ। କାର୍ଯ୍ୟକ୍ରମ ପରିଚାଳନାରେ ସଂଘୀୟ ପୁସ୍ତାକାଚର୍ଯ୍ୟ ଅଭୟନାନ୍ଦ, କ୍ରିୟାନନ୍ଦ, ପ୍ରିୟାନନ୍ଦ,ମାଧବାନନ୍ଦ, ଶ୍ରୀ ମୁକୁନ୍ଦାନନ୍ଦ, ଲକ୍ଷ୍ମୀକାନ୍ତ ଖମାରୀ, ଜିତେନ୍ଦ୍ର ପଣ୍ଡା, ତନୁକଲାଲ ନାଗ, ନବୀନ ରାଉତ , କାଳୀକୃଷ୍ଣ ବାହିନୀ, ପ୍ରଜ୍ଞା ବାହିନୀ, ମିଡିଆ ସେଲ ସହଯୋଗ କରିଥିବାବେଳେ ଖଏରଭାଡି ଶାଖା ସଂଘର ସଭାପତି ଛବିଲାଲ ରାଉତ,ସଂପାଦକ ଜଗନ୍ନାଥ ରାଉତ ସମେତ ଶାଖା ସଂଘର ଶିଷ୍ୟ ଶିଷ୍ୟା ଓ ଖଏରଭାଡିବାସୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଜିଲ୍ଲାରୁ କାଳୀକୃଷ୍ଣ ଶାଖା ସଂଘର ସଭାପତି, ସଂପାଦକ ସମେତ ଭାଇ, ଭଉଣୀମାନେ ଉପସ୍ଥିତ ଥିଲେ।

### ସରକାରୀ ଜମିରେ ବେଆଇନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ

## ୫ରୁ ବିଜୁ ଏକ୍ସପ୍ରେସ୍ ୱେ'ରେ ଧାରଣା

ନୂଆପଡ଼ା,୧।୧(ସମିସ): ନୂଆପଡ଼ା ଜିଲ୍ଲାର ବିଜୁ ଏକ୍ସପ୍ରେସ ରାସ୍ତା କଡ଼ରେ ବିଭିନ୍ନ ଛକ ଜାଗାମାନଙ୍କରେ ଜମି ମାଫିଆମାନେ ଚକ୍ରାନ୍ତ କରି ଜବରଦଖଲକୁ ନେଇ ଦୋକାନ ଗୃହ ନିର୍ମାଣ କରି ଚାଲିଛନ୍ତି। ଜନସାଧାରଣ ବିଭାଗୀୟଅଧିକାରୀଙ୍କ ଦ୍ୱାରସ୍ଥ ହେଉଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଏଭଳି ଜବରଦଖଲ ନୂଆପଡା -ସୋହେଲା ବିଜୁ ଏକ୍ସପ୍ରେସ ରାସ୍ତାରେ ଜୁନାନୀ/ହରିପୁର ଛକ ନିକଟରେ ହୋଇଛି। ହରିପୁର ଛକରେ ବେଆଇନ ଗୃହ ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିବା ବେଳେ କାର୍ଯ୍ୟାନୁଷ୍ଠାନ ନହେଲେ ଆସନ୍ତା ୫ରୁ ହରିପୁର ଛକରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ନୂଆପଡ଼ା ବ୍ଲକ୍ ଗୋଡ଼ଫୁଲା ପଞ୍ଚାୟତ ଜୁନାନୀ/ହରିପୁର ଛକ ନିକଟରେ ଥିବା ବିଜୁ ଏକ୍ସପ୍ରେସ ରାସ୍ତାରେ ସରକାରୀ ଜମି ଜବରଦଖଲରେ ରହିଛି। ସରକାରୀ ଜାଗାକୁ ଖରିଆରରୋଡର ଜଣେ ବ୍ୟକ୍ତି କବଜାକରି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରୁଛନ୍ତି।

ଜୁନାନୀ ଓ ହରିପୁର ଗ୍ରାମବାସୀ ବାରମ୍ବାର ମନା କରିବା ସତ୍ତ୍ୱେ ସମ୍ପୃକ୍ତ ବ୍ୟକ୍ତି କାହାରି କଥାକୁ ନ ନମାନି ରାତି ଅଧିଆ ଗୃହ ନିର୍ମାଣ କରି ଚାଲିଛନ୍ତି।ଏହାକୁ ନେଇ ଗାଁରେ ବୈଠକ ବସିଥିଲା। ଗାଁ ଲୋକେ ସମସ୍ତେ ବିରୋଧ କରିବା ସହ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେବାକୁ ନିଷ୍ପତି ନେଇଥିଲେ। ଏବାବଦରେ ଅଭିଯୋଗ ପତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି।ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ନୂଆପଡ଼ା, ସହକାରୀ ନିର୍ବାହୀଯନ୍ତ୍ରୀ ଓ ଖଡ଼ିଆଳ ମୁଖ୍ୟ ନିର୍ବାହୀଯନ୍ତ୍ରୀ ସମେତ ନୂଆପଡ଼ା ଥାନାକୁ ଲିଖିତ ଭାବେ ଜଣାଇଛନ୍ତି। ନିର୍ମାଣାଧୀନ ବେଆଇନ କମ୍ପ୍ଲେକ୍ସ କାମ ବନ୍ଦ ନକଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗୋଡ଼ଫୁଲା ପୂର୍ବତନ ସରପଞ୍ଚ ହରି ମାଝି,କୃଷ୍ଣଚନ୍ଦ୍ର ଖର୍ସେଲ, ପୂର୍ବତନ ସମିତିସଭ୍ୟ ପିତାମ୍ବର ଖର୍ସେଲ,ନାଏବ ସରପଞ୍ଚ ମିଳାଭ କେଉଟ,ୱାଡମେମ୍ବର ସାଧନା ବନଛୋର,ସୁଲୋଚନା ହଂସ, ରତନ ମାଝି, ରବି ମାଝି,ରଜୋ ବେମାଲ, ଇନ୍ଦ୍ରମଣି ପୁଞ୍ଜି,ଚମରୁ ଛତ୍ରିଆ, ବିଶ୍ୱମ୍ବର ଶିବକା,ନିର୍ମଳ ହଂସ, ପଦ୍ମ ଖର୍ସେଲ ପ୍ରମୁଖ ଜିଲ୍ଲା ପ୍ରଶାସନକୁ ଲିଖିତ ଭାବେ ଚେତାବନୀ ଦେଇଛନ୍ତି।

# ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଇଂରାଜୀ ନୂଆବର୍ଷକୁ ସ୍ୱାଗତ

ବୌଦ୍ଧ,୧।୧(ସମିସ): ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଗୁଡ଼ୀଆଲି ଗ୍ରାମରେ ଇଂରାଜୀ ନବବର୍ଷ ଅବସରେ ଶ୍ରୀରାମ ଚରିତ ମାନସ ଆରଣ୍ୟକାଣ୍ଡ ପାରାୟଣ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ କମ୍ବୁ ନାଏକ ଓ ତାଙ୍କ ତାଙ୍କପତ୍ନୀ ଅମ୍ବିକା ନାଏକ ଦାୟିତ୍ୱ ତୁଲାଇଥିଲେ। ବ୍ୟାସ ଭାବେ ବରପାଲିର ସୁରଜ ଚନ୍ଦ୍ର



ଦେବତା ଯୋଗଦେଇ ଭଗବାନଙ୍କ କଥାମୃତ ଗାନ କରିଥିଲେ। ଏଥିରେ ସୀତାଚୋରି ଉପରେ କଳାକାରମାନେ ଅଭିନୟ କରିଥିଲେ। ଅତିଥି ଭାବେ ଭାବେ ପୂର୍ବତନ ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନରଞ୍ଜନ ପୁରୋହିତ, ବ୍ରାହ୍ମଣିପାଲି ସରପଞ୍ଚ ଅରୁଣ ବାଘ, ବଡ଼ିଗାଁ ସରପଞ୍ଚ ସିଦ୍ଧେଶ୍ୱର ପ୍ରଧାନ ଯୋଗ ଦେଇଥିଲେ। ଗୁଡ଼ୀଆଲି ଗ୍ରାମର ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ଜଗତି ହନୁମାନ ମନ୍ଦିରରେ ମଧ୍ୟ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଛି। ଏଥିରେ କର୍ତ୍ତା ଭାବେ କୌଶିକ ମେହେର ଓ ତାଙ୍କ ପତ୍ନୀ ଯାଜ୍ଞସିନୀ ମେହେର ଦାୟିତ୍ୱ ତୁଲାଇଥିଲେ। କୁମୁଦ ପାଣିଗ୍ରାହୀ ପୂଜାକାର୍ଯ୍ୟ ତୁଲାଇଥିଲେ। ବ୍ୟାସ ଭାବେ ଶାନ୍ତନୁ ହୋତା ଯୋଗ ଦେଇ ଭଗବାନଙ୍କ କଥା ମୃତ ଗାନ କରିଥିଲେ।

**ମନମୁଣ୍ଡା:** ମନମୁଣ୍ଡା ଖେଳ ପଡିଆ ପଛ ପାଖ ନୂଆଁ ମେହେର ପଡ଼ାରେ କୀର୍ତ୍ତନ ମାଧ୍ୟମରେ ପୁରୁଣା ବର୍ଷକୁ ବିଦାୟ ଦେଇ ଇଂରାଜୀ ନୂଆଁ ବର୍ଷକୁ ସ୍ୱାଗତ କରାଯାଇଛି। ଉଦୟନାଥ ମେହେର, ଦଶାନନ ମେହେର, ରିଙ୍କୁ ମେହେର, ଅନନ୍ତ ମେହେର, ଦେବାଶିଷ ମେହେର, ଦୟାନିଧି ମେହେର, ବବୁଲୁ ମେହେର, ଯୋଗନାଥ ମେହେର ପ୍ରମୁଖ ସହଯୋଗ କରିଥିଲେ। ଶ୍ରୀୟା ମେହେର, ସୁମି ବାଗ, ନିକିତା ସାହୁ, ଡଲି ପ୍ରଧାନ, ବଳଦେବ ଭୋଇ, ସିଦ୍ଧାର୍ଥ ସାହୁ ପ୍ରମୁଖ ସନ୍ଧ୍ୟା ୬ରୁ ମଧ୍ୟ ରାତ୍ରି ପର୍ଯ୍ୟନ୍ତ କୀର୍ତ୍ତନ ପରିବେଷଣ କରିଥିଲେ।

**ପଲଶାଗୋରା:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ମକର ପଡିଆସ୍ଥିତ ମନ୍ଦିର ସମ୍ମୁଖରେ ବଘିଆବାହାଲ ପନ୍ଥେଇ କ୍ଲବ୍ ଦ୍ୱାରା ରାମାୟଣ ପାରାୟଣ କାର୍ଯ୍ୟକ୍ରମ ମାଧ୍ୟମରେ ଇଂରାଜୀ ନବ ବର୍ଷକୁ ସ୍ୱାଗତ କରାଯାଇଛି। ଏଥିରେ ବ୍ୟାସ ଭାବେ ଦେବେନ୍ଦ୍ର ଦାସ (ଝାରକୁମୁଣ୍ଡା, ସୁବର୍ଣ୍ଣପୁର) ଯୋଗଦେଇ ରାମାୟଣ ପାଠ କରିଥିଲେ। ବାଦ୍ୟଯନ୍ତ୍ରରେ କାର୍ତ୍ତିକ ଭୁକ୍ତା, ଅନନ୍ତ ପ୍ରଧାନ, ସୀତାକାନ୍ତ ବାଗ, ପୁନମ ସାଲମା ସହଯୋଗ କରିଥିଲେ। ବୃନ୍ଦାବନ ସାହୁ ହନୁମାନ ବେଶରେ ସଜ୍ଜିତ ହୋଇ ନୃତ୍ୟ ମାଧ୍ୟମରେ ଶ୍ରୋତାଙ୍କୁ ଆକୃଷ୍ଟ କରିଥିଲେ। ଦେଶବନ୍ଧୁ କର୍ଣ୍ଣ ଓ ତାଙ୍କ ପତ୍ନୀ ମାଧବୀ କର୍ଣ୍ଣ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବନମାଳୀ ପ୍ରହରାଜ ପୂଜକ ଭାବେ ଦାୟିତ୍ୱ ତୁଲାଇଥିଲେ। ଅନନ୍ତ ଖମାରୀଙ୍କ ସହ କ୍ଲବର ସମ୍ବିତ ପ୍ରଧାନ, ଜିତୁ ସାହୁ, ସନ୍ତୋଷ ଖମାରୀ, ମତିଲାଲ ମେହେର, ଜ୍ଞାନ ରଞ୍ଜନ ମହାପାତ୍ର, କୁନା ସେଠି, ପପୁନ ପଣ୍ଡା, ପ୍ରଭାତ ଖମାରୀ, ଅବିନାଶ ସାଲମା, ମନୋଜ ବାରିକ ପ୍ରମୁଖ ସହଯୋଗ କରିଥିଲେ।

**କଣ୍ଟାମାଳ:** କଣ୍ଟାମାଳ ବ୍ଲକ ନିକଟରେ ଥିବା ଶ୍ରୀରାମ ମନ୍ଦିରରେ ୧୦୮ ହନୁମାନ ଚାଳିଶା ପାଠ କରି ଇଂରାଜୀ ନୂତନ ବର୍ଷକୁ ସ୍ୱାଗତ କରାଯାଇଛି। ସନ୍ତୋଷ ବିଶିଙ୍କ ତତ୍ତ୍ୱାବଧାନରେ ଗୁରୁବାର ସକାଳୁ ଶହେ ଆଠ ହନୁମାନ ଚାଳିଶା ଆରମ୍ଭ ହୋଇଥିଲା। ମନ୍ଦିର ପୂଜକ ଆନନ୍ଦ ଚନ୍ଦ୍ର ପାଢ଼ୀ ପୂଜା ଦାୟିତ୍ୱ ତୁଲାଇଥଲେ। ପଣ୍ଡିତ ସନତ ମିଶ୍ର ବ୍ୟାସ ଥିଲେ। ଭାଗ୍ୟଧର ମିଶ୍ର, ହରିବନ୍ଧୁ ପୁରୋହିତ, ରାଜକିଶୋର ମିଶ୍ର, ବାଳକୃଷ୍ଣ ମିଶ୍ର, ନବୀନ ବିଶି, ବସନ୍ତ ମିଶ୍ର, ଜୟକୃଷ୍ଣ ମିଶ୍ର, ଜୟ ମହାରଣା, ଅରୁଣ ସାହୁ, ଅପର୍ତ୍ତି ପ୍ରଧାନ, ମନୋଜ ରାଜହଂସ ପ୍ରମୁଖ ହନୁମାନ ଚାଳିଶା ପାଠ କରିଥିଲେ। ଅନ୍ୟପକ୍ଷେ ନୂଆ ବର୍ଷ ଉପଲକ୍ଷେ ସକାଳୁ କଣ୍ଟାମାଳ ବ୍ଲକର ହାଟପଦାର ବାବା କପିଳେଶ୍ୱର ମନ୍ଦିର, କଣ୍ଟାମାଳ ଜଗନ୍ନାଥ ମନ୍ଦିର, ବନ୍ଧପାଲି ହନୁମାନ ମନ୍ଦିର, ଶ୍ରୀରାମ ମନ୍ଦିର ସମେତ ବିଭିନ୍ନ ଦେବାଳୟରେ ଭକ୍ତଙ୍କ ସମାଗମ ହୋଇଥିଲା। ଅନ୍ୟପକ୍ଷେ ବୌଦ୍ଧ ଜିଲ୍ଲା କଣ୍ଟାମାଳ କମଘାଟରେ ଅବସ୍ଥିତ ବାବା ଗୁପ୍ତେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ପ୍ରାପ୍ତି ଆଚାର୍ଯ୍ୟ, ସୋନୁ ପଣ୍ଡା, ଅବନିକାନ୍ତ ବଗର୍ତ୍ତୀ ସୁନ୍ଦରାକାଣ୍ଡ ପାରାୟଣ ପଠନ କରିଥିଲେ। ପ୍ରେମଶିଳା ଥନାପତି ଓ ରଘୁନାଥ ଥନାପତି କର୍ତ୍ତା ଥିଲେ।

## ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

# ଦେଖିପାରିଲେନି ନୂଆବର୍ଷର ସୂର୍ଯ୍ୟୋଦୟ

ମନମୁଣ୍ଡା/ଶଗଡ଼ା,୧।୧(ସମିସ): ବିବାହର ମାତ୍ର ୭ ମାସ। ଶଳା, ଶାଳୀ ଏବଂ ପତ୍ନୀ ସହ ପୁରୁଣା ବର୍ଷକୁ ବିଦାୟ ଦେବାକୁ ଉତ୍ସବ ମନାଇବା ଲାଗି ଯାଉଥିଲେ; ହେଲେ ନବବର୍ଷର ସୂର୍ଯ୍ୟୋଦୟ ଦେଖିପାରିଲେନି। ବାଟରେ ଦୁର୍ଘଟଣା ଯୋଗୁ ଜୀବନ ଚାଲିଗଲା। ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଗୋହିପିଟା ନିକଟରେ ଏଭଳି ଏକ ଘଟଣା ଘଟିଛି। ମୃତକ ହେଲେ ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ଲକନି ଗ୍ରାମର ସୂର୍ଯ୍ୟନାରାୟଣ ଲୁହା (୩୦)। ଗୁରୁବାର ଦୈନିକ 'ସକାଳ'ର କେବିକେ ସଂସ୍କରଣର ୯ ନମ୍ବର ପୃଷ୍ଠାରେ 'ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏଥିରେ କିନ୍ତୁ ମୃତକଙ୍କ ପରିଚୟ ମିଳି ପାରି ନ ଥିବା ଉଲ୍ଲେଖ ରହିଥିଲା। ଏହା ସୂର୍ଯ୍ୟନାରାୟଣ ବୋଲି ଶେଷରେ ସ୍ପଷ୍ଟ ହୋଇଛି। ପ୍ରାୟ ୭ ମାସ ତଳେ ମନମୁଣ୍ଡା ଥାନା ଯୋଗିନ୍ଦ୍ରପୁର ଗ୍ରାମର ଅଚ୍ୟୁତ ଭୋଇନାଙ୍କ ଝିଅ ସୁଜ୍ଞାନୀଙ୍କୁ ସେ ବିବାହ କରିଥିଲେ। ୩୧ ତାରିଖ ସନ୍ଧ୍ୟା ପ୍ରାୟ ୭ଟାରେ ସେ ନିଜ ଗାଁରୁ ବାଇକ୍ (ଓ ଡି ୩୧ ଏଫ ୩୧୧୮)ରେ ସେ ଶ୍ୱଶୁର ଘରକୁ ବାହାରିଥିଲେ; କିନ୍ତୁ ରାତି ପ୍ରାୟ ୮ଟା ୩୦ରେ ମନମୁଣ୍ଡା ଥାନା ଗୋହିପିଟା ସୋଲାର ପ୍ଲାଣ୍ଟ ନିକଟରେ ଦୁର୍ଘଟଣା ଘଟିଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଦୁଃଖଦ ଘଟଣାରେ ତାଙ୍କ ପତ୍ନୀ କାନ୍ଦି କାନ୍ଦି ଭାଙ୍ଗି ପଡିଛନ୍ତି। ନିଜ ଗାଁ ଓ ଶ୍ୱଶୁର ଘର ଗାଁରେ ଛାୟା ଖେଳି ଯାଇଛି। କୌଣସି ଏକ ଅଜଣା ଗାଡ଼ି ଧକ୍କାରେ ସୂର୍ଯ୍ୟଙ୍କ ମୃତ୍ୟୁ ଘଟିଥିବା ତାଙ୍କ ବଡ଼ ଭାଇ ଆନନ୍ଦ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଶବ ଜବତ ମନମୁଣ୍ଡା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଥିଲା। ଏହାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ପୁଲିସ ନବ ବର୍ଷରେ ପ୍ରଥମ ମାମଲା ରୁଜୁ କରିଛି।

- ପୁରୁଣାବର୍ଷକୁ ବିଦାୟ ଦେବାକୁ ଯାଉଥିଲେ
- ମିଳିଲା ପରିଚୟ; ବ୍ୟବଚ୍ଛେଦ ପରେ ଶବ ହସ୍ତାନ୍ତର



## ବଘିଆପଡ଼ା ଡାକ୍ତରଖାନା

# ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କ ହାତରେ ରୋଗୀ ସେବା

ବୌଦ୍ଧ,୧।୧(ସମିସ): ବୌଦ୍ଧ ବ୍ଲକ ବଘିଆପଡା ଡାକ୍ତରଖାନାରେ ଡାକ୍ତର କିମ୍ବା ଫାର୍ମାସିଷ୍ଟ ନାହାନ୍ତି। ଏହା ବଦଳରେ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀଙ୍କ ଭରସାରେ ଏଠାରେ ରୋଗୀ ସେବା ଚାଲିଛି। ବହୁ ଦିନରୁ ଡାକ୍ତର ପଦବୀ ଖାଲି ପଡିଛି। ତେବେ ଏଠାରେ ଜଣେ ଫାର୍ମାସିଷ୍ଟ ବହୁ ଦିନ ଧରି ରୋଗୀ ସେବା ଯୋଗାଇ ଆସିଥିଲେ। ତାଙ୍କର ଅନ୍ୟତ୍ର ବଦଳି ହେବା ପରେ ଜଣେ ମହିଳା ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଅନଭିଜ୍ଞ ମହିଳା ସ୍ୱାସ୍ଥ୍ୟକର୍ମୀ ଦାୟିତ୍ୱ ରଖିଥିଲେ ମଧ୍ୟ ଚିକିତ୍ସାରେ ଅଭିଜ୍ଞତା ନ ଥିବା ଯୋଗୁଁ ସିଡ଼ିଏମଓ ଆଉ ଜଣେ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କୁ ପଠାଇଥିଲେ; ଯିଏକି ନୂତନ ଭାବେ ୨ ମାସ ହେଲା ଚାକିରି ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ଡାକ୍ତରଖାନାରେ କୌଣସି ଔଷଧ ମଧ୍ୟ ନାହିଁ। ଫାର୍ମାଶିଷ୍ଟ ନ ଥିବା ହେତୁ ଆବଶ୍ୟକ ଔଷଧର ତାଲିକା ପ୍ରଦାନ କରାଯାଇ ପାରୁନି। ଏହି ଡାକ୍ତରଖାନା ଉପରେ ୬ଟି ପଞ୍ଚାୟତର ରୋଗୀ ସହ ନବୋଦୟ ବିଦ୍ୟାଳୟ, ପଲି ଟେକନିକ, ଆଇଟିଆଇ ଓ ମେଣ୍ଟିମାଳ ହାଇସ୍କୁଲ ହଷ୍ଟେଲର ଶହ ଶହ ଛାତ୍ରଛାତ୍ରୀ ନିର୍ଭର କରିଥାନ୍ତି।

**ଡାକ୍ତର କି ଫାର୍ମାସିଷ୍ଟ ନାହାନ୍ତି**

## ନରେନ୍ଦ୍ର ମୁଖିଙ୍କ ସ୍ମୃତିସଭା

ବୌଦ୍ଧ,୧।୧(ସମିସ): ବୌଦ୍ଧ ସହର କୁଳିପଡ଼ା ଘାଟ କମ୍ୟୁନିଷ୍ଟ ସେଣ୍ଟରରେ ବରେଣ୍ୟ ସାହିତ୍ୟିକ ତଥା ଶିକ୍ଷକ ସ୍ୱର୍ଗତ ନରେନ୍ଦ୍ର ମୁଖିଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ନୀଳଚକ୍ର ସାହିତ୍ୟ ସଂସଦ ଓ ସିଦ୍ଧାର୍ଥ ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ବୌଦ୍ଧ ଜିଲ୍ଲା ଉନ୍ନୟନ ପରିଷଦ ସଭାପତି ଚିତ୍ତରଞ୍ଜନ ଦାଶ, ଅଧ୍ୟାପକ ଲଳିତ ମେହେର, ବରିଷ୍ଠ କବି କିଶୋର ମିଶ୍ର, ଦୁଃଖିଶ୍ୟାମ ବେହେରା, ସାମାଜିକକର୍ମୀ ବିଶିକେଶନ ପ୍ରଧାନ, କବୟିତ୍ରୀ ମଞ୍ଜୁପ୍ରଭା ପଟ୍ଟନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ରମେଶ ପ୍ରସାଦ ମେହେର ଏଥିରେ ସଭାପତିତ୍ୱ କରିଥିଲେ। ଅଭିନବ ପଟ୍ଟନାୟକ ସ୍ୱାଗତ କରିଥିଲେ। କୃତ୍ତିବାସ ପଲିଆ ସଂଯୋଜନା କରିଥିଲେ।

## ଜିଲ୍ଲା ସଡ଼କ ସୁରକ୍ଷା ସମିତିର ବୈଠକ

ବୌଦ୍ଧ,୧।୧(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସଡକ ସୁରକ୍ଷା ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ଇଂ ସୁଷମା ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବୈଠକରେ ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲ, ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡି, ଉପ ଜିଲ୍ଲାପାଳ ବିନୟ ଭୋଇ ଓ ଅନ୍ୟ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ବିଭିନ୍ନ ଦୁର୍ଘଟଣା ପ୍ରବଣ ସ୍ଥାନରେ ହମ୍ପ ନିର୍ମାଣ ଓ ସୂଚନା ଫଳକ ଲଗାଯିବା, ଯାନବାହାନ ତନଖି କଡାକଡି କରାଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।


## ଅମୁର୍ଡାରେ ୧୨ତମ ମହାନଦୀ ମହୋତ୍ସବ

ମନମୁଣ୍ଡା/ଶଗଡ଼ା,୧।୧(ସମିସ): ବୌଦ୍ଧ ବ୍ଲକ ରକ୍ସା (ଦହ୍ୟା) ପଞ୍ଚାୟତ ଆମୁର୍ଡାରେ ୧୨ତମ ମହାନଦୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ମଧ୍ୟ ନୂଆଁ ବର୍ଷ ଅବସରରେ ମହେଶ୍ୱରପିଣ୍ଡାସ୍ଥିତ ଅର୍ମୁଡା ମହାନଦୀରେ ଗ୍ରାମବାସୀଙ୍କ ତରଫରୁ ମହାନଦୀ ମହୋତ୍ସବ ଆୟୋଜନ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ବିଭୂତି ଭୂଷଣ ଡ଼ାଙ୍ଗଙ୍କ ନେତୃତ୍ୱରେ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଏହି ମହାନଦୀ ମହୋତ୍ସବ ପାଳିତ ହୋଇଛି। ଏଥିରେ ସୁନ୍ଦରାକାଣ୍ଡ ପାରାୟଣ କରାଯାଇଥିଲା। କର୍ତ୍ତା ଭାବେ ଟଙ୍କଧର ସେଠି ଓ ତାଙ୍କ ପତ୍ନୀ ଉର୍ମିଳା ସେଠି ଦାୟିତ୍ୱ ତୁଲାଇଛନ୍ତି। ବ୍ୟାସ ଭାବେ ରାଜେଶ ଦାସ ସୁନ୍ଦରକାଣ୍ଡ ପାରାୟଣ ପଠନ କରିଥିଲେ।

# ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା

ବୀରମହାରାଜପୁର,୧।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକର କାର୍ଯ୍ୟକାରୀ ସାମ୍ବାଦିକ ସଂଘର ସଭାପତି ଶତ୍ରୁଘ୍ନ ମେହେରଙ୍କ ଆହ୍ୱାନକ୍ରମେ ସଂଘର ସମସ୍ତ ସଭ୍ୟମାନଙ୍କୁ ନେଇ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଶ୍ରୀ ମେହେର ସଭାପତିତ୍ୱ କରିଥିଲେ। ସମ୍ପାଦକ ଗୌରିଶଙ୍କର ପାଣିଗ୍ରାହୀଙ୍କ ଦ୍ୱାରା ପୂର୍ବ ବୈଠକର ବିବରଣୀ ପାଠ କରାଯାଇଥିଲା। ସଭାପତି ପ୍ରଥମେ ସଂଘର ନିୟମ ଅନୁଯାୟୀ ନିର୍ବାଚନର ଅବଧି ଏକବର୍ଷ ପୂରଣ ହୋଇଥିବାରୁ ସଂଘର ସୁପରିଚାଳନା ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଅଥବା ଚୟନ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ଏହି ପ୍ରସ୍ତାବରେ ଉପସ୍ଥିତ ସମସ୍ତ ସଭ୍ୟଙ୍କ ସର୍ବସମ୍ମତି କ୍ରମେ ପୁଣିଥରେ ଶତ୍ରୁଘ୍ନ ମେହେରଙ୍କୁ ସଭାପତି ଗୌରୀଶଙ୍କର ପାଣିଗ୍ରାହୀଙ୍କୁ ସମ୍ପାଦକ ଓ ସନାତନ ନାଗଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରିଥିଲେ। ସେହିପରି ଉପସଭାପତି ଭାବେ କିଶୋର କୁମାର ହୋତା, ସହସମ୍ପାଦକ ଭାବେ ମନୋରଞ୍ଜନ ଦାସଙ୍କୁ ଚୟନ କରାଯାଇଛି। ସେହିପରି ସଂଘର ସୁପରିଚାଳନା ପାଇଁ ଉପଦେଷ୍ଟା ଭାବେ ରାଜେଶ ସେଠୀ, ଶେଷଦେବ ବାରିକ୍, ଶୁଶିଲ କୁମାର ପଣ୍ଡା, ସହଦେବ ମେହେରଙ୍କୁ ଚୟନ କରାଯାଇଛି। ବରିଷ୍ଠ ସାମ୍ବାଦିକ ତଥା ନବନିଯୁକ୍ତ ସଭାପତି ଶତ୍ରୁଘ୍ନମେହେରଙ୍କୁ ନିର୍ଭିକ ଓ ନିରପେକ୍ଷ ସାମ୍ବାଦିକତା ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ସାମ୍ବାଦିକ କିଶୋର ହୋତା, ମନୋରଞ୍ଜନ ଦାସ, ଗୌରୀଶଙ୍କର ପାଣିଗ୍ରାହୀ, ସନାତନ ନାଗ, ରାଜେଶ ସେଠୀ, ଶେଷଦେବ ବାରିକ, ଭୀଷ୍ମଦେବ ଜଗଦଲା, ସୁଦାମ ମେହେର, ଶୁଶିଲ କୁମାର ପଣ୍ଡା, ରାଜକିଶୋର ଜଗଦଲା ପ୍ରମୁଖ ଉପସ୍ଥିତ ଥିଲେ।







## ବରିଷ୍ଠ ନାଗରିକଙ୍କ ବିୟୋଗରେ ଶୋକସଭା



ବୀରମହାରାଜପୁର,୧।୧(ସମିସ): ବରିଷ୍ଠ ନାଗରିକ ସଂଗଠନର ସଦସ୍ୟ ଉଗ୍ରସେନ ବିଶ୍ୱାଳଙ୍କ ତିରୋଧାନରେ ଗୁରୁବାର ପୂର୍ବାହ୍ନରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ପ୍ରଫୁଲ୍ଲ ରଥ ଏ ସଂକ୍ରାନ୍ତରେ ଏକ ଶୋକ ପ୍ରସ୍ତାବ ଆଣିଥିଲେ। ସ୍ୱର୍ଗତ ବିଶ୍ୱାଳଙ୍କ ଅମରଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଭୂଷଣ ପାତ୍ର ଏବଂ ସୁରୁ ସାହୁ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କରିଥିଲେ। ଏହି ଶୋକସଭାରେ ଅନୁଷ୍ଠାନର ସଦସ୍ୟ ଦ୍ୱିତୀକୃଷ୍ଣ ପଣ୍ଡା, ଅଦ୍ୱୈତ ପଣ୍ଡା, ଦୟାନିଧି ହୋତା, ଶିବ ଖମାରୀ, ନାରାୟଣ ନାୟକ, ସନ୍ତୋଷ ଷଡ଼ଙ୍ଗୀ, ସୌମିତ୍ରୀ ମେହେର, ରମେଶ ପଣ୍ଡା, ଗୋପୀନାଥ ମହାକୁର, ଶ୍ୟାମସେଠୀ, ଅକୃର ଦନ୍ତା, ଚମରା ମହାକୁର, ରତ୍ନାକର ମହାକୁର, ଦିଲୀପ ତ୍ରିପାଠୀ, ବଳରାମ କାଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

- ସୁବର୍ଣ୍ଣପୁର ରୋଗୀ କଲ୍ୟାଣ ସମିତିର କାର୍ଯ୍ୟ ନିର୍ବାହୀ କମିଟି ବୈଠକ

# ରେଡ୍‌କ୍ରସ୍ ପାଇଁ ଅର୍ଥ ଯୋଗାଡ଼କୁ ଗୁରୁତ୍ୱ

ତରଭା,୧।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରୋଗୀ କଲ୍ୟାଣ ସମିତିର କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ରୋଗୀମାନଙ୍କ ଠିକ୍ ଚିକିତ୍ସା, ଡାକ୍ତରଖାନା ପରିସର ସଫାସୁତୁରା ଓ ସମସ୍ତ ରୋଗ ଚିକିତ୍ସା ଯନ୍ତ୍ରପାତିର ସୁବିଧା ତଥା ମଦ୍ୟପ ରୋଗୀ ସମ୍ପର୍କୀୟଙ୍କୁ ଡାକ୍ତରଖାନା ଭିତରକୁ ପଶିବାରେ ବାରଣ କରିବା, ଡାକ୍ତରଖାନା ପରିଚାଳନାରେ ଆସୁଥିବା ସମସ୍ୟାକୁ କିପରି ଦୂର କରାଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଉଷାରାଣୀ ଦାସ ଏବଂ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଗତ ମାସରେ ହୋଇଥିବା ବୈଠକର ସମୀକ୍ଷା ସହିତ କ'ଣ ନୂଆ କରାଯାଇ ପାରିବ ସେ ବିଷୟରେ ଜିଲ୍ଲାପାଳ ସୂଚନା ଦେଇଥିଲେ। ଏହି ସମୟରେ ଜିଲ୍ଲାପାଳ ରେଡକ୍ରସ ପାଇଁ ଅର୍ଥରାଶି ଯୋଗାଡ଼କୁ ଗୁରୁତ୍ୱାରୋପ କରିଥିଲେ। ରେଡକ୍ରସ ଅସହାୟ ଏବଂ ପୀଡିତ ପରିବାରଙ୍କ ସାହାଯ୍ୟ କରିଥାଏ; କିନ୍ତୁ ରେଡକ୍ରସକୁ ଅର୍ଥରାଶି ନ ଆସୁଥିବାରୁ ଜିଲ୍ଲାପାଳ ଏହା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସମସ୍ତେ ନିଜ ନିଜସ୍ତରରେ ରେଡକ୍ରସକୁ କିପରି ପାଣ୍ଠି ଆସିପାରିବ ସେଥିପ୍ରତି ସମସ୍ତେ ଚେଷ୍ଟା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥଲେ। ଡାକ୍ତରଖାନା ପରିସର କିପରି ପ୍ରତିଦିନ ନିୟମିତ ଭାବରେ ସଫା କରାଯିବ ତାହା ମଧ୍ୟ ଆଲୋଚନା ହୋଇଥିଲା। ସମସ୍ତ ରୋଗୀ କ୍ୟାବିନକୁ କିପରି କାର୍ଯ୍ୟକ୍ଷମ କରାଯିବ ସେଥି ପାଇଁ କର୍ମଚାରୀଙ୍କୁ ଦୃଷ୍ଟି ଦେବା ପାଇଁ ଜିଲ୍ଲାପାଳ ଆଦେଶ ଦେଇଛନ୍ତି। ଆଉ ଏକ ହାଇଡ୍ରୋଲିକ୍ ଲେବର ଟେବୁଲର ବ୍ୟବସ୍ଥା ପାଇଁ ଜିଲ୍ଲାପାଳ ମଞ୍ଜୁରୀ ଦେଇଛନ୍ତି। ଏହି ବୈଠକରେ ଜିଲ୍ଲାରେ ଦେଖାଯାଉଥିବା ଦୀର୍ଘକାଳୀନ କିଡ଼ନୀ ରୋଗର ଚିକିତ୍ସା ଓ ନିବାରଣ ପାଇଁ ଥିବା କାର୍ଯ୍ୟକାରୀ ଦଳର ସମୀକ୍ଷା ହୋଇଥିଲା। ଜିଲ୍ଲାରେ ଥିବା କିଡ଼ନୀ ପ୍ରବଣ ଗାଁରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରତ୍ୟକ୍ଷ ନିରୀକ୍ଷଣ କରୁଥିବା ସୂଚନା ଦିଆଯାଇଛି। ଗୋଟିଏ ଗ୍ରାମରେ ୩ରୁ ଅଧିକ ରୋଗୀ ଥିଲେ ସେହି ଗାଁ ସକ୍ରିୟ ପର୍ଯ୍ୟବେକ୍ଷଣରେ ରହିବ ବୋଲି ଡ. ଉଷାରାଣୀ ଦାଶ ସୂଚନା ଦେଇଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ ଟିମ୍ କିଡ଼ନୀପ୍ରବଣ ଗ୍ରାମର ପିଇବା ପାଣିକୁ ଯାଞ୍ଚ କରୁଛି। ଏଥିରେ ଭାରି ଧାତୁ ଥିଲେ ସେହି ସବୁ ଟ୍ୟୁବ୍‌ୱେଲର ପାଣି ବ୍ୟବହାର ନ କରିବା ପାଇଁ ଗ୍ରାମବାସୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି। ଜିଲ୍ଲାରେ ଏଯାଏ ୧୬ଟି ଗାଁର ପାଣି ପରୀକ୍ଷା ସରିଛି। ସେଥିମଧ୍ୟରୁ ୩ଟି ଗାଁର ପାଣିରେ ଭାରି ଧାତୁର ଅଂଶ ମିଳିଥିବାଛି। ରୋଗ ପରୀକ୍ଷା ବଢ଼ାଇବା ସହ କିଡ଼ନୀ ରୋଗର ମୁଖ୍ୟ କାରଣକୁ ଚିହ୍ନଟ କରି ଉପଯୁକ୍ତ ଚିକିତ୍ସା ପ୍ରଦାନ କରି ରୋଗୀଙ୍କ ସଂଖ୍ୟା କିପରି ହ୍ରାସ କରାଯାଇ ପାରିବ ସେ ବିଷୟରେ ଜିଲ୍ଲାପାଳ ସୂଚନା ଦେଇଛନ୍ତି।

## ଆନ୍ତର୍ଜାତିକ ସମବାୟ ବର୍ଷ ଉଦ୍‌ଯାପିତ

ବୌଦ୍ଧ,୧।୧(ସମିସ): ବୌଦ୍ଧ ନିୟନ୍ତ୍ରିତ ବଜାର କମିଟିର ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତି ସମୂହର ଉପ ନିବନ୍ଧକ ଫକୀର ମୋହନ ବାଘଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମବାୟ ସମିତି ସମୂହର ଉପ ସହକାରୀ ନିବନ୍ଧକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ଗଙ୍ଗାଧର କହଁର, ସଞ୍ଜୀବ ପଣ୍ଡା, ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାର ସମସ୍ତ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକମାନେ ଯୋଗ ଦେଇଥିଲେ। କାର୍ଯ୍ୟମ ଆୟୋଜନରେ ସମବାୟ ନିବନ୍ଧକ ଶିବ ପ୍ରସାଦ ଖମାରୀ, ସ୍ୱର୍ଣ୍ଣପ୍ରଭା ପ୍ରଧାନ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ ସହଯୋଗ କରିଥିଲେ।

## ଭାରସାମ୍ୟ ହରାଇ ଓଲଟି ପଡ଼ିଲା କାର୍

ତରଭା,୧।୧(ସମିସ):ବଲାଙ୍ଗିର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ତରଭା ନମସ୍ତେ ଗେଟରୁ ୫୦୦ ମିଟର ଆଗରେ ଶିବତୁଳା ବୁଲାଣି ନିକଟରେ ବୁଧବାର ରାତିରେ ସୋନପୁର ପଟରୁ ବଲାଙ୍ଗିର ଆସୁଥିବା ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। କାର୍‌ଟି ବିଲ ମଝିରେ ପଶି ଏକ ଗଛକୁ ଧକ୍କାଦେଇ ଓଲଟି ପଡ଼ିଥିଲା। ସୌଭାଗ୍ୟବଶତଃ କାର୍‌ରେ ଥିବା ଚାରିଜଣ ଯାତ୍ରୀ ବର୍ତ୍ତି ଯାଇଥିବା ଜଣାଯାଇଛି। ଆମ୍ବୁଲାନ୍ସରେ ସମସ୍ତ ଯାତ୍ରୀଙ୍କୁ ବଲାଙ୍ଗିର ଡାକ୍ତରଖାନାକୁ ନିଆଯାଇଥିଲା।



## ୧୩ ତମ କୈବଲ୍ୟ ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ମହିମୁଣ୍ଡା ଚାମ୍ପିଅନ

ତରଭା,୧।୧(ସମିସ)

ତରଭା ବ୍ଲକ୍ ସିଂହାରୀ ଗ୍ରାମର ଗାନ୍ଧୀ ଖେଳ ପଡିଆରେ ୧୩ତମ କୈବଲ୍ୟ ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ମହିମୁଣ୍ଡା ଦଳ ଚାମ୍ପିଅନ ହୋଇଛି। ଦ୍ୱିତୀୟ ଦିବସରେ ୪ଟି ଦଳ ମଧ୍ୟରେ ଫୁଟବଲ୍ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ କରଲାମୁହାଣ ଓ କମସାରା ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କରଲାମୁହାଣ ଦଳ ସେମି ଫାଇନାଲକୁ ପ୍ରବେଶ କରିଥିଲା। ଦ୍ୱିତୀୟ ମ୍ୟାଚ ମହିମୁଣ୍ଡା ଓ ଡୁଷୁରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହିମୁଣ୍ଡା ଦଳ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଥିଲା।

ସେମି ଫାଇନାଲ ମ୍ୟାଚ କରଲାମୁହାଣ ଓ ମହିମୁଣ୍ଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମହିମୁଣ୍ଡା ଦଳ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ଘଣ୍ଟାପଡ଼ା ଏବଂ ମହିମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହୀମୁଣ୍ଡା ଦଳ ପେନାଲ୍ଟି ସୁଟ୍‌ରେ ୩--୨ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ଉପ ବିଜେତା ଭାବେ ଘଣ୍ଟାପଡା ଦଳକୁ ସନ୍ତୁଷ୍ଟ ହେବାକୁ ପଡିଥିଲା। ଅତିଥିମାନଙ୍କ ଦ୍ୱାର ବିଜେତା ମହିମୁଣ୍ଡା ଦଳକୁ ଟ୍ରଫି ସହ ୪ ହଜାର ଓ ଉପ ବିଜେତା ଘଣ୍ଟାପଡା ଦଳକୁ ଟ୍ରଫି ସହ ୩ ହଜାର ଅର୍ଥରାଶି ପ୍ରଦାନ କରାଯାଇଥିଲା।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଂହାରୀ ପେକ୍ସ ସମ୍ପାଦକ ଅଜାମ୍ବିଲ ଚୌହାନ, ସମ୍ମାନିତ ଅତିଥି ରୂପେ ଯୁବ ନେତା ପୀତବାସ ଘିବେଲା, ବଘିଆ ସିଆରସିସି ସୁରେଶ ଚନ୍ଦ୍ର ଘିବେଲା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରହଲ୍ଲାଦ ଚୌହାନ, ସିଂହାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ପଣ୍ଡା, ଚାରଭଟା ସିଆରସିସି ଶରତ ସୁନା, ପ୍ରଶାନ୍ତ ସା, ମନୋରଞ୍ଜନ କୁଅଁର, ଦୟାସାଗର କୁଅଁର, ଲିଙ୍ଗରାଜ ସାହୁ, ପ୍ରକାଶ କୁଅଁର, ପିଙ୍କୁ କୁଅଁର, ଅମିତ ପାଣି, ସୁରେଶ୍ ମାଝୀଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଖେଳକୁ ପିଇଟି ସଞ୍ଜୀବ ସାହୁ ପରିଚାଳନା କରିଥିବା ବେଳେ ନରେନ୍ଦ୍ର ରଣା ଓ ଖୁଜାର ମହମ୍ମଦ ସହଯୋଗ କରିଥିଲେ। ଶିକ୍ଷକ ପଞ୍ଚାନନ କୁଶଳ ଧାରାବିବରଣୀ ପ୍ରଦାନ କରିଥିଲେ। ଶେଷରେ ସଭାପତି ସୁନିଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ରାଜ୍ୟ ଆଥଲେଟିକ ମିଟ୍‌ର କୃତୀ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା



ବୌଦ୍ଧ,୧।୧(ସମିସ): ରାଜ୍ୟ ଆଥଲେଟିକ ମିଟ୍‌ରେ କୃତିତ୍ୱ ଲାଭ କରିଥିବା ବୌଦ୍ଧ ଜିଲ୍ଲା ଆଥଲେଟିକ ଆସୋସିଏସନର ଖେଳାଳିମାନେ ବୌଦ୍ଧରେ ପହଞ୍ଚିଛନ୍ତି। ପ୍ରଥମେ ଜିଲ୍ଲା ଷ୍ଟାଡିୟମରେ ଏମାନଙ୍କୁ ଆସୋସିଏସନ ତରଫରୁ ସ୍ୱାଗତ କରାଯାଇଥିଲା। ଏହାପରେ କୃତିତ୍ୱ ଲାଭ କରିଥିବା ୩ଜଣ କ୍ରୀଡାବିତଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ସମ୍ବର୍ଦ୍ଧନା ଦିଆଯାଇଥିଲା। କୃତିତ୍ୱ ଅର୍ଜନ କରିଥିବା ଖେଳାଳୀମାନେ ହେଲେ ଡେକାଥେଲନରେ ସ୍ୱର୍ଣ୍ଣ ପଦକ ପାଇଥିବା ରାହୁଲ ସରାଫ ,୧୧୦ ହର୍ଡଲରେ ବ୍ରୋଞ୍ଜ ପଦକ ପାଇଥିବା ରୋଶନ ହୋତା ଓ ୪ଶହ ମିଟର ହର୍ଡଲରେ ବ୍ରୋଞ୍ଜ ପଦକ ପାଇଥିବା ସ୍ୱାଗତ ଦେହୁରୀ। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ, ଉପଜିଲ୍ଲାପାଳ ବିନୟ ଭୋଇ ଏହି ୩ଜଣ କ୍ରୀଡାବିତକୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବୌଦ୍ଧ ଜିଲ୍ଲା ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ଯୁଗଳ କିଶୋର ସାମଲ, ସହ ସମ୍ପାଦକ ଲମ୍ବୋଦର ପୁରୋହିତ, କୋଷାଧ୍ୟକ୍ଷ ସୁଶୀଳ ପରିଡା ଏବଂ ବରିଷ୍ଠ କ୍ରୀଡାବିତ ଆଶୁତୋଷ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବାରବାଟି ଷ୍ଟାଡିୟମରେ ରାଜ୍ୟ ଆଥଲେଟିକ ମିଟ୍‌ରେ ବୌଦ୍ଧରୁ ୨୭ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ।

## ହୋଟେଲ ବ୍ୟବସାୟୀଙ୍କ ପରଲୋକ



କୋଲାବିରା,୧।୧(ସମିସ): କୋଲାବିରା ବ୍ଲକ୍ ଅଧୀନ ରଘୁନାଥପାଲି ଗାଁର ବ୍ୟବସାୟୀ ରାହାସ ପଧାନ(୬୫)ଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ରଘୁନାଥପାଲି ବାସିନ୍ଦା ସ୍ୱର୍ଗତ ପଧାନ ଅଯୋଧାନଗର ଠାରେ ହୋଟେଲ କରି ବ୍ୟବସାୟ କରୁଥିଲେ। ୨-୩ ଦିନ ପୂର୍ବରୁ ତାଙ୍କ ସ୍ୱାସ୍ଥ୍ୟ ବିଗିଡିବାରୁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସ୍ୱାସ୍ଥ୍ୟବସ୍ଥାରେ ଅବନତି ଘଟିବାରୁ ବୁଧବାର ତାଙ୍କୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ନିଆଯାଉଥିବା ରାସ୍ତାରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ମରଶରୀରକୁ ଗାଁକୁ ଆଣାଯିବା ପରେ ଶୋକାକୂଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଥିଲା। ଘରେ ତାଙ୍କର ପତ୍ନୀ ଓ ଏକମାତ୍ର ଝିଅ ଅଛନ୍ତି। ତାଙ୍କର ମୃତ୍ୟୁରେ ଅଯୋଧା ନଗର ସ୍ଥିତ ସମସ୍ତ ଦୋକାନ ବଜାର ବୁଧବାର ଅପରାହ୍ଣରୁ ଗୁରୁବାର ପୂର୍ବାହ୍ନ ପର୍ଯ୍ୟନ୍ତ ବନ୍ଦ ରହିଥିଲା।

## ସମାସିଂହାରେ କିଶୋର ମହାନ୍ତିଙ୍କ ଶ୍ରାଦ୍ଧ ବାର୍ଷିକୀ

କୋଲାବିରା,୧।୧(ସମିସ): ପୂର୍ବତନ ବାଚସ୍ପତି ତଥା ଝାରସୁଗୁଡ଼ା ବିଧାନସଭାର ମଣ୍ଡଳୀର ଦିବଂଗତ ବିଧାୟକ କିଶୋର ମହାନ୍ତିଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ସମାସିଂହା ପ୍ରଗାତୀ ସଂଘ ପକ୍ଷରୁ ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ମନୋଜ କାଲେଇଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଗାଁର ବରିଷ୍ଠ ନାଗରିକ ଗୁରୁଚରଣ ସାହୁ, ଚେତାନନ୍ଦ ପଟେଲ, ଓଁକାରମଲ ସାହୁ, ପ୍ରକାଶ ସାହୁ, ଯୋଗେଶ୍ୱର ସେନାପତି, ଭୀଷ୍ମଦେବ ପଟେଲ, ଟଙ୍କଧର କୁଆ, ସୁରେଶ ସାହୁ, ଭୁବନ ପାଣ୍ଡେ, ଆଶିଷ ନାଏକ, ସଦାନନ୍ଦ କିଶାନ ପମୁଖ ଯୋଗଦେଇ କିଶୋର ମହାନ୍ତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଜ୍ଞାପନ କରିବା ସହିତ ସ୍ମୃତିଚାରଣ କରିଥିଲେ।

## ଆଞ୍ଚଳିକ କୀର୍ତ୍ତନ ମଣ୍ଡଳୀ କମିଟି ଗଠିତ

ଝାରସୁଗୁଡ଼ା,୧।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଝାରସୁଗୁଡ଼ା ଜିଲ୍ଲାର ଆଞ୍ଚଳିକ କୀର୍ତ୍ତନ ମଣ୍ଡଳୀର ଭକ୍ତ ମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସର୍ବସମ୍ମତି କ୍ରମେ ଆଞ୍ଚଳିକ କୀର୍ତ୍ତନ କମିଟିର କମିଟି ଗଠନ କରାଯାଇଛି। ସଭାପତି ଭାବେ ଭୂତେଶ ପ୍ରଧାନ, ଉପସଭାପତି ଭାବେ ଲିଙ୍ଗରାଜ ନାୟକ, ସମ୍ପାଦକ ଭାବେ ଚନ୍ଦନ ପ୍ରଧାନ, ଉପସମ୍ପାଦକ ଭାବେ ନିର୍ମଳ ପାତ୍ର, କୋଷାଧ୍ୟକ୍ଷ ଭାବେ ବିରଞ୍ଚି ସାହୁ, ଉପକୋଷାଧ୍ୟକ୍ଷ ଭାବେ ରମେଶ ମେହେରଙ୍କୁ ମନୋନୀତ କରାଯାଇଛି। ଏହାସହ ଉଦଣ୍ଡ କୀର୍ତ୍ତନ, ବୈଠକି କୀର୍ତ୍ତନ ବିଷୟରେ ଆଲୋଚନା, କୀର୍ତ୍ତନରେ ସାଉଣ୍ଡସେଟ ବର୍ଜନ, ଝାରସୁଗୁଡ଼ା ଗୋପାଳଜୀ ମଠ ଅନୁସାରେ ଯଜ୍ଞ ପରିଚାଳନା ଏବଂ ସମୟ ସାରିଣୀ ନିର୍ଦ୍ଧାରଣ, ନାମ ଧରିବା, ଦଧିଭଞ୍ଜନ କରିବା ପାଇଁ ନିଷ୍ପତ୍ତି ବୈଠକରେ ନିଆଯାଇଛି।

**ବନ୍ଧବାହାଲ ଧନୁଯାତ୍ରାର ପଞ୍ଚମ ଦିବସ**

# କୃଷ୍ଣଙ୍କ କାଳୀୟ ଦଳନ ଲୀଳା, ମଥୁରାରେ ରଙ୍ଗସଭା

ଇବଥର୍ମାଲ,୧।୧(ସମିସ)





ପ୍ରସିଦ୍ଧ ବନ୍ଧବାହାଲ ଧନୁଯାତ୍ରା ମହୋତ୍ସବ ପଞ୍ଚମ ଦିନରେ ଲୋକଙ୍କ ଭିଡ ବଢ଼ିବାରେ ଲାଗିଛି। ଗୋପପୁରରେ କୃଷ୍ଣ ବଳରାମଙ୍କ ବାଲ୍ୟଲୀଳା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ରଖିଛି। ଗୋପର ଯମୁନା ନଈ (ଯମୁନା ପୋଖରୀ)ରେ କୃଷ୍ଣଙ୍କ କାଳୀୟ ଦଳନ ଦୃଶ୍ୟ ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ଏହି ଅବସରରେ ଲୀଳାମୟ କୃଷ୍ଣ ଗୋପୀ ମାନଙ୍କ ବସ୍ତ୍ର ହରଣ କରିବା, ଗୋପୀ ମାନଙ୍କ ଦ୍ୱାରା ଦଧିବିକା ଆଦି ଦୃଶ୍ୟ ମାନ ଅଭିନୀତ ହୋଇଥିଲା। ସେପଟେ ମଥୁରାରେ ମହାରାଜ କଂସ ଦିଗବିଜୟ କରି ସନ୍ଧ୍ୟାରେ ରାଜଦରବାରରେ ପହଞ୍ଚି ଆସୁରିକ ଶକ୍ତି ମାଧ୍ୟମରେ କୃଷ୍ଣ ବଳରାମଙ୍କୁ ନିଧନ କରିବାକୁ ମନ୍ତ୍ରଣା କରିଥିଲେ। ରାକ୍ଷସୀ ପୁତନା ଓ ଷଡ଼ମଲ୍ଲଙ୍କ ନିଧନ ପରେ କଂସ ଭୟଭୀତ ଓ ହତାଶ ହୋଇ ଇଷ୍ଟଦେବ ମହାଦେବଙ୍କୁ ସ୍ମରଣ କରିଛି। ଏହାସହ ମହାରାଜ ପୂର୍ବରୁ ନିମନ୍ତ୍ରଣ କରିଥିବା ରାଜା ମାନଙ୍କ ସହ ରଙ୍ଗସଭାର ଆୟୋଜନ କରିଥିଲେ। ରଙ୍ଗସଭାକୁ ମଗଧରାଜ ଜରାସନ୍ଧ, ଜ୍ୟୋତିଷପୁର ରାଜା ନାରକାସୁର, ଚେଦିରାଜ ଶିଶୁପାଳ, ସାକଲ୍ୟରାଜ ସାଲ୍ୱ, କଳିଙ୍ଗରାଜ ବ୍ରଜସେନ, ମଣିକୁଣ୍ଡର ରାଜା କୌଳସ, ଶୋଣିତପୁର ରାଜା ବାଣାସୁର, ବଙ୍ଗଳା ରାଜ ସୁନାଳ, ଜମ୍ବୁଦ୍ୱୀପ ରାଜା କର୍ଣ୍ଣବେଶବର ପ୍ରମୁଖ କଂସ ଦରବାରରେ ଉପସ୍ଥିତ ହୋଇଥିଲେ। ସଭାରେ ମହାରାଜ କଂସ ସେମାନଙ୍କୁ ଡକାଇଥିବା ଓ ସହାୟତାର ଉଦ୍ଦେଶ୍ୟ ଜ୍ଞାପନ ପରେ ସମସ୍ତ ରାଜା ବାହାସ୍ଫୋଟ ମାରି ସାମାନ୍ୟ କୃଷ୍ଣ ବଳରାମଙ୍କ ପାଇଁ ଭୟଭୀତ ନ ହୋବକୁ ପରାମର୍ଶ ଦେଇଥିଲେ। ସମ୍ମୁଖ ଯୁଦ୍ଧ କରି କୃଷ୍ଣ ବଳରାମଙ୍କୁ ବିନାଶ କରିବାର ଯୋଜନା ସମୟରେ ଦରବାରରେ ଦେବର୍ଷି ନାରଦ ପହଞ୍ଚିଥିଲେ। ବାହୁବଳ ନୁହେଁ ବରଂ ଛଳରେ କୃଷ୍ଣଙ୍କୁ ମାରିବା ପାଇଁ ସେ କଂସ ସମେତ ରାଜାମାନଙ୍କୁ ପରାମର୍ଶ ଦେଇଥିଲେ। ସେଥିପାଇଁ କୃଷ୍ଣ ବଳରାମଙ୍କୁ ମଥୁରା ନିମନ୍ତ୍ରଣ କରି ଧନୁଯାତ୍ରା ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ। ପରେ କଂସ ଧନୁଯାତ୍ରାର ଘୋଷଣା କରିଥିଲେ। କିଏ କୃଷ୍ଣ ବଳରାମଙ୍କୁ ମଥୁରା ଆଣିବ ଭାଳେଣୀ ପଡିବାରୁ ନାରଦଙ୍କ ପରାମର୍ଶରେ ବିଷ୍ଣୁ ଭକ୍ତ ତଥା ବିତାଡିତ ପୂର୍ବ ମହାମନ୍ତ୍ରୀ ଅକ୍ରୁରଙ୍କ ଖୋଜା ପଡ଼ିଥିଲା। ଏ ସବୁ ଗୁପ୍ତ ମନ୍ତ୍ରଣା ସହ ଉପସ୍ଥିତ ରାଜା ମାନଙ୍କ ଅଟ୍ଟହାସ୍ୟରେ ଉଚ୍ଛୁଳି ପଡିଥିଲା ରାଜ ଦରବାର। ରାଜା ମାନଙ୍କର ମନୋରଞ୍ଜନ ସହ ନୃତ୍ୟଗୀତ ସହ ଭୂରି ଭୋଜନର ବ୍ୟବସ୍ଥା ହୋଇଥିଲା। ଆଜି ମହାରାଜଙ୍କ ନିମନ୍ତ୍ରଣ ରକ୍ଷାକରି ରାଜ ଅତିଥି ଭାବେ କଂସ ଦରବାରରେ ଲଖନପୁର କୋଇଲା କ୍ଷେତ୍ର ଏପିଏମ୍ ପ୍ରଦୀପ ଭୁଣ୍ଡି, ସିଡବ୍ଲୁଏସ୍ ଏଟିଏମ୍ ପ୍ରେମଚାନ୍ଦ ପାଣ୍ଡେ, ଡିଏସପି ପ୍ରିନସପାଲ ପ୍ରଦୀପ ହୋତା ଯୋଗ ଦେଇଥିଲେ। ବିରଞ୍ଚି ନାରାୟଣ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଉମାକାନ୍ତ ପଣ୍ଡା ମଞ୍ଚ ସଞ୍ଚାଳନ କରିଥିଲେ। ଆଜି ବନ କପୋ ସାଂସ୍କୃତିକ ଅନୁଷ୍ଠାନ ଗୌହାଟୀ ଆସାମ ଦଳ ବିହୁ ନୃତ୍ୟର ପରିବେଷଣ କରିଥିବା ବେଳେ ବଲାଙ୍ଗିରର ବାଉଳି କଳା ପରିଷଦ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ମହେନ୍ଦ୍ର ଗୌଡ, ସାମିଲ କରାଲି, ରବି ସିଂହ, ସରୋଜ ସାହୁ ସହଯୋଗ କରିଥିଲେ।


## ନୂତନ ବର୍ଷରେ ମାଁ ରାମଚଣ୍ଡୀ ମନ୍ଦିରରେ ଭିଡ଼

ଝାରସୁଗୁଡ଼ା,୧।୧(ସମିସ): ଇଂରାଜୀ ନବବର୍ଷର ପ୍ରଥମ ଦିନ ଭଗବାନଙ୍କ ଦର୍ଶନରୁ ଆରମ୍ଭ କରିବା ପାଇଁ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଇଂରାଜୀ ନବବର୍ଷ ଉପଲକ୍ଷେ ବ୍ରଜରାଜନଗର ସ୍ଥିତ



ବ୍ରଜରାଜନଗରର ଇଷ୍ଟଦେବୀ ମାଁ ରାମଚଣ୍ଡୀ ମନ୍ଦିରରେ ଗୁରୁବାର ସକାଳୁ ହଜାର ହଜାର ଶ୍ରଦ୍ଧାଳୁଙ୍କର ସମାଗମ ଦେଖିବାକୁ ମିଳିଥିଲା। ଏପରିକି ରାତି ପର୍ଯ୍ୟନ୍ତ ଧାଡିରେ ଛିଡ଼ା ହୋଇ ଶ୍ରଦ୍ଧାଳୁ ମାଁଙ୍କର ଦର୍ଶନ କରିବା ସହିତ ଆଶୀଷ କାମନା କରିଥିଲେ। ଇଂରାଜୀ ନବବର୍ଷର ପ୍ରଥମ ଦିନରେ ସମସ୍ତେ ଭୋଜିଭାତ ସହ ହସଖୁସିରେ ମସଗୁଲ ଥିବା ବେଳେ ବର୍ଷ ଆରମ୍ଭରୁ ବ୍ରଜରାଜନଗରର ଇଷ୍ଟଦେବୀ ମାଁ ରାମଚଣ୍ଡୀଙ୍କ ସମେତ ଅନ୍ୟାନ୍ୟ ଦେବଦେବୀ ମନ୍ଦିରରେ ପୂଜାର୍ଚ୍ଚନା ସହିତ ଲୋକମାନେ ଦର୍ଶନ କରି ନୂତନ ବର୍ଷର ଆରମ୍ଭ କରିଛନ୍ତି। ନୂତନ ବର୍ଷ ପ୍ରଥମ ଦିନକୁ ମାଁଙ୍କର ଦର୍ଶନ କରି ପ୍ରାରମ୍ଭ କଲେ ମାଁଙ୍କର ଆଶୀର୍ବାଦ ବର୍ଷସାରା ଲାଗିରହେ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଏଣୁ ଆଜି ଭୋରରୁ ବ୍ରଜରାଜନଗର, ଝାରସୁଗୁଡ଼ା, ସୁନ୍ଦରଗଡ, ସମ୍ବଲପୁର ସମତେ ପଡୋଶୀ ଛତିଶଗଡ ରାଜ୍ୟରୁ ମଧ୍ୟ ଭକ୍ତମାନେ ମାଁ ରାମଚଣ୍ଡୀ ମନ୍ଦିରରେ ଦିନ ସାରା ଧାଡିରେ ରହି ଦର୍ଶନ ଲାଭ କରିଥିଲେ। ଶ୍ରଦ୍ଧାଳୁଙ୍କର ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ଏବଂ ପୁଲିସ ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ସ୍ଥାନେ ସ୍ଥାନେ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ ଏବଂ ଏହା ସହିତ କିପରି ଭାବେ ସମସ୍ତ ଶ୍ରଦ୍ଧାଳୁ ଶୃଙ୍ଖଳିତ ଭାବେ ମାଁଙ୍କର ଦର୍ଶନ କରି ପାରିବେ ସେନେଇ ମଧ୍ୟ ମନ୍ଦିର ପ୍ରଶାସନ ତରଫରୁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସେହିପରି ବ୍ରଜରାଜନଗରର ଲକ୍ଷ୍ମୀ ନାରାୟଣ ମନ୍ଦିରରେ ମଧ୍ୟ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା।

## ମାଁ ମାଣିକେଶ୍ୱରୀଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼



ଭବାନୀପାଟଣା,୧।୧(ସମିସ): କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମାଁ ମାଣିକେଶ୍ୱରୀଙ୍କ ମନ୍ଦିରରେ ଇଂରାଜୀ ନବବର୍ଷ ୨୦୨୬ର ପ୍ରାରମ୍ଭରେ ମାଁଙ୍କ ଆଶୀର୍ବାଦ ପାଇଁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା। ଭକ୍ତି ଓ ଭାବରେ ତାଙ୍କୁ ଉପଲବ୍ଠଧ କରି ନିଜ ଦୁଃଖ ଜଣାଇବା ସହିତ ବର୍ଷତମାମ ସୁଖ ସମୃଦ୍ଧିରେ ଜୀବନ ବିତାଇବାକୁ ପ୍ରାର୍ଥନା କରିଛନ୍ତି ଜିଲ୍ଲା ତଥା ରାଜ୍ୟ ଓ ରାଜ୍ୟବାହାରୁ ଆସିଥିବା ଭକ୍ତଗଣ। ମାଁ ମାଣିକେଶ୍ୱରୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଅଭିମୁଖେ ଅନେକ ଯାଉଥିବା ଜଣାପଡିଛି। କଳାହାଣ୍ଡିର ଦେବୀପୀଠ ଓ ପର୍ଯ୍ୟଟନସ୍ଥଳୀରେ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଛି। ଇଂରାଜୀ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଉତ୍ସବ ମନାଇଛନ୍ତି ଜନସାଧାରଣ। ଏଥିପାଇଁ ସବୁ ବୟସର ଲୋକ ନିଜ ନିଜ ବନ୍ଧୁ, ପରିବାର ତଥା ସମଧର୍ମାମାନଙ୍କ ସହ ପର୍ଯ୍ୟଟନ ସ୍ଥଳୀର ମଜାନେବାକୁ ଭିଡ଼ ଜମେଇଛନ୍ତି। ଭୋଜିଭାତ ସହ ନାଚଗୀତରେ ବିଭିନ୍ନ ସ୍ଥାନ ମୁଖରିତ ହୋଇଛି। କଳାହାଣ୍ଡି ଜିଲ୍ଲାର ରାବଣଦର, ଫୁର୍ଲିଝରନ, ଡୋକରୀଚଂଚରା ଭଳି ଅନେକ ପ୍ରାକୃତିକ ମନୋରମ ସ୍ଥାନରେ ଏକତ୍ର ହୋଇଛନ୍ତି ଲୋକ। ସେହିପରି ନୂତନ ବର୍ଷରେ ସମସ୍ତଙ୍କ ଜୀବନରେ ସୁଖ ସମୃଦ୍ଧି କାମନା କରି ଦେବୀପୀଠମାନଙ୍କରେ ପୂଜାର୍ଚ୍ଚନା କରିଛନ୍ତି। ମା'ମାଣିକେଶ୍ୱରୀ ମନ୍ଦିରରେ ସକାଳଠୁ ସନ୍ଧ୍ୟା ଆଳତି ଯାଏଁ ଜାରି ରହିଥିଲା ଲୋକଙ୍କ ଆଗମନ। ନିଜର ତଥା ବନ୍ଧୁବାନ୍ଧବଙ୍କ ସହିତ କଳାହାଣ୍ଡିର ବିଭିନ୍ନ ଦେବୀପୀଠକୁ ଯାଇ ପୂଜା ଅର୍ପଣ କରିଛନ୍ତି।

## କଳା ବିକାଶ କେନ୍ଦ୍ର ପକ୍ଷରୁ ନବବର୍ଷକୁ ସ୍ୱାଗତ

କୋଲାବିରା,୧।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ରଘୁନାଥପାଲି ଅଯୋଧାନଗର ଛକ ଠାରେ ନବବର୍ଷର ସ୍ୱାଗତ ଉପଲକ୍ଷେ କୋଲାବିରା ବ୍ଲକ୍‌ସ୍ତରୀୟ କଳାବିକାଶ କେନ୍ଦ୍ର ଆନୁକୂଲ୍ୟରେ କଳା ସାଂସ୍କୃତିକ ସମାରୋହ ଅତ୍ୟନ୍ତ ଆନନ୍ଦ ଉଦ୍ଦୀପନାର ସହିତ ପାଳିତ ହୋଇଯାଇଛି।



କଳାବିକାଶ କେନ୍ଦ୍ରର ସଭାପତି ନୃପଲାଲ ପଶାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରଘୁନାଥପାଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା କୋଲାବିରା ସମଲେଶ୍ୱରୀ ସାହିତ୍ୟ ସଂସଦର ସଭାପତି ପ୍ରଜ୍ଞା ସୌରଭ ଶୋଭାଚନ୍ଦ୍ର ନାଏକ ଯୋଗଦେଇ କଳା, ସଂସ୍କୃତି, ପରମ୍ପରା ବିନା ମାନବ ସମାଜ ଅସମ୍ପୂର୍ଣ୍ଣ ବୋଲି କହିବା ସହିତ କଳାବିକାଶ କେନ୍ଦ୍ରର ଉନ୍ନତି ପାଇଁ ମିଳିତ ଭାବେ ସାହାଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।। ସମ୍ମାନିତ ଅତିଥି ଭାବେ ଜୟ ହନୁମାନ ଉଦ୍ୟୋଗର ଜେନେରାଲ ମ୍ୟାନେଜର ରସାନନ୍ଦ ମହନ୍ତ, ରାଜେଶ ଦାସ, ସମରେନ୍ଦ୍ର ରାଏ ବିଜୟ ସାହୁ, ନେତ୍ରୁ ପଧାନ ଧିରେନ ପଧାନ, କ୍ଷୀରୋଦ ଚନ୍ଦ୍ର ଦାସ, ହରି ସେଟ୍ ପ୍ରମୁଖ ଯୋଗ ଦେଇଥଲେ। ମୁଖ୍ୟବକ୍ତା ଭାବେ ଅନାଦି ପଧାନ କଳା ଓ କଳାର ବିକାଶ ଉପରେ ଆଲୋକପାତ କରିଥିଲେ। ସମାରୋହରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ କଣ୍ଠଶିଳ୍ପୀ, ଯନ୍ତ୍ରଶିଳ୍ପୀ, ନୃତ୍ୟଶିଳ୍ପୀ, ସମ୍ପ୍ରଦା, ସଂକୀର୍ତ୍ତନ, କୃଷ୍ଣଗୁରୁ, ପାଲା, ଦାସକାଠିଆ ଓ କଳାପ୍ରେମୀ ବନ୍ଧୁଗଣ ନିଜନିଜ କଳା ପରିବେଷଣ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ କବି ତଥା ସାହିତିକ୍ୟଙ୍କ ମଧ୍ୟରେ ଅତୁଲ୍ୟ ଚାନ୍ଦ, ନିର୍ମଳ ଚାନ୍ଦ, ଆୟୁଷ ବାଗ, ଶତ୍ରୁଘ୍ନ ଲୁହା, ଶରତ ପୂଝାରୀ, ବ୍ୟାସଦେବ ବାରିକ, ଲୋପାମୁଦ୍ରା ବାଗ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବାହ୍ନରେ ସନ୍ଧ୍ୟା ପର୍ଯ୍ୟନ୍ତ କଳାକାରମାନଙ୍କ ଦ୍ୱାରା କଳା ପରିବେଷଣ କରାଯାଇଥିଲା। କଳାବିକାଶ କେନ୍ଦ୍ର ପରିଚାଳନା କମିଟର ଉପଦେଷ୍ଟା ମଣ୍ଡଳୀର ଡୋଲାମଣୀ ପଧାନ, ଦିଗାମ୍ବର ବାରିକ, ଗଣେଶ୍ୱର ମେହେର, ସଚ୍ଚିଦାନନ୍ଦ ପାଢ଼ୀ, ସିରର୍ଜୁ ଖମାରୀ, ଭଗବାନ ପଧାନ, ମୁକ୍ତେଶ୍ୱର ମିଶ୍ର, ପିଙ୍କୁ ଦାସ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଅଞ୍ଚଳର ବହୁ ଲୋକ ଉପଭୋଗ କରିବା ସହିତ ଦିନସାରା ଜନସମାଗମ ଦେଖିବାକୁ ମିଳିଥିଲା। ଏଇ ଅସବସରରେ ପୂର୍ବଦିନ ମୃତ୍ୟୁ ବରଣ କରିଥିବା ଅଯୋଧାନଗର ଛକର ହୋଟେଲ ବ୍ୟବସାୟୀ ରାହାସ ପଧାନଙ୍କ ବିୟୋଗରେ ଶୋକସଭା କରାଯାଇଥିଲା।

## ବଘରାଚକାରେ ଭଜନ ସମାରୋହ



ଝାରସୁଗୁଡ଼ା,୧।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ରାଜପୁର ପଞ୍ଚାୟତ ଅଧୀନ ବଘରାଚକା ଠାରେ ବଘରାଚକା ବୀର ସୁରେନ୍ଦ୍ର ସାଏ କ୍ଲବ୍ ପକ୍ଷରୁ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଗାୟିକା ବନ୍ଦିତା ନାୟକ ସୁନ୍ଦରାକାଣ୍ଡ ପାରାୟଣ ଓ ଭଜନ ପରିବେଷଣ କରି ଉପସ୍ଥିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସେହିପରି ଶ୍ରୀରାଧାରାଣୀଙ୍କ ନାମ ଜପ ଯୋଗୁଁ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଅନେକ ଜନସାଧାରଣ ଯୋଗ ଦେଇଥିଲେ। ଆୟୋଜକ ବଘରାଚକା ବୀର ସୁରେନ୍ଦ୍ର ସାଏ କ୍ଲବ୍ ପକ୍ଷରୁ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଯୋଗଦେଲେ ନୂତନ ଥାନାଧିକାରୀ



ରିଆମାଳ,୧।୧(ସମିସ): ନୂତନ ବର୍ଷରେ ରିଆମାଳରେ ନୂତନ ଥାନା ଅଧିକାରୀ ଭାବେ ବିନୟ କେରକେଟା ଯୋଗ ଦେଇଛନ୍ତି । ପୂର୍ବରୁ ସେ କୁଣ୍ଡେଇଗୋଳା ସବ ଇନ୍ସପେକ୍ଟର, ଖଇରପାଲି ଫାଣ୍ଡି ଅଧିକାରୀ, ଦେବଗଡ଼ ସବ୍ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରି ସାରିଛନ୍ତି। ଥାନା ଅଞ୍ଚଳରେ ମଦ, ଗୋ ଚାଲାଣ, ଦ୍ରୁତ ଗାଡି ଚାଳନାକୁ ନିୟନ୍ତ୍ରଣ କରିବା ତାଙ୍କର ପ୍ରାଥମିକ କାର୍ଯ୍ୟ ହେବା ବୋଲି ସେ କହିଛନ୍ତି।

**● ନୂଆବର୍ଷ ପ୍ରଥମ ଦିନରେ ଦୁର୍ଘଟଣା**

## ଲାଞ୍ଜିଗଡ଼ରେ ବୃଦ୍ଧା, ଛତିକୁଡାରେ ଯୁବକଙ୍କ ମୃତ୍ୟୁ

ଭବାନୀପାଟଣା,୧।୧(ସମିସ):ଇଂରାଜୀ ନବବର୍ଷକୁ ସ୍ୱାଗତ କରି ଲୋକେ ପୂଜାପାଠ, ଭୋଜିଭାତରେ ମସଗୁଲ ଥିବାବେଳେ ଦୁଇଟି ପରିବାର ଶୋକରେ ବୁଡ଼ିଛି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ସ୍ଥିତ ଆଶ୍ରମପଡା ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେହିପରି ଛତିକୁଡ଼ା ଛକ ନିକଟରେ ଜଣେ ଯୁବକଙ୍କୁ ମଧ୍ୟ କୌଣସି ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଯୁବକଙ୍କ ନାଁ ସନ୍ତୋଷ ମାଝୀ(୩୦) ବୋଲି ଜଣାପଡିଛି। ଦୁର୍ଘଟଣା ଘଟିବା ପରେ ଉଭୟ ସ୍ଥାନରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ କ୍ଷତିପୂରଣ ଦାବି କରି ଜିଦରେ ଅଡ଼ି ବସିଥିଲେ। ତେବେ ପୁଲିସ ପ୍ରଶାସନ ପକ୍ଷରୁ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ବ୍ୟବଚ୍ଛେଦ ପାଇଁ ଶବ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ଅତ୍ୟନ୍ତ ଶୋକାକୁଳ ପରିବେଶରେ ଦାହସଂସ୍କାର କରାଯାଇଥିଲା।

**● ଅଜଣା ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ**

## କ୍ଷତିପୂରଣ ଦାବିରେ ରାସ୍ତା ଉପରେ ଶବ ରଖି ବସିଲେ

ଲାଞ୍ଜିଗଡ,୧।୧(ସମିସ): ଲାଞ୍ଜିଗଡ଼ ଥାନା ଆଶ୍ରମପଡା ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ଲାଞ୍ଜିଗଡ଼ ପଞ୍ଚାୟତ ଜାମଚୁଆ ଗ୍ରାମର ସ୍ୱର୍ଗତ ସାଇବ ମାଝୀର ପତ୍ନୀ ମଲ ମାଝୀ (୫୫)। ସୂଚନାନୁସାରେ ମୃତ ମଲ ମାଝୀ କୌଣସି କାମରେ ଗାଁର ଲକ୍ଷ୍ମୀ ମାଝୀ ସହିତ ଜାମଚୁଆ ଗାଁରୁ ଲାଞ୍ଜିଗଡ଼ରୁ ଆଶ୍ରମପଡ଼ା ଆଡ଼କୁ ଯାଉଥିବା ସମୟରେ ପଛପଟୁ ଲାଞ୍ଜିଗଡ଼ ଆଡୁ କୌଣସି ଗାଡ଼ି ଦ୍ରୁତ ଗତିରେ ଆସି ଧକ୍କା ଦେଇଥିବା ବେଳେ ଦୂରକୁ ମହିଳା ଜଣକ ଛିଟିକି ପଡ଼ିଥିବା ବେଳେ ସେଇଠାରେ ହିଁ ତାର ପ୍ରାଣବାୟୁ ଉଡିଯାଇଥିଲା। ଧକ୍କା ଦେଇଥିବା ଗାଡି ସେଠାରୁ ଫେରାର ହୋଇଯାଇଥିଲା। ଖବର ଶୁଣି ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଥିଲେ ଏବଂ କ୍ଷତି ପୂରଣ ଓ ଦାବିରେ ରାସ୍ତା ଉପରେ ଶବରଖି ଲାଞ୍ଜିଗଡ଼ ଠାରୁ ବିଶ୍ୱନାଥପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଦୁର୍ଘଟଣା ଦେଖି ନିକଟସ୍ଥ ଲୋକେ ଲାଞ୍ଜିଗଡ ପୁଲିସକୁ ଖବର ଦେଇଥିଲେ। ଦୁର୍ଘଟଣା ଦେଖି ନିକଟସ୍ଥ ଲୋକେ ଲାଞ୍ଜିଗଡ଼ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଲାଞ୍ଜିଗଡ଼ ଥାନାଧିକାରୀ ଯଶୋବନ୍ତ ହିଆଲଙ୍କ ନେତୃତ୍ୱରେ ଏସଆଇ ଡୋଲାମଣୀ ବିଶି, ଏଏସଆଇ ବଳଭଦ୍ର ଗୌଡ଼ ପୋଲିସ ବଳ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୁଲିସ ତଦନ୍ତ କରି ମୃତକଙ୍କ ପରିବାର ଲୋକଙ୍କୁ ବୁଝାସୁଝା କରି କ୍ଷତିପୂରଣ ପ୍ରତିଶ୍ରୁତି ପରେ ଦୀର୍ଘ ତିନି ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା। ଏନେଇ ଲାଞ୍ଜିଗଡ଼ ଥାନାରେ ମାମଲା ରୁଜୁ କରି ଶବବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ତଦନ୍ତ ଜାରି ରହିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।



**ଝାରସୁଗୁଡ଼ା ଜିଲ୍ଲା ପ୍ରତିଷ୍ଠା ଦିବସ**

# ପଲ୍ଲିଶ୍ରୀ ମେଳା ଏବଂ ଜିଲ୍ଲା ମହୋତ୍ସବ 'ଦୁଲଦୁଲି -୨୦୨୬' ଉଦ୍‌ଘାଟିତ

ଝାରସୁଗୁଡ଼ା,୧।୧(ସମିସ)





ନବବର୍ଷରେ ଭବ୍ୟ ଶୋଭାଯାତ୍ରା ସହିତ ଝାରସୁଗୁଡ଼ା ଜିଲ୍ଲା ମହୋତ୍ସବ ଦୁଲଦୁଲି ୨୦୨୬ ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି। ମହୁରୀର ସୁମଧୁର ମର୍ଚ୍ଛନା, ଢୋଲର ଗମ୍ଭୀର ଗୁଞ୍ଜରଣ, ନିଶାନ ତାସାର ଉଦ୍ଦାମ ତାଳ ଏବଂ ଝାଞ୍ଜର ଝଙ୍କାରରେ ଝାରସୁଗୁଡ଼ାର ବୀର ମାଟି ଆଜି ଉତ୍ସବମୁଖର; ଯେଉଁଠି ଓଡ଼ିଆ ସାହିତ୍ୟର ଛନ୍ଦ ଓ ଲୋକକଳାର ସ୍ପନ୍ଦନ ଏକାଠି ହୋଇ ସୃଷ୍ଟି କରେ ଅନନ୍ୟ 'ଦୁଲଦୁଲି'। ଝାରସୁଗୁଡ଼ାର ସମୃଦ୍ଧ ଐତିହ୍ୟ, କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଉତ୍ତରପିଢ଼ିର ହୃଦୟରେ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ, ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ୧ ରୁ ୫ ଜାନୁଆରୀ ପର୍ଯ୍ୟନ୍ତ ଝାରସୁଗୁଡ଼ା ବିଟିଏମ୍ ପଡିଆଠାରେ ଜିଲ୍ଲା ପ୍ରତିଷ୍ଠା ଦିବସ, ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ଓ ସ୍ୱଦେଶୀ ମେଳା ଏବଂ ଜିଲ୍ଲା ମହୋତ୍ସବ 'ଦୁଲଦୁଲି-୨୦୨୬' ଉତ୍ସବ ଆରମ୍ଭ ହୋଇଛି।

ଏହି ଉପଲକ୍ଷେ ବାବା ଝାଡେଶ୍ୱର ଓ କନକ ଦୁର୍ଗା ମନ୍ଦିରର ଠାରେ ପୂଜାର୍ଚ୍ଚନା ପରେ ଶୁଭ କଳସ ଯାତ୍ରା ଏବଂ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସାଂସ୍କୃତିକ ଦଳ ସମେତ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଳ କୁନାଲ ମୋତିରାମ ଚୌହ୍ୱାଣଙ୍କ ସମେତ ଦୁଲଦୁଲି କମିଟିର ସମସ୍ତ ସଦସ୍ୟଙ୍କ ସହିତ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ। ଏଥର ଦ୍ୱିତୀୟ ବର୍ଷ ଝାରସୁଗୁଡ଼ା ବିଟିଏମ୍ ପଡିଆରେ ଆୟୋଜିତ ଝାରସୁଗୁଡ଼ା ଜିଲ୍ଲା ମହୋତ୍ସବ 'ଦୁଲ୍‌ଦୁଲି' ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବିଧାୟକ ଟଙ୍କଧର ତ୍ରିପାଠୀ, ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଝାରସୁଗୁଡ଼ା ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ, ସ୍ୱତନ୍ତ୍ର ଅତିଥି ଭାବେ ପଦ୍ମଶ୍ରୀ ଡ.ଅରୁଣା ମହାନ୍ତି, ପଦ୍ମଶ୍ରୀ ଡ.ଜିତେନ୍ଦ୍ରିୟ ହରିପାଳ, ପଦ୍ମଶ୍ରୀ ଡ.କ୍ରିଷ୍ଣା ପଟେଲ, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ପ୍ରମୁଖ ଯୋଗ ଦେଇଥିଲେ।

ଝାରସୁଗୁଡ଼ା ଏକ ଯୁବ ଜିଲ୍ଲା, ଜିଲ୍ଲାକୁ ଏଥର ୩୨ ପୁରି ୩୩ ଛୁଇଁଛି। ଝାରସୁଗୁଡ଼ାରେ ଗଢ଼ି ଉଠିଛି ଅନେକ ଗୁଡିଏ କଳକାରଖାନା, ଜିଲ୍ଲା ଇତି ମଧ୍ୟରେ ଏକ ଶିଳ୍ପ ନଗରୀ ରୂପେ ସମଗ୍ର ଦେଶରେ ଖ୍ୟାତି ଅର୍ଜନ କରିପାରିଛି ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। ପ୍ରଥମ ଦିନରେ ଭରନି, ଓଡ଼ିଶୀ, ମୟୁର ଡାନ୍ସ, ଲାବଣି, କୋଳି, ମୟୁରଭଞ୍ଜ ଛଉ, ପଞ୍ଚରଶି ଲୋକନୃତ୍ୟ, ଆମର ଝାରସୁଗୁଡ଼ା, ବଜନିଆ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜିଲ୍ଲା ପ୍ରଶାସନ ଏବଂ ଓରମାସର ମିଳିତ ସହଯୋଗରେ ସ୍ଥାନୀୟ ବିଟିଏମ ପଡିଆଠାରେ ପାଞ୍ଚ ଦିନିଆ ମହୋତ୍ସବ ଆୟୋଜିତ ହେଉଛି। ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଗ୍ରାମୀଣ ହସ୍ତଶିଳ୍ପ ଓ ପାରମ୍ପରିକ ଖାଦ୍ୟର ଏକ ଭବ୍ୟ ପ୍ରଦର୍ଶନୀ ଦେଖିବାକୁ ମିଳିଛି। ଚଳିତ ବର୍ଷ ପଲ୍ଲୀଶ୍ରୀ ମେଳାରେ ମୋଟ ୨୦୦ଟି ଷ୍ଟଲ୍ ସ୍ଥାପନ କରାଯାଇଥିବା ବେଳେ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରୁ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଶିଳ୍ପୀମାନେ ଏଥିରେ ସାମିଲ ହୋଇଛନ୍ତି। ଓଡ଼ିଶା ବ୍ୟତୀତ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ପଞ୍ଜାବ, ମଣିପୁର ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟରୁ ମଧ୍ୟ କାରିଗରମାନେ ନିଜର ସ୍ୱତନ୍ତ୍ର ହସ୍ତକଳା ସହ ଅଂଶଗ୍ରହଣ କରିଛନ୍ତି।

# ଜୟପୁରକୁ ବିମାନ ଭଡ଼ା ବୃଦ୍ଧି




ଜୟପୁର, ୧।୧(ସମିସ) : କୋରାପୁଟ ଜିଲ୍ଲା ଜୟପୁର ଠାରୁ ଭୁବନେଶ୍ୱର ଏବଂ ବିଶାଖପାଟଣାକୁ ଚଳଚଳ କରୁଥିବା ଯାତ୍ରୀବାହୀ ବିମାନର ଭଡା ବୃଦ୍ଧି କରାଯାଇଛି । ହଠାତ୍ ଯାତ୍ରୀଭଡ଼ା ପ୍ରାୟ ୫୦୦ରୁ ୧ ହଜାର ମଧ୍ୟରେ ବୃଦ୍ଧିକୁ ନେଇ ଯାତ୍ରୀ ଅସନ୍ତୋଷ ପ୍ରକାଶ କରିବା ସହିତ ଏହା ନୂତନ ବର୍ଷରେ ଯାତ୍ରୀଙ୍କୁ ବିମାନ ଚଳାଚଳ ଦାୟୀତ୍ୱରେ ରହିଥିବା ଇଣ୍ଡିଆ ୱାନ୍ କମ୍ପାନୀର ଭେଟି ବୋଲି ଆଲୋଚନା ହେଉଛି । ଗତ ୨୦୨୨ ମସିହା ଠାରୁ ଆରମ୍ଭ ହୋଇଥିବା ୯ ସିଟ ବିଶିଷ୍ଟ ଏହି ଯାତ୍ରୀବାହୀ ବିମାନ ବିମାନ ସେବା ପୂର୍ବରୁ ଭୁବନେଶ୍ୱର ପାଇଁ ଯାତ୍ରୀ ଭଡା ୩ ହଜାର ୬୭୪ ଟଙ୍କା ରହିଥିବା ବେଳେ ଆଜି ଠାରୁ ଏହାର ଦର ବୃଦ୍ଧି କରାଯାଇ ୪ ହଜାର ୬୨୦ ଟଙ୍କା ଧାର୍ଯ୍ୟ କରାଯାଇଛି । ସେହିପରି ବିଶାଖପାଟଣାକୁ ପୂର୍ବରୁ ୨୫୦୦ ଟଙ୍କା ରହିଥିବା ବେଳେ ବର୍ତ୍ତମାନ ଏହାକୁ ବୃଦ୍ଧି କରାଯାଇ ୩୦୪୦ ଟଙ୍କା ରହିଛି । ପ୍ରକାଶ ଯେ, ଉପାନ୍ତ ଅବିଭକ୍ତ କୋରାପୁଟ ଜିଲ୍ଲାକୁ ଭୁବନେଶ୍ୱରକୁ ବିମାନ ସେବା ନେଇ କେନ୍ଦ୍ର ସରକାରଙ୍କ ଉଡାନ ଯୋଜନାରେ ଗତ ୨୦୨୨ ମସିହା ୩୧ ତାରିଖରେ ୯ ସିଟ ବିଶିଷ୍ଟ ବିମାନ ସେବାର ଶୁଭାରମ୍ଭ ହୋଇଥିଲା । ଏହାର କିଛି ଦିନ ପରେ ବିଶାଖପାଟଣାକୁ ମଧ୍ୟ ଏହି ବିମାନ ଯାତ୍ରା ଜୟପୁର ଠାରୁ ଆରମ୍ଭ କରିଥିଲା । ଲୋକଙ୍କ ଯାତ୍ରାର ଚାହିଦା ଏବଂ ଦାବି ଅନୁଯାୟୀ ୨୦୨୩ ମସିହା ନଭେମ୍ବର ମାସରୁ ଅପରାହ୍ନରେ ୨ୟ ବିମାନ ସେବା ଆରମ୍ଭ ହୋଇଥିଲା । ନିତିଦିନିଆ ଏହି ବିମାନ ସେବା ଆରମ୍ଭ ହୋଇଥିବା ବେଳେ ପ୍ରଥମ ବିମାନ ଭୁବନେଶ୍ୱରରୁ ଜୟପୁର ଆସିବା ପରେ ପୁଣି ଫେରିଯାଉଛି । ଦ୍ୱିତୀୟ ବିମାନ ଭୁବନେଶ୍ୱର ଠାରୁ ଯାତ୍ରା ଆରମ୍ଭ କରିବା ପରେ ଜୟପୁର ଠାରେ ପହଞ୍ଚି ଏଠାରୁ ବିଶାଖପାଟଣା ଯାଇ ପୁଣି ଜୟପୁର ଫେରିବା ସହିତ ଭୁବନେଶ୍ୱର ଯାତ୍ରା କରୁଛି ।

# ବିଭିନ୍ନ ସ୍ଥାନରେ ଜିରୋ ନାଇଟ୍ ପାଳନ



ମାଲକାନଗିରି,୧।୧(ସମିସ):

ବିଦାୟ ନେଇଛି ୨୦୨୫ ମସିହା । ପୁରୁଣା ବର୍ଷକୁ ବିଦାୟ ଜଣାଇବା ସହ ନୂତନ ବର୍ଷ ୨୦୨୬କୁ ସ୍ୱାଗତ ଜଣାଇବା ପାଇଁ ଉତ୍ସବମୁଖର ହୋଇ ପଡିଛି ମାଲକାନଗିରି ଜିଲ୍ଲା । ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ପୁରୁଣା ବର୍ଷ ୨୦୨୫କୁ ବିଦାୟ ଦେଇ ନୂଆବର୍ଷ ୨୦୨୬କୁ ସ୍ୱାଗତ ଜଣାଇ ଜିରୋ ନାଇଟ୍ ପାଳନ ସାଙ୍ଗକୁ ପ୍ରାକୃତିକ ପରିବେଶ ମଧ୍ୟରେ ଜମୁଛି ବଣ ଭୋଜି । ନୂତନ ବର୍ଷକୁ ସ୍ୱାଗତ ଜଣାଇ ଭରପୁର ମଜା ନେଉଛନ୍ତି ପର୍ଯ୍ୟଟକ ଓ ଜିଲ୍ଲାବାସୀ । ସବୁଜ ବନାନୀ ଘେରା ସୁଉଚ୍ଚ ପର୍ବତ ମାଳା ଓ ପ୍ରକୃତିର ସୁନ୍ଦର ଦୃଶ୍ୟ ଦେଖି ମସଗୁଲ ହୋଇଯାଇଛନ୍ତି ଜିଲ୍ଲା ଓ ଜିଲ୍ଲା ବାହାରୁ ଆସିଥିବା ପର୍ଯ୍ୟଟକ । ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରାକୃତିକ ଝରଣା ପାହାଡ଼ ଖୋଲର ଜଳପ୍ରପାତ ଏବଂ ସୁବିଜିମା ଭିତରେ ଛତିଶଗଡ, ତେଲେଙ୍ଗାନ, ଓଡିଶାର ବିଭିନ୍ନ ଜିଲ୍ଲାରୁ ଲୋକେ ଆସି ନୂତନ ବର୍ଷକୁ ସ୍ୱାଗତ ଜଣାଇଛନ୍ତି । ବର୍ଷ ଶେଷ ଦିନ ହୋଇଥିବାରୁ ଭୋଜିସ୍ଥାନରେ ନାଚଗୀତ ସାଙ୍ଗକୁ ରାତ୍ରରେ ଜିରୋ ନାଇଟ୍ ପାଳନ କରିଥିବା ଦେଖିବାକୁ ମିଳିଥିଲା । ସେହିପରି ଜିଲ୍ଲାର ଏଫଏଫସି ରେଷ୍ଟୁରାଣ୍ଟ ସହ ବିଭିନ୍ନ ହୋଟେଲରେ ଲୋକଙ୍କୁ ଆକର୍ଷିତ କରିବା ପାଇଁ ନାନା କାର୍ଯ୍ୟକ୍ରମ କରଯାଇଥିଲା । ଜିଲ୍ଲାର ର୍ବିଭିନ୍ନ ସଂଗଠନ ପକ୍ଷର ମଧ୍ୟ ନିଆରା ଢଙ୍ଗରେ ଏହି ନୂତନ ବର୍ଷକୁ ସ୍ୱାଗତ ଜଣାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# 'ସହଯୋଗ' ଭ୍ରାମ୍ୟମାଣ ସହାୟତା କେନ୍ଦ୍ର ଉଦ୍‌ଘାଟିତ



କୋରାପୁଟ,୧।୧(ସମିସ): କୋରାପୁଟ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ 'ସହଯୋଗ' ଭ୍ରାମ୍ୟମାଣ ସହାୟତା କେନ୍ଦ୍ର ବା ସଚେତନତା ରଥ ଉଦ୍‌ଘାଟିତ ହୋଇଛି । କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରୀ), ରାସନ କାର୍ଡ, ପାଇପ୍ ଯୋଗେ ଜଳ ଯୋଗାଣ, ଆୟୁଷ୍ମାନ କାର୍ଡ, ପିଡବ୍ଲୁଡି ପରିଚୟ ପତ୍ର, ସୁଭଦ୍ରା ଯୋଜନା, ଶ୍ରମିକ କାର୍ଡ, ଇ-ଶ୍ରମିକ କାର୍ଡ, ଗରିମା ଯୋଜନା, ପିଏମ ବିଶ୍ୱକର୍ମା ଯୋଜନା, ମଧୁବାବୁ ପେନସନ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା ଏବଂ ପିଏମ ସୁରକ୍ଷା ବୀମା ଯୋଜନା ଭଳି ୧୩ ଟି ଯୋଜନାକୁ ୮୭ ଟି ୱାର୍ଡରେ ପ୍ରଚାର ଓ ପ୍ରସାର କରାଯିବ । ଏଥିସହ ଏହି ଭ୍ରାମ୍ୟମାଣ ସହାୟତା କେନ୍ଦ୍ର ୱାର୍ଡ ଗୁଡିକରେ ପହଞ୍ଚି ଯୋଗ୍ୟ ହିତାଧିକାରୀ ମାନଙ୍କର ପଞ୍ଜିକରଣ କରିବ । ୪ଟି ସହରାଞ୍ଚଳରେ ୧୮୦ ଦିନ କାର୍ଯ୍ୟକ୍ରମ ରହିଛି । ଏହା ନିଶ୍ଚିତ ଭାବେ ଶତ ପ୍ରତିଶତ ସଫଳତା ପାଇବ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ କହିଛନ୍ତି । ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ୧୩ ଗୋଟି ଯୋଜନାରେ ବଞ୍ଚିତ ହୋଇଥିବା ହିତାଧିକାରୀ ମାନେ ଏଥିରୁ ସୁଫଳ ପାଇପାରିବେ ବୋଲି କୋରାପୁଟ ବିଧାୟକ ରଘୁରାମ ମାଛ କହିଛନ୍ତି । ଯୋଜନାକୁ ନେଇ ଲୋକଙ୍କ ପାଖକୁ ଭ୍ରାମ୍ୟମାଣ ଗାଡ଼ି ଯିବ । ହିତାଧିକାରୀ ମାନେ ଘରେ ରହି ଯୋଜନାର ଲାଭ ପାଇପାରିବେ । ଏଥିପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସେ ଧନ୍ୟବାଦ ଅର୍ପଣ କରିଛନ୍ତି । କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତପନ କୁମାର ନାୟକ, ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ମନୋଜ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଡୁଡ଼ା ଟିମ ଲିଡର ଯୋଗେଶ କୁମାର ରାଜୁ, ଜିଲ୍ଲା ମିଶନ ମ୍ୟାନେଜର ରାମ ଶଙ୍କର ଦାସ, ସିଏଲଟିସି ସାମନ୍ତ ଚନ୍ଦ୍ରଶେଖର ଦାଶ, କୋରାପୁଟ ପୌର ପରିଷଦ ସେକ୍ସନ ଅଫିସର କେ ନାଗେଶ୍ୱର ରାଓ, ସୀମାଞ୍ଚଳ ପଢ଼ିହାରୀ ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ କୋରାପୁଟ ପୌର ପରିଷଦର କାଉନ୍‌ସିଲର ମାନେ ଉପସ୍ଥିତ ଥିଲେ ।

ଜାତୀୟ ସଡକ ସୁରକ୍ଷା ମାସ କାର୍ଯ୍ୟକ୍ରମ

# ଫୁଲ, ଚକ୍‌ଲେଟ ଦେଇ ଗାଡ଼ି ଚାଳକଙ୍କୁ ସଚେତନତା





ରାୟଗଡ଼ା,୧।୧(ସମିସ): ରାଜ୍ୟରେ ଦିନକୁ ଦିନ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ରାଜ୍ୟ ପରିବହନ ବିଭାଗ ଓ ପୁଲିସ ପ୍ରଶାସନ ମିଳିତରେ ଆଜି ଠାରୁ ସମଗ୍ର ରାଜ୍ୟରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ ହେଉଛି । ଏହି କ୍ରମରେ ଆଜି ରାୟଗଡ଼ା ଜିଲ୍ଲା ସଡ଼କ ସୁରକ୍ଷା କମିଟି ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡ଼ା ଆଞ୍ଚଳିକ ପରିବହନ ଅଧିକାରୀ ପାଉଲ ବିନୟ କୁମାରଙ୍କ ନେତୃତ୍ୱରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଏନସିସି କ୍ୟାଡେଟ, ଡିଆରଏସସି କମିଟି ସଭ୍ୟଙ୍କ ଉପସ୍ଥିତିରେ ଆଜି ସ୍ଥାନୀୟ କପିଳାସ ଛକ ଠାରେ ସଡ଼କ ସୁରକ୍ଷା ନିୟମ ମାନି ଚଳିବା ପାଇଁ ବାଇକ୍, କାର, ବସ, ଟ୍ରକ, ଅଟୋରିକ୍ସା ଆଦି ବିଭିନ୍ନ ଯାନବାହାନ ଚାଳକଙ୍କୁ ସଚେତନ କରାଯାଇଥିଲା । ଯେଉଁ ବାଇକ ଚାଳକ ହେଲମେଟ୍ ପିନ୍ଧିଥିଲେ, ସିଟ୍ ବେଲଟ୍ ବାନ୍ଧିଥିଲେ ସେଭଳି ଚାଳକଙ୍କୁ ଗୋଲାପ ଫୁଲ ଦିଆଯାଇଥିଲା ଏବଂ ଯେଉଁମାନେ ବିନା ହେଲମେଟ୍, ବିନା ସିଟ୍ ବେଲଟ ଅନ୍ୟ ସଡକ ସୁରକ୍ଷା ନିୟମ ମାନୁ ନ ଥିଲେ ସେ ଚାଳକମାନଙ୍କୁ ଚକ୍‌ଲେଟ୍ ଏବଂ ଲିଫଲେଟ୍ ପ୍ରଦାନ କରାଯାଇ ସଚେତନ କରାଯାଇଥିଲା । ଆଜି ଜାନୁଆରୀ ମାସ ୧ ଠାରୁ ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି ଏହି ଜାତୀୟସଡ଼କ ସୁରକ୍ଷା ମାସ ପାଳନ କରାଯିବାକୁ ଥିବା ବେଳେ ଏହି ମାସ ପାଳନ ମଧ୍ୟରେ ଏନଫୋର୍ସମେଣ୍ଟକୁ ପ୍ରାଥମିକତା ଦିଆଯିବ ଏବଂ ଏଥିସହ ଲୋକଙ୍କୁ ସଚେତନ ମଧ୍ୟ କରାଯିବ ବୋଲି ରାୟଗଡ଼ା ଆରଟିଓ ବିନୟ କୁମାର ପ୍ରକାଶ କରିଛନ୍ତି । ଜିଲ୍ଲାରେ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ଏନଫୋର୍ସମେଣ୍ଟରେ ବିନା ହେଲମେଟ, ଟ୍ରିପଲ୍ ରାଇଡିଂ, ମଦୁଆ ଗାଡି ଚାଳକଙ୍କୁ ଧରିବା, ଦ୍ରୁତଗତିରେ ଗାଡି ଚଳାଉଥିବା ଡ୍ରାଇଭରକୁ ଧରିବା, ଓଭରଲୋଡିଂ, ଗାଡି ଚଳେଇବା ସମୟରେ ମୋବାଇଲ ବ୍ୟବହାର ଆଦି ଗୁରୁତ୍ୱପୂର୍ଣ୍ଣ ସଡ଼କ ସୁରକ୍ଷା ନିୟମକୁ ଉଲ୍ଲଂଘନ କରୁଥିବା ଚାଳକମାନଙ୍କୁ ଧରି ସରକାରୀ ନିୟମ ପ୍ରକାରେ ଜରିମାନା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆରଟିଓ ବିନୟ କୁମାର କହିଛନ୍ତି । ଗତ ଜାନୁଆରୀ ମାସରୁ ନଭେମ୍ବର ପର୍ଯ୍ୟନ୍ତ ୧୧ମାସ ମଧ୍ୟରେ ୧୩୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୧୮ ଟି ସଡ଼କ ଦୁର୍ଘଟଣା ଘଟିଛି । ଆଜିର ଏହି ସଚେତନତା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୋଟର ଯାନ ନିରୀକ୍ଷକ ଦୁର୍ଗାପ୍ରସାଦ ଦାସ, କନିଷ୍ଠ ଏମଭିଆଇ ସଂଗ୍ରାମ କିଶୋର ବେହେରା, ଟିଆଇ ଝସକେତନ ଭରାଶଗରିଆ, ଜିଲ୍ଲା ସଡ଼କ ସୁରକ୍ଷା କମିଟି ସଭ୍ୟ ଶିବ ନାରାୟଣ ଗଉଡ, ଏନସିସି ଅଧିକାରୀ ଲେଫ୍‌ନାଣ୍ଟ ଉଦୟ କୁମାରଙ୍କ ସମେତ ପରିବହନ ବିଭାଗର ଅନ୍ୟ କର୍ମଚାରୀ ଏବଂ ଏନ୍‌ସିସି କ୍ୟାଡେଟ୍ ମାନେ ସାମିଲ ହୋଇଥିଲେ ।

# ଡାବୁଗାଁରେ କଳ୍ପତରୁ ଉତ୍ସବ ପାଳିତ



ଡାବୁଗାଁ,୧।୧(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ନିକଟସ୍ଥ ଗରୁଡଗୁଡା ଗ୍ରାମ ରାମକୃଷ୍ଣ ମିଶନ ଠାରେ ଡାବୁଗାଁ ରାମକୃଷ୍ଣ ଶାରଦା ସେବାସଂଘର କଳ୍ପତରୁ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି । ଏଥିରେ ପୂର୍ବତନ ରାଜ୍ୟସଭା ସାଂସଦ ଭଗବାନ ମାଝୀ ସଭାପତତ୍ୱ କରିଥିଲେ । ରାମକୃଷ୍ଣ ଶାରଦା ସେବା ସଂଘର ସଭାପତି ସୁରେଶ ଚନ୍ଦ୍ର ସାମଲ ସ୍ୱାଗତ ଭାଷଣ ଦେବା ସହ କଳ୍ପତରୁର ତାତ୍ପର୍ଯ୍ୟ ବିଷୟରେ ବୁଝାଇଥିଲେ । ଏଥିରେ ନବରଙ୍ଗପୁର ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ରାଧାନାଥ ବେହେରା ଠାକୁର ଶ୍ରୀ ରାମକୃଷ୍ଣଙ୍କର କଳ୍ପତରୁ ବିଷୟରେ ଠାକୁରଙ୍କ ମହତ ବାଣୀ ଓ ଚୈତନ୍ୟ ଲାଭ ବିଷୟରେ କହିଥିଲେ । ଏହି ଉତ୍ସବରେ ଅବସରପ୍ରାପ୍ତ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ସୁରେନ୍ଦ୍ର ନାଥ ଦାଶ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ମହାନ୍ତି, ବରିଷ୍ଠ ସଦସ୍ୟ ହରେନ୍ଦ୍ର ନାଥ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ଡାବୁଗାଁ ସଂଘର ଉପସଭାପତି ଚୈତନ୍ୟ ବିଶୋଇ, ସମ୍ପାଦକ ଦିବାକର ବାରିକ, କୋଷାଧ୍ୟକ୍ଷ ରଘୁନାଥ ବିଶୋଇ, ଗଙ୍ଗାଧର ମହାକୁଡ, ରଞ୍ଜିତ ବିଶୋଇ, ଶଙ୍କର ବିଶୋଇ ଓ ଅନ୍ୟ ଭକ୍ତ ମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ଉତ୍ସବରେ ପ୍ରାୟ ୧୦୦୦ରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା । ସଂଘର ସଭ୍ୟ ବାବି ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଅଗାଧୁ ଭତ୍ରା, ଜ୍ୟୋତି ମାଝି, କପିଳାସ ଭତ୍ରା, ତିଲୋତ୍ତମା ବାରିକ ଓ ଅଞ୍ଜୁ ବିଶୋଇ ଭଜନ ପରିବେଷଣ କରିଥିଲେ ।

# ବାଣ ଫୁଟାଇ ନୂଆବର୍ଷକୁ ସ୍ୱାଗତ

ଜୟପୁର, ୧।୧,(ସମିସ): ଜୟପୁର ସହରରେ ବିଭିନ୍ନ ସ୍ଥାନରେ ଲୋକେ ମିଳିତ ଭାବେ ନୂତନ ବର୍ଷକୁ ସ୍ୱାଗତ କରିବା ନେଇ ବୁଧବାର ବିଳମ୍ବିତ ରାତିରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ନୃତ୍ୟଗୀତର କାର୍ଯ୍ୟକ୍ରମରେ ପ୍ରକମ୍ପିତ ହୋଇଥିବା ଅଞ୍ଚଳ । ଆୟୋଜନ ହୋଇଥିଲା ।



ଗତକାଲି ରାତି ୯ଟା ସମୟରୁ ଏକଜୁଟ ହୋଇ ନୃତ୍ୟଗୀତ ସହିତ ମଉଜମଜଲିସ ଭୋଜିଭାତ ଆୟୋଜନ କରିଥିଲେ । ନୂତନ ବର୍ଷ ଆଗମନରେ ବିଳମ୍ବିତ ରାତିରେ ସାରା ସହରରେ ବାଣ ଫୁଟାଇ ଏକ ପ୍ରକାର ଦୀପାବଳି ପାଳନ କରାଯାଇଥିଲା । ସହରର ବିଭିନ୍ନ ହୋଟେଲ ଗୁଡିକରେ ନବବର୍ଷ ପାଳନ ନିମନ୍ତେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯାଇଥିଲା । ନୃତ୍ୟଗୀତ ସହିତ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା । ଗୁରବାର ନୂତନ ବର୍ଷ ପହିଲା ଦିବସ ଅବସରରେ ପୂର୍ବାହ୍ନରୁ ସହରର ସମସ୍ତ ମନ୍ଦିର ଗୁଡିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ମୁଖ୍ୟତଃ ଜଗନ୍ନାଥ ମନ୍ଦିରରେ ପ୍ରବଳ ଭିଡ଼ ଯୋଗୁଁ ସମ୍ମୁଖ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା । ଭଗବତୀ, ବଲ୍ଲଭନାରାୟଣ, ଦକ୍ଷିଣକାଳୀ, ଜଗତଜନନୀ, ପଞ୍ଚାନନ, ନୀଳକଣ୍ଠେଶ୍ୱର, ବୈଦନାଥ, ଲୋକନାଥ, ତିରୁପତି ବାଲାଜୀ, ସିରିଡି ସାଇବାବା ପ୍ରଭୃତି ମନ୍ଦିରରେ ମଧ୍ୟ ଇଂରାଜୀ ନବବର୍ଷ ଉପଲକ୍ଷେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା । ସେହିପରି କୋରାପୁଟ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ଓ ଭୋଜିଭାତ ଆୟୋଜନ ସ୍ଥଳ ସମେତ ଜୟପୁର ସହରର ନିକଟବର୍ତ୍ତୀ ଗଡପଦର, ପାତ୍ରପୁଟ କୋଲାବ ପୋଲ, ଶତଳାଗୁଡି, ମହାଲିଆପୁଟ, ବାରିଣିପୁଟ, ରାଣିଗଡ, ତେଲିଙ୍ଗିରି ଡ୍ୟାମ୍, ତଳ କୋଲାବ ପାୱାର ହାଉସ୍, ସତୀଗୁଡା ଜଳପ୍ରପାତ ଗୁଡିକରେ ସହର ଏବଂ ଆଖପାଖ ଗ୍ରାମାଞ୍ଚଳର ଲୋକମାନେ ଭୋଜିଭାତ କରିବା ସହିତ ମିଳିତ ଭାବେ ଏହାର ଉପଭୋଗ କରିଥିଲେ ।

● ଅସ୍ମିତା ଖେଲୋ ଇଣ୍ଡିଆ କିକ୍‌ବକ୍ସିଂ ପ୍ରତିଯୋଗିତା

# ରାୟଗଡ଼ା ଜିଲ୍ଲାକୁ ୨ ସ୍ୱର୍ଣ୍ଣ,୨ ରୌପ୍ୟ ଓ ୩ କାଂସ୍ୟ ପଦକ

ରାୟଗଡ଼ା,୧।୧(ସମିସ): ସ୍ପୋର୍ଟସ ଅଥରିଟି ଅଫ୍ ଇଣ୍ଡିଆ ଏବଂ ୱାକୋ କିକ୍‌ବକ୍ସିଂ ଫେଡେରସନ୍ ପକ୍ଷରୁ ଅସ୍ମିତା ଖେଲୋ ଇଣ୍ଡିଆ କିକ୍‌ବକ୍ସିଂ ୨୦୨୫-୨୬ ଲିଗ୍ ପ୍ରତିଯୋଗିତା ଯାଜପୁର ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ଠାରେ ଡିସେମ୍ବର ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡ଼ାର ପ୍ରତିଯୋଗୀମାନଙ୍କ ସୁନ୍ଦର ଖେଳ ପ୍ରଦର୍ଶନ କରି ୭ଟି ପଦକ ପାଇ ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ଅସ୍ମିତା ଖେଲୋ ଇଣ୍ଡିଆ ପ୍ରତିଯୋଗିତା କେବଳ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ନାରୀ ସଶକ୍ତିକରଣରେ ଏହାର ପ୍ରମୁଖ ଭୂମିକା ରହିଛି । କିଭଳି ଭାରତର ପ୍ରତ୍ୟେକ ଝିଅ ଆତ୍ମରକ୍ଷା କୌଶଳ ଶିଖି ନିଜକୁ ଶକ୍ତିଶାଳୀ କରିପାରିବେ ଏହା ଅସ୍ମିତା ଖେଲୋ ଇଣ୍ଡିଆର ମୁଖ୍ୟ ଉଦ୍ଦେଶ୍ୟ । ଏହି ପ୍ରତିଯୋଗିତା ସଂପୂର୍ଣ୍ଣ ଦେୟମୁକ୍ତ ଥିଲା ଏବଂ ଏହି ଅସ୍ମିତା ଖେଲୋ ଇଣ୍ଡିଆ ପ୍ରତିଯୋଗିତାରେ କିକ୍‌ବକ୍ସି ଖେଳକୁ ସ୍ଥାନ ମିଳିଥିବାରୁ ୱାକୋ ଓଡିଶା ସଭାପତି କାର୍ତ୍ତିକ ଡାକୁଆଙ୍କ ଅବଦାନ ଅତୁଳନୀୟ । ଏହି ପ୍ରତିଯୋଗିତାରେ ଓଡିଶାରୁ ମୋଟ ୨୨୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୧୦ଜଣ ପ୍ରତିଯୋଗୀ କୋଚ ଅର୍ଜୁନ ଶବର ଏବଂ ଟିମ୍ ମ୍ୟାନେଜର କାତ୍ରିକା ମାଲାନାଙ୍କ ନେତୃତ୍ୱରେ ଅଂଶଗ୍ରହଣ କରିଥିଲେ । ରାୟଗଡ଼ା ଜିଲ୍ଲାକୁ ମୋଟ ୭ଟି ପଦକ ମଧ୍ୟରେ ଦୁଇଟି ଲେଖାଁଏ ସ୍ୱର୍ଣ୍ଣ, ଦୁଇଟି ଲେଖାଁଏ ରୌପ୍ୟ ଏବଂ ତିନୋଟି କାଂସ୍ୟ ପଦକ ମିଳିଛି । ରାୟଗଡ଼ାରୁ ଅଂଶଗ୍ରହଣ କରିଥିବା ଖେଳାଳୀ ରିବିକା ସାମଲ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ସାକ୍ଷୀ ପ୍ରଧାନ ଗୋଟିଏ ସ୍ୱର୍ଣ୍ଣ,




ଗୋଟିଏ କାଂସ୍ୟ ପଦକ ଜିତିଥିବା ବେଳେ ଶ୍ରୀୟଙ୍କା ଶବର ଗୋଟିଏ ରୌପ୍ୟ, କିର୍ତିକା ରାଣୀ ଦଳେଇ ଗୋଟିଏ କାଂସ୍ୟ ଏବଂ କେ. ପ୍ରଜ୍ୟୋସ୍ନା ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି । ଏହି କୃତି ପ୍ରତିଯୋଗୀମାନେ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ଜୋନାଲ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ଏହି ସଫଳତା ପାଇଁ ରାୟଗଡ଼ା ଜିଲ୍ଲା କିକବକ୍ସିଂ ସଂଘ ସଭାପତି ଡ.ଦୁର୍ଗା ପ୍ରସାଦ ପଣ୍ଡା ରାୟଗଡ଼ା ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି ।

● ଜାତୀୟ ଓପନ୍ କରାଟେ ପ୍ରତିଯୋଗିତା

# ଉତ୍କଳ କରାଟେ ସ୍କୁଲ ପ୍ରତିଯୋଗୀଙ୍କ ୧୭ ପଦକ ହାସଲ

କୋରାପୁଟ,୧।୧(ସମିସ): ଜାତୀୟସ୍ତରୀୟ ୧୫ତମ ଓପନ୍ କରାଟେ ପ୍ରତିଯୋଗିତାରେ କୋରାପୁଟ ଉତ୍କଳ କରାଟେ ସ୍କୁଲ ତରଫରୁ ୮ଜଣ ପ୍ରତିଯୋଗୀ ଭାଗ ନେଇ ୭ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୫ କାଂସ୍ୟ ପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତାଟିକୁ ସୁକୋକାଇ କରାଟେ ଡୋ ଇଣ୍ଡିଆ ଓ ଉତ୍କଳ କରାଟେ ସ୍କୁଲ ଦ୍ୱାରା ୨୭ ରୁ ୩୦ ଡିସେମ୍ବର ଉତ୍କଳ କରାଟେ ସ୍କୁଲ, ଭୁବନେଶ୍ୱର ଠାରେ ଆୟୋଜନ କରାଯାଇଥିଲା । ଏହି ପ୍ରତିଯୋଗିତାରେ ଆୟୁଷ ପ୍ରସାଦ ରଥ ଉଭୟ ବରିଷ୍ଠ ଓ ଅଣ୍ଡର ୨୧ ବର୍ଗରେ କୁମିତେରେ ୨ଟି ସ୍ୱର୍ଣ୍ଣ ଓ କାଟାରେ ୨ଟି ସ୍ୱର୍ଣ୍ଣ, ସୁଶ୍ରୀ ସଙ୍ଗୀତା ସିଂ କୁମିତେରେ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ କାଟାରେ ୨ଟି ରୌପ୍ୟ, ଅମ୍ଳାନ ଷଡ଼ଙ୍ଗୀ କୁମିତେରେ ଗୋଟିଏ କାଂସ୍ୟ ଓ କାଟାରେ ଗୋଟିଏ କାଂସ୍ୟ, ଶାସ୍ୱତ ସୂର୍ଯ୍ୟକାନ୍ତ ଭୋଇ କୁମିତେରେ ଗୋଟିଏ କାଂସ୍ୟ ଓ କାଟାରେ ଗୋଟିଏ କାଂସ୍ୟ, ଅଂଶୁମାନ ତ୍ରିପାଠୀ କୁମିତେରେ ଗୋଟିଏ କାଂସ୍ୟ ପଦକ, ପଲ୍ଲବୀ ପରିମିତା ଭୋଇ କୁମିତେରେ ଗୋଟିଏ ସ୍ୱର୍ଣ୍ଣ , ସଂଗୀତା ରାଓ ସାଇ ଯଶଶ୍ରୀ କୁମିତେରେ ଗୋଟିଏ ରୌପ୍ୟ ଓ ସ୍ରେୟାଶ ସୁବୁଦ୍ଧି କୁମିତେରେ ଗୋଟିଏ କାଂସ୍ୟ ଓ କାଟାରେ ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି । ଉଦ୍‌ଯାପନୀ ସମାରୋହର ଅତିଥି, ବିଶ୍ୱ କରାଟେ ସଂଘର ବୈଷୟିକ ସଦସ୍ୟ ହାନସି ଭରତ ଶର୍ମା, ଓଡ଼ିଶା ରାଜ୍ୟ କରାଟେ ସଂଘର ସଭାପତି ହାନସି ଡ. ହରିପ୍ରସାଦ ପଟ୍ଟନାୟକ, ସଂପାଦକ ଡ. ଗୌରୀ



ମହାନ୍ତି , ପ୍ରତିଷ୍ଠାତା ସଦସ୍ୟ କାଳୀ ପ୍ରସାଦ ନନ୍ଦ ଯୋଗଦେଇ ପଦକ ପ୍ରଦାନ କରିଥିଲେ । କୋରାପୁଟ ଜିଲ୍ଲା ତରଫରୁ ସେନସେଇ ଦୁର୍ଗା ପ୍ରସାଦ ରଥ, ସେନସେଇ ତ୍ରିନାଥ ସିଂ ଲାଲ୍, ସେନସେଇ ରାଜେନ୍ଦ୍ର କେଶରୀ ସାମଲ ଓ ସେନସେଇ ମହେଶ ଚନ୍ଦ୍ର ବରାଳ ବିଚାରକ ରୂପେ ଓ ଏସ୍. ଭି. ସନ୍ତୋଷ କୁମାର ଦଳର କୋଚ୍ ରୂପେ ଦାୟିତ୍ୱ ତୁଲାଇଥିଲେ ।

# କୋରୁକୋଣ୍ଡାରେ ପୁଣି ଟେଣ୍ଡର ଫିକ୍ସିଂ !

ମାଲକାନଗିରି/କୋରୁକୋଣ୍ଡା,୧।୧(ସମିସ):

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ପକ୍ଷରୁ ଗତ ୪ ଡିସେମ୍ବରରେ ସେତୁ ଯୋଜନାର କାର୍ଯ୍ୟ ସହ ବିଭିନ୍ନ ବିଭାଗର କାର୍ଯ୍ୟକୁ ନେଇ ମୋଟ ୪ଟି ଟେଣ୍ଡର ଅନ୍‌ଲାଇନ ଯୋଗେ ବାହାରି ଥିଲା । ଏହି ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇ ଟେଣ୍ଡର ଫିକ୍ସିଙ୍ଗ ହୋଇଥିବା ଅଭିଯୋଗ ହୋଇଛି । ଏନେଇ ଏକ ଅଡିଓ ମଧ୍ୟ ଭାଇରାଲ ହେବାରେ ଲାଗିଛି । ସୂଚନା ଅନୁଯାୟୀ କୋରୁକୋଣ୍ଡା ବ୍ଲକ ଅଧୀନରେ ସେତୁ ଯୋଜନା ଓ ଶିକ୍ଷା ବିଭାଗର ଅନୁଦାନ କାର୍ଯ୍ୟକୁ ମିଶାଇ ମୋଟ ୪ଟି କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକାଶିତ ହୋଇଥିଲା । ଜିଲ୍ଲା ପୋର୍ଟାଲରେ ମଧ୍ୟ ଏହି କାର୍ଯ୍ୟ ନେଇ ସୂଚନା ଦିଆଯାଇଥିବା ବେଳେ ମାତ୍ର ୧୨ ଜଣ ଠିକାଦାର ହିଁ ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇଥିଲା । ତେବେ ସବୁଠାରୁ ବଡ ଏବଂ ଆଶ୍ଚର୍ଯ୍ୟର ବିଷୟ ହେଉଛି ପ୍ରତି କାର୍ଯ୍ୟରେ ସର୍ବନିମ୍ନ ୩ଜଣ ଠିକାଦାର ଟେଣ୍ଡର ପକାଇଲେ ଯାଇ ଏହାକୁ ନିୟମ ଅନୁଯାୟୀ ସଠିକ ବୋଲି ଗ୍ରହଣ କରାଯିବାର ପ୍ରାବଧାନ ଥିବା ବେଳେ ଟେଣ୍ଡର ବାହାରିଥିବା ଏହି କାର୍ଯ୍ୟ ଗୁଡିକରେ ମଧ୍ୟ କେବଳ ୩ଜଣ ଲେଖାଏଁ ହିଁ ଟେଣ୍ଡର ପକାଇଛନ୍ତି । ଜିଲ୍ଲାର ଅନ୍ୟାନ୍ୟ ବିଭାଗରେ ବିଭିନ୍ନ କାର୍ଯ୍ୟ ପାଇଁ ଟେଣ୍ଡର ବାହାରିଲେ ଗୋଟିଏ କାର୍ଯ୍ୟରେ ଅନୁନ୍ୟ ୨୦ରୁ ଅଧିକ ଠିକାଦାର ଟେଣ୍ଡର ପକାଉଥିବା ବେଳେ ଏଠାରେ କିନ୍ତୁ ବିପରୀତ ଚିତ୍ର ଦେଖିବାକୁ ମିଳିଛି । ଏହି ବ୍ଲକରେ ବାହାରୁଥିବା କାର୍ଯ୍ୟରେ ଏତେ କମ୍ ସଂଖ୍ୟକ ତଥା ସର୍ବନିମ୍ନ ଆବଶ୍ୟକତା ଅନୁଯାୟୀ କିପରି ଠିକାଦାର ମାନେ ଟେଣ୍ଡର ପକାଉଛନ୍ତି, ତାହାକୁ ନେଇ ସନ୍ଦେହ ସୃଷ୍ଟି ହେଉଥିବା ବେଳେ ଏହି କାର୍ଯ୍ୟ ଗୁଡିକୁ ନେଇ ଟେଣ୍ଡର ଫିକ୍ସିଙ୍ଗ ହୋଇଥିବା ଅଭିଯୋଗ ହୋଇଛି । ପ୍ରାୟ ୧କୋଟି ଟଙ୍କା ମୂଲ୍ୟର ଏହି କାର୍ଯ୍ୟ ଗୁଡିକୁ ନେଇ ଟେଣ୍ଡର ଫିକ୍ସିଙ୍ଗ ହୋଇଥିବା ଅଭିଯୋଗ ସହ ଏକ ଅଡିଓ ମଧ୍ୟ ସାମାଜିକ ଗଣ ମାଧ୍ୟମରେ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ଟେଣ୍ଡର ଫିକ୍ସିଙ୍ଗ ଯୋଗୁଁ କିଛି ବ୍ୟକ୍ତି ବିଶେଷଙ୍କୁ ଟଙ୍କା ଦିଆଯାଇଥିବା କଥା ସ୍ପଷ୍ଟ ଜଣାପଡିଛି । ତେବେ କୋରୁକୋଣ୍ଡା ବ୍ଲକରେ ଏପରି ଘଟଣା ନୂଆ ହୋଇ ନଥିବା ବେଳେ ପୂର୍ବରୁ ମଧ୍ୟ ଏଠାରେ ଟେଣ୍ଡର ଫିକ୍ସିଙ୍ଗର ଅଭିଯୋଗ ସହ ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରକାଶ ପରେ ତାହାକୁ ବାତିଲ କରାଯାଇଥିଲ । ତେବେ ଏହାପରେ ପୁଣି ସମାନ ଅଭିଯୋଗ ଆସିବା ପରେ ଏହି ବ୍ଲକ ପ୍ରଶାସନ କାର୍ଯ୍ୟ ଶୈଳୀକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ଘଟଣାକୁ ନେଇ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି ଯେ, ସମସ୍ତ ନିୟମକୁ ପାଳନ କରି ଏହି ଟେଣ୍ଡର ପ୍ରକ୍ରିୟା କରାଯାଇଛି । ଟେଣ୍ଡର ଫିକ୍ସିଙ୍ଗ ନେଇ ସେପରି କୌଣସି ଅଭିଯୋଗ ପୂର୍ବରୁ ଆସି ନଥିଲା । ବର୍ତ୍ତମାନ ଆସିଥିବା ଅଭିଯୋଗକୁ ଆଧାର କରି ଏହାର ତଦନ୍ତ କରାଯିବ । ସେହିପରି ଘଟଣାକୁ ନେଇ ମାଲକାନଗିରି ପିଡିଡିଆରଡିଏ ନରେଶ ଚନ୍ଦ୍ର ଶବରଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି ଯେ, ପୂର୍ବରୁ ଏପରି ଅଭିଯୋଗ ହେତୁ ସେ ଅନ୍‌ଲାଇନ ଟେଣ୍ଡର କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବର୍ତ୍ତମାନ ସମସ୍ତ ନିୟମକୁ ପାଳନ କରାଯାଇ ଟେଣ୍ଡର ପ୍ରକ୍ରିୟା ହୋଇଥିବା ବେଳେ ଏହି ଘଟଣାକୁ ନେଇ ତଦନ୍ତ କରି ଉଚିତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ । ବରିଷ୍ଠ ଅଧିକାରୀ ମାନେ ଅଭିଯୋଗ ପାଇବା ପରେ ଯଦିଓ ଘଟଣାର ତଦନ୍ତ କରିବାକୁ କହିଛନ୍ତି, ତେବେ ବାରମ୍ବାର ଏହି ଗୋଟିଏ ବ୍ଲକରେ କାହିଁକି ଏପରି ଅଭିଯୋଗ ଆସୁଛି ଏବଂ ଘଟଣା ପଛରେ କାହାର ହାତ ରହିଛି ଓ କେଉଁ ଅଧିକାରୀ ତଥା ବ୍ୟକ୍ତି ମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ତାହାର ଉଚିତ ତଦନ୍ତ କରି ପଦକ୍ଷେପ ନେଲେ ଆଗାମୀ ଦିନରେ ଏପରି ଘଟଣା ଘଟିବ ନାହି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

## ଉମରକୋଟରେ ନୂଆବର୍ଷକୁ ସ୍ୱାଗତ



ଉମରକୋଟ,୧।୧(ସମିସ): ମେଲାଣି ନେଇଛି ୨୦୨୫। ଆସିଛି ନୂଆବର୍ଷ ୨୦୨୬। ସ୍ମୃତି ଛାଡିଯାଇଛି ୨୦୨୫, ଆଉ ନୂଆ ଆଶା ଓ ସମ୍ଭାବନାକୁ ନେଇ ଆସିଛି ୨୦୨୬। ନୂଆବର୍ଷ ପାଇଁ ଉମରକୋଟ ସହରର ସମସ୍ତ ମନ୍ଦିର ଠାରେ ଭକ୍ତଙ୍କ ପ୍ରବଳ ସମାଗମ ଦେଖାଯାଇଛି। ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ମାନଙ୍କରେ ପ୍ରବଳ ଜନଗହଳି ଓ ଭୋଜିଭାତର ଆସର ଜମିଥିବା ଦେଖିବାକୁ ମିଳିଛି। ନାଚଗୀତ ସହ ନୂଆବର୍ଷକୁ ସ୍ୱାଗତ କରିଛନ୍ତି ଉମରକୋଟ ସହରବାସୀ। ରାତି ୧୨ଟାରେ ହେଲା ଆତସବାଜୀ ଓ ଆଲୋକମାଳାରେ ଝଲସି ଉଠିଥିଲା ପୁରା ସହର।

## ଇଂରାଜୀ ନୂଆବର୍ଷକୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମ



ସେମିଲିଗୁଡା, ୧।୧ (ସମିସ): କୋରାପୁଟ ଜିଲ୍ଲାର ସେମିଲିଗୁଡା ସହର ଠାରେ ହସଖୁସିରେ ଇଂରାଜୀ ନୂତନ ବର୍ଷ ପାଳିତ ହୋଇଯାଇଛି। ବୁଧବାର ରାତିରେ ଲୋକେ ଜିରୋ ନାଇଟ୍ ପାଳନ କରିଥିଲେ। ଜିରୋ ନାଇଟ୍ ରାତିରେ ଯୁବକମାନେ ନୃତ୍ୟ, ଗୀତ ଓ ଭୋଜିଭାତରେ ସାମିଲ ହୋଇ ପରସ୍ପରକୁ ନୂଆବର୍ଷର ଶଭେଚ୍ଛା ଜଣାଇଥିଲେ। ସ୍ଥାନୀୟ ଗାନ୍ଧୀ ନଗର ଠାରେ ମହିଳାମାନେ କେକ୍ କାଟି, ନାଚ ଗୀତରେ ନୂତନ ବର୍ଷକୁ ସ୍ୱାଗତ କରିଥିଲେ। ରାସ୍ତାରେ , ବିଭିନ୍ନ ସାହିରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଯାଇ ଉତ୍ସବ ବାତାବରଣ ଦେଖିବାକୁ ମିଳିଥିଲା। ଗୁରୁବାର ଦିନ ନୂତନ ବର୍ଷ ଅବସରରେ ଲୋକ ମନ୍ଦିର ଗୁଡିକକୁ ଯାଇ ପୂଜାର୍ଚ୍ଚନା କରିବା ସହ ପରସ୍ପରକୁ ଶୁଭେଚ୍ଛା ଜଣାଇଛନ୍ତି। ଯୁବ ଗୋଷ୍ଠୀ, କିଛି ପରିବାର ଧୁଡାରି, ପକଜ୍ୱାଲା, ପୁଟସିଲ, ସୁବାଇ ପରି ବିଭିନ୍ନ ପର୍ଯ୍ୟଟନ ସ୍ଥାନଗୁଡିକକୁ ଯାଇ ଭୋଜିଭାତ କରି ଉତ୍ସବ ପାଳନ କରିଥିବା ଜଣାପଡ଼ିଛି।

## 'ସହଯୋଗ' ଭ୍ରାମ୍ୟମାଣ ଭ୍ୟାନ୍ ଶୁଭାରମ୍ଭ



ନବରଙ୍ଗପୁର,୧।୧ (ସମିସ): ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆନୁକୂଲ୍ୟରେ "ସହଯୋଗ' ଭ୍ରାମ୍ୟମାଣ ସହାୟତା କେନ୍ଦ୍ର ଭ୍ୟାନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ,ପୌର ଅଧ୍ୟକ୍ଷ କୁନୁ ନାୟକ , ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଶ୍ୱଜିତ ବର୍ମନ୍ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି 'ସହଯୋଗ' ଭ୍ରାମ୍ୟମାଣ ସଚେତନତା ଭ୍ୟାନ୍ ଜିଲ୍ଲାର ବିଭିନ୍ନ ବ୍ଲକ ଓ ସହରାଞ୍ଚଳ ଗସ୍ତ ପୂର୍ବକ ୧୩ଟି ଯୋଜନାର ସୂଚନା ଓ ପ୍ରଚାର କରିବ। କୌଣସି ହିତାଧିକାରୀ ଯଦି ଏହି ୧୩ଟି ଯୋଜନାରୁ ବଞ୍ଚିତ ହୋଇଛନ୍ତି, ତେବେ "ସହଯୋଗ ପୋର୍ଟାଲ' ଦ୍ୱାରା ନିଜର ନ୍ୟାର୍ଯ୍ୟ ସହାୟତା ପାଇପାରିବେ। ଏହି "ସହଯୋଗ' ସରକାରୀ ଯୋଜନା ସହ ସହରାଞ୍ଚଳ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକଙ୍କୁ ଯୋଡ଼ିବାର ମାଧ୍ୟମ ଅଟେ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଯଦୁମଣି ନାଏକ, ଡିଆଇପିଆର୍‌ଓ ମନୋଜ ବେହେରା, ପୌରପାଳିକା ନିର୍ବାହୀ ଅଧିକାରୀ ଅଶୋକ କଣ୍ଡର୍, ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱଚ୍ଛ ସାଥୀ, ସୁପରଭାଇଜର, ନବରଙ୍ଗପୁର ପୌରପାଳିକାର କର୍ମଚାରୀ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଉପସ୍ଥିତ ଥିଲେ।

## ରାତିରେ ଗାଁରେ ପଶି ପ୍ରାର୍ଥନା କରିବାକୁ ଉଦ୍ୟମ

# ମାଡ଼ ଖାଇଲେ ପାଷ୍ଟର, ୪ ଖ୍ରୀଷ୍ଟ ଧର୍ମାବଲମ୍ବୀ ପରିବାର



ନାରାୟଣପାଟଣା,୧।୧(ସମିସ): ନାରାୟଣପାଟଣା ବ୍ଲକ ସଦର ଗାଦବାଗୁଡା ଗାଁର ହିନ୍ଦୁ ପରିବାର ଓ ଖ୍ରୀଷ୍ଟ ଧର୍ମ ପରିବାରକୁ ନେଇ ବିବାଦ ମୁଣ୍ଡ ଟେକିଛି। ଏକ ବଡ଼ ବିପଦକୁ ଟାଳି ଦେଇଛି ପୋଲିସ। ଗତକାଲି ନୂଆବର୍ଷକୁ ସ୍ୱାଗତ ପାଇଁ ପୁରା ଗାଁଠୁ ସହର ଜିରୋ ନାଇଟ୍ ସେଲିବ୍ରେସନ ପାଇଁ ଉତ୍ସବ ମୁଖର ହୋଇପଡ଼ିଥିବା ବେଳେ ଗାଗବାଗୁଡା ଗାଁରେ ଜଣେ ଖ୍ରୀଷ୍ଟ ଧର୍ମାବଲାମ୍ବୀ ପ୍ରଚାରକ ତଥା ପାଷ୍ଟର ସମେତ ୪ ପରିବାର ଜବରଦସ୍ତ ପଶି ପ୍ରାର୍ଥନା କରିବାକୁ ଚେଷ୍ଟା କରୁଥିବା ବେଳେ ଗ୍ରାମବାସୀ କାବୁ କରି ନିର୍ଦ୍ଧୁମ ମାଡ଼ ମାରିଥିଲେ। ଗାଁ ମୁଣ୍ଡରେ ବାନ୍ଧି ପୋଲିସକୁ ସୁଚନା ଦେଇଥିଲେ। ଖବର ପାଇ ପୁଲିସ ପାଷ୍ଟର ସମେତ ୪ ଜଣକୁ ଉଦ୍ଧାର କରି ରାତି ଅଧରେ ଥାନାକୁ ଆଣି ଅଟକ ରଖିଛି। ଏହି ପାଷ୍ଟର ସମେତ ୪ ପରିବାର ରାତିରେ ଯାଇ ଖ୍ରୀଷ୍ଟ ଧର୍ମ ଗ୍ରହଣ କରିବାକୁ ଲୋକଙ୍କୁ ପ୍ରବର୍ତାଇଥିଲେ।ଯାହାକୁ ନେଇ ବିବାଦ ଗାଦବାଗୁଡା ଗାଁରେ ମୁଣ୍ଡ ଟେକିଥିଲା। ଏହି ଖବର ଶୁଣି ଗାଁ ଲୋକେ କାବୁ କରି ୫ ଜଣକୁ ମାଡ ମାରି ପୋଲିସକୁ ସୂଚନା ଦେଇଥିଲେ।

### ଉଦ୍ଧାର କଲା ପୋଲିସ ,ତଦନ୍ତ ଜାରି

ଗ୍ରାମବାସୀଙ୍କ କହିବାନୁସାରେ ଗାଦବାଗୁଡା ଗାଁରେ କୁଇ (କନ୍ଧ ସମାଜର ) ସମସ୍ତେ ରହିଥିଲେ। ଜଣେ ପାଷ୍ଟର ଆସି ଗୋଟିଏ ବଂଶର ୪ ପରିବାର ବର୍ଗଙ୍କୁ ମିଛ ପ୍ରତିଶ୍ରୁତି ଦେଇ ଜୋର ଜବରଦସ୍ତ ଖ୍ରୀଷ୍ଟ ଧର୍ମ ଗ୍ରହଣ କରାଇଥିଲେ। ଅନ୍ୟ ପରିବାରକୁ ଧର୍ମ ପରିବର୍ତ୍ତନ କରିବାକୁ ଉସୁକାଇ ଆସୁଥିଲେ ପାଷ୍ଟର ଅଶୋକ ତୁରୁକ। ଗାଁ ମୁଣ୍ଡରେ ପ୍ରାର୍ଥନା କରେଇ ଗାଁରେ ଅଶାନ୍ତ ସୃଷ୍ଟି କରୁଥିଲେ। ଗାଁର ହିନ୍ଦୁ ଭାଇଚାରା ପରମ୍ପରା ନଷ୍ଟ କରୁଥିଲେ। ଏହି ଧର୍ମ ପରିବର୍ତ୍ତନ ଯୋଗୁଁ ବର୍ଷକ ମଧ୍ୟରେ ୭ ଜଣ ଗ୍ରାମବାସୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ଗତବର୍ଷ ନଭେମ୍ବର ପ୍ରଥମ ସପ୍ତାହରେ ଗାଁ ପ୍ରବେଶ ପଥ ସିଲ୍ କରି ଗାଁ ଲୋକେ ଝାଙ୍କେରୀ ଦେବୀଙ୍କୁ ପୂଜା କରିବା ବିଷୟ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ପ୍ରଶାସନ ଗାଁରେ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା। ତେବେ ଗତକାଲି ଏହି ଗାଁରେ ଖ୍ରୀଷ୍ଟଧର୍ମର ପ୍ରଚାରକ ଗାଁ ରେ ପଶି ଜବରଦସ୍ତି ପ୍ରାର୍ଥନା କରି ଆଦିବାସୀଙ୍କୁ ଧର୍ମ ପରିବର୍ତନ କରିବାକୁ ଉସୁକାଉଥିବା ଅଭିଯୋଗ ହୋଇଥିଲା। ଥାନା ଅଧିକାରୀ କୋରାପୁଟ ଯାଇଥିବାରୁ ସେ ଆସିଲେ ଯାଇ କିଛି ସମାଧାନର ପନ୍ଥା ବାହାରିବ ବୋଲି ସୂଚନା ମିଳିଛି। ଅନ୍ୟପଟେ ଅଟକ ଥିବା ପାଷ୍ଟର ଓ ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଥିବା ୪ ପରିବାର କହିଛନ୍ତି ଯେ ସେମାନେ କୈଣସି ଖରାପ କାମ କରି ନାହାନ୍ତି। ସେମାନଙ୍କୁ ଗାଁରୁ ବାସନ୍ଦ କରାଯାଇଛି। ପାଷ୍ଟରଙ୍କୁ ଡକାଇ ନୂଆବର୍ଷ ପାଇଁ ପ୍ରାର୍ଥନା କରିବାକୁ ଯାଉଥିବାରୁ ଗାଁ ଲୋକେ ସେମାନଙ୍କୁ ମାଡ଼ ମାରିଛନ୍ତି। ଶାନ୍ତି କମିଟି ଗଠନ କରି ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ପଟ୍ଟାଙ୍ଗି,୧।୧(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ଦେଓପଟ୍ଟାଙ୍ଗି ଗ୍ରାମ ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଗୋଟିଏ ବାଇକ୍‌ରେ ୩ ଆହତ ହୋଇଥିବା ବେଳେ ଅନ୍ୟ ବାଇକ୍‌ର ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ପୁକାଲି ପଞ୍ଚାୟତର ସାନଫାଟୁ ଗ୍ରାମର ସନ୍ତୋଷ ବୁରୁଡି, ବାବୁଲୁ ହନ୍ତାଳଙ୍କ ସହ ଅନ୍ୟ ଜଣେ ମୋଟର ସାଇକଲ୍ ଯୋଗେ ପଟ୍ଟାଙ୍ଗି ଅଭିମୁଖେ ଯାଉଥିବା ବେଳେ ବିପରିତ ଦିଗ ତଥା ପଟ୍ଟାଙ୍ଗିରୁ ପୁକାଲି ପଞ୍ଚାୟତ ଅଭିମୁଖେ ଯାଉଥିବା ମୋଟର ସାଇକେଲ ମୁହାଁମୁହିଁ ଧକ୍କା ହୋଇଥିଲା। ଆହତ ସମସ୍ତଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଟ୍ଟାଙ୍ଗିକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଦୁର୍ଘଟଣାରେ ସାନଫାଟୁ ଗ୍ରାମର ସନ୍ତୋଷ ବୁରୁଡିଙ୍କୁ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ସେହିପରି ସାନଫାଟୁ ଗ୍ରାମର ମୋଟର ସାଇକେଲକୁ ଧକ୍କା ଦେଇ ଥିବା ଅନ୍ୟ ମୋଟର ସାଇକେଲଟି ସମ୍ବାଇ ପଞ୍ଚାୟତର ଗୁଡିଆମ୍ବଗୁଡାର ବୁଦ୍ଧୁ ସାଗରଙ୍କୁ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଏଥିନେଇ ପଟ୍ଟାଙ୍ଗି ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଦତଦନ୍ତ ଆରମ୍ଭ କରିଛି।

## ● ଇଂରାଜୀ ନୂଆବର୍ଷରେ କୋରାପୁଟ ଚଳଚଞ୍ଚଳ

# ଶାବର ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ଭିଡ଼



କୋରାପୁଟ,୧।୧(ସମିସ): ବିଦାୟ ନେଇଛି ୨୦୨୫। ନୂଆ ସୂର୍ଯ୍ୟ ନୂଆ ସକାଳ ସହିତ ଧରାପୃଷ୍ଠକୁ ଆଗମନ କରିଛି ଇଂରାଜୀ ନୂଆବର୍ଷ ୨୦୨୬। ନୂଆ ବର୍ଷ ପାଇଁ କୋରାପୁଟ ସହର ଚଳଚଞ୍ଚଳ ହୋଇଉଠିଛି। ସକାଳୁ ଘନ କୁହୁଡି ସତ୍ତ୍ୱେ ଦେବାଦେବୀଙ୍କ ଦର୍ଶନ କରି ନୂଆବର୍ଷର ପ୍ରଥମ ଦିନକୁ ପାଳନ କରିଛନ୍ତି ଲୋକେ। ନୂଆ ବର୍ଷରେ ଶାବର ଶ୍ରୀକ୍ଷେତ୍ରରେ ଜଗନ୍ନାଥ ଏବଂ ମନ୍ଦିର ବେଢା ଚର୍ତୁପାଶ୍ୱର୍ରେ ରହିଥିବା ଦେବଦେବୀଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଛନ୍ତି ଶ୍ରଦ୍ଧାଳୁ। କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ପ୍ରଭୁ ଜଗନ୍ନାଥଙ୍କ ରାଜ ରାଜେଶ୍ୱର ବେଶ ଦେଖିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତଙ୍କ ଭିଡ଼ ଜମିଥିଲା।। ସକାଳ ୫ ଟା ୪୫ରେ ଦ୍ୱାର ଫିଟା ହେବା ପରେ ମଙ୍ଗଳ ଆରତୀ ପରେ ଅବକାଶ ନୀତି ଓ ପହିଲି ଭୋଗ କରାଯାଇଥିଲା। ନୂଆ ବର୍ଷ ଅବସରରେ ଶାବର ଶ୍ରୀକ୍ଷେତ୍ରରେ ଓଡିଶାର ବିଭିନ୍ନ ଜିଲ୍ଲା ସମେତ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ନୂତନ ବର୍ଷରେ ନୂଆ ଆଶା ଓ ଆକାଂକ୍ଷା ନେଇ ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି । ଭକ୍ତ ମାନେ ଯେପରି ସୁବିଧାରେ ପ୍ରଭୁଙ୍କୁ ଦର୍ଶନ କରି ପାରିବେ ସେ ନେଇ ମନ୍ଦିର ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ନବବର୍ଷ ପାଇଁ କୋରାପୁଟ ଜିଲ୍ଲା ଉତ୍ସବ ମୁଖର ହୋଇଥିବା ବେଳେ କୋରାପୁଟ ସହରରେ ମଧ୍ୟ ଦେଖିବାକୁ ମିଳିଥିଲା ଦିଅଁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ। ୨୦୨୫ର ଶେଷ ଦିନ ବୁଧବାର ମଧ୍ୟରାତ୍ରରେ ଜିରୋନାଇଟ୍ ମାଧ୍ୟମରେ ବିଦାୟ ଦେଇଥିବା ବେଳେ ସାରାରାତି ନାଚଗୀତରେ ସହରବାସୀ ମସଗୁଲ ଥିଲେ। ଅନ୍ୟପଟେ ସହରର ସବୁ ମନ୍ଦିରରେ ଦିଅଁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ସହରର ଶ୍ରୀରାମ ମନ୍ଦିର,ମୁତ୍ୟାଲୁମା ମନ୍ଦିର, ରାଧାକୃଷ୍ଣ, ଆଖଣ୍ଡଳମଣୀ, ବାଟମଙ୍ଗଳଗା ମନ୍ଦିରରେ ଭକ୍ତଙ୍କ ଭିଡ ଜମିଥିବା ବେଳେ ଶାବର ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ ସଂଖ୍ୟାଧିକ ଶ୍ରଦ୍ଧାଳୁ। ସକାଳୁ ସକାଳୁ ସଂଖ୍ୟାଧିକ ଲୋକେ ଶାବର ଶ୍ରୀକ୍ଷେତ୍ରରେ ଜଗା ଦର୍ଶନ କରି ପହିଲି ଭୋଗ ଖାଇ ଆନନ୍ଦରେ ଫେରିଥିଲେ। ଜନଗହଳିକୁ ଆଖି ଆଗରେ ରଖି ପୁଲିସ ମଧ୍ୟ ମୁତୟନ ହୋଇଥିଲା।

## ● ବୀର ଚାଉଁରିଆ ମନ୍ଦିର ଓ ଜାଗାକୁ ନେଇ ବିବାଦ ବଢୁଛି

# ପୁଷମଣ୍ଡେଇ ବିବାଦ; ୨ଦିନ ହେଲା ବଜାର ବନ୍ଦ

କୋଷାଗୁମୁଡା,୧।୧(ସମିସ): ଥମୁନି ପୌଷ ମଣ୍ଡେଇ ବିବାଦ। ଗୋଷ୍ଠୀ ଉତ୍ତେଜନା ଯୋଗୁଁ ବୁଧବାର ଓ ଗୁରୁବାର ଦିନ ଗାଁରେ ଦୋକାନ ବଜାର ବନ୍ଦ ରହିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କୋଷାଗୁମୁଡା ବ୍ଲକ ତାରାଗାଁ ପଞ୍ଚାୟତ କାଟାଗାଁରେ। ବୀର ଚାଉଁରିଆ ମନ୍ଦିର ଓ ଯାତ୍ରାକୁ ନେଇ ବିବାଦ ଯୋଗୁ ୨୦୦ବର୍ଷର ପାରମ୍ପରିକ ମଣ୍ଡେଇ ଯାତ୍ରା ଫିକା ପଡ଼ି ଯାଇଛି। ଆଗାମୀ ୬ ତାରିଖରେ ପୁଷମଣ୍ଡେଇ ଯାତ୍ରା ପାଇଁ ଗତ ମଙ୍ଗଳବାର ଘୋଷଣା ହୋଇଥିଲା। ଏହାପରେ କାଟାଗାଁ ଓ ତାରାଗାଁ ମଧ୍ୟରେ ପୁଣିଥରେ ଉତ୍ତେଜନା ପ୍ରକାଶ ପାଇବା ସହ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ବୁଧବାର ଗାଁର ସମସ୍ତ ଦୋକାନ ବଜାର ବନ୍ଦକରି ଉଭୟ ଗ୍ରାମବାସୀ କୋଡିଙ୍ଗା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ବିବାଦର ସମାଧାନ ହୋଇପାରି ନାହିଁ। ପ୍ରଶାସନ ମଧ୍ୟ କୌଣସି ନିଷ୍କର୍ସରେ ପହଞ୍ଚି

### ପୁଷମଣ୍ଡେଇ ଯାତ୍ରା ନେଇ ଆଶଙ୍କା

ପାରି ନଥିବାରୁ ମଣ୍ଡେଇ ଯାତ୍ରାକୁ ନେଇ ଅଞ୍ଚଳବାସୀ ଆଶାଆଶଙ୍କାରେ ରହିଛନ୍ତି। ସୂଚନାଥାଉକି, ତାରାଗାଁ ପଞ୍ଚାୟତରେ ପ୍ରତିବର୍ଷ ପାରମ୍ପରିକ ପୁଷ ମଣ୍ଡେଇ ପାଳିତ ହୋଇଥାଏ। ଏହା ୩ ଦିନ ଧରି ଚାଲୁଥିବା ବେଳେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏଥିସହିତ ବିଭିନ୍ନ ଦେବଦେବୀଙ୍କ ପ୍ରତୀକ ଲାଠି, କୁର୍ଚି ବୀର ଚାଉଁରିଆ ମନ୍ଦିରକୁ ଆସିଥାଏ। ଏଠାରେ ସମସ୍ତ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ଚାଉଁରିଆ ମନ୍ଦିର ଜାଗା ମୌଜାକୁ ନେଇ ପୂର୍ବରୁ ବିବାଦ ଲାଗିଛି। ଚଳିତବର୍ଷ ମଧ୍ୟ ଉଭୟ ଗାଁରେ ଏହି ବିବାଦ ହୋଇଛି। ଥାନାରେ ଉଭୟ ପକ୍ଷରୁ ମାମଲା ରୁଜୁହୋଇଥିବା ବେଳେ ତହସିଲଦାର ଉଭୟ ପକ୍ଷକୁ ବୁଝାସୁଝା କରିଛନ୍ତି। କିନ୍ତୁ ଉଭୟ ଗୋଷ୍ଠୀ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। କୋଡିଙ୍ଗା ଥାନା ଅଧିକାରୀ ଯୁଗଳ ଶବର ବିବାଦ ଲାଗି ରହିଲେ ମଣ୍ଡେଇ ଉତ୍ସବ ବନ୍ଦ କରାଯିବ ବୋଲି କହିଛନ୍ତି।

## ● ଅବିଭକ୍ତ କୋରାପୁଟ ଜିଲ୍ଲା ଆମେଚ୍ୟୁର ବଡିବିଲ୍ଡିଂ ପ୍ରତିଯୋଗିତା

# ଏଚ୍‌ଏଲ୍ ଫିଟନେସ୍ ଜିମ୍ ଖେଳାଳିଙ୍କ ସଫଳତା



ନନ୍ଦପୁର,୧।୧ (ସମିସ): ଜୟପୁର ସହରରେ ଆୟୋଜିତ ଅଖଣ୍ଡ କୋରାପୁଟ ଆମେଚ୍ୟୁର ବଡିବିଲ୍ଡିଂ ପ୍ରତିଯୋଗିତାରେ ଏଚ୍‌ଏଲ୍ ଫିଟନେସ୍ ଜିମ୍ ନନ୍ଦପୁରର କ୍ରୀଡାବିତ୍ ଚମତ୍କାର ପ୍ରଦର୍ଶନ କରି ଜିଲ୍ଲା ତଥା ନନ୍ଦପୁରର ଟେକ ରଖିଛନ୍ତି। ପ୍ରତିଯୋଗିତାର ୭୦ କେଜି ବର୍ଗରେ ଶରତ ଗୁଣ୍ଠା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ୫୫ କେଜି ବର୍ଗରେ ଚଣ୍ଡାଳ ପାଙ୍ଗୀ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଦୁଇ ପ୍ରତିଯୋଗୀ ନିଜ ଶାରୀରିକ ଦକ୍ଷତା, ଶିଷ୍ଟାଚାର ଓ ଦୃଢ଼ ଅଭ୍ୟାସର ପରିଣାମ ସ୍ୱରୂପ ଏହି ସଫଳତା ଅର୍ଜନ କରିଛନ୍ତି। ଏଚ୍‌ଏଲ୍ ଫିଟନେସ୍ ଜିମ୍‌ର ପ୍ରଶିକ୍ଷକ ଲାଲ ବାହାଦୁର ଗୁଣ୍ଠା ଓ ସାମାଜିକ କର୍ମୀ ସୁନିଲ କୁମାର ସାହୁ ଏହି ସଫଳତା ପାଇଁ ଦୁଇ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ରାଜ୍ୟ ଓ ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରିବାକୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ସଫଳତା ଯୁବପିଢ଼ିଙ୍କୁ କ୍ରୀଡ଼ା ଓ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଆକୃଷ୍ଟ କରିବାରେ ପ୍ରେରଣା ଦାୟକ ହେବ ବୋଲି କ୍ରୀଡ଼ାପ୍ରେମୀମାନେ ମତ ପ୍ରକାଶ କରିଛନ୍ତି।

# କାମରେ ଲାଗୁନି ନବନିର୍ମିତ ଓଏସ୍‌ଆର୍‌ଟିସି ବସ୍‌ଷ୍ଟାଣ୍ଡ

ସେମିଲିଗୁଡ଼ା,୧।୧(ସମିସ):



କୋରାପୁଟ ଜିଲ୍ଲା ମୁଖ୍ୟ ସହର ଭାବରେ ପରିଚିତ ସେମିଲିଗୁଡା ବସଷ୍ଟାଣ୍ଡ ନିର୍ମାଣ ହୋଇଛି। କିନ୍ତୁ ବସଷ୍ଟାଣ୍ଡ ଲୋକଙ୍କ କାମରେ ଆସୁନି। ବହୁ ଦିନ ହେଲା ଲୋକେ ବସ୍‌ଷ୍ଟାଣ୍ଡ ପାଇଁ ଦାବି କରି ଆସୁଥିବା ବେଳେ ବିଜେଡି ସରକାର ଭେଣ୍ଡି ଜୋନ ନିକଟରେ ୬ ଏକର ଜମିରେ ବସଷ୍ଟାଣ୍ଡ ନିର୍ମାଣ କରିଥିଲା। କିନ୍ତୁ ଏହି ବହୁ ପ୍ରତିକ୍ଷିତ ବସଷ୍ଟାଣ୍ଡ ଏବେ ପର୍ଯ୍ୟନ୍ତ ଲୋକଙ୍କ କାମରେ ଆସୁନଥିବା ଅଭିଯୋଗ ହେଉଛି ହେଉଛି। ଏହି ନୂତନ ଓ ଏଆର୍‌ଟିସି ବସ୍‌ଷ୍ଟାଣ୍ଡକୁ ୨୦୨୪ ଫେବୃଆରୀ ମାସ ୧୫ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଶୁଭ ଉଦ୍‌ଘାଟନ କରିଥିଲେ। ପ୍ରାୟ ଛଅ କୋଟି ଟଙ୍କା ବ୍ୟୟରେ ଏହି ବସ୍‌ଷ୍ଟାଣ୍ଡକୁ ନିର୍ମାଣ କରାଯାଇଛି। ଉକ୍ତ ବସ୍‌ଷ୍ଟାଣ୍ଡରେ ଚାରିଟି ଚାଳକ ବିଶ୍ରାମ କକ୍ଷ, ଦୁଇଟି ଟିକଟ କାଉଣ୍ଟର, ପୁରୁଷ, ମହିଳା ଓ ଦିବ୍ୟାଙ୍ଗଙ୍କ ନିମନ୍ତେ ଉନ୍ନତ ଶୌଚାଳୟ, ଗାଡ଼ି ରହିବା ପାଇଁ ତିନୋଟି ପ୍ଲାଟ୍‌ଫର୍ମ, ଗାଡ଼ି ଭିତରକୁ ଯିବା ଓ ବାହାରକୁ ଗାଡି ବାହାରିବା ନିମନ୍ତେ ଦୁଇଟି ଫାଟକ, ସୁରକ୍ଷା କର୍ମୀଙ୍କ ନିମନ୍ତେ ଫାଟକ କକ୍ଷ, ଗାଡ଼ିକୁ ଅପେକ୍ଷ ଅପେକ୍ଷା କରି ରହିଥିବା ଯାତ୍ରୀଙ୍କ ମନୋରଞ୍ଜନ ନିମନ୍ତେ ବଡ଼ ପରଦା ଏଲ୍‌ଇଡି ଟିଭି, ବସଷ୍ଟାଣ୍ଡ ଭିତରେ ଚାରୋଟି ଦୋକାନ ଷ୍ଟଲ, ରୋଷେଇ ଘର ଇତ୍ୟାଦି ଆନୁସଙ୍ଗିକ ବିଭିନ୍ନ ବ୍ୟବସ୍ଥା ବିଭାଗ ପକ୍ଷରୁ ନିର୍ମାଣ କରାଯାଇଛି। କିନ୍ତୁ ସେ ସବୁ ବ୍ୟବହାର ନ ହୋଇ ପଡ଼ିରହିଛି। ସେମିଲିଗୁଡ଼ା ସହର ଉପରେ, ସହରରେ ସବୁବେଳେ ଟ୍ରାଫିକ୍ ସମସ୍ୟା ଲାଗିରହିଛି। ଜନଗହଳିକୁ ନିୟନ୍ତ୍ରଣ କରିବା ସକାଶେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବାରମ୍ବାର ଜିଲ୍ଲା ପ୍ରଶାସନ ଓ ପୌର ପ୍ରଶାସନକୁ ଅନୁରୋଧ କରାଯାଉଥିଲା। ଏହା ପରେ ନୂତନ ବସଷ୍ଟାଣ୍ଡ କାର୍ଯ୍ୟ ଆରମ୍ଭ ହୋଇଥିଲା। ସହରବାସୀ, ବ୍ୟବସାୟୀ ମଧ୍ୟ ନୂତନ ବସଷ୍ଟାଣ୍ଡକୁ ନେଇ ଅନେକ ସ୍ୱପ୍ନ ଦେଖୁଥିଲେ। ଇତି ମଧ୍ୟରେ ଲୋକାର୍ପଣକୁ ୨୩ ମାସ ବିତିଯାଇଥିଲେ ମଧ ବସଷ୍ଟାଣ୍ଡକୁ ବସ୍ ଯିବାଆସିବା ହେଉନାହିଁ। ପ୍ରବେଶ ଦ୍ୱାର ନିର୍ମାଣ ଠିକ୍‌ରେ ହୋଇ ନଥିବା କୁହାଯାଉଛି। ୨୨ କର୍ମଚାରୀଙ୍କୁ ଠିକ୍ ଭାବେ ଦରମା ମିଳୁନଥିବା ମଧ୍ୟ ଅଭିଯୋଗ ଶୁଣିବାକୁ ମିଳିଲା। ବର୍ତ୍ତମାନ ପ୍ରେସ୍ କ୍ଲବ ଛକ, ଓସିସି ନଗର। ଛକ, ଟ୍ରାଫିକ ଛକ ବସଷ୍ଟାଣ୍ଡ ପାଲଟିଛି। ପ୍ରତିଦିନ ଶତାଧିକ ଗାଡ଼ିମୋଟର ଏଠାରେ ରହୁଥିବାରୁ ଜନଗହଳି ସହ ଶବ୍ଦ ପ୍ରଦୂଷଣ ହେଉଥିବା ଅଭିଯୋଗ ହେଉଛି। ସେମିଲିଗୁଡ଼ା ପୁରୁଣା ବସଷ୍ଟାଣ୍ଡ ଭିତରକୁ ପ୍ରାୟତଃ ଦୂରଗାମୀ ବସ୍ ଯାଉନାହିଁ। ପୁରୁଣା ବସ୍‌ଷ୍ଟାଣ୍ଡ ଭିତରେ ବିଭିନ୍ନ କାରଣରୁ ଜାଗାର ଅଭାବ ପରିଲକ୍ଷିତ ହେଉଛି। ପୁରୁଣା ବସଷ୍ଟାଣ୍ଡ ଭିତରେ ବିଭିନ୍ନ ଦୋକାନ ବଜାର ଯୋଗୁଁ ଲୋକେ କାର୍ ବାଇକ ରଖି ବଜାର କରୁଥିବାରୁ ବିଭିନ୍ନ। ଟ୍ରାଫିକ ସମସ୍ୟା ଉପୁଜୁଛି। ନିର୍ମିତ ନୂତନ ବସଷ୍ଟାଣ୍ଡରେ ସରକାରୀ ଓ ବେସରକାରୀ ବସ ରହିବାର ସୁଯୋଗ ମିଳିଲେ ଭଲ ହୁଅନ୍ତା ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ନୂତନ ଓଏସ୍‌ଆର୍‌ଟିସି ବସ୍‌ଷ୍ଟାଣ୍ଡରେ ଏବେ କେବଳ ସାତାମ ପଞ୍ଚାୟତ, କାଣ୍ଟି ପଞ୍ଚାୟତ ଏବେ ପରଜାମୁଠାଇ ପଞ୍ଚାୟତକୁ ଯାଉଥିବା ମୁଖ୍ୟମନ୍ତ୍ରୀ ବସ ଯୋଜନା ବସ୍ ରାତିରେ ରହୁଥିବା ଦେଖାଯାଉଛି ଓ ବର୍ତ୍ତମାନ ସୁରକ୍ଷାକର୍ମୀ, ବସଷ୍ଟାଣ୍ଡକୁ ସଫାସୁତୁରା ରଖିବା ପାଇଁ କିଛି ଝାଡୁଦାର ଏବଂ ଜଣେ କର୍ମଚାରୀ ରହିଛନ୍ତି। ନୂତନ ବସଷ୍ଟାଣ୍ଡକୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

# ୩ ଟ୍ରେନ୍ ଯାତ୍ରା ସମୟ ପରିବର୍ତ୍ତନ

ଜୟପୁର, ୧।୧(ସମିସ) :

ଜଗଦଲପୁର ଠାରୁ ଭୁବନେଶ୍ୱର ହୀରାଖଣ୍ଡ ଦ୍ରୁତଗାମୀ, ଜଗଦଲପୁର ଠାରୁ ହାୱାଡା ସମେଲେଶ୍ୱରୀ ଏବଂ କିରଣ୍ଡୁଲ ଠାରୁ ବିଶାଖପାଟଣା ରାତ୍ରୀକାଳୀନ ଦ୍ରୁତଗାମୀ ଟ୍ରେନର ଯାତ୍ରା ସମୟରେ ପରିବର୍ତ୍ତନ କରାଯାଇଛି। ବିଶାଖପାଟଣାସ୍ଥିତ ୱାଲଟିଅର୍ ଡିଭିଜନର ବରିଷ୍ଠ ଡିଭିଜିନାଲ କମର୍ସିଆଲ ମ୍ୟାନେଜର କେ.ପବନ କୁମାର ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଗତାକାଲି ଏ ନେଇ ସୂଚନା ଦେଇଛନ୍ତି। ଜାନୁୟାରୀ ପହିଲାଠାରୁ ଜଗଦଲପୁର ଭୁବନେଶ୍ୱର ହୀରାଖଣ୍ଡ ଦ୍ରୁତଗାମୀ ଟ୍ରେନ୍ ପୂର୍ବରୁ ନିର୍ଦ୍ଧାରିତ ଅପରାହ୍ନ ସାଢେ ୪ଟା ବଦଳରେ ଏହାର ଅଧଘଣ୍ଟା ପୂର୍ବରୁ ଅର୍ଥାତ ଅପରାହ୍ନ ୪ଟା ସମୟରେ ଜଗଦପୁର ଷ୍ଟେସନରୁ ଯାତ୍ରା ଆରମ୍ଭ କରିବ ଏବଂ ଜୟପୁର ଷ୍ଟେସନରେ ଅପରାହ୍ନ ୫ଟା ୧୮ ରେ ପହଞ୍ଚି ୫ଟା ୨୦ ମିନିଟରେ ପୁଣି ଯାତ୍ରା ଆରମ୍ଭ କରିବ। କୋରାପୁଟ ଠାରେ ସଂଧ୍ୟା ୬ଟା ୨୦ ମିନିଟରେ ପହଞ୍ଚି ସେଠାରୁ ୬ଟା ୪୫ ମିନିଟରେ ଯାତ୍ରା ଆରମ୍ଭ କରିବ। ରାୟଗଡାରେ ରାତି ୧୧ ଟାରେ ପହଞ୍ଚି ୧୧ଟା ୧୦ମିନିଟରେ ଯାତ୍ରା ଆରମ୍ଭ କରିବ ଏବଂ ଏହାର ପରଦିନ ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଉକ୍ତ ଟ୍ରେନ ଭୁବନେଶ୍ୱର ଠାରେ ପହଞ୍ଚିବ। ସେହିପରି ହୀରାଖଣ୍ଡ ଦ୍ରୁତଗାମୀ ଟ୍ରେନ ପୂର୍ବରୁ ରହିଥିବା ସମୟ ଅନୁଯାୟୀ ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରିବ ଏବଂ କୋରାପୁଟ ଠାରେ ଏହାର ପରଦିନ କୋରାପୁଟ ଏବଂ ଜୟପୁର ଠାରେ ନିର୍ଦ୍ଧାରିତ ସମୟରେ ପହଞ୍ଚବ। କିନ୍ତୁ ଜଗଦଲପୁର ଠାରେ ପହଞ୍ଚିବା ପୂର୍ବ ନିର୍ଦ୍ଧାରିତ ସମୟ ବଦଳରେ ଏକ ଘଣ୍ଟା ବିଳମ୍ବ ଅର୍ଥାତ ମଧ୍ୟାହ୍ନ ୧୨ଟା ୧୫ ମିନିଟରେ ପହଞ୍ଚିବ। ସେହିପରି ହାୱାଡା-ଜଗଦଲପୁର ସମଲେଶ୍ୱରୀ ଦ୍ରୁତଗାମୀ ଟ୍ରେନ୍ ପୂର୍ବ ନିର୍ଦ୍ଧାରିତ ସମୟରେ ହାୱାଡାରୁ ଯାତ୍ରା ଆରମ୍ଭ କରିବ କିନ୍ତୁ ରାୟଗଡା ଠାରେ ପୂର୍ବରୁ ଅପରାହ୍ନ ୨ଟା ୫୫ ମିନିଟରେ ପହଞ୍ଚୁଥିଲା । କିନ୍ତୁ ବର୍ତ୍ତମାନ ସମୟର ପରିବର୍ତ୍ତନ ହୋଇ ଅପରାହ୍ନ ୩ଟା ୧୦ ମିନିଟରେ ପହଞ୍ଚିବ ଏବଂ ୩ଟା ୩୫ମିନିଟରେ ଯାତ୍ରା ଆରମ୍ଭ କରିବ। କୋରାପୁଟ ଠାରେ ଏହି ଟ୍ରେନ ପୂର୍ବରୁ ସଂଧ୍ୟା ୬ ଟା ୫୫ ମିନିଟ ବଦଳରେ ସଂଧ୍ୟା ୭ଟା ୧୫ମିନିଟରେ ପହଞ୍ଚିବ ଏବଂ ସେଠାରୁ ୭ଟା ୪୦ରେ ଯାତ୍ରା ଆରମ୍ଭ କରିବା ପରେ ଜୟପୁର ଠାରେ ରାତି ୮ଟା ୪୮ ମିନିଟରେ ପହଞ୍ଚିବ । ସେଠାରେ ୨ ମିନିଟ ରହଣି ପରେ ପୁଣି ଯାତ୍ରା ଆରମ୍ଭ କରିବା ସହିତ ଜଗଦଲପୁର ଠାରେ ରାତି ସାଢେ ୧୦ଟାରେ ପହଞ୍ଚିବ। କିରୁଣ୍ଡୁଲ ବିଶାଖପାଟଣା ରାତ୍ରିକାଳୀନ ଦ୍ରୁତଗାମୀ ଟ୍ରେନ କିରଣ୍ଡୁଲ ଠାରୁ ପୂର୍ବରୁ ଯାତ୍ରା କରୁଥିବା ଅପରାହ୍ନ ସାଢେ ୪ଟା ବଦଳରେ ୪ଟା ସମୟରେ ଯାତ୍ରା ଆରମ୍ଭ କରିବ ଏବଂ ଜୟପୁର ଠାରେ ରାତି ୮ଟା ୪୩ ମିନିଟରେ ପହଞ୍ଚି ୨ ମିନିଟର ରହଣି ପରେ ଯାତ୍ରା ଆରମ୍ଭ କରିବ। ଏହି ଟ୍ରେନ୍ କୋରାପୁଟ ଠାରେ ରାତି ୯ଟା ୧୩ ମିନିଟରେ ପହଞ୍ଚିବ ୨ ମିନିଟର ରହଣି ପରେ ସେଠାରୁ ଯାତ୍ରା ଆରମ୍ଭ କରିବା ସହିତ ବିଶାଖପାଟଣା ଠାରେ ଏହାର ପରଦିନ ଭୋର ୩ ଟା ୪୦ ମିନିଟରେ ପହଞ୍ଚିବ। ସେହିପରି ୱାଲଟିଅର୍ ଡିଭିଜନ ପକ୍ଷରୁ ଟ୍ରେନ ଯାତ୍ରାକୁ ସୁରୁଖୁରୁ ଭାବେ ପରିଚାଳନା ନିମନ୍ତେ ଅନ୍ୟାନ୍ୟ କିଛି ଟ୍ରେନ୍‌ର ସମୟ ସାରଣୀରେ ପରିବର୍ତ୍ତନ କରାଯାଇଥିବା ସୂଚନା ଦେଇଛନ୍ତି।